କଳିଙ୍ଗ ଭାରତୀ-ଆଦ୍ୟ ପର୍ବ



odia.org

# ଆଶୀର୍ବାଦ

ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି

## ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପରିଜା

ଓ. ବି. ଇ. ଡି. ଏସ୍ସି., ଆଇ. ଇ. ଏସ୍. (ଅବସରପ୍ରାପ୍ତ)

"ଫୁଲ ଓ ଫଳ ଗଛ ଗୁଡ଼ିକ ଔଷଧ ରୂପେ ଆୟୁର୍ବେଦ ପ୍ରାଚୀନ କାଳରୁ । ସେମାନଙ୍କ ବ୍ୟବହାରରେ ରୋଗ ଉପଶମ ହେଉଥିବା ଔଷଧ ଗୁଣର ଶକ୍ତି ଥିଲା । ଏହି ବୈଜ୍ଞାନିକ ଯୁଗର ଲୋକେ ଅଧୁନା ଗୁଣରେ ଭରସାକୁ ଦେବାର ଜ୍ଞାନ ରହୁନାହିଁ ଏବଂ ଅନୁଭବ ନ ଥିବାରୁ ଔଷଧ ଦେବା ସାଧାରଣରେ କଠିନ ହୋଇ ଉଠୁଅଛି । ବର୍ତ୍ତମାନ ଏହା ଉତ୍ତମରୂପେ ଜାଣି ପ୍ରଚଳିତ ହେବା ଆବଶ୍ୟକ ହୋଇଅଛି ଏବଂ ଲେଖକମାନଙ୍କୁ ଉଚିତ ପରିଶ୍ରମ ଓ ସେବା ଦ୍ୱାରା ଏ ଅଭାବ ଦୂର କରୁଅଛି । ସେହିମାନଙ୍କର ସାଧନାର ଏହି ଗ୍ରନ୍ଥ ଉଦାହରଣ ରୂପେ । ଔଷଧ ଗୁଣରେ ଏହି ପ୍ରାଚୀନ ବନୌଷଧି ଜାତିଗୁଡ଼ିକର ବିଷୟରେ ଶିକ୍ଷା ପ୍ରଚାର ହୋଇପାରିବ । ଏହି ପୁସ୍ତକ ଓ ଲେଖକ ଏହି ଦେଶରେ ଆଦୃତ ହେବ ଏବଂ ଅଧ୍ୟୟନ ଦ୍ୱାରା ସମସ୍ତେ ଉପକୃତ ହେବେ । ଗ୍ରାମାଞ୍ଚଳ ରହି ରୋଗ ଉପଚାର କରୁଥିବା ଗ୍ରାମ୍ୟ ଲୋକମାନଙ୍କ ପାଇଁ ଏହି ପୁସ୍ତକ ଅତ୍ୟନ୍ତ ଉପକାରୀ ହେବ । ଭବିଷ୍ୟତରେ ଏହା ପୁରସ୍କୃତ ହୋଇ ଶିକ୍ଷାର ପ୍ରସାର ଲାଭ କରିବ ଏବଂ ପ୍ରଣେତା ସୁଖୀ ଓ ଦୀର୍ଘାୟୁ ହୁଅନ୍ତୁ ଏହା ମୋର ପ୍ରାର୍ଥନା ।"

১১.৫.৭৮

କଳିଙ୍ଗ ଭାରତୀ ଆଦ୍ୟ ଅର୍ଘ୍ୟ

# ବିଚ୍ଛନ୍ଦ ଗ୍ରନ୍ଥାବଳୀ

ପ୍ରଥମ ଖଣ୍ଡ

# କବିତା କୁସୁମ

—"What is writ is writ
Would it were worthier."

**Byron**

କଳିଙ୍ଗ ଭାରତୀ ଭବନ
ଡଗରପଡ଼ା, ପୋଃ ଅଃ ବୃନ୍ଦଶାଚୌକ, କଟକ
ଜୁଲାଇ—୧୯୪୭

ମୂଲ୍ୟ—୦ ୬।

ପ୍ରକାଶକ —

ଘନଶ୍ୟାମ ମହାନ୍ତି

**ମହାପ୍ରସାଦ ବ୍ରଦର୍ସ**

ଚାନ୍ଦନୀଚୌକ, କଟକ



# ଉପହାର

ଅନ୍ତରର ଗଭୀର                    ର ନିଦର୍ଶନ ସ୍ୱରୂପ

ଏ ଗ୍ରନ୍ଥ

ଶ୍ରୀ                                        ଙ୍କ

କରକମଳରେ

ଅର୍ପିତ ହେଲା ।

ତା ।    ।୧୯ } ଖ୍ରୀ

# ଉତ୍ସର୍ଗ

ଉତ୍କଳ ମାତାର ଯୋଗ୍ୟତମ ପୁତ୍ର
ଉତ୍କଳୀୟ କୃଷ୍ଟିର ଶ୍ରେଷ୍ଠ ପ୍ରତିନିଧି
ଶ୍ରଦ୍ଧେୟ ବନ୍ଧୁ

ଉତ୍କଳକେଶରୀ ମାନ୍ୟବର
**ଶ୍ରୀ ହରେକୃଷ୍ଣ ମହତାବ**
ଶ୍ରୀକରକମଳେଷୁ

ସ୍ତୁତ ହେଲେ ଅନ୍ତରର ପଦାଙ୍କ ଦ୍ରୁପର
ଥାଉ ସ୍ୱପଣୀକ ମୋର ନିତ୍ୟ ରକ୍ଷଣର ।

-ବିନ୍ଦୁ-

'କଳିଙ୍ଗ ଭାରତୀର ଆଦ୍ୟ ପୃଷ୍ଠ ପୋଷକଙ୍କ ପ୍ରତି

# କୃତଜ୍ଞତା

ଯେ ନିଜର ସୁସଂଯତ ଆଦର୍ଶ ଜୀବନ, ପ୍ରଜାବାତ୍ସଲ୍ୟ, ରାଜ୍ୟର ହିତ ନିମନ୍ତେ ଅକାତର ବ୍ୟୟ ଏବଂ ଲଳିତକଳା ଓ ସାହିତ୍ୟ ପ୍ରୀତି ଦ୍ୱାରା ଉତ୍କଳୀୟ ତରୁଣ ରାଜନ୍ୟବର୍ଗଙ୍କ ଆଦର୍ଶ ସ୍ଥାନୀୟ, ମୋ ସାହିତ୍ୟସାଧନା ପ୍ରତି ଯାହାଙ୍କର ବିଶେଷ କରି ଅହେତୁକ ଦୟା ଓ ଅନୁଗ୍ରହ ଏବଂ କଟକ ନଗରସ୍ଥ ଯାହାଙ୍କ "ନର୍ମଦା ହାଉସ୍"ରେ ମୋ ଜୀବନର ଘଟନାବହୁଳ ଯୁଗେକ ସମୟ ଅତିବାହିତ, ଏ ଗ୍ରନ୍ଥର ଅଧିକାଂଶ କବିତା ରଚନ ଓ ମୋ ପ୍ରିୟତମ ଅନୁଷ୍ଠାନ "କଳିଙ୍ଗ ଭାରତୀ"ର ଜନ୍ମ ଓ "ଉତ୍କଳ ସ୍ୱର୍ଣ୍ଣ ସାହିତ୍ୟ ସମାଜ"ର ଅଧିଷ୍ଠାନ ।

**ନର୍ମଦାଧୀଶ୍ୱର**

ସେହି

ଲଳିତ-କଳା-ବିଳାସୀ ଓ ସାହିତ୍ୟ-ପ୍ରେମିକ

**ରାଜା ଶ୍ରୀ ଶ୍ରୀ ଶ୍ରୀ ଅମରେନ୍ଦ୍ର ମାନସିଂହ**

**ଭ୍ରମରବର ରାୟ**

ମହୋଦୟ ଦୟା ପୂର୍ବକ ଏ ଗ୍ରନ୍ଥର ଅର୍ଦ୍ଧେକ ମୁଦ୍ରଣ ବ୍ୟୟ

ବହନ କରି

କଳିଙ୍ଗ ଭାରତୀର ଆଦ୍ୟ ପୃଷ୍ଠପୋଷକ ହୋଇ ଅଛନ୍ତି । ମୋ ପ୍ରତି ଶାଶ୍ୱତ ଦୟା ଓ ଅନୁଗ୍ରହ ଯୋଗୁଁ ମୁଁ ତାଙ୍କୁ ଅନ୍ତରର ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି ।

**ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ**

କଳିଙ୍ଗ ଭାରତୀର ଆଦ୍ୟ ପୃଷ୍ଠପୋଷକ



ଡମ୍ପଡ଼ାଧୀଶ୍ୱର ରାଜା

**ଶ୍ରୀ ଶ୍ରୀ ଶ୍ରୀ ଅମରେନ୍ଦ୍ର ମାନସିଂହ ଭ୍ରମରବର ରାୟ**

# କଳିଙ୍ଗ ଭାରତୀଙ୍କ ବରପୁତ୍ର କବିସମ୍ରାଟ
# ମହାକବି ଉପେନ୍ଦ୍ର ଭଞ୍ଜ ବନ୍ଦନା

( ରାଗ କାମୋଦୀ )

ସ୍ମର ଜୀବନ ମୋର    ପଂକଜ ସରୋବର
ତହିଁ କବିତା କୋକନଦ
ତବ କୃପାରୁ ଦେବୀ !    ଅଛି ଝିନା ସମ୍ଭବି
ଘଟେଣ ତା ବାତରବ ମୋଦ
ହେ ବାଗୀଶ୍ୱରି !
ଯତେ ମୋ ନ ହୁଏ ପରତେ
ଅଭାଜନ ମୋ କଣ୍ଠେ ଯତେ
ବସି ପଦ କହୁଛ    କରୁଣା ଝରାଇଛ
ଅମର ହେବାକୁ ମରତେ
ହେ ବାଗୀଶ୍ୱରି !

---

୧ । ସ୍ମର—କାମ, ପ୍ରେମ, ତୃଷ୍ଣା; କୋକନଦ—ଲାଲକଇଁ, ଦେବୀ—ମାଆ ବାଗୀଶ୍ୱରୀ ଅର୍ଥାତ୍ ସରସ୍ୱତୀ; ସମ୍ଭବିଅଛି—ଜନ୍ମହୋଇଛି, ଫୁଟିଅଛି, ମୋଦ—ଆନନ୍ଦ; ବାଗୀଶ୍ୱରୀ—ବାଗ୍‌ଦେବୀ ସରସ୍ୱତୀ; ଅଭାଜନ—ଅଯୋଗ୍ୟ; ମରତେ—ମର୍ତ୍ତ୍ୟରେ; ପୃଥିବୀରେ ।

ଗଡ଼-କୁଳାଡ଼-ଧବ ନୀଳକଣ୍ଠ-ସମ୍ଭବ
ଉପେନ୍ଦ୍ର-କଣ୍ଠେ ବିରାଜିଲ
କୋଣାର୍କ-ପଟ୍ଟପାଟୀ ଲିପିଶିଳେ ପ୍ରକଟି
ମଞ୍ଜୁଳ ମୂର୍ଚ୍ଛନା ରଚିଲ
ହେ ବାଗୀଶ୍ୱରି !
ସେ ଭଞ୍ଜବୀର ମହାସିନ୍ଧୁ
ମୁହିଁ ଗୋଷ୍ପଦ-ନୀରବିନ୍ଦୁ
ମା ! ତୁମ୍ଭ କରୁଣାରୁ ସେ କବି-ଗିରି-ମେରୁ
କବିତା-କୁମୁଦର ଇନ୍ଦୁ
ହେ ବାଗୀଶ୍ୱରି !

---

୨ । କୁଳାଡ଼ ଗଡ—ଘୁମୁସରର ରାଜଧାନୀ; ଧବ—ରାଜା; ନୀଳକଣ୍ଠ-ସମ୍ଭବ—ନୀଳକଣ୍ଠ ଭଞ୍ଜଙ୍କ ପୁଅ; କୋଣାର୍କ ପଟ୍ଟପାଟୀ—କୋଣାର୍କ ମନ୍ଦିରର କଳାପଟ୍ଟ ସୂକ୍ଷ୍ମ କାରୁକାର୍ଯ୍ୟ; ଲିପିଶିଳା—ଅକ୍ଷର ଶିଳ୍ପ ଅର୍ଥାତ୍ କବିତା, ପ୍ରକଟି—ଦେଖାଇ; ମଞ୍ଜୁଳ—ମନୋହର; ଭଞ୍ଜବୀର—ମହାକବି ଉପେନ୍ଦ୍ର ଭଞ୍ଜ; ଗୋଷ୍ପଦନୀର—ଗାଈଖୁରା ଚିହ୍ନରେ ଧରିଥିବା ପାଣି; କବି-ଗିରି-ମେରୁ—କବିମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଯେପରି କି ପର୍ବତମାନଙ୍କ ମଧ୍ୟରେ ମେରୁପର୍ବତ ସର୍ବଶ୍ରେଷ୍ଠ, କବିତା କୁମୁଦର ଇନ୍ଦୁ—ମୋର ଏ କବିତା ରୂପ କୁମୁଦ ଅର୍ଥାତ୍ କଇଁ ଫୁଲକୁ ସେ ଇନ୍ଦୁ ଅର୍ଥାତ୍ ଚନ୍ଦ୍ର ଅର୍ଥାତ୍ ତାଙ୍କର ରଚନାଦର୍ଶରେ ଏ କବିତାମାଳା ରଚିତ ।



**ମହାକବି ଉପେନ୍ଦ୍ର ଭଞ୍ଜ**

( ମୂଳ ଅଙ୍କନ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଏମ. ଏ., ଏମ୍, ଏଲ୍, ଏଙ୍କ ଦ୍ୱାରା ସ୍ମୃତିର ଅଞ୍ଚଳରୁ ସଙ୍ଗୃହୀତ )

ଭଞ୍ଜ-ଭଞ୍ଜ-ଚରଣ          ମୋ ମଙ୍ଗଳ-ଶରଣ,
ଖିଳ ଉତ୍କଳ ତୀର୍ଥ ପୁଣ୍ୟ,
ନେତ୍ର-ନୀରେ ପଖାଳି          ଏ ଗୀତ-ସୁମାଞ୍ଜଳି
ତଥି ଅରପି ହେବି ଧନ୍ୟ
ହେ ବାଗୀଶ୍ୱର !
ସେ ରାଜରାଜେଶ୍ୱର ମୋର
କରଦ ପ୍ରଜା ମୁଁ ମାତର
ଚୋପ୍ଦର ହେବା ଯୋଗ          କରାଅ ବାରେ ଉଦ୍ଯୋଗ
ଗଡ଼ କୁଲଡ଼ ଅଭ୍ୟନ୍ତର
ହେ ବାଗୀଶ୍ୱର !



୧ । ଭଞ୍ଜ ଭଞ୍ଜ ଚରଣ—ମହାକବି ଉପେନ୍ଦ୍ର ଭଞ୍ଜଙ୍କ ପଦ୍ମପାଦ; ମଙ୍ଗଳ ଶରଣ—ମଙ୍ଗଳର ଆଶ୍ରୟ ସ୍ଥାନ; ଖିଳ—ସମସ୍ତ; ପଖାଳି—ଧୋଇ; ସୁମାଞ୍ଜଳି—ସୁମ ବା ଫୁଲର ଅଞ୍ଜୁଳା, ଚୋପ୍ଦର—ସେବକ, ଅଭ୍ୟନ୍ତର—ଭିତରେ ।

# ନିବେଦନ

କବିତା କୁମୁଦରେ ଗତ ପନ୍ଦର ବର୍ଷ ଭିତରେ ଲିଖିତ କବିତାମାନଙ୍କ ମଧ୍ୟରୁ ୧୦୧ ଗୋଟି କବିତା ପ୍ରକାଶିତ ହେଲା । କଳିଙ୍ଗ "ଭାରତୀ ସେବକଗୋଷ୍ଠୀ" ଯେଉଁ ସବୁ କବିତାର ଚିରନ୍ତନ ମୂଲ୍ୟ ଅଛି ବୋଲି ମତ ଦେଲେ କେବଳ ସେହି କବିତା ଗୁଡ଼ିକ ଏ ସଂଗ୍ରହରେ ସ୍ଥାନ ପାଇଅଛି—ଅନ୍ୟ ଗୁଡ଼ିକୁ ଜାଣିଶୁଣି ବାଦ୍ ଦିଆ ଯାଇଅଛି ।

କଳିଙ୍ଗ ବା ଉତ୍କଳ ଆଜି ଆଉ ଉତ୍କଳ ହୋଇ ନାହିଁ । ଉତ୍କଳ ଭାରତର ଅଙ୍ଗ ସ୍ୱରୂପ ତ ସ୍ୱାଧୀନତା ହରାଇ ଅଛି; ତାହା ଛଡ଼ା କେତେକ ଐତିହାସିକ କାରଣରୁ ବ୍ରିଟିଶ ପ୍ରଭାବ ସଙ୍ଗକୁ ପ୍ରତିବେଶୀ ପ୍ରଦେଶମାନଙ୍କ ପ୍ରଭାବ ମିଶି ଉତ୍କଳୀୟ କୃଷ୍ଟିକୁ ନାଶ କରିବାକୁ ବସିଅଛି । ଉତ୍କଳୀୟମାନଙ୍କ ପରି ସଙ୍ଗୀତପ୍ରାଣ, କବିତାପ୍ରାଣ ଓ କଳାପ୍ରାଣ ଜାତି ଏକା ଭାରତରେ କାହିଁକି ସାରା ପୃଥିବୀରେ ଆଉ ନାହିଁ । କୋଣାର୍କ, ପୁରୀ ଓ ଭୁବନେଶ୍ୱର ପରି ବୈଦେହୀଶ ବିଳାସ, ରସକଲ୍ଲୋଳ ଓ ବିଦଗ୍ଧ ଚିନ୍ତାମଣି ଉତ୍କଳୀୟମାନଙ୍କର ଅନୁପମ ସୃଷ୍ଟି । ଛନ୍ଦୋମୟ

ଗୀତ ଉତ୍କଳୀୟ ଜୀବନର ପ୍ରିୟତମ ସାମଗ୍ରୀ । ଏଥି ପାଇଁ ଉତ୍କଳୀୟ ମନୀଷା ବହୁଶତାବ୍ଦୀ ବ୍ୟାପୀ ଶ୍ରମ ଓ ଗବେଷଣା ଦ୍ୱାରା ସୃଷ୍ଟି କରିଛନ୍ତି ଅଗଣିତ ଛାନ୍ଦ ଓ ସଂଖ୍ୟାହୀନ ରାଗରାଗିଣୀ । ଉତ୍କଳୀୟ ମନ୍ଦିର ଭିତ୍ତିମାନଙ୍କରେ ଠିକ କେତେ ମୂର୍ତ୍ତି ଅଛି କହିବା ଯେପରି ଅସମ୍ଭବ ଉତ୍କଳୀୟମାନେ ଠିକ କେତେ ଛାନ୍ଦ ଓ ରାଗ ରାଗିଣୀ ସୃଷ୍ଟି କରି ଅଛନ୍ତି ତାହା ଠିକ କରି କହିବା ମଧ୍ୟ ସେହିପରି ସାଧ୍ୟାତୀତ । ଉତ୍କଳର ବିବାହୋଦ୍ୟତା ବାଳିକା ପିତୃଗୃହ ତ୍ୟାଗ ପୂର୍ବରୁ କବିତାମୟୀ କାନ୍ଦଣାରେ ହୃଦୟ ବ୍ୟଥା ଜ୍ଞାପନ କରେ ଏବଂ ତାର ମହିଳାଗୁରୁଜନମାନେ ମଧ୍ୟ ତା କଣ୍ଠ ସହିତ କଣ୍ଠ ମିଶାଇ ଛନ୍ଦୋମୟୀ କବିତାରେ କ୍ରନ୍ଦନ କରିଥାନ୍ତି । ସହରବାସିନୀମାନେ ଅବଶ୍ୟ କାନ୍ଦଣାକୁ ବର୍ବରତାର ଚିହ୍ନ ଭାବି ତ୍ୟାଗ କରି ଅଛନ୍ତି କିନ୍ତୁ ସହରମାନ ସେ ଆମମାନଙ୍କ ଜାତୀୟ ଜୀବନର ଶ୍ମଶାନ ଓ ବିଜାତୀୟ ପ୍ରଭାବର ଦୁର୍ଗ !! । ରାଧାନାଥଙ୍କ ଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ଓଡ଼ିଶାର ପ୍ରତିଭାଶାଳୀ ଉଚ୍ଚ ଶିକ୍ଷିତ କବିମାନେ ମୁଷ୍ଟିମେୟ ସହରବାସୀ ଶିକ୍ଷିତଙ୍କ ପାଇଁ କବିତା ଲେଖିଅଛନ୍ତି ଏବଂ ଏ ବିରାଟ ଜାତି ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି, ଦୟାନିଧି ସ୍ୱାଇଁ ଓ ହମିଦ୍ ମିଆଁଙ୍କ ହାତର କ୍ରୀଡ଼ାକନ୍ଦୁକ ହୋଇ ଅଛି । ପ୍ରତିଭାଶାଳୀ ଉଚ୍ଚଶିକ୍ଷିତ କବିମାନଙ୍କ କବିତା ବୈଦେଶିକ ଛାଞ୍ଚରେ ଢଳା ହୋଇ ଥିବାରୁ ତାହା ଏକପ୍ରକାର ବାଏଁ ବାଏଁ ଉଡ଼ି ଯାଉଛି; ଉତ୍କଳର ଶତକଡ଼ା ୯୫ ଜଣ ଲୋକ ତହିଁର ଆସ୍ୱାଦନରୁ ବଞ୍ଚିତ ହୋଇଅଛନ୍ତି । ଉତ୍କଳର ଶିକ୍ଷା ବିଭାଗର କର୍ତ୍ତୃତ୍ୱ ବହୁକାଳ ଯାଏଁ ଦୁଇ ତିନିଜଣ ନବୀନ ଭାବାପନ୍ନ କବିଙ୍କ ହାତରେ ପଡ଼ିଯିବାରୁ ଶିକ୍ଷିତ ଲୋକଙ୍କ ରୁଚିରୁ ବିଦେଶୀ

ଖ୍ରାପନ୍ନ କବିତା ଅଡ଼କୁ ଟାଣି ନେବାର ଉତ୍କଟ ପ୍ରଚେଷ୍ଟା ହୋଇଅଛି ଏବଂ ଉତ୍କଳୀୟ ପ୍ରାଚୀନ କବିମାନଙ୍କୁ ଅଶ୍ଳୀଳ ଓ ଓ ଅସ୍ପୃଶ୍ୟ ବୋଲି ପ୍ରଚାର ଚଳା ଯାଇ ସେମାନଙ୍କୁ ଶିକ୍ଷିତ ମହଲରୁ ନିର୍ବାସିତ କରି ଦିଆ ଯାଇ ଅଛି । ରାଧାନାଥଙ୍କ ଅମଳରୁ ବଙ୍ଗର ମାଇକେଲ, ନବୀନଚନ୍ଦ୍ର, ହେମଚନ୍ଦ୍ର, ନଜରୁଲ ଇସଲାମ ଓ ରବୀନ୍ଦ୍ରନାଥ ଠାକୁରଙ୍କ ଛାଞ୍ଚର ଲେଖା ଓଡ଼ିଶା ସାହିତ୍ୟ ବଜାରରେ ଖଞ୍ଜି ହୋଇ ଯାଇଅଛି । ଶିକ୍ଷିତମାନେ ଏହି ସବୁ ଧେଣ୍ଡ ବିଭୋର ହୋଇ ରହି ଅଛନ୍ତି ଏବଂ ଯେଉଁମାନେ ସଂଖ୍ୟା ଦୃଷ୍ଟିରୁ ଜାତିର ପ୍ରକୃତ ମେରୁଦଣ୍ଡ ସେମାନଙ୍କୁ ରସ ପରିବେଷଣ କରିବାର ଭାର ରହିଅଛି ବୈଷ୍ଣବ ପାଣି ଓ ହମିଦ ଅଲିଙ୍କ ହାତରେ ।

ଯେଉଁ ଛନ୍ଦୋମୟୀ କବିତା ପାଇଁ ଉତ୍କଳୀୟ କେବଳ ସାରଳା ମହାଭାରତରେ ସନ୍ତୁଷ୍ଟ ନ ହୋଇ ବିଶ୍ୱମ୍ଭର ଦାସଙ୍କ ବିଚିତ୍ର ମହାଭାରତ ଧରିଲା, ବଳରାମ ଦାସଙ୍କ ଦାଣ୍ଡିରାମାୟଣରେ ସନ୍ତୁଷ୍ଟ ନ ହୋଇ ଭଞ୍ଜଙ୍କ ବୈଦେହୀଶ ବିଳାସ ଓ ବିଶିଖୁଣ୍ଟିଆ ବିଚିତ୍ର ରାମାୟଣ ଧରିଲା ଏବଂ ଅଚ୍ୟୁତାନନ୍ଦଙ୍କ ହରିବଂଶକୁ ପଛରେ ପକାଇ ଦୀନକୃଷ୍ଣଙ୍କ ରସକଲ୍ଲୋଳ, ଅଭିମନ୍ୟୁଙ୍କ ବିଦଗ୍ଧ ଚିନ୍ତାମଣି ଓ ଭକ୍ତଚରଣଙ୍କ ମଥୁରାମଙ୍ଗଳ ଧରିଲା ସେ ବଚିଏ ଓ ଝଙ୍କାରମୟୀ କବିତା ପ୍ରଥମେ ରାଧାନାଥଙ୍କ ପ୍ରଭାବ ଓ ପରେ ରବି ଠାକୁରଙ୍କ ପ୍ରଭାବ ବଶତଃ ଓଡ଼ିଶାର ଉଚ୍ଚ ଶିକ୍ଷିତ କବିମାନଙ୍କ ଲେଖାମାନରୁ ଆଉ ପ୍ରସରିଲା ନାହିଁ । ଅମର କୁମର ଣଠେଇ ଘୋଷା ଆଉ ସବୁ ପାଠଶାଳରେ ଖୋସ—ଏ ପ୍ରବଚନ ଉତ୍କଳର ଯେଉଁ କୃଷ୍ଟିର ପରିଚୟ ସେ କୃଷ୍ଟିକୁ ତଣ୍ଟି ଚିପି ମାରି ଦିଆଗଲା । ରାଧାନାଥ ସ୍କୁଲ

ଓ ରବୀନ୍ଦ୍ର ପ୍ରଭାବ ଯୁଗକୁ ଓଡ଼ିଆ ସାହିତ୍ୟର ଇତିହାସରେ ପରମ୍ପରା ଚ୍ଛେଦ ଯୁଗ କହିଲେ ଅତ୍ୟୁକ୍ତି ବା ସତ୍ୟର ଅପଳାପ ହେବ ନାହିଁ ।

ପ୍ରାଚୀନ କବିତାର ଛନ୍ଦ ଓ ରାଗିଣୀମାନଙ୍କୁ ଆଧୁନିକ ଭାବଧାରାର ବାହନ କରି କବିତା ଲେଖିବା ମୁଁ ପନ୍ଦର ବର୍ଷ-ତଳେ ଆରମ୍ଭ କରିଥିଲି । ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, କବିସୂର୍ଯ୍ୟ, ଗୋପାଳକୃଷ୍ଣ ଓ ବନମାଳୀଙ୍କ ଶୈଳୀକୁ ଉତ୍କଳରେ ପୁନଃ-ପ୍ରତିଷ୍ଠିତ କରି ରାଧାନାଥ ଓ ରବିଠାକୁରଙ୍କ ପ୍ରଭାବକୁ ପୂରାପୂରି ହଟେଇ ଦେବାକୁ ହେବ ଆଦ୍ୟରୁ ଏହାହିଁ ମୋର ଲକ୍ଷ୍ୟ ଥିଲା । ଯେଉଁ ଓଡ଼ିଆ କବିତାରେ ପ୍ରାଚୀନ ଛନ୍ଦ ଓ ପ୍ରାଚୀନ ଝଙ୍କାର ନ ଥାଏ ତାହା ଶୁଣିଲେ ବା ପଢ଼ିଲେ ମୁଁ ଗଭୀର ଭାବରେ ମର୍ମାହତ ହେଉଥିଲି । ପୂର୍ବ କୋଡ଼ିଏ ପଚିଶ ବର୍ଷକାଳ ଧରିଆଡ଼େ ଏହି ଦୁଇ ଉତ୍କଟ ପ୍ରଭାବର ବ୍ୟାପକ ପ୍ରସାର ଦେଖି ମୁଁ ଏକପ୍ରକାର ଅଣନିଶ୍ୱାସୀ ହୋଇ ଯାଉଥିଲି । ତେଣୁ ପ୍ରାଚୀନ ଶୈଳୀ ଅଯୁକ୍ତ କରିବାରେ ମୁଁ ବହୁ ଅଭ୍ୟାସ କରିଅଛି; ପ୍ରାଚୀନ ଶୈଳୀକୁ ପୁନଃ ପ୍ରତିଷ୍ଠିତ କରିବା ପାଇଁ ମଧ୍ୟ ମୁଁ କମ ଶ୍ରମ ସ୍ୱୀକାର କରିନାହିଁ । ଖୁବ ପିଲା ଦିନୁଁ ଅବଶ୍ୟ ପ୍ରାଚୀନ ଶୈଳୀ ମୋଠି ସ୍ୱତଃ ସ୍ଫୁର୍ତ୍ତ ହୋଇଥିଲା କିନ୍ତୁ ବାଲ୍ୟ ଓ କୈଶୋର ଅବସ୍ଥାରେ ଚନ୍ଦ୍ରାମଣି ଓ ଫକୀର ମୋହନଙ୍କ କବିତା ମୋତେ କିଛିକାଳ ପ୍ରଭାବିତ କରିଥିବା ମୋର ମନେ ପଡ଼ୁଅଛି । ସାହିତ୍ୟହିଁ ଜାତୀୟ ଜୀବନର ମୁକୁର । ଏ ମୁକୁରରେ ବିଜାତୀୟ ପ୍ରଭାବର ଛାୟା ଯେପରି ନ ପଡ଼େ ସେଥି ପ୍ରତି ପ୍ରତ୍ୟେକ ଜାତୀୟବାଦୀ କବି ଅବହିତ ହେବା ଉଚିତ । ପରମ୍ପରାର ଉପାସକ ଭାବରେ ମୁଁ ମୋ କର୍ତ୍ତବ୍ୟ ମାତ୍ର କରି ଅଛି । ଯେଉଁ ଦେଶ ଭଞ୍ଜ, ଦୀନକୃଷ୍ଣ ଓ

ଅଭିମନ୍ୟୁଙ୍କ ଲେଖଣୀ ନିଃସୃତ ଅମିୟର ଉପଭୋଗୀ ମୋ ଲେଖଣୀ ନିଃସୃତ ଗୁଡ଼ପଣାରେ ତା ପିପାସା ମେଣ୍ଟିବ ମୋର ଏ ଧୃଷ୍ଟ ଦୁରାଶା ନାହିଁ । ତଥାଚ ଓଡ଼ିଆ ସାହିତ୍ୟର ସୁବର୍ଣ୍ଣମୟ ଯୁଗ ଫେରାଇ ଆଣିବା ପାଇଁ ମୋ କ୍ଷୁଦ୍ର ଶକ୍ତିରେ ଯାହା ସମ୍ଭବ ତାହା ମୁଁ କରୁଅଛି । ଏ କବିତାକୁମୁଦ ଗ୍ରନ୍ଥ ମୋ କ୍ଷୀଣ ହୃଦୟର ଅଦ୍ୟ ପରିଚୟ । ମୋଠାରୁ ରାଧାନାଥ ଆଦିଙ୍କ ପରି ଯେଉଁମାନେ ସମଧିକ ଶକ୍ତିଶାଳୀ ସେମାନେ ଏ କାମ କରି ନ ଯିବା ଦ୍ୱାରା ଓଡ଼ିଆ ସାହିତ୍ୟ ଦରିଦ୍ର ହୋଇ ଅଛି । ମୋ ସମସାମୟିକ କବିମାନଙ୍କ ମଧ୍ୟରେ ଓ ମୋ ଉତ୍ତର ପୁରୁଷମାନଙ୍କ ମଧ୍ୟରେ ମୋ ଠାରୁ ନିଶ୍ଚୟ ଅଧିକ ଶକ୍ତିଶାଳୀ କବି ଅଛନ୍ତି । ସେମାନେ ଯଦି ଟିକିଏ ଜାତୀୟ ଭାବରେ ଉଦ୍‌ବୁଦ୍ଧ ହୁଅନ୍ତେ ତାହାହେଲେ କଳିଙ୍ଗ ଭାରତୀଙ୍କ ବିଶ୍ୱ ବିମୋହିନୀ ବିପଞ୍ଚୀରେ ଅବଶ୍ୟ ତା ଛିନ୍ନ ତାର ସଂଯୋଜିତ ହୁଅନ୍ତା ଏବଂ ଉତ୍କଳରେ ଦବ୍ୟାଳଙ୍କର ଭୂଷିତା ଲଳିତ ଝଙ୍କାରମୟୀ କବିତାର ପୁନରାବିର୍ଭାବଫଳରେ ସିନେମା ଓ ଥିଏଟରମାନଙ୍କ ପ୍ରଚାରିତ ଲଘୁ ସଂଗୀତାବଳି ଯାହା କି ଉତ୍କଳୀୟ ଜାତୀୟ ଜୀବନକୁ କ୍ରମାଗତ ଭାବରେ କଳୁଷିତ କରୁଅଛି ଧୀରେ ଧୀରେ ଲୋପ ପାଉଥାନ୍ତା । ମୋର ଶେଷ ନିଶ୍ୱାସ ପ୍ରବାହିତ ହେଉଥିବା ପର୍ଯ୍ୟନ୍ତ ମୋ ଲେଖନୀ ଏହି ଜାତୀୟ-ଆଶାର ପରିପୂର୍ତ୍ତି ନିମନ୍ତେ ଅନବରତ ଚାଳିତ ହେଉଥିବ । ନୂତନ ସୌନ୍ଦର୍ଯ୍ୟ ଗ୍ରହଣରେ ମୁଁ ଅପକ୍ଷପାତୀ ନୁହେଁ; କିନ୍ତୁ ସେଥି ନିମନ୍ତେ ମୋ ଜାତିର କମନୀୟ ପରମ୍ପରା ତ୍ୟାଗ କରିବାକୁ ମୁଁ ଅକ୍ଷମ ।

ପିତା ମାତାଙ୍କ କଥା ଛାଡ଼ି ଦେଲେ ଯେ ବନ୍ଧୁଙ୍କ ଦଳକୁ ଏ ଗ୍ରନ୍ଥ ପ୍ରକାଶ ଦେଖି ଯେ ସବୁଠୁଁ ବେଶି ଉଲ୍ଲସିତ ହୋଇଥାନ୍ତେ ସେ ଆଜି ଇହଧାମରେ ନାହାନ୍ତି । ସେ ହେଉଛନ୍ତି ମୋର ପରମହିତାକାଂକ୍ଷୀ ସୁହୃଦ୍ ଅଧ୍ୟାପକ ଶ୍ରୀ ଲକ୍ଷ୍ମୀକାନ୍ତ ଚୌଧୁରୀ । ଅନ୍ୟତମ ପରମହିତୈଷୀ ପିତୃକଳ୍ପ ସାହିତ୍ୟଭୂଷଣ ରାୟ ବାହାଦୁର ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ ମଧ୍ୟ ସ୍ୱର୍ଗାରୋହଣ କରି ଅଛନ୍ତି । ମୋତେ ବୋଧ ହେଉଅଛି ମୋର ଏହି ସ୍ୱର୍ଗତ ଗୁରୁଜନମାନେ ମୋ କବି ଜୀବନର ଲକ୍ଷ୍ୟ ପୂର୍ଣ୍ଣ କାମନା କରି ମୋତେ ସେ ପୁରରେ କଲ୍ୟାଣ କରୁ ଅଛନ୍ତି । ସ୍ୱର୍ଗତ ପ୍ରହରାଜଙ୍କ ଲିଖିତ ଅନୁକ୍ରମଣିକା ଏ ଗ୍ରନ୍ଥର ଗୌରବ ବୃଦ୍ଧି କରୁଅଛି ।

ମୋର ଜୀବିତ ହିତାକାଂକ୍ଷୀ ଗୁରୁଜନମାନେ ସମସ୍ତେ ଆଜି କବିତାକୁସୁମ୍‌ଦର ପ୍ରକାଶ ଦେଖି ଆନନ୍ଦିତ । ସେମାନଙ୍କ ମଧ୍ୟରୁ ମୋ ଗୁରୁଦେବ ରାୟ ବାହାଦୁର ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଏଥିରୁ ମୁଖବନ୍ଧ ଲେଖି ଏବଂ ଅନ୍ୟାନ୍ୟମାନେ ମୋତେ ଆଶୀର୍ବାଣୀ ଦେଇ କୃତାର୍ଥ କରି ଅଛନ୍ତି ।

ନୀରବ ସାରସ୍ୱତ ସାଧକ ଶ୍ରଦ୍ଧେୟ ବନ୍ଧୁ ମାନ୍ୟବର ଶ୍ରୀ ହରେକୃଷ୍ଣ ମହତାବ ଏ ଗ୍ରନ୍ଥର ଉତ୍ସର୍ଗପତ୍ର ଗ୍ରହଣ କରି ଓ ଏ ଗ୍ରନ୍ଥ ସହିତ ତାଙ୍କ ମହନୀୟ ନାମକୁ ସଂଶ୍ଳିଷ୍ଟ କରିବାର ସୁଯୋଗ ଦେଇ ମୋତେ ବାଧିତ ଓ ଅନୁଗୃହୀତ କରିଅଛନ୍ତି ।

କବିତା କୁସୁମ୍‌ଦର କବିତାମାନଙ୍କୁ ବାଛି ଏକତ୍ର କରିବାରେ ଓ ସଜାଇବାରେ ଉତ୍କଳର ଉଦୀୟମାନ ଲିପିଶିଳ୍ପୀ ଶ୍ରୀମାନ ହୃଦାନନ୍ଦ ରାୟ ଓ ଗୋପବନ୍ଧୁ ରଥ ଏବଂ ଉଦୀୟମାନ ରୂପଶିଳ୍ପୀ

ଶ୍ରୀମାନ୍ କିଶୋର ମୋହନ ପରିଡ଼ା ବହୁତ ଶ୍ରମ କରିଅଛନ୍ତି । ସେମାନଙ୍କୁ ମୁଁ ଆଶୀର୍ବାଦ କରୁଅଛି ।

"କଳିଙ୍ଗ ଭାରତୀ ସେବକ ଗୋଷ୍ଠୀ" ମୋ ଜୀବନ ଗାଥା ସଂକ୍ଷିପ୍ତ ଭାବେ ତାହାଁର ପ୍ରକାଶ ନିମନ୍ତେ ସବିଶେଷ ଅନୁରୋଧ କରିବାରୁ ତାହା ଗ୍ରନ୍ଥରେ ସନ୍ନିବେଶିତ ହୋଇଅଛି ।

କବିତା କୁମୁଦର ବହୁତ ଗୀତକୁ କଣ୍ଠରେ ଫୁଟାଇ ରୂପ ଦେଇ ଅଛନ୍ତି କଟକର ପ୍ରସିଦ୍ଧ ଗାୟକ ଶ୍ରୀ ଉପେନ୍ଦ୍ର ତ୍ରିପାଠୀ, ସିଂହାରି ଶ୍ରୀ ଶ୍ୟାମ ସୁନ୍ଦର କର, ଶ୍ରୀ ଦୁର୍ଲ୍ଲଭ ଚନ୍ଦ୍ର ସିଂହ ଓ ଶ୍ରୀ ବାଳକୃଷ୍ଣ ଦାସ । ଶ୍ରୀ ଉପେନ୍ଦ୍ର ତ୍ରିପାଠୀ ବିଶେଷ ଭାବରେ ମୋ ଗାନ ମାନଙ୍କର ଅନୁରାଗୀ । ସେ ଏ ଗାନ ମାନଙ୍କର ସ୍ୱରଲିପି ତିଆରି କରୁ ଅଛନ୍ତି । ମୁଁ ଏ ସମସ୍ତଙ୍କ ନିକଟରେ ଓ ବିଶେଷ କରି ଶ୍ରୀ ତ୍ରିପାଠୀଙ୍କ ନିକଟରେ ଋଣୀ ।

ବ୍ରଜବାସୀ ବାବାଜୀ ଶ୍ରୀ ବୈଷ୍ଣବ ଚରଣ ଦାସଙ୍କ ତାଲିମ ଶ୍ରୀମାନ୍ ବଳରାମ ସାହୁ ମଧ୍ୟ ଏ ଗ୍ରନ୍ଥର ଅନେକ ପ୍ରସିଦ୍ଧ ଗାନର ଗାୟକ ।

ସର୍ବ ପ୍ରଥମେ ବନ୍ଧୁ ସାରସ୍ୱତ ଚକ୍ରବର୍ତ୍ତୀ ଏ ଗ୍ରନ୍ଥର ଅନେକ ବନ୍ଦନା ଗାନ ଶ୍ରୀମତୀ ସରସ୍ୱତୀ ଚକ୍ରବର୍ତ୍ତୀ ଗାନ

କରିଥିଲେ । ତାଙ୍କ ପଛକୁ ମନେ ପଡ଼େ ଶ୍ରୀମତୀ ସଂଯୁକ୍ତା ଦେବୀ, ବିଦ୍ୟୁଲ୍ଲତା ଦେବୀ, ବୀଣାପାଣି ଦେବୀ, ସରସ୍ୱତୀ ଦେବୀ ଓ ଗୌରୀ ଦେବୀ ପ୍ରଭୃତି ବନ୍ଧୁ ବାଳିକାଙ୍କ ନାମ । ପ୍ରଭୁ ସେ ସମସ୍ତଙ୍କୁ ସୌଭାଗ୍ୟବତୀ କରନ୍ତୁ । ଏହି ଆଶୀର୍ବାଦ କରି ମୁଁ ସେମାନଙ୍କ ଅଭିଭାବକମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି ।

ଜୟ ମା କଳିଙ୍ଗ-ଭାରତୀ

କଳିଙ୍ଗ-ଭାରତୀ,
କଟକ
୩।୭।୪୭

ବିନୀତ ନିବେଦକ
**ଶ୍ରୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକ**

# ଅନୁକ୍ରମଣିକା

ପ୍ରାଚୀନ ଯୁଗର ଶେଷ ଶ୍ରେଷ୍ଠକବି କବିସୂର୍ଯ୍ୟ ଓ ଗୋପାଳ କୃଷ୍ଣଙ୍କ ପରେ ପ୍ରାଚୀନ ଶୈଳୀବିଶିଷ୍ଟ ଛନ୍ଦୋମୟ କବିତା ଓଡ଼ିଆ ସାହିତ୍ୟରୁ ଲୋପ ପାଇଥିଲା । ଆଧୁନିକ ଯୁଗର କବିମାନେ ପ୍ରାଚୀନ ରୀତିର ଶବ୍ଦ ଯୋଜନା ଓ ଛନ୍ଦୋବନ୍ଧ ତ୍ୟାଗ କରିବା ଯୋଗୁଁ ଓଡ଼ିଆ କବିତା ସାହିତ୍ୟରେ ଗୋଟିଏ ଅସ୍ପୃହଣୀୟ ପରମ୍ପରାଚ୍ଛେଦ ଘଟିଥିଲା । ଏଥି ପାଇଁ ପ୍ରାଚୀନ ଯୁଗ ଓ ନବଯୁଗ କବିତା ମଧ୍ୟରେ ଯୋଗ ଘଟାଇବା ନିମନ୍ତେ ସେତୁ ନିର୍ମାଣର ପ୍ରୟୋଜନୀୟତା ବହୁକାଳ ହେଲା ଅନୁଭୂତ ହେଉଥିଲେ ସୁଦ୍ଧା ଉପଯୁକ୍ତ ପ୍ରତିଭାଶାଳୀ ବ୍ୟକ୍ତିଙ୍କ ଅଭାବରୁ ଏହା କାର୍ଯ୍ୟରେ ପରିଣତ ହୋଇ ପାରୁ ନ ଥିଲା । ଏ ଯୁଗର ଉଚ୍ଚ ଶିକ୍ଷିତ ଇଂରାଜୀ-ସାହିତ୍ୟ-ବିଶାରଦ ବ୍ୟକ୍ତିମାନଙ୍କ ମଧ୍ୟରେ ଶ୍ରୀମାନ୍ ବିଚ୍ଛନ୍ଦ ଚରଣଙ୍କର ପ୍ରାଚୀନ ସାହିତ୍ୟ ପ୍ରତି ଅନୁରାଗ ଅସାଧାରଣ । ଇଂରାଜୀ 'ପ୍ରାଚୀ' ପତ୍ରିକାର ସୁଦକ୍ଷ ସମ୍ପାଦକ ଓ ପ୍ରାଚୀନ ଓଡ଼ିଆ କାବ୍ୟ ସାହିତ୍ୟର ଧୁରନ୍ଧର ଅନୁବାଦକ ରୂପେ ତାଙ୍କ ଯଶ ଓଡ଼ିଶା ସୀମା ଛାଡ଼ି ଭାରତର ସୀମାକୁ ମଧ୍ୟ ଟପି ଯାଇଅଛି । ଗତ ଦଶ ବାର ବର୍ଷ ହେଲା ଉତ୍କଳର ମୁଖ୍ୟ ବାଣୀ ପୀଠ ଉତ୍କଳ ସାହିତ୍ୟ ସମାଜର ଜରିଆରେ ଦେଶର ରୁଚିକୁ ବଦଳାଇ ପ୍ରାଚୀନ ପଦ୍ୟ ରଚନା ଶୈଳୀକୁ ପୁନର୍ବାର ଦୃଢ଼ ରୂପେ ପ୍ରତିଷ୍ଠା କରିବା ପାଇଁ ଶ୍ରୀମାନ ବିଚ୍ଛନ୍ଦ ଚରଣ ତାଙ୍କ ବଳିଷ୍ଠ ଲେଖନୀ ଚାଳନା କରୁ ଅଛନ୍ତି ।

ପ୍ରାଚୀନ ଶୈଳୀରେ ସେ ତାଙ୍କ ନିଜ ଜୀବନର ଘଟନାମାନଙ୍କ ସମ୍ପର୍କରେ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ବହୁ କବିତା ଲେଖି ଅଛନ୍ତି । ଏଥି ମଧ୍ୟରୁ ଶହେ ଏକ (୧୦୧) ଗୋଟି କବିତା ସଂଗ୍ରହ କରି 'କବିତା କୁମୁଦ' ନାମରେ ସେ ପ୍ରକାଶ କରିବାକୁ ଅଗ୍ରସର ହୋଇ ଅଛନ୍ତି । ଏ ସବୁ କବିତାରେ ପ୍ରାଚୀନ ଯୁଗର ମଧୁମୟ ଝଙ୍କାର ଅସ୍ମମାନଙ୍କ କର୍ଣ୍ଣରେ ପଡ଼ିଥାଏ ଏବଂ ଏହି ଅସାଧାରଣ ପ୍ରତିଭାଶାଳୀ କବିଙ୍କ ଦ୍ୱାରା ଉତ୍କଳ ଭାରତୀଙ୍କ ବୀଣାରେ ପ୍ରାଚୀନ ଯୁଗର ଲୁପ୍ତ ତାର ସଂଯୋଜିତ ହେଲା ବୋଲି ଅସ୍ମମାନଙ୍କର ପ୍ରତୀତ ହୋଇ ଥାଏ । ନବୀନ ଯୁଗୋପଯୋଗୀ ଭାବର ବାହନ କରି ଉତ୍କଳ ଭାରତୀଙ୍କ କୃପାସିଦ୍ଧ ଏହି କବି ଏହାଙ୍କ କବିତା ମାନଙ୍କରେ ବହୁସଂଖ୍ୟକ ପ୍ରାଚୀନ ରାଗ ରାଗିଣୀକୁ ପୁନରୁଜ୍ଜୀବିତ କରିଅଛନ୍ତି । ବିଶେଷତଃ ଦେଶପ୍ରୀତି ଓ ପ୍ରେମ କବିତାରେ ଏହାଙ୍କ ରସାଳ ହୃଦୟର ପ୍ରକୃଷ୍ଟ ଅଭିବ୍ୟକ୍ତି ପରିଲକ୍ଷିତ ହୋଇ ଅଛି । ପ୍ରାଚୀନ କାବ୍ୟ ସାହିତ୍ୟର ଅନୁପମ ରସାଣରେ ରସାଣିତ ହୋଇ ଶ୍ରୀମାନ ବିଚ୍ଛନ୍ଦ ଚରଣଙ୍କ କବିତା ବିବିଧ ବେଶ-ମଞ୍ଜୁଳା ବରବଧୂ ରୂପେ ଜନମନ ହରଣ କରୁଅଛି; ଏ ଯୁଗର ଅନ୍ୟ କୌଣସି ପ୍ରତିଭାଶାଳୀ କବିଙ୍କ କବିତା ଏହା କରୁଅଛି ବୋଲି ମୋର ମନେ ହେଉ ନାହିଁ । ସଂସ୍କୃତ କବି ଯଥାର୍ଥରେ କହିଛନ୍ତି ।

ତସ୍ୟ କବିତସ୍ୟ କିଂବା ତସ୍ୟ ବଣିତସ୍ୟ ତଥା
ପଦବିନ୍ୟାସ ମାତ୍ରେଣ ଯସ୍ୟ ନାପହୃତଂ ମନଃ ।

ପ୍ରାଚୀନକୁ ଭିତ୍ତି କରି ନବୀନ ଯୁଗ ସଙ୍ଗେ ପଦ ପକାଇ କବିତା ରାଜ୍ୟରେ ନୂଆ ପର୍ଯ୍ୟାୟ ପ୍ରବର୍ତ୍ତନ କରିବାରେ ଶ୍ରୀମାନ୍

ବିଚ୍ଛିନ୍ନ ଚରଣ ଯେ ଅପ୍ରତିଦ୍ୱନ୍ଦ୍ୱୀ ସ୍ଥାନ ଅଧିକାର କରିଛନ୍ତି ଏହା ମୁଁ ଦୃଢ଼ତା ସହକାରେ କହିପାରେ ।

ଯେଉଁ କେତୋଟି ଇଂରାଜୀ କବିତାର ଅନୁବାଦ ଏ ସଂଗ୍ରହରେ ସ୍ଥାନ ପାଇଅଛି ସ୍ୱାଭାବିକତାରେ ସେମାନ ମୂଳ କବିତାମାନଙ୍କୁ ଟପି ଯାଇଛି ବୋଲି ମୁଁ ଅନୁଭବ କରୁଅଛି । ଏ ସଂଗ୍ରହରେ ବୀର, ବାତ୍ସଲ୍ୟ, ଶୃଙ୍ଗାର ପ୍ରଭୃତି ବହୁ ରସର ଅବତାରଣା କରା ହୋଇ ଅଛି । କି ଭାଷା, କି କଳ୍ପନା, କି ଝଙ୍କାର, କି ସ୍ୱାଭାବିକ ମଧୁରିମା ସବୁ ଦିଗରୁ ଏ କବିତା ସଂଗ୍ରହ ଅତୁଳନୀୟ ହୋଇଅଛି ।

ଭୁଷାଢୋଷଆଶ୍ରମ
କଟକ ୧ । ୪ । ୧୯୪୫

**ଗୋପାଳଚନ୍ଦ୍ର ପ୍ରହରାଜ**
ସାହିତ୍ୟଭୂଷଣ,
ରାୟ ବାହାଦୁର, କାଇଜର-ଇ-ହିନ୍ଦ,

# ଆଶୀର୍ବାଦ

ମାନ୍ୟବର ପଣ୍ଡିତ

## ଶ୍ରୀଯୁକ୍ତ ଲିଙ୍ଗରାଜ ମିଶ୍ର, ଏମ, ଏ,

"ସୁଲେଖକ ଏବଂ ସୁକବି ଭାବରେ ବିଚ୍ଛନ୍ଦ ବାବୁ ଉତ୍କଳର ସାହିତ୍ୟ କ୍ଷେତ୍ରରେ ବହୁଦିନରୁ ପରିଚିତ । ତାଙ୍କ ଦୀର୍ଘ ସାହିତ୍ୟିକ ଜୀବନ ମଧ୍ୟରେ ଯେତେଗୁଡ଼ିଏ କ୍ଷୁଦ୍ର କବିତା ଲେଖିଛନ୍ତି ସେଥି ମଧ୍ୟରୁ ବାଛି ବାଛି ୧୦୧ ଗୋଟି କବିତା ସଙ୍କଳିତ କରି ସେ ଯେଉଁ 'କବିତା-କୁମୁଦ' ପୁସ୍ତକଟି ପ୍ରକାଶିତ କରୁଅଛନ୍ତି ତାହାଁର ଛାପା ପାଣ୍ଡୁଲିପିଟି ମୋଟାମୋଟି ଭାବରେ ପାଠକରି ମୁଁ ବିଶେଷ ଆପ୍ୟାୟିତ ହୋଇଅଛି । ଉତ୍କଳର ପାଠକ ପାଠିକାବୃନ୍ଦଙ୍କ ଦ୍ୱାରା ପୁସ୍ତକଟି ଉପଯୁକ୍ତ ଆଦର ଲାଭ କରିବ ବୋଲି ଆଶା କରେ ।ଇତି"

## ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ, ଏମ୍. ଏଲ୍.ଏ,

ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ ଏହି କବିତାଗୁଡ଼ିକ ଲେଖି-ଛନ୍ତି; କବିତା କାହିଁକି ? ସଙ୍ଗୀତ ଗୁଡ଼ିକ ଲେଖିଅଛନ୍ତି ପ୍ରାଚୀନ ରୀତିର ସରଣୀରେ ଚାଲି ।

ପରଂପରା ତ୍ୟାଗ କରି ଦିକ୍‌ଶୂନ୍ୟ ହୋଇ ଯେଉଁମାନେ ଉତ୍କଳ ସାହିତ୍ୟକୁ ଅନିର୍ଦ୍ଦିଷ୍ଟ ପଥରେ ନେଇ ଯାଉଥିଲେ ସେମା-ନଙ୍କର ଗତି ଫେରାଇବାପାଇଁ ବିଚ୍ଛନ୍ଦ ପ୍ରାଣପଣ ପ୍ରତିଜ୍ଞା କରି ଆଜି ଯଶସ୍ୱୀ ହୋଇଅଛନ୍ତି ।

ଜୀବନର ଭିତ୍ତି, ଜାତିର ଭିତ୍ତି, ସାହିତ୍ୟର ଭିତ୍ତି ଅନେକ ଗଭୀରରେ ଅଛି । ସେହି ଗଭୀରତା ଅନୁଭବ କରିବାକୁ ହେଲେ, ତାକୁ ଛୁଇଁବାକୁ ହେଲେ ଭିତରକୁ ପ୍ରବେଶ କରିବାକୁ ହେବ ଏବଂ ସେହିଠାରୁ ଯେଉଁ ସ୍ରୋତ ବାହାରୁଅଛି ତାକୁ ଧରି ସାହିତ୍ୟ ରଚିବାକୁ ହେବ । ତାହାହେଲେ ସାହିତ୍ୟର ମନୋଭାବ, ଜାତିର ମନୋଭାବ ଠିକ ଧରି ହେବ ।

ଶ୍ରୀ ବିଚ୍ଛନ୍ଦଚରଣ ପ୍ରାଚୀନ ପଦ୍ଧତିକୁ ଅନୁସରଣ କରିଅଛନ୍ତି ସେଥିପାଇଁ—ଏକାଧାରରେ ସହସ୍ର ସହସ୍ର ବର୍ଷର ସଞ୍ଚିତ ଭାବଧାରା ଜାତି ନିକଟରେ ଥୋଇବାପାଇଁ । ମୁଁ ଏଥିପାଇଁ ଶ୍ରୀ ବିଚ୍ଛନ୍ଦଚରଣଙ୍କୁ ପ୍ରଶଂସା କରେଁ ।

ଆମର ଗୌରବ, ଆମ ସାହିତ୍ୟ ବିକାଶର ଭଙ୍ଗୀ ଯେଉଁ ପଥରେ ଜଗତରେ ପ୍ରକାଶିତ ହୋଇଅଛି ସେହି ପଥହିଁ ଆମମାନଙ୍କର ଶ୍ରେଷ୍ଠ ଅବଦାନ । ସେହି ଅବଦାନ ଆମେ ପରମ୍ପରା ସୂତ୍ରରେ ପାଇଅଛୁଁ—ତାକୁ ହରାଇବା ଅର୍ଥ ନାବାଳକ ହୋଇ ପିତୃପିତାମହର ସମ୍ପତ୍ତି ଲୋକସାନ କରିବା । ମୁଁ ଶ୍ରୀ ବିଚ୍ଛନ୍ଦଚରଣଙ୍କୁ ପ୍ରଶଂସା କରେଁ ଯେ ଧ୍ରୁବ ତାରକୁ ଲକ୍ଷ୍ୟ ଧରି ଚାଲିବାପାଇଁ ସେ ସ୍ଥିର କରିଅଛନ୍ତି, ସମସାମୟିକ ଅନ୍ୟାନ୍ୟଙ୍କୁ ସହୃଦୟ ବିନତି କରିଅଛନ୍ତି ଏବଂ ଆସନ୍ତା ବଂଶଧର ଯୁବକମାନଙ୍କୁ ସେହି ପଥରେ ଅନୁଗମନ କରିବାପାଇଁ ଉତ୍ସାହ ଦେଇଅଛନ୍ତି ।

## ରାୟବାହାଦୁର ଶ୍ରୀଯୁକ୍ତ ଚିନ୍ତାମଣି ଆଚାର୍ଯ୍ୟ

ଏମ୍. ଏ., ବି. ଏଲ୍.

ଶ୍ରୀମାନ୍ ବିଚ୍ଛନ୍ଦଚରଣ ପଟ୍ଟନାୟକ, ବି. ଏ., ବି. ଏଲ୍.ଙ୍କ ପ୍ରଣୀତ କବିତା କୁମୁଦରେ ପ୍ରକାଶିତ ଅନେକ କବିତା ବିଭିନ୍ନ ସଭା ସମିତିରେ ବୋଲା ହେଉଥିବାବେଳେ ଶୁଣିଥିଲି । ବର୍ତ୍ତମାନ ସେଗୁଡ଼ିକ ଏକତ୍ରିତ କରି ପୁସ୍ତକାକାରରେ ପ୍ରକାଶ କରିବାର ଉଦ୍ୟମ ଦେଖି ଆନନ୍ଦିତ ହେଲି । ଏ କବିତାମାନଙ୍କ ମଧ୍ୟରୁ "ଶକୁନ୍ତଳାଙ୍କ ପତିଗୃହ ଯାତ୍ରା" କବିତାଟି ମୁଁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ମାଟ୍ରିକୁଲେସନ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରକାଶିତ "କବିତା ପ୍ରବେଶ"ରେ ଦେଇଅଛି । ବିଚ୍ଛନ୍ଦଚରଣଙ୍କର ସାହିତ୍ୟସେବା ଓ ନିଷ୍ଠା ସମ୍ବନ୍ଧେ ଲେଖି ତାଙ୍କୁ ପରିଚିତ କରାଇବାର ଆବଶ୍ୟକତା ନାହିଁ । ତାଙ୍କର ବିଭିନ୍ନ ଲେଖାଦ୍ୱାରା ସେ ସୁପରିଚିତ । ଏ ପୁସ୍ତକରେ ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ଅନୁକରଣ କରି ନୂତନଯୁଗର ଭାବକୁ ପ୍ରାଚୀନ ଯୁଗର ସାହିତ୍ୟ ଛାଞ୍ଚରେ ଢାଳି ସେ ଗୋଟିଏ ବିଶେଷତ୍ୱର ଆଦର୍ଶ ଦେଖାଇ ଅଛନ୍ତି । ତାଙ୍କର ସାହିତ୍ୟିକ ଲେଖଣୀ ଉପରେ ଫୁଲଚନ୍ଦନ ପଡ଼ୁ ବୋଲି ମୁଁ କାମନା କରୁ ଅଛି ।

---

## ରାୟବାହାଦୁର ଶ୍ରୀଯୁକ୍ତ ବିପିନ ବିହାରୀ ରାୟ

ଏମ୍, ଏ,

ବିଚ୍ଛନ୍ଦବାବୁ ମୋର ଛାତ୍ରବନ୍ଧୁ । ତେଣୁ 'କବିତା କୁମୁଦ' ମୋ ହୃଦୟରେ ଆନନ୍ଦ ଘଟାଇବା ସ୍ୱାଭାବିକ । ଛାତ୍ରର କୃତିରେ ସାଥି ମଧ୍ୟ ଗୌରବ ଅନୁଭବ କରିଥାଏ । କିନ୍ତୁ କେବଳ ଏହି କାରଣରୁ ନୁହେଁ; କବିତା କୁମୁଦରେ ପୁରାତନ ଓ ନୂତନ ଛନ୍ଦ ଉଭୟ ନିବଦ୍ଧ ଥିବାରୁ, ଗୀତ ଗୁଡ଼ିକ ନାନା ବିଷୟ ବସ୍ତୁ ଦେଇ

ରଞ୍ଜିତ ହୋଇ ବିଭିନ୍ନ ରସ ଉତ୍ପାଦନ ସଂଘଠନରେ ଉପଯୁକ୍ତ ସାହାଯ୍ୟ ଦେଇ ବ୍ୟବହାର ପଟୁ ପକ୍ଷରେ ଯାହା ଯେପରି ହେବାର କଥା ତାହା ସେହିପରି ହୋଇ ପାରିଥିବାରୁ ମୋ ନିକଟରେ ଆଦରଣୀୟ । ମୋର ବିଶ୍ୱାସ ଅନ୍ୟମାନଙ୍କ ନିକଟରେ ମଧ୍ୟ ଆଦର ପାଇବ । ଏକ ଦିଗରେ "ଅଗ୍ନିର୍ଷି ହରିହର" "ପିଲାଙ୍କ ଉତ୍କଳମଣି" ( ଗୋପବନ୍ଧୁ ) ଓ "ଗୌରୀଶଙ୍କର" ଅନ୍ୟ ଦିଗରେ "ଗୋପାଳକୃଷ୍ଣ" "ରାଧାନାଥ" ଓ "ରବୀନ୍ଦ୍ରନାଥ" ଏକପକ୍ଷରେ "ମାଆ" ରେ ଉତ୍କଳପ୍ରୀତି ଅନ୍ୟପକ୍ଷରେ "ମହାତ୍ମାଜୀ"ରେ ବିଶ୍ୱ-ପ୍ରୀତି କବିତା କୁମୁଦରେ ଏକାଧାରରେ ସନ୍ନିବିଷ୍ଟ ।

ଶ୍ରୀମାନ୍ ବିଚ୍ଛନ୍ଦଚରଣଙ୍କ କଥା ଏଡ଼ି ନ ପାରି ମୋର ବ୍ୟକ୍ତି-ଗତ ଅନୁଭୂତି ଏଇଟିକ ଭାଷାରେ ଲେଖିଲି । କିନ୍ତୁ "କବିତା-କୁମୁଦ" ଘଟିତ ରସମାଧୁରୀର ମୁଁ ଉପଯୁକ୍ତ ଗ୍ରାହକ ବା ପରୀକ୍ଷକ ନୁହେଁ । ସେଥିପାଇଁ ବିଚ୍ଛନ୍ଦଚରଣଙ୍କୁ ଅନ୍ୟ ଲେଖକଙ୍କ ନିକଟ ଯିବାକୁ ହେବ । ସାଧାରଣ ଭାବରେ ଯାହା କିଛି ଆସ୍ୱାଦନ ପାଇଛି ସେତିକି ମାତ୍ର ପ୍ରକାଶ କରିଛି । ଶେଷରେ କହିବା ଉଚିତ ଦର୍ଶନ ଦୃଷ୍ଟିରୁ "ସେ ତ ସ୍ୱଦେଶ ମୋହର"ରେ କବିତା କୁମୁଦ ଯେଉଁ ଆଦର୍ଶ ଆମ୍ଭମାନଙ୍କ ସମ୍ମୁଖରେ ଉନ୍ମୁକ୍ତ ରଖିଅଛି ସେହି ଆଦର୍ଶରେ ଦେଶବାସୀ ଉଦ୍‌ବୁଦ୍ଧ ହୁଅନ୍ତୁ । ଏହାହିଁ ମୋର କାମନା ।

"ନର ଦେହ ଯାର କେତେ ସୁତ ସୁତା
ଚରିତ୍ର ବଳରେ ହେଲେ ସାକ୍ଷାତ ଦେବତା
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର ।"

# ଶ୍ରୀଯୁକ୍ତ ଶଶିଭୂଷଣ ରାୟ

ଶ୍ରୀଯୁକ୍ତ ବାବୁ ବିଚ୍ଛନ୍ଦଚରଣ ପଟ୍ଟନାୟକ ବି. ଏଲ୍ ମହୋଦୟ ଓଡ଼ିଆ ସଙ୍ଗୀତ ରଚନାରେ ଯେଉଁ ଅପୂର୍ବ ପାଟବ ପ୍ରଦର୍ଶନ କରିଅଛନ୍ତି ତାହା ବର୍ତ୍ତମାନ ଯୁଗରେ ଅତୁଳନୀୟ । ତାହାଙ୍କ ଗୀତ ସମୂହର ଭାଷାରେ ଯେଉଁ ଗୌରବଶ୍ରୀ ରହିଅଛି ଏ ଭଳି ପ୍ରାଣସ୍ପର୍ଶୀ ଗୀତ ସମୂହର ଏ ଯୁଗରେ ଆବିର୍ଭାବ ସେହି ଗୌରବଶ୍ରୀ ପ୍ରକାଶର ସଂପୂର୍ଣ୍ଣ ଅଧିକାରୀ । 'ଉତ୍କଳ ଚିନ୍ତାମଣି ଚଉତିଶା' 'ବିରହ ବାରମାସୀ' 'ମଞ୍ଜୁଳା ମାଧବ' 'ଶରୀଶ୍ୟାମା' 'ଅଭି ବିମନା ନୁହ' ପ୍ରଭୃତି ସଂଗୀତ ସମୂହରେ ଯେଉଁ ଲିପି ଚାତୁର୍ଯ୍ୟ ସହିତ ଭାବମାଧୁର୍ଯ୍ୟ ସଂଯୁକ୍ତ ହୋଇଅଛି ତାହା ଏ ଯୁଗରେ ସ୍ୱପ୍ନବିଶେଷ । ତାହାଙ୍କ ଗୀତ ସମୂହର ରଚନା କୌଶଳ ଓ ରସ-ମାଧୁର୍ଯ୍ୟ ଉପଭୋଗ କଲେ ସ୍ପଷ୍ଟ ପ୍ରତୀତ ହେବ ଯେ ଏଗୁଡିକ ପ୍ରକୃତ ଆନ୍ତରିକତା ସହିତ ରଚିତ । ତାହାଙ୍କର ଗୀତସମୂହର ବିଶେଷତ୍ୱ ଏହି ଯେ ସେହି ଗୀତସମୂହ କାନରେ ପଶି ମର୍ମକୁ ଆଘାତ କରେ ଏବଂ ତହିଁରେ ପ୍ରାଣ ଆକୁଳ ହୁଏ । ତାହାଙ୍କର ଲେଖନୀ ସର୍ବଦା ଜୟଯୁକ୍ତ ହେଉ ଏହାହିଁ ଐକାନ୍ତିକ କାମନା ।

# ଶ୍ରୀଯୁକ୍ତ ଗିରିଜାଶଙ୍କର ରାୟ ଏମ୍.ଏ ବି.ଏଲ୍

କିଛିଦିନ ପୂର୍ବେ ଶ୍ରୀବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ କବିତା-କୁସୁମ ଦେଖିବାର ସୌଭାଗ୍ୟ ମୋହର ହୋଇଥିଲା । ସାହିତ୍ୟରେ କବିତାର ସ୍ଥାନ ଅତି ଉଚ୍ଚରେ । ମାତ୍ର କବିତାର ସୌନ୍ଦର୍ଯ୍ୟ

କେବଳ ଉପଭୋଗ କରାଯାଇ ପାରେ; ତାକୁ ବିଶ୍ଳେଷଣ କରିବାର ଚେଷ୍ଟା ବୃଥା, * * କବି ପ୍ରାଚୀନ ଓଡ଼ିଆ ସାହିତ୍ୟର ଅନୁରାଗୀ ଭକ୍ତ। ପ୍ରାଚୀନ ଛନ୍ଦମାନଙ୍କର ମାଧୁର୍ଯ୍ୟ ସେ ସମ୍ପୂର୍ଣ୍ଣ ଭାବରେ ଉପଭୋଗ କରି ପାରି ଅଛନ୍ତି। ପ୍ରାଚୀନ ଓଡ଼ିଆ ସାହିତ୍ୟର ଭାବ-ସମ୍ପଦ ଓ ଭାଷା ବୈଭବ ତାଙ୍କ ଲେଖାକୁ ପ୍ରଭାବିତ କରିଅଛି। ଏହି କାରଣରୁ ତାଙ୍କ କବିତାମାନଙ୍କରେ ଗୋଟିଏ ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ଓ ସରସତା ଅଛି ଯାହା କି ସାଧାରଣ ଆଧୁନିକ ଓଡ଼ିଆ କବିତାରେ ବିରଳ।

ଓଡ଼ିଆ କବିତାର ଗତି ଆଲୋଚନା କଲେ ଆମ୍ଭେମାନେ ଦେଖୁଁ ଯେ ରାଧାନାଥ ଓଡ଼ିଆ ସାହିତ୍ୟକୁ ଯେଉଁ ଆକାରରେ ଗଠିତ କରିବାକୁ ଚାହୁଁଥିଲେ ସେଥିରେ ଥିଲା ପାଶ୍ଚାତ୍ୟ ସାହିତ୍ୟର ଅନୁକରଣ ପ୍ରୟାସ। ପ୍ରତିବେଶୀ ସାହିତ୍ୟର ମୋହରେ ମୁଗ୍ଧ ହୋଇ ସେ ଓଡ଼ିଆ ସାହିତ୍ୟର ପରମ୍ପରା ବିଚ୍ଛିନ୍ନ କରି ତାକୁ ନୂତନ ଆକାର ଦେବାର ଚେଷ୍ଟା କରିଥିଲେ। ମାତ୍ର ଅତ୍ୟନ୍ତ ଶକ୍ତିଶାଳୀ ଲେଖକ ଥିବାରୁ ତାଙ୍କ ସାହିତ୍ୟ ସୃଷ୍ଟି ମଧ୍ୟରେ ସୌନ୍ଦର୍ଯ୍ୟର ଅଭାବ ନାହିଁ। ତାହା ପରେ କିନ୍ତୁ ଏହି ମୋହ ନାନା ସାହିତ୍ୟିକଙ୍କୁ ନାନା ଭାବରେ ପ୍ରଭାବିତ କରିଅଛି ଓ ଅନେକ ସମୟରେ ବ୍ୟର୍ଥ ଅନୁକରଣ ପ୍ରୟାସଦ୍ୱାରା ସାହିତ୍ୟର ସ୍ୱଚ୍ଛନ୍ଦ ଗତି ମଧ୍ୟ ବ୍ୟାହତ ହୋଇଅଛି। ବିଚ୍ଛନ୍ଦବାବୁଙ୍କର କବିତା-ମାନଙ୍କରେ ପୁନର୍ବାର ପ୍ରାଚୀନ କବିତାର ସୌନ୍ଦର୍ଯ୍ୟର କିଛି ଅଂଶର ଆସ୍ୱାଦ ଗ୍ରହଣ କରି ପାଠକମାନେ ତୃପ୍ତ ହୋଇ ପାରନ୍ତି ଓ ତାଙ୍କର ସାହିତ୍ୟ ସୃଷ୍ଟିକୁ ଏହି ଦିଗରୁ ବିଚାର କରିବା ଉଚିତ।

## ବ୍ରଜବାସୀ ବାବାଙ୍କ

# ଶ୍ରୀ ବୈଷ୍ଣବଚରଣ ଦାସ ଗୋସ୍ୱାମୀ

ଉତ୍କଳର ପ୍ରାଚୀନ ମନୀଷୀମାନେ ବହୁବିଧ ଛାନ୍ଦ, ସଙ୍ଗୀତ ଓ ରାଗରାଗିଣୀର ସୃଷ୍ଟି କରିଥିଲେ । ସେ ସବୁ ଆଧୁନିକ ଯୁଗରେ ବିଦେଶୀ-ପ୍ରଭାବ ଯୋଗୁଁ ଲୁଚିଯିବା ଉପରେ ବସିଥିଲା । କେବଳ ରାଧାକୃଷ୍ଣାଶ୍ରିତ-ପ୍ରେମ ଓ ପ୍ରାଚୀନ ଢଙ୍ଗର ସାଧାରଣ ପ୍ରେମ-କବିତା ଛଡ଼ା ସେସବୁକୁ ଅବଲମ୍ବନ କରି ଅନ୍ୟ କୌଣସି ଆଧୁନିକ ବିଷୟ ପ୍ରକାଶ ହୋଇପାରେ, ଏ ଧାରଣା କାହାରି ନ ଥିଲା । ଆଧୁନିକ ଉଚ୍ଚଶିକ୍ଷିତ କବିମାନେ ରାଧାନାଥ ଅଥବା ରବୀନ୍ଦ୍ରନାଥଙ୍କ ଆଦର୍ଶ କରି କବିତା ଲେଖୁଥିଲେ । ଉପେନ୍ଦ୍ରଭଞ୍ଜ, ଅଭିମନ୍ୟୁ, ଦୀନକୃଷ୍ଣ, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ବନମାଳୀ, ଗୌରଚରଣ ପ୍ରଭୃତିଙ୍କ ପ୍ରତି କେବଳ ମୌଖିକ-ଭକ୍ତି ଦେଖାଇ ଇଂରାଜୀ ଶିକ୍ଷିତ କବିମାନେ ଏ ଦେଶରେ ଗୋଟାଏ ଧାରଣା ସୃଷ୍ଟି କରି ଦେଇଥିଲେ ଯେ ସେମାନଙ୍କ ରଚନା ଶୈଳୀ ଇତିହାସର ଗୋଟିଏ ବିଶେଷ-ବସ୍ତୁ ହୋଇ ରହିବ, ଏ ଯୁଗରେ ବା ଭବିଷ୍ୟତ ଯୁଗରେ ତାହା କୌଣସି କାମରେ ଲାଗିପାରିବ ନାହିଁ । ତେଣୁ ପ୍ରାଚୀନ ଛାନ୍ଦ ଓ ରାଗରାଗିଣୀର ଟମା ପର ଯେଉଁମାନେ ଭକ୍ତ, ସେମାନେ ବ୍ୟଥିତ ହୋଇ ଭାବୁଥିଲେ ଯେ ଶିକ୍ଷିତ ସମାଜ ଆଉ କେବେ ହେଲେ ଛାନ୍ଦ ଓ ରାଗରାଗିଣୀ ଧରିବ ନାହିଁ । କିନ୍ତୁ ଜଣେ ପ୍ରତିଭାବନ୍ତ ପୁରୁଷଙ୍କ ସାଧନା ଆଜି ଅସମ୍ଭବକୁ ସମ୍ଭବ କରି ପାରିଅଛି । ସେ ହେଉଛନ୍ତି 'କବିତା-କୁମୁଦର' କବି ମୋର ପରମ କଲ୍ୟାଣୀୟ ଶ୍ରୀମାନ୍ ବାବା ବୈଷ୍ଣବଚରଣ ପଟ୍ଟନାୟକ ।

ସେ ପ୍ରାଚୀନ କବିମନୀଷୀମାନଙ୍କ ରଚନା, ଶୈଳୀର ସମସ୍ତ ବିଶେଷତ୍ୱକୁ କଣ୍ଠସ୍ଥ କରି ଯେଉଁସବୁ ଅଭିନବ କବିତା ରଚନା କରିଅଛନ୍ତି, ଅଧୁନାତନ ଯୁଗରେ ତାହାର ଆଉ ଦୃଷ୍ଟାନ୍ତର ନାହିଁ । କବିତା କୁମୁଦର ପଦଯୋଜନା ଭଞ୍ଜ, ଅଭିମନ୍ୟୁ ଓ ଦୀନକୃଷ୍ଣ ଆଦିଙ୍କ ସୁଲଳିତ ପଦଯୋଜନାରୁ କୌଣସିମତେ ନ୍ୟୂନ ନୁହେ ବରଂ ସମକକ୍ଷ । ଏ ଯୁଗରେ ଏପରି ମୌଳିକ ପ୍ରତିଭାବନ୍ତ ଜଣେ କବିଙ୍କର ଆବିର୍ଭାବ କବିତାରାଜ୍ୟରେ ଘୋର ବିପ୍ଳବ ଘଟାଇବ ଏବଂ ଅଧୁନାତନ କବିତାର ସ୍ରୋତକୁ ଫେରାଇ ଦେଇ ପ୍ରାଚୀନର ବିଜୟ ଉଦ୍‌ଘୋଷଣ କରିବ । 'ଇନ୍ଦ୍ରଧନୁ' ଓ 'ବିଜୁଳି'ର ସଂଘର୍ଷରେ ଯାହା ସମ୍ଭବ ହୋଇ ନ ଥିଲା, କବିତା-କୁମୁଦ ତାହା ସମ୍ଭବ କରିପାରି ଅଛି । ଶ୍ରଦ୍ଧେୟ ଚିନ୍ତାମଣିଙ୍କ ଅନ୍ୟାନ୍ୟ ଗ୍ରନ୍ଥ ପ୍ରକାଶିତ ହେଲେ ଓଡ଼ିଆ କବିତା-ସାହିତ୍ୟର ପରମ୍ପରା ସ୍ଥାନେ ସ୍ଥାନେ ଯୋଡ଼ି ହୋଇ ଯିବ । ମଙ୍ଗଳମୟ-ଶ୍ରୀ ଶ୍ରୀ ଗୌରଗୋବିନ୍ଦ ମହାପ୍ରଭୁ 'କବିତା କୁମୁଦ'ର ପଦକର୍ତ୍ତା (କବି)ଙ୍କୁ ଚିରଜୀବୀ ଓ ଯଶସ୍ୱୀ କରନ୍ତୁ । ସେ ନିଶ୍ଚୟ ଦେଶର ମୁଖୋଜ୍ଜ୍ୱଳ କରିଯିବେ । ତାଙ୍କ ଉପରେ ଭଞ୍ଜ, ଦୀନକୃଷ୍ଣ ଓ ଅଭିମନ୍ୟୁ ଆଦି ଭକ୍ତକବିମାନଙ୍କର କରୁଣାଦୃଷ୍ଟି ରହିଅଛି ବୋଲି ମୋର ଦୃଢ଼ ବିଶ୍ୱାସ ।

ଅଲମତିବିସ୍ତରେଣ

# ଗୁରୁଦେବ

## ଲେଖକ—କଳିଙ୍ଗ ଭାରତୀ ସେବକ ଗୋଷ୍ଠୀ

ଅସ୍ମମାନଙ୍କ ଆରାଧ୍ୟ ଗୁରୁଦେବ 'ଭାରତୀ କୁମୁଦ'ର କବି ଶ୍ରୀଯୁକ୍ତ ବଳୁନ୍ଦ ଚରଣ ପଟ୍ଟନାୟକ ବି, ଏ, ( ଅନର୍ସ ) ବି, ଏଲ୍, ୧୯୦୧ ମସିହା ଜାନୁଆରି ମାସ ୨୦ ତାରିଖ ଦିନ ପୁରୀ ଜିଲ୍ଲା ଖୋର୍ଦ୍ଧା ସବ୍‌ଡିଭିଜନର ପ୍ରସିଦ୍ଧ ସାଆଁଳା ଗ୍ରାମରେ ସମ୍ଭ୍ରାନ୍ତ କରଣ କୁଳରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଶ୍ରୀଯୁକ୍ତ ଗୋଲୋକକୃଷ୍ଣ ପଟ୍ଟନାୟକ ଓ ମାତାଙ୍କ ନାମ ଶ୍ରୀମତୀ ରାଧା ଦେବୀ । ଶ୍ରୀମତୀ ରାଧା ଦେବୀଙ୍କ ଜନ୍ମ ପୁରୀ ଜିଲ୍ଲା ସାକ୍ଷୀଗୋପାଳ ପଟ୍ଟନାୟକ ସାହିର ସମ୍ଭ୍ରାନ୍ତ ଦାସ ପରିବାରରେ । ତାଙ୍କ ପିତାଙ୍କ ନାମ ଶ୍ରୀଯୁକ୍ତ ସତ୍ୟବାଦୀ ଦାସ । କବିଙ୍କ ପିତାମହ ଶ୍ରୀଯୁକ୍ତ ସତ୍ୟ-ବାଦୀ ପଟ୍ଟନାୟକ ସେ କାଳର ଜଣେ ଅତି ବିଚକ୍ଷଣ ଓ ଅସାଧାରଣ ପ୍ରତିଭାଶାଳୀ ରାଜପୁରୁଷ ଥିଲେ । ରଣପୁର ରାଜ୍ୟର ସୁପରିଣ୍ଟେଣ୍ଡେଣ୍ଟ ଥିବା ସମୟରେ ସେ ସେହିଠାରେ ପ୍ରାଣତ୍ୟାଗ କରିଥିଲେ । ସେତେବେଳକୁ କବିଙ୍କ ପିତା ଗୋଲୋକକୃଷ୍ଣ ନଅ ବର୍ଷର ବାଳକ । ସେ ତାଙ୍କ ବିଧବା ମାତା ଶ୍ରୀମତୀ ଦେବୀଙ୍କର ନୟନମଣି ଥିଲେ ଏବଂ ବିପୁଳ ବିଭବ ମଧ୍ୟରେ ପ୍ରତିପାଳିତ ହୋଇଥିଲେ । କିନ୍ତୁ ତରୁଣ ବୟସରୁ ସେ ଏପରି ଅମିତବ୍ୟୟୀ ଏବଂ ଅପରିଣାମଦର୍ଶୀ ଦାନୀ ହୋଇ ପଡିଲେ ଯେ, ତାଙ୍କୁ କୋଡ଼ିଏ ବର୍ଷ ହେବା ବେଳକୁ ସେ ତାଙ୍କ ପୈତୃକ ସମସ୍ତ ବିଭବ ହରାଇ କେବଳ କେତେକ ଖଣ୍ଡ ସରବରାକାରୀର ମାଲିକ ହୋଇ ରହିଲେ । ସରକାରୀ ରାଜସ୍ୱର ଜମାଟର ତୋସରଫ ଯୋଗୁଁ ପ୍ରାୟ ୩୦ ବର୍ଷକାଳ ତାଙ୍କର ପ୍ରତିବର୍ଷ ଦେଅନ ଫାଟକ

ଔଷଧ କରିବାର ଅବସ୍ଥା ଅସି ପହଞ୍ଚିଥିଲା । କିନ୍ତୁ କୌଣସି ପୁଣ୍ୟ ଫଳରୁ କେଉଁଠୁଁ ହେଲେ ବି ଶେଷ କାଳକୁ ତାଙ୍କୁ ଟଙ୍କା ସାହାଯ୍ୟ ମିଳୁଥିଲା ଏବଂ ସେ ଦଣ୍ଡରୁ ଅଦ୍‌ଭୁତ ରୂପେ ରକ୍ଷା ପାଇ ଯାଉଥିଲେ । "ଦାରଣୀ" ନାମ୍ନୀ ଠାକୁରାଣୀ ତାଙ୍କର ଇଷ୍ଟ ଦେବୀ ଥିଲେ । ତାଙ୍କଠାରେ ବର୍ଷର ୩୬୦ ଦିନ ଦୈନିକ ଚଣ୍ଡୀ ଶୁଣିବା ଓ ନଇଅ ଭାଙ୍ଗିବା ତାଙ୍କର ବ୍ରତ ଥିଲା । ବୃଦ୍ଧ ବୟସରେ ଗୋଲୋକକୃଷ୍ଣଙ୍କୁ ସରବରାକାର ହସ୍ତାନ୍ତର କରିବାକୁ ଦିଆଇଥିଲା ଏବଂ ନିଜକୁ, ଓଡ଼ିଶାର କୁଳବୃଦ୍ଧ ମଧୁସୂଦନଙ୍କ ପରି ଦେବାଳିଆ ଘୋଷଣା କରିବାକୁ ମଧ୍ୟ ପଡ଼ିଥିଲା । ଶ୍ରୀମତୀ ରାଧା ଦେବୀ ମଧ୍ୟ ପରମ ଭକ୍ତିମତୀ ରମଣୀ ଥିଲେ । ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନ କରି ବାଲୁକେଶ୍ୱର ମହାଦେବଙ୍କ ବେଢ଼ା ଓଳାଇବା ଓ ଗୋପାଳଜୀଙ୍କଠାରେ ବାଲଭୋଗ କରାଇବା ତାଙ୍କର ନିତ୍ୟବ୍ରତ ଥିଲା । ବର୍ଷର ଅଧିକାଂଶ ଦିନ ତାଙ୍କର ବ୍ରତ ଉପବାସରେ କଟୁଥିଲା ।

ଗୋଲୋକକୃଷ୍ଣଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀଯୁକ୍ତ ପଦ୍ମଚରଣ ( ସେ କଟକ କଲେଜିଏଟ ସ୍କୁଲର ହେଡ଼ମାଷ୍ଟର କାମରୁ ଏବେ ଅବସର ନେଇ ପେନ୍‌ସନ୍ ପାଉଅଛନ୍ତି ) ଗୋଲୋକକୃଷ୍ଣଙ୍କ ଦୁଃସ୍ଥ ସଂସାରର କାଣ୍ଡାରୀ ଥିଲେ । କବି ଶ୍ରୀଯୁକ୍ତ ପଦ୍ମଚରଣଙ୍କ ଅନୁଜ । କବିଙ୍କ କନିଷ୍ଠ ଭ୍ରାତା ସବ୍‌ରେଜିଷ୍ଟ୍ରାର କାଳୀଚରଣ ଅକାଳରେ ମୃତ ହୋଇ ଅଛନ୍ତି ।

କବିଙ୍କ ବାଲ୍ୟକାଳ ବର୍ଣ୍ଣନାତୀତ ଦାରିଦ୍ର୍ୟ ଓ ଦୁଃଖ କଷ୍ଟରେ କଟିଥିଲା । କବି ୨୮ ବର୍ଷ ଯାଏଁ ସ୍କୁଲ ପାଇ ନ ଥିଲେ । ତାଙ୍କୁ ଛୁଇଁରେ ଗୁହ୍ଣିବାକୁ ହୋଇଥିଲା । ସେ ସେ ଠିଆ ହୋଇ

ସ୍କୁଲ୍ ଗୁଲ୍ ମଣିଷ ହେବେ ଏହା କେହୁ ଆଶା କରି ନ ଥିଲେ । କିନ୍ତୁ କୁଳଁରେ ଗାତ ଖୋଳି ଭଣ୍ଡିଁରେ ବାଲି ଦେଇ କବିଙ୍କୁ ଅଣ୍ଟା ଯାଏ ପୋତି କୃତ୍ରିମ ଭାବରେ ଠିଆ କରାଇବା ଫଳରେ ବହୁ ଦିନ ପରେ କବି ଠିଆ ହେବାକୁ ଓ ଚାଲି ବୁଲି କରିବାକୁ କ୍ଷମ ହେଲେ; କିନ୍ତୁ କବିଙ୍କ ରୋଗ ପୂରାପୂରି ସଲଖ ହେଲା ନାହିଁ । ଜନ୍ମାବଧିଭାଗ୍ୟ ସୂତ୍ରରେ ପ୍ରାପ୍ତ ଦାରିଦ୍ର୍ୟ ସହିତ ଗଞ୍ଜି ରୋଗ ଦେଖି କବି ଯେ ଜୀବନରେ କେତେ ତିକ୍ତ ଅନୁଭୂତି ହଜମ କରି ଅଛନ୍ତି ତାହା ଲେଖିଲେ ଗୋଟାଏ ପ୍ରକାଣ୍ଡ ବହି ହେବ । ସେ ବହି ଦିନେ ଅବଶ୍ୟ ଲେଖା ହେବ । ଆମ୍ଭେମାନେ ମନେକରୁଁ କବିଙ୍କ ଜୀବନକୁ ଅନୁଭୂତିବହୁଳ କରିବାକୁ ବିଶ୍ୱକର୍ମା ପରମେଶ୍ୱର ତାଙ୍କୁ ଜାଣି ଶୁଣି କଷଣର କଣ୍ଟକ କାନନ ଭିତରେ ବୁଲାଇ ଅଛନ୍ତି ଓ ଲୋତକ ନଦୀରେ ପହଁରାଇ ଅଛନ୍ତି । ତାହା ନ ହୋଇଥିଲେ ସେ ଅଙ୍କ 'କବିତା କୁମୁଦ' ପ୍ରଭୃତି ଗ୍ରନ୍ଥର କବି ହୋଇ ପାରି ନ ଥାନ୍ତେ ।

ଗୁରୁଦେବଙ୍କ ପିତାମହ ସତ୍ୟବାଦୀ କବି ଥିଲେ । ତାଙ୍କର ସମସ୍ତ କବିତା ତାଙ୍କ ମୃତ୍ୟୁପରେ ଘରପୋଡ଼ିରେ ନଷ୍ଟ ହୋଇଗଲା । ତାଙ୍କ ନିଜର ଯାତ୍ରା ଦଳ ଓ ଗୋଟିପୁଅ ଦଳ ଥିଲେ । ଗୁରୁଦେବଙ୍କ ପିତା ଗୋକୁଳକୃଷ୍ଣ ଜଣେ ପ୍ରସିଦ୍ଧ ଗୀତ ଗାୟକ ଥିଲେ ଓ ମାତା ରାଧା ଦେବୀ ତଥା କହିଲା ବେଳେ ମଧ୍ୟ ପ୍ରସଙ୍ଗାନୁସାରେ ପ୍ରାଚୀନ କାବ୍ୟ କବିତାର ଅଂଶମାନ ଓ ଲୋକର ପ୍ରବଚନମାନ ପ୍ରଗଳ୍ଭ ଭାବରେ ଉଚ୍ଚାର କରି ଯାଉଥିଲେ । ତାଙ୍କ କଥାବାର୍ତ୍ତାରେ ଗଦ୍ୟ ଅପେକ୍ଷା ପଦ୍ୟର ଉପାଦାନ ବେଶି ଥିଲା । ଗୁରୁଦେବ କହନ୍ତି ରାଧା ଦେବୀଙ୍କଠାରେ କଳିଙ୍ଗ ଭାରତୀଙ୍କ କଳା ଥିଲା ।

୭।୮ ବର୍ଷ ବୟସରୁ ଗୁରୁଦେବଙ୍କ କବିତା ଶକ୍ତିର ସ୍ଫୁରଣ ହୋଇ ଥିଲା । ସେତେବେଳେ ସୁଦ୍ଧା ସେ ଚଉତିଶା ଲେଖିପାରୁଥିଲେ । ୧୨ ବର୍ଷ ବେଳକୁ ସେ ଶାଆଁଳା ମଧ୍ୟ ଭର୍ଣ୍ଣାକୁଲାର ସ୍କୁଲର ସେକେଣ୍ଡ ପଣ୍ଡିତ ଓ ହେଡ଼ ପଣ୍ଡିତଙ୍କ ଅଦ୍ଭୁତ ସାହିତ୍ୟାଲୋଚନା ସଭାରେ ବୟସ୍କମାନଙ୍କୁ ସୁଦ୍ଧା କବିତାରେ ପରାଜିତ କରିପାରୁଥିଲେ । ତାଙ୍କ ବାଲ୍ୟଶିକ୍ଷକ ଦୁହେଁ ସେ ସମୟରେ ତାଙ୍କ ସାହିତ୍ୟିକ ଜୀବନ ସଂପର୍କରେ ଯେଉଁ ଭବିଷ୍ୟଦ୍‌ବାଣୀ କରିଥିଲେ ଆଜି ତାଙ୍କ ଭାରତୀ ଆଦ୍ୟ ଅର୍ଘ୍ୟ 'କବିତା କୁସୁମ'ର ପ୍ରକାଶରେ ତାହା ଅଂଶିକ ସଫଳ ହୋଇ ଅଛି ।

ଗୁରୁଦେବ ୧୯୧୨ ମସିହାରେ ଉଚ୍ଚ ପ୍ରାଇମେରୀ ପରୀକ୍ଷାରେ ଓ ୧୯୧୪ ମସିହାରେ ମଧ୍ୟ ଭର୍ଣ୍ଣାକୁଲାର ପରୀକ୍ଷାରେ ବୃତ୍ତି ପାଇଥିଲେ । ୧୯୧୫ ମସିହାରେ ସେ ଖୋର୍ଦ୍ଧା ହାଃ ଇଃ ସ୍କୁଲର ୫ମ ଶ୍ରେଣୀରେ ନାମ ଲେଖାଇ ଥିଲେ । ଶ୍ରୀଯୁକ୍ତ ପଦ୍ମଚରଣ ବାବୁ ଖୋର୍ଦ୍ଧା ହାଃ ଇଃ ସ୍କୁଲର ଆସିଷ୍ଟାଣ୍ଟ ମାଷ୍ଟର ଓ ଖୋର୍ଦ୍ଧା ହାଇସ୍କୁଲ ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ ଥିଲେ । ଗୁରୁଦେବ ତାଙ୍କ ସହିତ ହଷ୍ଟେଲରେ ରହୁଥିଲେ ।

ଇଂରାଜୀ ଭାଷା ଓ ସାହିତ୍ୟରେ ସେହି ଅଳ୍ପ ବୟସରେ ସୁଦ୍ଧା ଗୁରୁଦେବଙ୍କର ଅତି ଅସାଧାରଣ ବ୍ୟୁତ୍ପତ୍ତି ଥିଲା । ମାଟ୍ରିକ୍ ଚତୁର୍ଥ ଶ୍ରେଣୀରେ ପଢ଼ିଲା ବେଳକୁ ଗୁରୁଦେବଙ୍କ ଶିକ୍ଷକମାନେ କହୁଥିଲେ ଯେ ସେ ଇଂରାଜୀ ରଚନାରେ ବଙ୍ଗର ଖ୍ୟାତ ଲେଖକ ଲାଲବିହାରୀ ଦେଙ୍କ ସମକକ୍ଷ ହୋଇ ସାରିଅଛନ୍ତି । ଏଡ଼ ସେ ସମୟରେ ମହାକବି ସେକ୍ସପିୟରଙ୍କ କବିତା ମଧ୍ୟ ଅନୁବାଦ କରିପାରୁ ଥିଲେ । ପଣ୍ଡିତ କୃପାସିନ୍ଧୁ ହୋତା ମହୋଦୟ



କବିତା-କୁମୁଦ-କବି

ଶ୍ରୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକ

ସେ ସମୟରେ ଖୋର୍ଦ୍ଧା ସ୍କୁଲରେ ଶିକ୍ଷକର କରୁଥିଲେ । ତାଙ୍କ ସମ୍ପାଦିତ ପତ୍ରିକାରେ କବି ଯେଉଁ ସବୁ କବିତା ପ୍ରକାଶ କରୁ-ଥିଲେ ସେଥିରେ ତାଙ୍କ କବି ପ୍ରତିଭା ସମ୍ୟକ୍ ଫୁଟିଥିଲା । ଶ୍ରୀଯୁକ୍ତ ପଦ୍ମ ଚରଣ ବାବୁ ଖୋର୍ଦ୍ଧା ସ୍କୁଲ ଛାଡ଼ି ୧୯୧୮ ମସିହାରେ ସରକାର ସ୍ତବକରେ ବାଲେଶ୍ୱର ଯିବାରୁ ସାହିତ୍ୟ ଚର୍ଚ୍ଚାର ଅଧିକ ପ୍ରଶସ୍ତ କ୍ଷେତ୍ର ପାଇବେ ବୋଲି କବି ସେ ବର୍ଷ ସତ୍ୟବାଦୀ ହାଇସ୍କୁଲକୁ ବାହାରି ଗଲେ ଓ ସେକେଣ୍ଡ କ୍ଲାସରେ ନାମ ଲେଖା-ଇଲେ । ସତ୍ୟବାଦୀ ସ୍କୁଲର ମୁଖପତ୍ରରେ ମଧ୍ୟ କବିଙ୍କର ମିଲ୍‌ଟନ୍‌ଙ୍କ ସେକ୍ସପିୟରଙ୍କ ସମ୍ବନ୍ଧୀୟ କବିତାର ଅନୁବାଦ ଆଦି ପ୍ରକାଶ ପାଇଥିଲା ।

୧୯୨୦ ମସିହାରେ ସତ୍ୟବାଦୀ ହାଇ ସ୍କୁଲରୁ ମାଟ୍ରିକୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଗୁରୁଦେବ ନିଜର ନିଃସମ୍ବଳ ଅବସ୍ଥା ଓ ଶାରୀରିକ ପ୍ରତିବନ୍ଧକକୁ ଭ୍ରୁକ୍ଷେପ ନ କରି ରେଭେନ୍‌ସା କଲେଜରେ ଆଇ, ଏ, କ୍ଲାସରେ ନାମ ଲେଖାଇ କଲେଜ ହଷ୍ଟେଲରେ ଅବସ୍ଥାନ କରିଥିଲେ । ସେ ବର୍ଷର ପ୍ରଥମ ବାର୍ଷିକ ଶ୍ରେଣୀର ପ୍ରଥମ ତ୍ରୈମାସିକ ପରୀକ୍ଷାରେ ଗୁରୁଦେବ ଇଂରାଜୀରେ ଶତକଡ଼ା ୮୪ ନମ୍ବର ପାଇଥିଲେ । ପରୀକ୍ଷକ ତତ୍କାଳୀନ ଇଂରାଜୀ ଅଧ୍ୟାପକ ତାଙ୍କ ରଚନା ଶୈଳୀରେ ଏତେ ମୁଗ୍ଧ ଓ ବିସ୍ମିତ ହୋଇଥିଲେ ଯେ ପ୍ରିନ୍‌ସିପାଲଙ୍କ ଅନୁମୋଦନ କ୍ରମେ ସେ ଉକ୍ତ ଖାତାକୁ କଲେଜର ଆଇ: ଏ: ଓ ବି: ଏ: ଟିଉଟୋରିଆଲ କ୍ଲାସ ମାନଙ୍କରେ ଛାତ୍ରମାନଙ୍କୁ ପଢ଼ି ଶୁଣାଇଥିଲେ ଏବଂ କହୁଥିଲେ ଯେ ଇଂରାଜୀ ସାହିତ୍ୟର ଶ୍ରେଷ୍ଠ ଲେଖକ ମାକଲେଙ୍କ ଲେଖା ସଙ୍ଗେ କବିଙ୍କ ଲେଖା ସମାନ । ସେହି ବର୍ଷ

(୧୯୨୦) ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ
ହେବାରୁ କବି ଅସହଯୋଗୀ ହେଲେ ଏବଂ ପଢା ସ୍ଥଗିତ ୧୯୨୩
ମସିହା ପର୍ଯ୍ୟନ୍ତ ପୁରୀଠାରେ ଅବସ୍ଥାନ କଲେ । ଇଟାଲୀୟ ମହାକବି
ଦାନ୍ତେଙ୍କର ବେଟ୍ରିସଙ୍କ ସଙ୍ଗେ ଦେଖା ହେଲା ପରି କବିଙ୍କର
ଏହିଠାରେ ତାଙ୍କ ଏକାଦଶ ବର୍ଷୀୟା ବାଳିକା ପ୍ରଣୟିନୀଙ୍କ
ସହିତ ଆଦ୍ୟ ଭେଟ ଓ ଶେଷ ଭେଟ ହେଲା । ଜୀବନରେ ଯଶସ୍ୱୀ
ହୋଇ ତାଙ୍କୁ ଲାଭ କରିବେ ବୋଲି ସେ ପୁଣି କଲେଜରେ
ଯୋଗ ଦେଲେ ଓ ୧୯୨୪ ମସିହାରେ ଆଇ. ଏ. ପାସ କଲେ ।
କିନ୍ତୁ ବି. ଏ. ପଢ଼ିବାକୁ ଘରୁ ଆଉ ସାହାଯ୍ୟ ନ ମିଳିବାରୁ କବି
ସ୍ୱଭାବ ସୁଲଭ ସାହସରେ ସେ କୌଣସି ମତେ ପାଠ ପଢ଼ିବା
ପାଇଁ ରିକ୍ତହସ୍ତ ଅବସ୍ଥାରେ କଲେଜରେ ପହଞ୍ଚିଲେ । ଅଧ୍ୟାପକ
(ବର୍ତ୍ତମାନ ରାୟ ବାହାଦୁର) ଶ୍ରୀଯୁକ୍ତ ଆର୍ତ୍ତବଲ୍ଲଭ ମହାନ୍ତି କବିଙ୍କର ସେ
ସମୟରେ ପ୍ରକୃତ ପୋଷକତା କରିଥିଲେ ଏବଂ ସେହି ଦିନୁଁ ତାଙ୍କୁ
ପ୍ରାଚୀ ସମିତିର ଭଜ୍ଞାଷ୍ୟ ସଂପାଦକ ରୂପେ ବାଛି ନେଇ ଥିଲେ ।
ବି. ଏ. ଫୋର୍ଥଇୟର କ୍ଲାସର ଛାତ୍ର ଥାଇ ସୁଦ୍ଧା କବି ଥାର୍ଡ ଇୟର
କ୍ଲାସର ଜଣେ ଛାତ୍ର ଅର୍ଥାତ ପୁରୀର ତତ୍କାଳୀନ ଜିଲ୍ଲା ମାଜିଷ୍ଟ୍ରେଟ୍
ଦେବାନ ବାହାଦୁର ଦୟାନିଧି ଦାସଙ୍କ ପୁଅ ଜାମାଇଁ ଚରଣଙ୍କର
ଇଂରାଜି ଅନର୍ସ ଟିଉଟର ହୋଇଥିଲେ ଓ ଦେବାନ ବାହାଦୁର
କବିଙ୍କ ବି. ଏ. ଓ ବି. ଏଲ. ପଢ଼ାର ସମସ୍ତ ଖର୍ଚ୍ଚ ବହନ
କରିଥିଲେ । ୧୯୨୭ ମସିହାରେ କବି ବି. ଏ. ପାସ କଲେ ଓ ବି.
ଏଲ୍. କ୍ଲାସରେ ନାମ ଲେଖାଇଲେ । କିନ୍ତୁ ଦୁର୍ଦ୍ଦୈବର କୂଟରେ
କବିଙ୍କର ଦାନ୍ତେଙ୍କ ପରି ପ୍ରଣୟରେ ନୈରାଶ୍ୟ ଘଟିଲା ଏବଂ
କବିଙ୍କ ଜୀବନରେ ଏକ ଅତୀବ ରୋମାଞ୍ଚକର କାଣ୍ଡ ସଂଘଟିତ
ହେଲା । ତହିଁରୁ ଉକ୍ତ କବି ଅନ୍ଧ ଲେଖିଲେ ।

"କଳପନା ମଣ୍ଡୁରୁହେ ବାସ୍ତବ ଅଶନି
ଭାଳନେକ ବନ୍ଧୁ ଏଥିରେ ! ଥିଲ୍ ନାହିଁ ଜାଣି
ଶର ବିଚ୍ଛେଦ ବଜ୍ରେ
ଲୁଟି ଯାଇ ବାଟରେ ଆଉ ନ ହୋଇବୁ ଉଦେ ।"

୧୯୨୮ ମସିହାରେ କବି ପୁରୀଜିଲ୍ଲା ଓଲସିଂହ ହାଇ ସ୍କୁଲର ଅସିଷ୍ଟାଣ୍ଟ ହେଡ଼ମାଷ୍ଟର ପଦବୀ ଗ୍ରହଣ କଲେ । ଇତି ମଧ୍ୟରେ ପ୍ରାଚୀ ସମିତି ଗଠିତ ହେଲା । ସେ ତହିଁର ସମ୍ପାଦକ ନିର୍ବାଚିତ ହୋଇ ଓଲସିଂହ ଠାରେ ରହିବାର କାଳ ସଙ୍ଗେ ସଙ୍ଗେ ପ୍ରାଚୀ ସମିତି ପାଇଁ ଅନୁଗତ ଛାତ୍ରମାନଙ୍କଦ୍ୱାରା ଖାଡ଼ଙ୍ଗା ଭଗବତ, ରୁକ୍ମିଣୀ ହରଣ, ବୃହତ୍ ଗୋପୀଭାଷା ପ୍ରଭୃତି ବହୁ ସଂଖ୍ୟକ ଦୁର୍ଲଭ ଓ ଅପ୍ରକାଶିତ ଗ୍ରନ୍ଥର ପୋଥି ସଂଗ୍ରହ କରାଇଥିଲେ । ସ୍କୁଲର ଛାତ୍ରମାନେ କବିଙ୍କୁ ଦେବତା ତୁଲ୍ୟ ଭକ୍ତି କରୁଥିଲେ ଓ ତାଳପତ୍ର ପୋଥି କବିଙ୍କର ପ୍ରିୟତମ ପଦାର୍ଥ ଥିବାରୁ ତାହା ଘରୁ ଆଣି ତାଙ୍କ ପାଖରେ ଉପଢୌକନ ରୂପେ ଅର୍ପଣ କରୁଥିଲେ । ଓଲସିଂହ ହାଃଇଃ ସ୍କୁଲ ଛାଡ଼ିଲା ପରେ ୧୯୩୦ ମସିହାରେ କବି କଟକରେ 'ପ୍ରାଚୀ ସମିତି'ରେ ମାସିକ ଟ ୩୦୯ ମାସ ଭତ୍ତା ନେଇ ତହିଁର ଅବୈତନିକ ସମ୍ପାଦକ ଓ ପ୍ରାଚୀ ପ୍ରେସ୍‌ର ସୁପରିଣ୍ଟେଣ୍ଡେଣ୍ଟ ହୋଇ ରହିଲେ । ୧୯୩୧ ମସିହାରେ ଇଂରାଜୀ 'ପ୍ରାଚୀ' ପତ୍ରିକା ପ୍ରକାଶ ହେବାରୁ ସେ ତହିଁର ସମ୍ପାଦକ ହେଲେ । ଏହା ଛଡ଼ା ଶଶିରେଖା, ରଜତଶା ମଧୁରକ ପ୍ରଭୃତି ୧୨ ଖଣ୍ଡ ପ୍ରାଚୀ ଗ୍ରନ୍ଥର ମଧ୍ୟ ସମ୍ପାଦନ କରିଥିଲେ । ଇଂରାଜୀ 'ପ୍ରାଚୀ' ପତ୍ରିକାରେ ଉପେନ୍ଦ୍ର, ଦୀନକୃଷ୍ଣ, ଅଭିମନ୍ୟୁ ଓ କବିସୂର୍ଯ୍ୟାଦି ପ୍ରାଚୀନ କବିମାନଙ୍କ କବିତାର ଯେଉଁ ଇଂରାଜୀ ଅନୁବାଦ ପ୍ରକାଶ କରିଥିଲେ ତାହା ଏକା

ଭାରତର ନୁହେଁ, ଇଂଲଣ୍ଡ ଓ ଆମେରିକା, ଓ ଜର୍ମାନୀର ବିଦ୍ୱଜ୍ଜନ ମଣ୍ଡଳୀକୁ ମୁଗ୍ଧ କରିଥିଲା ଏବଂ ଉତ୍କଳରେ ସମସ୍ତେ ଆଶା କରିଥିଲେ ଯେ କବିଙ୍କ ଲେଖନୀ ବଳରେ ଉତ୍କଳର ପ୍ରାଚୀନ ସାହିତ୍ୟ ବିଭବ ଧନେ ସଭ୍ୟ ଜଗତର ଗୋଚରୀଭୂତ ହେବ । କିନ୍ତୁ ବିଧାତାଙ୍କ ଇଚ୍ଛା ଅନ୍ୟ ପ୍ରକାର ଥିବାରୁ ୧୯୩୪ ମସିହାରେ କବି 'ପ୍ରାଚୀ ସମିତି'ରୁ ବିଦାୟ ନେଲେ ଓ ପ୍ରାଚୀ ପତ୍ରିକାର ପ୍ରକାଶ ଇତିଶ୍ରୀ ହେଲା । ଏହାପରେ କବି ଇଂରାଜୀ 'ବୈତରଣୀ' ପତ୍ରିକାର ସମ୍ପାଦକ ହୋଇ ଥିଲେ ଏବଂ 'କଣ୍ଟ୍ରୋଲ ଅଫ ଦ ଓଡ଼ିଶା ଏକାଡ଼େମୀ' ଓ ଓଡ଼ିଆ 'ଜାଗରଣ' ପତ୍ରିକାର ସମ୍ପାଦନ ସହିତ ସହସମ୍ପାଦକ ରୂପେ ସଂପୃକ୍ତ ହୋଇଥିଲେ ।

ସେହି ବର୍ଷ (୧୯୩୪) କବି ଭାଷାକୋଷକାର ସ୍ୱର୍ଗତ ସାହିତ୍ୟ-ଭୂଷଣ ରାୟ ବାହାଦୁର ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଭାଷାକୋଷ ଅଫିସରେ ତାଙ୍କର ସହକର୍ମୀ ହେଲେ । ଦୁଇବର୍ଷ ପୂର୍ବେ ସେ ଉତ୍କଳ ସାହିତ୍ୟ ସମାଜର ମଧ୍ୟ ସହକାରୀ ସମ୍ପାଦକ ହୋଇ ଥିଲେ । ଉତ୍କଳ ସାହିତ୍ୟ ସମାଜ ଜରିଆରେ ପ୍ରାଚୀନ ଶୈଳୀର କବିତାକୁ ଜନପ୍ରିୟ କରିବା ତାଙ୍କର ବ୍ରତ ଥିଲା । ସେ ୧୯୩୨ ମସିହାରୁ ୧୯୪୪ ମସିହା ପର୍ଯ୍ୟନ୍ତ ସହକାରୀ ସମ୍ପାଦକ ଓ ସମ୍ପାଦକ ରୂପେ ଉକ୍ତ ଅନୁଷ୍ଠାନର ସେବା କରିଥିଲେ । ତାଙ୍କ ଅମଳରେ କବି କଳହଂସ ଗୋପାଳ କୃଷ୍ଣ ଓ କବିବର ରାଧାନାଥଙ୍କ ପ୍ରତିମୂର୍ତ୍ତି ଶ୍ରୀରାମଚନ୍ଦ୍ର ଭବନରେ ସ୍ଥାପିତ ହୋଇଥିଲା ଏବଂ ଉତ୍ତର୍ଣ୍ଣ-ପର ଦୁଇଥର "ସାହିତ୍ୟ ସପ୍ତାହ" ଉତ୍ସବ ଅନୁଷ୍ଠିତ ହୋଇଥିଲା । ୧୯୪୪ ମସିହାର ଶେଷ ଭାଗକୁ ଉତ୍କଳ ସାହିତ୍ୟ ସମାଜରୁ

ତହିଁର ଲାଇବ୍ରେରୀକୁ ଉଠାଇ ନେବାର ଉଦ୍ୟମ ହେବାରୁ ସେ ଉତ୍କଳ ସାହିତ୍ୟ ସମାଜରୁ ଇସ୍ତଫା ଦେଇ ଅଲଗା ହୋଇ ଗଲେ । ଭାଷାକୋଷ ଆଶ୍ରମରେ ସେ ସ୍ୱର୍ଗତ ପ୍ରହରାଜଙ୍କର ଡାହାଣ ହାତ ଥିଲେ । ପ୍ରହରାଜଙ୍କ ମୃତ୍ୟୁ ପର୍ଯ୍ୟନ୍ତ କବିଙ୍କର ତାଙ୍କ ସହିତ ଘନିଷ୍ଠତା ଥିଲା । କବି କହନ୍ତି ସ୍ୱର୍ଗତ ଅଧ୍ୟାପକ ଲକ୍ଷ୍ମୀକାନ୍ତ ଚୌଧୁରୀ, ସ୍ୱର୍ଗତ ରାୟ ବାହାଦୁର ଗୋପାଳ ଚନ୍ଦ୍ର ପ୍ରହରାଜ ଓ ରାୟ ବାହାଦୁର ଅର୍ତ୍ତ ବଲ୍ଲଭ ମହାନ୍ତିଙ୍କ ତୁଲ୍ୟ ସଂସାରରେ ତାଙ୍କର ବିପଦବନ୍ଧୁ କେହି ନାହାନ୍ତି । ସ୍ୱର୍ଗତ ପ୍ରହରାଜ କବିଙ୍କ ପ୍ରତିଭାରେ ଏତେ ମୁଗ୍ଧ ହୋଇଥିଲେ ଯେ ସେ କବିଙ୍କୁ ସାର୍ଟିଫିକେଟ ଦେଇ ତହିଁରେ ଲେଖିଥିଲେ " ବାଞ୍ଛନ ଚରଣଙ୍କର ଓଡ଼ିଆ ଓ ଇଂରାଜି ଉଭୟ ଭାଷାରେ ଏତେ ଦଖଲ ଅଛି ଯେ ତାହା ଦେଖି ତାଙ୍କ ପ୍ରତି ମୋର ଈର୍ଷା ହୁଏ ।" ଏହା କେତେ ଅନ୍ତରଙ୍ଗ ଶ୍ରଦ୍ଧାର ପରିସ୍ଫୁଟ ସହଜରେ ଅନୁମେୟ ।

ଗୁରୁଦେବଙ୍କ ମାତା ଓ ପିତା ଯଥାକ୍ରମେ ୧୯୩୪ ଓ ୧୯୩୭ ମସିହାରେ ପ୍ରାଣତ୍ୟାଗ କରିଥିଲେ ।

ଗୁରୁଦେବ ୧୯୩୮ ମସିହାରେ ଓଡ଼ିଶା ସେକ୍ରେଟେରିଏଟର ଭୂତପୂର୍ବ ରେଜିଷ୍ଟ୍ରାର ପୁରୀଜିଲ୍ଲା ଗୁଆଣିଅ ଗ୍ରାମ ନିବାସୀ ଶ୍ରୀଯୁକ୍ତ ଜଗତ ବଲ୍ଲଭ ଦାସ ବି, ଏ, ଙ୍କ କନିଷ୍ଠା ଭଗିନୀ ଶ୍ରୀମତୀ ନେହ-ମଣି ଦେବୀଙ୍କୁ ବିବାହ କରିଥିଲେ । ୧୯୪୧ ମସିହାରେ ସେ ବି, ଏଲ, ପାସ କରିଥିଲେ ଏବଂ ୧୯୪୧ ମସିହାରେ କଟକ ହାଇକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ । ୧୯୪୨ ମସିହାରେ କବିଙ୍କର ପ୍ରଥମ ସନ୍ତାନ ରାଧା ଗୋବିନ୍ଦ ଜନ୍ମ ଗ୍ରହଣ କରିଥିଲେ । କିନ୍ତୁ ୨୩

ମାସ ବୟସରେ ଅକାଳରେ ତାଙ୍କର ମୃତ୍ୟୁ ହେଲା ( କବିତା କୁମୁଦର ୩୩ ନମ୍ବର କବିତା )। କବିଙ୍କର ବର୍ତ୍ତମାନ ଜୀବିତ ସନ୍ତାନ ଦୁଇ ଗୋଟି।

୧। ପୁତ୍ର ଶ୍ରୀମାନ ପୁରୁଷୋତ୍ତମ, ଜନ୍ମ ୧୯୪୩ ମସିହା।

୨। କନ୍ୟା ଶ୍ରୀମତୀ ରାଜଲକ୍ଷ୍ମୀ, ଜନ୍ମ ୧୯୪୭ ମସିହା।

୧୯୪୨ ମସିହାରେ କବି ଓଡ଼ିଶା ସରକାରଙ୍କର ଆଡ଼ିସନାଲ ଓଡ଼ିଆ ଟ୍ରାନ୍ସଲେଟର ରୂପେ ନିଯୁକ୍ତ ହୋଇଥିଲେ। ବର୍ତ୍ତମାନ ସେ ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗର ସ୍ପେଶିଆଲ ଟ୍ରାନ୍ସଲେଟର। ୧୯୪୩ ମସିହାରେ କବି ଉତ୍କଳ 'ସ୍ୱଦେଶ ସାହିତ୍ୟ ସମାଜ' ପ୍ରତିଷ୍ଠା କରିଥିଲେ ଏବଂ ଗତବର୍ଷ ୧୯୪୫ ମସିହାରେ କଳିଙ୍ଗ ଭାରତୀ ପ୍ରତିଷ୍ଠାନ ସ୍ଥାପନ କରି ଅଛନ୍ତି। କବିତା କୁମୁଦ କଳିଙ୍ଗ ଭାରତୀର ଆଦ୍ୟ ଅର୍ଘ୍ୟ।

ଗୁରୁଦେବଙ୍କ ରଚନା ଶୈଳୀ ଅଦ୍ଭୁତ। ତହିଁରେ ଉପେନ୍ଦ୍ର ଭଞ୍ଜଙ୍କ ରସିକତା, ଦୀନକୃଷ୍ଣଙ୍କ ଲାଳିତ୍ୟ, କବିସୂର୍ଯ୍ୟଙ୍କ ସଙ୍ଗୀତ ଓ ଜଗନ୍ନାଥ ଦାସଙ୍କ ସାରଲ୍ୟ ଏକାଧାରରେ ଲକ୍ଷିତ ହୁଏ। 'କବିତା କୁମୁଦ' ପରେ ଅନ୍ୟ ଯେଉଁ ସବୁ ଗ୍ରନ୍ଥ ପ୍ରକାଶିତ ହେବ ତାହା ଆମ୍ଭମାନଙ୍କ ଉକ୍ତିକୁ ପୂର୍ଣ୍ଣ ଭାବରେ ପ୍ରମାଣିତ କରିବ। ଆମ୍ଭେମାନେ ତାଙ୍କୁ ଗୁରୁଦେବ ରୂପେ ଲାଭ କରି ଧନ୍ୟ ଓ କୃତାର୍ଥ ହୋଇଅଛୁଁ। କଳିଙ୍ଗ ଜନନୀଙ୍କ ମୁଖ ସମୁଜ୍ଜ୍ୱଳ କରିବାକୁ ପ୍ରଭୁ ତାଙ୍କୁ ଶତାୟୁ ପ୍ରଦାନ କରନ୍ତୁ ଏହାହିଁ ପ୍ରତ୍ୟେକ କଳିଙ୍ଗ ବାସୀର ମିନତିମୟ ପ୍ରାର୍ଥନା।

ଜୟ ମା କଳିଙ୍ଗ ଭାରତୀ

# ମୁଖବନ୍ଧ

ଦେଶର ସହଜ ସାହିତ୍ୟର ପରମ୍ପରା ଅକ୍ଷୁଣ୍ଣ ରଖିବା ପ୍ରକୃତ ବୁଦ୍ଧିମାନ ସାହିତ୍ୟପ୍ରାଣଙ୍କର ଅବଶ୍ୟ କର୍ତ୍ତବ୍ୟ । ଦୈବ ବିଡ଼ମ୍ବନାରୁ ଶିକ୍ଷା ପଦ୍ଧତିରେ ଉତ୍କଳ ସାହିତ୍ୟ ଅନୁଶୀଳନର ଅଯଥା ପରିବର୍ତ୍ତନ ହେତୁ ଜାତୀୟ ଭାଷା ଓ ସାହିତ୍ୟର ସହଜ ଭାବ ବିଦୂରିତ ହେଲା । ମଧ୍ୟଯୁଗରେ କଳା-ବିଭବର ଆଧିକ୍ୟ ଦୂଷଣୀୟ, ଏହୁ ଭାବ ଯେଉଁମାନେ ପୋଷଣ ଓ ଘୋଷଣା କରନ୍ତି ଏହା ସେମାନଙ୍କର ଅବଶ୍ୟ ଜ୍ଞାତବ୍ୟ ଯେ ସେ ଯୁଗର କବିମାନଙ୍କରେ ଭାଷାର ସହଜ ଭାବ ଉକ୍ତି ଚାତୁର୍ଯ୍ୟ ଓ ବୈଚିତ୍ର୍ୟମୟ କଳା ବିଭବ ସହ ସମଭାବରେ ଅନ୍ତଃସଲିଳା ଫଲ୍‌ଗୁବତ୍‌ ଅବାଧରେ ଗତି କରୁଥିଲା । କିନ୍ତୁ ନୂତନ ପଦ୍ଧତିର ପ୍ରବର୍ତ୍ତନ ହେତୁ ସଂସ୍କୃତ ଭାଷାର କାରକ ପ୍ରକ୍ରିୟା ତଥା ଶବ୍ଦ ଯୋଜନା ଉତ୍କଳ ଭାଷାରେ ନିଜର ଆଧିପତ୍ୟ ବିସ୍ତାର କଲା । ମଧ୍ୟଯୁଗର କବିମାନେ ଉତ୍କଳ ସାହିତ୍ୟରେ କଳା ବିଦ୍ୟାର ପ୍ରୟୋଗ ପ୍ରକ୍ରିୟାରେ ନିଜର ଚାତୁର୍ଯ୍ୟ ଓ ନୈପୁଣ୍ୟ ଦର୍ଶାଇ ରସାନୁକୂଳ ଗୁଣର ଅନୁରୋଧରେ ବର୍ଷର ଋତ୍ୟନୁଯାୟୀ ଉପଯୁକ୍ତ ରାଗରାଗିଣୀ ତଥା ବୃତ୍ତର ପ୍ରବର୍ତ୍ତନ ଦ୍ୱାରା କାବ୍ୟରଚନା କରୁଥିଲେ ଓ ସଂଗୀତର ମାଧୁର୍ଯ୍ୟ ଛନ୍ଦରେ ପରିସ୍ଫୁଟ କରାଇ ପାରୁଥିଲେ । ଉତ୍କଳର ପ୍ରାଚୀନ ପଦ୍ୟ ସାହିତ୍ୟ ଯେଉଁ ବିଦ୍ୱନ୍ମଣ୍ଡଳୀ ସବିସ୍ତର ଅନୁଶୀଳନ କରନ୍ତି ସେହିମାନେ

ଷ୍ଟି ଏହି ଉତ୍କଳର ସୀରବର୍ଣ୍ଣା ହୃଦୟରେ କଳନା କରି ପାରିବେ ଏଥିରେ ସନ୍ଦେହର ସ୍ୱଳ୍ପମାତ୍ର ଅବକାଶ ନାହିଁ । ପାଶ୍ଚାତ୍ୟ ଶିକ୍ଷାର ଶୈଳୀ ଅନୁସାରେ ପାଠ୍ୟ ପୁସ୍ତକର ଅଭାବ ସକାରଣ ହେଉ ବା ଅକାରଣ ହେଉ ଉପଲବ୍ଧି ହେଲା ଏବଂ ସେହି ଅଭାବ ପରିପୂରଣ ନିମିତ୍ତ ନୂତନ ରୀତିର ଗ୍ରନ୍ଥମାନ ଉତ୍କଳ ଭାଷାବିଦ୍‌ଙ୍କ ଦ୍ୱାରା ଲିଖିତ ହେଲା । ଇଂରାଜୀ ସାହିତ୍ୟର ପ୍ରକୃତ ଓ ରୀତିରେ ଅନୁପ୍ରାଣିତ ଉତ୍କଳର ତଦାନୀନ୍ତନ କୃତବିଦ୍ୟ ବ୍ୟକ୍ତିଗଣ ପାଶ୍ଚାତ୍ୟ ସାହିତ୍ୟକୁଶଳ ସମକାଳୀନ ବଙ୍ଗୀୟ ଲେଖକଗଣଙ୍କ ପଦାଙ୍କ ମଧ୍ୟ ଅନୁସରଣ କରି ସଂସ୍କୃତ ଭାଷାର ସ୍ୱରୂପକୁ ଉତ୍କଳ ଭାଷାରେ ଉପସ୍ଥାପିତ କଲେ ଏବଂ ତତ୍‌ସହ ଇଂରାଜୀ ରୀତି ମଧ୍ୟ ଅଜ୍ଞାତସାରରେ ହେଉ ଅବା ଜ୍ଞାତସାରରେ ହେଉ ଉତ୍କଳ ଭାଷାରାଜ୍ୟରେ ଅକ୍ଷେପ କଲେ; ପାଶ୍ଚାତ୍ୟ ସାହିତ୍ୟ ତଥା ଭାଷାର ରୂପଶ୍ରୀ ତଥା ପ୍ରକୃତିର ଅପାର ମଣୀୟତାର ବ୍ୟାମୋହରେ ମୁଗ୍ଧ ହୋଇ ଉତ୍କଳଭାଷାର ବିଶିଷ୍ଟତା ପ୍ରତି ଅବହେଳା ପ୍ରଦର୍ଶନ କଲେ ।

ଏହି ଅବସ୍ଥା ସଂଦର୍ଶନରେ ବ୍ୟଥିତ ହୋଇ ମୁଁ ଉତ୍କଳ ଭାଷା ତଥା ସାହିତ୍ୟର ସହଜ ଭାବ ଲୋକସାଧାରଣ ସମକ୍ଷରେ ଉପସ୍ଥାପିତ କରିବା ମାନସରେ ମନାସ କରି ବଦ୍ଧ ପରିକର ହୋଇ ପ୍ରାଚୀନ ସାହିତ୍ୟର ଅନୁଶୀଳନରେ ପ୍ରବୃତ୍ତ ହେଲି । ଯେଉଁ ଛାତ୍ରବର୍ଗ ଏ ସୁବୃହତ୍ କାର୍ଯ୍ୟରେ ମୋର ସହଭାଗୀ ହୋଇଥିଲେ ତନ୍ମଧ୍ୟରେ ଶ୍ରୀମାନ୍ ବିଛନ୍ଦଚରଣ ମୁଖ୍ୟତମ । ତାଙ୍କର ସ୍ୱଦେଶପ୍ରାଣତା ହେତୁ ସେ ଛାତ୍ରାବସ୍ଥାରୁ ପ୍ରାଚୀନ ସାହିତ୍ୟରେ ଅନୁରାଗୀ ହୋଇ ତାହାର ଉଦ୍ଧାର କଳ୍ପେ ବ୍ରତୀ ହେଲେ । ସେ ବିଶେଷ ବିଶେଷ ସ୍ଥଳରୁ ବିଷମ ପରିଶ୍ରମ ସହ ସୁଷମ ସୁମନସମୂହ

ସଂଗ୍ରହ କରି ସୁରଭି ସୁମନାମାନର ସରସ ମାନସସୁରସରେ ସଂନ୍ନି-ବେଶିତ କରିଅଛନ୍ତି । ଶଶିରେଖା କାବ୍ୟ ଓ ଚଉତିଶା ମଧୁରଙ୍କ ପ୍ରଭୃତି ସମୁଚିତ ଯୋଜନାରେ ସମ୍ପାଦନପୂର୍ବକ ସାର ସାହିତ୍ୟ ସାର ସରସ ରସିକଭାବ ଅନ୍ତଃସରଣୀ ଆଶ୍ରୟ ପୁରଃସର ସାରଲ୍ୟସଦ୍ଭାବରେ ସୁଷମା ସମ୍ଭାରର ସମନ୍ୱୟ କରି ଶିକ୍ଷିତ ସୁଧୀସମୂହର ସାତିଶୟ ବିସ୍ମୟୋତ୍ପାଦନରେ ସମର୍ଥ ହୋଇ ଅଛନ୍ତି । ପ୍ରାଚୀ ସମିତି ପକ୍ଷରୁ ପ୍ରକାଶିତ "ପ୍ରାଚୀ" ପତ୍ରିକାର ସୁବୋଧ୍ୟ ପଦବୀରେ ପ୍ରାପ୍ତାଧିକାର ହୋଇ ସେ କଳାକୁଶଳ ଉତ୍କଳ ଗୌରବର ପରାକାଷ୍ଠା ପ୍ରଦର୍ଶନ ପୂର୍ବକ ନିଜର କର୍ମଦକ୍ଷତା ତଥା ପରନ୍ତୁ ଦେଶପ୍ରାଣତାର ପ୍ରକୃଷ୍ଟ ପରିଚୟ ପ୍ରଦାନ କରିଅଛନ୍ତି । ସେ ଉତ୍କଳର କାବ୍ୟକୁଞ୍ଜରୁ କମନୀୟ କୁସୁମନିବହର ପ୍ରାଣତର୍ପଣକର ସୌରଭକୁ ଇଂରାଜୀ ଭାଷାରେ ବିକୀରଣ କରି କାବ୍ୟରସିକ ତଥା କାନ୍ତକଳାପଙ୍କର ଚମତ୍କାର ପ୍ରତିପାଦନ କରି ପାରିଅଛନ୍ତି । ଉତ୍କର୍ଷ କଳାଧାରା ଉତ୍କଳର କାବ୍ୟ କବିତାଚୟ ଶିଶୁର ଉଲ୍ଲାସକ ପଦକଦମ୍ବକଦର-ସ୍ମିତ, ପୁନଶ୍ଚ ଉନ୍ମଧୁସ୍ମିତ ସଙ୍ଗୀତ ଧାର ଲାବଣ୍ୟ ମାଧୁର୍ଯ୍ୟମୟୀ ସୁଧାରସନିଷ୍ୟନ୍ଦନୀ ମନ୍ଦାକିନୀ । ପ୍ରାଚୀନଯୁଗର ରସିକ କବିପ୍ରିୟ କବିନିକରଙ୍କ ମଧୁର ଦିବ୍ୟକଣ୍ଠ ଦେଶରୁ ନିଃସୃତି ହୋଇ ସେହି ମନ୍ଦାକିନୀର ଅମନ୍ଦ ମନ୍ଦ୍ରଧାରା ବିବିଧ ସୁନ୍ଦର ଛନ୍ଦରେ ଅବିରାମ ବେଗରେ ଉତ୍କଳ ଧରଣୀ ମଣ୍ଡଳ ବକ୍ଷ ପ୍ଲାବିତ କରିଥିଲା । କିନ୍ତୁ ପରତାପର ବିଷୟ ସଂଗୀତର ସେହି ସହଜ ସ୍ୱଚ୍ଛନ୍ଦ ମଧୁର ଅବିରାମ ପ୍ରବାହ ନୂତନ ଅପ୍ରାକୃତ ଛନ୍ଦର ବନ୍ଧରେ ହତଶ୍ୱାସ ହୋଇ ଅତି ମନ୍ଥର-ଗତି ପ୍ରାପ୍ତ ହେଲା । ଦେଶକାଳପାତ୍ର ଭେଦରେ ଅବସ୍ଥା ବିଶେଷ-ଗତ ବିଷୟ ବସ୍ତୁର ଓ ତଦ୍‌ବର୍ଣ୍ଣିତ କ୍ରିୟାକଲାପ କୁ ସ୍ୱରରେ କୁ ଭାଷାରେ ବା ଛନ୍ଦର ବନ୍ଧରେ ଉପସ୍ଥାପିତ କରିବାକୁ ହେବ

ଯୁଗ ଯୁଗର ପ୍ରେରଣା, ଅନୁଭୂତ ଫଳରେ ଏହାର ଯେ ସିଦ୍ଧାନ୍ତ ହୋଇଥିଲା ତାହାର ଉପଯୋଗିତା ତଥା ଅନୁପଯୋଗିତା ବିଚାର ନ କରି ତଦ୍‌ପ୍ରତି ଅବହେଳା ପ୍ରଦର୍ଶନ କରିବା ଘୋର ଅବିମୃଶ୍ୟ-କାରିତାର ବିଷୟ । ପୁରାତନ ବିଷୟ ସକଳ ଯେ ଶୁଦ୍ଧିପୂତ ଏପରି ଭାବ ପୋଷଣକାରୀ ବ୍ୟକ୍ତି ନିଶ୍ଚୟ ଅନୁଦାର ତଥା ସଂକୀର୍ଣ୍ଣଚେତା । ଜଗତ ଉନ୍ନତିଶୀଳ । ମାନବ ତଥା ସମାଜ ନିତ୍ୟ ନିତ୍ୟ ଉନ୍ନତ ପଦବୀରେ ଆରୋହଣ କରୁଅଛି । କ୍ରମବିକାଶର ଧାରା ଅନୁଯାୟୀ ସମାଜ ସ୍ୱତଃ ଗଠିତ ହୁଏ ଏବଂ ହେବ ଏହା ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ । ଏହାର ପ୍ରତିରୋଧ କରିବା ବା ରକ୍ଷଣଶୀଳତାର ମୋହରେ ପଡି ଏହାକୁ ବାଧା ଦେବା ଅସମୀକ୍ଷ୍ୟକାରିତାର ପରିଚାୟକ । ଲୋକେ ପ୍ରତିରୋଧ କରିବାରେ ବାଧା ଦେବାରେ ପ୍ରୟାସ କରନ୍ତି । କିନ୍ତୁ ତାହା ବିଫଳ ପ୍ରୟାସ । କାଳ—ନିୟତିର ଗତି ଅବାରିତ । ସେହି କାଳର ଚିନ୍ତାଶୀଳ ବିଶିଷ୍ଟ ବ୍ୟକ୍ତି ନିୟତିର ଗତି ଲକ୍ଷ୍ୟ କରି ଜାତିର ତଥା ଜନର କଲ୍ୟାଣ ଦୃଷ୍ଟିରେ ତାକୁ ଉପଯୁକ୍ତ ଭାବରେ ନିଜର ଜାତିର ତଥା ଦେଶର ପ୍ରକୃତି ଅନୁଯାୟୀ ସଂବିଧାନ ସହ ନିଯୋଜିତ କରନ୍ତି । ତଦନୁଯାୟୀ ଜୀବନକୁ ସବିସ୍ତର ପରିଚାଳନ କରନ୍ତି ଏବଂ ଜୀବନର ଉପଯୋଗୀ ବିଷୟମାନ ମଧ୍ୟ ସେହି ରୀତିରେ ଗଠିତ କରନ୍ତି । ଏତଦ୍‌ଦୃଷ୍ଟିରେ ନୂତନକୁ ଉପଯୋଗିତା ଅନୁସାରେ ଗ୍ରହଣ କରନ୍ତି; ଏତଦ୍ୱାରା ପ୍ରତିପନ୍ନ ହୁଏ ନାହିଁ ଯେ ସେ ପୁରାତନକୁ ଏକାବେଳେକେ ଉପେକ୍ଷା କରନ୍ତି । ପୁରାତନର ଯାହା ଉପଯୋଗୀ ତାକୁ ସଂରକ୍ଷଣ କରି ତତ୍‌ସହ ନୂତନର ମଧୁର ସମାବେଶ କରନ୍ତି ଏହା ଯୁଗ ପ୍ରବର୍ତ୍ତକଙ୍କର କାର୍ଯ୍ୟ । ଏତଦ୍ୱାରା ଜାତୀୟ ଜୀବନ ଦୃଢ ଭାବରେ ସଂଗଠିତ ତଥା ସଂସ୍ଥାପିତ ହୁଏ । ଜାତୀୟ ଜୀବନ

ପରମ୍ପରାର ସମଷ୍ଟି । ଆଜି ଦେଶ ଖଣ୍ଡଦେଶର ସଭ୍ୟତା; ନୂତନ ଚିନ୍ତା, ଭାବନା, ଅଳଙ୍କାର, ଉଦ୍‌ଭାବନ ସେହି ସେହି ଦେଶରେ ସୀମାବଦ୍ଧ ନୁହେଁ, ଜଗତର ବିଶାଳ ପ୍ରାଙ୍ଗଣରେ ଉନ୍ମୁକ୍ତ ଭାବରେ ସର୍ବସାଧାରଣ ଧନ ରୂପେ ତାହା ଉପଗତ । ଯେଉଁମାନେ କେବଳ ନୂତନର ପକ୍ଷପାତୀ ସେମାନେ ଏକଦେଶଦର୍ଶୀ, ଅବିମୃଶ୍ୟକାରୀ ତଥା ଜାତୀୟ ଜୀବନର ବିଷମ ପରିପନ୍ଥୀ । ସେମାନଙ୍କର ଏହି ମୂଢ଼ତା-ବିହ୍ୱଳିତ ଭ୍ରମ ସୁସ୍ପଷ୍ଟଭାବରେ ଦର୍ଶାଇବା ଛଳରେ ପୁଣର ସାଧୁ ପ୍ରବୃତ୍ତିର ରୂପେ ଶ୍ରୀମାନ ବାଞ୍ଛନରବନ୍ତି ପ୍ରାଚୀନ ଛନ୍ଦର ବନ୍ଧରେ କିପରି ଜଗତର ନୂତନ ଭାବ ସବୁ ସୁକୋମଳ ଅଙ୍ଗରେ ପ୍ରତିଭାତ ହୁଏ ତାହା ସ୍ୱକବିତା କୁମୁଦରେ ଯଥାଯଥ ଦର୍ଶାଇ ଅଛନ୍ତି । ମୋର ଚିର ପୋଷିତ ଅଭିଳାଷିତ ସେ କାର୍ଯ୍ୟରେ ଦର୍ଶାଇ ପରିପୂରଣ କରି ଅଛନ୍ତି । ଏହା ମୋର ଚିତ୍ତରେ କି ଅପୂର୍ବ ଆନନ୍ଦ ପ୍ରଦାନ କରିଅଛି ତାହା ଭାଷାରେ ଅଭିବ୍ୟକ୍ତ ହୋଇ ପାରେ ନାହିଁ । ସେ ନିଜର ଆକ୍ଷେପ ଉଦ୍‌-ବିଷୟରେ "ସେ କାଳ ବିପକ୍ଷୀ ଏକାଳ ଜାଣି" କବିତାରେ ସ୍ପଷ୍ଟ ଅଭିବ୍ୟକ୍ତ କରି କହି ଅଛନ୍ତି "ଛନ୍ଦ କଳ୍ପତରୁ ତଳେ" ରହି ଉତ୍କଳୀୟର ରସସୁଧା ମେଣ୍ଟୁ ନାହିଁ । ଏହି ଉକ୍ତିରେ କବିଙ୍କର କି ଆଭ୍ୟନ୍ତର ମର୍ମବେଦନା ତାହା ସ୍ପଷ୍ଟ ପ୍ରକାଶ ପାଉଅଛି । ତାଙ୍କର ଏହି ଦୁଃଖ ଅସହମାନ ହେବାରୁ ସେହି ଦୁଃଖ ମେଣ୍ଟାଇବାକୁ ପ୍ରୟାସୀ ହୋଇ ସେ ସ୍ୱକୃତିତ୍ୱ ବଳରେ ସଫଳକାମ ହୋଇ ଅଛନ୍ତି । ସେ ନିଜର କବିତା କୁମୁଦର ପ୍ରାରମ୍ଭରେ 'ମାଆ'ଙ୍କର ସଂବର୍ଦ୍ଧନା କରିଅଛନ୍ତି । ଏହି ମାତୃପୂଜା—ଦେବୀପୂଜା ପ୍ରକୃଷ୍ଟ ପୂଜା । ଏ ପୂଜାର ସମକକ୍ଷ ଆଉ କିଛି ନାହିଁ । ମାଆ ଶକ୍ତି-ସଂସ୍କରଣୀ, ଅଭୟବର ଦାୟିନୀ ଏବଂ କବିତା କୁମୁଦର ଉଲ୍ଲାସ

ଦାର୍ଶନିକ କବି ଭାବେ ପ୍ରାରମ୍ଭ ଭାଷଣ ଦେଇ ଅଛନ୍ତି । ଏହି କବିତା-କୁସୁମଟିରେ ତାଙ୍କ ଚିନ୍ତା ପ୍ରତିଫଳିତ—ତେଣୁ ତାଙ୍କର ଚିନ୍ତାକୁ କବିତା କୁସୁମ କହିବାରେ ସମୀଚୀନ ଉକ୍ତି କରିଅଛନ୍ତି । ଏହା ତାଙ୍କର ସ୍ୱଭାବ ସମ୍ପତ୍ତିର ପ୍ରକାଶକ । ବାଣୀ ଆରାଧନା ତାଙ୍କ ଧର୍ମ, ସେହି ଧର୍ମର ଶୋଭନ ପରିପାଳନ ନିମିତ୍ତ ସେ ତାଙ୍କ ପୂର୍ବବର୍ତ୍ତୀ ତଥା ସମକାଳୀନ ଗୁରୁରୂପୀ ମନୀଷୀମାନଙ୍କ ସମ୍ବର୍ଦ୍ଧନା କରି ନିଜର କର୍ତ୍ତବ୍ୟ ଯଥାଯଥ ପ୍ରାରମ୍ଭ କରି ସାଙ୍ଗ କରି ଅଛନ୍ତି । "ଦେବତା-ବନ୍ଦନଂ କୁର୍ଯ୍ୟାତ୍ ଗୁର୍ବଭିବନ୍ଦନ ପୂର୍ବକମ୍" । ସେ ନିଜର ଗୁରୁରୂପେ ଉପେନ୍ଦ୍ରଭଞ୍ଜଙ୍କୁ ଅଭିବନ୍ଦନ କରି ମାଆଙ୍କଠାରୁ ଶକ୍ତିଭିକ୍ଷା କରିଅଛନ୍ତି । ମହାମାନବ ମହାତ୍ମାଙ୍କଠାରୁ ଆରମ୍ଭ କରି ପଠାଣିସାମନ୍ତ, ଗୌରୀଶଙ୍କର୍ ତଥା ଉତ୍କଳର ନେତା ମଧୁସୂଦନ ଓ ଗୋପବନ୍ଧୁ ପ୍ରମୁଖଙ୍କୁ ଅର୍ଘ୍ୟ ପ୍ରଦାନ, ସାହିତ୍ୟ ରସିକ ରବୀନ୍ଦ୍ର-ନାଥ, ରାଧାନାଥ, ମଧୁସୂଦନ, ଗୋପାଳକୃଷ୍ଣ, ଗୋପାଳଚନ୍ଦ୍ର ଓ ନନ୍ଦକିଶୋର ପ୍ରଭୃତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଏବଂ ସିଃ ଭିଃ ରମଣ ଓ ଲକ୍ଷ୍ମୀକାନ୍ତଙ୍କଠାରୁ ନୃସିଂହଚରଣ ପ୍ରଭୃତିଙ୍କ ପର୍ଯ୍ୟନ୍ତ ନିଜର ସହୃଦୟସ୍ପ ଦୃଷ୍ଟିର ଅର୍ଚ୍ଚନାହାର ପ୍ରତିଭା ପୂଜାର ସରଣୀ ଦେଶବାସୀଙ୍କ ସମ୍ମୁଖରେ ଉକ୍ତି ଭାଷାରେ ଉପସ୍ଥାପିତ କରି ଅଛନ୍ତି । ଆଧ୍ୟାତ୍ମିକ-ଭାବରେ ମାନବର ପ୍ରକୃଷ୍ଟ ଚିନ୍ତା ବିଭବ ପରିପୁଷ୍ଟ ହୁଏ—ସେ ନିଜର ଶକ୍ତିର ସ୍ୱଳ୍ପତା ପ୍ରଦର୍ଶନ ପୂର୍ବକ ଜଗତ୍ ନିୟନ୍ତା ପରମ-ଶକ୍ତି ସମକ୍ଷରେ ଆତ୍ମସମର୍ପଣ ପୂର୍ବକ ପ୍ରାର୍ଥନା କରେ ପାଇବାକୁ ସେହି ପଦାର୍ଥ ଯାହାଦ୍ୱାରା ସେ ଜଗତର ମର୍ମ କଳନା କରି ଅମର ଗୀତ ଗାଇ ଦ୍ୱନ୍ଦ୍ୱହୃଦୟରେ ଶାନ୍ତି ଆଣିବ । ତାହା ସେହି ଶକ୍ତି "ତୁମ୍ଭେ ଓ ମୁଁ" "ମା କରୁଣା ନାହିଁକି", "ବାଣୀ ସ୍ୱର୍ଣ୍ଣା",

"ମା ତୁ କ୍ଷମା-ବାରିଧି", "ଭାରତୀ ଆବାହନ ଗୀତ" ପ୍ରଭୃତି ଦ୍ୱାରା ଉପର କଥିତ ବିଷୟ ପରିସ୍ଫୁଟ।

"ଶକୁନ୍ତଳାଙ୍କ ପତିଗୃହ ଯାତ୍ରା"ରେ କର୍ତ୍ତବ୍ୟ ଶିକ୍ଷା, 'ବନ୍ଦ୍ରିରଣ୍ଣୁ'ରେ ଜାତିଶିକ୍ଷା "ମୋ ସୁନାଗୁଣ୍ଡ"ରେ ହୃଦୟର ଗଭୀର ବେଦନା ଜନିତ ସରଳ କରୁଣ ମଧୁର କବିହୃଦୟର ଦିବ୍ୟ ଉଚ୍ଛ୍ୱାସ, "ଖେଳ"ରେ ସରଳ ପ୍ରାଣର ମୁଗ୍ଧବାଣୀ "ଅକଟ ଶିକାର" ରେ ବାସ୍ତବ ଆଶ୍ୱାସନା, "ଖଣ୍ଡାମୁକ୍ତି"ରେ ଜାଗର ବାଣୀ, "ଆଲେକଜାଣ୍ଡର ଦସ୍ୟୁ ସମାନ ଜିଭରେ" ଏହାଦ୍ୱାରା ସମ୍ମତିତ ଯୁକ୍ତିର ପ୍ରସ୍ତାବନାରେ ଐନ୍ଦ୍ରିକ ବିଭବ କାମନାର ବିଷମ ପରିଣତିର ପ୍ରତିପାଦନ, "ଗ୍ରାମ ବାଳକ"ରେ ଦୁଃଖୀର ବାସ୍ତବ ଅନ୍ନ ପ୍ରକାଶ ପ୍ରଭୃତି ଯଥାଯଥ ଉପସ୍ଥାପିତ ହୋଇଅଛି। ଅନୁବାଦରେ ସୁନ୍ଦର ଭାବ ଓ ଭଙ୍ଗୀ ଅକ୍ଷୁଣ୍ଣ ରଖିବା ବଡ଼ କଠିନ ବ୍ୟାପାର। କିନ୍ତୁ ଶ୍ରୀମାନ୍ ବିଚ୍ଛନ୍ଦଚରଣ ଉକ୍ତ କବିମାନଙ୍କ ଭାବରେ ଏପରି ଅନୁପ୍ରାଣିତ ହେଲେ ଯେ ସେ ନିଜେ ମୌଳିକ ଭାବାପନ୍ନ ବ୍ୟକ୍ତି ତୁଲ୍ୟ କବିତା ଲେଖିଲେ—ତାହା ମୌଳିକ କବିତା ରୂପେ ବିରାଜିତ; କାରଣ ସେ ପଦ୍ୟ ଗୁଡ଼ିକରେ ଭାବ ଓ ବାଣୀର ଏପରି ମଧୁର ସମନ୍ୱୟ ହୋଇଅଛି ଯେ ତାହା ଅପର ରଚିତର ଛାୟାରୂପେ ଅବେଦୀ ଜଣାଯାଏ ନାହିଁ। ତାଙ୍କ ପ୍ରୀତି-ଗୀତ "ଆଦ୍ୟ ଭେଟେ" ରେ ପୂର୍ବରାଗର ପ୍ରଥମ ପ୍ରସ୍ତାବନାରେ ପ୍ରେମମନ୍ଦିରର ପ୍ରଥମ ଅନୁଭବର ଉନ୍ମାଦନା ତରଳ ସରଳ ମଧୁର ଭାବରେ ଗଢ଼ିକରି ସଙ୍ଗୀତର ସାର ଉଦ୍ଗିରଣ ପୂର୍ବକ ଦିବ୍ୟ କଣ୍ଠର କାକଳି ବୀଣା ଗୀତ ଶୁଣାଇ ଅଛି। "ମଞ୍ଜୁଳା ମାଧବୀ"ର ମଧୁର ପ୍ରୀତି ରୂପଣି ଯୋଷଣ ବା ଜଣାକୁ କାନ୍ଦିବା ବା ଡ଼ରିବ ସେ

ମଧୁ ଲୁଣ୍ଠିଛନ୍ତି ସେ ମଧୁର ଭଅଣ କାଟଙ୍କେ, କେ କି ବାରଣ ମାନିବ ?
ବାସ୍ତବ ଶାସ୍ତ୍ରିଙ୍କୁ କି ବନ୍ଧୁ କରିବ ! ସେ ତାଙ୍କୁ ତୁଚ୍ଛ କରି ମଣେ,
ଏହା ଯେ ଉତ୍ତମ ରୂପେ ଭଣେ ।

ବରମେ ସେ ରସିକ ଭଇ ଅସନେ,

କବିରୂପେ ସାରା ଜଗତ ତାଙ୍କୁ ମାନେ ।

“ଲଲସୀ ଏ ସାରା ପରାଣ” ରସିକ ଏହା ସତୀ ପାଠ କରିବ, ସୁନିଶ୍ଚିତ; କାରଣ ପ୍ରେମିକ ହୃଦୟର ଭାଣ୍ଟାଣି, ଯାଇ କବି ପଦକରେ ବର୍ଣ୍ଣାଣି ଅଛନ୍ତି । “ରତ୍ନମାଳା ପାଖଙ୍କୁ ମାଧବ” “କିଶୋର ପାଖଙ୍କୁ କାମିନୀ” ଓ “କାମିନୀ ପାଖଙ୍କୁ କିଶୋର” “ଗୋପ ପାଖଙ୍କୁ ମିନତି” ଓ “ମେନତ ପାଖଙ୍କୁ ଗୋପ” “ମାଳତୀ ପ୍ରତି ବସନ୍ତ” “ବ୍ରଜକିଶୋର ପାଖଙ୍କୁ ସ୍ନେହଲତା” “ହେମ ଲତାର ଚିଠି” “ନିତ୍ୟାନନ୍ଦ ପାଖଙ୍କୁ ନିରୁପମା” “ରାଜକିଶୋର ପାଖଙ୍କୁ ମାଧୁରୀ” ପ୍ରଭୃତି ପ୍ରେମ ଚିଠାଉର ଆଦାନ ପ୍ରଦାନରେ ପ୍ରେମର ଯେ ଉନ୍ମୁକ୍ତି ଭାବ ବିକଶିତ ସେଥିରେ ତ କିଛି ଅପ୍ରାକୃତ ବିଷୟର ଅବତାରଣା ନାହିଁ ।

ସମର ସମରେ ପ୍ରୀତି, ସୁନ୍ଦରର ସୁନ୍ଦର ସହିତ ସମଭି-ରୁଚିତା ଓ ସହଯୋଗିତା ସୁନିଶ୍ଚିତ । ପ୍ରକୃତର ସମତାରେ ଶାନ୍ତି, ଅସମତାରେ ବିଗ୍ରହ, ବିପ୍ଳବ, ବିଶୃଙ୍ଖଳତା ଓ ଅଶାନ୍ତି, ପ୍ରୀତିର ମାଧୁରୀ ଶାନ୍ତିର ଅଧିଷ୍ଠାନରେ ବିଶ୍ରାନ୍ତି ଲାଭକରେ । “ସକଳ ବ୍ୟାଧିର ଭେଷଜ” ରୂପିଣୀ କବିତାରେ “ରୂପକାଙ୍ଗାଡେ” “କରିଦ ପ୍ରଣା ମୁଁ ମାଡର” “ଛା ଶୋଭାକାର ଅଣାଯ୍ୟୀ ତମା ଜୀବ ସ୍ଫୁରିଙ୍କ” “ସ୍ଫୁଟ ମନୋଜ୍ଞ ଦଶ୍ମ ମୋରେ”, “ଭାସ୍ୟ ତୁହି ଛାୟା ମୁଁ ମାଡର”, “ସିତଶିର ଅଳକା ମୋ ବାଳା ” “ଅଳତା, ଉହାଳିବ

ମୋ ବାଞ୍ଛିତ", ପ୍ରଭୃତି ନାୟକର ପ୍ରାଣ ଜଗାଳି ଉକ୍ତିରୁ "ମୋର ଚିତ୍ତ ବଇଭବ ପ୍ରେମର" "ଅଖି ଲୁହେ ଅଖିର କଜଳ, ଟୋପାଏ କାହୁଛି କବିମାଳ" "କୁମାରୀ ମୁଁ ରହିବି ଗାଁର, ପୋଛିଲି ଯାଏଁ ତୁମେ ମୋ ନୟନୁ ନୀର" "ହୃଦ ଉପକର ମୋର, ଚନ୍ଦ୍ର ହୋଇ କୁମୁଦକୁ ମଣି କାହିଁ ଭୁଲ" "ଲଲାଟ ପଟେ ମୋ ଗାର, ପ୍ରିୟ ମୋହର ହେ" "ଅସ ମୋ ରଙ୍ଗ ସଙ୍ଗୀଳ ମୁଁ ତୁମ ବାଳୀ" "ଅଲଙ୍ଘ୍ୟ ମୋହର ମଣି ଖଣ୍ଡ." ନାୟିକାର ସରଳ ବିଶ୍ୱାସରେ ପ୍ରୀତି ସ୍ନିଗ୍ଧ ମସୃଣ ଦ୍ରୁତ ଚିତ୍ତରେ ଅର୍ଘ୍ୟ ସମର୍ପଣ ପୂର୍ବକ ଅଣାଗ୍ରୀ ଜୀବ ସୃଜକ ଭଣ୍ଡାର ଗୁଡ଼ିକ ପ୍ରୀତି ଶ୍ରବଣୀୟାଙ୍କ ରସିକ ଚିତ୍ତରେ କି ରତ୍ନ ସ୍ଫୂର୍ତ୍ତି ଜନ୍ମିବ ତାହା ଅନୁଭବୀ ମାନେହିଁ ଅନୁଭବ କରି ପାରିବେ । "ବିରହ ବାରମାସୀ"ରେ ବିରହୀର କରୁଣ ମଧୁର ଝଙ୍କୃତ, "ବିଚ୍ଛେଦ ତରଙ୍ଗିଣୀ"ରେ କ୍ଷୁବ୍ଧ ଲାଞ୍ଛିତ ହୃଦୟର ଦ୍ରୁତତା, "ପଲ୍ଲୀବଧୂ"ରେ ଗୌରବାବହ ଉଚ୍ଚଆଶୟର ଅନୁରୋଧରେ ସ୍ୱଭାବାନୁ-କୂଳ ଭାଷାର କାନ୍ତିମତ୍ତା, "ମୋ ଦେଶ"ରେ ଦେଶପ୍ରାଣତାର ଉଦାତ୍ତ ଉଚ୍ଛ୍ୱାସ, "ମୋ ସୁନା ସ୍ୱପ୍ନ"ରେ ସୁନ୍ଦରର ତିରୋଧାନରେ ଅନୁରାଗୀ ଆକୁଳ ହୃଦୟର କରୁଣ ସ୍ପନ୍ଦନ ଜନିତ ଝଙ୍କାରର ବିଳସନ, "ଉତ୍କଳ ଚିନ୍ତାମଣି"ରେ ବନ୍ଧୁ ରସର ମଧୁର ସମନ୍ୱୟ ଓ ସ୍ୱାନୁଭୂତି ଜନିତ ସମବେଦନାରେ ସ୍ଥିର ସଂକଳ୍ପ, 'ଜନ୍ମ'ରେ ସହଜ ସରଳ ଛବି, "ତୁ ଏବେଶ ହୋଇବୁ ନାହିଁ"ରେ କାନ୍ତକବି ବନମାଳୀଙ୍କ ସ୍ମୃତିରୁ ମାଧୁରୀର ଯୁଗପତ୍ ବିଳାସର ପ୍ରତିବିମ୍ବ । "କବି-ସଙ୍ଗୀତ"ରେ ଭକ୍ତି-ବଧାତା-ସ୍ୱାଧୀନଚେତା, ସୌନ୍ଦର୍ଯ୍ୟ ଓ ପ୍ରୀତିର ଶ୍ଳାଘା-ଚିଦାନନ୍ଦସ୍ୱରୂପରେ ସମ୍ରାଟ । ଶ୍ରୀମାନ୍ କବି ବିଚ୍ଛେଦଚରଣ କବି ସଙ୍ଗୀତର ବିଷୟ ନିଜ ଅନୁଭୂତିକୁ

ପ୍ରକାଶ କରିଥିବାରୁ ସେ ତାଙ୍କ ସ୍ୱରୂପକୁ ଗୌଣ ଭାବରେ ଅଭି-ବ୍ୟକ୍ତ କରି ଅଛନ୍ତି । ସେ ନିଜ କଥା ନିଜେ ଯଥାର୍ଥ ଭାବରେ କହୁଅଛନ୍ତି । "ସ୍ୱଗୁଣୋବର୍ଣ୍ୟା ଦୋଷୋ ନାସ୍ତି ଭୂତାର୍ଥଶଂସିନଃ । ସତ୍ୟବାଦୀଙ୍କର ନିଜଗୁଣ ପ୍ରକାଶ କରିବା ଦୋଷ ନୁହେଁ । ଶ୍ରୀମାନ୍ ବିଚ୍ଛନ୍ଦ ତା ପ୍ରକାଶ କରି ନାହାନ୍ତି, କିନ୍ତୁ ତାହା ତାଙ୍କ ଉକ୍ତିରୁ ଜଣା ଯାଏ । ମୋର ଶେଷରେ ପଦେ ଆହୁରି କହିବାର ଅଛି—ଶ୍ରୀମାନ୍ ବିଚ୍ଛନ୍ଦଚରଣ ପ୍ରକୃତ ଦେଶପ୍ରାଣ, ଯେ ପ୍ରକୃତ ଦେଶପ୍ରାଣ ସେ ସର୍ବଗୁଣାକର ମୋର ଏହା ଦୃଢ଼ ବିଶ୍ୱାସ ।

ପ୍ରାଚୀ ସମିତିର ପ୍ରତିଷ୍ଠାତା

ରାୟବାହାଦୁର **ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି** ଏମ୍. ଏ.

ତା।୮।୭।୪୭

# ସୂଚୀପତ୍ର


| କ୍ରମିକ ସଂଖ୍ୟା | କବିତା | ପୃଷ୍ଠା |
|---|---|---|
| ୧ | ମାଆ | ୧ |
| ୨ | ଅଦ୍ୟଭେଟେ | ୩ |
| ୩ | ମଞ୍ଜୁଲା ମାଧବ | ୬ |
| ୪ | ଶକୁନ୍ତଳାଙ୍କ ପତି ଗୃହଯାତ୍ରୀ | ୧୧ |
| ୫ | ଲଲସୀ ଏ ଯାର ପରାଣ | ୧୬ |
| ୬ | ଗୋପାଳ ଚନ୍ଦ୍ର ପ୍ରହରାଜ | ୧୮ |
| ୭ | ବର୍ଷ ବିଦାୟ | ୨୦ |
| ୮ | ପୂଜା ଡାଲି | ୨୧ |
| ୯ | ବିଶ୍ୱକବି ରବୀନ୍ଦ୍ର ନାଥ | ୨୨ |
| ୧୦ | ରତ୍ନମାଳା ପାଖକୁ ମାଧବ | ୨୫ |
| ୧୧ | ତୁମ୍ଭେ ଓ ମୁଁ | ୩୦ |
| ୧୨ | ବିଶ୍ୱକବି ରବୀନ୍ଦ୍ରନାଥ | ୩୧ |
| ୧୩ | ମା ! କରୁଣା ନାହିଁ କି ? | ୩୩ |
| ୧୪ | ପ୍ରମଦା ଜୟନ୍ତୁ | ୩୫ |
| ୧୫ | ଉତ୍କଳ କେଶରୀ ମଧୁସୂଦନ | ୩୯ |

| କ୍ରମିକ ସଂଖ୍ୟା | କବିତା | ପୃଷ୍ଠା |
|---|---|---|
| ୧୬ | ଶସ୍ୟ ଶ୍ୟାମା | ୪୨ |
| ୧୭ | କବିବର ରାଧାନାଥ ରାୟ | ୪୪ |
| ୧୮ | ମନୋରମା | ୪୫ |
| ୧୯ | ସୈନିକର ବିଦାୟ | ୪୮ |
| ୨୦ | ଲକ୍ଷ୍ମୀକାନ୍ତ ଚୌଧୁରୀ | ୫୦ |
| ୨୧ | ଜିଜ୍ଞାସା | ୫୬ |
| ୨୨ | ମାଆଙ୍କ ବର ଓ ଅଭିଶାପ | ୫୮ |
| ୨୩ | କିଶୋର ପାଖକୁ କାମିନୀ | ୬୦ |
| ୨୪ | କାମିନୀ ପାଖକୁ କିଶୋର | ୬୮ |
| ୨୫ | ରତ୍ନ ରେଣୁ | ୭୫ |
| ୨୬ | ବିରହ ବାରବାସୀ | ୭୭ |
| ୨୭ | ଗୋପାଳ ଚନ୍ଦ୍ର ପ୍ରହରାଜ | ୮୩ |
| ୨୮ | ବିଚ୍ଛେଦ ଚଉତିଶା | ୮୪ |
| ୨୯ | କବିବର ରାଧାନାଥ ରାୟ | ୮୭ |
| ୩୦ | ପଲ୍ଲୀ ବଧୂ | ୯୦ |
| ୩୧ | ମାଲତୀ ପ୍ରତି ବସନ୍ତ | ୯୩ |
| ୩୨ | ମୋ ଦେଶ ! | ୧୦୧ |
| ୩୩ | ମୋ ସୁନାଗ୍ରାମ | ୧୦୪ |
| ୩୪ | ପିଲାଙ୍କ ଭାରତ ଜନନୀ | ୧୦୯ |
| ୩୫ | ଉତ୍କଳ ଚିନ୍ତାମଣି ଚଉତିଶା | ୧୧୦ |
| ୩୬ | ପ୍ରଭାତେ | ୧୨୨ |
| ୩୭ | ପଠାଣୀ ସାଆନ୍ତ | ୧୨୪ |

| କ୍ରମିକ ସଂଖ୍ୟା | କବିତା | ପୃଷ୍ଠା |
|---|---|---|
| ୩୮ | ଅଗ୍ନିକନର ନିମନ୍ତ୍ରଣ | ୧୨୬ |
| ୩୯ | ଛୁନ୍ତଲା ଛୁମାସ୍ତି | ୧୨୮ |
| ୪୦ | କୁନ୍ତଲା କୁମାରୀ | ୧୨୯ |
| ୪୧ | ଗୋପ ପାଖକୁ ମିନତି | ୧୩୧ |
| ୪୨ | ଉତ୍କଳ ମଣି ଗୋପବନ୍ଧୁ | ୧୨୩ |
| ୪୩ | ପିଲାଙ୍କ ଉତ୍କଳ ମଣି | ୧୪୦ |
| ୪୪ | ମୋ ଟେକ ମଞ୍ଜିଲ | ୧୪୧ |
| ୪୫ | ଲେଉଟାଣି ଅପେକ୍ଷା | ୧୪୩ |
| ୪୬ | ଜନ୍ମ | ୧୪୯ |
| ୪୭ | ଅଜାଡ଼ ନିତାଇ | ୧୫୦ |
| ୪୮ | ମିନତି ପାଖକୁ ଗୋପ | ୧୫୧ |
| ୪୯ | ଖଣ୍ଡାୟୁତ | ୧୫୮ |
| ୫୦ | ଅସ୍ପୃଶ୍ୟ ହାହାକାର | ୧୫୯ |
| ୫୧ | ଅଲେଖ ଜାଣ୍ତିର ଦସ୍ୟୁ<br>ସମାନ ଭବିଷ୍ୟେ ! | ୧୬୧ |
| ୫୨ | ଲକ୍ଷ୍ମଣ ଶକ୍ତି ଭେଦରେ ରାମଙ୍କ ବିଳାପ | ୧୬୬ |
| ୫୩ | ମୋ ସୁଖ ବସନ୍ତ | ୧୬୯ |
| ୫୪ | ଉତ୍କଳହଂସ ଗୋପାଳକୃଷ୍ଣ | ୧୭୦ |
| ୫୫ | ସ୍ମୃତିରକ୍ଷ୍ଣ | ୧୭୨ |
| ୫୬ | ଆଉ କାମନା ନାହିଁ | ୧୭୩ |
| ୫୭ | ନେଲ ସଙ୍ଗାଲି ଭରତୁ ରେ ଦାନ | ୧୭୪ |
| ୫୮ | ଭକ୍ତ କବି ମଧୁସୂଦନ ରାଓ | ୧୭୬ |

| କ୍ରମିକ ସଂଖ୍ୟା | କବିତା | ପୃଷ୍ଠା |
|---|---|---|
| ୫୯ | ଭାରତୀ ବନ୍ଦନା | ୧୬୮ |
| ୬୦ | ପ୍ରିୟତମା କୋଇଲି | ୧୬୯ |


## ଦ୍ୱିତୀୟ ଭାଗ


| | | |
|---|---|---|
| ୬୧ | ସେ ତ ସ୍ୱଦେଶ ମୋହର | ୧୮୬ |
| ୬୨ | ବ୍ରଜ କିଶୋର ପାଖକୁ ସ୍ନେହଲତା | ୧୮୯ |
| ୬୩ | ନନ୍ଦକିଶୋର ବଳ | ୧୯୫ |
| ୬୪ | ବାଣୀବିଣୀ | ୧୯୮ |
| ୬୫ | ହେମଲତାର ଶଠ | ୨୦୦ |
| ୬୬ | ମା ! ତୁ କ୍ଷମା ବାଞ୍ଛି | ୨୦୪ |
| ୬୭ | ତୁ ଏ ଦେଶ ହୋଇବୁ ନାହିଁ | ୨୦୫ |
| ୬୮ | ଜଡ଼ତା ପାଶ ଗଲେ କାହିଁକି ହେ ? | ୨୦୬ |
| ୬୯ | ସୈନିକର ଅନୁଭୂତି | ୨୦୮ |
| ୬୯ | ବିଶ୍ୱନାଥ କର | ୨୧୦ |
| ୭୦ | ବିପିନ ବିହାରୀ ଚୌଧୁରୀ | ୨୧୨ |
| ୭୧ | ସଜଳ କରିବୁ ନାହିଁ କଜଳ ନୟନ | ୨୧୪ |
| ୭୨ | ଜନ୍ୟାନନ୍ଦ ପାଖକୁ ଅନୁପମା | ୨୧୫ |
| ୭୩ | ସମର ଶବ୍ଦ | ୨୨୯ |
| ୭୪ | ସେ କାଳ ବିପଞ୍ଚୀ ଏ କାଳ ତାନ | ୨୩୨ |
| ୭୫ | ନୃସିଂହ ଚରଣ ମହାନ୍ତି | ୨୩୫ |
| ୭୬ | ବାରବାଟୀ | ୨୩୮ |

| କ୍ରମିକ ସଂଖ୍ୟା | କବିତା | ପୃଷ୍ଠା |
|---|---|---|
| ୭୭ | ବାଣୀ ଆବାହନ | ୨୪୦ |
| ୭୮ | ଭବର ସଙ୍ଖାଳି | ୨୪୧ |
| ୭୯ | ଭାରତୀ ଅବାହନ ଗୀତି | ୨୪୩ |
| ୮୦ | ବଳଭଦ୍ର ଦେବ | ୨୪୪ |
| ୮୧ | ଅବନୀ ଶୋଭା | ୨୪୬ |
| ୮୨ | ଅଳସର ଦୁର୍ଦ୍ଦଶା | ୨୪୭ |
| ୮୩ | ଗୌରୀ ଶଙ୍କର ରାୟ | ୨୪୯ |
| ୮୪ | ଜୀବନର ଗୌରବ | ୨୫୧ |
| ୮୫ | ଗଣିବ ରକ୍ଷା ତାହାଙ୍କୁ କର ଅଣା ବାଡ଼ି.? | ୨୫୩ |
| ୮୬ | ବିଶ୍ୱ ବୈଜ୍ଞାନିକ ସି. ଭି. ରମଣ | ୨୫୫ |
| ୮୭ | ପ୍ରିୟା ବିଚ୍ଛେଦ | ୨୫୬ |
| ୮୮ | ଶଶି ଭୂଷଣ ରାୟ | ୨୫୯ |
| ୮୯ | ମୋ ଚିର ସମାଧି ହେଉ ଉରସ ତୋର | ୨୬୧ |
| ୯୦ | ଭୁଲ ନ ମିଳିଲୁ ଅଜି | ୨୬୩ |
| ୯୧ | ଚିନ୍ତାମଣି ମହାନ୍ତି | ୨୬୫ |
| ୯୨ | ଜଳାବନ୍ତୁ ଉତ୍କଳ | ୨୬୬ |
| ୯୩ | ରାଜକିଶୋର ପାଖକୁ ମାଧୁରୀ | ୨୬୮ |
| ୯୪ | କେନ୍ଦ୍ରର ଦରଦୀ ଜନ ଏକାକୀ ନାହିଁ | ୨୭୭ |
| ୯୫ | ଜଗଜ୍ଜନ ହର୍ଷଣୀୟା ମମ ଗଳା ମାଳା | ୨୭୮ |

| କ୍ରମିକ ସଂଖ୍ୟା | କବିତା | ପୃଷ୍ଠା |
|---|---|---|
| ୯୬ | ସ୍ଥର ଶୋଷିବନ୍ଧ ଅବା ତୋ ଶୋଷିକୁ ଧେନା | ୨୮୦ |
| ୯୭ | ମୋହନ ପାଖକୁ ହୀରାମଣି | ୨୮୨ |
| ୯୮ | ହୀରାମଣି ପାଖକୁ ମୋହନ | ୨୮୯ |
| ୯୯ | ପ୍ରିୟତମ ଭୋଇଲି | ୨୯୯ |
| ୧୦୦ | ମହାତ୍ମାଜୀ | ୩୦୪ |
| ୧୦୧ | ମିନତି | ୩୦୭ |

# କବିତା କୁସୁମ

—୧—

## ମାଆ *

ରାଗ ଧନାଶ୍ରୀ—ଆଠତାଳ

[ଗୋପାଳକୃଷ୍ଣଙ୍କ "ମୋହନ ସ୍ମିତ ଚହଣୀ ପଢ଼ିଲ ମା" ବୃତ୍ତରେ]

ସାର୍ଦ୍ଧକୋଟି-ସନ୍ତାନ-ପାଳିନୀ ମା
ସୁଜଳା ସୁଫଳା ମହୀ-ମୌଳି-ମାଳା
ବେଶ-ମଞ୍ଜୁଳା ଭୂତି-ଶାଳିନୀ ମା ॥ ୧ ॥

ତଟିନୀ-ମେଖଳା ପୋତ-ପୂତ-ବେଳା
ନଭସ୍ପୃଶୀ-ମନ୍ଦିର-ମାଳିନୀ ମା ॥ ୨ ॥

---

* ଉତ୍କଳ ସାହିତ୍ୟ ସମାଜର ସାହିତ୍ୟ ସପ୍ତାହ ଷଷ୍ଠ ବନ୍ଧୁ ଭାଗୀୟ ଉତ୍ସବରେ ଏ ଗୀତ ଗାନ ହୋଇଅଛି ।

୧ । ସାର୍ଦ୍ଧକୋଟି—ଦେଢ଼ କୋଟି; ମହୀମୌଳିମାଳା—ପୃଥିବୀ ମୁଣ୍ଡର ଅଳଙ୍କାର; ବେଶ ମଞ୍ଜୁଳା—ବେଶ ଯୋଗୁଁ ସୁନ୍ଦର ବା ସୁନ୍ଦର-ବେଶା; ଭୂତିଶାଳିନୀ—ବିଭବମୟୀ ।

୨ । ତଟିନୀ—ମେଖଳା—ନଦୀମାନେ ଯାହାର ଅଣ୍ଟାସୂତା; ପୋତପୂତ ବେଳା—ଯାହା ଉପକୂଳରେ ଜାହାଜ ଭୁଣ୍ଡ ହୁଏ; ନଭସ୍ପୃଶୀ—ଅତିଉଚ୍ଚ ।

ମ୍ଳାନ-ଜନ-ମନ— ଭାସ୍ୱ ବମୋହନ
ମୋକ୍ଷ-ପାବଚ୍ଛ-ମାଳ-ଶୋଭିନୀ ମା । ୩ ।

ଶଭ୍ରୀ-ଉଜ୍ଜ୍ୱଳା ଶୂର-ଶିଶୁ-ଦୋଳା
ବିଜୟ-ବିଭ୍ରମୟୀ ହ୍ଲାଦିନୀ ମା । ୪ ।

କଳା-ପଦ୍ମାଳୟା— ଭୂଷିତ-ସୁଦେହା
ଦୁଃଖଅମଳା ବିଧୁହାସିନୀ ମା । ୫ ।

ବନ୍ଦନ-ମଉଳି— ଦତ୍ତ-ପଦଧୂଳି
ଚିତ୍ତ-କୁମୁଦାନନ୍ଦ-ଶୃନ୍ଦନୀ ମା । ୬ ।

୧୯୩୭

---

୩ । ବମୋହନ—ସୁନ୍ଦର; ମୋକ୍ଷ—ମୁକ୍ତି; ପାବଚ୍ଛ—ପାହାଚ; ମୋକ୍ଷ ପାବଚ୍ଛମାଳଶୋଭିନୀ—ଯାହା ମୁକ୍ତିର ପାହାଚରେ ମଣ୍ଡିତା ଅଟେ ଅର୍ଥାତ୍ ତୀର୍ଥମାଳିନୀ ।

୪ । ବିଜୟ-ବିଭ୍ରମୟୀ—ବିଜୟ ଅନ୍ୱେଷଣରେ ଆନ୍ଦୋଳିତା; ହ୍ଲାଦିନୀ ଆନନ୍ଦଦାୟିନୀ ।

୫ । କଳା-ପଦ୍ମାଳୟା-ଭୂଷିତ-ସୁଦେହା—ଯାହାର ଦେହ କଳା ରୂପ ଲକ୍ଷ୍ମୀଙ୍କ ଆବାସ; ବିଧୁହାସିନୀ—ବିଧୁ ଅର୍ଥାତ୍ ଚନ୍ଦ୍ରପରି ଯାହାର ହାସ ସ୍ୱଚ୍ଛ ଅଟେ ।

୬ । ମଉଳ—ମୌଳି—ସ୍ୱର୍ଣ୍ଣ; ଶୃନ୍ଦନୀ—ଚନ୍ଦ୍ର କିରଣ ।

—୬—

# ଆଦ୍ୟ ଭେଟ

[ ରାଗ—ଶଙ୍କରାଭରଣ ]

ଅଦ୍ୟେ ଯେଉଁ ଦିନ ସଖି ! ରାଜିଲୁ ପୁରତେ
ଆନନ୍ଦ-ପ୍ରତିମା ପରି ଆଭାସିଲୁ ମୋତେ ।
ମଞ୍ଜୁ ମଣ୍ଡିଲୁ ଶୋଭାରେ
ରସାଣିତ ତନୁ ସହ ହୋଇଣ ଆଭାରେ ।୧।

ତାମରସେ ଅଳି ପରି ଢଳଳ-ଢଳଳ
ତୋଳା ଦୁଇ ନୟନେ ତୋ କରୁଥିଲା ଖେଳ ।
କେଶ-କାଳିମା ତୋହର
ତମୋପୁଞ୍ଜ-ଗାରିମାକୁ କରୁଥିଲା ଜୁର ।୨।

ଚନ୍ଦ୍ରରୁ ଚୁମ୍ବି କାନ୍ତି, ବସନ୍ତୁ ସୁଷମା
ଅମର ବନ୍ଦାଣି ତୋରେ ଗଢ଼ିଥିଲା ରମା !
ସଂଗୀତରୁ ସାର ଘେନି
କମ୍ବୁ-କଣ୍ଠେ ଛଇଳା ! ତୋ ଭରିଥିଲା ବାଣୀ ।୩।

---

୧। ପୁରତେ—ଆଗରେ; ସମ୍ମୁଖରେ; ଆନନ୍ଦପ୍ରତିମା—ଆନନ୍ଦ ଉପାଦାନରେ ଗଢ଼ା ମୂର୍ତ୍ତି; ଆଭାସିଲୁ—ଜଣା ପଡିଲୁ; ରସାଣିତ—ଝଲରେ ମଣ୍ଡିତ; ଆଭା—ଆଲୋକ ।

୨। କେଶ-କାଳିମା—ମୁଣ୍ଡ ବାଳର କଳା ରଙ୍ଗ; ତମୋପୁଞ୍ଜଗାରିମା—ଅନ୍ଧାରର ବଡ଼େଇ; ଜୁର କରୁଥିଲା—ଲୁଟି କରୁଥିଲା ।

୩। କାନ୍ତି—ଝଲ; ସୁଷମା—ଶୋଭା; ଅମରବନ୍ଦାଣି—ବିଧାତା; ସାର—ନିର୍ଯ୍ୟାସ ।

ନୟନ-ନଳୀରେ ତୋର ଦେଖିଲି ହୃଦୟ
ଗୋଷ୍ଠୀପଟଣେ ମୋହ ପାଇଁ ପ୍ରେମ-ହେମମୟ ।
ରୂପ ଧରି ମୋ ସୁକୃତ,
ମଣିଲି ପୁରତେ ଆସି ହେଲା ଉପଗତ । ୪ ।
ବଚନୁଁ ବୁଝିଲି ପୁଣି ତୁହି ରେ ଲଳିତା !
ରୂପ ଅନୁରୂପ ଗୁଣରତ୍ନେ ବିମଣ୍ଡିତା ।
କାମ-ବିମୋହନ-ଫାଶ,
ଦାମିନୀ ଅଟକ ମଝେ ହେଉଁ ପରକାଶ । ୫ ।
ଭାଳିଲି ଲତିକା ହେବୁ ମୋ ଜୀବ-ତରୁରେ
ମନ୍ଦାକିନୀ-ଧାର ପୁଣ ମୋ ଚିତ୍ତ-ମରୁରେ ।
ଗୀତ-ରଚନାକୁ ବାଣୀ,
ପ୍ରେମ-ହେମ-ସିଂହାସନେ ମମ ହୃଦରାଣୀ । ୬ ।
ତୁହି ସୂଚଇଲୁ ପୁଣି ଅଶେଷ ସଂକେତେ
ପୂର୍ଣ୍ଣ ସୁଧାକର ହେବୁ ମୋ ଚିତ୍ତ-ବିୟତେ ।
ସ୍ୱର୍ଣ୍ଣ-କମଳ ସମାନ,
ମୋ କୁଟୀର ସରସୀରେ ହେବୁ ଶୋଭମାନ । ୭ ।

---

୪ । ହେମ—ସୁବର୍ଣ୍ଣ; ସୁକୃତ—ପୁଣ୍ୟ; ଉପଗତ—ଉପସ୍ଥିତ ।

୫ । ଅନୁରୂପ—ସମାନ; କାମବିମୋହନଫାଶ—ଯୁବା ହୃଦୟକୁ ଫାଶିକୁ ଧରିବା ନିମନ୍ତେ ମଦନ ହାତର ସୁନ୍ଦର ଫାଶ ବା ଫାନ୍ଦ; ଦାମିନୀ—ପରକାଶ-ମଞ୍ଜିଷ୍ଠୁରରେ ପଡ଼ିଛି ଦାମିନୀ ଅର୍ଥାତ୍ ବିଜୁଳି ଅଟକି ଅର୍ଥାତ୍ ଆଉ ଉପରକୁ ଯାଇ ନ ପାରି ସତେ ବନ୍ଧା ଯାଇଛି କି ?

୬ । ଲତିକା—ଲତା; ତରୁ—ଗଛ; ମନ୍ଦାକିନୀ—ଗଙ୍ଗା; ମରୁ—ଜଳଶୂନ୍ୟ ବାଲୁକାମୟ ସ୍ଥାନ; ବାଣୀ—ସରସ୍ୱତୀ ।

୭ । ସଙ୍କେତ—ଇସାରା, ସୁଧାକର—ଚନ୍ଦ୍ର; ବିୟତ—ଆକାଶ, ସରସୀ—ପୋଖରୀ; ହେବୁ ଶୋଭମାନ—ଶୋଭା ପାଇବୁ ।

ନିଃଶେଷି ତୋ ରୂପସୁଧା କରିବାକୁ ପାନ
ରୋମମୂଳ-ଯାକ ମୋର ହୋଇଥାନ୍ତେ ନୟନ !
ସହସ୍ର-ଶ୍ରୁତ ମୁଁ ହୋଇ,
ତୋ କଣ୍ଠ-ବାଦକଣୀ-ବୀଣା-ଗୀତ ଶୁଣିଲନ୍ତି ।୮।

ଭାବବାକ୍ୟ ଭଣ୍ଡାର ତୁ ଯେଣୁ ବାଗୀଶ୍ୱରୀ
ଭାବ-କାବ୍ୟ-ବିଦଗ୍ଧ କଲୁ ଚିତ୍ତ ମୋର ।
ରଚି ମାନସ କୁଳାୟ,
ନିବସିଲେଁ ତହିଁ କୁଳ ବଂଶ ସମୁଦାୟ ।୯।

କଳ୍ପନା-ମହୀରୁହ ବାସ୍ତବ-ଅଶନି
କାଳଦେବ ବନ୍ଧୁଆ ରେ ! ଥିଲି ନାହିଁ ଜାଣି ।
ଶିର-ବିଚ୍ଛେଦ-ବେଦନେ,
ଲୋଟି ଯାଇ ବାଟେ ଆଉ ନ ହୋଇବି ଉଦେ ।୧୦।

---

୮। ନିଃଶେଷି—ଶୋଷାଏ ସୁଦ୍ଧା ବାକି ନ ରଖି; ରୂପସୁଧା—ରୂପ ରୂପ ଅମୃତ; ସହସ୍ରଶ୍ରୁତି—ହଜାର କାନ ଥିବା ବ୍ୟକ୍ତି; ବାଦକଣୀ ବୀଣା—ବାଜୁଥିବା ବୀଣା ।

୯। ଭାବ—ପ୍ରେମ; ବାଗୀଶ୍ୱରୀ—ସରସ୍ୱତୀ; ଭାବକାବ୍ୟ—ପ୍ରେମରୂପକ କାବ୍ୟ; ବିଦଗ୍ଧ—ପଣ୍ଡିତ; ମୋର—ମୋହର; ରଚି ମାନସ କୁଳାୟ—ମନେ ମନେ କୁଳାୟ ଅର୍ଥାତ୍ ନୀଡ଼ ବା ପକ୍ଷୀ ବସା ତିଆରି କରି; ନିବସିଲେଁ—ତହିଁରେ ବାସ କଲେଁ ।

୧୦। କଳ୍ପନାମହୀରୁହ—ଆମ ଦୁହିଁଙ୍କ କଳ୍ପନା ବା ମନର ଗାଛ ରୂପକ ଗଛ; ବାସ୍ତବ-ଅଶନି—ପ୍ରକୃତରେ ଯାହା ଘଟିଲା ସେ ଘଟଣାରୂପକ ବଜ୍ର; ବନ୍ଧୁଆ—ନିର୍ଦ୍ଦୟତମ; ଉଦେ—ଉଦୟ ।

ନୟନତାରା ରେ ! ମୋର ଶୋଭା-ଅଧିଦେବ !
ତହ ସତେ ଉଠେ ଜ୍ୱରେ ଅଉ ମୁଁ ଦେଖିବି ।
କଣ୍ଠେ ବେଢ଼ାଇବ ଭରୁ,
ବାସ-ବନଜ-ବଦନେ ହେଉ ମଧୁକର । ୧୧ ।

୧୯୦୫

---

୧୧ । ନୟନତାରା—ଆଖିର ପୁଅ ପରି ଆଦରଣୀୟା; ଶୋଭା ଅଧିଦେବୀ—ସୌନ୍ଦର୍ଯ୍ୟର ଅଧିଷ୍ଠାତ୍ରୀ ଦେବତା; ବାସ—ସୁବାସିତ; ବନଜ—ପଦ୍ମ; ବଦନ—ମୁଖ; ମଧୁକର—ଭ୍ରମର ।

—୩—

# ମଞ୍ଜୁଳା-ମାଧବ *

[ ରାଗ—ଶଙ୍କରାଭରଣ ]

( ମାଧବ )

"ପ୍ରାଣପ୍ରିୟା ମଞ୍ଜୁଳା ହେ ! କହ ସତ କରି
ଦାସଜନ ପାଇଁ ହେବୁ କି ଦେଶାନ୍ତରୀ ।
ତେଜି ଏ କାଞ୍ଚୀ ନଗର,
ଶୁଣିନାହୁଁ ନାଗରୀ କି ସରଳ ସମର ? ୧ ।

"ପଣତ-କାନ୍ତରେ ତୋର ବନ୍ଧା ମୋ ପରାଣ
ରିକ୍ତ ଦେହ ଘେନି କେହ୍ନେ କରିବି ଗମନ ।
ରହିବଇଁ ବା କେସନେ ?
ଧରି ହେବା ସାର ହେବ ସଜନ ଗଣନେ" । ୨ ।

( ମଞ୍ଜୁଳା )

"ପ୍ରାଣଧବ ମାଧବ ହେ ! ସରସୀ-କୂଳନେ
ପ୍ରଥମ ଭେଟରେ ଯେବେ ସାକ୍ଷୀ କରି ଜହ୍ନେ ।
ପ୍ରାଣ ସଁପିଲି ଶ୍ରୀକରେ
ଛଡ଼ାଛଡ଼ି ହେବା କଥା ଥିଲା କି ମନରେ ? ୩ ।

---

* ଘଟନା ପୁରୁଷୋତ୍ତମ ଦେବଙ୍କ କାଞ୍ଚୀ ଅଭିଯାନ ସମୟର ।

୧ । ଦେଶାନ୍ତରୀ — ଯେ ଦେଶ ଛାଡ଼େ; ନାଗରୀ — ଚତୁରୀ ।

୨ । ରିକ୍ତ — ଖାଲି ( ଅର୍ଥାତ୍ ହୃଦୟଟି ତୋର ପାଖରେ ରଖି ଖାଲି ଦେହଟାକୁ ଘେନି । )

୩ । ସରସୀକୂଳନେ — ପୋଖରୀ କୂଳରେ; ସଁପିଲି — ସମର୍ପଣ କଲି ।

“ଘୃଣିବି କି ନ ଯିବ ଅଙ୍ଗ ପଶୁଛୁଇଁ ଯାହା
ଶବାସ୍ପର ଘୃଣିବା ଦେହ ପଶୁରିଲେ ତାହା
ହୁନ୍ତା ଯେବେ ଅଘଟଣ
ତା ତହୁଁ ଏ କଥା ତୁମ୍ଭ ମୁହଁରେ ଦୂଷଣ । ୪ ।

“ମାଣିକ ଅଣଙ୍କା ମୁହିଁ ତୈଲଙ୍ଗ ଅବଳା
ମୋହ ଲାଗି ଭାଙ୍ଗି ଦେବେ କି ସମାଜ-ଅର୍ଗଳା
ହେବ ସୁଖୀ ମୋତେ ଭଜ
ମଞ୍ଜୁଳା ମୋହର ଜୀବଧବ-ଗଳଗ୍ରହ” । ୫ ।

( ମାଧବ )

“ଜାଣିନାହୁଁ ବାନ୍ଧବି ! କି ସଂସାର-ବନ୍ଧନ
ଗଲା ଦିନୁଁ ପିତାମାତା ହେଲଣି ଛେଦନ ।
ଖାଲି ମଞ୍ଜୁଳା ! ତୋ ଆଶ
ଏ ମୁକ୍ତ ଚରଣ ଯୁଗଳରେ ନୂଆ ଫାଶ । ୬ ।

ମଞ୍ଜୁଳା ସମାଜ ମୋର, ମଞ୍ଜୁଳା ମୋ ଜାତି,
ମଞ୍ଜୁଳା ବିହୁନେ ମୋର ନାହିଁ ଆନ ଜ୍ଞାତି
ମଞ୍ଜୁଳାକୁ ଘୃଣା କର
ମଞ୍ଜୁଳ ହୋଇ ଏ ବିଶ୍ୱ ନାହିଁ କିଛି ଧର । ୭ ।

---

୪ । ଅଘଟଣ—ଅସୁନ୍ଦର; ଦୂଷଣ – ନିନ୍ଦାର ବିଷୟ ।

୫ । ଅର୍ଗଳା – ବନ୍ଧନ; କଟକଣା; ଜୀବଧବ ଗଳଗ୍ରହ—ପ୍ରାଣବନ୍ଧୁଙ୍କ ଉପରକୁ ବୋଝ ।

୬ । ମୁକ୍ତ—ବନ୍ଧନ ଶୂନ୍ୟ; ନୂଆ ଫାଶ – ନୂଆ ବନ୍ଧନ ।

୭ । ମଞ୍ଜୁଳ – ସୁନ୍ଦର ।

"ଗଛମୂଳେ ସାତ ଦିନ ରହିଲେ ଉପାସ
ମଞ୍ଜୁଳା ରେ ! ସ୍ମୃତି ତୋର ଦେବ ମୋତେ ଗ୍ରାସ ।
ତୋର କ୍ଷୁଧିତ ସନ୍ତାପ ;
କର୍ତ୍ତିବଲେ ପଣି ହେବ ମୋ ଚନ୍ଦ୍ର-ପୀୟୂଷ । ୮ ।

"ଦୂଷଣ ଶୋଷଣ ବାଜୁ ନାହିଁ ମୋର ଡର
ଡର କିସ ତାକୁ ଚିତ୍ତ ନେଲଣି ଯା ଚୋର ?
ଅରେ ମୋ ଚିତ୍ତ-ଚୋରଣି !
ଚୋର-ଦଣ୍ଡ ଦେବ ନେଇ ଉତ୍କଳ-ଅବନୀ । ୯ ।

"ଗଜପତି-ଚିତ୍ତ ହରି ଲେମା ପଦ୍ମାବତୀ
ପ୍ରେମ-ରାଷ୍ଟ୍ର-ଅଧିକରଣରେ ଯେଉଁ ଶାସ୍ତି
ଏବେ ଅଛନ୍ତି ମୂଳର;
ସେ ଶାସ୍ତି ହୋଇଛୁ ଥୁଆ ମଞ୍ଜୁଳା ! ତୋ ପାଇଁ ।୧୦।"

---

୮ । କ୍ଷୁଧିତ ସନ୍ତାପ—ଗ୍ରୀଷ୍ମ ବେଳର କଥା; ଚନ୍ଦ୍ର-ପୀୟୂଷ—ଜ୍ୟୋତ୍ସ୍ନାରୂପ ଅମୃତ; ( ତୁଳନାକର ) "ଜ୍ୟୋସ୍ନା ଲହରୀ ଦେଲେ ନାସା ଫୁଲଇ । ଚନ୍ଦ୍ରବର୍ତ୍ତୀପଣରୁ ଗଣନ୍ତି ନାହିଁ ।"—ଉପେନ୍ଦ୍ର ଭଞ୍ଜ ।

୯ । ଦୂଷଣ ଶୋଷଣ ବାଜୁ—ଲଜ୍ଜା ବାଜୁ ପଛକେ; (ତୁଳନାକର) "ବାଜୁ ଦୂଷଣ ଶୋଷଣ । ହେଲେ ହେଉ ପଛେ ନାନା କଷଣ ଗୋ । ମୁଁ ତ କଲିଣି ତାହା ଭୂଷଣ, ସଜନ ଗୋ ।"—ଅଭିମନ୍ୟୁ ସାମନ୍ତ ସିଂହାର ।

୧୦ । ଗଜପତି—ପୁରୁଷୋତ୍ତମ ଦେବ ଓଡ଼ିଶାର ଗଜପତି ମହାରାଜା; ରାଷ୍ଟ୍ର—ରାଜ୍ୟ; ଅଧିକରଣ—ବିଚାରାଳୟ; ଶାସ୍ତି—ଦଣ୍ଡ ।

( ମଞ୍ଜୁଳା )

"ନିଜେ ସ୍ୱୈର ହୋଇ ପରେ ବୋଲୁଛ ସ୍ୱୈରଣୀ
ଧନ୍ୟ ରେ ଓଡ଼ିଆ ! ଧନ୍ୟ ତୁମ୍ଭର କରଣି
 ନେଲ କାଞ୍ଚୀ-ସ୍ୱାଧୀନତା
ଓଲଟି ଦଣ୍ଡିବ କାଞ୍ଚୀ-ନଗର-ବଣତା । ୧୧ ।

"ସାକ୍ଷୀ ଥାଅ ହେ ଚନ୍ଦ୍ରମା ! ପର୍ବ-ଶର୍ବରୀଶ
ରାଜ-ସ୍ୱୈର-ଗଳେ ଲଗାଇଲି ବାହୁପାଶ
 ଚିହ୍ନି ନ ଦେଲେ ଫେରାଇ,
ଏହାଁ କର୍କଶତା ନ ଦେବଇଁ କୋହଳାଇ" ।୧୨।

ହସୁଥିଲା କାଞ୍ଚୀପୁରେ ସୁହାସିନୀ ରାକା
ହସିଲା ଗଗନେ ଇନ୍ଦୁ, ହସିଲେ ତାରକା
 ଦେଖି ଏ ମଧୁର ଯୋଗ,
ଶୁଣି ପୁଣି ପ୍ରୀତି-କଇତବ-ଅଭିଯୋଗ ।୧୩।

୧୯୩୭

---

୧୧ । କରଣି—କାମ ।

୧୨ । ପର୍ବ—ପୂର୍ଣ୍ଣିମା; ଶର୍ବରୀଶ—ରାତ୍ରିର ଅଧିପତି ବା ରାଜା ଅର୍ଥାତ୍ ଚନ୍ଦ୍ର; କର୍କଶତା—ବାହୁପାଶର କଠିନତା ।

୧୩ । ରାକା—ପୂର୍ଣ୍ଣିମା; ଇନ୍ଦୁ—ଚନ୍ଦ୍ର; ମଧୁର ଯୋଗ—ମଧୁର ମିଳନ; କଇତବ—ମିଛିମିଛିକା; ଅଭିଯୋଗ—ଦୋଷ-ଲଅଦେଲ ।

—୪—

# ଶକୁନ୍ତଳାଙ୍କ ପତିଗୃହ ଯାତ୍ରା

( ରାଗ—ଦେଶାକ୍ଷ )

ପତିଗୃହେ ଶକୁନ୍ତଳା କରିବେ ଗମନ
ଶୁଣି କଣ୍ୱାଶ୍ରମ ଆଜି ବିଷାଦେ ମଗନ ।୧।
ପୁଷ୍ପଜାତ ଛଳେ ତରୁ ଲୋତକ ପକାଇ,
କାନ୍ଦନ୍ତି ସରଳା-ସଖୀ-ଗୁଣଗଣ ଧ୍ୟାଇ ।୨।
ଶୋକର ତାମସୀ ଛାୟା କାୟାକୁ ବିସ୍ତାରି
ଆଶ୍ରମର ଚଉଦିଗ ଅଛଇ ଆବୋରି ।୩।
ବୃଦ୍ଧା ଗଉତମୀ ପ୍ରିୟମ୍ବଦା ଅନସୂୟା
କରନ୍ତି ବିଳାପ ହୋଇ ଆକୁଳ ହୃଦୟା ।୪।
ନିର୍ବିକାର କଣ୍ୱ ମୁନି ବିକାରକୁ ଭଜି
ନୀରବେ କରନ୍ତି ଶୋକ ଲୋତକ ବରଜି ।୫।
ଗୃହି-ଜନ-ସୁଲଭ ଏ ଶୋକାବେଗ ପୁଣି
ଲକ୍ଷି ହେଉଛନ୍ତି ମୁନି ହୃଦ ମଧ୍ୟେ ଗୁଣି ।୬।
"ଶକୁନ୍ତଳା ପତିଗୃହେ କରିବ ଗମନ
ଜଡ଼ୀଭୂତ ନେତ୍ର ମୋର କଣ୍ଠ ବାକ୍ୟହୀନ ।୭।
ବନବାସୀ ତାପସ ମୁଁ; ମାୟା ମୋ ଏସନ
କନ୍ୟା ତେଜି ନୋହୁଥିବେ କିସ ଗୃହୀ ଜନ ।୮।"

---

୧। କଣ୍ୱାଶ୍ରମ—କଣ୍ୱ ମୁନି ଅର୍ଥାତ୍ ଶକୁନ୍ତଳାଙ୍କ ପାଳକ ପିତାଙ୍କ ଆଶ୍ରମ ।
୨। ଗୁଣଗଣ—ଗୁଣ ସମୂହ; ଧ୍ୟାଇ—ସ୍ମରି ।
୫। ନିର୍ବିକାର—ଦୁଃଖ ସୁଖରେ ଅବିଚଳିତ ।
୮। ତାପସ—ଋଷି ।

ଶନ୍ତୁଁ ଏହୁ ଉତ୍ତମ ମୂନା ନବୀନ ଦୁକୂଳେ
ମଣ୍ଡି ବପୁ ଶକୁନ୍ତଳା, ଚରଣର ତଳେ । ୯ ।

ପ୍ରଣମି ମାଗିଲେ ଧନୀ ବିଦାୟ କରୁଣ
ଶୋକ-ନଦୀ-ବନ୍ଧ ଭଗ୍ନ କରି ତତକ୍ଷଣ
ନେତ୍ରଜଳରେ କରି ସିକ୍ତ ଭାଷା ମୁନିବର
ବହିଲେ ଅଶିଷ "ବତ୍ସେ ! ଲଭ ଗୋ ସତ୍ୱର
ସୁତ ରାଜଚକ୍ରବର୍ତ୍ତି-ଲକ୍ଷଣ-ସଂଯୁତ,
ସଧବା ସିନ୍ଦୁର ଶିରେ ରହୁ ମା ! ଅକ୍ଷତ । ୧୨ ।

ତରୁଗଣେ ସମ୍ବୋଧନେ କହନ୍ତି ତାପସ
"ତୁମ୍ଭଙ୍କୁ ନ ଦେଇ ଜଳ ଯେ ଜଳ ସ୍ପରଶ
କରନାହିଁ, ହୋଇ ଯେହୁ ଭୂଷଣ-ରଙ୍କିଣୀ
ପଲ୍ଲବ ତୁମ୍ଭର ଦନେ କରନାହିଁ ହାନି ।
କୁସୁମ ଉଦ୍‌ଗମେ ତୁମ୍ଭ, ହୃଦୟୁ ଯାହାର
ଆନନ୍ଦରେ ହେଉଥିଲା ଉଦ୍‌ବେଳ ଗୋ ତାର
ପତି-ଗୃହ-ଯାତ୍ରା ଆଜ, ଉଲ୍ଲସିତ ମନେ
ବିଦାୟ ଦିଅ ଆଶ୍ରମ ମହୀରୁହଗଣେ ! । ୧୬ ।

---

୯ । ଦୁକୂଳ—ବସ୍ତ୍ର; ବପୁ—ଦେହ ।

୧୧ । ୧୨ । ନେତ୍ରଜଳରେ କରି ସିକ୍ତ ଭାଷା—କୋହରେ କଣ୍ଠ ରୋଧକରି;
ବହିଲେ ଅଶିଷ—ଆଶୀର୍ବାଦ କଲେ ।

୧୩ । ୧୬ । ସମ୍ବୋଧନ—ଡାକି; କୁସୁମ ଉଦ୍‌ଗମେ—ଫୁଲ ଫୁଟି ବାହାରିଲେ; ମହୀରୁହ—ତରୁ ।

ଏକାଳେ ସ୍ୱରନ୍ତେ ପିକ ତରୁ-ଡାଳେ ବସି
ପଡ଼ନ୍ତେ ପୁଷ୍ପନିବହ ବାୟୁସ୍ରୋତେ ଖସି
ତରୁଗଣ ଏ ସବୁକୁ କରି ବ୍ୟପଦେଶ
ଦେଲେ ଅନୁମତି ବୋଲି ଜାଣିଲେ ମୁନୀଶ । ୧୮ ।

ପ୍ରିୟସଖୀ ପାଇଁ ଶୋକେ ହୋଇଣ ଗଦ୍‌ଗଦା
ଗଗନ ଫଟାଇ ବିଳପିଲା ପ୍ରିୟମ୍ବଦା
ଅସହ୍ୟ-ସଖୀ-ବିରହେ ଅନସୂୟା ପୁଣି
କଣ୍ଠେ ତା ମିଳାଇ କଣ୍ଠ କାନ୍ଦିଲା ଦୁଃଖିନୀ । ୨୦ ।

ଶକୁନ୍ତଳା-ବସନାନ୍ତ ଧରି ମୃଗଶାବ
ଟାଣନ୍ତେ ସୂଚାଇ ମୁଖେ ବିଷାଦ ନୀରବ
ଭାଷିଲେ ତାପସ "ବତ୍ସେ ! କୁଶାଗ୍ରେ ଯା ମୁଖ
କ୍ଷତ ହୁଅନ୍ତେ ମନେ ତୁମ୍ଭେ ବହି ଗୁରୁ ଦୁଃଖ,
ଇଙ୍ଗୁଦୀ-ତଇଲ ଲେପି ଶୁଖାଇଲ ବ୍ରଣ
ନୀବାର ତଣ୍ଡୁଳେ ତୁମ୍ଭେ ପୁଷ୍ଟ ଯା ଜୀବନ;
ମାତୃହୀନ ସେହୁ ମୃଗଶାବ ତୁମ୍ଭ ଗତି
ବସନାନ୍ତ ଟାଣି ରୋଧେ, ବିଷାଦ ତ ଅତି । ୨୪ ।

ବାତ୍ସଲ୍ୟରେ ବିଗଳିତ ହୁଅନ୍ତେ ଅନ୍ତର
ସମ୍ଭାଷିଲେ ସ୍ନେହଶୀଳା ମୃଗଶାବେ ଚିର
"ପାଳିଥିଲି ତୋତେ ତୋର ମାଆ ଯାନ୍ତେ ମରି
ପଛେ ଗୋଡ଼ାଉ କି ବାପ ! ସେ କଥା ସୁମରି ?

---

୧୭ । ୧୮ । ନିବହ—ସମୂହ, ସବୁ; ବ୍ୟପଦେଶ—ଛଳ, ସଙ୍କେତ ।
୧୯ । ୨୦ । ଗଦ୍‌ଗଦା—ଆକୁଳା; ବିଳପିଲା—କାନ୍ଦିଲା ।
୨୧ । ୨୪ । ବସନାନ୍ତ—ଲୁଗାକାନି; ଶାବ—ଛୁଆ; ବ୍ରଣ—ଘାଆ ।

ଯାଉଛି ମୁଁ ପିତୃଦେବ ତୋତେ ଅଜାଠାରୁ
ଲଗିଲେ ରେ ବାପ ! ତୁହି ରହ ଏଥୁଠାରୁ" । ୨୭ ।
ଝରଇ ନୟନୁଁ ନୀର ହେଲା କଣ୍ଠରୋଧ
ନ ମାନିଲେ ସୁଲକ୍ଷଣୀ ତାହାଙ୍କ ପ୍ରବୋଧ । ୨୮ ।
ଶାର୍ଙ୍ଗ ରବେ ସୁହିଁ ମୃନ ଭାଷନ୍ତି ଏକାଳେ
"ଶକୁନ୍ତଳା ସହ ବତ୍ସ ! ଯିବ ନୃପ ଆଳେ । ୨୯ ।
ଭାଷିବ ତାହାଙ୍କୁ ଅମ୍ଭେ ବନବାସୀଜନ
ତପସ୍ୟା ବିହୁନେ ଅମ୍ଭ ନାହିଁ ଆନ ଧନ । ୩୦ ।
ସରଳା ଏ ଶକୁନ୍ତଳା, ପ୍ରଣୟ ପ୍ରବୃତ୍ତି
ସରଳ ବେଶରେ ପ୍ରକାଶିଛି ତାଙ୍କ ପ୍ରତି । ୩୧ ।
କଳଙ୍କ-କାଙ୍କ୍ଷିତ ପତି ସୁହାଗ-ସମ୍ଭାର
ଲଭିଲେ ସେ, ହେବ ତୋଷ ଅନ୍ତର ଅମ୍ଭର । ୩୨ ।
ନ ମାଗୁଁ ଆନ କିଛି" । "ଶୁଣ ଶକୁନ୍ତଳେ !
ଆଚରିବ ଗୁରୁଜନସେବା ପତିଆଳେ । ୩୩ ।
ମଣିବ ସପତ୍ନୀଗଣେ ପ୍ରିୟସଖୀ ସରି
ନ ଧରିବ ପତିଦୋଷ ରୋଷେ ହୁଡ଼ି କରି । ୩୪ ।
ପତି ରୁଷ୍ଟ ହେଲେ ହୋଇ ବିଶୁଦ୍ଧାନ୍ତରଣୀ
ନୋହିବ କଦାଚ ତାଙ୍କ ବିରାଗ-ଭାଗିନୀ । ୩୫ ।

---

୩୧ । ସରଳ ବେଶରେ···ଇତ୍ୟାଦି—ସ୍ପଷ୍ଟରେ ତାଙ୍କୁ ହୃଦୟ ଦାନ କରିଅଛି ।

୩୨ । କଳଙ୍କ—ଈର୍ଷା; କାଙ୍କ୍ଷିତ—ଇପ୍ସିତ, ଇଚ୍ଛା କରୁଥିବା; ସୁହାଗସମ୍ଭାର—ସ୍ନେହରୂପ ଧନ ।

୩୩ । ଆଳେ—ଘରେ ।

ଢଳାଟେ ସେ ଅଶ୍ରୁ ନେତ୍ରେ ତୋହେ ଏବେ ହନ୍ତତ
ପରଜନେ ଅନୁକମ୍ପା ଜନ୍ମିବ ମା ! ନିତ୍ୟ । ୩୬ ।
ଏହାରେ ଅନାଥା ଭଲେ ନିଜେ ଅପସଣ
ମନଃଶୂଳ ହୁଏ ବଧୂ ସବିଙ୍କ ଅବଶ୍ୟ । ୩୭ ।
ଦଅ ମା ! ମେଲଣି ଏବେ ସଖୀଙ୍କି ତୋହର
ନ ଯିବେ ତୋ ସଙ୍ଗେ ସେ ତ ଅଛ ବେଶୀ ଦୂର ।୩୮।
ମୋତେ ମା ! ଜବାସ୍ତୁ ଦଅ ଦେନ ଶୁଭାଶିଷ
ପୂରନ୍ତୁ କାମନା ତୋର ପ୍ରଭୁ ଜଗଦୀଶ । ୩୯ ।
ପ୍ରାଚୀ ପ୍ରସବଇ ଯେସନେ ସହସ୍ରରଶ୍ମିଧୃତ
ସୁପୁତ୍ର ଲଭିବୁ ତେସନ ତୋତେ ବହୁ ଅଦ୍ଭୁତ ! । ୪୦ ।
ମୋ ବିଚ୍ଛେଦ-ବ୍ୟଥା ଭୁଲି ହୁଅ ଗୋ ବସ୍ତୁତ
ସଂସାରବ୍ୟାପାରେ ସଦା ନିବେଶ ମା ! ଚିତ୍ତ । ୪୧ ।
ଶୋକାତୁରା ଶକୁନ୍ତଳା ସଖୀଙ୍କି ଆଲିଙ୍ଗି
କହନ୍ତି "ମେଣ୍ଟ ଅମ୍ଭର ବାନ୍ଧୁ ଦେଲ ଭାଙ୍ଗି ।୪୨ ।
ସଖୀଏ ! ଏହୁ କି ମୋର ଶେଷ ଆଲିଙ୍ଗନ
ଏହୁ କି ଲେଖ ଏ ଆଶ୍ରମେ ଶେଷ ସମ୍ଭାଷଣ ? ୪୩ ।

---

୩୬ । ପରଜନ—ଶ୍ୱଶୁର ଗୃହବାସୀ; ଅନୁକମ୍ପା—ଦୟା; ନିତ୍ୟ—ସବୁବେଳେ ।

୩୭ । ମନଃଶୂଳ—ଅପ୍ରୀତି ।

୪୦ । ପ୍ରାଚୀ—ପୂର୍ବଦିଗ; ସହସ୍ରରଶ୍ମିଧୃତ—ସୂର୍ଯ୍ୟ ।

୪୧ । ବସ୍ତୁତ—ଶୀଘ୍ର; ସଂସାରବ୍ୟାପାରେ—ସଂସାର ଧନ୍ଦାରେ; ନିବେଶ ମା ! ଚିତ୍ତ—ଦେ ମା ! ମନ ଦିଅ ।

୪୨ । ମେଣ୍ଟ—ମେଳ । ୪୩ । ଲେଖବେଳେ—ବୃଦ୍ଧ ବୟସ ହେଲେ ।

ପ୍ରିୟମ୍ବଦେ ! ଅନସୂୟେ ! କହ ସତ କର
ଦୁଃଖିନୀର ସ୍ମୃତି ହୃଦେ ଥିବ କି ଧର । ୪୪ ।
କହ ପିତଃ କହ କେବେ ଅସି ଏ ରଙ୍କୁଣୀ
ଏ ଆଶ୍ରମ ହେରେଖିବ ନେଇ ସୁତେ ପୁଣି" । ୪୫ ।
ଭାଷିଲେ ତାପସ 'ବତ୍ସେ ! ବିଶାଳ ଅବନୀ
ସପତ୍ନୀ ସମ୍ମାନ ଲଭି, ହୋଇ ରାଜରାଣୀ । ୪୬ ।
ଜରାଗତେ ଭୁଜଂଭାର ଦେଇ ସୁତ କରେ
ଆସିବ କାନନସ୍ଥ ଏହି ଆଶ୍ରମରେ । ୪୭ ।
ସେ ଶ୍ମଶ୍ରୁ ବହନ୍ତ ଧନ ! ନୁହ ଟଗା ଚିନ୍ତିତା
ପତିଗୃହେ ପତିସେବା କର ପତିବ୍ରତା ! ।୪୮ ।
ତପସ୍ୟାର ବେଳା ଏବେ ହେଲାଣି ଅଗତ
ଯାଏଁ ମାଆ ! ନବ୍ୟପଦ ହେଉ ଶୁଭ୍ର ପଥ ।୪୯ ।
ପ୍ରଣମିଣ ଶକୁନ୍ତଳା ଚଳିଲେ ପତିଗୃହ
ଶାର୍ଙ୍ଗରବ, ଶାରଦ୍ୱତ, ଗଉତମୀ ସହ ।୫୦ ।
ଚନ୍ଦ୍ରିକା ବିହୁନେ ଯଥା ଦିଶଇ ଯାମିନୀ
ଦାମିନୀ ପ୍ରୟାଣେ ଯଥା ଦିଶେ କାଦମ୍ବିନୀ । ୫୧ ।
ଶକୁନ୍ତଳା ଯାନ୍ତେ ଚଳି ତଥା ତପୋବନ
ଦିଶିଲା ସପଦ ହୃତଶିରୀ ଅଶୋଭନ । ୫୨ ।

---

୫୧ । ଯାମିନୀ—ରାତ୍ରି ; ଦାମିନୀ—ବିଜୁଳି; କାଦମ୍ବିନୀ—ମେଘ ।
୫୨ । ସପଦ—ଶାଖ୍ର ।

—୨—

# ଲାଳସୀ ଏ ସାଗ୍ର ପରାଣ

( ଗୀତ ଶ୍ଳେଷ )

ଲକ୍ଷର ମନା ନ ମାନି        ଅବାଧ ନୟନ ବେନି
ଅଳି ସମ ଅୟି ଧନି ! ମୁଖେ ତୋ ମଜ୍ଜେ,
ଅନ୍ତର ତରଳି ଉଛୁଳି        ଅଜାଣତେ ଯାଏ ବାହୁ
ବୁଲିକି ଅବଳି ହୋଇ ତୋ ପଦକଞ୍ଜେ,
ଲାଳସୀ ଏ ସାଗ୍ର ପରାଣ,
କାଂକ୍ଷେଣି ତୋ ରୂପସୁଧା ଭରିବ ପାନ ।

୧୯୪୪

---

ଅବାଧ — ଅମାନିଆଁ; ଧନି — ପ୍ରିୟା; ଅନ୍ତର — ଚିତ୍ତ; ଅବଳି—ଭଅଁର; କଞ୍ଜ—ପଦ୍ମ; ଲାଳସୀ—ଅତୀବ ଆଗ୍ରହୀ; କାଂକ୍ଷେଣି—ଇଚ୍ଛା ହେଲେ କହିବା ନ ରହି; ରୂପସୁଧା—ରୂପ ରୂପକ ଅମୃତ ।]

—୨—

## ଗୋପାଳଚନ୍ଦ୍ର ପ୍ରହରାଜ *

( ୧ )

ରାଗ—ବସନ୍ତ

ଦିଗପାଳ ସମ ମତେ ହୁଏ ମମ ଉତ୍କଳ ସାହିତ୍ୟ ଯେବେ ସେ
ରାଜ୍ୟଥିଲ ତୁମ୍ଭେ ହେ ଗୋପାଳଚନ୍ଦ୍ର ! ଦେଇ ମୋଦ କୋଟି କେତେ
ସାଧକ ! ସିଦ୍ଧ ତ ହେଲା ସାଧନା ହେ
ପ୍ରପଞ୍ଚ ମଞ୍ଚରେ ଦେଖି କାହିଁ ଆଉ ରହିଲ ଟି ମହାମନା ହେ ?
ଭଲ ଫଳବନ୍ତ 'ଭାଷାକୋଷ'—ତରୁ ପାଣି ଫଟାଇ ଶୋଣିତ ହେ !
ଏକା ଏଥିପାଇଁ ଚଉଥ-ଶତାବ୍ଦୀ ଜୀବନରୁ ଭଲ ଦଣ୍ଡ ହେ
ସାଧକ ! ସାତ ଖଣ୍ଡ ଭାଷାକୋଷ ହେ
ସାଧନାର ସପ୍ତ ସାଗର ତୁମ୍ଭର, କାଳେ ରଚେ ଉପହାସ ହେ ।
ରସାଳ ଲେଖନୀ ଧରି ଗୁଣମଣି ! 'ନନାଙ୍କ ବସ୍ତାନି ଆଦ ହେ'
ଅମୂଲ୍ୟ ଅତୁଳ ରତନ ପ୍ରତୁଳ ଯାଚିଛ ଯାହା ସମ୍ବାଦ ହେ
ରସିକ ! ରବି ଶଶୀ ଥିବା ଯାଏ ହେ
କଳିଙ୍ଗ-ଭାରତୀ-ଭଣ୍ଡାରେ ତା ଆଭା ମଇଳିବ ନାହିଁ ଟିକେ ହେ ।

---

* କଟକ ଟାଉନ ହଲରେ ଅନୁଷ୍ଠିତ ପ୍ରଥମ ଶୋକସଭାରେ ଗାନ ହୋଇଥିଲା ।

୧ । ମୋଦ—ଆନନ୍ଦ; ପ୍ରପଞ୍ଚ—ଖଳ, ମଞ୍ଚ—ମର୍ତ୍ତ୍ୟପୁର ।

୨ । ଭାଷାକୋଷ — ସାତଖଣ୍ଡରେ ସମାପ୍ତ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ; ଚଉଥ—ଚତୁର୍ଥ ।

୩ । "ନନାଙ୍କବସ୍ତାନି" ପ୍ରଭୃତି ପୁସ୍ତକ ପ୍ରହରାଜଙ୍କ ହାସ୍ୟୋଦ୍ଦୀପକ ସାହିତ୍ୟ ସୃଷ୍ଟିର ଚରମ—ଓଡ଼ିଆ ସାହିତ୍ୟ ରାଜ୍ୟରେ ଅତୁଳନୀୟ; ପ୍ରତୁଳ—ପ୍ରଚୁର ।

ସାହିତ୍ୟ ଜଗତେ ଥିଲ ଛତ୍ରପତି, ମାନବ କୁଳରେ ହୀରା ହେ ।
ଦୀନ ହେଲା ଆଜ ଉତ୍କଳ ମହୀର ଦୟା-ସୌଜନ୍ୟ-ପସରା ହେ
ଦୟାଳୁ ! ସସ୍ମିତ ବଦନ ଧନ ହେ !
କୋଟି ତରୁଣଙ୍କ ପ୍ରିୟ 'ବାବା'-ଡାକ ଦେଇ ହେଲ ଅନ୍ତର୍ଦ୍ଧାନ ହେ

ଆଉ ସଭିଙ୍କର ଅଛି ପଟାନ୍ତର ପଟାନ୍ତର ତୁମ୍ଭ କାହିଁ ହେ
ଶିଖରୀ ହୋଇଣ ତୃଣକୁ ଶିଖର ପାରେ କେ ଅଙ୍ଗ ନୁଆଇଁ ହେ
ଗୋପାଳ ! ହୃଦ ତୁମ୍ଭ ସ୍ନେହ-କୂପ ହେ
ସ୍ୱାଧୀନ ସ୍ୱଚ୍ଛନ୍ଦ ପରଜା ତୁମ୍ଭର ତୁମ୍ଭେ ତା ଆରାଧ୍ୟ ଭୂପ ହେ ।

୧୯୪୫

୪ । ଛତ୍ରପତି ରାଜା । ସସ୍ମିତ—ହସହସ, 'ବାବା'—ପ୍ରହରାଜ ମହୋଦୟ ସମସ୍ତଙ୍କୁ ବାବା ଡାକୁଥିଲେ । ଏ ଡାକ ତାଙ୍କ ଅପାର ବାତ୍ସଲ୍ୟର ସୂଚକ ଥିଲା ।

୫ । ପଟାନ୍ତର—ତୁଳନା; ଶିଖରୀ—ପର୍ବତ; ଶିଖର—ପର୍ବତର ଶିଖ; ତୃଣ—ଘାସ; ଭୂପ—ରାଜା; କବି ବ୍ୟକ୍ତିଗତ ଭାବରେ ପ୍ରହରାଜଙ୍କ ନିକଟରେ ବହୁ ଭାବରେ ଋଣୀ । ପ୍ରହରାଜେ କବିଙ୍କର ବିପଦବନ୍ଧୁ ।

—୭—

# ବର୍ଷ-ବିଦାୟ

ସ୍ୱର—ଅଶାବରୀ

'ଯାହା ଇଚ୍ଛା ତାହା ହେଉ ଗୋ ପ୍ରିୟସଖୀ ରେ' ବୃତ୍ତରେ )

ମିଳନ ତ ଏବେ ଶେଷ ହେ ପ୍ରିୟବନ୍ଧୁ !
ଅତୀତ ଗରଭେ ହଜାଇଲ୍ ସଖା
ଆଜଠାରୁ ଏ ବରଷ ହେ । ଘୋଷା ।

କଳା-ଚିରନ୍ତନୀ        କଳିଙ୍ଗ ଅବନୀ
ନବ ସାରସ୍ୱତ ଦୀକ୍ଷା
ମାହେନ୍ଦ୍ର ସୁଯୋଗେ        ଯେତ୍ ନବଯୁଗେ
କର ବାଣୀ-ପଦେ ଭିକ୍ଷା ହେ । ୧ ।

ସଂକୀର୍ଣ୍ଣ ବେଷ୍ଟନୀ        ଭେଦ୍ଧ ମୁଦେ ଧନୀ
ବିଶ୍ୱାଙ୍ଗନେ ପରବେଶୁ
ଖେଳିଲ ନବେ ଆଜି        ବିଶ୍ୱଭାବ ରାଜି
ତହିଁ ତା ଚିତ୍ତ ବିଳସୁ । ୨ ।

କଳିଙ୍ଗ ଅତୀତ        ଗଉରବସୂତ
କଳିଙ୍ଗର ବର୍ତ୍ତମାନ
ତୁଚ୍ଛ କଟପ୍ରାଣ        ମଙ୍ଗଳ ଆଶିଷ—
ଅପାବରେ ଭରୁ ମ୍ଲାନ । ୩ ।

କଳଙ୍କ ଲାଞ୍ଛିତା                    ଭଣ୍ଡାର-ଲୁଣ୍ଠିତ
ଯୋଗ୍ୟ ବଂଶେ କରୁ ଧନ୍ୟା
ସାର୍ଦ୍ଧ କୋଟି କଣ୍ଠ                    ଏକସ୍ୱରେ କହୁ
ଜୟ ମା ବୀର ଜନନୀ । ୪ ।

୧୯୩୭

## ପ୍ରଭାତାଳି *

( ଗୋପାଳ କୃଷ୍ଣଙ୍କ 'ଦୟା ନ କରନ୍ତୁ ମୁଁ ଦାସୀ ସିନା' ବୃତ୍ତରେ )

ଭବେ ଜଡ଼ାଇ ଧରିଥାନ୍ତି ସିନା ହେ । ଘୋଷା ।
ପସୁ ଗଳିବା ପାଇଁ                    ଫାଙ୍କ ତ ଥାନ୍ତା ନାହିଁ
କହ୍ନ ଭଲ କାହିଁକି ଅକରୁଣା । ୧ ।
ନାଚଇ ଭବେ ମୋର                    ଭେଦେ ଭେଦେ ସ୍ମୃତିର
ବାସନା ତୃଷ୍ଣା ବିନା ଅପୂରଣା । ୨ ।

* ଏହା ଉତ୍କଳ ସାହିତ୍ୟ ସମାଜର ୧୯୩୭ ମସିହାର ବାର୍ଷିକୋତ୍ସବର ଶେଷ ସଙ୍ଗୀତରୂପେ ଓ ଅନ୍ୟାନ୍ୟ ବହୁ ସାରସ୍ୱତ ଉତ୍ସବର ଶେଷ ସଙ୍ଗୀତ ରୂପେ ଗାନ ହୋଇଅଛି ।

୦ । ଭବ—ଭବ; ଜଡ଼ାଇ—ଜାଳ । ୧ । ପସୁ—ପାଣି; ଅକରୁଣା—ଦୟାର ଅଭାବ । ୨ । ଅପୂରଣା—ସାର୍ଥ ହୋଇ ନ ଥିବା ।

ପରାଣମାଝି ! ଦୂରେ    ରହ, ଝୁରି ମୁଁ ମରେଁ;
ଯଥା ଧାଉଁଆ ଏଣୀ ଗଣବଣା । ୩ ।
ଦଣେ ଦଣେ ଦଶୁଛ    ପ୍ରାଣେ ତ ନ ଆସୁଛ
ପାନ୍ନା ନଥଲୀ ମଧୁଲିଟ ବନା । ୪ ।
ପୂଜାଡାଲି ମୋହର    ହେଲା ଟି ନାରଖାର
ଲହୁ-ସୁଏ ଭାସିଲା ରଣ କନା । ୫ ।

୧୯୩୫

— ୯ —

## ବିଶ୍ୱକବି ରବୀନ୍ଦ୍ରନାଥ *

( ୧ )

( ଶ୍ରୀରାଧା ବାତୁଲ ପ୍ରେମରହତୁଲ ବୃତ୍ତରେ )

ପ୍ରାଚୀ-ଭାଲ-ଟୀକା ତାରୁଣ୍ୟ-ସୁରେଖା
ଅହେ ସାର୍ବଭୌମ କବିବର !
ଭାରତ-ଗୌରବ-ଶିଖର-ମଣ୍ଡଳ !
ଧନ୍ୟ ହେଲା ଧରା ଏ ଅମ୍ବର;
ତୁମ୍ଭ ପଦ ଛୁଇଁ
ତୁମ୍ଭର ମଳୟାମୋଦ ପାଇ
ଜଡ଼ତା-ଶିଶିର ହତ ହେଲା ତାର
ବରଦ ହେ ଚଲେ ଚର୍ ଚଦର ।

---

୩ । ଧାଉଁଆ--ଅଦ୍ଭୁତ ହୋଇ ଥିବା; ଏଣୀ--ହରିଣୀ; ଗଣବଣା--ଗୋଠରୁ ଖସି ଯାଇଥିବା । ୪ । ମଧୁଲିଟ--ଭ୍ରମର ।

* ଏହା ଉତ୍କଳ ସାହିତ୍ୟ ସମାଜ ଓ ବଙ୍ଗୀୟ ସାହିତ୍ୟ ପରିଷଦଙ୍କ ସମ୍ମିଳିତ ବାର୍ଷିକ ରବୀନ୍ଦ୍ର ଶ୍ରାଦ୍ଧ ସଭାରେ କଟକଠାରେ ଗାନ ହୋଇଥିଲା ।

ସୁରର-ମାଧବ-ମାଧୁରୀ-ଜାହ୍ନବୀ
ଭଗୀରଥ ହୋଇ ଥିଲ ଆଣି,
ଚିର-ତରୁଣ ହେ ! ଅଦାରଣ ତୁମ୍ଭ
ହେଲା ମୃତ-ଧରା-ସଞ୍ଜୀବନୀ,
ଭସ୍ମ ଅଙ୍କୁରିଲ,
ମରଣେ ଜୀବନ ଉଦ୍‌ଗଲା,
ଶିଶିର-ହତ-ପଲ୍ଲବ ତରୁ-ଶାଖେ
ଶ୍ୟାମ-ଅଭିଶ୍ରୁତେ ପୁଲକିଲା ।

ବିଶ୍ୱ-ଜନ-ହୃଦ-ମୟୂରୀ ନାଚିଲା
ତୁମ୍ଭ ନବନୀର ଗୀତଧାରେ
ଭଞ୍ଜ-ବନ ଭବଭାବ ଫୁଟାଇଲ
ଭୂଧରରେ କମ୍ପ ବର୍ଣ୍ଣି ପାତେ,
ଅହେ ସୁଧୀଶ୍ରେଷ୍ଠ !
ଅବତର ଆଜ ସୁରସ୍ରଷ୍ଟ ।
ଭାରତ-ହୃଦ-କୁମୁଦ-ପ୍ରକାଶକ !
ପଥ ଚାହିଁ ଅଛୁଁ ପଥ ଦୂରୁଁ ।

---

ପ୍ରାଚୀ—ପ୍ରାଚ୍ୟ ଖଣ୍ଡ; ଭାଲ—କପାଳ; ଧୀଭା—ଚିନ୍ତା, ତାରୁଣ୍ୟ-ସୁଧା ଅମରଣ ଯୁବ-ମନୋଭାବ ରକ୍ଷା କରିବାର ପକ୍ଷପାତୀ, ସାର୍ବଭୌମ କବି—ବିଶ୍ୱକବି, ଶିଖରୀ—ପର୍ବତ ମଣ୍ଡଳ-ମୌଳି ଶିଖର, ମଲୟାମୋଦ—ମଲୟ ପବନର ସୁଗନ୍ଧ, ଜଡ଼ତା—ଶିଥିଳ—ନିଶ୍ଚେଷ୍ଟତା ରୂପକ ଶୀତକାଳ ।

କାଦମ୍ବିନୀ-ଶାଟୀ ବକାଳି-ମାଳିକା
ପ୍ରାବୃଟର ଏହୁ ନବସାଜ
କରି ପରିବରଣ ଉଲ୍ଲସିତ ମନ
ଉତ୍କଳ ଅବନୀ ପରି ଆଜ
ତୁମ୍ଭ ଆଗମନେ
'ଯାତ୍ରଭୀ ସମାଜ ଅର୍ଘ୍ୟ ଦାନେ'
କୋଣାର୍କ-ପଥର-ଅବଳା-ବଦାଣେ
ବନାଏ ଏ ସ୍ତୁତି ପୂଜା ଧନେ ।

୧୯୩୭

—୧୦—

## ରତ୍ନମାଳା ପାଖକୁ ମାଧବ *

ରାଗ—ଅହାରୀ

('କୃଷ୍ଣର ଗମନ ଦେଖି ଛନ ଛନ ହୋଇ ସକଳ ଗୋପାଙ୍ଗନା', ବୃତ୍ତ)

ପାଇଛି ପତର କି ଦେବି ଉତ୍ତର କରେଁ କାରନ୍ତର ଭାବନା
ସଂଶୟ ସୂତ୍ରର ଖିଲ୍ ଖୋଲୁ ଯା ତୁଟୁ ଶିଟେ ସରଚେ ତା ଯାତନା ।
ରତନା ! କେଉଁଠୁ ଶିଖିଲୁ ଏ ରୀତ
ଜାଣୁ ନାହୁଁ କି ଟେର ଗାତ ପୀବତଙ୍କ ସଂଶୟ ଯେ ଅଟେ ଅସ୍ତ୍ର ।୧।

---

* ସୁଟର—ଶରତ୍କାଳୀନ୍, ମାଧବ—( ମଧୁ+ଅ )—ବାସନ୍ତୀ, ଜାହ୍ନବୀ—ଗଙ୍ଗା; ଉସ୍—ପାଉଁଶ; ଶିଶିର-ହୃତ-ପଲ୍ଲବ—ଶୀତକାଳ ଯେଉଁ ପତ୍ରଝଡ଼ା ଦେଇଥିବା, ଶ୍ୟାମ-ଅଭିଶୁଚର୍ଯ୍ୟ—ଗଛ ରଙ୍ଗରେ ।

୩। ମରାଳୀ—ହଂସୀ, ବୀଚି—ତରଙ୍ଗ, କଞ୍ଜବନ—ପଦ୍ମବନ କମ୍ର—କମନୀୟ, ସୁସ୍ମି—ବଙ୍କବର ।

୪। କାଦମ୍ବିନୀ—ମେଘ, ଶାଟୀ—ଶାଢ଼ୀ, ବକାଳି—ବଗ ।

---

୧। ସଂଶୟ—ସନ୍ଦେହ, ଯାତନା—କଷ୍ଟ, ଅସ୍ତ୍ର—ଶସ୍ତ୍ର ।

ରତ୍ନଚୀରୀତଟରେ ବାଲି ଖେଳ ଖେଳୁଁ ତୋର ମୋର ପଶି ପୀରତି,
ଭୁଲି ଗଲୁକି ରେ ! ବାଲିଘରେ ତୁହି କାନ୍ତା ସାଜୁ ମୁହିଁ ତୋ ପତି,
ରତନ ! ବାଲିରେ ବନାଉଁ ଅଶନ,
ଚମ୍ପା-ଅଙ୍ଗୁଳିରେ ପରଷି ତା ପୁଣି କରାଉ ଛି ମୋତେ ଭୋଜନ ।୨।

ବାଲିଗୃହ ଯେବେ ମିଛେ ଗଲା ଫୋଡ଼ି ମିଛେ ମୁଁ ମାରନ୍ତେ ଗୁମ୍ପୁଡ଼ା,
ଶଶିଖଣ୍ଡ-ଗଣ୍ଡେ ହୋଇଗଲା ଅଙ୍କି ମୋ ଅଙ୍ଗୁଳିର ନୋଳା ଯୋଡ଼ା,
ରତନ ! ତୁ କାନ୍ଦବାର ଅଶ୍ରୁଁ ମୋର
ଆଖିରୁ ଗଡ଼ନ୍ତେ ଲୁହଧାର ଦେଖି ଦାହ କର ଦେଲୁ ପଥର ।୩।

ବୋଲୁ ପଶୁରନ୍ତେ ଟାଲି କସ୍ତ ହେଲା ବୋଇଲୁ ପଡ଼ିଗଲି ମୁହିଁ,
ପଥରେ ଲାଗିଲା ଆଘାତ ମାଧବ ଧଇଲା ମୋତେ ଉଠାଇ
ବୋଉ ଲୋ ! ମାଧବ ନ ଯାଉ ତା ଘରେ
ଆମ ଘରେ ରହୁ, ଆମ ଘରେ ଖାଉ, ଶୋଉ ଆମ ଖଟ ଉପରେ ।୪।

ଧୂଳି ଖେଳ ବେଳ ସରିଗଲା ବେଗେ ହୋଇଲୁ ତୁହି ଏକାଦଶୀ,
ଗଲା ନୂଆ ଝଳ ଅଙ୍ଗରେ ତୋ ଖେଳ ଲାଜରେ ପୂରି ଗଲୁ ଲସି,
ଏଣିକି ! ଗୁହିଁଲେ ନତ କରୁ ମଥା
ଗୋଡ଼ ବୁଢ଼ା ଅଙ୍ଗୁଠିରେ ମଣ୍ଡି ଚିରୁ ଲାଜଭରେ କହୁଲୁ କଥା ।୫।

---

୨ । ରତ୍ନଚୀରୀ—ସାକ୍ଷୀଗୋପାଳ ପାଖର ନଦୀ, ଅଶନ—ଖାଦ୍ୟ ।
୩ । ଶଶିଖଣ୍ଡ—ଚନ୍ଦ୍ରର ଖଣ୍ଡକ ପରି ଉଜ୍ଜ୍ୱଳ; ନୋଳା—ଚିହ୍ନ ।
୫ । ଏକାଦଶୀ—ଏଗାରବର୍ଷର ବାଳିକା; ଝଳ—ଆଭା ।

ଝଟକେ ପିଙ୍ଗଳ ତୋଳୁଥିଲି ମୁହିଁ ଗଛମୂଳେ ଥିଲି ଅନାଇଁ
ଝମକା ପବନ ବାଦ ସାଧି ତୋର ଝୀନବାସ ନେଲା ଉଡ଼ାଇ,
ରତନ ! ସୁନା ଖଣ୍ଡଭାର ସବୁ ରେ
ମତୁଆଲ କରି ମନକୁ ମୋହର ଦଶିଲି ଶୋଭା-ବଲ୍ଲରୀ ରେ । ୬ ।

ଜାଣନ୍ତେ 'ରତନ !' ସମ୍ଭାଳି ବସନ କହିଲି ଦୁଷ୍ଟାମି କାହିଁକି ?
ବୋଲୁ ତେଣେ ଅଛୁ ରମାଇଁ ଭାଳୁଛୁ ପାଟି ତୋର ଶୁଖୁ ନାହିଁ କି ?
ସେ ଦିନ; ଭାଳି ଧରି ମୋରେ ଟାଣିଲୁ
ବୋଲି ହାବୁଡ଼ରେ ପଡ଼ିଲି ମୋ ହୃଦ ଲାଜ କୁର୍‌ହାଡ଼ରେ
ହାଣିଲୁ । ୭ ।

ବୃତ୍ତି ପାଇ ଗାଁ ଅ ଖଣ୍ଡି ଯେଉଁ ଦିନ ପୁରୀ ଗଲି ପଢ଼ା ପାଇଁକି
ଗାଡ଼ିଆ କୂଳର ଏକାନ୍ତ ମିଳନେ କି ଭାବ ତୋ ମନେ ନାହିଁ କି ?
ରତନ ! ପୋଥିଏ କଥା ତୁ ଲୁହରେ
କହିଗଲୁ ମୋର କଣ୍ଠ ନ ଫିଟିଲା ଜଡ଼ୀଭୂତ ହୋଇ କୋହରେ ।୮।

ଲୁହ, କୋହ, ସେତେ କଥା କହନ୍ତି ରେ ରସନା ନ ପାରେ ବଖାଣି
ଅନୁଭବରୁ ସେ ଦିନ୍ ଥାଇଁ ଜାଣି, ଆହା ରେ ମୋର ହୃଦମଣି !
ରତନ ! ଶଠିରେ ବନାଇଁ ଚୁନାଇଁ,
ସେତେ ଯା ଲେଖିଲେ ଲୁହ କୋହ ସବୁ କଥା କି ତହିଁରେ ଫିଟଇ ।୯

୭ । ବଲ୍ଲରୀ—ଲତା ।
୮ । ପୋଥିଏ କଥା—ଯେଉଁ ସବୁ କଥାକୁ ଲେଖିଲେ ବହିଟାଏ ହେବ ।
୯ । ରସନା—ଜିଭ ।

ଛୁଟିରେ ମୁଁ ଯାଏଁ ଯେବେଳେ ଥରେ ଗାଁଆ ଜୀବନ ହୁଏ ମୋ ମଧୁର,
ତୋ ଦୁଇ ସଜଳ କଜଳ ଆଖିର ଭାବନା ମୋ ପ୍ରାଣ-ଆହ୍ଲାଦ,
ରତନ ! ଦିନ-ଚିନ୍ତା ରାତି-ସପନ
ତୋତେ କରି ପାଟେ ନିବେଶର ମନ ତୁ ମୋର
ନାସାରେ ପବନ । ୧୦ ।

ଦେଶ ବିଦେଶର ହାଟକ-ବରନା ଦେଖି ମୁଁ ଭିଡ଼ରେ ଭୁଲିବ
ନାହିଁ ଏକ କଣ ରତନ-ଚରଣ-ଘସା-ପଥର ସମ ହୋଇ,
ମୋ ଧନ ! ପଲ୍ଲୀ-ସରସୀରେ ବିରଞ୍ଚି
କନକ-କମଳ ରୂପେ ଫୁଟାଇଣି ତୋତେ ମୋ ପାଇଁ ଅଛି ସଞ୍ଚି ।୧୧

ଫଗୁ ପଠାଇଲି ଦୋଳ ପୂର୍ଣ୍ଣିମୀରେ ରମା ହାତେ ମୋର କଢ଼କୁ,
କ୍ଷଣକେ ଛାଟେଇ ମୋ ଲଗାଇ ଦେଲୁ ତା ଅଶେଷ ଆନନ୍ଦବର୍ଦ୍ଧକ
ରତନ ! ଭାଲାଲି ସତେ କି ମୋ କର
ଫଗୁରେ ତୋ ଅଙ୍ଗ ମଣ୍ଡଣି କରିବା ଭାଗ୍ୟେ ଲଭିବ ଅଧିକାର ।୧୨

ସାକ୍ଷୀଗୋପାଳଙ୍କ ଦରଶନ ପାଇଁ ଯାଇଥିଲି ବୁଢ଼ୀ ସଙ୍ଗରେ,
ଲୁଚି ମୁହିଁ ତମ ପିଣ୍ଡ ଧରିଥିଲି ଗଣ୍ଡ ଛୁଇଁ ତୋର ଖଞ୍ଜରେ,
ରତନ ! ଚମ୍ପାଫୁଲ କରୁଁ ଅନ୍ତର
ବଦନ-କମଳ ଫୁଲିବ ହସିଲୁ ଲାଜରେ ହୋଇ ଜରଜର ।୧୩ ।

---

୧୦ । ଦିନଚିନ୍ତା ରାତିସପନ—ତୋ କଥା ମୁଁ ଦିନଯାକ ଚିନ୍ତାକରେ; ରାତିଯାକ ସପନ ଦେଖେ; ନିବେଶର ମନ— ମନ ଦିଏ; ନାସାରେ ପବନ—ପ୍ରାଣବାୟୁ ।

୧୧ । ହାଟକବରନା—ସୁନାବରଣ ସ୍ତ୍ରୀ; ବିରଞ୍ଚି—ବିଧାତା; କନକ କମଳ—ସୁନାର ପଦ୍ମ ।

ପ୍ରଭାତ ଭ୍ରମଣେ ଯାଇଁ ମୁଁ ଦେଖିଲି ଗାଡ଼ିଆ କରି କଞ୍ଜବନ
ସମବୟସୀଙ୍କ ଗହଣେ ରୂପସି ! ରହିଥିଲୁ ତୁହି ସ୍ନାହାନ
ରତନ ! ଜଳରେ ତୁ ହସମୁକୁତା
ବୁଣି ଦେଇ ମୋହ ମୁହେଁ ଯା ଗୁହିଁଲୁ ଛିଣ୍ଡେ ରାତେ ଆଜି ସବୁ ତା ।

କଳାମେଘୀ ଶାଢ଼ୀ ପିନ୍ଧି ତୁ ରତନ ଗୀତ ଗାଉଥିଲୁ ବାଗରେ
ତୋହ ଶୋଭା ଦେଖି କୁଆଁର ପୂନଅଁ ଉହ୍ନ ଦେଲା ମନ ମାରି ରେ
ଷୋଡ଼ଶି ! ହଁରକା ମୁଁ ମେଲି କରି ରେ
ଗୋଡ଼ଟିଏ ଘୁଞ୍ଚ ଦେଉଥିଲେ ବୁଡ଼ିଲି ମୁଁ ଦୁଃସାହସୀ ଶିକାରୀ ରେ ।୧୫।

ସଖୀଙ୍କୁ ଭୁଲାଇ ହଁରକା ପଡାଇ ଆଣିବାକୁ ଅସି ନିକଟ
ଗଭାକୁ ଚମ୍ପକ-ଦାମ ପିନ୍ଧିଗଲି ମୁଁ ଧରି ନେଇଁ ତୋହ ହାତ
ରତନ ! ସେ ଦାମର ଦାମ କେ ଦେବ ?
ସେ ଏକା ପାଇବ ମୋହ ପରି କେବେ ଯେବେ ହୁଉବ ସଦାଶିବ ।୧୬

ତୋର ମୋର ସଙ୍ଗ ! ହୋଇଛି ମିଳନ ଦେହିଏଁ ଅମେ ଦେହୀଙ୍କର
ମନର ମିଳନ ମିଳନରେ ଲେଖା ଦେହ-ମେଳ ବଣ ଡହିଁର
ରତନ ! ବୋଲ ଜହେ ତୁହି ରତନ,
ଯାହା ଘରେ ଯିବୁ ତା ଘର ମନ୍ଦିରୁ ତୋହ ସରି କାଏ ଯତନ ।୧୭

---

୧୪ । କଞ୍ଜବନ—ପଦ୍ମବନ, ( ସମବୟସୀମାନଙ୍କ ମୁଖପଦ୍ମ ଦ୍ୱାରା )
୧୫ । କଳାମେଘୀଶାଢ଼ୀ—କଳାଶାଢ଼ୀ ।
୧୬ । ଦାମ—ମାଳା; ଦାମ—ମୂଲ୍ୟ ।
୧୭ । ଯତନ—ରୂପ ଗୁଣରେ ନିପୁଣ ।

ଶାନ୍ତା ତୁ ନ କର ପାହାନ୍ତା ପହର ହେଲାଣି ବିଚ୍ଛେଦ-ନିଶିର,
ମିଳନ-ପ୍ରଭାତ ହେବ ଉପଗତ ଶୁଖିଯିବ ଶୋକ-ଶିଶିର
ରତନ ! ତୋଷ-ତାମରସ ଫୁଟିବ
ହୋଇ ପ୍ରମୋଦିତା 'ରତନ'-ବକ୍ଷସ୍ଥ 'ମାଧବ' ଉରୁରେ ଲୋଟିବ ॥

ଚିନ୍ତା ଉପେକ୍ଷିବୁ ଚିତା ତୁ ଜାଳିବୁ ବିଚ୍ଛେଦ-ଶବ୍ଦକୁ ଦହିବା
ପ୍ରେମର ଅମରାବତୀରେ-ବାନ୍ଧବୀ ଶଚୀ ଶଚୀପତି ହୋଇବା
ରତନ ! ଗୋବିନ୍ଦା କହେ ଦୃଢ଼ କର
ଅସନ୍ତା ତୋଳିଏ ଭାବିଲେ ପିନ୍ଧିବ ମୁହିଁ ସୀଲବାର-ଅଙ୍ଗୁରୀ ।୧୯

ଜାଳଣି ଆରମ୍ଭ କରିଦେବୁ ବୋଲି ଜଣା ନ ହୋଇଛି ତୋହରେ
ରତନବଲ୍ଲଭ ଝାଙ୍କିଲି ପଡ଼ିବା ଯିବ ପୁଣି କାହା ଦେହିରେ ?
ରତନ ! ଏଣିକି ଭାବନା ମୁଞ୍ଚିବୁ
ମୋ ଗାଢ଼ ଚୁମ୍ବନ ଅଭିଷେକ ପାଇଁ ଅଙ୍ଗେ ସିଂହାସନ ରଚିବୁ ।୨୦

କିଏ ସେ କହିଲା ତୋ ଆଗେ ରତନ ! ଅନେ ମୋହ ମନ ମଜ୍ଜିଛି ?
ସାକ୍ଷୀବିଶ୍ୱେଶ୍ୱର ! ତୋଯୁରେ ତୋପୁକୁ ଏ ପୁଣ କି କଥା ଛି ଛି ଛି !
ରତନ ! ତୁ ମୋହର ମୁହିଁ ତୋହର
ଶଶାଙ୍କର ପଛେ କୁମୁଦ ନୋହିବ ରତନ-ମାଳା ମାଧବର । ୨୧ ।

୧୯୪୫

---

୧୮ । ତାମରସ—ପଦ୍ମ ।
୧୯ । ଉତ୍ତା-ଶବ୍ଦଟି କହିବାର ଅର୍ଥ ଅମରାବତୀ—ସ୍ୱର୍ଗ; ଶଚୀ—ଇନ୍ଦ୍ରଙ୍କ ପତ୍ନୀ; ଦେବରାଣୀ; ଗୋବିନ୍ଦା—ରତ୍ନମାଳାଙ୍କ ଘରର ଚାକର; ସୀଲବାର-ଅଙ୍ଗୁରୀ—ଶାଗରର ପାଗରୁ କନ୍ୟାପକ୍ଷକୁ ସୀକାରର ସେଉଁ ମୁଦି ଅଟେ ।
୨୧ । ଶଶାଙ୍କ—ଚନ୍ଦ୍ର ।

—୧୯—

## ତୁମ୍ଭେ ଓ ମୁଁ

[ ରାଗ—ବଙ୍ଗଳାଶ୍ରୀ ]

ତୁମ୍ଭେ ମହାପ୍ରଭୁ ! ଅନନ୍ତ ଗଗନ
କ୍ଷୁଦ୍ର ତାରକା ମୁଁ ତହିଁ,
ତୁମ୍ଭେ ମହାପ୍ରଭୁ ! ସୀମାହୀନ ସିନ୍ଧୁ,
ବିନ୍ଦୁ ମୁଁ ତହିଁ ବୋଲାଇ । ୧ ।
ତୁମ୍ଭେ ବେଗବତୀ ଚିତ୍ରୋତ୍ପଳା ନାଥ !
ମୁଁ ତହିଁ ବୁଦ୍‌ବୁଦ ହୀନ
ତୁମ୍ଭେ ନାଥ ! ସ୍ୱଚ୍ଛ ଚିଲ୍‌କାର ଅମ୍ବୁ
ମୁଁ ତହିଁ ନଗଣ୍ୟ ମୀନ । ୨ ।
ତୁମ୍ଭେ ଶୋଭାମୟ ଋତୁରାଜ ପ୍ରଭୁ !
ମୁଁ ସାମାନ୍ୟ ଫୁଲକଳି,
ତୁମ୍ଭେ ଶ୍ରାନ୍ତିହର ମଳୟ ସମୀର
ମୁଁ ପଥ ପରାଗ ଧୂଳି । ୩ ।
ଅଖିଳ ବ୍ରହ୍ମାଣ୍ଡ— ନାଥ ତୁମ୍ଭେ ନାଥ !
ମୁଁ ତୁମ୍ଭ ଦାସର ଦାସ,
ତୁମ୍ଭେ ଚତୁର୍ବର୍ଗ— ଦାତା ମୁଁ ଭିକାରୀ
ଜାଣନ୍ତି ରାଜରାଜେଶ । ୪ ।

---

୨ । ଚିତ୍ରୋତ୍ପଳା—ମହାନଦୀ; ଅମ୍ବୁ—ଜଳ, ମୀନ—ମାଛ ।
୩ । ଋତୁରାଜ—ବସନ୍ତ ।
୪ । ଚତୁର୍ବର୍ଗଦାତା—ଧର୍ମ, ଅର୍ଥ, କାମ ଓ ମୋକ୍ଷ ଦାନକାରୀ ।

ପତିତପାବନ ତୁମ୍ଭେ ମହାପ୍ରଭୁ !
ପତିତ ଜୀବନ ମୁଁ ଘୋର,
ଦୀନ ଜନଙ୍କର ଚିନ୍ତାମଣି ତୁମ୍ଭେ
ଦୀନଜନେ ମୁହିଁ ବର । ୧ ।
ମୋ ହୃଦୟ ମରୁ ମନ୍ଦାକିନୀ ତୁମ୍ଭେ,
ଚିତ୍ତ-ଚକୋର-ଚନ୍ଦ୍ରମା,
ଜୀବନ ଗଗନେ ଉଇଁ ଆସ ମୋର
ବିନାଶି କଳୁଷ-ଅମା । ୨ ।
ଭଣେ ହାର ଭର ଜରେ ମୁଁ ବନ୍ଧୁର
ନାଶିବ ବେଦନା ସବୁ
ପଦ ଧୂଳ ଦୁଃଖ ନଉକା ତରଣୀ
ତରିଯିବ ହେଲେ ବରୁ । ୩ ।

୧୯୩୯

—୧୨—

## ବିଶ୍ୱକବି ରବୀନ୍ଦ୍ରନାଥ *

ଅୟି ରବୀନ୍ଦ୍ର ! ଅଜ କ୍ଷିତିକ ହେ
ଉଲ୍ଲାସ ଉତ୍କଳ-ମଣ୍ଡଳ ହେ ! ଯୋଗୀ !
ଅପସାରି ଆତପ, ଢାଳିଦ ଚନ୍ଦ୍ରାତପ,
ଟାଣି ଧରିଛୁ ନୂଆ ଗୀତ କି ହେ ।୧।

୧। ବର—ଶ୍ରେଷ୍ଠ । ୨। ମନ୍ଦାକିନୀ—ଗଙ୍ଗା; ଅମା—ଅମାବସ୍ୟା ।

* ଉତ୍କଳ ସାହିତ୍ୟ ସମାଜ ଓ ବଙ୍ଗୀୟ ସାହିତ୍ୟ ପରିଷଦଙ୍କ ସମ୍ମିଳିତ ରବୀନ୍ଦ୍ର ଶ୍ରାଦ୍ଧ ଉତ୍ସବରେ ଏ ଗୀତ ଗାନ ହୋଇଥିଲା ।

। କ୍ଷିତି—ପୃଥିବୀ, ଉଲ୍ଲାସ—ଆନନ୍ଦିତ କର ।

ପାବନ୍ତୁ ବିମୋହନ, ଶ୍ୟାମ ଦୂର୍ବା ଆସନ,
ଖଞ୍ଜାଇ ଇନ୍ଦ୍ରଗୋପ-ପଲ୍ଲଙ୍କ ହେ । ୨ ।

ଫୁଟାଇ ନୀପସୁମ, ରଚାଇ କେକା ଗ୍ରାମ,
ତା ଛଳେ ଭାଟେ ଅସ ବନ୍ଦିଙ୍କ ହେ ।୩।

ହେ ସୁଷମା-ବିଳାସି ! ଶୋଭା ସମ୍ଭାରେ ରସି,
ଟେକାଇ ହୃଦେ ଅଭ୍ର-ଛତ୍ରଙ୍କ ହେ ।୪।

ନିର୍ମୋକ ଅନ୍ତରର, କର ଅଙ୍ଗରୁ ଦୂର,
ଧରେ ନବଳ ନୂଆ ରୂପଭଙ୍ଗୀ ହେ ।୫।

ସୁବୋଧା ନବୀନର, ପ୍ରାଚୀନ ନିଶା ଘୋର,
ପ୍ରଭାତୁଣ୍ଡୁ ଫୁଟାଇ ଜ୍ୟୋତିଷ୍କ ହେ ।୬।

ବଙ୍ଗ-ଭାରତୀ ବୀଣା— ବାଦନ-ହୃଷ୍ଟମନା
କର ରଞ୍ଜନ ବଙ୍ଗ ଶ୍ରୁତିଙ୍କ ହେ ।୭।

ତୁମ୍ଭର ପ୍ରଯୋଜନ— ଅଛଇ କବିରାଣ !
ଏ ବାସରେ ଜଣାଉଁ ଏତିକ ହେ ।୮।

(୧୯୪)

---

୧। ଅପସାର—ଦୂରକର, ତନ୍ଦ୍ରାତପ—ଗୃହୁଆ ।
୨। ଇନ୍ଦ୍ରଗୋପ—ସାଧବଘର ବୋହୂ ପୋକ ।
୩। ନୀପସୁମ—କଦମ୍ବଫୁଲ, କେକା—ମୟୂର ଡାକ, ଗ୍ରାମ—ମନୋହର ।
୪। ନିର୍ମୋକ—ଖୋଳ, ଛାଲ ।
୭। କର ରଞ୍ଜନ—ତୃପ୍ତ କର, ଶ୍ରୁତି—କାନ ।
୮। କବିରାଣ—କବିଶ୍ରେଷ୍ଠ, ବାସର—ଦିନ ।

—୧୩—

# ମା ! କରୁଣା ନାହିଁ କି ?

( ୰ ଗୋପାଳ କୃଷ୍ଣଙ୍କ "ସଖି ! ଅଖି କି ନାହିଁ କି"—ବୃତ୍ତରେ )

ମା ! କରୁଣା ନାହିଁ କି ?
ତବ ପୂଜନ-ପୂତ ଭୁଲିଁ କି ? । ଘୋଷା ।

କବି-କଞ୍ଜବନ ଭଞ୍ଜ-ଦେଶରେ ମା !
ମୂକ କାହିଁକି ବଲ୍ଲକୀ ?
କୃପା-ସୁଧା-ଝରି ତାକୁ ଯୁଗେ ଯୁଗେ
ଚିତ୍ତ ସତେ ପାଇଲ କି ।୧।

ଭକତ-ପୀରତି— ସୁମନସ-ଦାମ
ଗଳା-ଭୂଷଣ ପାଇଁ କି
କବି-ମାଳାକର ଦେଲେ ଯା ଏ ଦେଶେ
କାସ ସମାନ ତହିଁ କି ? ।୨।

---

ଏହା ବହୁବାର ଉତ୍କଳ ସାହିତ୍ୟ ସମାଜର ସାରସ୍ୱତ ଉତ୍ସବମାନଙ୍କରେ ଗାନ ହୋଇଅଛି ।

୦ । ତବ ପୂଜନ-ପୂତ—ତୁମ୍ଭ ପୂଜାଦ୍ୱାରା ପବିତ୍ର ।

୧ । କବି-କଞ୍ଜ-ବନ—କବିରୂପକ ପଦ୍ମର ବନ; ଭଞ୍ଜଦେଶ—ମହାକବି ଉପେନ୍ଦ୍ରଭଞ୍ଜଙ୍କ ଦେଶ; ବଲ୍‌ଲକୀ—ବୀଣା, କୃପା-ସୁଧା-ଝରି—ଦୟାରୂପକ ଅମୃତରେ ଭରିଥିବା ଗଣ୍ଡୁ, ଚିତ୍ତପାଇଲ—ଢଳ୍‌ଦାର ହେଲ ।

୨ । ସୁମନସ—ଫୁଲ, ଦାମ—ମାଳା, ମାଳାକର—ମାଳୀ, ଏ ଦେଶର କବିମାନେ ଭକ୍ତି ଓ ପ୍ରୀତିମୂଳକ ଯେଉଁସବୁ କବିତା ଲେଖିଛନ୍ତି ତହିଁର ତୁଳନା ନାହିଁ ।

ବିଶ୍ୱେ ଉଠେ ରବ — ଓଡ଼ିଆ ବିଭବ—
ମ୍ଳାନ; କେ ପାରିବ ଟେକି ?
ପର ରସନାରେ; — ନ ଉଠିଲେ ତେବେ
ରତନ ତାର ଝଲକ ।୩।

ବିଶ୍ୱ-ହୃଦ-ଝଙ୍କୀ— — ନବୀନ ସଙ୍ଗୀତ
ଗାଏନେ ମା ! ଓଡ଼ିଶା ଝୋଙ୍କି
ନବଯୁଗ-ଘଣ୍ଟା — ଆଗମେ ତା କରେ
ନ ଦେଲ ମଞ୍ଜୁଳ ରାଖୀ । ୪ ।
ଛନ୍ଦ-ରସ-ରାଜ୍ୟ — ଲୁଟିଛୁ ଅତୀତେ
ରଖି ନାହିଁ କିଛି ବାକୀ
ନବଯୁଗ-ସିନ୍ଧୁ— — ମନ୍ଥନ-ଅମୃତ—
ଲାଳସୀ; ନାହିଁ ତା ରୁଚି ।୫।

---

୩ । ରବ – ଚହଳ, ବିଭବ – ସମ୍ପଦ, ପର ରସନାରେ କେ ପାରିବ ଟେକି – ପର ପାଖରେ କିଏ ବଡ଼ା ଦେବ ? ନ ଉଠିଲେ···ଝଲକ ତା ପ୍ରାଚୀନ ସାହିତ୍ୟର ଗୌରବ ପ୍ରକଟିତ ନ ହେଲେ । ବିଶ୍ୱହୃଦ··· ଝୋଙ୍କି – ବିଶ୍ୱ ହୃଦୟକୁ ଦମାଇଲା ଭଳି ନୂଆ ସଂଗୀତ ଗାଇବାକୁ ଓଡ଼ିଶା ଆଗ୍ରହୀ, ନବଯୁଗ-ଘଣ୍ଟା – ନବଯୁଗ ରୂପକ ଘଣ୍ଟାସୃଷ୍ଟିମା ଆସିଲା କିନ୍ତୁ ମା ଭଗବତି ! ତୁମ୍ଭେ ଓଡ଼ିଶା ହାତରେ ସୁନ୍ଦର ରାଖୀ ପିନ୍ଧାଇ ଦେଲ ନାହିଁ; ଅର୍ଥାତ୍ ଓଡ଼ିଶା ଆଧୁନିକ ଯୁଗରେ ତା କବିତା ଘେନି ଯଶସ୍ୱୀ ହୋଇପାରିଲା ନାହିଁ ।

୫ । ଓଡ଼ିଶା ଅତୀତ ଯୁଗରେ ଅଗଣିତ ଛନ୍ଦରେ ବହୁତ ରସ କବିତା ଲେଖିଛି; ସେ ଦିଗରେ ତାର ଲେଖିବା ନିମନ୍ତେ ଆଉ କିଛି ବାକି ନାହିଁ । କିନ୍ତୁ ନବୀନ ଯୁଗରେ ଓଡ଼ିଶା ଉନ୍ନତ କବିତା ଲେଖି ନାହିଁ, ସେଥିପାଇଁ ଆଗ୍ରହୀ ଅଛି ।

ବନ୍ଧନ-ଭ୍ରଷିତ ଭଞ୍ଜ-ଗଡ଼ବାଡ଼—
ଦେଶ-ଅଜ୍ଞାତ-ଅଣିକ
ରକ୍ଷିବ କି ଅବା ତାଣ୍ଡବ ମଣ୍ଡନେ
ନମୂନ୍ ଡାଳ ପାଣିକି ? ୭ ।

୧୯୪୫

—୧୪—

## ପ୍ରମଦା-ଜୟନ୍ତୁ

( ରାଗ ବଙ୍ଗଳାଶ୍ରୀ )

"ଡେରି ନ କର ନାଉରି ଭାଇରେ !
ନେଇ ତୁ ନେବାର ଯାହା
ଖଳ ଖଳ ଖଳ ଗରଜେ ନଈ ରେ !
ବାନ୍ଧୁ ଅଛି ବେଗେ ନାହା" ।୧।

"କିଏ ଅବଧାନ ଅଟ ହେ ଅପଣ !
ବଢ଼ୁଛି ଦେଖୁଛ ନଈ
ପଶ୍ଚିମ ଆକାଶ କଳାଘୂମର ହେ
ଝଡ଼ ଆସେ ପଛ ବହି" ।୨।

---

୭ । ଭଞ୍ଜ-ଗଡ଼ବାଡ଼-ଦେଶ — ଉପେନ୍ଦ୍ରଭଞ୍ଜଙ୍କ ପ୍ରତିଭା ଯେନି ଗର୍ବ କରୁଥିବା ଓଡ଼ିଶା, ଅଣି — ଗୌରବ, ଟେକ ।

ଇଂରାଜ କବି ଟି, କ୍ୟାମ୍ପବେଲ୍‌ଙ୍କ "ଲର୍ଡ ଉଲିନ୍ସ ଡଟର" ନାମକ କବିତାର ଏହା ଓଡ଼ିଆ ସଂସ୍କରଣ ।

୨ । କଳାଘୂମର—କଳାହାଣ୍ଡିଆ ମେଘରେ ଡଙ୍କା ।

"ଖୋରଧାର ସାନ- ଦେଓ ମୁଁ ନାଉରି !
ଏ ଯେ ବାଣପୁର-ଢେମା
ପ୍ରାଣ ଘେନି ଦୁହେଁ ପଳାଇ ଲୋଡ଼ୁଛୁଁ
ପ୍ରିୟତମ ପ୍ରିୟତମା । ୩ ।

ସଇନ ଗହଣେ ଘୋଡ଼ା ଚଁପଟାଇ
ନିଜେ ବାଣପୁର-ପଥ
ଉନ୍ମାଦନ ହେଲ ଝଛନ୍ତି ଗୋଡ଼ାଇ
କରି କୋପାନଳ-ମଧେ । ୪ ।

ରକତ-ରତା ମୋ ଘେନିବେ ପରା ସେ
ପଡ଼ିବି ହେବେ ମୁଁ ଧରା
ରେ ଭାଇ ନାଉରି ! ଡର ନା ତୁ ଡେରି
କର ନା ମହତସର । ୫ ।

ଘୋଡ଼ା ଟାପୁ ନାଦେ ମେଦନୀ କମ୍ପୁଛି
ଶିର ମୋ ଲୋଟିଲେ ମହୀ
ଲହୁଣୀ ପିତୁଳା ଏ ବାଳା କୋମଳା
ଧରି କି ପାରିବ ଦେହି" ।୬।

---

୩ । ସାନଦେଓ—ଯୁବରାଜଙ୍କ ତଳ ଭାଇ ।

୪ । କୋପାନଳ କରି ମଧ—ରାଗରେ ଜଳି ।

୫ । ମହତସର—ବେଳାଡ଼ି ।

୬ । ମେଦନୀ କମ୍ପୁଛି—ମହୀ ଦୁଲୁକୁଛି; ଦେହି—ଦେହ; ଧରି··· ଦେହି—ବଞ୍ଚି ପାରିବ କି ?

ଡର ନା ଡର ନା    କୁମର ମଣି ହେ !
ମୁକର କରବ ପାର
ଖେଡ଼ା ନାହିଁ ଧନ    ଅକୁଳ ମୋ ମନ
ଜେମାଙ୍କ ବିକଳ ହେବ । ୭ ।
ଫେଣ ପିଙ୍ଗି ନଈ    ଲହଡ଼ା ମାରଇ
ତଥାପି ବାହୁବ ନାହା
ମନ ଦିଏ ମନ୍ତ୍ରି    ନଖୁଁ ଶିଖ ଯାଏଁ
କମ୍ପୁଛନ୍ତି ଜେମା ଯାହା । ୮ ।
କହୁଁ କହୁଁ ଝଡ଼    ଆସିଲା ସେ ମାଡ଼ି
ଦିବସେ ଘୋଟିଲା ତମ
ଫେଣର ପଗଡ଼ି    ପିନ୍ଧି ନଈପାଣି
ନାଚିଲା ପାଗଳ ସମ । ୯ ।
ମୁହଁକୁ ମୁହଁ ସେ    ନ ଦିଶିଲା ଆଉ
ପ୍ରବଳେ ବହିଲା ବାଅ
ଏତିକିବେଳକୁ    ଘୋଡ଼ା ଟାପୁ ନାଦ
ଶୁଭିଲା ନିକଟେ ଆହା । ୧୦ ।
“ନାଉର ଭାଇ ! ରେ”    କହେ ଜେମାମଣି
“ତୁରତେ ବାହା ତୁ ନାହା
ମିଠା କହୁବାଣୀ    ସହିବ ନାହିଁ ରେ
ଭଲ ଛନ୍ଦୁଁ ଝଡ଼ ବାଅ” । ୧୧ ।

---

୭ । ମୁକର—ନିସ୍ତୁ; ହେରି—ଦେଖି ।
୮ । ନଖୁଁ ଶିଖଯାଏଁ—ଗୋଡ଼ାସୁଦ୍ଧା; ତମ—ଅନ୍ଧାର ।
୧୦ । ନାଦ—ଶବ୍ଦ ।
୧୧ । ତୁରିତେ—ଶୀଘ୍ର ।

କୂଳ ଲୁଣ୍ଠି ନାହା ନଣ୍ଡରେ ପଡ଼ିଲା
ବଳୀୟାର ହେଲା ହିଁଡ଼
ବିଧାତା ଲେଖନ କେ କରିବ ଆନ
ବଢ଼ିଲା ପାଣିର ତୋଡ଼ । ୧୨ ।

ଅଟେଣ୍ଡ ମାରି କାତ ବାହୁଲେ କି ହେବ
ଭଉଁରେ ପଡ଼ିଲା ନାହା
କୂଳୁଁ ତା ଅନାଇଁ ବାଣପୁର ସାଇଁ
କେତେକେ କଲେ ଆହା ଆହା । ୧୩ ।

ଝୁଟେଇକି ବେଢ଼ାଇ ପ୍ରେମିକ ଗଳାରେ
ଥାର ଭୁଜ ଡୋଳ ବାଳା
ନୀରବ କାତର ଭାବେ ଭାବୁଥିଲା
ରଖ କଏ ଅଶ୍ରୁ ଭଳା । ୧୪ ।

"ଫେରି ଆ ଫେରି ଆ ପ୍ରମଦା କୁମାରି !
ବୁଢ଼ା ମୁଁ କୋପିଲି ବୁଡ଼ି
ତୋ ଜୟନ୍ତ ହାତେ ଅରପିବି ତୋତେ
ଦେଖିବ ତୋ ମାମା ବୁଢ଼ୀ । ୧୫ ।

---

୧୨ । ତୋଡ଼—ବେଗ ।

୧୩ । ଅଟେଣ୍ଡ—ଜୋର୍ କରି, ଭଉଁର—ଜଳଭଉଁରୀ ।

୧୪ । ଡୋଳ—ଠେକ ।

୧୫ । କୋପିଲି—ରାଗ ହେଲି; ବୁଡ଼ି—ଜଳ୍ ବୁଡ଼ି । ମାମା—ମାଆ (ଲଜ୍ଜାକର ଡାକ) ।

ଭୁଷିଲେ ରାଜନ !　　　　　　କିନ୍ତୁ ଅକାରଣେ
ହେଲ୍ଷ ଏ ଅବେଳ-ବାଣୀ
ନାହା ଗଲ୍ଲ ଡୁବ୍‌　　　　　　ଫେଣ-ହସ ହସି
ଗରଜିଲ୍ଲ ନଈ-ପାଣି । ୧୭ ।

୧୯୪୪

—୧୪—

## ଉତ୍କଳ-କେଶରୀ ମଧୁସୂଦନ

( ରାଗ-କଲସା )

ମାନବେନ୍ଦ୍ର ! ଏ ଉତ୍କଳ ବହୁ ପୁଣ୍ୟଫଳେ
ସୁତ ତୁମ୍ଭ ସହ ସିନା ଲଭିଥିଲ୍ଲ କୋଳେ
ଜାଗରଣ-ଭାଗୀରଥୀ ଭଗୀରଥ ହୋଇ
ଉତ୍କଳ-ମହୀକୁ ତୁମ୍ଭେ ଆଣିଲ ବୁହାଇ । ୧ ।

---

୧୭ । ଅବେଳ-ବାଣୀ—ଅସମୟର ଡାକ; ଫେଣ ହସ—ପାଣିର ଫେଣକୁ ନର୍ଦ୍ଦୀ ନଈର ହସ ବୋଲି କୁହା ଯାଇଛି ।

୧ । ମାନବେନ୍ଦ୍ର—ମନୁଷ୍ୟଶ୍ରେଷ୍ଠ; ଜାଗରଣ—ଭାଗୀରଥୀ···ବୁହାଇ—ଭଗୀରଥ ଗଙ୍ଗାକୁ ପୃଥିବୀକୁ ଆଣିଲା ପରି ତୁମ୍ଭେ ଉତ୍କଳକୁ ଜାଗରଣ ଆଣିଥିଲ ।

ମୂକ ଓଡ଼ିଆର ମୁଖେ ଦେଲ ତୁମ୍ଭେ ଭାଷା
ମୁଖର କରିଲ ଏ ଜାତିର ମୂକ ଆଶା
ଯାଦୁକର ସମ ତୁମ୍ଭେ ମୁକତ ମନ୍ତରେ
ହେ ପୁରୁଷ-ସିଂହ ! ଜଗାଇଲ ତା ଅନ୍ତରେ । ୨ ।

ତୁମ୍ଭ ଯୋଗୁଁ ଭୂଭାରତେ ଲଭି ସ୍ୱତନ୍ତ୍ରତା
ଧନ୍ୟ ବୋଲି ଏତେ ଦିନେ ହେଲା ସେ ଗଣିତା
ନ ଥିବାରୁ ତୁମ୍ଭେ ଆଜ ବିକ୍ରମ-କେଶରୀ !
ହୋଇ ଅଛୁଁ ସ୍ୱାର୍ଥପରାୟଣ ଯୂଥ ସବୁ । ୩ ।

ଅତୁଳ ତୁମ୍ଭର ମେଧା ଅତୁଳ ବାଗ୍ମିତା
ତୁମ୍ଭ ଅନ୍ତେ ଉତ୍କଳରେ ଦୁର୍ଲ୍ଲଭ ସିନା ତା
ତୁମ୍ଭ ସମ ମହାମାନବର ଜନ୍ମ ପାଇ
କିଏ ଜାଣେ କେତେ ଯୁଗ ଯିବ ଅଉ ବହି । ୪ ।

ରାଜ୍ୟ ଗୋଷ୍ଠୀକର ତୁମ୍ଭେ ଅରଜି ବିଭବ
ଦେଶ ହିତ ପାଇଁ ତାହା ସାରିଲ ସରବ,
ଟଙ୍କା ଅଞ୍ଜୁଳାକୁ ତୁମ୍ଭେ ହେ ଜନନାୟକ !
ଧୂଳି ଅଞ୍ଜୁଳାରୁ ମଣି ନ ଥିଲ ଅଧିକ ।୫।

---

୨ । ମୁଖର···ଆଶା—ଏ ଜାତିର ଆଶାକୁ ତୁମ୍ଭେ ବଳିଷ୍ଠ ଭାଷାରେ ପ୍ରକାଶ କରିଥିଲ; ଯାଦୁକର—ମନ୍ତ୍ରବିତ୍ ।

୩ । ବିକ୍ରମକେଶରୀ—ସିଂହ ତୁଲ୍ୟ ପରାକ୍ରମୀ ।

୪ । ମେଧା—ପ୍ରତିଭା, ବୁଦ୍ଧି, ବାଗ୍ମିତା—ବାକ୍‌ଶକ୍ତି, ବାକ୍‌ପଟୁତା ।

ଏଡ଼େ ବଡ଼ ହୃଦ ଏଡ଼େ ମଥାର ସମ୍ଭ୍ରମ
ଦୁର୍ଲ୍ଲଭ ଏ ଦେଶେ ପୁଣି ହୋଇବା ଏକତ୍ର,
ଉତ୍କଳ ବିଶାଳକୀର୍ତ୍ତି ଜାଣି ଏହା ତେଣୁ
କରିଥିଲା ତୁମ୍ଭଙ୍କୁ ତା ଉପାସ୍ୟ ପ୍ରତିନିଧି । ୭ ।

ତୁମ୍ଭ ସ୍ମୃତି ଏ ଉତ୍କଳେ ଜାହ୍ନବୀର ବାରି,
ତୁମ୍ଭ ନାମ ପୂଜ୍ୟ ପୁଣି କ୍ଷେତ୍ର ଧୂଳି ସରି,
ରହିବେ ଯାବତ ନଭେ ଶଶୀ ଦିବାକର
ମଧୁନାମ୍ନୀ ଝରୁଥିବ ମଧୁ ନିରନ୍ତର । ୨ ।

୧୯୩୯

---

୭। ବିଶାଳକୀର୍ତ୍ତି—ଯାହାର କୀର୍ତ୍ତି ସବୁ ବିରାଟ, କରିଥିଲା……
…ପ୍ରତିନିଧି—ସେପରି ଦେଶର ପ୍ରତିନିଧି ହେବାକୁ ବିଧାତା ତୁମ୍ଭକୁହିଁ ପ୍ରତିନିଧି କରି ବାଛିଥିଲା କାରଣ ତୁମ୍ଭର ହୃଦୟ ବିରାଟ ଓ ମସ୍ତିଷ୍କ ବିରାଟ ।

୨। ଜାହ୍ନବୀର ବାରି—ଗଙ୍ଗାଜଳ ( ପରି ପବିତ୍ର ); କ୍ଷେତ୍ରଧୂଳି—ତୀର୍ଥ ସ୍ଥାନର ଧୂଳି [ ପରି ପୂଜ୍ୟ ]; ଝରୁଥିବ—ଝିରୁଥିବ ।

—୧୨—

## ଶସ୍ୟ ଶ୍ୟାମା

[ ଜହ୍ନ ଜାଏ ପକାଇଲା ଶ୍ୟାମଳଟେ ଟଗା ଲୁ ଜପଟେ—ବୃନ୍ଦରେ ]

କେଉଁ ଭୂମି କହ ଜଳ ଶୋହ ସମା
ଗୋ ଶସ୍ୟ ଶ୍ୟାମା ! [ ଘୋଷା ]

ଉତ୍ତରରେ ବଙ୍ଗ-ସାଗର-ତରଙ୍ଗ
ଧୁଅଇ ଜନନି ! ତୋହର ଅଧମାଙ୍ଗ
ତରଣୀ-ବିଶାଳା ତୁହ୍ନ ମା କଳିଙ୍ଗ !
କଳା-ଲକ୍ଷ୍ମୀ-ମନୋରମା ଗୋ । ୧ ।

ତରଙ୍ଗେ ଶାସିଣ ପର ଦେଶ ସନ୍ତତି
ବସାଇଲେ ଉପନିବେଶ ପଙ୍କତି!
ବରୁଣ ବହିଲ ଆଜ୍ଞା ଶିର ପାତି
ନିଖିଳ-ବଣିଜ-ରମା ଗୋ । ୨ ।

---

ଉତ୍କଳ ସାହିତ୍ୟ ସମାଜର ବନ୍ଧ ସାରସ୍ୱତ ଉତ୍ସବରେ ଏ ଗୀତ ଗାନ ହୋଇଅଛି ।

୧। ବଙ୍ଗସାଗର—ବଙ୍ଗୋପସାଗର; ଅଧମାଙ୍ଗ-ପାଦ, ତରଣୀବିଶାଳା—ଜାହାଜମାଳା ଯୋଗୁଁ ଅର୍ଥାତ ନୌ ବାଣିଜ୍ୟଯୋଗୁଁ ପ୍ରଧାନ; କଳାଲକ୍ଷ୍ମୀ ମନୋରମା—କଳାରୂପ ଲକ୍ଷ୍ମୀଙ୍କ ପ୍ରିୟ ( ଭୂମି )।

୨। ତରଙ୍ଗେ ଶାସିଣ—ସମୁଦ୍ରକୁ ଆୟତ୍ତ କରି, ଉପନିବେଶ ପଙ୍କତି—ବ୍ରହ୍ମଦେଶ ଓ ସମସ୍ତ ପୂର୍ବଭାରତୀୟ ଦ୍ୱୀପପୁଞ୍ଜ ( ସୁମାତ୍ରା, ଯାଭା, ବୋର୍ଣ୍ଣିଓ ଆଦି ) କଳିଙ୍ଗବାସୀମାନଙ୍କ ଉପନିବେଶ ଥିଲା—ଏସବୁକୁ ନେଇ କଳିଙ୍ଗର ବିରାଟ ଔପନିବେଶିକ ସାମ୍ରାଜ୍ୟ ଗଢ଼ାହୋଇ ଥିଲା । ବରୁଣ ଦେବତା କଳିଙ୍ଗର ବଶମ୍ବଦ ଥିଲେ । ନିଖିଳ ବଣିଜ-ରମା—ସବୁ ପ୍ରକାର ବଣିକ ଯେଉଁ କଳିଙ୍ଗ ରମା ଅର୍ଥାତ ଲକ୍ଷ୍ମୀଙ୍କ ପଦ ଥିଲା ।

ପାଣି ସୁଅ ସମ ବିଦେଶୁଁ ମା ! ଧନ
ଆସିଲା କେତେ ଶତାବ୍ଦୀ ଅକଳନ
ଧନ୍ୟ ଧନ୍ୟ ମା ! ତୋ ସାଧବ ସନ୍ତାନ
ଭକ୍ତିମନ୍ତ ବେଳା ରମ୍ୟା ଗୋ । ୩ ।

କ୍ଷମତାର ଧ୍ୱଜା ଧର୍ମର କେତନ
ଭୂମଣ୍ଡଳେ କାହିଁ ନୋହିଲା ଉଡ୍ଡୀନ !!
ତୋ ନାମ ଜଡ଼ାଇ କେତେ ଜୟଗାନ
ଅଶେଷ କୀରତି ଧାମା ଗୋ । ୪ ।

ଶୂର ବୀର ବଂଶେ ବହୁ ଅଙ୍କ ବାରେ
କେଶରୀ-ଗଙ୍ଗର ଭକ୍ତି କେଶରରେ
ବିଚିତ୍ର-ମଣ୍ଡିତ ନାଟ ଜାହାଠାରେ
ନୋହୁ ମା ! ତ୍ରିଦଶ-କାମ୍ୟା ଗୋ । ୫ ।

୧୯୩୪

---

୩ । ସାଧବ — ପୂର୍ବକାଳର ଓଡ଼ିଆ ବଣିକ, ଭକ୍ତିମନ୍ତ — ଭକ୍ତିପୂର୍ଣ୍ଣ, ବେଳା — ଉପକୂଳରେ [ ବନ୍ଦର ଅର୍ଥ ନେଇ ]; ରମ୍ୟା — ଶୋଭାବତୀ ।

୪ । କ୍ଷମତାର ଧ୍ୱଜା — କର୍ତ୍ତୃତ୍ୱର ପତାକା [ ପ୍ରାଚୀନ କଳିଙ୍ଗର ବିଶାଳ ସାମ୍ରାଜ୍ୟ ପ୍ରତି ଲକ୍ଷ୍ୟ କରାଯାଉଛି ]; କେତନ — ପତାକା ।

୫ । କେଶରୀ — ସିଂହ, ତ୍ରିଦଶ — ଦେବତା; କାମ୍ୟା — କାଙ୍କ୍ଷିତା; ତ୍ରିଦଶ କାମ୍ୟା — ଯହିଁରେ ଦେବତାମାନେ ବାସ କରିବାକୁ ଲାଳାୟିତ ।

—୧୭—

# କବିବର ରାଧାନାଥ ରାୟ

( ୧ )

( ରାଗ କଳହଂସ କେଦାର )

କବିବର ! ଚଇତ ପୂର୍ଣ୍ଣିମା ଦିନ
ଚଢ଼ି ଚନ୍ଦ୍ରିକା-ରଥେ କଲ ଗମନ
ସେ ଧାମେ ଯହୁଁ ପିନ୍ଧି ଅଭ୍ର-ଅମ୍ବର
କବିତା-ବଧୂ କାନ୍ଦୁଥିବ ପସ୍ତୁର ।୧।

ରସ-ଆକର-ହୃଦ ରସିକ କବି !
ଅଙ୍କିଛ ରସମୟ ବିବିଧ ଛବି;
ମଧୁ-କ୍ଷରଣ ସମ ତୁମ୍ଭର ଗୀତ
ମଧୁଶିଳା ପାଠକ ଜନର ଚିତ୍ତ ।୨।

ଉତ୍କଳ ପ୍ରକୃତିର କମ୍ର ମାଧୁରୀ
କବିତା-ପଟ୍ଟେ ଦିଅ ତୁଳିକା ଧରି
ରଖିଛ ଚିତ୍ରକର ! ଯା ଅବଲୋକି
ହେବେ ମୋହିତ ଯଥା ସୁଷମା-ଭୋଗୀ ।୩।

---

ଗତ ବହୁବର୍ଷ ଧରି ଉତ୍କଳ ସାହିତ୍ୟ ସମାଜରେ ରାଧାନାଥ ଶ୍ରାଦ୍ଧୋତ୍ସବରେ ଏହା ଗୀତରୂପେ ଗାନ ହୋଇଅଛି ।

୧ । ଚଇତ ପୂର୍ଣ୍ଣିମା—ରାଧାନାଥଙ୍କ ମୃତ୍ୟୁଦିବସ ।

୨ । ମଧୁଶିଳା—ଚନ୍ଦ୍ରକାନ୍ତ ମଣି—ଏହା ଯେପରି ଚନ୍ଦ୍ରକିରଣ ପଡ଼ିଲେ ତରଳିଯାଏ ରାଧାନାଥଙ୍କ କବିତାରେ ପାଠକଙ୍କ ଚିତ୍ତ ସେହିପରି ଦ୍ରବୀଭୂତ ହୁଏ ।

୩ । କମ୍ର—କମନୀୟ ।

ନବୀନ କବିକୁଳ-ମସ୍ତକ-ମଣି !
ନମୁଛୁଁ ହେ ଲଳିତ-ପଦ୍ୟ-ଖଣି !
ଆନନ୍ଦ-ସରୋବର ଅଛ ସରଜି
ନୁହଇ ପ୍ରମୋଦିତ କେ ତହିଁ ମଜ୍ଜି ? । ୪ ।

୧୯୩୭

—୧୮—

## ମନୋରମା

"Hear thee, view thee, gaze over all thy charms,
And round thy phantom glue my clasping arms."

*T. Campbell.*

ବିଧାତା ଉଦ୍ୟାନେ ଚିର ପ୍ରସନ୍ନ ଗୋଲାପ !
ଅପଘନେ ବନ୍ଧୁ ନାହିଁ କ ଶୋଭା-କଳାପ !!
ଯୁବାଜନେନ୍ଦ୍ର-ଲୁବ୍ଧଆଖି ଶାଳ ଅଳି ସବୁ
କୁନ୍ଦେ ବସାଇଣି ବସୁ ଭଲି କୁଗଧାଗୀ

୪ । ଆନନ୍ଦ ସରୋବର—ସ୍ୱଧାନାଥଙ୍କ ଗ୍ରନ୍ଥାବଳୀ ଆନନ୍ଦର ଗୋଟିଏ ପୁଷ୍କରିଣୀ, ତହିଁରେ ଗାଧୋଇଲେ ଅର୍ଥାତ୍ ତାହା ପାଠକଲେ କିଏ ଆନନ୍ଦିତ ନ ହେବ ?

୧-୧୦ । ବିଧାତା ଉଦ୍ୟାନେ......କଳାପ—ତୁମ୍ଭେ ବିଧାତାଙ୍କ ଉଦ୍ୟାନ—ବଗିଚାରେ ଚିର ପ୍ରସନ୍ନ—କେବେ ମଉଳୁ ନ ଥିବା ଗୋଲାପ ଫୁଲ ଅଟ । ଅପଘନେ—ଦେହରେ; କଳାପ—ସମୂହ । ଯୁବାଜନେନ୍ଦ୍ର...

ଗଢ଼ିଛି ସ୍ରଜନ   ତାହିଁ ଅଛି ରେ ଉପମା
ଦେଖ ? ମୋହ ନେତ୍ରେ ତୁମ୍ଭେ ଶୋଭା-ସାର-ସୀମା ।
ଉର୍ବଶୀ-ଅତୁଳ-ଶୋଭା ତ୍ରିଦିବେ ଲକ୍ଷିତ
ଏ ମର୍ତ୍ତ୍ୟ-ମୁକୁରେ ତୁମ୍ଭେ ତାର ବିମ୍ବିତ ।
ମରାଳ ମାନଇ ହାର ଗତିକି ଅନାଇଁ
ଦାମିନୀ ହସଟିକେ ହାରି ମେଘେ ଲୁଚେ ଯାଇଁ ।

ଦୃଷ୍ଟିରେ ହରିଣ ହାରି ହରିଣାଙ୍କେ ପଶେ
ଅଧରେ ଅରୁଣ ପଣ୍ଡି ସମ ନୁହେ ଲେଶେ;
ପଦ୍ମ ଉଲୁଟଇ ପଦ ଦେଲେ ବସୁଧାରେ
ଲାକ୍ଷା ରଞ୍ଜି ବାହୁଁ ଉଥି, ଲୁହୁନି ଭାଷାରେ ?
ଶତଦଳେ ଶୈବାଳ ସମାନ ଅଳକ
ସ୍ୱେଦବିନ୍ଦୁ ଯେନ ମଣ୍ଡି ଛନ୍ତି ଆହା ମୁଖ ।
ମନୋରମା ! ମୁଗ୍ଧ କବି ରୂପର କାଙ୍ଗାଳ
ରୂପ-ଅନ୍ନପୂର୍ଣ୍ଣା ରୂପେ ଧରି ରୂପଥାଳ
ଦେବି ଅଣା ଯଦି ତେବେ ଶଚୀ-ପତି-ଭୂତ
ପାଦେ ଲାକ୍ଷା କରି ତାକୁ, କରିଅ ପ୍ରାପତ ।

---

ସ୍ରଷ୍ଟା—ସୃଷ୍ଟିକର୍ତ୍ତାଙ୍କ ଅଧିକ ସେବକୁ ତୁମ୍ଭେ ସବୁ ଗୃହଳର ଭିତରୁ ସେବକ; ଭୂଶଧାତ୍ରୀ—ବିଧାତା; ଶୋଭାସାରସୀମା—ସୌନ୍ଦର୍ଯ୍ୟସାରର ସାର, ତ୍ରିଦିବେ ଲକ୍ଷିତ—ସ୍ୱର୍ଗରେ ଦେଖାଯାଏ; ଏ ମର୍ତ୍ତ୍ୟ···ବିତ—ସଂସାରରୂପ ଦର୍ପଣରେ ତୁମ୍ଭେ ତାର ପ୍ରତିରୂପ ।

୧୧-୨୦ । ହରିଣାଙ୍କ—ଚନ୍ଦ୍ର; ଉଲୁଟଇ—ଫୁଟେ; ଲାକ୍ଷା—ଅଳତା; ଶତଦଳ—ପଦ୍ମ; ଶୈବାଳ—ଶିଉଳି; ଅଳକ—ଚୂନ୍‌ଚୁନିଆ ବାଳ ।

ଗାଲ୍‌ଚ୍ଛ ନୋହିଲେ ତବ ଶ୍ରୀଚରଣ ନିମ୍ନ
ମଦାଳସି ! ଗଣ୍ଡି ହଂସୀ ଢେଡ ଭର ତହିଁ ।
ଶାଲ୍ ନେଇ ରକ୍ତଦେହୀ କନ୍ଦିବାଉପାନ୍ତୁ
ପନ୍ନପତା ବଡ଼ ହୋଇ ନାହିଁ କରଦେଉନ୍ତୁ !
ଅୟି ମନୋରମା ! ମମ ସଙ୍ଗ ଶ୍ରୀ ମନ୍ଦର
ହୁଅ ବରଦାୟୀ ଶୁଣି ବନ୍ଦନା ବନ୍ଦୀର ।

୧୯୩୫

ତୁମ୍ଭ ସୁନ୍ଦର ପାଦରେ ଅଳତା ନ ଦେଖି ଓ ସୁନ୍ଦର ମୁହଁରେ ଝାଳବିନ୍ଦୁ ଦେଖି ମୁଁ କାଂଥିତ—ଏକଥା କାହାକୁ ଜଣାଇବି ? ଶଚୀପତିଭୂତ—ଇନ୍ଦ୍ରଭବନ; ପାଦେ ଲକ୍ଷା ତବ ତାକୁ—ତନ୍ଧକୁ ତୁମ୍ଭ ପାଦର ଅଳତା କର ।

୨୧-୨୨ । ଗାଲିଚ୍ଛ ନୋହିଲେ ତବ—ତା ନ ହେଲେ ତବକୁ ତୁମ୍ଭ ଗୋଡ଼ ପକାଇବାର ଗାଲିଚ୍ଛ କରି; ଗଣ୍ଡି ହଂସୀ—ହଂସକୁ ଫୁଟେଇ ସୁନ୍ଦର ଗଢ଼ କରି, ରକ୍ତ—ଶାଲ୍, ରକ୍ତଦେହୀ କନ୍ଦିବା—ମନ ଟେକିଦ ନେଇ ଶାଲ ଫେକିଥା ଥିବା ବାଂଲୁ ବନେଇ ଦେବା; ପନ୍ନପତା—କର୍ଣ୍ଣସୁପଣିଆ; ସଙ୍ଗ ଶ୍ରୀ ମନ୍ଦର—ସବୁଶୋଭାର ଆବାସ; ବନ୍ଦନା—ସ୍ତୁତି ବନ୍ଦୀ—ବନ୍ଦନାକାରୀ, ଭାଟ ।

—୧୯—

## ସୈନିକର ବିଦାୟ

( ରୁଷିଆ କବିତାର ଛାୟା )

ଶୀଘ୍ର ଦିବସ ପଛେ ହେବ ଅସର,
ରହିବୁ ପଥ ଚାହିଁ ବାନ୍ଧବ ! ମୋର,
ଦୁଃଖେ ବାନ୍ଧିବୁ ଆଶା
ଫେରିବ ଯୁଦ୍ଧରୁ ମୁଁ ଭଗ୍ନଦଶା ।। ୧ ।

ଟପ ଟପ ବରଷା ଜଳ ସମାନ
ପଡ଼ି ମଥିଲେ ହୃଦ ନୋହିବୁ ଛନ୍ନ,
ଜାଡ଼ ବାଧା ସହିବୁ,
ନିଦାଘ-ତାପେ ସନ୍ତାପିତ ନୋହିବୁ । ୨ ।

ବରଷ ପରେ ଗଡ଼ିଯିବ ବରଷ,
ମୋ ଦେଶ ସ୍ମୃତ-ଜନ ହେବେ ନିରାଶ;
ଖବର ମୋ ନ ପାଇ,
ଭୁଲିବେ ବୃଥା ଖାଲି ମୋ ପଥ ଚାହିଁ ।୩।

ମୋ ସମ ଦୂରଗତ ସୈନିକ ଜନ
ବିସ୍ମୃ-ବୃନ୍ତ-ଜାଲେ ହେବେ ମଗନ,
ଛାଡ଼ି ଆଶା-ଜାଗର
ତଥାପି ପଥ ଚାହିଁ ଥିବୁ ତୁ ମୋର । ୪ ।

ଫେରିବି, ରହିଥିବୁ ମୋ ପଥ ଚାହିଁ,
ପାଇବୁ ନାହିଁ ଛୁଟି ପାଇଲେ କେହି,
ଛୁଟି ପାଇବା ରୀତି
ଅପରଙ୍କର; ତୋର ନୁହେ ସୁମତି ! ।୫।

ମୋ ଜନନୀ, ମୋ ସୁତ, ସ୍ନେହକ ଡାଳି
କାନ୍ଦିବେ ଜାଣି ଆଉ ନାହିଁ ମୁଁ ବୋଲି
ମୋର ବନ୍ଧୁପଂକ୍ତି
ଜାଳିବ ଦେବେ ହୃଦୁଁ ଅଣୋର ବତୀ ।୬।

ବସି ଏକାଠି ଯେବେ ମୋର ବିଷୟର
ପକାଇ ମୁଣ୍ଡିବେ ଟି ନୟନୁଁ ନୀର
ତୋଟରେ ଶୁଣି ମୋ ଧନ !
ସ୍ନେହକେ ନ ଧୋଇବୁ କେବେଁ ନୟନ ।୭।

ଲାଗିଲ କାଳ ମରଣର ଲପଟେ,
ରହିବୁ ପଥ ଚାହିଁ, ଆସିବ ଦିନେ
ଯେବେ ହୋଇ ଚକିତ
କହିବେ ସବେ "ଜୟ ! ଏ ଅଲୌକିକ !" ।୮।

ନ ପାରିଲେ ଯେ ଧନ ! ମୋ ପଥ ଚାହିଁ
ସେ-ବେଳ-ମୋଦେ ଭାଗୀ ହେବେ କିପାଇଁ
ତୋର ଆଶାର ଡୋର
ଅଣିବ ଯେବେ ମୋଟରେ କଡକି ଡୋର ? ।୯।

୫। ଛୁଟି ପାଇବା—ଦଣ୍ଡଭାର ହେବା ।
୬। ପଂକ୍ତି—ସମୂହ ।

ତୋ ଅଶା-ଲତର ମୋ ପ୍ରାଣ ରଖିବା
ଅନ ସହଜେ କପାଁ ବୁଝିବେ ଅବା ?
ଏକା ଅଶାସ୍ତ୍ରୀ ଜନ
ଅରକେ ଦେବତାର ଅଶିଷ ଦାନ । ୧୦ ।
ସେ ଦାନେ ଗରବିଣୀ ଏକା ତୁ ହୋଇ
ଗତ ଦୁଃଖ ପଛକୁ ଦେବୁ ପକାଇ
ଯେହ୍ନୁ ଜାଣିଲେ ଜାଗର
ଫଳ ତା ଭୋଗ୍ୟ ଏକା ତୁଅଇ ତାର । ୧୧ ।

୧୯୪୪

—୨୦—

## ଲକ୍ଷ୍ମୀକାନ୍ତ ଚୌଧୁରୀ

( ବିୟୋଗେ )

ରାଗ—ଚନ୍ଦ୍ରାଦେଶାକ୍ଷ

( "ଅହୋ ଧନୁର୍ଦ୍ଧର ବୀରବର"—ବୃତ୍ତରେ )

(୧)

ଭାଷା ଲେଖନୀମୁନେ ମୋ ନାହିଁ
ଅଶ୍ରୁ ନେଇଁ ଯାଉଛି ଉଭାଇ
ଅଶନି ନିର୍ଘାତ ସମ ଏ ପ୍ରୟାଣ
କାହିଁ ଅଛ ମୁହଁଛପି ଦେଇ,
ହେ ସୁହୃଦ !

---

ଉତ୍କଳ ସଙ୍ଗୀତ ସମାଜର ପ୍ରତିଷ୍ଠାତା ସ୍ୱନାମଧନ୍ୟ ଦେଶପ୍ରାଣ ଅଧ୍ୟାପକ ଓ କବିଙ୍କ ଅକୃତ୍ରିମ ହିତୈଷୀ ଓ ବିପଦ ବନ୍ଧୁ ।

୧ । ଅଶନି—ନିର୍ଘାତ—ବଜ୍ରପାତ, ମୁହଁଛପାଦେଇ—ମୁହଁ ଲୁଚାଇ ।

(୨)

ମଣିପୁର ସଂଗୀତ କି କର୍ଣ୍ଣେ
ଅଭି କଲା ନାହିଁ ଚେ ତୋଷଣ ?
ଗୀର୍ବାଣ-ସଂଗୀତ- ଲାଳସୀ ହୋଇଣ
ଭଲ ଗୀର୍ବାଣପୁରୀ ଗମନ
ହେ ସୁହୃଦ !

(୩)

ଏତେ ଅତର୍କିତେ ଯିବା ପାଇଁ
ମନ ବଳାଇ କେମନେ ଭାଇ !
ଗାନ୍ଧର୍ବ ସଂଗୀତ— ମୂର୍ଚ୍ଛନା କି କାନେ
ବାଜି ଦେଲା ସକଳ ଭୁଲାଇ
ହେ ସୁହୃଦ !

(୪)

କେଉଁ ତଥା ମୋଠାରୁ ଛପାଇ
ରଖିଥିବା ମୋଟେ ଜଣା ନାହିଁ
ଛାଡ଼ିଯିବ ବୋଲି ଏ ନିଗୂଢ଼ ପାଖି
କେଉଁ ସଂପାଦିଲି ମନେ ନେଇ
ହେ ସୁହୃଦ !

---

୨। ଗୀର୍ବାଣ—ଦେବତା, ଗୀର୍ବାଣପୁରୀ—ସ୍ୱର୍ଗଭୁବନ।
୩। ଗାନ୍ଧର୍ବ—ଗନ୍ଧର୍ବମାନଙ୍କର।
୪। ଛପାଇ—ଲୁଚାଇ, ନିଗୂଢ଼—ଗୁପ୍ତ, ପାଖି—ଭିତର, କେଉଁ—କେଉଁଠାରୁ, ସମ୍ପାଦିଲି—ସାଇତିଲି।

(୫)

ଛିଣ୍ଡି ପଡ଼ିଲା ମୋ ଦକ୍ଷ କର
ଭାଜି ଗଲେଟିଲା ନିର୍ଭର-ଘର
ବିନଷ୍ଟ-କୁଲାୟ ବିହଙ୍ଗମ ସମ
ଅସହାୟ ଏବେ ଚିତ୍ତ ମୋର
ହେ ସୁହୃଦ !

(୬)

କାନ୍ତ-ସ୍ମିତ-ଶାଳୀ ତୁମ୍ଭ ମୁଖ
କାହା ମନେ ନ ଦେଉଛି ସୁଖ
ନିସର୍ଗ କୋମଳ ଯାହା ଏ ସଂସାରେ
ତୁମ୍ଭ ଭାଷା ତ ତାର ପ୍ରତୀକ
ହେ ସୁହୃଦ !

---

୫। ଦକ୍ଷକର—ଡାହାଣ ହାତ, ଭାଜିଗଲେଟିଲା......ଘର—ତୁମ୍ଭ ଉପରେ ନିର୍ଭର ରଖି ଥିଲି—ସେ ଆଶା ବର୍ତ୍ତମାନ ତୁଟିଗଲା, ବିନଷ୍ଟକୁଲାୟ......ମୋର—କୁଲାୟ ଅର୍ଥାତ୍ ପକ୍ଷୀର ବସା ଭାଙ୍ଗି ଗଲେ ବିହଙ୍ଗମ ଅର୍ଥାତ ପକ୍ଷୀ ଯେପରି ଅସହାୟ ହୋଇପଡ଼େ ମୋର ଚିତ୍ତ ଆଜି ସେହିପରି ହୋଇପଡ଼ିଲା, ବିଶ୍ୱାସ କଥା ଶୁଣିବାକୁ କେହି ରହିଲେ ନାହିଁ।

୬। କାନ୍ତସ୍ମିତଶାଳୀ—ମଧୁର ମନ୍ଦ ହାସରେ ମଣ୍ଡିତ, ନିସର୍ଗକୋମଳ—ସ୍ୱଭାବତଃ ଯାହା କୋମଳ, ତୁମ୍ଭ......ପ୍ରତୀକ—ତୁମ୍ଭ କଥା ତାହାର ସୂଚକ ଅର୍ଥାତ୍ କୋମଳତାରେ ଅଗ୍ରଣୀ।

(୭)

କୁଟିଳତାର ହିଁ ସୀମାଠାରୁ
ବହୁଦୂରେ ଥିଲ ସଦା ଗୁରୁ !
ଶିକ୍ଷିତ-ସମାଜ          ଗୌରବ ଆସ୍ପଦ
ଯେଣୁ ସତ୍ୟସନ୍ଧ ଧର୍ମଭୀରୁ
ହେ ସୁହୃଦ !

(୮)

ଉତ୍କଳୀୟ କଳା କୃଷ୍ଟି ପାଇଁ
ଅର୍ଥ ଜାଏ ଯେ ଅକୁଣ୍ଠ ଦେଇ
ସ୍ୱାର୍ଥ ମେଧ ଯଜ୍ଞ          ଅନଳ ଜ୍ୱାଳର
ତାହୁଁ ଅଧିକ ଓ ଦଣ୍ଡ ନାହିଁ
ହେ ସୁହୃଦ !

---

୭ । କୁଟିଳତା—ଛଳକପଟ; ଆସ୍ପଦ—ସ୍ଥାନ; ସତ୍ୟସନ୍ଧ—ସତ୍ୟବ୍ରତ; ଧର୍ମଭୀରୁ—ଧାର୍ମିକ ( କବି କଲେଜରେ ଅଧ୍ୟାପକ ମହାଶୟଙ୍କ ଛାତ୍ର ଥିଲେ; ପରେ ପ୍ରାଚୀ ସମିତିରେ ସହକର୍ମୀ ଓ ବନ୍ଧୁ ହେଲେ । )

୮ । ଉତ୍କଳୀୟ······ଦଣ୍ଡନାହିଁ—ଉତ୍କଳର କଳା ଓ ସଂସ୍କୃତିକୁ ପ୍ରକାଶିତ କରିବା ନିମନ୍ତେ ଭକ୍ତଧୂର୍ତ୍ତି ନିଃସ୍ୱାର୍ଥଭାବରେ ଅକାତରେ ଧନ ଓ ବହୁମୂଲ୍ୟ ସମୟ ବ୍ୟୟ କରୁଥିଲେ । ଯେଉଁ ଯଜ୍ଞରେ ସ୍ୱାର୍ଥକୁ ବଳି ଦିଆଯାଏ ତାହା ସ୍ୱାର୍ଥମେଧ ଯଜ୍ଞ ।

(୯)

ଦୀନଜନଙ୍କ ବିପଦ ବନ୍ଧୁ !
ପୀଡ଼ାଗ୍ରସ୍ତଙ୍କ କରୁଣା ସିନ୍ଧୁ
ବାନ୍ଧବ ଜନଙ୍କ ଆଶ୍ରୟ ପାଦପ
ମମ ଶରଧା-କୁମୁଦ-ଇନ୍ଦୁ
ହେ ସୁହୃଦ !

(୧୦)

ସ୍ନେହମୟୀ ମାତା ଜୀବଧନ
ଦେଶ ମାତୃକା ଯୋଗ୍ୟ ନନ୍ଦନ
ପରୁଷ ନୁହେଁ କି ଜୀବନ ମଧ୍ୟାହ୍ନେ
ଶୂନ୍ୟ କରିଯିବା ନିଜ ସ୍ଥାନ
ହେ ସୁକୃତ !

(୧୧)

ଦେଶେ ଥିଲ ତୁମ୍ଭ ପ୍ରୟୋଜନ
କରି ଶ୍ରୀହୀନ ବାଣୀ ଭବନ
ଗୁଣ ମୁଗ୍ଧ ଗୋଷ୍ଠୀ ହୃଦେ ଶେଲ ବାନ୍ଧି
କଲ ଅକାଳେ ମହା ପ୍ରୟାଣ
ହେ ସାଧକ !

---

୯ । ଆଶ୍ରୟ ପାଦପ—ଆଶ୍ରା କରିବାର ସ୍ଥାନ ଯେପରିକି ବୃକ୍ଷ ବିଶେଷ ଯହିଁରେ ବହୁତ ପକ୍ଷୀ ବସା ବାନ୍ଧି ରହିଥାନ୍ତି । ପାଦପ—ବୃକ୍ଷ; ଶରଧା-କୁମୁଦ-ଇନ୍ଦୁ—ଶ୍ରଦ୍ଧା ବା ସ୍ନେହର ଆକର୍ଷକ ।

୧୦ । ସ୍ନେହମୟୀ—ସ୍ନେହଶୀଳା; ମାତା—ଜନନୀ (ର ଜୀବନ ଧନ) ଅଥବା ସ୍ନେହମୟୀ—[ ତାଙ୍କ ଜ୍ୟେଷ୍ଠା କନ୍ୟା ] ର ମାତାର ଜୀବନ ଧନ; ଦେଶ ମାତୃକା—ଜନ୍ମଭୂମି; ପରୁଷ—କଠୋର ।

୧୧ । ଶ୍ରୀହୀନ—ହତଶ୍ରୀ; ବାଣୀଭବନ—ଭଗବତୀ ଭାରତୀଙ୍କ ପୂଜା ପୀଠ; ଶେଲ—ଅସ୍ତ୍ର ବିଶେଷ; ମହାପ୍ରୟାଣ—ସ୍ୱର୍ଗଯାତ୍ରା ।

(୧୨)

ଦିବଂଗତ ସାଧକଙ୍କ ମେଳେ
ବିଳସୁଥିବ ତ କୁତୂହଳେ
ଅମୃତ ଦୃଷ୍ଟିରେ ଏ ଧାମକୁ ସଦା
ଚାହୁଁଥିବଟି ପ୍ରିୟ ଉଚ୍ଛଳେ
ହେ ସୁକୃତ

(୧୩)

ମୃତ୍ୟୁ ପରଦା ସେ ପାରେ ରହୁ
ଦୟା ବର୍ଷଣି ଦିଅ ବଢାଇ
ତୁମ୍ଭ ଆଦରଶ ପ୍ରଦୀପର ଶିଖା
ସେତେକେ ରଖିବୁଁ ସଦା ଜଳାଇ,
ହେ ସୁକୃତ !

(୧୪)

ଆଜି ଏ ଧାମେ କ୍ଷଣିକ ପାଇଁ
ଦିବ୍ୟ ତନୁରେ ଆସ ଓହ୍ଲାଇ
ଶରଧା ସୁମନେ ଆସନ ସାଜଣି
ହୃଦ ପୀଠରେ ଅଛୁଁ ବସାଇ,
ହେ ଅମର !

---

୧୨ । ଦିବଂଗତ—ସ୍ୱର୍ଗଗତ, ବିଳସୁଥିବ—କ୍ରୀଡ଼ା କରୁଥିବ; ସୁକୃତ—ପୁଣ୍ୟକର୍ମା ।

(୧୫)

ଆସି ସମ୍ମୁଖେ ଉହ୍ନୁଁରେ ବସ
ପବିତ୍ରତ ସ୍ମିତେ ତୁମ୍ଭ ହସ
ସେ ଧାମରେ ଭେଟ          ହେବାପାଏଁ ଭଲ
ଶୋକ-ତାମସ ଏ ହୃଦୁଁ ନାଶ
ହେ ସୁହୃଦ !

୧୯୪୦

— ୬୧ —

## ଜିଜ୍ଞାସା

( ସ୍ୱର ଭୈରବ—ଅଠତାଳ )

ଖାରବେଲ ସୁହାଗିନୀ ତୁହ୍ନ ମା ଟିକା । ଘୋଷା ।
ବିପୁଳ-ବାରଣ-ସେନା-          ପଦ-ଦମ୍ଭ-ଅପଘନା !
ବୀର-ମେଦମୟ ତୋର ଏହୁ ମାଟି କି ? ୧ ।

---

୧୫ । ସେ ଧାମରେ—ପରଲୋକରେ; ଶୋକତାମସ—ଦୁଃଖରୂପ ଅନ୍ଧାର ।

---

୦ । ଖାରବେଳ—ପ୍ରାଚୀନ କଳିଙ୍ଗର ସ୍ୱଗତ ତେଜସ୍ୱୀ ସମ୍ରାଟ, ସୁହାଗିନୀ—( ଙ୍କ ପ୍ରତ ) ସ୍ନେହଶୀଳା ।

୧ । ବିପୁଳ—ବହୁଳ; ବାରଣ-ସେନା—ଗଜାରୋହୀ ସୈନ୍ୟ; ପଦଦମ୍ଭ-ଅପଘନା—ପାଦରେ ଦମ୍ଭଥିବା ଅଙ୍ଗଗଣ—ଶରୀର ସାହାବ; ବୀରମେଦମୟ—ବୀରଙ୍କ ମେଦରେ ଗଢା ।

ଅଲେ ମା ! ଦୁର୍ଗଶାଳିନୀ ଇଲେ ଶୋଭନ ମାଳିନୀ
ନବତଳ ଉଆସ ଏ ବାରବାଟୀ କି ? ୨ ।

ବିଦେଶେ ଉଦର ଅନ୍ନ ଖୋଜନ୍ତି ଯାଙ୍କ ସନ୍ତାନ
ତୋ ଦେଉଳେ ଭାଙ୍ଗି ଭଳା-ପରିପାଟୀ କି । ୩ ।

ବାବଦୂକ ଇତିହାସ କାନେ ଦିଏ ଢେକଟେ ଗ୍ରାସ
ନେଇ ଉଦାସ ଶୁଣି ତୋ କ୍ଷୀଣ ନାଡ଼ୀ କି । ୪ ।

ବନ୍ୟାସମ ପଉରୁଷ ରହିବ କେବେ ପରବେଶ
ଅତୀତ ଉଠିବ ଭଙ୍ଗ ଗଡ଼ ମାଟି କି । ୫ ।

ବିଚ୍ଛିନ୍ନ ଚଡ଼ାଇ ଲୁହ ପଶୁରେ ସମସ୍ତ-ସୂଅ
ମୁଠେହେଁ କି ଦୁଃଖ ନିବହ ଥିବ ଅଟକି । ୬ ।

୧୯୩୮

୨ । ନବତଳ ଉଆସ ଏ ବାରବାଟୀ କି ?—ଏ ଯେଉଁ ବାରବାଟୀ ରହିଛି ଏଥିରେ ତୋ ସମ୍ରାଟଙ୍କ ନଅ ମହଲା ପଦ୍ମାର ଉଆସ ଥିଲା କି ?

୩ । ଉଦର ଅନ୍ନ—ପେଟର ଦାନା ।

୪ । ବାବଦୂକ—ବହୁତ କଥା କହୁଥିବା, ଜଟେଁ; କାନେ ଦିଏ ଢେକଟେ ଗ୍ରାସ—କାନକୁ ବହୁତ ଖାଦ୍ୟ ଦିଏ ଅର୍ଥାତ ବହୁତ କଥା ଶୁଣାଏ; ଉଦାସ—ନିରୁତ୍ସାହ, କ୍ଷୀଣ—ଦୁର୍ବଳ; ନାଟୀ—ନାଡ଼ୀ ।

୫ । ବନ୍ୟା—ନଈବଢ଼ି; ପଉରୁଷ—ପୁରୁଷପଣିଆ, ବିକ୍ରମ ।

୬ । ଦୁଃଖନିବହ—ଦୁଃଖ ସବୁ ।

—୨୨—

# ଶିଶୁ ରଞ୍ଜନ

## ମାଅଙ୍କ ବର ଓ ଅଭିଶାପ

( ରାଗ—ବଙ୍ଗଳାଶ୍ରୀ )

ବୁଢ଼ୀ ଡସ୍ବିଟିଏ ଅଛଇ ଆକାଶେ
ବସିଲେ ନ ପାରେ ଉଠି,
ଚନ୍ଦ୍ର, ସୂର୍ଯ୍ୟ ଆଉ ପବନ ଦେବତା
ଏମାନଙ୍କ ମାଆ ସେ ଟି ।
ସରଗରେ ଠାଏ ଭୋଜି ହୋଇଥିଲା
ତିନି ପିଲା ଗଲେ ଖାଇ
ଚମ ଧୁଡୁ ଧୁଡୁ ବାଡ଼ି ଠୁକୁ ଠୁକୁ
ବୁଢ଼ୀ ନ ପାରିଲା ଯାଇ ।
ଭୋଜିରେ ଦେଖିଣ ଅପୂର୍ବ ପଦାର୍ଥ
ପବନ ଖାଇଲା ଲୋଭେ,
ସୁଆଦ ଭୋଳରେ ମାଆ ବୁଢ଼ୀ କଥା
ନ ଭାଳିଲା ସେହୁ ଲବେ ।
ସୂର୍ଯ୍ୟ ତାହା ପରି ପକାଇଲା ପେଟେ
ପତରେ ପଡ଼ିଲା ଯାହା
ଖାଇବାରେ ମାତି ଭାଳିଲା ନାହିଁ ସେ
ମାଆ ବୁଢ଼ୀ କଥା ଅହା ।
ଚନ୍ଦ୍ର ଟେଣ୍ଟୁ ହିଅ ମାଆ ପାଇଁ ତାର
ଘାଣ୍ଟି ହେଲା ଭାରି ମନ

ଖାଇଲା ପରରୁ ମାଅ ପାଇଁ କଣ୍ଛ
ରଖିଲା ଭରି ଯତନ ।

× × × ×

ପବନ ଫେରିଲା ଗଗନ କମ୍ପାଇ
ମାଅ ପଚ୍ଚରନ୍ତି "ବାବୁ !
ଖୋଜିବୁ ମୋ ପାଇଁ କଣ୍ଛ ଆଣିନାହୁଁ
ଖାଇ ଦେଲୁ କି ରେ ସବୁ" ?
ପବନ କହିଲା ରାଗରେ "ବୁଢୀ ! ତୁ
ଅପେ ନ ପାରିଲୁ ଯାଇ
ଚାକର ନୁହେଁ ମୁଁ ଅପୂର୍ବ ଦରବ
ଆଣନ୍ତି ତୋ ପାଇଁ ବହି" ।

× × × ×

ଖେଳକରେ ଝଟକି ଲେଉଟିଲା ସୂର୍ଯ୍ୟ
ବୁଢୀ ପଚ୍ଚରଇ "ବାବୁ !
ଖୋଜିବୁ ମୋ ପାଇଁ କଣ୍ଛ ଆଣି ନାହୁଁ
ଖାଇ ଦେଲୁ କି ରେ ସବୁ" ?
ଆଖି ରଙ୍ଗାଇଣ ଗରଜିଲା ସୂର୍ଯ୍ୟ
"ବଡ଼ ଅଲକ୍ଷଣୀ ବୁଢ଼ୀ
ଅପୂର୍ବ ଦରବ ବୁହନ୍ତି ତୋ ପାଇଁ
ଚାକର କି ତୋର ମୁହିଁ" ?

× × × ×

ହସ ହସ ମୁହେଁ ଫେରିଲା ଚନ୍ଦ୍ରମା
ମାଅ କହିବା ଆଗରୁ

ବାଡ଼ିଦେଲା ଅଣି        କାଢ଼ି ରଖିଥିଲା
    ଯାହା ସେ ନଜ ଭାଗରୁ ।
ପିଲାଙ୍କୁ ଡାକିଣି        କହୁଛନ୍ତି ମାଏ
    "ଜଣେ ଜଣେ ହୋଇ ଶୁଣ
ସାମାନ୍ୟ କଥାରୁ        ଜଣା ପଡ଼ିଗଲା
    ତୁମ୍ଭ ଡନାଙ୍କର ଗୁଣ" ।
ଅପସ୍ୱାର୍ଥୀ ତୁ        ଅଟୁ ରେ ପବନ
    ଘେନ ମୋର ଅଭିଶାପ,
ସୁଭ ସୁଭ ହୋଇ        ଟର୍କି ମରୁଥିବ
    ତେବେ ନ ଛାଡ଼ିବ ପାପ,
ଯାହାକୁ ଛୁଇଁବୁ        ସେତୁ ଶୁଖିଯିବ
    ଲୋକେ ତୋତେ ଛଡ଼ିଦେଇ
କିଳବେ କବାଟ        ହୋଇ ଛଟପଟ
    ମୁଣ୍ଡ ତୁ ହେବୁ ବାଡ଼େଇ" ।

× × × ×

"ପବନ ସମାନ        ଅପସ୍ୱାର୍ଥୀ ତୁ
    ସ୍ୱର୍ଣ୍ଣ ମୋହ କଥା ଶୁଣ
ଇନ୍ଦ୍ର ପୋଡ଼ି ହୋଇ        ମରିବୁ ତୁ ସଦା
    ଖାଲି ସଭିଙ୍କ ପରଣ ।
ତୋଡ଼ା ମୁହଁ ତୋର        କେହି ନ ଗୁହିଁବେ
    କହୁ ଯେଣୁ କଟୁ କଥା
ବୃଦ୍ଧ ବୟସରେ        ମନରେ ମୋହର
    ଦେଲୁ ଏଡ଼େ ବୁକୁ ବ୍ୟଥା ।

× × × ×

"ଶୁଣ ଅଲେ ଚନ୍ଦ ! ମାଆ ଦୁଃଖେ ଯେଣୁ
ତରଳିଲା ତୋହ୍ନ ମନ
ରୂପେ ଗୁଣେ ତେତେ ଏ ସାରା ଜଗତେ
ନୋହିବେ କେହୁ ସମାନ ।
ଜଗତ ଯାକର ମନ ତୁ ମୋହୁଛୁ
ଆକାଶେ ଦେଖି ତୋ ଗତି
ମର୍ତ୍ତ୍ୟପୁର ଲୋକେ ଗଣନା କରନ୍ତେ
ବର୍ଷ ମାସ ଆଉ ତିଥି" ।

୧୯୩୯

—୨୩—

## କିଶୋର ପ୍ରାଣରୁ କାମିନୀ

ରାଗ ଇନ୍ଦ୍ରା ଦେଶାକ୍ଷ
( ଅହୋ ଧନୁର୍ଦ୍ଧର ବାଣଧର—ବୃତ୍ତରେ )

ମୋହ ଛଡିବ ନାହିଁ ଭଣ୍ଡର
ଦରି ଆଶଙ୍କରେ ମୋ ଅନ୍ତର
ଛଡେ ଗଲେ ସ୍ନେହ ଯାଉଛୁ ମୋହର
ତୁମ୍ଭେ ହୋଇବା ଦିନୁଁ ଅନ୍ତର ହେ
କିଶୋର ! ।୧।

---

୧ । ଅନ୍ତର—ଦୂର

ତୁମ୍ଭେ କହୁଥାଅ ରେ ବାଳକ !
ମୁହିଁ କବି ତୁ ସିନା ମୋ ଛନ୍ଦ
ତୋହର ଅଦର୍ଶନେ କବିତା ମୋ ବାନ୍ଧୁଁ
ତୋର ବିରହ ତ ମୋହର ପର ହେ
କିଶୋର ! । ୨ ।
ଦିନ ପହରକୁ ଗଲ କହି
ମାସ ଦୁଇ ଯେ ଗଲଣି ବହି
ଦିନୁଁ ଦିନ ବଳୁ ବହୁଛି ଏ ବିରହ
ଦେହେ ଧରିବ କଳ ମୁଁ ଦେହୁ ରେ
କିଶୋର ! । ୩ ।
କହୁଥିଲ "ଭାର୍ଯ୍ୟା ଜାୟା ସବ
ମୁହିଁ ତୋର ତୁ ମୋର ସୁନ୍ଦର !"
ରତ୍ନ ହୋଇ ମୋତେରେ ଚନ୍ଦ୍ରିକା କରିବା
ସତେ ପଶୋରିଲ କି ମାଁସେ ହୋର ହେ
କିଶୋର ! । ୪ ।
କହ କହ ପ୍ରିୟ ମୋର ! ସତ
ହୋଇ ପଡ଼ିଛ ଅବା ପୀଡ଼ିତ
"ସକଳ ବ୍ୟାଧିର ଭେଷଜ ତୁ ମୋର"
ମୋତେ କହୁଛ ବାର ବହୁତ ହେ
କିଶୋର ! । ୫ ।

---

୨ । ପର—ଶତ୍ରୁ
୩ । ଦେହୁ—ଦେହ
୪ । ଚନ୍ଦ୍ରିକା—ଚନ୍ଦ୍ର କିରଣ
୫ । ଭେଷଜ—ଔଷଧ

ମୋତେ ଭର୍ତ୍ସିଥାଇ ବନ୍ଧୁ ! ତୁମେ
ପୀଡ଼ା ଭୋଗୁଅଛ କି ଦେହରେ
ସଂଶୟ ନାଆଁରେ କାଆଁ ଜାଳି ମାର
ମୋତେ ଭସାଇ ଦେଇ ଲହରେ ହେ
କିଶୋର ! ।୬।

ଯେବେ ହୋଇଥିବ ତୁମ୍ଭ ପୀଡ଼ା
ସତ ଭକ୍ତଙ୍କୁ ଦେବି ମୁଁ ବ୍ରୀଡ଼ା
ଚରଣ ସେବାକୁ ପରସ୍ତୁତ ସବ
ଯହୁଁ ତହୁଁ ହୋଇବଇଁ ଛଡ଼ା ହେ
କିଶୋର ! ।୭।

ମୋତେ ପହିଲେ ଦେଖିଲ ଦିନ
କେଡ଼େ ସବୁରେ ଫିଙ୍ଗି ସୁମନ
ଶଶିକାନ୍ତ ମୁଖେ ସୁହାସ ପୂରାଇ
ଚକ୍ଷୁସୁଖେ ଭୁଲାଇଲ ମନ ହେ
କିଶୋର ! ।୮।

ମୋର ଥିଲା ନାହିଁ ବନ୍ଧୁ ! ଗୁଣ
ନେତ୍ର-ବାଗୁରାରେ ଦେଲ ଧରି
ପ୍ରଭାତ-ଝଲସିତ ବଦନ ତୁମ୍ଭର
ମାନସକୁ ମୋ ହୋଇଲା କାରା ହେ
କିଶୋର ! ୯ ।

---

୭ । ବ୍ରୀଡ଼ା—ଲଜ୍ଜା
୮ । ଶଶିକାନ୍ତ—ଶୋଭାରେ ଚନ୍ଦ୍ରକୁ ଜିଣିଥିବା; ଚକ୍ଷୁସୁଖ—ଦୃଷ୍ଟିବସ୍ତୁ
୯ । ଗୁଣ—ଶକ୍ତି; ବାଗୁରା—ଜାଲ; ପ୍ରଭାତ ଝଲସିତ—ପ୍ରଭାତର ଆଲୁଅରେ ଉଜ୍ଜ୍ୱଳ; କାରା—କଏଦଖାନା

ଧେନ ବୃନ୍ଦଣ ମାତ୍ରରେ ମୁହିଁ
ହଜିଥିଲି ଟି ପଥ ହରାଇ
ତାତ ମାତ ମୋର ଅଥୟ ହୋଇଲେ
ଭଣି "ଭାଗିନା ! ଗଲୁ ତୁ କାହିଁ" ହେ
କିଶୋର ! । ୧୦ ।

ତାଙ୍କୁଁ ଦେବତା ସମାନ ଆସି
ଜନ ଗହଳରେ ତୁମ୍ଭେ ପଶି
ଅପରସ୍ତିତାଙ୍କ ମେଳୁଁ ମୋତେ ନେଇ
ଘୁଞ୍ଚାଇଲ ତାଙ୍କ ଶୋକ ନାଶି ହେ
କିଶୋର ! । ୧୧ ।

ସେହି ଦିନରୁ ଏବେ ଅମର
ବଢ଼ି ଗଲଟି ତମ ଆଦର,
କେହି ନ ଜାଣିଲେ ଆଗୁଁ ହୋଇଥିବା
ତୁମ୍ଭେ ଭାମିନୀ-ମାନସ-ତସ୍କର ହେ
କିଶୋର ! । ୧୨ ।

କେତେ ବାର ଜଳପାନ ନେଇ
ନିଜ କରେ ଦେଇଛୁ ଭୁଞ୍ଜାଇ
ସକଳେ ଜାଣନ୍ତି ଯଶୋଦା କାମିନୀ
ତାର ବଅସ ଯେ ହୋଇ ନାହିଁ ହେ
କିଶୋର ! । ୧୩ ।

---

୧୩ । ଜଳପାନ—ଜଳଖିଆ

ତୁମ୍ଭେ ଜୀବିତା ବେଳେ ଆମ୍ଭର
ଗୁରୁଜନେ ହୋଇ ଥାନ୍ତି ଦୂର,
ସ୍ୱକରେ ଭାଜନ୍ତି ଲକ୍ଷ୍ମୀଙ୍କ ଅତି,
ଏବା ଜାଣେ ମୁଁ ଜାଣି ଅପାର ହେ
କିଶୋର ! । ୧୪ ।

ଅପ ଘର ଅଭରଣ ଧନ !
ଅହେ କାମିନୀ-ଜୀବ-ଜୀବନ !
ମାସ ଦୁଇ ହେଲା ରହିଲ ବାହାର,
କେତେକ ଡକୁ ନାହିଁ ତୁମ୍ଭ ମନ ହେ
କିଶୋର ? । ୧୫ ।

ମୋର ନୟନ କୋଟର-ଗତ
ଦେଖି ଶୋକାତୁର ତାତ ମାଇ;
ତାଙ୍କତର ଡାକି ପରଶାନ୍ତ ଗାତ
ମୋର ବିକାର ତାଙ୍କୁ ଅଜ୍ଞାତ ହେ
କିଶୋର ! । ୧୬ ।

ତୁମ୍ଭ ଲାଗି ମୋ ସବୁ ବିକାର,
ଏକା ତୁମ୍ଭେ ଭେଷଜ ତହିଁର;
ମୋ ସ୍ୱୟତ ପ୍ରେମ ଗବେଷଣ ହି ତୁମ୍ଭ
ମୋର ରଙ୍କ-କଳେବର-ରତ୍ନ ହେ
କିଶୋର ! । ୧୭ ।

---

୧୫ । ଡକୁ ନାହିଁ—ଡାକୁ ନାହିଁ ।

୧୬ । କୋଟରଗତ—କୋଟରରେ ପଶିଥିବା ।

୧୭ । ଭେଷଜ—ବୈଦ୍ୟ; ଗବେଷଣ—ସୂତ୍ର; [illegible]; [illegible]—ଧନ ।

ଫୁଲ୍ ପିଙ୍ଗି କିଣିଲ୍ ମୋ ମନ,
ଅଟେ ଧନୀ ପଟେ କଲ୍ ଦାନ;
ମନ-ପୋଡ଼ ମୋର କିଏ ସେ ଜାଣିବ ?
ଭୂରେ ରହିଲା ଜାଣିବା ଜନ ହେ
କିଶୋର ! । ୧୮ ।

ରଙ୍ଗିଥିବ ସେ ଝିର-କଲମ
ଯାହା ଛୁଇଁଥିଲା ଉର ମମ
କେବେ ବ୍ଲାଉଜରୁ କାଢ଼ି ତା ନେଇଛ
ଭାଷି ତାହା ମୋ ଦାନ ପରମ ହେ
କିଶୋର ! ୧୯ ।

ତହୁଁ ହଁରବ କବିତାଧାର;
ବିଶ୍ବେ ମୋହିବା ପାଇଁ କି ପଣ,
ମୁଁ ପୁଣି କେଉଁଠି ରୁପିଣୀ କବିତା !!!
ଲେଖନୀ ମୋ ତା ଆଧାର ପର ହେ
କିଶୋର ! । ୨୦ ।

ମନେ ପଡ଼େ କି ବିଦାୟ ଦିନ ?
"କିଶୋରଙ୍କୁ ଦେଇ ଆ ଟୁ ପାନ"
ବୋଉ ଆଦେଶିଲା, ଗଲି ତୁମ୍ଭ କତି
ତୁମ୍ଭେ ଏକା ଥିଲ ଉପବନ ସେ
କିଶୋର ! । ୨୧ ।

---

୧୮ । ମନପୋଡ଼—ମୋ ମନ ଜଳି ପୋଡ଼ିଯିବା କଥା [ ଯଥା—ବନ ପୋଡ଼ିଗଲେ ସମସ୍ତେ ଜାଣନ୍ତି ମନ ପୋଡ଼ିଗଲେ କିଏ ସେ ଜାଣେ ?]

୨୦ । ଝିରକଲମ—ଫାଉଣ୍ଟେନ୍ ପେନ୍; ଉର—ଛାତି ।

ମୋତେ ଅଲିଙ୍ଗି ଗଣ୍ଡେ ମୋ ଲୁହ
ଢାଳି ଦେଇ, ବନ୍ଧୁ କଣ୍ଠେ ତୋହ,
ସବୁ କଥା ସଖା ! ଅଲୁହା ରଖିଲ
କେବେ ଫିଟାଇ କହିବ କହ ହେ
କିଶୋର ! । ୨୩ ।

ଯେତେ କଥା ଥିଲା ମନେ ରହି
ତେତେ ତରଙ୍ଗ ସିନ୍ଧୁରେ ନାହିଁ;
ଉଗାର ହୋଇଲା କଣ୍ଠେ ତୋହ ମୋର
ଅଙ୍ଗି ଅଙ୍ଗି କି ଥିବ ବା କହୁ ହେ
ସୁନ୍ଦର ! । ୨୪ ।

ମୁହିଁ କ୍ଷେବାଇ ଥିବାର ପାନ
କର ସହିତେ ମୁଖେ କ୍ଷେପଣ
ଅଖିପତା ମୋର ଲୋତକେ ଧୋଇଣ
ମୋର ପରାଣ କଲ ମନ୍ଥନ ହେ
ସୁନ୍ଦର ! । ୨୫ ।

ଜଳି ଯାଉଛି ମୋ ଚିତ୍ତ-ଧନ୍ୱ,
କର ବରଷା ତୋଷ-ଅମ୍ବୁ,
ବୋଉ କହୁଥିଲା ବାପାଙ୍କୁ "କାମିନୀ
ମୋତେ ଲାଗେ କିଶୋରର ପରି" ହେ
ସୁନ୍ଦର ! । ୨୬ ।

---

୨୫। କର କ୍ଷେପଣ—ପକାଇ ।

୨୬। ଚିତ୍ତ-ଧନ୍ୱ—ହୃଦୟ ରୂପ ସ୍ଥଳୀ ।

ପ୍ରାଣ ଉପବନ ମାଳୀ ମୋର !
ଆଉ ନ କର ଦହନେ ଜର୍ଜର
ରୂପିଣୀ ଲବତା କରୁଛ ଯାହାକୁ
ମାଧୁରୀ ତା ହେଲା ନାରଖାର ହେ
ସୁନ୍ଦର ! ୨୭ ।

୧୯୪୫

—୨୪—

## କାମିନୀ ପାଶକୁ କିଶୋର

ରାଗ—ରାଜହଂସ କେଦାର

( ଦ୍ୱିତୀୟା ଯାମିନୀରେ ମୋ ପ୍ରାଣ ସଖୀ—ବୃନ୍ଦରେ )

ମୋ ହୃଦ ଶରଚ୍ଚନ୍ଦ୍ର କାମିନୀ ବାଳା !
କର-କମଳ-ଲିପି ପାଇଲି କାଲି,
କରମ ଗୁଣେ ଦେଇ ନାହିଁ ଉତ୍ତର
ଭରମଦେବତା ଅପରାଧୀ କୋଯୂର ।୧।

---

୨୭ । ରୂପିଣୀ—ରୂପଧାରିଣୀ; ମାଧୁରୀ—ଶୋଭା, ଲାବଣ୍ୟ, ମଧୁରତା ।

୧ । ଶରଚ୍ଚନ୍ଦ୍ର—ଶରତ୍କାଳର ନିର୍ମଳଚନ୍ଦ୍ର; ଲିପି—ଚିଠି; କରମ—ଗୁଣେ ବହୁତ କାମ ପଡ଼ିଥିବାରୁ; ଭରମଦେବତା—ଭର୍ମଦେବତା—ସୁନାଗୋଟି; କୋଯୂର—ସେବକ ।

ପୂଟିଲ୍ଲ ଯହ୍ନୁ ସଖି ନୟନ ତୋହାର
ଚେଳିଶିଳୁ ପଦ୍ମ ଭଜନ୍ତି କୋଟର ।
ଅୟି ମୋ ଛନ୍ଦ-ସରସୀର ମରାଳ !
ଛାଡ଼ି ଯାଏ ମୋ ପାଟି ତୋ ଛନ୍ଦ ଜାଲ । ୨ ।

ହୁବୁଳା ଭଙ୍ଗଣ ତୁ ଦେବୁଣି ଥୋଇ,
ଗାରଭ ଥିବୁ ନାମ କସିଲ ଠାଇଁ,
କଙ୍କତକା ପରଶ ନ ଲଭି କେଶ
ପବନେ ଉଡୁଥିବ ହୋଇ ଉଦାସ । ୩ ।

ବାଜ ନ ଥିବୁ ବୀଣା ତୋଳି ଝଙ୍କାର,
ବେହେଲ ହୋଇବଣି ତୋ ନାରଖାର,
ବସିବା ବାତାୟନ ପାଶରେ ଆସି
ନାରବେ ଚାହିଁ ଦେବୁଣି ତୁ ସୁହାସି । ୪ ।

ବରଳ ହୋଇଲଣି ସୀମନ୍ତେ ତାର,
ଅଞ୍ଜନ ନେସୁଁ ହୋଇବଣି ଅନ୍ତର,
ଚନ୍ଦ୍ର ଜୁମ୍ଭିତ ଦୁଲ ଭାଡ଼ି କାନରୁ
ଅଭାବରେ ତୁ ପିନ୍ଧିବୁଣି ଉତ୍ପଳୁ । ୫ ।

---

୨ । ଭଜନ୍ତି କୋଟର—କୋଟରରେ ପଶିଲେଣି; ସରସୀ—ପୋଖରୀ; ମରାଳୀ—ହଂସୀ ।

୪ । କଙ୍କତକା—ପାନିଆଁ; ଉଦାସ—ଅଳସେଇ ଯାଇଛି ।

୫ । ବରଳ—ଦେଶୀବାଳ [illegible]; ସୀମନ୍ତ—ସୁନ୍ଥା; [illegible]—[illegible] ପ୍ରକାଶିତ; ଉତ୍ପଳୁ—[illegible] ପଦ୍ମ ଯାହାର ଉପମ, ସୁବଳଦ୍ର ।

ପାଣ୍ଡୁର ହୋଇବଣି ଅଧର-ବିମ୍ବ,
ଫିକା ହେବଣି ପାନ ଯେସନ କମ୍ବୁ;
କମ୍ବୁ କଣ୍ଠରୁ ହାର କାଢ଼ ବାହାର!
ଢାଙ୍କଲ-ପିନ୍ଧା କରୁଛୁଣି ତୁ ଦୂର । ୬ ।

କାଞ୍ଚୀ ଦାମ କଟୀରୁ ଦେଲୁଣି ଫେଇ,
ତାହାରୁ ନ ଥିବୁ ତୁ ଅଲଗା ହୋଇ;
କୁନ୍ଦ ସୁମନ ସମ ମୃଦୁଳ ହସ
ଓଠେ ତୋ ଫୁଟୁଥିବ ତାହିଁ ନାରୀଶ ! ୭ ।

ତପତ ଶ୍ୱାସେ ନାସା ତିଳ ସୁମନ
ଝାଉଁଳି ପଡ଼ିବଣି କି ହତମାନ !!
ଅଙ୍ଗୁଳି ଚମ୍ପା ଯାଇଥିବ ମଉଳି,
କି ହୋଇଥିବ କର ସରୋଜ କଳି !!! ୮ ।

ଢଳା ଶାଢ଼ୀରୁ ତୁଟାଇଣ ଆଦର
ଅଯତ୍ନେ ଛାଉଥିବୁ ଅଙ୍ଗ ତୁ ତୋର,
ରୂପିଣୀ କବିତା ରେ ! ରୂପ କାଙ୍ଗାଳି
ତବ ସାଜରୁ ଜଳ ତୋ ଦଶା ଭାଳି । ୯ ।

---

୬ । ପାଣ୍ଡୁର—ଫିକା; ଅଧରବିମ୍ବ—ଅଧରରୂପ ପାଚିଲା କଇଁଚକାକୁଡ଼ି; କମ୍ବୁ—ଶଙ୍ଖ ।

୭ । କାଞ୍ଚୀଦାମ—ଚନ୍ଦ୍ରହାର ( ଅଣ୍ଟାର ଅଳଙ୍କାର ); ନାରୀଶ—ଶ୍ରେଷ୍ଠ ନାରୀ ।

୮ । ତିଳସୁମନ—ରାଶିଫୁଲ ( ଏଥି ସହିତ ନାକର ତୁଳନା ହୁଏ ); କର—ହସ୍ତ; ସରୋଜକଳି—ପଦ୍ମକଢ଼ି ।

୯ । ଅଯତ୍ନେ—ଯତ୍ନ ନ କରି; ଛାଉଥିବୁ—ଘୋଡ଼ାଉଥିବୁ; ରୂପିଣୀ—ରୂପ ଧାରିଣୀ ।

ଧୂଳିରେ ଲୁଲି ଖାଉଥିବ ପଣତ,
କାନ୍ଧେ ବନ୍ଧୁବା ବାଳ ହୋଇଣି ହତ ।
ମୁଖ ଶଶୀଙ୍କ ଢାଙ୍କିଥିବ ବଉଦ
ମହୀରେ ପଡ଼ୁଥିବ ଅଥୟେ ପଦ । ୧୦

ହଁର-ଭଲମ ଭୋର ଭରେ ଭଡ଼ାର
ହୁଇ ଦନର ପଥ ଯିବଇଁ ବାହୁ;
ତୋ ପରାଣ ପଙ୍କଜେ ମୁହିଁ ତପନ
ଜାଣି ନ ଥିଲି ଆଜ ଅବଧି ଧନ । ୧୧ ।

ମୁଁ ଭାଳିଥିଲି ମୁହିଁ ସ୍ଥତଳ ସହ
କଣ୍ଠକୁ ମୋର ତୁଚ୍ଛ ବାରିଦ-ବାରି;
ଏବେ ବୁଝିଲି ଆନ ତଜ ଝିଙ୍କରେ
କଣା ଯେସନ, ଶଙ୍ଖ କଣା ଶଙ୍ଖରେ । ୧୨ ।

ଲାଜ ମଞ୍ଜୁଷାରେ ଏ ପ୍ରୀତିରତନ
ଢାଙ୍କି ତୁ ରଖିଥିଲୁ; ନ ଜାଣି ଧନ !
ହୋଇଛି ଅପରାଧୀ କରୁଣା କର
ଜାଣିକି ଦୋଷ ଫିଙ୍ଗିଦିଅ ସୁନ୍ଦର । ୧୩ ।

---

୧୦ । ଲୁଲି ଖାଉଥିବ—ଲୁସୁରୁ ଥିବ ।

୧୧ । ଅବଧି—ପର୍ଯ୍ୟନ୍ତ ।

୧୨ । ବାରିଦବାରି—ମେଘର ଜଳ; ତଜ—ପଦାର୍ଥ ।

୧୩ । ମଞ୍ଜୁଷା—ପେଡ଼ି ।

ଶୋଭା ବିଳାସୀ ତୋର କିଶୋର କାବ୍ୟ
ଭବ-ମୋହନ ! ତୋର ମନୋଜ୍ଞ ଛବି
ଚିରକାଳ ତା ଲେଖଣୀର ଆହାର
ତୁହି ସୁମନାବଳି ସେ ମାଳାଭଳି । ୧୪ ।

ଗ୍ରୀବାନାଡ଼ିରେ ମୁଣ୍ଡପଦ୍ମ ଟଳାଇ
ତୁ ହସୁଥିଲୁ, କବି ସେ ଛବି ଗୁହିଁ
କବିତା ଯିବ ଲେଖି କବିଙ୍କୁ ଆଶା
ହେଳାରେ ହଜାଇ ଗାନ ଦେବ ରସା । ୧୫ ।

କଳା-କୁନ୍ତଳେ ନାଇଥିଲେ ଅଳକା
ସରଗୁ ଥିବ କବିକ ତା ଅଳକା,
କପାଳ ବଁଲକିଲେ ନୂପୁର ସର
ମୁଗ୍ଧ ହେଉଥିବ ତହିଁ କବିତାନାରୀ । ୧୬ ।

ଗୋଲାପି ଗଣ୍ଡ ତାହା ଲାବଣ୍ୟସାଗର
ଉପମ ସରଳତ ଭଙ୍ଗୀ ଅନ୍ତରେ,
ଜାନୁଁମୁଖା ତହିଁ କାନ୍ତି ଉହ୍ଲାଇ
କବିଙ୍କ ମୋହନାରେ ନେବ ଭସାଇ । ୧୭ ।

---

୧୫ । ଗ୍ରୀବାନାଡ଼—ବେକରୂପ ନାଡ଼ୀ; ରସା—ପୃଥିବୀ ।

୧୬ । କୁନ୍ତଳ—କେଶ; ଅଳକା—ସୀମନ୍ତର ଅଳଙ୍କାର; ଅଳକା—ସ୍ୱର୍ଗପୁର ।

୧୭ । ସାର—ନିର୍ଯ୍ୟାସ ।

ଅଙ୍ଗୁଳି ସବୁ ରଙ୍ଗ ତୋ ଈଙ୍ଗାଧର,
ମାଣବକ ଶମ୍ଭୁ ତୋ ଉରପୀଠର,
ଗ୍ଭରିଅଙ୍କ-ମଧ୍ୟ ତୋ ମରାଳଗତି
ଜଙ୍ଘା କଦଳୀ ଲଗି ଅତୁଳ ଭୁଷା । ୧୮ ।

ହସିଲେ କଉମୁଦୀ ହୁଅଇ ବର୍ଷା,
ଭାଷିଲେ ବାଜି ଉଠଇ ରେ ବିପଞ୍ଚୀ,
ଚେଇଁଲେ ମୁଖ ବରଷଇ ମୟୂଖ,
ଗ୍ଭଲିଲେ ପାଦ ହଂସୀ ଲଭନ୍ତି ଦୁଃଖ । ୧୯ ।

ବସିଲେ ହୀରକୁଟ ସବୁ ରୁଚିର,
ଶୋଇଲେ ନିକଷରେ କନକ ଗାର,
ଛାଡ଼ିଲେ ଶ୍ୱାସ ଜାତ ମଳୟ ବାତ
ଫେଡ଼ିଲେ ପକ୍ଷ୍ମ କୁବଳୟ ସ୍ଫୁଟିତ । ୨୦ ।

---

୧୮ । ମାଣବକ—ଶିଶୁ; ଶମ୍ଭୁ-ଶିବଲିଙ୍ଗ; ଗ୍ଭରିଅଙ୍କ ମଧ୍ୟ—ଗ୍ଭରିଅଙ୍କ (୪)ର ଅଣ୍ଟାପରି ସରୁ ଅଣ୍ଟା; ମରାଳ—ହଂସ ।

୧୯ । ତୁ ହସିଲେ କୌମୁଦୀ ଅର୍ଥାତ୍ ଚନ୍ଦ୍ର କିରଣ ବର୍ଷା ହୋଇଗଲା ପରି ଦିଶେ । ତୁ ଭାଷିଲେ ଅର୍ଥାତ୍ କଥା କହିଲେ ବିପଞ୍ଚୀ ଅର୍ଥାତ୍ ବୀଣା ବାଜି ଉଠିଲା ପରି ଶୁଭେ । ତୁ ମୁହଁ ଟେକିଲେ କିରଣ ବର୍ଷା ହେଲା ପରି ଦିଶେ, ତୁ ପାଦ ଗ୍ଭଲିଲେ ହଂସୀମାନେ ନିଜ ସୁନ୍ଦର ଗ୍ଭଲିକୁ ତୁଚ୍ଛ ମନେ କରି ଦୁଃଖିତ ହୁଅନ୍ତି ।

୨୦ । ତୁ ବସିଲେ ହୀରାର ଗଦା ପରି ସୁନ୍ଦର ଦିଶୁ, ଶୋଇଲେ କଷଟି ପଥରରେ ସୁନାର ଗାରଟିଏ ପରି କ୍ଷୀଣ ଦିଶୁ । ତୁ ନିଃଶ୍ୱାସ ଛାଡ଼ିଲେ ମଳୟ ପବନ ପରି ସୁବାସ ପବନ ଜାତ ହୁଏ ଓ ତୁ ପକ୍ଷ୍ମ ଅର୍ଥାତ୍ ଆଖିପତା ଖୋଲିଲେ କୁବଳୟ ବା ପଦ୍ମ ସ୍ଫୁଟିତ ଅର୍ଥାତ୍ ଫୁଟିଲା ପରି ଦିଶେ ।

ଏସନ କାହିଁ ତୁ ମୋ ଶୋକ-ପସରିଁ,
ତୋ ଲୁପି ବରଷିଲି ଭାବ-ଅସରା;
ଭାବବତି ରେ ! ତୋଳି ଭାବ ଲୁଅର
ଧୋଇ ଦେବ ତୋ ପଦ କବିତା ମୋର । ୨୧ ।

ସୁଦୂର ପଦ୍ମିଣୀ ପଥର ବନ,
ବନ ଦୁଇଟି ଟେକ୍କିଣେ କର ସାପନ ।
କଳା-କୁନ୍ତଳା ! ଶକୁନ୍ତଳା ତୁ ମୋର
ଦୋଷୀ ଦୁଷ୍ମନ୍ତ ଦୋଷ ପାଣିର ଗାର । ୨୨ ।

୧୯୪୫

୨୨ । କଳାକୁନ୍ତଳା—କୃଷ୍ଣକେଶୀ; ଶକୁନ୍ତଳା—କାଳିଦାସଙ୍କ ନାଟକର ନାୟିକା; ଦୋଷୀ ଦୁଷ୍ମନ୍ତ ଦୋଷ ପାଣିର ଗାର—ଶକୁନ୍ତଳା ତାଙ୍କ ପ୍ରେମିକ ଦୁଷ୍ମନ୍ତଙ୍କ ଅପରାଧ କ୍ଷମା କରିଥିବା ପରି ତୁ ମଧ୍ୟ ମୋ ଦୋଷ କ୍ଷମା କରିବୁ । ପାଣି ଉପରେ ଟଣା ଗାର ପରି ତାହା ଅସ୍ଥାୟୀ ହେବ ।

—୨୫—

# ରତ୍ନରେଣୁ

(୧)

ନଦୀ ନ ପିଏ ନିଜ ଜଳ,
ତରୁ ନ ଖାଏ ନିଜ ଫଳ,
ଶସ୍ୟ ବଢ଼ାଇ ଜଳଦାନେ
ମେଘ ତା ନ ଇଚ୍ଛେ ଆପଣେ ।
ଏ ଅଟେ ସାଧୁଙ୍କ ବେଭାର
ପରାର୍ଥେ ଜୀବନ ତାଙ୍କର ।

(୨)

ପାଣି ଫୋଟକାର ସମ ଅସାର ଜୀବନ,
ଅସାର ସକଳ ଭବେ, ଧର୍ମ ସନାତନ ।

(୩)

ରାହୁ-ଦନ୍ତେ ଘଟେ ରବି ଶଶୀଙ୍କ ପୀଡ଼ନ,
ଆଶୀବିଷ ମାତଙ୍ଗମ ଭଜନ୍ତି ବନ୍ଧନ ।
ପ୍ରତିଭାବନ୍ତଙ୍କୁ ଘୋଟି ରହେ ଦରିଦ୍ରତା
ଦେଖି ମୁଁ ଭାଳଇଁ ବଳିଆର ଏକା ଧାତା ।

(ଭର୍ତ୍ତୃହରି)

---

୩ । ଆଶୀବିଷ—ସାପ; ମାତଙ୍ଗମ—ହାତୀ ।

( ୪ )

ସତ୍ୟବାଦୀ ସମ କେହୁ ନାହିଁ ଉଚ୍ଚସ୍ଥାନ,
କାମନା-ବିହୀନ ସମ ନାହିଁ କେ ସ୍ୱାଧୀନ ।
ଦାସତ୍ୱ ସମାନ ଆଉ ନାହିଁ ଯେ ନରକ
ହୀନାଦପି ହୀନ ସିନା ଅଟଇ ଯାଚକ ।
ଅଳସ ଜନର ପାଶେ ଧନବନ୍ତ ନାହିଁ
ଦୀର୍ଘସୂତ୍ରିତାର ଭଲ ଅନ୍ତ ଅଛି କାହିଁ ?
ନିରପେକ୍ଷ ନୁହେ କେହୁ ନ୍ୟାୟର ସମାନ
ଲମ୍ପଟଠୁ ବଳି ନାହିଁ ଅଧୋଗତି ଜନ ।

( ୫ )

ଯେ କଣ୍ଠ ରୁଦ୍ଧ ହେଉ ଅଣିର ପାଇଁ
ସେ କଣ୍ଠୁ କାତରୋକ୍ତି ଉଠଇ ନାହିଁ ।

( ୬ )

ମୁକ୍ତିବେଦିକର ବସ୍ତ୍ର ଧଡ଼ିର ଯଥା
ଜାତି ଜୀବନବସ୍ତ୍ର ସାହିତ୍ୟେ ତଥା ।

( ୭ )

ଓଡ଼ିଆ ତରୁଣ ତରୁଣୀ
ଓଡ଼ିଶା-ଆଶା-ହେମ ଖଣି ।

୧୯୩୯

୬ । ବସ୍ତ୍ର—ଲୁଗା । ୭ । ହେମ—ସୁନା ।

—୬୭—

# ବିରହ ବାରମାସି

( ସ୍ୱର—ଚକ୍ରଧରଣି )

( ମଗୁଶିର )

ଧାନ-ଶୀଁଷା-ଶସ୍ୟ ନେଇ ମାସ ମଗୁଶିର
ଆସିଲା ସଜନି ! ମୋର ରଜନୀ ବାସର
କିଏ ଯାଇବ ରେ କହ
ଜଳାଇ ତ ଦେଇଗଲୁ ବିରହର ଦାହ । ୧ ।

( ପୁଷ )

ଖଳାରେ ହସାଇ ଲକ୍ଷ୍ମୀ ଆସିଲା ତ ପୁଷ
ପ୍ରଚୁର ବିଭବ ତାର ହେଲା ମୋରେ ବିଷ
ଯାହା ସମ୍ପଦ ତୋ ସ୍ମୃତି
ରୁଚି କି ପାରଇ ତାକୁ ନେବେ ଆନ ବିତ୍ତ ? । ୨ ।

---

୧ । ଧାନ-ଶୀଁଷା-ଶସ୍ୟ—ଧାନ ଶୀଁଷା ରୂପକ ସମ୍ପଦ; ମଗୁଶିର ମାସରେ ଧାନ ଗଛ ଶୀଁଷା ପକାଏ; ବାସର—ଦିନ; ଦାହ—ଜଳା ।

୨ । ଖଳାରେ ହସାଇ ଲକ୍ଷ୍ମୀ—ଖଳାରେ ଧାନ ଅମଳ ହେବାରୁ ଲକ୍ଷ୍ମୀ ହସି ଯାଉଅଛି; ବିଭବ—ସମ୍ପଦ; ସ୍ମୃତି—ପ୍ରିୟଙ୍କ ସ୍ମୃତି; ରୁଚି କି ପାରଇ—ଭଲ ଲାଗିପାରେ କି ?; ବିତ୍ତ—ସମ୍ପଦ ।

(ମାଘ)

କାଳ ଯେସନ ବାଘ ସମ ଆସିଲା ତ ମାଘ
ମୋରେ ଆହା ଆହାର ସେ କରିବ ରେ ଅବ,
ଅଙ୍ଗଲତାରେ ଜଡ଼ାଇ
କହ ପ୍ରାଣବନ୍ଧୁ ! କିଏ ରଖିବ ଘୋଡ଼ାଇ ? । ୩ ।

(ଫଗୁଣ)

ଫଗୁଣ ଆସନ୍ତେ ଫଗୁ ଖେଳିଲେ ସକଳେ
ଗୁଣ ଯୋ ସୁନ୍ଦର ଗାଧୋଇଲି ଅଶ୍ରୁଜଳେ,
କହ କିଏ ଅଛି କାହିଁ
ଫଗୁ ବୋଲି ଅଙ୍ଗ ସାର ଦେବ ମୁଁ ରଙ୍ଗାଇ ? । ୪ ।

(ଚଇତ)

ଚଇତ ଆସିଲା ଯେମନ୍ତ ଚଇତାଳି ବାଆ
ମୋ ମନ ଉଚ୍ଛନ୍ନ ହେଲେ କିଏ ହେବ ସାହା ?
ମୋର ଅନ୍ଧାର ରଜନୀ
ଦୀପ ଜାଳି ଆଲୋକିବ କିଏ ଟି ସଜନୀ ? । ୫ ।

---

୩ । ଅଙ୍ଗଲତା—ଶରୀର ରୂପକ ଲତା; ଜଡ଼ାଇ—ଲଗାଇ କରି ରଖି ।

୫ । ଚଇତାଳି ବାଆ—ଚଇତ ପବନ; ଉଚ୍ଛନ୍ନ—ଉଚାଟ; ସାହା—ସହାୟ ।

( ବୈଶାଖ )

ବଇଶାଖେ ପଣା ପିଇ ନୋହୁଲା ତେ ତୋଷ ?
ମୋହ ସମ ବକ୍ଷେ କାର ଜଳଇ ହୁତାଶ ?
ତାହା ଶେଷ ଅରେ ବନ୍ଧୁ !
ଓଦା ହେଇ ନୟନରୁ ଝରି ବାରି-ବିନ୍ଦୁ ? । ୬ ।

( ଜ୍ୟେଷ୍ଠ )

ଜଇଷ୍ଠ ମାସର ଝାଞ୍ଜି ହେଲେହେଁ ପ୍ରଖର
ମୋ ତପତ ଶ୍ୱାସେ ତାହା ମାନୁଛି ରେ ହାରି
ଅରେ ହୃଦୟ ଚନ୍ଦନ !
କାଲ ପୋଡ଼ୁ ମରିବା ମୋ ଲଲାଟ-ଲିଖନ । ୭ ।

( ଅଷାଢ଼ )

ଅଷାଢ଼େ ମେଘର ତୁଲେ ଦାମିନୀ ପୀରତ
ଦରଶନେ ଯୁଡ଼ି ମୋର ହୁଅଇ କରତ,
କଣ୍ଠେ ବାହୁଲ ଦେବାର
ଘଡ଼ଘଡ଼-ଭୀତ ସିନା ଥାଅନ୍ତୁ ଏଡ଼ାଇ । ୮ ।

---

୬ । ହୁତାଶ—ନିଆଁ ; ବାରିବିନ୍ଦୁ—ଲୁହ ଟୋପା ।

୭ । ଝାଞ୍ଜି—ଗରମ ପବନ; ପ୍ରଖର—ପ୍ରବଳ; ମୋ ତପତ……ହାରି—ମୋ ନାକରୁ ବାହାରୁଥିବା ପବନ, ତା ଠାରୁ ମଧ୍ୟ ଅଧିକ ବେଗରେ ବହୁଛି; ଲଲାଟ-ଲିଖନ—କପାଳର ଲେଖା ।

୮ । ତୁଲେ—ସହିତ; ଦାମିନୀ—ବିଜୁଳି; ଭୀତ—ଭୟ ।

( ଶ୍ରାବଣ )

ଶ୍ରାବଣ ଆସିଲା ଦେଖ ବରଷାର ଥାଟ,
ସକଳକାମୀ ପାଇଁ କି ଓଳଗା ବରଷଣ ନାଟ,
ଚୋଟେଭ ନ ଭୁଲିଲି ବୋଲି
ଗଣିଲି ବସି ମୁଁ ଶୋକ-ବାରିନିଧି-ବାଲି । ୯ ।

( ଭାଦୁଅ )

ଭାଦୁଅ ଆସିଲା ଦେଖ କେତେ ପୂଜା ବ୍ରତ !!
ମାନସ କିମା ନ ରସିଲା କାହିଁରେ ତହିଁ ତ !
ତୁ ତ ହେଲୁ ପରହାତ,
କାନ୍ତ କରେ ମୋ ପାଇଁ କେ ପିନ୍ଧିବ ବରତ ? । ୧୦ ।

---

୯ । ଥାଟ—ଫଉଜ, ବେଶ, ଡମ୍ବର, ମୟୂର ଅଧ; କେକାରୀ—ଗାଇ ମୟୂର; କେକୀ—ମୟୂର; ବାରିନିଧି—ସମୁଦ୍ର; ଗଣିଲି...ବାଲି—ଲୁମା ଶୋକ ଅସରନ୍ତି ହେଲା ।

୧୦ । ପୂଜାବ୍ରତ—ଭାଦୁଅ ମାସରେ ବହୁତ ଓଷା ଉପାସ ପଡ଼େ, ମାନସ—ମନ; ହେଲୁ ପରହାତ—ଅନ୍ୟର ଘରଣୀ ହେଲୁ; କାନ୍ତ—କମନୀୟ; ମନୋହର; ପିନ୍ଧିବ ବରତ—ସ୍ତ୍ରୀମାନେ ସ୍ୱାମୀର ମଙ୍ଗଳ ମନାସି ହାତରେ ବରତ ପିନ୍ଧନ୍ତି ।

( ଅଶ୍ୱିନ )

ଆସିଲା ମାସ ଅଶ୍ୱିନ କୁମାରୀଙ୍କ ପ୍ରିୟ
ଅଭ ତେ କୁମାରୀ ଭଲ ଜୁହାଏ ଟି ଲୟ
ମୋହ ପାଇଁ ନେବେ ରଶ୍ମି
ଶଶାଙ୍କେ ମାନବ କର ହୃଦୟର ସାକ୍ଷୀ ? । ୧୧ ।

( କାର୍ତ୍ତିକ )

କାର୍ତ୍ତିକ ଆସିଲା ଦେଖ ଦାମୋଦର ପୂଜା
ରାଇ ରୂପେ ଦାମୋଦରେ ଭଜିଲେ ସିନ୍ଧୁଜା
ଇନ୍ଦୁ ହସିଲା ଗଗନେ
ଶୋଳ-ଫୁଲେ ମାଳା କର ରହିଲା ଗୋପନେ । ୧୨ ।

୧୯୩୬

୧୧ । କୁମାରୀ—ବାହା ହୋଇ ନ ଥିବା ଝିଅ; ଜୁହାଏ—ଖୋପାଏ; ଶଶାଙ୍କେ—ଚନ୍ଦ୍ରଙ୍କୁ ।

୧୨ । ଦାମୋଦର ପୂଜା—କାର୍ତ୍ତିକମାସରେ ସ୍ତ୍ରୀଲୋକମାନେ ଏ ପୂଜା କରି ବ୍ରତ କରନ୍ତି; ଭଜିଲେ—ପ୍ରୀତ ଆସକ୍ତ ହେଲେ; ସିନ୍ଧୁଜା—ମହାଲକ୍ଷ୍ମୀ; ଇନ୍ଦୁ—ଚନ୍ଦ୍ର; ଶୋଳ-ଫୁଲେ···କର ଏକୁଟିଆଁରେ ବସି ଶୋକ କଲା ।

( ୨୭ )

# ଗୋପାଳଚନ୍ଦ୍ର ପ୍ରହରାଜ

( ୧ )

( ରାଗ କାମୋଦୀ )

ସାରସ୍ୱତ ସାଧନା    ତୁଙ୍ଗ ସୌଧ ରଚନା
ତବ ତୁଳିଲେ ହୃଦବର !
ଚିନ୍ମୟୀ କୀରତି    ଥାପିଲ ହେ ସୁକୃତି !
ଭଙ୍ଗୁର ଦେହରେ ଅମର ହେ
ହେଲ ଆଜ
ଭାଷାକୁ କରି ପରିପୂତ
ହୋଇଲଣି ଦିବ୍ୟ ପ୍ରସୂତ
ଉତ୍କଳୀ ହୃଦୟର—    ତୁଙ୍ଗ ପୀଠ ଉପର
ବସିଲ ସାଧକ-ଦୈବତ ହେ
ସୁଧୀବର ।। ୧ ।

ଭାଷା-କୋଷ-ତରଣୀ    ରଚି ଭାଷା-ଜନନୀ
ଅଖ୍ୟାତି-ସିନ୍ଧୁ ହୋଇ ପାରି
ବହୁ ମୋହନ ବେଶ    ଦେଖାଇ ସର୍ବ ସାଜସ
ମଣ୍ଡିଲ ବିଶ୍ୱ-ଦରବାର ହେ
ସୁଧୀବର ।

୧ । ସାରସ୍ୱତ ସାଧନା—ସାହିତ୍ୟ ସାଧନା, ବାଣୀପୂଜା; ତୁଙ୍ଗ—ଉଚ୍ଚ; ସୌଧ—ପ୍ରାସାଦ ଅର୍ଥାତ ବୃହତ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ; ସୁଧୀ—ମହା ପଣ୍ଡିତ, ଚିନ୍ମୟୀ—ଈଶ୍ୱର, ଦୈବତ—ଦେବତା ।

ଥିଲ ସମ୍ଭ୍ରାନ୍ତ ସାର୍ଦ୍ଧ କୋଷ୍ଠି
ଜନନୀ ପାଇଁ କି ଏହା କ୍ଷତି
ଭଲ କେ ଅଛି ଜଣେ          ପଡ଼େ ତ ନାହିଁ ମନେ
ତୁମ୍ଭେ ସୁବର୍ଣ୍ଣ, ଅମ୍ଭେ ମାଟି ହେ
ସୁଧୀବର ! ।୨।

ଭବ ତୁମ୍ଭ ପୂଜନ          ହେଲ ସରବେ ଧନ୍ୟ
ସାଧନା-ସିଦ୍ଧ ଜ୍ଞାନବାନ !
ଅଳସ ଏ ଦେଶରେ          ଦସ୍ୟୁ ବଦ୍ଧ ହୃଦରେ
ଶିଖାଅ ଆଦର୍ଶ ମହାନ ହେ
ଜ୍ଞାନବର !
ସୌହାର୍ଦ୍ଦ ସୁଧା ବିତରକ,
ସାଧକ, ରସିକ, ଗ୍ରାହକ !
ନିତ ବିଗ୍ରହ ଧାମ୍ବ          ସରଣୀରେ ତୁମ୍ଭର
ଗମନ୍ତୁ ଈର୍ଷୀ ଅଗ୍ରାହକ ହେ
ସୁବ୍ରତୀତ ।୩।

୧୯୪୧

---

୨। ଭରଣୀ—ନକ୍ଷତ୍ର; ଅଶ୍ୟାଡ—ଅସଣ; ମୋହନ—ମନୋଜ୍ଞ, ମନୋହର; ସୁଧୀ—ବିଜ୍ଞ, ପଣ୍ଡିତ; ସାର୍ଦ୍ଧ କୋଷ୍ଠି—ଦେଢ଼ କୋଷ୍ଠି; ସୁବର୍ଣ୍ଣ—ସୁନା ।

୩। ନିତ—ନିତ୍ୟ । ବିଗ୍ରହଧାମ୍ବ—ଦେହବନ୍ତ ( ଅର୍ଥାତ୍ ଜୀବନ୍ତର ଅଭାବ ) ସରଣୀ—ବାଟ, ଈର୍ଷୀ—ଈର୍ଷ୍ୟା କରିବା ଲୋକ, ଅଗ୍ରାହକ—ଯେଉଁମାନେ ଗୁଣଗ୍ରାହୀ ନୁହନ୍ତି ।

—୨୮—

# ବିଚ୍ଛେଦ ବଉଡିଆ

ରାଗ—କଲହଂସ କେଦାର

( ଦ୍ୱିତୀୟା ଯାମିନୀରେ ମୋ ପ୍ରାଣସଖୀ—ବୃନ୍ଦଟବ )

କଞ୍ଜଜାତ-ଆନନା ! ଗଲୁ କହାଇ
ଖଞ୍ଜିବ ଫୁଲ କାହା ଗଣ୍ଡରେ ନେଇ ?
ଗଳାରେ ହେମ-ଦାମ ଦେଇ ତାହାର
ଘଟାଇବ ନୟନ-ଉତ୍ସବ ମୋର ? । ୪ ।

ଉଇଁଲୁ କହ କିପାଁ ଶୀତାଂଶୁ ସରି
ଚଟୁଳେକ୍ଷଣୀ ବାଳା ! ଚମ୍ପକ ଗୋରି !
ଛଟେକ କାଳ କଳା ବଉଦ କୋଳେ
ଜଳଜବାସି ! ଯେସନେ ଲୁଚିଲୁ ହେଲେ । ୮ ।

---

୧-୪ । କଞ୍ଜଜାତଆନନା—ଶୋଭାରେ କଞ୍ଜ ଅର୍ଥାତ୍ ପଦ୍ମକୁ ଯାହାର ମୁହଁ ଜିଣିଛି; ହେମ ଦାମ—ସୁନାର ହାର; ଘଟାଇବ···ମୋର—ତୋ ଗଳାରେ ହାର ପିନ୍ଧାଇ ସେ ଶୋଭା ଦେଖିବା ମୋ ଆଖିର ମହୋତ୍ସବ ପରି ଆନନ୍ଦଦାୟକ ।

୫-୮ । ଶୀତାଂଶୁ—ଚନ୍ଦ୍ର; ଚଟୁଳ—ଈକ୍ଷଣୀ—ଚଞ୍ଚଳ ଚକ୍ଷୁ ବିଶିଷ୍ଟା; ଛଟେକେ—ଶୀଘ୍ର, ଜଳଜ—ପଦ୍ମ, ଜଳଜବାସୀ—ପଦ୍ମସୁବାସୀ, ଅଙ୍ଗରୁ ପଦ୍ମଗନ୍ଧା ।

ଝାଡ଼େ କପୋତ ହସ୍ତଗଣ ସଙ୍ଗିନୀ
ନୀଡ଼ ଭେଳଭେଳେ ମ୍ଳାନ ଯଥା ମଉନୀ,
ଚ୍ଛେଦ-ଦୁଃଖେ ଜୀବନ-ନୀଡ଼େ ତେମନ
ଠିକେ ପକ୍ଷ ମୁଁ କାଢ଼ି ଲୁଲପେଁ ଧନ ।। ୧୨ ।

ତମ୍ବୁରୁ-ମର୍ଷ୍ଟା ! କୃପାସୁଧାଂଶୁଲି
ଝାଳ ଝିମ୍ପିରୁ ଟେଉଭେ ଯେତେ ବାଣୀକ
ଅଣିମାଦ ବିଭୂତି ନରବାଂଛିତ
ତା ପାଇ ପାସୋରିଲି ପରିଣମିତ ।। ୧୬ ।

ଥିର ଶମ୍ପା, ଜଙ୍ଗମ ହେମ-ଲତିକା
ଧ୍ୟାନ-ପ୍ରେମିକ-ହୃଦ-କୁଟୀ-ବର୍ତ୍ତିକା
ଧୀର ରତନ, ଅସ୍ତମର ନାଅଲି
ଶରଣ ଲଭିଲି ସେବକ ଅଲି । ୨୦ ।

---

୯-୧୨ । ଝାଡ଼—ଜଙ୍ଗଲ; ମଉନୀ—ବାକ୍ୟହୀନ ମୂକ, ଚ୍ଛେଦ—ଗୁରୁତର; ଚ୍ଛେଦ…ଧନ—ମୁଁ ମଧ୍ୟ ବରଷ୍ଟ କପୋତ ପରି ସଂକୋଚ ଦଶା ଲାଭ କରିଛି; ନୀଡ଼—ପକ୍ଷୀର ବସା ।

୧୩-୧୬ । ତମ୍ବୁରୁମର୍ଷ୍ଟା—ତମ୍ବୁରୁ ମଧ୍ୟର ଅପଭ୍ରଂଶ, ବୀଣାବତୀ, ଝିମ୍ପି—ଗଚ୍ଛ, ଅଣିମାଦ ବିଭୂତି—ଯୋଗଦ୍ୱାରା ଯୋଗୀମାନେ ଯେଉଁ ସବୁ ଐଶ୍ୱର୍ଯ୍ୟ ଲାଭ କରନ୍ତି ।

୧୭-୨୦ । ଶମ୍ପା—ବିଜୁଳି; ବିଜୁଳି ସ୍ଥିର ହେଲେ ଯେପରି ସୁନ୍ଦର ହୁଅନ୍ତା ତୁ ସେହିପରି ସୁନ୍ଦର । ଜଙ୍ଗମ—ଚଳନ୍ତିଥିବା; ହେମଲତିକା—ସୁନାର ଲତା; ତାହା ଯଦି ଚଳପ୍ରଚଳ ହୋଇ ପାରୁଥାନ୍ତା ତେବେ ତାହା କି ସୁନ୍ଦର ନ ହୁଅନ୍ତା !! ତନୁ ତନ୍ଦ୍ରା ବାହ୍ୟ କି—ତୁ ସେ ଚଳପ୍ରଚଳ ହେଉଥିବା ସୁନା ଲତାଟିଏ; କୁଟୀ—କୁଟୀର, ବର୍ତ୍ତିକା—ଆଲୁଅ ବତୀ; ଧୀର-ରତନ—ଧୀରଶ୍ରେଷ୍ଠ; ଅସ୍ତମ—ବଗିଚ୍ଛ ।

ପୀୟୂଷହ୍ରାସ ଝର ସେ ବରତନ
ଫୁଲ୍ଲ-ପଙ୍କଜ-ଶତଦ୍ରେ ଶର ସେବନ—
ବର ଥାଆନ୍ତା କେତେ, ମୁଞ୍ଚୁ ଭାବେ
ଉର୍ମ୍ମିଙ୍ଗି ! ଗଲ୍ ଚଲ ଘର ଫଙ୍କରେ । ୨୪ ।

ମନ୍ଦରେ ମୋତେ ଭଦାଇବାର ପାଇଁ
ନନ୍ଦନେ ପ୍ରୀତିଲଭା ଥିଲ୍ ବଢ଼ାଇ ।
ରସାରେ ଥାଉଁ, ପାଶୁଁ ଅଲେ କି ହୃଦର
ଲବଣୀସ୍ପୃ ! ଖଣୀ ଥିଲ୍ ତ ଉରେ । ୨୮ ।

ହରହ ଦାଉ ଦାଟେ ହୃଦ ଭଳାଇ
ଶୀତାଂଶୁମୁଖି ! ଶୋକକୁ ଫଳାଇ
ଦଣ୍ଡାଙ୍କ ଲଗାଇଲ୍ ଭାଲ-ତଟିରେ
ସପନେ ତଥାପି ତ ଗୁଞ୍ଜିଲ୍ ମୋତେ । ୩୨ ।

'ହେ ବନ୍ଧୁ ! ଅଳ୍ପ ଟିକି ପୂରୁବ ପଣ
ହୃଦ ସଂପୁଟେ ପ୍ରୀତି-ରତନ ଭର୍ ?' । ୩୩ ।
"ସୂର୍ଣ୍ଣଶ୍ରମାନସା ନୃତ୍ୟ" ଭଲି ଭରିଭ
"ଛିନ୍ନସ୍ଥାନ ଜଳେ ମୋ ପ୍ରୀତି ଲାଗର" । ୩୪ ।

---

୨୧-୨୪ । ପୀୟୂଷହ୍ରାସ—ଅମୃତପରି ମଧୁର ହସ; ବରତନ—ମୂଲ; ଫୁଲ୍ଲ—ଫୁଟିଥିବା; ପଙ୍କଜ—ପଦ୍ମ; ଶତସେବନ-ବର—ଶରଦାଳ ସେବା କରିବା ରୂପ ବରବ; ଉର୍ମ୍ମି—ଲୁଳା; ଉର୍ମ୍ମିଙ୍ଗୀ—ଲୁନାବେଣୀ ।

୨୫-୨୮ । ରସା—ପୃଥିବୀ; ଉରେ—ହୃଦୟରେ ।

୨୯-୩୨ । ଦାଉଦାଉ—ଜଳପୋଡ଼ି କରି; ଶୀତାଂଶୁମୁଖୀ—ଚନ୍ଦ୍ରମୁଖୀ; ଦଣ୍ଡାଙ୍କ—ଦଣ୍ଡଫୁଲ ବର୍ଣ୍ଣ ଚୋପ ।

୩୩-୩୪ । ସଂପୁଟ—ଡବା, ସୁନ୍ଦ ମାନସା—ସ୍ୱଚ୍ଛଶୀଳା, ଛିନ୍ନସ୍ଥାନ—ଅଗ୍ନିସୂ, ସ୍ଥାନାଣୀ ।

(୨୯)

# କବିବର ରାଧାନାଥ ରାୟ

( ୨ )

( ରାଗ ବାଙ୍ଗଳାଶ୍ରୀ )

ଆଜି ତ ଅଛୁ ଆସି        ଶରଦ ପୌର୍ଣ୍ଣମାସୀ
ଚନ୍ଦ୍ରିକା ରଥେ ଅବତରି
ଅୟି ଦେବଲୋକରୁ        ନବ ଉଜ୍ଜଳ ଶୁଭ୍ରୁ !
ରସପଣ୍ଡିତ ଅଣସ୍ପର୍ଶ ହେ
ରାଧାନାଥ !
କୌମୁଦୀ ସ୍ରୋତେ ଅବଗାହି
ଶୋଭା ମଞ୍ଜୁଷା ଗର୍ଭ ଫେଇ
ଉତ୍କଳା ମଧ୍ୟମଣି        ହାର ଗଳାରେ ସେଜ
ଅଛୁ ଉଜ୍ଜଳ ପଥ ଖୁଞ୍ଜି ହେ
ରାଧାନାଥ ! । ୧ ।

---

୧। ଚନ୍ଦ୍ରିକା—ଚନ୍ଦ୍ରକିରଣ; ଅଣସ୍ପର୍ଶ—ଦେବଦେହଧାରୀ; ମଞ୍ଜୁଷା—ପେଡ଼ି; ମଧ୍ୟମଣି—ହାରର ପଦକ; ଉତ୍କଳା ମଧ୍ୟମଣି ହାର—ସେହି ହାରରେ ଉତ୍କଳ ପଦକ ଅଟ।

ମୋହିତା ହୋଇ ଶୁଣେ ତବ ଲେଖନୀ-ମୁଖେ
ସୁଖର ବାସ କଲେ ବାଣୀ
କଳ୍ପନା ସ୍ୱର୍ଗେ ରଞ୍ଜି ଅତୀତ-ଗାଥା-ରାଜି
ଥାପିଲ ଦେଶ ଆଗେ ଆଣି ହେ
ରାଧାନାଥ !
ଗଲ ସେ ଏତେ କାଳ ବହି
ତବ ସମାନେ କେହି କାହିଁ ?
କାହିଁ ସ୍ମୃତି ପ୍ରତିଭା ପ୍ରଥମେ ଯାହା ପ୍ରଭା
ନନ୍ଦନ କରିବ ଏ ମର୍ତ୍ତ୍ୟ ହେ
ରାଧାନାଥ ! ।୨।
କଳ୍ପନାଲୋକଈଶ୍ୱର ରସରାଜ୍ୟାଧୀଶ୍ୱର
ଥିଲ କି ଆହେ କବିବର !
ପ୍ରତ୍ୟାଶୀବଧୂ ତବ ଭାଷା-ଆଦର୍ଶ ନବ
ତୁମେ ତ ଦେଲ ଏ ଦେଶର ହେ
ରାଧାନାଥ !
ହୋଇଛୁ ବୋଲି ନୁହେ ମନେ
ସ୍ୱାନତା କଷଲ ବଧ୍ୟାକନେ
ଗ୍ରାସଇ ଜାତି ପ୍ରାଣ ଭଙ୍ଗି ତୁମ୍ଭ ସମାନ
ଦେବାକୁ ଆଜ ନାହିଁ ଜଣେ ହେ
ରାଧାନାଥ ! ।୩।

---

୨। ବାଣୀ—ସରସ୍ୱତୀ  ନନ୍ଦନ—ଆହ୍ଲାଦ।
୩। ପ୍ରତ୍ୟାଶୀବଧୂ—ଯିଏ ବିବାହକୁ; ଯବସମାଣେ—ହିନ୍ଦୁ ହେଲେ ହୁଏ ସାନତା······ଜାତିପ୍ରାଣ—ସାହିତ୍ୟ ଦଳକୁ ଜାତ ଗଢ଼ିବ ହୋଇ ଯାଉଛି; ଭଙ୍ଗି—ସମ୍ପଦ।

'ମହାଯାତ୍ରା', 'ଚିଲିକା',      'ଦରବାର', 'ନନ୍ଦିକା'
'ବିବେକୀ', 'ଯଯାତି କେଶରୀ',
'ଉର୍ବଶୀ,' 'ଉଷା', 'ମେଘ      ଦୂତ' ସମ ବିଭବ
ଭାରତୀ ଗନ୍ତା-ଘରେ ଭରି ହେ
ରାଧାନାଥ !

ଦେବୀଙ୍କୁ ସମର୍ପିଲ ଭବ
ଅନ୍ତରେ ଏ ଦେଶେ ଉଦ୍ଭବ
ହୁଅନ୍ତୁ କବିଗଣ !      କର ଏ ଶୁଭାଶିଷ
ଯାଉଁ 'କେଦାରପୁର'ଭବ ହେ
ରାଧାନାଥ ! । ୪ ।

ଆଜି ଏ ମୁହୂର୍ତ୍ତରେ      ଏ ମାଧବ ରାତିରେ
ସଅନ୍ତୁ ପରାଣ ତୁମ୍ଭର
ଭାସ୍ୱର ଲଲାଟରୁ      ଜାଣି ଦିବସ ହିଁରୁ
ପ୍ରେରଣାଧାର ଅନିବାର
ହେ କବିଗୁରୁ !

---

୪। ଯାଉଁ — ମାତ୍ର ; 'କେଦାରପୁର'ଭବ — କେଦାରପୁର ଗାଁରେ ଯେ ଜନ୍ମ ହୋଇଅଛନ୍ତି ଅର୍ଥାତ୍ ରାଧାନାଥ ।

ଉଜ୍ଜ୍ୱଳ ଜନନୀ ଦୁଲାଳ !
ଯେଉଁ ଉଜ୍ଜ୍ୱଳ-ସୁମ-ମାଳ
ସୁଧା ଦୀଧିତି ସମ ମୟୂଖ ମନୋରମ
ମାନସ କୁଞ୍ଜେ ନିତ ଢାଳ
ହେ କବିବର ! । ୫ ।

୧୯୩୮ (୪୩)

—୩୦—

# ପଲ୍ଲୀ ବଧୂ

( ରାଗ—ଶଙ୍କରାଭରଣ )

ଉତ୍କଳର ପଲ୍ଲୀ ବଧୂ ! ଅୟି କାନ୍ତିମତି !
କୋଳେ ମା ! ଖେଳାଇ ବଢାଉଛ ଏହି ଜାତି
ମୂର୍ତ୍ତିମତୀ ସଲ୍ଲଜ୍ଜତା !
ସ୍ନିଗ୍ଧ ଶୋଭା ଅଙ୍ଗେ କେତେ ଦେଇଛି ବିଧାତା !! ।୧।
ଶ୍ରୀମୁଖ-ମଣ୍ଡଳ ଅହା ସାରଲ୍ୟର ଧାମ
ନିର୍ଭରେ ସତତ ତହିଁ କରଇ ବିଶ୍ରାମ
ଲଜ୍ଜାରାଣୀ ମଧୁମୟୀ
ଯା ଦେଖି ତୋ ସ୍ମିତ ତୃପ୍ତ ଭୁବନବିଜୟୀ ।୨।

୫ । ଏ ମୂରତି — ଶ୍ରୀରାମଚନ୍ଦ୍ର ଭବନରେ ସ୍ଥାପିତ ମୂର୍ତ୍ତି; ମାଧବ ରାତି — ମଧୁ ଅର୍ଥାତ୍ ବସନ୍ତକାଳର ରାତି; ଭାସ୍ୱର — ଉଜ୍ଜ୍ୱଳ; ଦୁଲାଳ — ପ୍ରିୟ ସନ୍ତାନ; ସୁମ — ପୁଷ୍ପ; ସୁଧାଦୀଧିତି — ଚନ୍ଦ୍ର, ମୟୂଖ — କିରଣ ।
୨ । ଧାମ—ନିବାସ; ନିର୍ଭରେ—ନିଶ୍ଚିନ୍ତଭାବେ; ସ୍ମିତ—ମୃଦୁହାସ ।

ଭଳାର ଅଶନ ସମ ବକ୍ଷେ ମଧୁ ବହି
ବକ୍ଷ ତୁମ୍ଭ କବି-ଶିଳ୍ପି-ପ୍ରେରଣାର ଗେହ
କୋଣାରକେ ଆଦରଣ
'ଭଞ୍ଜ'-'କବିରବି'-ଗୀତ-ଜୀବନ-ସର୍ବସ୍ୱ । ୩ ।
ମସ୍ତକ-ସିଗଣ୍ଡଚନ୍ଦ୍ର, ସୀମନ୍ତ-ଅଳକା
ଚନ୍ଦ୍ରଝୁମ୍ପୀ ଘେନି ନେତ୍ରାନନ୍ଦ-ସିନ୍ଧୁ-ରାକା
ନୋଥ, ଦଣ୍ଡୀ ନାସିକାର
କଳାଜୀବି-ଚିତ୍ତଲିପ୍ସୁ-ମାଦକ-ସମ୍ଭାର । ୪ ।
ଭୂଷଣର ଭୂଷା ତୁମ୍ଭେ ଅୟି ଶୋଭାବତୀ !
ବୀରଦେଶ-କୁଳ-କମଳିନୀ ସାଧ୍ୱୀ ସତୀ
ଦେଶ-ବୀରତ୍ୱ-ଐତିହ୍ୟ
ଆଶ୍ରିତର ପରି ବସେ ତୁମ୍ଭର ବିଗ୍ରହ । ୫ ।

---

୩ । କଳାର ଅଶନ—କଳାର ଖାଦ୍ୟ; ବକ୍ଷ ତୁମ୍ଭ……ତୁମ୍ଭ ବକ୍ଷରୁ କବି ଓ ଶିଳ୍ପୀମାନେ ପ୍ରେରଣା ପାଆନ୍ତି; ଗେହ—ଘର, କୋଣାରକେ ଆଦରଣ—କୋଣାର୍କ ଶିଳ୍ପରେ ତୁମ୍ଭ ବକ୍ଷର ନକଲ କରା ଯାଇଛି; "ଭଞ୍ଜକବି ରବି"……ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟଙ୍କ କବିତା ଲେଖିବାକୁ ତୁମ୍ଭର ବକ୍ଷରୁ ପ୍ରେରଣା ମିଳିଛି ।

୪ । ସିଗଣ୍ଡି ଚନ୍ଦ୍ର, ଅଳକା ଚନ୍ଦ୍ରଝୁମ୍ପୀ ଆଦି—ସୁପରିଚିତ ଅଳଙ୍କାର; ରାକା—ପୂର୍ଣ୍ଣିମା; ମାଦକ ସମ୍ଭାର—ଉନ୍ମାଦ କରୁଥିବା ଜିନିଷ ।

୫ । ଭୂଷଣର ଭୂଷା ତୁମ୍ଭେ—ତୁମ୍ଭର ଶୋଭା ଏପରି ଯେ ଭୂଷଣ ଅର୍ଥାତ ଅଳଙ୍କାରମାନେ ତୁମ୍ଭର ଶୋଭା ବଢ଼ାନ୍ତେ କଅଣ ବରଂ ସେମାନଙ୍କର ତୁମ୍ଭେ ଭୂଷା ବା ଅଳଙ୍କାର ହୋଇ ଶୋଭା ବଢ଼ାଉଛ; କୁଳ-କମଳିନୀ—କୁଳ ଲକ୍ଷ୍ମୀ; ଐତିହ୍ୟ—ପରମ୍ପରା; ବିଗ୍ରହ—ଶରୀର; ତୁମ୍ଭ ଶରୀରରେ ଏ ଦେଶ ବୀରତ୍ୱର ପରମ୍ପରା ବାସ କରି ରହିଅଛି । ଅର୍ଥାତ୍ ତୁମ୍ଭେ ବୀରା ଓ ବୀରଜନନୀ ।

ନବୀନ ଉତ୍କଳେ କୋଳ-ଦୋଳରେ ଝୁଲଇ
ପାଳିବାର ଭାର ତୁମ୍ଭ କରେ ଅଛୁ ବନ୍ଧୁ
ପୂଜା-ବ୍ରତ-ଗତ-ପ୍ରାଣା !
ପରବ-ଶନ୍ତନେ ତୁମ୍ଭ ଭାହୁଁ ଗୋ ତୁଳନା ? । ୬ ।

ସୁଦୀନ କୁଟୀରେ ତୁମ୍ଭେ ତାମସ ହାରିଣୀ
ପ୍ରାସାଦେ ବିଳାସ-ରଶ୍ମି ସଂଯତ କାରିଣୀ
ସର୍ବଂସହା ସ୍ୱରୂପିଣୀ
ଅନୁରାଗି-କାନ୍ତ-ହୃଦ-କଉସ୍ତୁଭ-ମଣି । ୭ ।

୧୯୩୪

---

୬ । ପୂଜାବ୍ରତଗତ ପ୍ରାଣା—ପୂଜା ଓ ବ୍ରତ କରିବା; ପରବ ଚନ୍ତନେ—ପରଲୋକ ବିଷୟରେ ସାବଧାନ ହେବାରେ ।

୭ । ତାମସ ହାରିଣୀ—ଅନ୍ଧାର ଅର୍ଥାତ୍ ଦୁଃଖ ଦୁଶ୍ଚିନ୍ତା ଦୂରକର; ରଶ୍ମି—ଲଗାମ; ସର୍ବଂ ସହାସ୍ୱରୂପିଣୀ—ସବୁ ଜଞ୍ଜାଳ ସହୁଥିବା ମାଆ ବସୁଧା ତୁଲ୍ୟ; ଅନୁରାଗୀ—ପ୍ରେମି; କଉସ୍ତୁଭ ମଣି—ବିଷ୍ଣୁଙ୍କ ହୃଦ ଦେଶରେ ବିରାଜୁଥିବା ମଣି ବିଶେଷ, ଏଠାରେ ଶ୍ରେଷ୍ଠଭୂଷଣ ।

—୩୧—

# ମାଳତୀପ୍ରତି ବସନ୍ତ

ରାଗ—ଭାମୋଦୀ

( ଦେଖି ନବକାଳିକା ବକାଳିକା ମାଳିକା—ବୃତ୍ତରେ )

ମାଳତି ! ତୋ ପତର    ଯାଇଅଛି ଝଡ଼ର
ଦେବାକୁ ଶୀତ ଝଞ୍ଜରର
ଦେଉଁ ଭାଷାରେ ତୋର    ବିଶ୍ୱାସ ହୃଦୟର
ବୁଝାଇବ ନ ଜାଣଇ ରେ
ସୁକୁମାରି !
ପୋଖରୀ କୂଳରେ ସେ ଦିନ
ସଞ୍ଜେ ସେ ଭରିଁ ଥିଲି ଜଳ
କାଖେ ଧରି କଳସୀ    ତୁ ଅଟେ ମଦାଳସି !
ଭୁଲେ ରଖିଲୁ ତା ସମାନରେ
ଶୋଭିବତ ! । ୧ ।

କାହାକୁ ମୁଁ ଭଜିବ        କାହାକୁ ବରଜିବ
ମୋରେ ତା ପଇଠିଲା ନାହିଁ
ଶେଷେ ମଞ୍ଜୁ-କୁଞ୍ଜରେ        ମଜ୍ଜିଲି ! ନୟନରେ
ଜମା ପିଛୁଡ଼ା ନ ପକାଇ ରେ
ମଦାଳସି !
ପୋଖରୀ-ଜଳ ଭଳି ସବୁ
କରୁଣା ଅନ୍ତରେ ତୋହର
ପାଲଟ ଗୃହିଣୀରେ        ତୋ ହୃଦ-କାହାଣୀରେ
ଗଲୁ ମାରବେ କହୁ ଗୋଡ଼ ! ରେ
ଛଳବନ୍ତ ! । ୨ ।

ଝୁଣ୍ଟିବାର କାରଣ        ନ ଥାଇ ତୁ ଝୁଣ୍ଟିଣ
ଭାଙ୍ଗିଲୁ ତୋ ପୂର୍ଣ୍ଣ କଳସୀ
ଦୂରେ ଥିଲା ଲଳିତା        ମୋ ମାତୁଳ ଦୁହିତା
ଦୁଷ୍ଟା ସେ କହିଦେଲା ହସିରେ
ରସିକନ !
"ଅଥରପୀ ତୁ ନହୁଁ ପାଇଁ
ଲଳିତା କି ତା ନ ଜାଣଇଁ

---

୨ । କାହାକୁ......ବରଜିବ—କେଉଁ ଜଣକୁ ଗ୍ରହଣ କରିବ ଜଣକୁ ପ୍ରତି ଅଗ୍ରାହ୍ୟ କରିବ; ମଞ୍ଜୁ କୁଞ୍ଜ—ଅର୍ଥାତ୍ ତୋଠାରେ; ଜମା—ଏକାବେଳକେ; ପାଲଟ—ମୋ ଗୃହିଣୀର ବଦଳରେ ତୁ ଦେଉଥିବା ଗୃହିଣୀ ।

୩ । ଅଥରପୀ—ଅସ୍ଥିରପଦା (ଯେ ଭୂଇଁରେ ଥୟ କରି ଗୋଡ଼ ପକାଇ ପାରେ ନାହିଁ ।)

ମୁହିଁ ସଞ୍ଜବେଳରେ ମାଛଧରା ଜାଲରେ
ଭଲ ସାଜନ୍ତୁ ଟୋପଟେରାଣ୍ଡ ଲେ
ନତମୁଖି ! । ୩ ।

ତୁମ୍ଭ ଦୁହିଁଙ୍କ ହସ ଦେଖି ହେଲି ହରଷ;
ଶତଭ-ଭଉଁସର ଧନ
ପିଠାଥାଳୀ ତୁ ଧର "ଲଳିତା" ଡାକ୍ତା ଦାବ୍
ଛୁଟିଲେ ମଣ୍ଡିଲ୍ ଅଗଂନରେ
ଶମ୍ପା-ଗୋରି !
ଘଷିଲ୍ ହାବୁଡ଼େ ମୋହର
ସାହସ ବାନ୍ଧି ମୁଁ ସ୍ମରର
ଗୋଲାପ ଫୁଲ୍ ଡାଳି ଗଭିଟେର ତୋ ଛଇଲା !
ମଣ୍ଡିଲି ମୁହୂର୍ତ୍ତ ଭିତର ରେ
ନତମୁଖି ! । ୪ ।

କେହ୍ନ ନ ଥିଲେ ପାଶେ ତୋହ ମୋହ ନିଃଶ୍ୱାସେ
ମିଶାଇ୍ ତୋ କବା-ଅଧରେ
ଖୋଜନ୍ତେ ଛଣା ସୁଧା ଏ ନୀରସ ବସୁଧା
ହେଲ୍ଲ ଅମରାବତୀ ମୋରେ ରେ
ଥିବ ମନେ
ଛପିଲ୍ ଅସ୍ଫୁଟ କଥନେ
"ତେତେମେ ଟି ଏତେ ଦୁଷ୍ଟ ଜଣେ"
କ କହ୍ଡବି ମାଳତି ! କିଣି ନେଲ୍ ମୋ ଚିତ୍ତ
ହେଲେ ଏ ପଦାକ ବଚନେ ରେ
ରାଣୀ ମୋର ! । ୫ ।

---

୪ । ଅଗଂନ—ଅଗଣା; ଶମ୍ପାଗୋର—ଶବୁଂଦକଣ୍ଠୀ, ଯାହା କଣ୍ଠ ଶବୂଳ ରଙ୍ଗ ଥିବ ।

ଖୁଦୁରୁକୁଣୀ ଦଳ          କୁସୁମ ତୁ ଚୟନ
କରି ବନାଉଥିଲୁ ହାର
କେହୁ ନ ଥିଲେ ତହିଁ          ପଛଅଡ଼ୁ ମୁଁ ଯାଇଁ
ମୁଦିଲି ନୟନ ତୋହର ରେ
ହରିଣାକ୍ଷି !
ଭାଷିଲୁ ଲଳିତାର ଭର ।
ଏଠାରୁ ଯାଅ ହେ ପଳାଇ
ଲଳିତା ଏତିକ୍ଷଣି          ଆସିବ ଫୁଲ ଘେନି
କାହିଁ ରଖିବୁ ମୁହଁ ମୁହିଁ ହେ
ଦୁଷ୍ଟଜନ ! । ୬ ।

ମୁଁ କହିଲି ଏ ହାର   ଗଳେ ନ ଦେଲେ ମୋର
ନିଶ୍ଚେଁ କହିବ ଲୋକହସା;
ଭାଷିଲୁ ମାଆଙ୍କର          ପାଇଁ ଗୁନ୍ଥା ଏ ହାର
ଏଥିରୁ କିପାଁ କଲ ଆଶା ହେ
କୁନ୍ଦଦନ୍ତି !
ବୋଲେ ତୋ ବାହୁ-ଚମ୍ପା-ହାର
ପିନ୍ଧିଲି ଗଳାରେ ମୋହର
ସୁତ କରି ଶୀତଳ          କାପିଲା ହୃଦସ୍ଥଳ
କେତେ ଶବଦେ ହେତୁ କରରେ
ତୁଳା-ଅଙ୍ଗି ! । ୭ ।

ଲୁଆର ଯୁଣ୍ଡସୀରେ        ଫୁଲ୍‌ଷଣୀ ବେଣୀରେ
ଲଲିତା ସଙ୍ଗେ ଉପବନେ
ବୁଲୁଥିଲି ବାହାରେ,        ମନ ଜାଣି ମୋହର
ସେ ଗଲା ଛଳ ଅଭ୍ କେଣେ ରେ
ଏକାକିନୀ !
ବୋଇଲି ଦେବି ମୁଁ ଅଳତା
ପଦ ଦେଖାଅ ରସଲତା !
ହୋଇଣି ହସହସ        ବୋଇଲି କହ କହ
ଏ କେଉଁ ଅପାଟକ କଥା ରେ
ସୁଆହାସି ! । ୮ ।

ମୁଁ କରନ୍ତେ କଟାଳ        ପଡ଼ି ମୋ ପାଦତଳ
ଭାଷିଲି ଲାଜେ ଯିବ ମରି,
ଅସିଲେ ସେ ଲଲିତା        ସରଯିବ ମୋ କଥା
ଦୁଷ୍ଟା ସେ କରିଦେବ ଦୁଷ୍ଟ ହେ
ଯାଅ ବେଗେ,
ତୁମ୍ଭର ମୋହର ଏ ଭେଟ
ନ ହେଉ ଭଲ ପରଘଟ
ମୁଁ ଯେ ଗରିବ ଝିଅ        ତେମେ ଧନିକ ପୁଅ
ମୋ ପାଇଁ ବନ୍ଧୁ ! ରଖ ବାଟ ହେ
ଶୋଭାକର ! । ୯ ।

---

୮ । ଛଳ—ଛଳନା କରି; ବାଆଁ ବେଲୁ ହୋଇ; ଅପାଟକ କଥା—ଅଯୁକ୍ତସଙ୍ଗତ କଥା ।

୯ । ପ୍ରକଟ—ପ୍ରକାଶିତ; ଶୋଭାକର—ସୌନ୍ଦର୍ଯ୍ୟର ଖଣି ।

ଶୁଣି ତୋହ୍ନ ବଚନ          କହ ଲକ୍ଷ୍ମ ମୋଚନ
ଶୋକେ ଅଧୀର ହୋଇ କହ
ଛପଟ ପୁଣି ତୋର          ଅଛୁ ମୋହ ଉପର !
ଭାଷିଲ ଲକ୍ଷ୍ମ ନେତ୍ରେ ଭବରେ
ଭେଭେଭେବେଲେ
ଭାସିଣ ତୁହ୍ନ ଅଶ୍ରୁଜଳେ
ବାହୁ ତୋ ଛନ୍ଦ ମୋହ ଗଲେ
ଭାଷିଲ 'ନାସ୍ତିମନ          ପାଠ ପଢ଼ି ନ ଜାଣ
ଅପାଠ ପାଠଗଲେ ଫଳେ କି
ତ୍ରିଯୁଗମ୍' ! । ୧୦ ।

ଶାନ୍ତ ହୁଅନ୍ତେ ମୁହିଁ          ପଳାଇ ଯାଇ ତୁହ୍ନ
ଲଲତା ସନ୍ଧ୍ୟତେ ଅଳତା
ନାଇ କ୍ଷଣିକ ପରେ          ଆସି ଉପବନରେ
ମିଳିଲୁ ଥିର ବିଦ୍ୟୁଲ୍ଲତା ରେ
ଲଜ୍ଜାକୁଳି !
ମୋ ଲକ୍ଷ୍ମେ ଯେ ଲକ୍ଷ୍ମ ମିଶାଇ
ଜାଗନ୍ତି ଗଣ୍ଡେ ଗଣ୍ଡ ଦେଇ
ଯେ ମୋର ମୁହିଁ ତାହ୍ନ          ଭଳ କହବା ନର
ମହୀମଣ୍ଡଳେ ନାହିଁ ରହୁ ରେ
ପ୍ରୀତବନ୍ଧ ! । ୧୧ ।

---

୧୧ । ଥିର ବିଦ୍ୟୁଲ୍ଲତା—ବିଜୁଳି ସ୍ଥିର ହୋଇ ରହିଲେ ଯେପରି ଦିଶନ୍ତା ସେପରି ଦିଶୁଥିବା ସ୍ତ୍ରୀ ।

ଏ ବରଷ ଉଇଣ୍ଟରେ    ପୁଣି ଫୁଲ ସଙ୍ଗତେ
ମଣ୍ଡଣି ହୋଇ ଶୋଭିବଣି !
ଲଳିତା ସଙ୍ଗେ ଫଟୋ    ଉଠାଇ ମୋ ନିକଟେ
ସତେ ତୁ ପେଷିବୁ ଚିହ୍ନାଣିରେ !
ଶିରଦ୍ଧୁଣି !
ଥିବା ସେ ମନ ଜାଣି ମୋର
ବହନ୍ତୁ ଏତୁ ଉପକାର
ବସନ୍ତ ମାଳତୀର    ଯୋଗ ନୂତନ ଭଙ୍ଗୁର
ହର ସଂଶୟ ମନୁ ଦୂରରେ
ପ୍ରାଣମଣି ! । ୧୨ ।

ଏମ୍. ଏ. ପରୀକ୍ଷା ଦେଇ    ନିକଟେ ଯିବ ମୁହିଁ
ତୋ ସଦନେ ଗ୍ରୀଷ୍ମ ଅବକାଶ
କଲେଜ ହଷ୍ଟେଲରେ    ସବୁ ସୁଖ ଭିତରେ
ଛଡ଼େଇ ସରତେ ହା ହୁତାଶ ରେ
ସଜବନ୍ଧ
ଏଠାରେ ପୀରତ କବିତା
ବହାଇ ନାହିଁ ମଧୁରତା
ମଣି-ମୁକୁର-ମୁଖି !    ଝୁରଇଁ ମୁଁ ସେ ମଣ୍ଡି
ତୋ ପଦରଜେ ଯା ଭୂଷିତା ରେ
ଶୋଭାସୀମା ! । ୧୩ ।

---

୧୩ । ମଣିମୁକୁରମୁଖି —ପୋଛା ହୋଇଥିବା ଦର୍ପଣ ପରି ଝଟକୁଥିବା ମୁଖ ଯେଉଁ ରମଣୀର; ପଦରଜ—ପାଦଧୂଳି ।

ଲଫାଫାରେ ସ୍ନେହ ଧୂଳି    ଦେବୁ, ମୁଁ ଖୋଲି ବୋଲି
ମଜ୍ଜିବି ପରମ ସୁଖରେ,
ମୋ ଉପରେ ସଂଶୟ    ଭରି ଲେଖିଲେ ଖୋଜ
କଣ୍ଟ ବେଧିବ କଣ୍ଠତଳେ ରେ
ସ୍ୱଦେଶିନି !
ରଖିଛୁ ବ୍ଲାଉଜ ତୋହର
ଅଭସ୍ମ-କବଚ ତା ମୋର
ଉପେନ୍ଦ୍ର, କାଳିଦାସ-    ଭବଭୂତି ଧୂର୍ତ୍ତ ନାଶ
ଛଳେ ତା ଦେଖନ୍ତି ଉରସ ରେ
ଶୋଭାବତି ! । ୧୪ ।

ପ୍ରୀତିରୁ ବଡ଼ ହୋଇ    ଜଗତେ କି ଅଛଇ
ଯାନା ପ୍ରେମିକା ପଦତଳେ
ମଣିମାଣିକ୍ୟ ଭରା    ନୃପ ମୁକୁଟ ପରା
ଧୂଳିଧୂସର ହୋଇ ଲୋଟେ ରେ
ଶୋଭାବତି !
ତୁ ରାଜରାଜେଶ୍ୱରୀ ମୋର
କରଦ ପ୍ରଜା ମୁଁ ମାତର
ତୋ ଚରଣ ସ୍ମରଣ    ଚନ୍ଦ୍ରବରତପଣ
ମୋତେ ଅରପ ସାମ୍ରାଜ୍ୟ ରେ
କୃପାଢେ ! । ୧୫ ।

୧୯୪୫

---

୧୪ । ଉରସରେ—ଅଙ୍କଣରେ ।
୧୫ । ତୋ ଚରଣ ସ୍ମରଣ ଚନ୍ଦ୍ରବରତପଣ—ତୋ ପାଦ ମହିମା ଦେଇ ସମ୍ରାଟ ହେବାର ଭାଗ୍ୟ ।

—୩୨—

# ମୋ ଦେଶ !

ସ୍ୱର, ଚୋଖ ପଡୁଛନ୍ତି ଅପଲକ

( 'ହଂଗଭ୍ର ମାଟି ହେଲ ହେ ଶ୍ୟାମ' ବୃତ୍ତରେ )

ମୋ ଦେଶ ଦେଖା ସେହି ରୂପକୁ
କବି-ହୃଦାନନ୍ଦ-ରସ-କୂପକୁ । ଘୋଷା ।
ମଣ୍ଡିଥାନ୍ତି ଯାହା ସାଧବ-କୂଳ
ବୋଇତେ ଭରାଇ ଥିଲେ ଉପଳ ।୧।
ଖାରବେଳ ଯାହା ଦେଖି ନୟନେ
ଜଳିଲେ ମଗଧ ସେନା ଗହନେ ।୨।

---

୦। କବି-ହୃଦାନନ୍ଦ-ରସ-କୂପ—କବିମାନଙ୍କ ହୃଦୟକୁ ଆନନ୍ଦ ଦାୟକ ।

୧। ସାଧବକୂଳ—ପ୍ରାଚୀନ କଳିଙ୍ଗର ସମୁଦ୍ରଯାତ୍ରୀମାନେ; ବୋଇତ—ଜାହାଜ; ଉପଳ—ପତାକା ।

୨। ଖାରବେଳ—ପ୍ରାଚୀନ କଳିଙ୍ଗର ଶ୍ରେଷ୍ଠ ବଳଶାଳୀ ସମ୍ରାଟ । କଳିଙ୍ଗର ଅପମାନ ସୋଝିଁ ସେ ମଗଧ ଉପରେ ପ୍ରତିଶୋଧ ନେଇଥିଲେ ଏବଂ ମଗଧ ସମ୍ରାଟ କଳିଙ୍ଗରୁ ନେଇ ଯାଇଥିବା ଜୈନଙ୍କର ମୂର୍ତ୍ତି କଳିଙ୍ଗକୁ ଫେରାଇ ଆଣିଥିଲେ । ସେନା ଗହନେ—ସଙ୍ଗରେ ସୈନ୍ୟ ସାମନ୍ତ ସେନା ।

କେଶରୀ-ଭୂପତି-କୀରତି-ଜାଳ
ମୟୂଖେ ହୋଇଲା ଯାହା ଧବଳ । ୩ ।
ଅନଙ୍ଗଭୀମ ଅବନୀ ନାୟକ
କଲେ ଯା ଗୌରବ ବିଶ୍ୱ ବ୍ୟାପକ । ୪ ।
ନରସିଂହ ଭୂପ-ମନ୍ଦର-ବର
ହେଲା କଉସ୍ତୁଭ ଯାହା ହୃଦର । ୫ ।
କପିଳେନ୍ଦ୍ର ବଢ଼ାଇଲେ ଯା ଶିରୀ
ଅସିରେ ବଇରି ଉରସ ଚିରି । ୬ ।
କାଞ୍ଚୀ-କେମା-ହୃଦ-କୁମୁଦ-ଇନ୍ଦୁ
ଉଛୁଳାଇଲେ ଯା ସୁଯଶ-ସିନ୍ଧୁ । ୭ ।

---

୩ । କେଶରୀ-ଭୂପତି—କେଶରୀ ବଂଶୀୟ ରାଜା । ( ସେମାନଙ୍କର ) କୀରତିର ଜାଳ ଅର୍ଥାତ୍ ସମୂହ ( ର ) ମୟୂଖ—କିରଣ; ଧବଳ—ଆଲୋକିତ ।

୪ । ଅନଙ୍ଗଭୀମ—ପୁରୀ ଜଗନ୍ନାଥ ମନ୍ଦିର ନିର୍ମାତା ଉତ୍କଳ ସମ୍ରାଟ; ଅବନୀ-ନାୟକ—ପୃଥିବୀର ଅଧିପତି, ସମ୍ରାଟ; ବିଶ୍ୱବ୍ୟାପକ—ପୃଥିବୀବ୍ୟାପୀ ।

୫ । ନରସିଂହ ଭୂପ—ଲାଙ୍ଗୁଳା ନରସିଂହ ଦେବ ( ଙ୍କ ) ମନ୍ଦିରବର—ଶ୍ରେଷ୍ଠ ଦେଉଳ ଅର୍ଥାତ୍ କୋଣାର୍କ ମନ୍ଦିର । କଉସ୍ତୁଭ—ବିଷ୍ଣୁଙ୍କ ହୃଦୟର ମଣି ଏଠାରେ ଶ୍ରେଷ୍ଠ ଅଳଙ୍କାର ।

୬ । କପିଳେନ୍ଦ୍ର—କଳିଙ୍ଗର ଦିଗ୍ ବିଜୟୀ ସମ୍ରାଟ କପିଳେନ୍ଦ୍ର ଦେବ; ଶିରୀ—ଐଶ୍ୱର୍ଯ୍ୟ; ଅସି—ଖଣ୍ଡା; ବଇରି—ଶତ୍ରୁ; ଉରସ—ଛାତି ।

୭ । କାଞ୍ଚୀ-କେମା—କାଞ୍ଚୀ ଦେଶର ରାଜାଙ୍କ ଝିଅ ପଦ୍ମାବତୀ ( ଙ୍କ ) ହୃଦ-କୁମୁଦ-ଇନ୍ଦୁ—ହୃଦୟରୂପ କଇଁ ଫୁଲର ଚନ୍ଦ୍ରମା ଅର୍ଥାତ ପ୍ରାଣ ବଲ୍ଲଭ; ସୁଯଶ-ସିନ୍ଧୁ—ଯଶରୂପ ସମୁଦ୍ର ।

ଭଞ୍ଜ-କବିବର-ଗୋପାଳକୃଷ୍ଣ
ପିଇଲେ ନେତ୍ରେ ଯା ହୋଇ ସନ୍ତୁଷ୍ଟ । ୮ ।

ରାଧାନାଥ-କବି-ଲେଖନୀ ମୁନ
ଯାହା ଅଙ୍କି ହେଲା ଭାରତେ ଧନ୍ୟ । ୯ ।

ମନ୍ତ୍ରୀ-କେଶରୀ ମଧୁସୂଦନ
ଦେଖି ଦେଖାଇଲେ ଯାହା ସପନ । ୧୦ ।

ସାର୍ଦ୍ଧ କୋଟି ଦେଶବାସୀ ନୟନ—
ଚକୋରେ ଦେବାକୁ ଚନ୍ଦ୍ରିକା-ପାନ

---

୮ । ଭଞ୍ଜ—କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ; କବିବର—କବିସୂର୍ଯ୍ୟ ବଳଦେବ ରଥ; ଗୋପାଳ କୃଷ୍ଣ—ରସିକ ଭକ୍ତକବି ଗୋପାଳ କୃଷ୍ଣ ପଟ୍ଟନାୟକ; ଏମାନେ ଆଖିବାଟେ ଏହାର ରୂପ ପାନ କରିଥିଲେ ।

୯ । ରାଧାନାଥ କବି—ଆଧୁନିକ ଯୁଗର ଶ୍ରେଷ୍ଠ କବି ରାଧାନାଥ ରାୟ; ତାଙ୍କ ଉତ୍କଳ ବର୍ଣ୍ଣନା ଅନୁପମ ( ଏଠି କବି ଭଞ୍ଜ କବିଙ୍କୁ ପ୍ରାଚୀନ କବି ସମାଜର ପ୍ରତିନିଧି ଓ ରାଧାନାଥଙ୍କୁ ଆଧୁନିକ କବି ସମାଜର ପ୍ରତିନିଧି ରୂପେ ଗ୍ରହଣ କରି ଯାଇଛି । )

୧୦ । ମନ୍ତ୍ରୀ-କେଶରୀ—ମନ୍ତ୍ରୀମାନଙ୍କ ମଧ୍ୟରେ ସିଂହ; ମଧୁସୂଦନ—ମଧୁସୂଦନ ଦାସ; ସି, ଆଇ, ଇ, ସ୍ୱତନ୍ତ୍ର ଉତ୍କଳର ସ୍ୱପ୍ନ ସେ ଆଗ ଦେଖିଥିଲେ । ନୟନ...ପାନ—ଚକ୍ଷୁକୁ ଆନନ୍ଦ ଦେବାକୁ, କୃଷ୍ଣଚନ୍ଦ୍ର ଗଜପତି ଭୂପତି—ପାରଳାଧୀଶ୍ୱର କାପ୍ଟେନ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ । ସ୍ୱତନ୍ତ୍ରତା ଲକ୍ଷ୍ମୀ—ସ୍ୱତନ୍ତ୍ର ପ୍ରଦେଶ ହେବାର ସୌଭାଗ୍ୟ ।

କୃଷ୍ଣଚନ୍ଦ୍ର ଗଜପତି ଭୂପତି
ଦେଲେ ଯାକୁ ସ୍ୱତନ୍ତ୍ରତା-ବିଭୂତି । ୧୨ ।

ବିଚ୍ଛନ୍ଦ ଚରଣ ପଟ୍ଟନାୟକ
ଜନ୍ମ ଯା ଉତ୍କଳର ଭାଲ ଭାଜକ । ୧୩ ।

୧୯୩୮

## ଓମା ସୁନାଲୁନ

ଦୁଃଖି-ସଂଖାଳି ବାପ ମାଆ-ଚୋବନ !
ସରଗୁଁ ଖସିଥିଲୁ ମୋ ସୁନାଲୁନ !
ପୂରା ଛଅଟି ମାସ
ନୋହୁଣୁ ଗଲୁ ଚାଲି କରି ନିରାଶ । ୧ ।

ଚୋକାପ ଫୁଟିଲ ନାହିଁ ଏତେକ ମାଧୁରୀ
ତୋ ମୁହେଁ କାଢଥିଲ ! ଥିଲା ଯା ପୁଣି
ଟେଙ୍କିଭିଞ୍ଜୀ ଫୁଲ
ନୋହେ ତ ସୁକୁମାର ତୋ ଅଙ୍ଗତୁଲ । ୨ ।

---

କବିଙ୍କର ସାଢ଼େ ଛଅ ମାସର ପ୍ରଥମ ସନ୍ତାନଙ୍କ ନାମ ସ୍ୱଧାଘୋଷଣ ଜନ୍ମ ୧୯୪୧ ମେ ମାସ ମୃତ୍ୟୁ—ସେହି ବର୍ଷର ଅଗଷ୍ଟ ମାସ ।

୨ । ଟଙ୍କ ଶିଙ୍ଗଳୀ—ଶିଙ୍ଗଭାଙ୍ଗାର, ଶେଫାଳିକା; ସୁକୁମାର—କୋମଳ; ଅଙ୍ଗ—ଦେହ; ତୁଲ—ସମାନ ।

ଚନ୍ଦ୍ରାଦର୍ପଣ ମୁଖେହିଁ କଜଳ-ଆଖି
ପଦ୍ମେ ଭଅଁର ଥିଲା ପରାଏ ଲାଖି
　　ଦିଶୁଥିଲା ଶୋଭନ
ଆଜ ତା ବାପ ! ପରି ସାତ ସପନ ।୩।

ଦୁଃଖ-ଅନ୍ଧାରେ ଜହ୍ନ-ଆଲୁଅ ହୋଇ
ସେ ସ୍ୱର୍ଗୁଁ ପରି ଆସିଥିଲୁ ଓହ୍ଲାଇ
　　ରଙ୍କ ରତନ ମୋର !
ଅକାଳେ ଘେନିଗଲା କାଳ-ତସ୍କର ।୪।

ଟିକି ଗୋଡ଼ ଦୁଇଟି ରଙ୍ଗେ ହଲାଇ
ମୁଣ୍ଡ ଚଢ଼ାଇ ହସୁ ମୋ ମୁହଁ ଚାହିଁ,
　　ଅଭ ସେ ଶୋଭାମାନ
ମୋ ଆଖି କାହିଁ କରିବ ଟି ଲୋଚନ ? ।୫।

ଗୋଡ଼ରେ ଠେଲି ଦେଇ ଦୁଆର ମୋର
ଖଟେ କାଳରୁ କାଳ ଦାଣ୍ଡ ତାହାର
　　ବାପ ! ଜାଣୁ ତ ନାହିଁ
ତୋ ପ୍ରାଣ-ଦୀପ ଧାତା ଦେଲା ନିଭାଇ ।୬।

---

୩ । ଶୋଭନ—ସୁନ୍ଦର ।

୪ । ସେ ସ୍ୱର୍ଗୁଁ—ସ୍ୱର୍ଗରୁ; କାଳ—ଯମ; ତସ୍କର—ଡକାଏତ ।

୫ । ଲୋଚନ କରିବ—ଦେଖିବ ।

୬ । ଧାତା—ବିଧାତା ।

ହେଲଣି କାଲିଠାରୁ ଶୂନ୍ୟ ମୋ ଘର
ତୋ ଚନ୍ଦ୍ରମୁହଁ ବିନୁ ଦଣ୍ଡେ ଅନ୍ଧାର
ତୋହ ବୋଲୁ ଅଭାଗୀ
କାନ୍ଦୁଛି ମୁଣ୍ଡ କୋଡ଼ି ବାପ ! ତୋ ଲାଗି । ୭ ।

କୋମଳ ଶେଯେ ତୋତେ ଶୋଇଲେ ପୂରାଇ
ଶୁଏ ଯେ ମଶାଣିରେ ତୋତେ ପୋତାଇ
କେମନ୍ତେ କାଟିବ ଦିନ ?
କଙ୍କାଳ-ପାଟସାରି ମୋ ! ରଙ୍କୁଣୀ ଧନ ! । ୮ ।

"ବାପା କିଏ ରେ !" ବୋଲି "ମଞ୍ଜୁ" ମାଉସୀ
ପିଠି କାହାର ଅଉ ଦେବ ଆଉଁସି ?
କାହା ଶୋଭା ନିରେଖି
ତୃପତ କରିବ ତା ଲୋଲୁପ ଆଖି ? । ୯ ।

ଭୁଲି ଖରା ବରଷା ରଜନୀ ଦିବା ?
ଖଟିବ "ମାୟାଧର" କା ପାଇଁ ଅବା
ସେବା କରି କାହାର
ଭୁଲିବ ବାପଧନ ! ନିଦ୍ରା ଆହାର ? । ୧୦ ।

୭ । ମୁଣ୍ଡ କୋଡ଼ି—ମୁଣ୍ଡ ବାଡ଼େଇ ।

୮ । କେମନ୍ତେ—କିପରି; କଙ୍କାଳ-ପାଟସାରି—ଦୁଃଖ-ପାଟସାରି ।

୯ । ମଞ୍ଜୁ—କବି ଶ୍ରୀ ସରୋଜ୍ କୁମାର ପଟ୍ଟନାୟକ, ଏମ୍, ଏ, ବି, ଏଲ୍‌ଙ୍କ ଘରଣୀ; ତୃପତ କରିବ—ତୋଷ କରିବ; ଲୋଲୁପ—ଲୋଭାଳୁ ।

୧୦ । ରଜନୀ ଦିବା—ରାତିଦିନ; ମାୟାଧର—କବିଙ୍କ ଜ୍ୟେଷ୍ଠ ଅଗ୍ରଜ ।

ମରଣ ସଙ୍ଗେ ଯୁଝି ଅନେକ ମାସ
କୋମଳ ଅଙ୍ଗେ ନ ସହିଲୁ କି ତ୍ରାସ !
ମୃତ୍ୟୁ ବରଦ ହୋଇ
ଅଗମ୍ୟ ଧାମେ ବାଟ ନେଲା ଡକାଇ । ୧୧ ।

ମୁଖପଦ୍ମ ତୋ ତଳେ ନୋହିଲା ମ୍ଳାନ
ଓଠେ ଫୁଟିଲା ହସ ଗଲୁ ଶ୍ମଶାନ
ହରିନାମ ଶୁଣିଲୁ
ଯାଜକ ବାଣୀ ଚିର ଆଖି ମୁଦିଲୁ । ୧୨ ।

ସ୍ୱର୍ଗେ ଅଛନ୍ତି ଯେତେ ମୋ ପ୍ରିୟ ଜନ
ପାଶେ ମୁକର ତାଙ୍କ ଯାଇଛୁ ଧନ
ତାଙ୍କୁ ଦେଲୁ ବାରତା
ମନେ ମୋ ଅଛି ତାଙ୍କ ସ୍ନେହ ମମତା । ୧୩ ।

ମୋ ପ୍ରିୟତମ ଏଣେ ଅଛୁ ରେ ବୃନ୍ଦ !
କାଖେ ତୋଳି ଗେହ୍ଲାଇବ ଅବଶ୍ୟ କେହୁ
ପ୍ରତିନିଧି ମୋ ହେବେ,
ପାରିଜାତ ହାରେ ତୋ ଗଳା ମଣ୍ଡିବେ । ୧୪ ।

ଜଗତକୁ ଛାଡ଼ି ସ୍ୱର୍ଗେ ଅଛ ସୁନ୍ଦର
ସୁନ୍ଦର ମେଳେ ଦଣ୍ଡକୁ ରେ ବାହାର
ଶୋଭିବୁ ତୋ ଦୀପ !
ତୋ ଶୋଭା ନ ଦେଖିବା ପାଇଛି ଶାପ । ୧୫ ।

---

୧୧ । ତ୍ରାସ—ଦୁଃଖ । ୧୪ । ପାରିଜାତ—ସ୍ୱର୍ଗୀୟ ଫୁଲ ।
୧୫ । ସୁନ୍ଦର ମେଳେ—ସ୍ୱର୍ଗରେ ସମସ୍ତେ ସୁନ୍ଦର, ସେମାନଙ୍କ ମେଳରେ ।

ମର ଦେହ ତୋହର ଗ୍ରାସିବ ମାଟି
ଅମର ଦେହ ନେଲେ ଅମରେ ଲୁଟି
ମଣିପୁର ପ୍ରବାସେ
ସୁଷମା-ଲୋଭେ ରହିଲଇଁ ଉପାସେ । ୧୭ ।

ବୋଉ ରହିଲା ତୋର ଠୁକି କପାଳ
ଗଲୁ ତୁ ସାର ଦେଇ ସବୁ ଜଞ୍ଜାଳ
ଲୁହେ ଉଲାଇ ମଣ୍ଡି
ତୋ ଗୁଣ ହିଁ ଗୁନ୍ଥିବୁଁ ବାଳୁତ ପୋଇ ।। ୧୭ ।

୧୯୪୧

---

୧୭ । ମରଦେହ—ମାଟିର ଶରୀର; ଅମର ଦେହ—ଦେବ ଶରୀର; ଅମରେ—ଅମର ଅର୍ଥାତ୍ ଦେବତାମାନେ; ସୁଷମା—ସୌନ୍ଦର୍ଯ୍ୟ; ସୁଷମାଲୋଭେ—ଶୋଭା ଦେଖିବାର ପ୍ରବଳ ଇଚ୍ଛା ଯୋଗୁ ।

୧୭ । କପାଳ ଠୁକି—କର୍ମକୁ ଆଘାତ କରି; ଜଞ୍ଜାଳ—ଉଦ୍‌ବେଗ, ଚିନ୍ତା; ବାଳୁତ—ଶିଶୁ; ପୋଇ—ପୁଅ ।

# ପିଲଙ୍କ ଭାରତ ଜନନୀ

ମୁକୁଟ ସମାନ ହିମାଳୟ ଯାର
  ମଥାରେ ଶୋଭେ
ପଦ୍‌ଭଳି ସବୁ ଲଙ୍କା ଅମ୍ବୁ ଯାର
  ଚରଣେ ରହେ ।୧।

ଚାଳିଶ କୋଟି ଯେ ତନୟ ତନୟା
  ଖେଳାଏ କୋଳେ
ଗଙ୍ଗା-ବ୍ରହ୍ମପୁତ୍ର-ସିନ୍ଧୁ-ନଦୀ-ହାର
  ପିନ୍ଧି ଯେ ଗଳେ ।୨।

ବାଲ୍ମୀକି, ବ୍ୟାସ, କାଳିଦାସ
  ଆଦି ଯାହାର କବି
ଜଗତବାସୀର ମନକୁ ମୋହୁଛି
  ଯାହାର ଛବି ।୩।

ଯା କୋଳେ ଜନ୍ମିଲେ ବୁଦ୍ଧ, ମହାବୀର
  ଆଉ ଗାନ୍ଧିଜୀ
ଗରବିଣୀ ସେହି ଭାରତ ଜନନୀ
  ଶ୍ରୀ ପଦେ ଆଜି ।୪।

ନମୁଛୁଁ ଅବୋଧ ବାଳକ ବାଳିକା
  ହେଉ ତା ଜୟ
ଭବିଷ୍ୟତ ତାର ଉଜ୍ଜ୍ୱଳ କରନ୍ତୁ
  ମଙ୍ଗଳମୟ ।୫।

୧୯୩୯

୧। ଅମ୍ବୁ—ପାଣି; ୪। ନମୁଁଛୁଁ—ନମସ୍କାର କରୁଛୁଁ ।

# ଉତ୍କଳ ଚିନ୍ତାମଣି ଚଉତିଶା

( ରାଗ—କଳହଂସ କେଦାର )

—୧—

କଳା-କମଳା-ଲୀଳାଭୂଇଁ ଉତ୍କଳ
କପାଁ ମଣ୍ଡିନ୍ତୁ ନେଲେ କେତକ ମାଳ ?
କାହିଁ ଗଲା ମା ! ତୋର ସୁବର୍ଣ୍ଣ ବାହୁ
କାନ୍ଦ ମରୁଛୁ ରୂପ ବିରୂପ ସହୁଁ ॥

—୨—

ଖିଲ-ଭାରତମଣ୍ଡ-ମଣ୍ଡନ-ଭୂଷା !
ଖେଦ-ଅରତେ ମାତ ! ହେଲୁ ବିବଶା
ଖେଳିଲା ଖଳ ବିଧି ଦାରୁଣ ଖେଳ
ଖୋଲି ନେଲା ସଂପଦ-ବିଟପୀ-ମୂଳ ॥

---

୧ । କଳା-କମଳା-ଲୀଳା-ଭୂଇଁ—କଳା ଓ କମଳା ଅର୍ଥାତ୍ ଲକ୍ଷ୍ମୀଙ୍କ କ୍ରୀଡ଼ା ଭୂଇଁ; ସୁବର୍ଣ୍ଣ ବାହୁ—ସାଡବ ସୁନାଦାଢ; ବିରୂପ—ବେଢଙ୍ଗ ।

୨ । ଖିଲ—ସମସ୍ତ; ମଣ୍ଡନଭୂଷା—ସୁନ୍ଦର ଅଳଙ୍କାର ( ଅର୍ଥାତ୍ ଭାରତର ସର୍ବଶ୍ରେଷ୍ଠ ଅଂଶ ) ଖେଦ—ଦୁଃଖ, ଶୋକ; ବିବଶା—ଅବଶଭୂତା; ଅବଳା; ବିଟପୀ—ବୃକ୍ଷ ।

ଗଢିଲ ଯାହା ଯୁଗେ ଶତାବ୍ଦୀ ଧରି
ଗବସ୍ତୁ ବନ୍ଧୁ ଭଲ୍ଲା ବହିଲ ତା ଅନ୍ତ୍ୟ
ଗତ-ଗଉରବ୍ୟ ମୋ ଦୁଃଖିନୀ ମାତା !
ଗଳାଇ ଲହୁ କେତେ କହିବୁ ଆତା ?

—୪—

ଘନ-ଅପାର ଘର ବିଗଳ ଲହୁ
ଘର ତେଜନ୍ତି ମାଅ ! କେତେ ତୋ ପୁଅ !!
ଘଡ଼ଡ଼ି କାଏ ପେଟ ଦୂର ଦେଶକୁ
ଘରଣୀ ଏ ବାନ୍ଧନ୍ତି ପଥରେ ଭୁଲୁ ।

—୫—

ଙକୁଅ ନାମେ ଅଉ ନାହିଁ ସନ୍ତାନ
ଉଷ୍ମ ଶବଦ କାର ନାହିଁ ଶ୍ରବଣ,
ଉଷ୍ମ ଶୋଣିତେ ଶୀତ ଭଇ ଅଙ୍ଗର
"ଉଡ଼େ" * ବୋଲନ୍ତି ବଙ୍ଗେ କୁମରେ ତୋର ।

---

୩ । ଲହୁ—ରକ୍ତଧାରା, ଗତ-ଗଉରବା—ଯାହାର ଯଶ ଓ କୀର୍ତ୍ତି ବିନାଶ ପାଇଛି, ଗଳାଇ—ଗଡ଼ାଇ ।

୪ । ଘନ-ଅପାର—ଦରିଦ୍ରତାର ଅସହ୍ୟ ବିଗଳ ଲହୁ ( ମା ମାଉସୀ ଓ ପିଲାଙ୍କ ଆଖିରୁ ), ପେଟ—ପେଟର ଦାଉ; ଦୂରଦେଶ—ବର୍ମା ଓ ଆସାମ ଆଦିକୁ; କାନ୍ଦନ୍ତି ଘରରେ ଭୁଲୁ—ଭୁଲୁର ପଥରରେ ବାନ୍ଧନ୍ତି ଅର୍ଥାତ୍ ସ୍ୱାମୀକୁ ଘରେ ଧରି ରଖିବା ପାଇଁ ରହନ୍ତି ।

* । ଉଷ୍ମ—ଗରମ; ଶୋଣିତ—ରକ୍ତ; ଶୀତ—ଶୀତଳ ଉଡ଼େ—ଓଡ଼ିଆ ଭାବେ ଭାଷା ଯମଦୂତ ଗ୍ରାସୁ, କୋଥାୟତେ ଏଲ ମାଗ । ୯ ଲ୍ଲିଖିବା ଉଡ଼େ ସପ୍ତମ ସ୍ୱରେ ଘାନ୍ତେତେ ଲାଗିଲ ଜାଲ । ରବୀନ୍ଦ୍ରନାଥ ଠାକୁର—'ଦୁଇ ବିଘା ଜମି' ।

—୬—

ତରଙ୍ଗାଙ୍କୁ କମଳା-ଲୀଳା-ନିକେତ
ଚପଳ ଉଡ଼ାଇଣ ତୋର ପୋତ
ଗାଉ ସାଗର ଉର ଅସଙ୍ଗ ବାହୁ
ତର ଦୁର୍ଜ୍ଜୟ ଦାଉ ଥିଲ ମା କାହିଁ ?

—୭—

ଛବିଳ ଉର ତୋର ତଟିନୀ-ହାରେ
ଛନ୍ଦିଥିଲା ବିଧାତା ପଡ଼ି ଭ୍ରମରେ;
ଛଦ୍ମେ ଉରଗ-ଜାଲ ତଟିନୀ ହୋଇ
ଛକିଥିଲେ ଗରଳ ଗାଳିବା ପାଇଁ ।

—୮—

ଜଳ-ଗରଳ-ପୂରେ ପ୍ଳାବି ତୋ ଦେହ
ଜାଳିଲେ ଯବେ ଯବେ ତୋ ସୁଖ ଗେହ
ଜରତୀ ଅକାଳରେ ହେଲୁ ଜନନୀ !
ଜଡ଼ତା ଗଲା ଘୋଟି ତୋ ଅଙ୍ଗେ ପୁଣି ।

---

୬। କମଳା-ଲୀଳା-ନିକେତ—କମଳା ଅର୍ଥାତ୍ ଲକ୍ଷ୍ମୀଙ୍କ କ୍ରୀଡ଼ା ଘର; ଚପଳ—ପତାକା; ପୋତ—ଜାହାଜ; ସାଗରଉର—ସମୁଦ୍ରବକ୍ଷ ।

୭। ଛବିଳ—ମନୋହର; ଛନ୍ଦିଲ......ଭ୍ରମରେ—ବିଧାତା ଭୁଲରେ ତୋ ସ୍ଥଳରେ ନଈ ରୂପ ହାରମାନ ପିନ୍ଧାଇ ଦେଉଥିଲେ; ଛଦ୍ମେ—କପଟରେ, ଉରଗ ଜାଳ—ସାପ ସମୂହ; ଛକିଥିଲେ—ସୁବିଧା ଉଣ୍ଡୁଥିଲେ ।

୮। ପୂରେ—ସ୍ରୋତରେ; ଯବେ ଯବେ—ଥରେ ଥରେ; ଗେହ—ଘର; ଜରତୀ—ବୃଦ୍ଧୀ; ଜଡ଼ତା—ନିଶ୍ଚେଷ୍ଟତା ।

— ୯ —

ଝଙ୍କାର ପୂରେ ଯଥା ଦୁର୍ବିଷ-ଦୁଃଶା
ଝଗଡ଼ ତୋ ଜନନୀ ମଳିନ ବେଶ
ଝିଙ୍କିଲା ବଣ୍ଡ-କୁନ୍ତଳ ତଳକୁ
ଝିଙ୍ଗାସିଣ ବସନ ଉତାରିବାକୁ ।

— ୧୦ —

ନୀରବ ନିରୂପାୟ ଲୋତକ ଧାର
ନାଗାଡ଼ ନିବେଦିଲ ଗୁହାରି ତୋର
ନୀଳ-ଶୈଳ-ନାଥ ହେଲେ ଦାରୁଣ
ନିରଙ୍କୁଶ ନଗ୍ନ କଲ ପୀଡ଼ନ ।

— ୧୧ —

ଟାଣ ପରମ୍ପରାରେ ପୁଣ ଲମ୍ବିତ
ଟିକି ଟିକି ତୋ ବପୁ ଦେଲା ଭରତ
ଟେକ ଦୁଃଖ ତୋହର ଦ୍ୱନ୍ଦ୍ୱ ନୟନେ
ଟାଳ ଟାପରା କଲେ ପରଦ୍ରୋଣୀ ଜନେ ।

---

୯ । ଝଙ୍କାର — ଝନତ୍କାର ଶବ୍ଦ; ଦୁର୍ବିଷ-ଦୁଃଶା — ଦୁର୍ବିଷ ରୂପ ଦୁଃଶାସନ; ଝଗଡ଼ — ଧମକା ଧମକି ଶବ୍ଦ; ବଣ୍ଡକୁନ୍ତଳ — ସଂସାର ଖୁଣ୍ଟ କୁନ୍ତଳ; ଦୁଃଶାସନ ଦ୍ରୌପଦୀଙ୍କୁ ବିବସନ କରିବା କଥା ଏଠାରେ ଲକ୍ଷିତ ହୋଇଛି । ଝିଙ୍ଗାସିଣ — ଶାଳ ବେଢ଼ଇ ।

୧୦ । ନୀଳଶୈଳନାଥ — ଜଗନ୍ନାଥ; ନିରଙ୍କୁଶ — ଅଶାସନ ।

୧୧ । ବପୁ — ଦେହ; ଟେକ — ଗୁରୁତର; ଦ୍ୱନ୍ଦ୍ୱ — ଲେଖି ।

—୧୨—

ଠାବ ଦେଖିଲ ତୋ ତାଙ୍କ ଚରଣ ତଳେ
ଠକି ନେଲେ ତୋ ଧନ ଛଳ କଉଶଳେ
ଠୁଳ ବରଷ-ଶହ ଗଲାଣି ବନ୍ଧୁ
ଠେକେ ପର ଚରଣ ମଥାରେ ଜହ୍ନ ।

—୧୩—

ଡାକୁଛି ଉତ୍କଣ୍ଠ ମାତ ! ଉଠ ଏଥର
ଡଙ୍ଗର ଭାଗ୍ୟଦର୍ପ କରିବା ଚୂର
ଡକା ଭଲଣି ବନ୍ଧୁ ଗଲ ନିଯୁତ
ଡର ଜାଳିବା ବେଳେ କଳଙ୍କ-ବଡ ?

—୧୪—

ଢୋକିବା ପାଇଁ ନାହିଁ ଢୋକଣି ଅନ୍ନ
ଢାଙ୍କିବା ପାଇଁ ଅଙ୍ଗେ ନାହିଁ ବସନ
ଢମେଣ କରି ପର ମହିମା ଗାନ
ଢାଳେ ଆତ୍ମସମ୍ମାନ ଅନନ୍ତ ଫଣ ।

---

୧୨ । ଠାବ—ସ୍ଥାନ; ଠୁଳ—ପୂର୍ଣ୍ଣ; ଜହ୍ନ—ରଶ୍ମି ।

୧୩ । ଡଙ୍ଗର—ତୁଙ୍ଗ ଶୃଙ୍ଗ; ଚୂର—ଚୂନା; ଡକା—ଅତ୍ୟାଗ୍ରହ; ନସୁଡ—ଭାଗ୍ୟ ।

୧୪ । ଢମେଣ—ଫୁଲି ଫଣିଆ କରି; ଢାଳେ···ଫଣ—ଆତ୍ମସମ୍ମାନ, ସନ୍ତୁ-ଳେଳେ ପରଲୁଣ ଖାଇ ଗାଇବାକୁ ନଷ୍ଟ ହେଉଛି ।

—୧୫—

ନ ପୂଣି ଏହୁ ଦଶା ହୁଅଇ ତୋର
ନିଯୁତ ଶିରେ ନୃତ୍ୟ ରଚ ମା ! ଘୋର
ନିୟନ୍ତ୍ରୀ ନିଯୁତର ହୁଅ ଜନନି !
ନ ଦେଖିଲ୍ଲ ଯା ନେଇ ଖିଳ ଅବନୀ !

—୧୬—

ତପସ୍ୟା ଅଛୁ ଅମ୍ଭ ବହୁ ଯୁଗରୁ
ତଅପୋଇ ଦେଶ କି ଧନର ମରୁ ?
ତରୁଣ ସପନର ଅମରାବତୀ !
ତୋୟଦା ଫଳଦା ମା ! ବୀରଧରଣି !

—୧୭—

ଥୋଣ୍ଟ ଭାଲ ଯେ ଧନ ହରନ୍ତି ତୋର
ଥୋଇଛୁ ତ ଅତୀତ କୋଠ ଭଣ୍ଡାର
ଥୟ କରିବା ତାର ଲୁଚିବା ଭୁଲ୍
ଥିରେ ଛିଣ୍ଡାଇ ନେଇ ତିମିର ଜାଲ୍ !

---

୧୫ । ନପୁଣି—ଚାଲେ; ଚିର—ସ୍ଥାୟୀ; ନିୟନ୍ତ୍ରୀ—ପରିଚାଳକ; ଖିଳ—ସମଗ୍ର ।

୧୬ । ତଅପୋଇ—କୁହୁଳୁଣୀ କଥାର ସାଧବ ଝିଅ; ତରୁଣ ସ୍ୱପନର ଅମରାବତୀ—ଯୁବଗଣ ଯାହାକୁ ସ୍ୱର୍ଗ ବୋଲି କଳ୍ପନା କରେ; ତୋୟଦା—ଜଳଦାନକାରିଣୀ; ଫଳଦା—ଫଳଦାନକାରିଣୀ ( ସୁଜଳା ସୁଫଳା ); ବୀରଧରଣୀ—ବୀର ଭୂମି ।

୧୭ । ଥୋଣ୍ଟ—ଦୁର୍ବୃତ୍ତ; ଥୟ କରିବା—କେଉଁଠି ଅଛି ଖୋଜି ବାହାର କରିବା; ଲୁଚିବା—ଗୁପ୍ତ ।

—୧୮—

ଦକ୍ଷିଣ ସ୍ୱାଧୀନତା ହ୍ରାସ ମୋହନ
ହୀନତା-ଦୋଷ-ହୀନ ତୋ ଅପଘନ
ଦକ୍ଷଅଙ୍ଗରେ ଅଗଣିତ ବୋଇତ
ଦୂର ହେଲା ଆଗତ ସାଧବବ୍ରାତ ।

—୧୯—

ଧର୍ମମନ୍ତ୍ରଣା ଧନ କୁବେର-ବାଳୀ
ଧରି କମଳକରେ ସୁବର୍ଣ୍ଣ ଥାଳି
ଧୀରେ ଅଗତା ପଣ୍ୟ ନେବେ ବଢାଇ
ଧବ, ସୁତ, ମାତୁଳ, ଜନକ ଭାଇ ।

—୨୦—

ନରେଶ ଖାରବେଳ ବାହୁନୀ କାନ୍ଧିଁ
ଆଣେ କଳିଙ୍ଗ ଦର୍ପ କର ପକାଇ
'ନାଶ ମଗଧ କନ୍ଧ' କରଇ ନୃତ୍ୟ
ନୃମୁଣ୍ଡମାଳୀ କାଳୀ ମାତାଙ୍କ ବତ ।

---

୧୮ । ଅପଘନ—ଶରୀର; ବ୍ରାତ—ସମୂହ ।

୧୯ । ଧନକୁବେର—ସାଧକ ।

୨୦ । କଳିଙ୍ଗ ଦର୍ପ—କଳିଙ୍ଗର ଗୌରବ ବସ୍ତୁ, ନୃମୁଣ୍ଡମାଳୀ—ନରମୁଣ୍ଡ-ମାଳିକା ।

—୨୧—

ପତତ୍ରୀ-ଜଳବୁଦେ ମଧୁରରବ
ପ୍ରାଚୀ ପୁଳିନେ ଉଠେ ବେଦଧ୍ୱନି ରବ
ପୁଳିନ-ବିହାରିଣୀ ତାପସବାଳା
ପୂର୍ଣ୍ଣ ହୃଦେ ହସିଲ ବଶନ୍ତ ଭୋଳା ।

—୨୨—

ଫଳାଇବାକୁ ପ୍ରତିଫଳ-ବ୍ରତତୀ
ଫଣ୍ଡକେ ଗଜପତି ମନ୍ତ୍ରୀ ଜଗତ
ଫୁତ୍କାର କାଞ୍ଚୀଅଭିଯାନେ ଗମନ
ଫଣ ଆଶ୍ରିତ ଫଣୀ ଯାଏଁ ସେବନ ।

—୨୩—

ବାରଣ ଶିଳ୍ପୀ ଚନ୍ଦ୍ରଭାଗା-ସୈକତେ
ବଳ ହୋଇ ଧୂଅଁନ୍ତେ ଚଣ୍ଡ ବଦନେ
ବାନ୍ଧାଏ ବାଣ୍ଡ ନାଶି ତନୁଜ ତନୁ
ବାରଣ ଭୁଜ ବଢ଼ ତ୍ରୁଟିଛି ସୂନୁ ।

---

୨୧ । ପତତ୍ରୀ—ପକ୍ଷୀ; ଜଳବୁଦ—ବାଦଲ; ପ୍ରାଚୀ—ପୂର୍ବ ଦିଗର ନଦୀ, ଏ ନଦୀ କୂଳରେ କଣ୍ଠ ଋଷି ଆଶ୍ରମ ଥିଲା; ପୁଳିନ—କୂଳ; ତାପସ—ଋଷି ।

୨୨ । ପ୍ରତିଫଳ ବ୍ରତତୀ—ପ୍ରତିଫଳ ରୂପକ ଲତା; ଫଳାଇବାକୁ...... ଜଗତ—ଅପମାନର ପ୍ରତିଫଳ ଦେବା ପାଇଁ; ଗଜପତି—ପୁରୁଷୋତ୍ତମ ଦେବ; ଫୁତ୍କାର—ଫଣାରେ କ୍ରୋଧ ପ୍ରକଟିତ କରି; ଫଣଆଶ୍ରିତ—ଫଣୀ-ଯେଉଁ ସାପର ଫଣାରେ ପାତ୍ରାଭ ଜାଗିଛି ।

୨୩ । ସୈକତେ—ବାଲିରେ; ତନୁଜ—ପୁଅ; ବାରଣ ଭୁଜ ବଢ଼...... ତ୍ରୁଟି—ବାରଣ ଗଭରେ ଦାଗ ନା ପୁଅ ମୁଣ୍ଡରେ ଦାଗ ପ୍ରହେଳିକା; ଛିନ୍ଦ—ହେଉ; ସୂନୁ—ପୁଅ; ବାହୁ—ଧାଡ଼ ( Flank )

—୨୪—

ଭୀମ କାନ୍ତ ନେତ୍ର ଯା ଦେଖିଲା ଅଙ୍କ
ଭାଗ୍ୟସିନ୍ଧୁ ତୋର ଥିଲେ ସରଙ୍କ
ଭାଙ୍ଗି ପଡ଼ିବ ତାହା ବାହୁଙ୍କ ବାନ୍ଧ
ଭାଗିଲେ ବୈରୀ-କର ଥିଲା ଯି ଲବ୍ଧ

—୨୫—

ମାଆ ଯେ ଶୋଣିତରେ ମୋ ପିତୃଜନେ
ମହାଚଣ୍ଡୀ ପିପାସା ତୋଷିଲେ ରଣେ
ମୋ ଶିରାତନ୍ତୁରେ ତା ତପ୍ତି ଛୁଟାଇ
ମଜ୍ଜା ପ୍ରବଳ ବେଗରେ ଅଛି ଧାମଇ ॥

—୨୬—

ଜନମଦାତ୍ରୀ ଧାତ୍ରୀ ଜନମଭୂଇଁ
ଜଡ଼ତାପହାରିଣୀ ପଦ ତୋ ଛୁଇଁ
ଜଗତେ ସାକ୍ଷୀ ରଖି କଲି ଶପଥ
ଜୀବତ ସେବାରେ ତୋ ଯିବ ନିୟୁତ

---

୨୫। ଶୋଣିତ — ରକ୍ତ; ପିତୃଜନେ — ପୂର୍ବ ପୁରୁଷମାନେ; ମହାଚଣ୍ଡୀ — ପୃଥିବୀ ରୂପିଣୀ ଚଣ୍ଡୀ ଦେବୀ; ପିପାସା — ଶୋଷ; ଶିରା ତନ୍ତୁରେ — ସୂକ୍ଷ୍ମ ସୂକ୍ଷ୍ମ ଶିରାରେ, ଶିରା ପ୍ରଶିରାରେ; ତପ୍ତି — ଉଷ୍ମ, ଧାମଇ — ଧାଉଁଛି।

୨୬। ଜନମଦାତ୍ରୀ — ଜନ୍ମଭୂମି; ଧାତ୍ରୀ — ପାଳନ କର୍ତ୍ତ୍ରୀ; ଜୀବତ — ଜୀବନ।

—୨୭—

ରଅନ୍ତ୍ରା ରଚିତ ମୋ ତୋ କଳେବର
ଭରିଛି ଜନ୍ତୁଁ ଏବେ ଶତଦଳପୁର
ଧରାକୁ ଧରାଭୂଷା ! ଦେଖ ଲଷ୍କର
ସ୍ୱଚ୍ଛ ଜଳଙ୍କ ସେ ତୋ ମୁଖ ହ୍ରଦ ।

—୨୮—

ସ୍ନେହଗଙ୍ଗା-ତଟିନୀ ମୁଁ ନେବି ଚୁହାଇ
ଝଙ୍କାରେ ଦୁଃଖୀ ଲୋକଙ୍କୁ ଦେବି ଉଦ୍ଧାରି
ଲଳିତ-କଳା-ଦୋଳା ଖେଳୁଁ ମା ! ତୋର
ଲଭେ କମଳା ଅଭି ନୋହିବେ ଦୂର ॥

—୨୯—

ଦୃଷ୍ଟ-କଳ୍ପନାର ମରୁତ ପୁଣି
ଚଳିବ ବିହାୟସେ ଧୀର-ମେଦନ !
ଦୃଷ୍ଟ ସ୍ୱପ୍ନ ପୁଣି ବର୍ଣ୍ଣେ, ପଥରେ,
ହରଷିବେ ତୋ ସୁତେ କୁଶଳ କରେ ।

---

୨୭ । ସୁର — ସ୍ରୋତ; ଧରା — ପୃଥିବୀ; ଧରାଭୂଷା — ପୃଥିବୀର ଅଳଙ୍କାର; ହର — ଶୋଭାର ।

୨୮ । ତଟିନୀ — ନଦୀ; ଝଙ୍କାରେ — ହେଳାରେ, ବିନା ଆୟାସରେ; ଲଳିତ — ସୁକୁମାର ।

୨୯ । ମରୁତ — ପବନ; ବିହାୟସେ — ଆକାଶରେ; ଦୃଷ୍ଟ ସ୍ୱପ୍ନ ପୁଣି ବର୍ଣ୍ଣେ ପଥରେ — ଅକ୍ଷରରେ ଓ ପଥର ଦେହରେ ସ୍ୱପ୍ନ ଅର୍ଥାତ୍ କଳ୍ପନାକୁ ରୂପ ଦେବେ ଅର୍ଥାତ୍ କାବ୍ୟ ଓ ସ୍ଥାପତ୍ୟ ରଚନା କରିବେ; କୁଶଳ — ଦକ୍ଷ ।

—୩୦—

ଶ୍ୟାମଳ ଗ୍ରୀଷ୍ମ ହସିବେ ତୋ କେଦାରେ
ଶ୍ୟାମଳ ବାସ ପନ୍ଥ ପିନ୍ଧିବେ ଖରେ
ଶ୍ୟାମାସୁମାନ ତୋର ହେବ ମାଧୁରୀ
ଶୀର୍ଣ୍ଣ ହେବ ଉମା ଶୋକତଟିନୀ ଶ୍ରୀ ।

—୩୧—

ଷୋଡ଼ଶ ଉପସ୍କରେ କାମନା ପଦ
ଷଣ୍ଢାଙ୍କ ପୂଜା ପାଇଁ ଥିବ ସମ୍ପଦ
ଷୋଡ଼ଶୀ ସୁତା ତୋର କଣେହେଁ କେହୁ
ଶୀଳ ନ ଥିବେ ହାବ ଲୁଲୁଖା ସନ୍ଧୁ ।

—୩୨—

ସିଂହଳ ତୋ ବେଳା ହେବ ପଥଘାଟ
ସାଧବ ଡୋଳାହକେ ଦୈନ୍ୟକୁହାଟେ
ସପନ ସ୍ମୃତି ହେବ ହେବେ ମୁଖର,
ସୁଜଳା ସୁଫଳା ମା ! ସ୍ୱଦନ ତୋର

୩୦ । କେଦାର — କ୍ଷେତ୍ର; ପନ୍ଥ — ପନ୍ଥୁରି; ବାସ — ବସନ; ଶୀର୍ଣ୍ଣ ହେବ — ଦେଖି ।

୩୧ । ଷୋଡ଼ଶୀ...ସନ୍ଧୁ — ଅର୍ଥାତ୍ ଏ ଦେଶରେ ଆଉ ଦୁର୍ଭିକ୍ଷର ଆଉରେ ଯୁବତୀମାନଙ୍କ ରୂପଶ୍ରୀ ନଷ୍ଟ ହେବ ନାହିଁ, ଷୋଡ଼ଶ.....ସମ୍ପଦ — ପଣ୍ଡିତଙ୍କର ସୁଖ ଉପଲବ୍ଧି ପାଇଁ ଧନମାନଙ୍କ ଶରୀର ଉପଯୁକ୍ତ ପୁଷ୍ଟି ଲଭିତ ହୋଇଥିବ ।

୩୨ । ସିଂହଳ — ଦ୍ୱୀପ ପୂର୍ଣ୍ଣ; ବେଳା — ସମୁଦ୍ରକୂଳ; ସାଧବ — ବଣିକ ।

—୬୩—

ହର, ପୟ, ତଣ୍ଡୁଳ, ସ୍ୱର୍ଣ୍ଣଚମ୍ପକ
ହେଲାଠାରେ ବିତରଣ ସହଲ୍ଲୀଷକ
ହରପ୍ରିୟା ଚରଣେ ଅର୍ପୁଛି ଫେର
ହରଷେ ଭାଗ୍ୟବଧୂ ନେଉ ମା ! ବର ।

—୬୪—

କ୍ଷୋଣୀ-ମଥାମଣି ଜନନୀ ମୋର
କ୍ଷେମଦେ ! ବାଞ୍ଛୁଛି ତୋ ଦିଅ ଏ ବର
କ୍ଷିତିରେ ଜନମାନ ଲୋକିବେ ତୋର
କ୍ଷରୁଥିବ ନୟନୁଁ ଆନନ୍ଦ ନୀର ।

୧୯୩୦

୬୩ । ହର — ଶିବ, ପୟ — କ୍ଷୀର; ତଣ୍ଡୁଳ — ଚାଉଳ; ଚମ୍ପକ — ଚମ୍ପା; ସହଲ୍ଲୀଷକ — ସ୍ତ୍ରୀ ପୁରୁଷଙ୍କର ମଣ୍ଡଳାକାର ନାଚ, ହରପ୍ରିୟା — ଲକ୍ଷ୍ମୀ ଭାଗ୍ୟବଧୂ — ଭାଗ୍ୟ ରୂପ ବଧୂ, ସୌଭାଗ୍ୟ ।

୬୪ । କ୍ଷୋଣୀ — ପୃଥିବୀ; କ୍ଷେମ — ମଙ୍ଗଳ; କ୍ଷିତି — ପୃଥିବୀ; ଲୋକିବ — ଦେଖି; କ୍ଷରୁଥିବ — ଝରୁଥିବ, ନୀର — ପାଣି, ଲୁହ ।

# ପ୍ରଭାତ

(ରାଗ—ଶଙ୍କରାଭରଣ)

କାହିଁ ଅଛୁ ପ୍ରାଣପ୍ରିୟା ତାହିଁ ଅଛୁ ମୁହିଁ ॥
ପ୍ରଭାତ ପବନ ! ଶୁଣି ଡାକ କହୁଅଛି
ମନ୍ଦେ ବହନ୍ତୁ ସେ ଯେତେଣ
ଝୁଲାଇ ଗଣ୍ଡ ତାର କୋମଳ ପରଶେ ।୧।

ଅଯତ୍ନ ସୁନ୍ଦର ତାର ଅଳକଅବଳି
ମନ୍ଦେ ନାଚିବାର ବେଳେ ଦୋହଲି ଦୋହଲି
ମୋର ପ୍ରତିନିଧି ହେବ
ନୟନ ପୂରାଇ ସେହୁ ଶୋଭା ନିରେଖିବ ।୨।

ଭରସା ଈର୍ଷିଲ ଭୃଙ୍ଗ ପକ୍ଷେ ରେ ବିହଙ୍ଗେ !
ଯଦଶ୍ଚ ଦେଖେ ଚହିଲେ ପରା ଉଡ଼ିଯାଅ ରଙ୍ଗେ,
କାଲି ଯିବ କାହେ ଚଳି
ଝଟନ୍ତି ଶୁଣାଇବ ତାର ପ୍ରଭାତୀ କାକଳି ?।୩।

---

୧। ମନ୍ଦେ—ଧୀରେ ଧୀରେ; ଗଣ୍ଡ—ଗାଲ।

୨। ଅଯତ୍ନ ସୁନ୍ଦର—କୌଣସି ପ୍ରକାର ଯତ୍ନ ନଥାଇ ନ ହୋଇ ସୁଦ୍ଧା ମନୋହର, ଅଳକ—ଚୂନ ଚୁନିଆ ବାଳ, ଅବଳି—ସମୂହ।

୩। ଈର୍ଷିଲ—ଭୃଙ୍ଗମାନଙ୍କ ଡେଣା ଦେଖି ସେମାନଙ୍କର ଈର୍ଷା ହୁଏ, ରଙ୍ଗେ—କୌତୁକରେ; ପ୍ରଭାତୀ—ସକାଳର, କାକଳି—(ପକ୍ଷୀମାନଙ୍କ) ରବ।

ଯାମିନୀର ଶେଷ ଯାମେ ମୋରେ ସେ ସପନେ
ଦେଖି ଆହା ଅଶ୍ରୁ ଭରିଥିବ ନେତ୍ରକୋଣେ !!
ତାହା ଶୁଖାନ୍ତେ ପବନ
କାକଳିରେ ହେବ ତାର ସୁସୁପ୍ତି ଭଗନ । ୪ ।

ନାସାରୁ ପ୍ରସରବ ତା ମଳୟ ସୁବାସ
ଗନ୍ଧବହ ! ଆଣିବ ତା ବହି ମୋହ ପାଶ
ତାହା କୁନ୍ତଳ-ନୀଳମା
ପକ୍ଷେ ବହି ଆଣିବ ଗୋ ବିହଙ୍ଗିନୀ ଶ୍ୟାମା ! । ୫ ।

ଭ୍ରୂଲତାର ଗାଢ଼ ମସୀ, ଲକ୍ଷା ଚରଣର
ଉରଜ-କନକ-କାନ୍ତି, ଭୀତ ନୟନର
ଆଣିବ ବିହଙ୍ଗବାର !
ଅସରନ୍ତି ଶୋଭାବତୀ ଗଳାମାଳା ମୋର । ୬ ।

ତା ଶୋଭା-ବାରି-ଆଶାୟୀ ମୋ ଜୀବ-ଚାତକ
ହେଲା କଲେ ହେବ ସର୍ବେ ମୋ ଜୀବଘାତକ
ବନ୍ଧୁପଣେ ମୋରେ କଣ
କୃତଜ୍ଞତା-ଲୋତକେ ମୁଁ ଶୁଝିବଇଁ ଋଣ । ୭ ।

୧୯୩୬

---

୪ । ଯାମିନୀ — ରାତ୍ର, ଯାମ — ପ୍ରହର, ସୁସୁପ୍ତି — ନିଦ ।

୫ । ନାସାରୁ······ସୁବାସ — ତା ନିଃଶ୍ୱାସ ପବନ ବସନ୍ତ ପବନ ପରି ସୁବାସିତ; ପ୍ରସରବ — ବହିବ, ଗନ୍ଧବହ — ପବନ, କୁନ୍ତଳ — କେଶ, ନୀଳମା — ଘନ କୃଷ୍ଣବର୍ଣ୍ଣ, ବିହଙ୍ଗିନୀ — ପକ୍ଷିଣୀ, ଶ୍ୟାମା — କୃଷ୍ଣବର୍ଣ୍ଣ ।

୬ । ଗାଢ଼ମସୀ — ନିପଟ କଳାବର୍ଣ୍ଣ; ଲକ୍ଷା — ଅଳତା, କନକକାନ୍ତି — ସୁନାବର୍ଣ୍ଣ; ଭୀତ — ଡରକ, ବିହଙ୍ଗମ — ପକ୍ଷୀ; ବାର — ସମୂହ ।

—୩୭—

# ପଠାଣି ସାମନ୍ତ

( ସ୍ୱର କଳହଂସ କେଦାର )

ପଠାଣି ସାମନ୍ତ ହେ ! ଶହେ ବରଷ
ଗଲଣି ବନ୍ଧୁ ଆଜ ଉତ୍କଳ ଦେଶ
ତୁମ୍ଭ ସମାନ ଜଣେ ପାଇ ସୁଅଙ୍କୁ
ଗରବେ ଫୁଲାଇଲା ନାହିଁ ତ ବୁକୁ । ୧ ।

ଗୌରବ-ଗିରି-ଚୂଡ଼ା ସବୁ ଉଦୟ
ହୋଇ ଅଲୋକ ଦେଶ ହଜିଲା ଲୟ;
ଶ୍ମଶାନେ ଜନମିଲା ତୁଳସୀ ସବୁ
ପ୍ରତିଷ୍ଠା ସଉରଭେ ଧରଣୀ ଜବୁ । ୨ ।

ଯାବତ ଗୌରବର ସୂତିକାଗାର
ହୋଇ ଶ୍ମଶାନ ପୁଣି ହେବାକୁ ତାର
ଉତ୍କଳ ଭାଲ ପାଇଁ ପଣ୍ଡ ବାରଣ୍ଟି
ଦାରୁଣ ଭାଗ୍ୟଲିପି ଅଙ୍କିଲ ବଟ ! । ୩ ।

---

ପଠାଣି ସାମନ୍ତ—ସାମନ୍ତ ଚନ୍ଦ୍ରଶେଖରଙ୍କ ଡାକ ନାଆଁ ।

୨ । ଗିରି ଚୂଡ଼ା—ପର୍ବତ ଶିଖର; ହଜିଲା ଲୟ—ଅନ୍ତର୍ଦ୍ଧାନ ହେଲା; ସଉରଭ—ସୌରଭ—ସୁଗନ୍ଧ ।

୩ । ସୂତିକାଗାର—ଜନ୍ମଗ୍ରହଣ ସ୍ଥାନ, ଜନ୍ମସ୍ଥାନ; ଭାଲ—କପାଳ—ଲଲାଟ; ବାରଣ୍ଟି—ବର୍ଷା ତା; ଦାରୁଣ—କର୍କଶ; ଭାଗ୍ୟଲିପି—ଲଲାଟ ଲେଖନ ।

ମାଣିକ୍ୟ ଖାଏ ଯଦି ଚଣ୍ଡାଳ ସାପ
ପିଟନ୍ତି ତାକୁ ଗୋବୁହାଡ଼େ କଠାଇ;
ତଥା ପ୍ରତିଭା ତୁମ୍ଭ ଭଇଁ ଏ ଦେଶେ
ପଶିଲା ଗୁରୁ-ଅବହେଳା-ଗରସେ । ୪ ।

ପ୍ରତିଭା-ରବି ପ୍ରଭା ଶୋଭା କନ୍ଦ
ଅଭାବ ନ ସାଧିଲା ଅହା କି ବାଦ !
ବାଧା ନୋହିଲେ ତେବେ ଖ୍ୟାତି ପୁଞ୍ଜନ
ତଥାପି ଗୁଣ ରହିଲା କି ଗୋପନ ? । ୫ ।

ଧୂମ ପଟଳ ତଳେ ଅନଳ ଶିଖା
ଲୁଚିବା ଶ୍ରବଣୀଳ ଅଛି କି ଦେଖା ?
ଜଳଦ ଆବରଣେ ଭାସ୍କର-କର
ଲୁପ୍ତ ହୋଇଛି କେବେ ଅନାର ଚିର ? । ୬ ।

ମରୀଚିମାଳୀ ସମ ତୁମ୍ଭ ପ୍ରତିଭା
ଚିର ତମ ପଟଳ ସଞ୍ଚିଲା ଦିବା,
"ସିଦ୍ଧାନ୍ତ ଦରପଣେ" ମୁଖ ଉଜ୍ଜ୍ୱଳ
କରେଣି ତରଣୀ ହେଲା ଉତ୍କଳ । ୭ ।

---

୪ । ମାଣିକ୍ୟ...କଠାଇ—"ହାଡ଼ ଖାଇଲେ ମାଣିକ ପଡ଼ିଲେ ଗୋବୁ ହାଡ଼ ବୋଲି ବାଡ଼ାନ୍ତି"—ପ୍ରବଚନ; ଗରସେ—ଗ୍ରାସେ—କବଳରେ ।

୬ । ଚିର—ଚିରସ୍ଥାୟୀ ।

୭ । ମରୀଚିମାଳୀ—ସୂର୍ଯ୍ୟ; ସଞ୍ଚିଲି ଦିବା—ଉତ୍କଳର ଅଜ୍ଞାତ ଅନ୍ଧକାରକୁ ଦୂର କରି ଉତ୍କଳକୁ ଜ୍ଞାନ ଆଲୋକ ପ୍ରଦାନ କଲ । ସିଦ୍ଧାନ୍ତ ଦର୍ପଣ—ସାମନ୍ତ ଚନ୍ଦ୍ରଶେଖରଙ୍କ ଅମର ଗ୍ରନ୍ଥ; "ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ । ନର ଦେହେ ଥିବ ଯାବତ ହୃଦୟ ।"
ରାଧାନାଥ ।

ଶାରଦ-କର୍ଣ୍ଣାଟିକା ନାମେ ଚେତନ
ଧରିରେ ଉଡ଼ାଇଲ ତୁମ୍ଭେ ନୂତନ,
ମନୀଷା-ଦରବାରେ ବସିବା ପାଇଁ
ଏ ଦେଶେ ଅଛି ତୁମ୍ଭ ସରସା କାହିଁ ? ।୮।

୧୯୩୬

— ୩ —

# ଅଭାଜନର ନିମନ୍ତ୍ରଣ

( ଗୋପୀଭାଷା ବୃତ୍ତରେ )

ପଦ ପକାଇ କୁଟୀରେ ମୋହର
ପଦ୍ମ ଫୁଟାଅ ତହିଁ ଶ୍ରୀମାବର ।।୧।

ତୁମ୍ଭ ଅଙ୍ଗଲତା ହୋଇ ଦାମିନୀ
ଝଟକାଉ ମୋ ଅଙ୍ଗନ-ଅବନୀ ।୨।

କଣ୍ଠ ବାକେଣୀ ବୀଣାରେ ମୂର୍ଚ୍ଛନା
ଟେକି ସମ୍ଭାଷଣ କରୁ ରଚନା ।।୩।

ଓଠେ ହାସ-ତାମରସ ଫୁଟାଇ
ଧନପତି ଭୂତି ଦିଅ ଲୁଟାଇ ।୪।

---

୮ । ଶାରଦ କର୍ଣ୍ଣାଟିକା—କାଞ୍ଚି ଗାଳିକା (ଉତ୍କଳ ଭୂମି) ମନୀଷା ଦରବାରେ—ମନୀଷୀମାନଙ୍କ ସଭରେ; ସରସା—ସମାନ ।

୨ । ଅଙ୍ଗଲତା—ଶରୀର; ଦାମିନୀ—ବିଜୁଳି; ଅଙ୍ଗନଅବନୀ—ଅଗଣାର ଭୂଇଁ ।

୩ । ସମ୍ଭାଷଣ—କଥାବାର୍ତ୍ତା;

୪ । ତାମରସ—ପଦ୍ମ; ଧନପତି ଭୂତି—କୁବେର ସମ୍ପତ୍ତି ।

ତୁମ୍ଭ କୋସ୍ତୁର ହେବା ଗଉରବ
ଛତ୍ରପତି ହେବାରେ ନାହିଁ ଲବ ।୫।

ସିଂହାସନ ବଳମଧ୍ୟେ ସଙ୍ଗତ
ତୁମ୍ଭ କଣ୍ଠେ ଅନେକ ରୂପତ ।୬।

ଅନୁକମ୍ପା ସେଣୁ ଅଭାଜନରେ
ତେଣୁ ସାହସ ବାନ୍ଧ ମୁଁ ମନରେ ।୭।

ଭରିବାକୁ ମୋ କୁଟୀର ଅଙ୍ଗେବେ
ଭୀତ ଦରକ ପ୍ରୀତବାଣୀ ଡାକେ ।୮।

୧୯୪୪

---

୫। କୋସ୍ତୁର—ଶୂକର; ଛତ୍ରପତି—ରାଜା ।
୬। ବଳମଧ୍ୟେ – ବଦଳରେ ।
୭। ଅନୁକମ୍ପା – ଦୟା; ଅଭାଜନ – ଅଯୋଗ୍ୟ

—○—

# କୁନ୍ତଳା କୁମାରୀ

( ୧ )

ରାଗ—ଝିଞ୍ଜୋଟଭାଟମାଧ୍ୱୀ

( ଶ୍ରୀରାଧା ବାତୁଲୀ ପ୍ରେମରହ ଭୁଲ ବୃନ୍ଦରେ )

"ଉତ୍କଳ ଭାରତୀ" ! ଶାରଦ ପ୍ରକୃତି ସାଜିଛି ସମ୍ଭାର ତୁମ୍ଭ ପାଇଁ
କାଶ ଫୁଲ ହାସେ ସୁସ୍ମିତ ଉଲ୍ଲାସ ଭାବେ, ଅନ୍ତରର ଦୟାବନ୍ତ
ବୀଣା ଧରି କରେ
ବରଷି କବିତା ସୁଧାଧାରେ
ପ୍ରେରଣାର ବୀଜ ବାଣ୍ଟି ଉତ୍କଳରେ ଜଗାଇ ଉତ୍କଳ ବସୁଧାରେ ।୧।
ଗୀର୍ବାଣ ସଂଗୀତ ତାନ ଝଙ୍କାରଣି ବିପଞ୍ଚୀ ତୁମ୍ଭର ବାଣୀସ୍ତବେ !
ଅମରାବତୀର ବାରତା ଦେବାକୁ ଓହ୍ଲାଇ ଆସ ଗୋ ଏ ମରତେ
"ଅଞ୍ଜଳି" ରେ ଯାହା
ପାଇଁ ଖୋଜୁଥିଲୁ ନିତେ ରହି
ସନ୍ଧାନ ତାହାର ଲଭିଲୁଁ ସକଳେ ତୁଅ ଦୟାବନ୍ତ ! ଅମ୍ଭ ସାହା !

---

ଗୋଟିଏ ଶ୍ରାବ୍ୟ ଉତ୍ସବର ପ୍ରାରମ୍ଭ ଗୀତିକା ।

୧ । "ଉତ୍କଳ ଭାରତୀ"—କୁନ୍ତଳାକୁମାରୀଙ୍କ ଉପାଧି; ଶାରଦ—ଶରତ୍‌କାଳର; କାଶ ଫୁଲ ହାସେ···ଉଲ୍ଲାସ—ଶରତକାଳରେ କାଶ ତଣ୍ଡୀ ଫୁଲ ଫୁଟେ ସତେ ଅବା ତାହା ଶରତ୍ ପ୍ରକୃତିର ଆନନ୍ଦ ସୂଚକ ହସ; ସୁଧାଧାର—ଅମୃତର ଧାର ।

୨ । ଗୀର୍ବାଣ—ଦେବତା; ବିପଞ୍ଚୀ—ବୀଣା, ଅମରାବତୀ—ସ୍ୱର୍ଗପୁର 'ଅଞ୍ଜଳି'—କବିଙ୍କର ଭକ୍ତିଗୀତିକା ପୂର୍ଣ୍ଣ କବିତା ପୁସ୍ତକ; ଅଞ୍ଜଳିରେ··· ରହି"—ଅଞ୍ଜଳି ପୁସ୍ତିକାରେ କବି ଜନ୍ମଭୂମିର ନବଉଦ୍ବର୍ତ୍ତିନୀ ହେବାର ରହି ବା ବାଟ ଅନ୍ୱେଷଣ କରୁଥିଲେ ଏବେ ତାହା ପାଇଛନ୍ତି ଏହାହିଁ ଅର୍ଥ ।

“ପ୍ରେମ ଚିନ୍ତାମଣି”-ଲୀଳା ସ୍ଥଳୀ ଶୁଣି ନାହିଁକି କେଉଁଠାରେ ଥିବ ହୋଇ
ମଣିଷ ଅପୂର୍ଣ୍ଣତା ପୂର୍ଣ୍ଣତମେ ଦେଖି ଭଲାରେ ତ ଆଉ ଥିବ ନାହିଁ;
ସେହି ପୂର୍ଣ୍ଣତମ
ନବ ଆବର୍ତ୍ତର ସୀ ଚରମ
ଉଚ୍ଛଳି-ପଡ଼ିଲେ ସ୍ପନ୍ଦିତ ହୋଇବ ସେ ଗାନେ ଗାଅ ତା
ନମୋନମ ।୩।

୧୯୪୨

—୪୦—

## ଝୁଲଣା ଝୁମାସ୍ତ

( ଧୀରେ ରାଧା କର ଧର ବୃନ୍ଦାବନେ )

ନିଧୁବନୁ ସତେ ଆଜ ଅବତରି ଥିଲ କି
କରେ ଧରି ପରିଚିତ ହ୍ଲାଦିନୀ ବଲ୍ଲକୀ
ଦେବୀ ଗୋ !
ଉଛୁଳ ଭୁଇଁ କେବେ ଦେଖି ଗଲ କି
ଶେଷ ଥର ଦେଖା ଦେଇଁ ଦଶା ଭାରି ଭଲ କି ? ।୧।

---

୩ । ପ୍ରେମ ଚିନ୍ତାମଣି ଲୀଳାସ୍ଥଳୀ...ହୋଇ—ପ୍ରେମ ଚିନ୍ତାମଣି କବିଙ୍କର ରାଧାକୃଷ୍ଣ ଲୀଳାମୂଳକ ଉପନ୍ୟାସ ପୁସ୍ତକ । ଏଠାରେ ରାଧାକୃଷ୍ଣଙ୍କ ଲୀଳାସ୍ଥଳୀ କଣ ଦେଖିଥିବେ ବୋଲି ତର୍କଣା କରି ଯାଉଛନ୍ତି; ପୂର୍ଣ୍ଣତମ—ପୂର୍ଣ୍ଣବ୍ରହ୍ମ ଶ୍ରୀକୃଷ୍ଣ; ଚରମ—ଶେଷ ସୀମା ।

୧ । ନିଧୁବନ—ସ୍ୱର୍ଗ; ବଲ୍ଲକୀ ବୀଣା ।

ଭବିତାରେ ଯେଉଁ ବୀଜ କରିଥିଲ ବପନ
ଅଙ୍କୁରିଛି କି ତା ନାହିଁ କରିଥିବ ଲୋକନ
ଦେଖ ଗୋ !
ଉତ୍ପ୍ରୋଧେ କିଛି ନ କରଣି ଗୋପନ
କାହୁଁଯାଏ ସତ ସତେ ହେବ ତୁମ୍ଭ ସପନ ? । ୨ ।

ନଇରାଶ୍ୟ ଘୋଟିଅଛି ଦେଖୁଥିବ ନୟନେ
ବାଧାର କଣ୍ଟକ ପୁଣି ଉଲଟର ଅୟନେ
ଦେଖ ଗୋ !
ଉପାସ୍ୟ ସ୍ୱାଧୀନତା-ଫଳ-ଚୟନେ
ବସିଥିଲେ ଛଟନ୍ତା କି କାଳ ବୃଥା ଶୟନେ ? । ୩ ।

ପ୍ରୋଜ୍ଜ୍ୱଳ ହୋଇବ ଦୃଷ୍ଟି ଦେଇ ପାଅ ଅଞ୍ଜନ
ସ୍ଫୁଲିଙ୍ଗ ଲାଗିଇ ଯାଅ ହୋଇ ବୈରି ଗଞ୍ଜନ
ଦେଖ ଗୋ !
କଳଙ୍କ-ଗିରି-ଚୂଡ଼ା ଅଗ୍ନେ ଭଞ୍ଜିତ
ଭରଣି କରିବୁଁ ମାତୃଭୂମି ମନୋରଞ୍ଜନ । ୪ ।

୧୯୪୧

---

୨ । କରିଥିଲ ବପନ—ବୁଣିଥିଲ; କରିଥିବ ଲୋକନ—ଦେଖିଥିବ ।
୩ । ଅୟନ—ବାଟ
୪ । ପ୍ରୋଜ୍ଜ୍ୱଳ—ଅତି ପରିଷ୍କାର; ସ୍ଫୁଲିଙ୍ଗ—ନିଆଁ ଝୁଲ; ଚୂଡ଼ା—ଶିଖର; ବୈରିଗଞ୍ଜନ—ଶତ୍ରୁମର୍ଦ୍ଦନ ।

—୪୧—

# ଗୋପ ପାଖକୁ ମିନତି

ରାଗିଣୀ—ବଜ୍ରସିଂହ ଚଉତିଶା ବାଣୀ

( 'ମଥୁରା ମଙ୍ଗଳ'ର, ଗୋପିକା ବଚନ ଶୁଣି
ଉଦ୍ଧବ କହନ୍ତି ବାଣୀ—ବୃତ୍ତରେ )

ଶରଦ-ଗଙ୍ଗଶିଉଳୀ— ସୁକୁମାରୀ ମୁହିଁ ବୋଲି
କହୁଅଛ କହୁବାର ସଖୀ !
ବିଚ୍ଛେଦ-ତପନ-କର ହୋଇଲା ଅତି ପ୍ରଖର
ସପନେ ନ ଦିଅ ଏବେ ଦେଖା ହେ
ପ୍ରିୟତମ !
ଦିନ ରାତି ହେଉଛି ଅସର
ଖାଏ ଜଳ ଅନ୍ତର ଟି ମୋର ହେ । ୧ ।

ଘଟିଥିଲା ଦୁର୍ଘଟଣ, ବଞ୍ଚାଇଥିଲ ଜୀବନ
ସରସୀର ବାହରୁ ଉଧରି
ଶୁଣିଥିଲେ ବାପା ବୋଉ ମିଳି ଏ ଗୋପର ହେଉ
ଗୋପ ଜନ୍ମୁଁ ଯାଇଥାନ୍ତା ସବୁ ହେ
ପ୍ରିୟତମ !
ସେହୁ ଦିନୁଁ ହେଲ ଗଳାହାର
ଷୋଳଅଣା ହେଲ ମୁଁ ତୁମ୍ଭର ହେ । ୨ ।

---

୧ । ତପନକର—ସୂର୍ଯ୍ୟ କିରଣ; ପ୍ରଖର—ତୀକ୍ଷ୍ଣ; ଅସର—ଅସରନ୍ତି ।

କରୁଥିଲି ମୁହିଁ ମନା     ବରଜି ମୋତେ ଯାଅ ନା
ଏଠି କଣ ଯାଉ ହେବ ନାହିଁ ?
ଯାଠ ନା ହେବାରୁ ହେଜ     ତୁମ୍ଭ ମୋହ ଯୋଗ ଥାଇ
ତଥା ମୋର ତଳକୁ ପଢ଼ାଇ ହେ
ପ୍ରିୟତମ !
ଦୂରେ ଯାଇଁ ରହିଲ ନାବାସୁ
ମିଳାନ୍ତୁଦେ ଲଗାଇ ହୁତାଶ ହେ ।୩।

ଆହା ମୋ କପାଳ ବାମ     ଶୁଣୁଛୁ ସୁରତେ ନାମ
ଲେଖାଇଛ ଚିବ ଦୂର ଦେଶ,
ପାରେଁ କି ବନ୍ଧୁ ମୁଁ ଜାଣି     ଥାଉଁ ଥାଉଁ ତୁମ୍ଭ ଚିଣା
ଶତେ କିଅଁ ବଜାଲ ନାସ୍ୱଣ ? ହେ
ପ୍ରିୟତମ !
ଚିନ୍ତା-କଥା ଥିଲ ତୁମ୍ଭ ବେଦ
ମେଳରେ କେ ସବଳଙ୍କ ଭେଦ ହେ ।୪।

କଲେ ମୁଁ ବୀଣା ବାଦନ     ହୋଇଣ ତନ୍ମୟ ମନ
ରାଜପିତୁଳାର ସବୁ ରଙ୍କୁ
ଗୀତ ମୋ ଶୁଣିବା ପାଇଁ     ହୁଅ ଯେ ଚେତନ ବନୋଇ
କରୁଣ ଗୀତିଭ ମୋ ତାଳ ଲକ୍ଷ ହେ
ପ୍ରିୟତମ !
ଲହୁଣୀ ତଅଁଳ ସ୍ମୃତି ବନ୍ଧୁ
ନାଶ୍ରି-ଖେଦ ପାରିବ କି ସହ୍ୟ ହେ ? ।୫।

---

୩ । ହୁତାଶ—ନିଆଁ ।
୪ । ବେଦ—ବେଦପର ଅଲଂଘ୍ୟ ।
୫ । ବନୋଇ ହୁଅ—ବନସ୍ତୁ ହୋଇ କହ; ଖେଦ—ଦୁଃଖ ।

ତୋଟକ୍ତ ତମ୍ପା ଲଣ୍ଡା ବାଜିଲେ ତା ରଙ୍ଗ ! ତୁମ୍ଭମାନେ ତୋଡିଲ
ଅନ୍ତରେ କୁମ୍ଭର ଜାଣେ ଗୁନ୍ଥି
ବାଜୁବନ୍ଧା ଭଲୁ ସଖି          ଭରବ ଅବଲା ନାଙ୍କ
କଏ ବୁଝି ଦେଇଛନ୍ତି ବତାଇ ? ହେ
ପ୍ରିୟତମ !
ମିନା-ହ୍ରଦ-କୁମୁଦକୁ ଦଳି
ଦୂର ପଥେ ଯିବ ସତେ ଭଲି ଚେହ୍ନି !! । ୬ ।

ଲଜ୍ଜା ମୁଦ ଭକ୍ତ ଦେଇ          ମୋ ଇନମ ଦାନ ପ ଇଁ
ଅଣିଥିଲୁ ଚିକଟଣ ଉପହାର !!
ଦଣିଅ ପୁଅକୁ କହୁ          ବ୍ରୁଟରେ ଥିଲ ଲେଖାଇ
"ମିନାରାଣୀ ପାଇଁ  ଏ ଅପର ହେ
ପ୍ରିୟତମ !
ପଞ୍ଜାବୀଟିରେ ତା ଦେଲ ଲଗାଇ
ଭାଷି "ତୋର ମିନାରାଣୀ ପାଇଁ" ହେ । ୭ ।

ସେଇ ଦାନ ବାନସ୍ତୁ ଭର          କହିଲ "ମିନା ସୁନ୍ଦର !
ଗଳାସ୍ତ୍ର ହୀରକ ଗୁନ୍ଥି ହାଟର
ଆଣିତ ଲଗ୍ନର ଭର          ନ ଦେଖେ ଦେବକ୍ତ ମୋପର
ଗଳାରେ ଦେନ ତା ଶୁଚିସ୍ମିତେ !" ହେ
ପ୍ରିୟତମ !
ଏକାନ୍ତେ ପିନ୍ଧାଇ ଦେଇଁ ହାର
ଗଟଣ୍ଡ ଗଣ୍ଡ ଛୁଇଁଲ ଓଷ୍ଠ ମୋର । ୮ ।

---

୬ । ମୋ ଉରସେ ବଣ୍ଟା ଭାଜିଲେ—ମୋ ହୃଦୟ ଉପରେ ମାଥା ଆଞ୍ଚ ଲଗିଲେ; ବଜ୍ର ବଣ୍ଟା — ବଜ୍ରର ପଡ଼ିହୁବା ।

୮ । ଶୁଚିସ୍ମିତା—ମୃଦୁ ହାସିନୀ ।

ହେଲ୍ଲି ଚାଇଫଣ୍ଡ କର          ହୋଇ ତୁମ୍ଭେ ହତାଶର
ସେଥିଲ ଚୋଡ଼ିଏ ଘିତ ମୋତେ
ହାତ୍ଁ ଲା-କୁମୁଦ ସବ          ଟ ଲକ୍ଷ୍ମ କୋଟିଳ ତୁମ୍ଭର
ସ୍ମ୍ଭାଳନ୍ତ ଆହ୍ୱା କ୍ଷ ଅାଦରେ ହେ
ପ୍ରିୟତମ
ଶେଠ ପାଶେ କ୍ଷଏ ଘିତ ଜାରି
କପଟେ ତୁଅନ୍ତା ମୋର ଭାଗୀ ହେ ? । ୯ ।

ହେ ଧନ ହଁଡ଼ ତୋପାନ          ବାଟେ ଭକ୍ତଗଣ ଯାନ
ସଙ୍କଟେ ପଡ଼ିଲ ଭୀତ ଭକ୍ତ
ଦେବତା ଅଶିମ ସବ          କାହୁଁ ଫହୁଁ ଅସି ଜବ
ସକଳ ଆଶଙ୍କା ଦେଲ ଭାଞ୍ଜି ହେ
ପ୍ରିୟତମ !
ହୋଇ ମିନା-ଅଭୟ-କବଚ
ମିନା ମନେ ଭୀତ କମ୍ପା ଉଚ ହେ ? । ୧୦ ।

ମୋ ମୁକୁଳା ବେଣୀ ଦେଖି          ମନେ ସଖା ! ହୁଅ ସୁଖୀ
କହ "ବାଦଲରେ ଶୁଦ୍ଧ ସବ
ଢାଙ୍କି ଦେ ତୁ ମୁଖ ତୋର          ଅଟରେ ଏଥି ମିନା ମୋର !
ଶୋଭା ଜଳେ ବୁଡ଼ୁ ମୋର ଆଖି" ହେ
ପ୍ରିୟତମ !
ମୁକୁଳାଇ ବେଣୀ କାହା ପାଇଁ
ଯିବ ବାତାୟନ ପାଶେ ଧାଇଁ ହେ ? । ୧୧ ।

---

୧୦ । ଅଭୟ କବଚ—ଅଭୟ ଦେବା ଗାଇଁ ସାଞ୍ଜୁ, ଭୀତ ଭଚ—ଭୟ ଜାତ କର ।
୧୧ । ବାତାୟନ—ଝରକା ।

ଯାଦବରେ ନାହିଁ ଅନ୍ଧତା    ଜହ୍ନ କେତେ ସୁନ୍ଦର ତା !!
ଲଭେ ତହୁଁ ନା ଲଗାଏ ମୁହଁ
ପ୍ରତିଂସ ଅଞ୍ଜନ-ଗାର    ଲକ୍ଷେ ନେବୁଁ ଛଡ଼େ ଦୂର
ଭାପ ପୁଣ ଭୂଷଣ ନ ନାଇ ରେ
ପ୍ରିୟତମା !
ସବୁଠୁ ମନୋଜ୍ଞ ଦିଶୁ ତୋରେ ।[୫]
ଲାଜ-ସରତେ ମୁଁ ହାସି ମରେଁ ହେ । ୧୨ ।

ସାଜିବାକୁ ଫୁଲରାଣୀ    କେତେ ହେ ବନଯୁବାଣୀ
ପଦତଳେ ଦିଅ ତୋମାରୁ ଡାଳ
କହ ହେ କେତେ ବିନୋଦ    ଆଗେ ଠିଆ ହେବା ପାଇଁ
କହ ବନ୍ଧୁ ! କେତେ ଏହା ଭଲ ହେ
ପ୍ରିୟତମ !
କେବଳ ଉତ୍ସବ ନେବେ ମୋର ?
ଗ୍ଲାନି କେତେ କରିବ ପଥର ହେ । ୧୩ ।

ପାରଇ ମୁଁ ନାହିଁ କଲ    ତେଜସନେ ଅଛ ସମ୍ଭାଳି
ତୁମ୍ଭର ଉଜ୍ଜ୍ୱଳା ସ୍ନୀତସିନ୍ଧୁ
ଅବା ଭ୍ରାନ୍ତ ସମାସ୍ତର    ବାଜୁଛି କାନେ ମୋହୁର
ସତ କି ତା କହ ପ୍ରାଣବନ୍ଧୁ ! ହେ
ପ୍ରିୟତମ !
ମିଶାଇ ଭୁଲିଲେ ଫିଙ୍ଗି ଦେଇ
ଦୂର ପଡ଼ିଅ ଯିବ ସତେ ବାନ୍ଧୁ ହେ । ୧୪ ।

---

୫ । ମନୋଜ୍ଞ—ସୁନ୍ଦର ।

ଉପନାପଡ଼ ହେବ ଯହିଁ — ସଜନିକା ସାକ୍ଷୀ ତହିଁ
ମିନୀ କି ପାଇବ ନାହିଁ ରକ୍ଷା ?
ଲୀ ଲଳ ଓଠ କାଟେରେଖି — ହେବ ସବୁମନ୍ତ୍ରେ ସୂଖୀ
ବାହୁକୁ ଦେବ ସେ ବଳ ତହିଁ ହେ
ପ୍ରିୟତମ !
ନାଗ୍ରୀ ନୂହେ ବିଳାସ ସମ୍ଭାର
ସ୍ମିତ ତାର କନ୍ଦର ଶାରର । ୧୫ ।

ସାହସ ମୋର ଦେଖିଛ — ମୋରେ କ୍ଷିପାଁ ମୂର୍ଚ୍ଛୁଛ
ଏକା କିପାଁ ଯିବ ହେ ବାହାର ?
ଘନେ ଯଥା ସୌଦାମିନୀ — "ଗୋପେ" ତଥା ହେବ "ମିନୀ"
ଅନୁଭବ ଶକତ ତାହାର ହେ
ପ୍ରିୟତମ !
ଅର୍ଜୁନ ଭଦ୍ରା ସବ ବେଣ
ଅଟେ ଲଜ୍ଜାବା କଳିଙ୍ଗ ଅବନୀ । ୧୬ ।

ଗଭୀରୁ ଦେଲୁ ସୁମନ — ତୁମ୍ଭଙ୍କୁ ମୋହର ସ୍ୱଣ
ଅସିବ ବାହାର ଲଠି ପାଇ
ଅଲଂଘ୍ୟ ମିନୀର ସ୍ୱଣ — ଏ ଭରସା ରଖି ମନ
ଲେଖିଲି ପତର ତୁମ୍ଭ ଠାଇଁ ହେ
ପ୍ରିୟତମ !
ନ ପାରଇ ବିଚ୍ଛେଦ ମୁଁ ସହି
ଶଙ୍କା ଶୀତେ ଅନ୍ତର ମଣ୍ଡାଇ । ୧୭ ।

---

୧୫ । ବିଳାସ ସମ୍ଭାର—ସୌଖିନ ମଜଲିସର ସାମଗ୍ରୀ; ସ୍ମିତ—ମୃଦୁହାସ ।
୧୬ । ଭଦ୍ରା—ସୁଭଦ୍ରା ।

କହୁଥିଲ ଯେବେ ମୋତେ "ବରଜିବ ନାହିଁ ତୋତେ"
କି ଦୋଷେ ବରଜି ଗଲ ଦୂରେ ?
କି ଦୋଷେ ଯାଅ ସମରେ ନ ପଡ଼େ ମିଶା ମନରେ
ଲୁହ ସବୁତେ ସେ ଡୁବି ମରେ ହେ
ପ୍ରିୟତମ !
ଅଖି ଲୁହେ ଅଖିର କଜଳ
ଗୋଳାଇ ଲେଖୁଛୁ ଲିପିମାଳ । ୧୮ ।

୧୯୪୫

—୪୨—

## ଉତ୍କଳମଣି ଗୋପବନ୍ଧୁ

( ରାଗ—ଶଙ୍କରାଭରଣ )

ଉତ୍କଳର ସୁରପଲ୍ଲୀ ପ୍ଲାବି ଲୋତକରେ
ଦୀନବନ୍ଧୁ ଗୋପବନ୍ଧୁ ! ଅମର ଧାମରେ
ଅହା ରହିଲ କିଷ୍ଟି ତେଜି
ଉତ୍କଳର ଭାଗ୍ୟ ଡୋର ଦେଇ କାହା ହସ୍ତେ ? ।୧।

---

୧୮ । ଲିପିମାଳ—ଅକ୍ଷର ସମୂହ ।

୧ । ସୁରପଲ୍ଲୀ—ସହର ଓ ଗାଁ ଆ ଗଣ୍ଡା; ପ୍ଲାବି—ଭସେଇ ବୁଡ଼େଇ; ଅମର ଧାମରେ—ସ୍ୱର୍ଗରେ ।

ଆସିଲେ ବରଷା କାଳଭୁଜଙ୍ଗୀ ସମାନ
ଫେଣ ଫଣା ଟେକି ଗରଜିବେ ନଦୀମାନ
ବନ୍ୟା-ଗରଳ ଉଦ୍‌ଗାରି,
ଜନନୀର ସୁଖ ଗୃହୁଁ ସ୍ତୁହୁଁ ଦେବେ ସାରି ।୨।

ସର୍ବହରାଗଣ ଯେବେ ଆର୍ତ୍ତି ହାହାକାରେ
ମରଣ କବଳେ ପଡ଼ି ଡାକିବେ କାତରେ
ହଦାହଣ ଅନମ୍ବର
ପାଣି ଫାଟି ହେବ ଲୁହ ଅନ୍ତର କାହାର ? ।୩।

ତୁମ୍ଭେ ତ ଅନ୍ତର ହେଲ ବୁଭୁକ୍ଷୁର ମୁଖ
କାହା ହାତୁଁ ଆଶା ଆଉ କରିବ ଟି ଲୋକ ?
ଢୋକେ ପାଣି କିଏ ଦେଇ
ସର୍ବହରା ଉତ୍କଳୀଙ୍କୁ ରଖିବ ବଞ୍ଚାଇ ? ।୪।

ଉତ୍କଳର ଦୁଃଖ ବ୍ୟାଧି ନାଶକ ଭିଷକ
ଉତ୍କଳେ ସ୍ୱରାଜ-ମନ୍ତ୍ର ଆଦ୍ୟ ଉଚ୍ଚାରକ
ଅହେ ଉତ୍କଳରାକେନ୍ଦୁ !
ପ୍ରୟୋଜନ ଅଛୁ ତୁମ୍ଭ ଆସ ଗୋପବନ୍ଧୁ ! ।୫।

---

୨ । ଭୁଜଙ୍ଗୀ—ସର୍ପିଣୀ ।
୩ । ମରଣ କବଳେ—ମରଣ ମୁହଁରେ; ଅନମ୍ବର—ଆକାଶ ।
୪ । ବୁଭୁକ୍ଷୁ—ଭୋକିଲା ଲୋକ
୫ । ବ୍ୟାଧି—ରୋଗ; ଭିଷକ—ବୈଦ୍ୟ; ରାକେନ୍ଦୁ—(ରାକା+ଇନ୍ଦୁ) ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ର ।

ଭେଦେ ପଡ଼ି ମରୁଅଛୁଁ ଅନ୍ଧ ହୋଇ ସ୍ୱାର୍ଥେ
ଶିଖୁଅଛୁଁ ଅର୍ଥ ପୂଜା ଭୁଲି ପରମାର୍ଥେ
ପଶୁଁ ନୀଚତା ଗହ୍ୱରେ
ସତ ମାର୍ଗ ତେଜି ଭ୍ରମୁଁ ଅସତ ରାହାରେ । ୨ ।

ଜୀବନସ୍ରୋତ ଏ ଦେଶେ ହୋଇଛି ପଂକିଳ
ଦୁର୍ଲ୍ଲଭ ହେଲାଣି ସଚ୍ଛନ୍ଦ ଅନାବିଳ
ନତ ହେଲାଣି ଆଦର୍ଶ
ସମାଜେ ସଂଚରିବାରୁ ଭୌତିକତା ବିଷ । ୩ ।

ଜନମନନାୟକ ହେ ! ଆସ ଅବତରି
ଆଉ ଥରେ ଭର ଉଭ ଏହୁ ବସୁନ୍ଧରୀ
ତୁମ୍ଭ ଆଦର୍ଶର ସ୍ତରେ
ତୁମ୍ଭ ପ୍ରିୟତମ ଦେଶେ ଟେକ ଆଉ ବାରେ । ୪ ।

ପାଞ୍ଚଜନ୍ୟ ଶଙ୍ଖ ସମ ଘୋଷୁ ତୁମ୍ଭ ବାଣୀ
ଉଚ୍ଛଳେ ଜୀବନ-ସ୍ରୋତ ବନ୍ଧୁ ହେ ଉଜାଣି
ତୁମ୍ଭ ହାତଗଢ଼ା ଭୂଇଁ
ଧନ୍ୟ ହେଉ ଆଉ ବାରେ ପଦ ତୁମ୍ଭ ଛୁଇଁ । ୫ ।

୧୯୩୭

---

୨ । ଭେଦ—ଦଳାଦଳି, ରାହା—ବାଟ ।

୩ । ଅନାବିଳ—ନିର୍ମଳ; ଭୌତିକତା—ଜଡ଼ବାଦ ।

—୪୩—

# ପିଲଙ୍କ ଉତ୍କଳମଣି

ତୁମ୍ଭ ପରି ପୁଅ ପାଇ ଏ ଓଡ଼ିଆ ଦେଶ
ଧନ୍ୟ ହେଲା ଭାଇଁ ଅମ୍ଭେ ଗୋପବନ୍ଧୁ ଦାଶ ! ।୧।

ଏ ଦେଶର ଦୁଃଖ ଦେଖି ଢାଳୁଥିଲ ଲୁହ
ଭୋକା ଭୋକେ ହୃଦେ ତୁମ୍ଭ ଉଠୁଥିଲା କୋହ ।୨।

ଦୁର୍ଭିକ୍ଷ ପଡ଼ିଲେ ତୁମ୍ଭେ ମାଆବାପ ସରି
ଅନ୍ନ ବାଣ୍ଟି ଦେଶଯାକ ଆସୁଥିଲ ଘୂରି ।୩।

ବୁଡ଼ା ଖୁଦଲକୁ ଧରି ହେଲେ ଝଡ଼ି ବଢ଼ି
ଖାଲି ଗୋଡ଼େ ଅମଡ଼ା ତ ଯାଉଥିଲ ମାଡ଼ି ।୪।

ଦୁଃଖୀରଙ୍କୀଙ୍କର ଯେଣୁ ଥିଲ ତୁମ୍ଭେ ବଳ
ସ୍ମରନ୍ତି ତୁମ୍ଭଙ୍କୁ ଭରି ଆଖି ଛଳ ଛଳ ।୫।

ଏ ଦେଶ ଲୋକଙ୍କ ମନୁ ଛଡ଼ାଇଲ ଭୟ
କହୁଥିଲ ଧରିଲେ ଦମ୍ଭ ହୁଏ ନିଶ୍ଚେ ଜୟ !।୬।

ଦେଢ଼କୋଟି ଓଡ଼ିଆଙ୍କ ଦୁଃଖର ସଙ୍ଗାଳି !
ଛେଡ଼େ ବେଗେ ଦେହ ଗୁଡ଼ ଗଲ ଆହା ଚାଲି ।୭।

ଧନ୍ୟ ସେ ସୁଆଣ୍ଡୋ ଗାଁ ଯାହା ମାଟି ଧୂଳି
ଖେଳ ଖେଳି ପିଲାଦିନେ ହୋଇଥିଲ ବୋଲି ।୮।

---

୮ । ସୁଆଣ୍ଡୋ—ପୁରୀ ଜିଲ୍ଲାର ସୁଆଣ୍ଡୋ ଶାସନ, ଗୋପବନ୍ଧୁଙ୍କ ଜନ୍ମସ୍ଥାନ ।

ଧନ୍ୟ ସତ୍ୟବାଦୀର ସେ କୁଞ୍ଜଅନା ବନ
ଭକ୍ତି ସ୍ୱର୍ଣ୍ଣ ରତ୍ନ ସ୍ୱର୍ଣ୍ଣ ଯାପିଲ ଜୀବନ । ୯ ।

ଯାହା କଥା ଭାବିଥିଲ ସତତ ଜୀବିକା
ଅମ୍ଭେମାନେ ସେହି ଦେଶ ବାଳକବାଳିକା । ୧୦ ।

ପ୍ରଣତି ଅମ୍ଭର ଯେତେ ନମ୍ରଙ୍କୁ ପଦ୍ମରେ
ସୁକଲ୍ୟାଣ କରୁଥାଅ ଥାଇ ସ୍ୱର୍ଗପୁରେ । ୧୧ ।

୧୬ଶ

## ମୋ ଟେକ ମଉଳି

ରାଗ ଅନନ୍ଦ ଭୈରବୀ—ଏକତାଳି

( ମୋତେ ଲଗାନା ରେ ବ୍ରଜ ଧୂଳି—ବୃନ୍ଦରେ )

ନଇଁ ପଡ଼ନା ରେ ମୋ ଟେକ ମଉଳି !
ପରପନ୍ଥି-ମୁଖୁଁ ଶୁଣି ମା-ନିନ୍ଦା-ଅବଳି । ଘୋଷା ।
କମଳା-ଲୀଳା-ଅଙ୍ଗନ          ଶସ୍ୟ-ଶ୍ୟାମ ଅପଘନ
ଯାହାର ତା ସନ୍ତତି କି ବହି ଭିକ୍ଷା ଥାଳି । ୧ ।

---

୯ । ଯାପିଲ—କାଟିଲ ।
୧୦ । ଜୀବିକା—ଜୀବନର ଉଦ୍ଦେଶ୍ୟ ।
୧୧ । ପ୍ରଣତି—ନମସ୍କାର; ପଦ୍ମରେ—ପାଦତଳେ ।

୦ । ଟେକ—ଉଚ୍ଚ; ମଉଳି—ମଥା, ପରପନ୍ଥୀ—ଶତ୍ରୁ; ଅବଳି—ସମୂହ ।
୧ । କମଳା—ଲକ୍ଷ୍ମୀ; ଲୀଳାଅଙ୍ଗନ—କ୍ରୀଡ଼ା କରିବାର ପ୍ରାଙ୍ଗଣ, ଶସ୍ୟ ଶ୍ୟାମ—କ୍ଷେତରେ ଶାଗୁଆ; ଅପଘନ—ଦେହ ।

ସାଧବେ ଯେଣୁ ବୋଇତ  ଲଙ୍ଘିଣ ସିନ୍ଧୁ ସପତ
 ଚଢ଼ିଲେ ଯାଉ ଅତୀତ ତା ପାଇଁ କି ଭଲ ? । ୨ ।
ଫୁଟେ ଯାହାର ବଜସ୍ତ୍ରୀ  ଫୁଟାଏ ମନ୍ତ୍ରମାମସ୍ତ୍ରୀ
 ସୁନା ରେଣୁ ନୋହୁବ କି ତା ଭୂଇଁର ବାଲି । ୩ ।
ସହୁଛି ତା ଦୁଃଖ ମାଘ  ନାହିଁ ମଜ୍ଜାଗତ ଅଘ
 ବହିବ ସୁଖ-ମାଧବ-ମାସ ଅଗି ଜାଳି । ୪ ।
ପ୍ରାଚୀ-କକୁଭ-ରଞ୍ଜନ  ନବଯୁଗ-ଉଷାରୁଣ
 ଉଦିତ ହବ୍ ପାଟଳ ବଇଭବ ଢାଳି । ୫ ।
ସ୍ୱୀନ ବନ୍ଧନ ଭୂଷିତ  ପାଣି ମୋ କୋରକୀକୃତ
 ବନ୍ଧୁ କର ମାଆ-ପଦ୍ମପାଦେ କୃତାଞ୍ଜଳି । ୬ ।

୧୯୩୪

---

୨ । ବୋଇତ—ଜାହାଜ; ସିନ୍ଧୁ ସପତ—ସାତ ସମୁଦ୍ର ।

୩ । ବଜସ୍ତ୍ରୀ—ଦେଶ ଜଣିଥିବାଲୋକ; ମନ୍ତ୍ରମାମସ୍ତ୍ରୀ—ଶକ୍ତିମତୀ; ସୁନାରେଣୁ—ସୁନା ଗୁଣ୍ଡି ।

୪ । ଦୁଃଖ ମାଘ—ଦୁଃଖରୂପ ମାଘମାସ; ମଜ୍ଜାଗତ—ହାଡ଼ ମାଉଁସରେ ମିଶିଥିବା; ଅଘ—ପାପ [ ଯଥା :—ଆଳସ୍ୟ, ଭେଦଭାବ ଓ ପରଶ୍ରୀକାତରତା ଆଦି ] ସୁଖ-ମାଧବ-ମାସ—ସୁଖ ରୂପ ମାଧବ ଅର୍ଥାତ (ମଧୁ+ଅ )—ବସନ୍ତ କାଳ; ଅଗି ଜାଳି—ମାଘ ପୂର୍ଣ୍ଣିମା-ଦିନ ଅଗି ଜଳା ଯାଏ ଓ ବସନ୍ତର ଆବାହନ କରାଯାଏ ।

୫ । ପ୍ରାଚୀ—ପୂର୍ବ; କକୁଭ—ଦିଗ; ରଞ୍ଜନ—ମଣ୍ଡୁଥିବା; ନବଯୁଗ ଉଷାରୁଣ—ନୂଆ ଯୁଗ ରୂପ ପ୍ରାତଃକାଳର ସୂର୍ଯ୍ୟ; ପାଟଳ ବଇଭବ—ରକ୍ତବର୍ଣ୍ଣ ବା ରକ୍ତିମା ରୂପ ସମ୍ପଦ ।

୬ । ପାଣି—ହାତ, କୋରକୀକୃତ—କୋରକ ଅର୍ଥାତ ଫୁଲ କଢ଼ ପରି କରି ହୋଇଥିବା ଅର୍ଥାତ ପ୍ରଣାମ କରିବା ପାଇଁ ଯୋଡ଼ ହୋଇଥିବା; ବନ୍ଧୁ—(ଛାତିରେ) ଲଗାଇ; କୃତାଞ୍ଜଳି—ବନ୍ଦନା ।

# ଟେଲିତକାଭିଷେକ

( ରାଗ—ଭୈରବୀ )

ଜନମି ମର ସଂସାରେ    ଯୌବନ ରୂପ ସମ୍ଭାରେ
ମଣ୍ଡିନ୍ତ ଏ ସ୍ୱରୁ ଧରା ସେପ୍ରତ ରୂପସୀ
ତା ଜହ୍ନୁଁ ନ ଥିଲା ଜଣା    ତୋମଲାଙ୍ଗୀ ଅଛି ଧନ୍ୟା !
ଦୁର୍ଲ୍ଲଭ ତୋ ଶୋଭା ଗଲା ମାଟିରେ ମିଶି
ଆହା କେତେ ବେଗେ ମୋ ଧନ !
ମୋ ଦେଖନ୍ତେ ଝଡ଼ିଲା ତୋ ଜୀବନ-ସୁମ । ୧ ।
ଭସ୍ମମୟ ଶୋଭା ତୋର    ବନ୍ଧ ବିଜନତା ଘୋର
ଶମଶାନ-ମାଟି ସହ ହଟେ ସଙ୍ଗତ
ଜନତା ଗଲେ ସେ ପଥେ    ପାଦରେ ଅତରକ୍ତିତେ
ଦଳିବ ମୋଦରେ ହସି ସେ ମୋ ସମ୍ପତ୍ତି
ବନ୍ଧୁଅ ରେ ! ଜଣକ ଆଖି,
ଏ ନାରଖାର ଦେବଲ ନ ପାରେ ଦେଖି । ୨ ।

---

ଇଂରାଜ କବି ଲର୍ଡ ବାଇରନଙ୍କ "ଏଲେଜି ଅନ୍ ଥାୟର୍ଜା" **Elegy on thyrza** କବିତାର ଓଡ଼ିଆ ସଂସ୍କରଣ ।

୧ । ସମ୍ଭାର—ସମ୍ପଦ; ସ୍ୱରୁ—ସୁନ୍ଦର; ରୂପସୀ—ସୁନ୍ଦରୀ; ଧନ୍ୟା—ପ୍ରଶଂସନୀୟା; ମୋ ଦେଖନ୍ତେ—ମୁଁ ଦେଖୁଥାଉଁ; ମୋ ଆଗରେ ସୁମ—ଫୁଲ ।

୨ । ଭସ୍ମମୟ—ପାଉଁଶରେ ପରିଣତ ହୋଇ ଯାଇଥିବା; ବିଜନତା—ନିର୍ଜନତା; ଜନତା—ଲୋକେ; ଅତରକ୍ତିତେ—ଅତର୍କିତେ—ଅଜାଣତରେ; ମୋଦରେ—ଆନନ୍ଦରେ; ସେ ମୋ ସମ୍ପତ୍ତି—ତୋ ମର ଦେହର ପାଉଁଶ; ବନ୍ଧୁଅ—ପ୍ରେମିକାର ମଧୁର ସମ୍ବୋଧନ ।

ତୋ ରୂପ-ବଲ୍ଲରୀ ଯହିଁ ବିଜୁଳି ସମ ମିଳାଇ
ଗଲା, ଧନ ! ନ ଚାହିଁବି ସେ ଶମଶାନ
ତହିଁରେ ଫୁଟୁ ଗୋଲାପ ଜୁଟୁ ବା ଘାସ ଅମାପ
ମୋ କାମ୍ୟ ନ ଦେଖିବ ତା ଏ ମୋ ନୟନ
ଜାଣିଲି ମୁଁ ପ୍ରୀତିରେ ଛଳି
ପ୍ରୀତିବନ୍ତୀ-ପରିଣତି ଧରାର ଧୂଳି । ୩ ।

କି ହେବ ସ୍ମୃତି ଫଳକ ଜଣାଇବ ତା ଏତେକ
ଧୂଆଁ ଉଠାଇବା ସମ ପ୍ରୀତି ବେଭାର
ଶେଷ ଯାଏଁ କେଉଁ ଜନ କଲାଇଁ ପ୍ରୀତି ପାଳନ
ମରଣ ଦାରୁଣ କଲା ଏ ଉପକାର
ପ୍ରୀତିକି ଯା କଲେ ଭଙ୍ଗୁର
ତା ତହୁଁ ରକ୍ଷିଲା ତୋରେ କଷଣ ଦୂର । ୪ ।

---

୩ । ବଲ୍ଲରୀ—ଲତା; ଅମାପ—ଅପରିମିତ; କାମ୍ୟ—ଇଚ୍ଛା, କାମନା; ଛଳି—ଠକି ହୋଇ; ପ୍ରୀତି…ଧୂଳି—ପ୍ରେମିକାର ଶରୀର ମାଟିର ଧୂଳି ହୁଏ ।

୪ । ସ୍ମୃତିଫଳକ—ସ୍ମରଣର ଚିହ୍ନ; ଭଙ୍ଗୁର—ଭାଙ୍ଗିଯିବାର; ତା ତହୁଁ—ତା'ଠାରୁ ।

ନାହିଁ ଭୟଶଙ୍କା ଆଉ ନାହିଁ ପ୍ରତିଦ୍ୱନ୍ଦ୍ୱ-ଦାଉ
ନାହିଁ ଦୋଷ ଦେଖି ପର କହିବା ଡର,
ଶଙ୍କାରୁ ଦେଇ ମୁକତି ଚାଲିଲୁ ଶମନ କତି
ଥାଉଁ ଥାଉଁ ଷୋଳଅଣା ହୋଇ ମୋହର
"ତୁ ମୋହର ମୁହିଁ ତୋହର"
ଅନ୍ତକ ଅଙ୍କିଲା ଏ ଚୂଡ଼ାନ୍ତ 'ମୋହର' ! ୫ ।

ଜୀବନର ମଞ୍ଚଛବ କଲିଁ ଏକଇ ଭୋଗ
ରିକ୍ତ ପାଦ ଏକା ଏବେ ବସିଲି ଘେନି
ସୁଖ-ସୁଧାକର-କର ଦୁଃଖ-ଅମାବାସ୍ୟା-ଅନ୍ଧାର
ପରଶିବେ ନାହିଁ ତୋତରେ ଆଉ ଏ ବେଳି
ସ୍ୱପ୍ନହୀନ ସେ ତୋ ଶୟନେ
ଝଲନ୍ତି ନ ଆସେ ଲୁହ ପଶି ନୟନେ ! । ୬ ।

---

୫ । ପ୍ରେମିକାର ଭୟ, ପ୍ରତିଦ୍ୱନ୍ଦ୍ୱୀଙ୍କ ଚକ୍ରାନ୍ତ ଓ ପ୍ରେମିକା ନିକଟରେ ଦୋଷୀ ହେବା, ଏ ସବୁ ପ୍ରୀତିକୁ ଭଙ୍ଗୁର କରେ ବା ହାନି ଦିଏ । କିନ୍ତୁ ଏ ସବୁରୁ କୌଣସିଟି ଘଟିବା ଆଗରୁ ପ୍ରେମିକାର ମୃତ୍ୟୁ ହୋଇଛି—ସେଥିରୁ କବିଙ୍କ ସନ୍ତୋଷ । ଶମନ—ଯମ; ଅନ୍ତକ—ଯମ; ଅଙ୍କିଲା ଏ ଚୂଡ଼ାନ୍ତ ମୋହର—ଏହା ମୋହରରେ ଲେଖି ଛାପ ମାରିଦେଲା ଏବଂ ଏ ଛାପ ବଦଳି ପାରିବ ନାହିଁ ।

୬ । ରିକ୍ତ—ଖାଲି; ସୁଧାକର—ଚନ୍ଦ୍ର; କର—କିରଣ; ସ୍ୱପ୍ନହୀନ ସେ ତୋ ଶୟନେ—ତୋର ମୃତ୍ୟୁରେ; ମୃତ୍ୟୁ ମହାନିଦ୍ରା ଯହିଁରେ ସ୍ୱପ୍ନ ନାହିଁ ବୋଲି ପାଶ୍ଚାତ୍ୟ କବିଙ୍କ ବିଶ୍ୱାସ ।

ଢାଳନ୍ତି ଲୁହ କପାଁଇ ? ପାରୁ ତ ନ ଥାନ୍ତି ସହି
ଦିନୁଁ ଦିନ ଢଳ ଢଳ୍ ତୋ କାନ୍ତିଚୟ
ଯିବାର ମୁକର ଯଦି ଯିବାଟ ଭଲ ସପଦି
ରେ ଅକ୍ଷତକାନ୍ତିମତି ! ତୋହ ପରାଏ;
ସୁଷମାରେ ଯେହୁ ଅତୁଳ
ଅଗ ସିନା ଥିଲ ଶେଷ ବଟେ ସେ ଫୁଲ୍ ।୭।

ପରୁଷ କର କାହାର ନ ଲାଗୁଁ ଅଙ୍ଗେ ତାହାର
ଖସେ ବୃନ୍ତୁଁ, କାନ୍ଦଇ ତା ପାଇଁ ଦରଦୀ;
ଅସମ୍ଭାଳ ହୁନ୍ତା ଶୋକ ବୃନ୍ତେ କାଟୁଁ କାଟୁଁ ପୋକ
ଦଳ ପଟେ ଦଳ ହାରି ଝଡ଼ନ୍ତା ଯଦି !!
ସୁଷମାର କେଉଁ ସେନେହୀ
ପଳ ପଳ କ୍ଷୟ ତାର ପାରଇ ସହି ? ।୮।

---

୭। ଢଳଢଳ........ଚୟ—ଟିକିଏ ଟିକିଏ ହୋଇ ତୋର ରୂପ କ୍ଷୟ ହୋଇଥିଲେ ତା ମୋର ସୁହା ଯାଇ ନ ଥାନ୍ତା; ମୁକର—ନିଶ୍ଚିତ, ସ୍ଥିର; ସପଦି—ଶୀଘ୍ର; ତାର ବଦାନ୍ୟ ନେବା ଯଦି ସ୍ଥିର ତାହାହେଲେ ହଠାତ୍ ଚାଲିଯିବା ଭଲ । ଅକ୍ଷତକାନ୍ତିମତୀ—ଯାହାର ରୂପ କାନ୍ତି ଆଦୌ ହ୍ରାସ ହୋଇନାହିଁ; ସୁଷମା—ସୌନ୍ଦର୍ଯ୍ୟ ।

୮। ପରୁଷ—ନିର୍ଦ୍ଦୟ; ବୃନ୍ତ—ଡେମ୍ଫ; ଦରଦୀ—ସ୍ନେହୀ, ପ୍ରେମିକ; ଦଳ—ପାଖୁଡ଼ା; ପଳପଳ କ୍ଷୟ—କ୍ରମିକ ବିନାଶ ।

ତୋ ରୂପ ଶଶୀ ପାଣ୍ଡୁର        ହେବା ଏ ନୟନ ମୋର
ପାଉଥାନ୍ତା ଦେଖି କି ରେ ପ୍ରାଣଦୋସର ?
ଅନ୍ତିମ ଦିନର ଜାଣି        ଗାଢ଼ତର ଅଙ୍ଗମସୀ
କରି ବରଷିଲୁ ପରା ନେତ୍ରୁଁ ଆସାର,
ତୋ ଜୀବନ-ବିହାୟସରେ
କଳା ବଉଦ ତ ଥିଲା ନାହିଁ ଲେଶରେ । ୯ ।

ରୂପର ମଶାଲ ଧରି        ମରଣ ସାଏଁ ରେ ଗୋରି !
ଜଳିଥିଲୁ ନୋହୁ କ୍ଷୀଣ ତିଳ ମାତ୍ରାରେ,
କାଳ ହୋଇ ପ୍ରଭଞ୍ଜନ        ନିର୍ବାପ କଲା ବହନ
ଟିଂଠିଲୁ ଦୂର ଘୁଣ ଶେଷ ଯାତ୍ରାରେ,
ନଭୁଁ ଖସି ତାରା-ସୁନ୍ଦରୀ
ଚରମ ଅଭ୍ରରେ ତମେ ହଁାସିଲୁ ସରି । ୧୦ ।

ନୟନୁଁ ଲୋତକ ଢାଳି        ଅତୀତେ କାନ୍ଦିଲି ଭଲ
ଧନ ରେ ! ଶକତ ଯଦି ଥାନ୍ତା ମୋହର
ତୋ ଅନ୍ତିମ ଶେଯ ପାଇଁ        ଉଜାଗରେ ବସି ନାହିଁ
ଢାଳିଲେ ଆସନ୍ତା ଏଁର ଅଶ୍ରୁ-ଆସାର;
ନ ଦେଖିଲି ନୟନ ଭରି
ତୋ ଲପନ-ଗୋଲାପର ଶେଷ-ମାଧୁରୀ । ୧୧ ।

---

୯ । ଶଶୀ—ଚନ୍ଦ୍ର; ପାଣ୍ଡୁର—ଶାଉଁଳିଆ; ପ୍ରାଣଦୋସର—ଜୀବନବନ୍ଧୁ; ମସୀ—କଳାବର୍ଣ୍ଣ; ଆସାର-ବରଷାର ଅସରା; ବିହାୟସ—ଆକାଶ ।

୧୦ । ତିଳମାତ୍ରାରେ—ଟିକିଏ ହେଲେ; ପ୍ରଭଞ୍ଜନ—ପବନ; ନିର୍ବାପ କଲା—ନିଭେଇ ଦେଲା; ଶେଷଯାତ୍ରା—ସଂସାରରୁ ଶେଷ ବିଦାୟ ନେବାବେଳେ; ଅଭ୍ର—ସାସ୍ତି; ତମ—ଅନ୍ଧାର ।

୧୧ । ଉଜାଗରେ—ଚଅଁ ଉଜାଗର; ଅଶ୍ରୁ-ଆସାର—ଲୁହର ଅସରା; ନୟନ-ଭରି—ଆଖି ପୂରାଇ ।

କୋମଳ ଆଶ୍ଳେଷେ ପୁଣି ହା ହା ରେ ମୋ ହୃଦମଣି !
କୁସୁମିତ ଅଙ୍ଗଲତା ଭରେ ଜଡ଼ାଇ
ଭାଙ୍ଗି ପଡ଼ିବାର ବେଳ ନ ଅଛିଲ୍ ଦେଇ ଠେଳ
ହେଉ ଥିଲ ଥିଲ ମୋର ପ୍ରୀତିବଢ଼ାଇ ।
ବ୍ୟର୍ଥ କରୁ କରୁ ଅନ୍ତକ
ସାର୍ଥ କରିଥାନ୍ତେ ପ୍ରୀତିଷଣ ଅନେକ । ୧୨ ।
ଏ ବିଶ୍ୱ-ଶୋଭା-ଭଣ୍ଡାର ବହଇ ସୁଷମା ସାର
ଭୋଗ ମୋତେ କରି ଯାଇ ନାହିଁ ବାରଣ
ତୋ ରୂପକୁ ଜପାମାଳି ଗୁଣକୁ ତୋର ସଙ୍ଖାଳି
କଲ୍ପ ସରି କାମ୍ୟ କଣ୍ଠ କ ଦେଖେଁ ଧନ !
ଶମଶାନ-କବଳ ପାଇଁ
ଭକ୍ଷ୍ୟ ନୋହେ ଯାହା ତୋର, ଧନ୍ୟ ମୁଁ ତହିଁ । ୧୩ ।
କ୍ଷୟଙ୍କର କାଳ-କର ଅକ୍ଷମ ପରଶେ ତାର
ତୋ ରୂପଶ୍ରୀ ଗତ, ଅଲମ୍ବନ ତା ହତ,
ହୋଇ ଏବେ ଶନ୍ତ୍ରାଗତ ଅଣିବ ତେଣୁ ଜାଗୃତ
ସ୍ମୃତି-ସୁରଭିତ ମୋର ଚିତ୍ତ ନିଭୃତ;
ତୋ ଶ୍ରୀଅଙ୍ଗ-ଚଷକେ ପିନା
ଜୀବନ୍ତ ଅମିୟ ତା ଥିଲା ରେ ନବୀନା ! । ୧୪ ।

୧୯୪୪

---

୧୨ । ଅଶ୍ଳେଷ—ଆଲିଙ୍ଗନ; ଜଡ଼ାଇ—ଗବ ।
୧୩ । ସାର—ଶ୍ରେଷ୍ଠ; ବାରଣ—ମନା; କାମ୍ୟ—ସ୍ପୃହଣୀୟ; ଭକ୍ଷ୍ୟ ନୁହେଁ ଯାହା ଅର୍ଥାତ ତୋ ଗୁଣ ।
୧୪ । କ୍ଷୟଙ୍କର—ନାଶକାରୀ; କର—ହାତ; ଅଲମ୍ବନ—ଆଶ୍ରୟ; ହୋଇ ଏବେ......ନିଭୃତ—ତୋ ଗୁଣସବୁ ମୋ ହୃଦୟରେ ସ୍ମୃତି ହୋଇ ରହିବେ; ଚଷକ—ପାନପାତ୍ର, ଅମିୟ—ଅମୃତ—ତୋ ଗୁଣ ।

—୬୨—

## ଜହ୍ନ

ଏ ଗୋଟା କଅଁଳା ପୁଅଟି ବୋଉ !
ଏକା ଆକାଶେ
ବସିଛି କାହିଁକି ? ତା ବୋଉ କଣ
ନାହିଁ ତା ପାଶେ !

ବଉଦ ସଦା ତା ବୋଉ ସଙ୍ଗେ ତାକୁ
କହ ତୁ ଡାକି
କଅଁଳା ପୁଅକୁ ଛାଡ଼ି ସେ କଡ଼ି
ବୁଲେ କାହିଁକି ?

ଡାକି ଆଣ ତାକୁ ମୋ ପାଖେ ହେବ
ସାଥୀ ସେ ମୋର
ଏତେ ଉଚେ ଏକା ବସିଣ
ତାକୁ ମାଡ଼ୁଛି ଡର ।

ଆମ ଘରେ ସେହୁ ରହିବ
ଏକା ଥାଳିରେ ଖାଇ
ଏକା ବିଛଣାରେ ତୋ କୋଡ଼େ
ଦୁହେଁ ଯିବୁଁ ଶୋଇ ।

୧୯୩୯

—୪୭—

# ଅଇଠ ନିଦାଇ

ଝପ ଝପ ଝପ ଝପ ବରଷୁଛି ପାଣି
ସୁଉ ସୁଉ ବହୁଛି ପବନ
ପୁଷି, ଟିପୁ, ବେଙ୍କ ବାନ୍ଧି ପଡ଼ିଲେଣି ଶୋଇ
ତୁନି ହୁଅ, ଶୁଅ ବାପଧନ !!

ଚନ୍ଦ୍ରା ଛୁଆଟି ଖାଲି ବୁଲି ଏଣେ ତେଣେ
ଚଇଁ ଟିଇଁ ଦେଉଛି ବୋବାଇ
ଯେ ଯୁଅଡ଼ି ଶୋଇଲେଣି ଅଖିଙ୍କ ତୋ କାହିଁ
ନ ଆସଇ ନିଦ ରେ ନାତାଇ ?!

ଶୋଇପଡ଼ ବାପ ତୋର ଆସି ସପନରେ
ଖେଳ କରି ଚୁମା ଦେବେ ମୁହେଁ ।
ସକାଳେ ସ୍ୱବଲେ କାଉ, କୋଇଲି, କୁକୁଡ଼ା
ଶେଯ ଛାଡ଼ି ଉଠିବା ରେ ଦୁହେଁ ।।

୧୯୩୯

—୪—

# ମିଳନ ପାଶକୁ ଗୋପ

ରାଗିଣୀ—ବସନ୍ତସିଂହା ଚଉତଶା ବାଣୀ

(ମଥୁରା ମଙ୍ଗଳର "ଗୋପିକାବଚନ ଶୁଣି ଉଦ୍ଧବ କହନ୍ତି ବାଣୀ"-ବୃତ୍ତରେ)

ମିତା ରେ ! ପଚର ତୋର                    ଦ୍ରୁଅଇ ମଣ୍ଡି ଅନ୍ତର
ହୋଇଗଲୁ କିରେ ବାଇଆଣୀ ?
ଗୋପ ଯିବ ଦୂର ଦେଶ                    ମିତା ନ ଛାଡିବ ଲେଶ
ତୁ ଆହା ଭାଳିଲୁ ଏହା ଶୁଣି ରେ
ପ୍ରାଣମଣି !
ପରବାସ ପୀରତି-ଅନ୍ତର
ପୀରତି-ଭାନୁକୁ ନଶା ସବୁ । ୧ ।
ତୋରେ ଧ୍ରୁବ ତାରା କରି                    ବାନ୍ଧେ ମୁଁ ଜୀବନ ତରୀ
ଦୂରେ ଥିବା ମୁହିଁ ନ ଗଣଇଁ,
ଏ ବ୍ରହ୍ମାଣ୍ଡ ସମ୍ପ୍ରଦାୟ                    ଗୋପକୁ "ମିଳନ" ମୟ
ମିଳନ ଧାମ ଏହା ନ ବୁଝଇ ରେ
ପ୍ରାଣମଣି !
ସଂଶୟରେ ହୁଅଇ ଅତୁର
ଯୋଗେ ତାର ମଣଇ ଇତର* । ୨ ।
ଯିବା ପାଇଁ କି ସମୟରେ                    ଥିଲି ମୁଁ ଭୁଲି ମନରେ
ନାମ ଲେଖାଇ ମୁଁ ନାହିଁ ତହିଁ
ସପନ ଦେଖିଲ ସବୁ                    ପରତେ ତାର ସୁନ୍ଦର !
କଳ୍ପନା ଝାଣି ନେଉ କାହିଁରେ
ପ୍ରିୟତମା !
ଟାଣ ଯେତେ ପୀରତି ତାହାର
ତା ଆଶଙ୍କା ତେତେ ବଳଆର । ୩ ।

---

* । ଇତର—ପର ।

କାଣିଁ ଅଟେ ଶୋଭାବତୀ ! ତୋ ଅନ୍ତରର ଶବତ,
ରଣ୍ଡୀ ସାଙ୍କ ପାଳୁ ତୁହୁ ଓହ୍ଲେ;
ତେଜି ସ୍ମୃତି ଜରାରୂପ ମୋତେ କଣ୍ଠପାଳୁ ଭୂପ
ଶରଣ ଅରପି ପଦତଳେ ହେ
ପ୍ରିୟତମା !
ଯାହା ଯାହା ଲେଖିଛୁ ବସ୍ତ୍ରରେ
ଯାଉଛୁ କି ସବୁ ତହିଁ ସର ? । ୪ ।

ତୋର ମୋର ସେତେ ଭାବ ଲେଖିଲେ କି ତା ସରବ ?
ମନେ ଥିବ ତୋର ଜୀବଧନ !
ଯେବେ ମୁଁ ଚାଲି ଭଟାଳ ଅଳକାରେ ମୁଣ୍ଡବାଳ
ମଣ୍ଡି ଦୁଅ ନୟନ ନନ୍ଦନ ରେ
ଜୀବଧନ !
କହିଲୁ ତୁ "ଭୂଷଣର ଭୂଷା,
ଦିଅ ମୋତେ, ଏତେ କାହିଁ ଆଶା ?" । ୫ ।

[୫]ଅଳକା ଅମୂଲ୍ୟ ଭୂଷା ମଥାରେ ତୋ କଢ଼ ଯୋଷା[୬]
ଭାଷିଲି ମୁଁ ଦିଶିବ ସୁନ୍ଦର,
ତୋରାରେ ମଣ୍ଡିବାର ପାଇଁ ଶକତ ତାହାର କାହିଁ ?
ମଞ୍ଜୁଷାରେ ଥୁଏ ନାରଖାର ରେ
ପ୍ରିୟତମା !
କପାଳରୁ ଅଭ୍ର ତୋର ଧାର
ମନୋଜ୍ଞ ତା ଦିଶିବ ସୁନ୍ଦର ! । ୬ ।

---

୫ । ଅଳକା—ସୀମନ୍ତର ଅଳଙ୍କାର, ଭୂଷଣର ଭୂଷା—ଅଳଙ୍କାରର ଅଳଙ୍କାର ।

୬ । ମଞ୍ଜୁଷା—ପେଡ଼ି; ଧାର—ଧାର କରାଇ ।

ନିସର୍ଗ ଲାବଣ୍ୟମୟି !          ଦିନେ ଦିନେ ଦୟା ବହି
ଦକ୍ଷିଣୀ ବେଶରେ ହୋଇ ସଜ,
କଳା-କେଶେ ଖୋସା ପାରି          କଟୀରେ ମେଖଳା ଭବ
ଗଳ୍ପରେ ଥାଉ ତୁ ମଣ୍ଡି ସ୍ରକ ରେ
ନିତମ୍ବିନି !
ଧରାପଡ଼ି ଲାଜେ ସଢ଼ି ଯାଇ
ମୋ ପୁରରୁ ଯାଉ ରେ ପଳାଇ । ୭ ।

ଅନ୍ତରେ ହୋଇ ଅଥୟ          ବାନ୍ଧି ଦୃଷ୍ଟି-କୁବଳୟ
ବାତାୟନେ ଥାଉ ପଥ ଚାହିଁ
ଆଶାୟୀ ଚାତକ ସମ          ମଣି ମୋରେ ଘନ ଜାବ
ଯେଉଁ ଦିନ ନ ପାରଇ ଯାଇ ରେ
ପ୍ରାଣବନ୍ଧୁ !
ମୋ ଦଶାକୁ ଦଶା ତୋର ବଳେ
ଭାସେଁ ତୁହେଁ ଲୋତକ ସଲିଳେ ରେ । ୮ ।

ହେଲେ ପରେ ଦରଶନ          ମାନେ ତୁ ବଳାଉ ମନ
ନାସିକା ଫୁଲାଇ କଥା କହୁ;
କଇତବ ଅନାଦରେ          କଣି ତୁ ନେଉ ମନରେ
ମାନିନୀ ରୂପରେ ମୋରେ ମୋହୁ ରେ
ପ୍ରାଣମଣି !
କାୟା ତୁହି ଛାୟା ମୁଁ ମାତର
କଉମୁଦୀ ମୁଁ, ତୁ ନିଶାକର ରେ । ୯ ।

---

୭ । ନିସର୍ଗ-ଲାବଣ୍ୟମୟୀ—ସ୍ୱାଭାବିକ ସୌନ୍ଦର୍ଯ୍ୟମୟୀ; ସ୍ରକ—ମାଳ ।
୮ । କୁବଳୟ—ପଦ୍ମ ।
୯ । କଇତବ—ମିଛିମିଛିକା ।

କରି ବାସ୍ଥ ଶୂନ୍ୟମୟ ଗଲୁ ତୁ ମାତୁଳାଳୟ,
କଷ୍ଟରେ ମୁଁ ରହିଲି ଏକାକୀ,
ସେ ବେଳର ଚିଠି ମୋର ପଢ଼ିଛୁ; ଥିଲା ଅବର
ବୁଝିବାକୁ କେଉଁ କଥା ବାକୀ ? ରେ
ପ୍ରିୟତମା !
ଲେଖିଲି ମୁଁ ତୋତେ ଫିଙ୍ଗି ଦେଇ
ଯିବ ପୁଣି ଦୂର ପଥେ ବାହୁ !! ।୧୦।

ମୋ ସେବା କଥା କହିଁାଇ ଲେଖିଛୁ ରେ ଶୋଭାମୟି !
ଖେଳରେ ଯାଆନ୍ତେ ଫାଟି ଶିର
ବାପା ତୁମ୍ଭ ନେଇ ମୋରେ ରଖାଇ ଥିଲେ ଟି ଘରେ
କଏ ଧାଈ ହେଲା ଟି ମୋହର ? ରେ
ପ୍ରିୟତମା !
କାହା ଆଖି ହେଲା ନାହିଁ କଷା
କଏ ଶୋକେ ହୋଇଲା ବିବଶା ? ୧୧ ।

କେ କାହାଙ୍କ ଦେହ ଚିରି ରକତ ନେଇ ମୋହର
ଦେହରେ ତାଙ୍କର ଦେବେ ଭର;
କେ ଭଷିଲା ଦାସୀ ଅଗେ ତେତା ସେ ନୋହିଲେ ବେଗେ
ନାଯୃତ ମୁଁ ଭକ୍ଷିବ କାହାର ରେ
ପ୍ରିୟତମା !
ଶୋଭାରେ ଏକା ମୁଁ ନୁହେ ବଶ
ଗୁଣେ କିଣି କଲାଇଛୁ ଦାସ ରେ । ୧୨ ।

ଫୁଟିଲ ଅଛୁ ବୋଲି ମୁହିଁ      ମନ ମୋର ଦେଲୁ ନାହିଁ
ପୀରତିରେ କାହିଁ ଦୂରଦୂର
ହୃଦମ୍ବର ମେଳ ଯହୁଁ      ଗହଣ ଶରୀର ତହୁଁ
ମୁହିଁ କେକୀ ତୁହି ଜଳଧରରେ
ପ୍ରାଣମଣି !
ନିଦାନ ତୁ ଉଲ୍ଲାସର ମୋର
କୁସୁମ ମୁଁ ତୁ ତ ଶଶଧର । ୧୩ ।

ଏତକ ତୋଠାରେ ମାଗଇଁ      ଥାଉଁ ମୁଁ ଜୀବନେ ରହି
ଚିନ୍ତା-ପୋକ ନ କାଟୁ ତୋ ଉର
କୁଶପାଣି-ଆଶ୍ରମର      ତୁହୁ ହେ ସୁମନା ବର
ଅଛୁ ସାର ସୁଷମାର ପୁର ରେ
ଶୋଭାରାଣି !
'ଗୋପ'ର ତୁ ଜୀବନ ଦ୍ୱିତୀୟ
ତୋ ଯେନ ତା କଣ୍ଠ ଶୋଭାମୟ । ୧୪ ।

କଳ୍ପନାରେ ଧର ପାଣି      କହୁଛୁ ସୁନ୍ଦରୀରାଣି !
ଏ ବିଚ୍ଛେଦ ନିଶା ଯିବ ପାହି
ନୋହିବ ମୁହିଁ ତୋହର      ଏ ଚିନ୍ତା ପୂରାଇ ଉର
ବାଉଅଣୀ ସବୁ ହେଲୁ ନାହିଁ ରେ
ପ୍ରିୟତମା !
ଗୋପ ତା ପସଣେ ଭରି ଫୁଲ
ପୂଜିବ ତୋ ଚରଣ ଅତୁଳ । ୧୫ ।

---

୧୩ । ଗହଣ—ଅନୁଧ୍ୟାନ; କେକୀ—ମୟୂର; ଜଳଦ—ମେଘ ।
୧୪ । କୁଶପାଣି-ବିଧାତା; ଆଶ୍ରମ-ବଗିଚା; ସୁମନାବର-ଶ୍ରେଷ୍ଠ କୁସୁମ, ଫୁଲ ।

ଅସିଚ୍ଛୁ ଘଞ୍ଚୁ ପଡ଼ର ସେ ଦିନ ନିକଟତର
ଯେବେ 'ଭଦ୍ରା ଅରଜୁନ' ସବୁ
ଦଳି ସକଳ ସଂକଟ ହୋଇବା ଅତି ନିକଟ
ବେଦୀରେ ବେନିଏଁ ବେଣ୍ଟାକରି ରେ
ପ୍ରିୟତମା !
ତେଣିକି ହୋଇଲେ ଅନୁମତ
ଦାସ ସିନା କରବ ରେ ରତ । ୧୬ ।

ଦାମିନୀ ବିନୁଁ ନୀରଦ ଶୋଣ ବିନୁଁ କୋକନଦ
ନ ରଞ୍ଜନ୍ତି ନୟନ ତାହାର
ମିନତ ବିନୁଁ ଗୋପାଳ ଜୀବନ ସିନା ନିଷ୍ଫଳ
ଏକ ଶ୍ୱାସ ନାସାଛି ଅପର ରେ
ପ୍ରିୟତମା !
ଗୋପ ଏବେ ହେବ ମାଳାକର
ଅଗ୍ରମୁଁ କରବ ଫୁଲ ଭୁର ରେ । ୧୭ ।

ଅହା ରେ ବର ସୁମନା ! ବରଜି କରୁଣା ଅନା
ମାଜ ରଖ ମାନସ ମୁକୁର
ସଂଶୟ ଖେଦ ଶୀକର ଭରନ୍ତୁ ତା ଭର ଭର
ନ ବହଇ ବିମ୍ବ ତା ଗୋପର ରେ
ପ୍ରିୟତମା !
ଗୋପ ପ୍ରେମ ହେମ ସିଂହାସନ
ମାଏ କଣେ ଭରଭ ମଣ୍ଡନ ରେ ।୧୮।

---

୧୬ । ଦାମିନୀ—ବିଜୁଳି; ଶୋଣ—ଲାଲବର୍ଣ୍ଣ; କୋକନଦ—ଲାଲକଇଁ;
ମାଳାକର—ମାଳୀ ।

ନୟନ ଭମକୁଁ ମୋର ମାଣଣ ମୋ କର ଦୂର
କଟଭରେ ଭରିବ ନାକଟେ
ଲେଖିଛନ୍ତି ପିତା ମୋର ହେବ ଶୀଘ୍ର ବାହାଘର
ସେ କୋଠାରେ ମହାନଦୀ ତଟେ ରେ
ପ୍ରିୟତମା !
ପ୍ରଭାତବ ବରହର ନଶା
ଉଜ୍ଜ୍ୱଳ ହସିବ ମେଳ-ଉଷା । ୧୯ ।

ସାଜ ବନ୍ଦ୍ରା, ଅରଜୁନ ମିଳବ ମୋର ବନ୍ଧନ,
ଉଲ୍ଲାସେ ହସିବେ ଦାଗବାଳୀ
ଭରିବ ତୋଷ ତପନ ବରଷା ହେବ ସୁମଳ
ଶୁଭିବ ସାନନ୍ଦ ହୁଲହୁଲରେ
ପ୍ରିୟତମା !
ତୁଟିବ ମୋ ଅଶୁଭ-ସପନ
ଆମୋଦବ ଶୁଭ ଶଙ୍ଖସ୍ୱନ । ୨୦ ।

୧୯୪୭



୧୯ । ମେଳ—ମିଳନ ।

—୪୯—

# ଖଣ୍ଡାୟୁଧ

( ରାଗ—ଶଙ୍କରାଭରଣ )

ଆୟ ଆସ ଉତ୍କଳର ଅସିଜୀବୀକୁଳ !
ମାତୃ ପୂଜା ପୀଠେ ଆଜି ହୋଇ ସର୍ବେ ଠୁଳ
       ଭେଦାଭେଦ ଜଳ ଭୂଲ
ପୂଜିବା ଜନନୀ-ରଙ୍ଗ-ରାଜୀବ-ପାଦୁକ । ୧ ।

ବାପରୁ ଶୋଣିତ ଢାଳି ତୋଷି ରଣଚଣ୍ଡୀ
ଜନନୀ-ମଙ୍ଗଳ ଆହା ଥିଲେ ଯେତୁ ମଣ୍ଡି
       ସ୍ୱାଧୀନତା କାଣ୍ଟରେ
ତାଙ୍କର ଦାୟାଦ ତୁମ୍ଭେ ହେଉନାହୁଁ ଅରେ ।୨।

ଶିଖ, ଗୁର୍ଖା, ରାଜପୁତ ମାନଗଲେ ହାର
ସ୍ୱାଧୀନତା-ଦୀପ ନିଭିଗଲା ଭାରତର
       ଜନନୀର ଖଣ୍ଡାୟୁଧ !
ତଥାପି ତ ଶିର କଲ ନାହିଁ ଅବନତ । ୩ ।

ସେ ଓଜ ଆଆତ୍ମା କିଣବେ ହୋଇ କରେ ଭୁଲି
ସ୍ୱଦେଶେ ଯାଆନ୍ତି ଲୁଣ୍ଠି ନାନା ସ୍ଥଳ ବୁଲି ?
       ଦେଖିଣ ବସନ୍ତ ଅଳସେ
ପିତୃ-ପିତାମହ ଗାଥା ଲୁଣ୍ଠି ଜାତହାଦେ ? ।୪।

ଇଂରାଜ ରାଜତ୍ୱେ ଆର ପଡ଼ୋଶୀ ଜାତିଏ
ଶୂଦ୍ରଜାର ପଦବୀକୁ ନ ଦେଉଛି କିଏ ?
       ହୋଇ ତାହାର ସନ୍ତାନ
ଅବନତ-ଶିରା ଜାଇ ଲଲାଟ-ଭୂଷଣ ॥ । ୫ ।

ସେ ଶିକ୍ଷା ପତାକା ପୋତି ଉଚ ଶିରାଗ୍ରତ
ସ୍ୱାତନ୍ତ୍ର୍ୟଲକ୍ଷ୍ମୀ ଜାଣି ସଦା ଜୀବନ ଅଗ୍ରଜ
ଦେଶ ମେରୁଦଣ୍ଡ ହୋଇ
ଗୁଣ ସେବେ ଉଠିବ କି ଏ ଉତ୍କଳ-ମଣ୍ଡି ? ।

୧୯୩୭

—✱○—

# ଆଚାର୍ଯ୍ୟ ହରିହର

ଏ ଉତ୍କଳ ଧାମେ ତୁମ୍ଭ ଚରିତ ପାବନ
ହେ ଆଚାର୍ଯ୍ୟ ! ତୁମ୍ଭେ ସେବାଧର୍ମ ମୂର୍ତ୍ତିମାନ ।
ଚରିତ ପ୍ରଭାବେ ତୁମ୍ଭ ଉଜ୍ଜ୍ୱଳ ଏ ଦେଶ
ଚନ୍ଦ୍ରେ ଅଛି ମସୀ ନାହିଁ ତୁମ୍ଭଠାରେ ଲେଶ । ୪ ।

ଟୁକୁ ବୋଲି ଡାକିବାରେ ପୁଣ୍ୟ ଅଧିକାର
ଥିବାରୁ ଗରବେ ଆଜି ଭରେ ମୋ ଅନ୍ତର ।
ଗୁରୁଦେବ 'ସତ୍ୟବାଦୀ' ଶିକ୍ଷା-ଆୟତନେ
ଆଚାର୍ଯ୍ୟ ବିଗ୍ରହ ତୁମ୍ଭ ସେ ଦିନ ନୟନେ । ୮ ।

---

ଆଚାର୍ଯ୍ୟ ହରିହର—ସତ୍ୟବାଦୀ ସ୍କୁଲର ଅନ୍ୟତମ ଗୁରୁଦେବ; ବର୍ତ୍ତମାନ ଉତ୍କଳର ସୁନାମ ଧନ୍ୟ ସେବକ ।

୧ । ଶିକ୍ଷାୟତନ—ସ୍କୁଲ ।

ସାଧନ-କୁଟୀର ମଧ୍ୟେ ଦେଖିଲି ପ୍ରଥମେ
ଭାଳିଲି ଅଣିଲ୍ଲ ଭାଗ୍ୟ ସତେ ସେ ଆଶ୍ରମେ !!
ଯହିଁ ଉଠି ବେଦଧ୍ୱନି, ଜଳି ହୋମାନଳ
ଦହୁଥିଲା ଭୁଭାରତ କଳୁଷ ପଟଳ । ୧୨ ।

କ୍ଷୀଣ ଦେହ ତୁମ୍ଭ ପୁଣ୍ୟ ପୁଞ୍ଜର ନିଳୟ;
ଦେବାୟତନ ସମାନ ସିନା ବନ୍ଦନୀୟ ।
ଚର୍ମସାର ସୁଖସ୍ୱର୍ଗ ହେଲେ ପଦେ ଦଳି
ସାଧକ ! ସାଧନ ମାର୍ଗେ ଯାଅ ତୁମ୍ଭେ ଚଳି । ୧୬ ।

ଅଭାଜନ ଗୋଷ୍ଠୀ ମଧ୍ୟେ ପଥ ପାର୍ଶ୍ୱେ ରହି
ମାଗୁଛି ଚରଣରଜ ଯାଅ ଗୁରୁ ! ଦେଇ । ୧୮ ।

୧୯୩୯

---

୧୦ । ସେ ଆଶ୍ରମେ—ଅତୀତ ଯୁଗର ଋଷି ଆଶ୍ରମକୁ ।

୧୨ । କଲୁଷ ପଟଳ—ପାପ ସମୂହ ।

୧୫ । ଚର୍ମସାର—ଯାହା ଚମର ଅପେକ୍ଷା ରଖେ ଅର୍ଥାତ ଇନ୍ଦ୍ରିୟ ଭୋଗ ।

୧୭ । ଅଭାଜନ—ଅଯୋଗ୍ୟ, ଅନୁପଯୁକ୍ତ ।

୮ । ରଜ—ଧୂଳି ।

—୫୧—

# ଆଲେକ୍‌ଜାଣ୍ଡରର ଦସ୍ୟୁ ସମାନ ଉଭୟେ !!

( ମୂଳ ଇଂରାଜୀରୁ ଅନୂଦିତ )

[ ଏକଦା ଦିଗ୍‌ବିଜୟୀ ମାସିଡୋନିଅ ଅଧୀଶ୍ୱର ମହାବୀର ଆଲେକ୍‌ଜାଣ୍ଡରଙ୍କ ନିକଟକୁ ଥ୍ରେସ୍‌ରାଜ୍ୟବାସୀ ଜଣେ ଦସ୍ୟୁ ଧରା ହୋଇ ଆସିଲା । ଏ ଦସ୍ୟୁର ଅତ୍ୟାଚାରରେ ଥ୍ରେସ୍ ଓ ଥ୍ରେସ୍ ନିକଟବର୍ତ୍ତୀ ଅନ୍ୟାନ୍ୟ ରାଜ୍ୟ ସର୍ବଦା ଭୟରେ କମ୍ପୁଥିଲା । ଅଥଚ ବହୁ ଚେଷ୍ଟା କରି ସୁଦ୍ଧା ଅଲେକ୍‌ଜାଣ୍ଡର ଏ ଦସ୍ୟୁକୁ ଦମନ କରି ପାରୁ ନ ଥିଲେ । ଦସ୍ୟୁକୁ ଶୃଙ୍ଖଳାବଦ୍ଧ ଦେଖି ଅଲେକଜାଣ୍ଡର ଅବଜ୍ଞା ଚକ୍ଷୁ ହୋଇ ପ୍ରଶ୍ନ କଲେ । ],

ଅଲେକ୍‌ଜାଣ୍ଡର—ତୁମ୍ଭ କି ରେ ଥ୍ରେସ୍‌ବାସୀ ଦସ୍ୟୁ ଦୁରନ୍ତର
ଅତ୍ୟାଚାର ଗାଥା ଯାର ଶୁଣି ମୁଁ ନିରନ୍ତେ
ବଧିର ହେଲଣି ମୋର ଶ୍ରବଣ ଯୁଗଳ ? । ୩ ।

ଦସ୍ୟୁ— ବନ୍ଦୀ ତୁମ୍ଭ ଦସ୍ୟୁ ନୁହେଁ, ଥ୍ରେସ୍ ରାଜ୍ୟବାସୀ
ଯୋଦ୍ଧା ସେହୁ, ସସମ୍ମାନ କରେ ସମ୍ବୋଧନ । ୪ ।

ଅଲେକ୍‌ଜାଣ୍ଡର—ପ୍ରଜା-ପ୍ରାଣ-ବିତ୍ତହାରୀ ଅରେ ନରାଧମ !
ରାଜଶକତିର ମୋର କରି ଅପମାନ
କି ସାହସେ ଯୋଦ୍ଧା ବୋଲି ଦେଉ ପରିଚୟ ?
ଦସ୍ୟୁ, ଅତତାୟୀ ତୁମ୍ଭ ଦେଶର କଣ୍ଟକ । ୫ ।

---

୧ । ଦୁରନ୍ତର—ଦୁର୍ଦ୍ଦାନ୍ତ; ନିରନ୍ତେ—ସର୍ବଦା; ଶ୍ରବଣ—କାନ; ଯୁଗଳ—ଦ୍ୱୟ ।

ଦସ୍ୟୁ— ଆଜ ମୁଁ ଅସ୍ତ୍ରେ ତୁମ୍ଭ, ତରବାର ବାଣୀ
ଭାଷି ପାର, ବନ୍ଧି ପାର ଶାସ୍ତି ମନୋମତ,
ଶଙ୍କିତ ବ୍ୟଥିତ ହେଲେ ନୁହେଁ ମୁଁ ତା ପାଇଁ !
କିନ୍ତୁ ହେ ନରେଶ ! ସଦ୍ୟ ଦିଅ ଅନୁମତି
ତୁମ୍ଭ ତରବାରର ମୁଁ କରି ପ୍ରତିବାଦ
କରିବି ପ୍ରମାଣ ମୁହିଁ ଯୋଦ୍ଧା, ନୁହେଁ ଦସ୍ୟୁ ।୧୬

ଅଲେକ୍‌ଜାଣ୍ଡ୍ରର—ସ୍ୱଚ୍ଛନ୍ଦରେ ଭାଷ ଯାହା ଅଛୁ ଭାଷିବାର
ଅଭିଯୁକ୍ତ ବ୍ୟକ୍ତି କେବେଁ ନୁହଇ ଦଣ୍ଡିତ
କରିବା ଆଗରୁ ଆତ୍ମପକ୍ଷ ସମର୍ଥନ । ୧୮ ।

ଦସ୍ୟୁ— ପ୍ରଶ୍ନେକ ପଚାରେଁ ତେବେ ତୁମ୍ଭେ ହେ ନରେଶ !
କି କାର୍ଯ୍ୟେ ବ୍ୟାପୃତ ରହି ଯାଉଛି ଜୀବନ ? ।୨୦।

ଅଲେକ୍‌ଜାଣ୍ଡାର—ଜୀବନ ଯାପଇଁ ମୁହିଁ ବୀରର ସମାନ
ଦଶଦିଶ ଘୋଷେ ମୋର କୀରତି ବିମଳ
ମୋହ ତୁଲ ଦିଗ୍‌ବିଜୟୀ ବିକ୍ରମୀ ସମ୍ରାଟ
ଧରାପୃଷ୍ଠେ କହ କାହୁଁ ଅଛି କି ଦ୍ୱିତୀୟ ? ।୨୪।

---

୭ । ବିତ୍ତ---ସମ୍ପଦ ।

୧୬ । ସ୍ୱଚ୍ଛନ୍ଦରେ---ବିନାଭୟରେ

୨୦ । ବ୍ୟାପୃତ---ନିଯୁକ୍ତ ।

ଦସ୍ୟୁ— ଅପଣା ପ୍ରଶଂସା ଅପେ କରିବା ବାସନା
ନାହିଁ ମୋର, ହେ ନରେଶ ! ନୁହେଁ, ତା ଉଚିତ ।
କିନ୍ତୁ ତାହା ଅବଶ୍ୟକ ଆଜ, ଭାବେଁ ଶୁଣ ।
ମୋ ଯଶ, କୀରତ ମଧ୍ୟ ମୋ ଦେଶ ବାହାରେ
ପରିବ୍ୟାପ୍ତ ! ସେନାପତ ଦ୍ୱିତୀୟ ମୋ ତୁଲ
ନ ବହେ ଥ୍ରେସ୍ ଅବନୀ; ଜାଣିଛ ଆପଣେ
କି ଆୟାସ ହେଲା ଲୋଡ଼ା, କେତେ ପ୍ରାଣପାତ
କରିବା ପାଇଁକି ମୋରେ ଧୃତ, ବଶୀଭୂତ !! ।୩୨।

ଅଲେକଜାଣ୍ଡର—ଯେତେ ଯାହା କହି ପରେ ନିଜକୁ ପ୍ରଶଂସି
ଅତତାୟୀ ଛଡ଼ା ଅନ କିସ ତୁ ପାମର ? ।୩୪।

ଦସ୍ୟୁ— ଭରିବାକୁ ପ୍ରଶ୍ନ ଅଛି ହେଉ ହେ ନରେଶ !
ଦିଗ୍‌ବିଜୟୀ ତେବେ କିସ ? ଦିଗ୍‌ବିଜୟୁ ଅଟେ
କିଣି କି ନାହିଁ ହେ ତୁମ୍ଭେ ତୁଚ୍ଛ ଅଧିପତ୍ୟ
ଉତ୍‌କଟ ଅନସ୍ତ୍ରାଘାତରେ ବଧି ଲକ୍ଷ ଲକ୍ଷ
ମହାପ୍ରାଣୀ ? ନିର୍ବିଘ୍ନରେ ଲୁଣ୍ଠି କେତେ ରାଜ୍ୟ !!
ଶତ ଅନୁଚର ଘେନି ଏକଇ ପ୍ରଦେଶେ
କରିଅଛି ମୁହିଁ ଯାହା, ଲକ୍ଷ ସୈନ୍ୟ ଘେନି
ଶତ ଶତ ପ୍ରଦେଶେ ତା କରିଅଛ ସ୍ୱୟଂ ।
ସର୍ବନାଶ ସାଧୁଛି ମୁଁ ସାମାନ୍ୟ ପ୍ରଜାଙ୍କ;

---

୨୫ । ବାସନା—ଇଚ୍ଛା ।
୨୯ । ପରିବ୍ୟାପ୍ତ—ବ୍ୟାପିଥିବା; ତୁଲ—ସମାନ ।
୩୧ । ଆୟାସ—ପରିଶ୍ରମ; ପ୍ରାଣପାତ—ଜୀବନ ନାଶ ।

ଅତ୍ୟାଗ୍ରହରେ ତୁମ୍ଭ କାନ୍ତ ସହସ୍ର ଲୁଟନ୍ତ
ମୁକୁଟ ହରାଇ ଆଜି ପଥର ଭିକାରୀ ।
କେତେଯେ ଗ୍ରନ୍ଥର ମୁଁ ସାଧୁଛି ଉଚ୍ଛେଦ,
କେତେଯେ ଗ୍ରାମମାନେ କରୁଛି ଲୁଣ୍ଠନ ।୪୬।
କିନ୍ତୁ ହେ ନରେଶ ! ତୁମ୍ଭେ ରାଜ୍ୟ ଅଗଣନ
କରିଅଛ ଛାରଖାର ଭୂଲୁଣ୍ଠିତ କରି
ଶତ ଲକ୍ଷ ନଗରୀର ସୌଧ ଚୂଡ଼ାବଳି ।
ତୁମ୍ଭ ମୋହ ମଧ୍ୟେ ତେବେ କାହିଁ ବା
ପ୍ରଭେଦ ?
ନୀଚ କୁଳେ ଜନ୍ମ ମୋର ପରିଚୟ ପୁଣି
"ଥ୍ରେସବାସୀ ଦସ୍ୟୁ" । ତୁମ୍ଭେ ଜାତ ରାଜକୁଳେ
ଦିଗ୍‌ଜୟୀ ସମ୍ରାଟ ବୋଲି ବ୍ୟାପେ ତୁମ୍ଭ ଖ୍ୟାତି ।
କିନ୍ତୁ କହ, ଭେଦ କାହିଁ ଅଛି ଲୁକ୍‌କାୟିତ
ତୁମ୍ଭ ମୋହ ବୃତ୍ତି ମଧ୍ୟେ ବୀର ଚୂଡ଼ାମଣି ! ।୫୫।

---

୪୫ । କେତେଯେ—କେତେକ; ଉଚ୍ଛେଦ—ବିନାଶ ।
୪୬ । ଲୁଣ୍ଠନ—ଲୁଟି ।
୪୭ । ନରେଶ—ସମ୍ରାଟ ।
୪୮ । ଭୂଲୁଣ୍ଠିତ—ଭୂଇଁରେ ମିଶାଇ ଦେଇ ।
୪୯ । ସୌଧ ଚୂଡ଼ାବଳି—ଉଆସର ଶିଖର ।
୫୪ । ଅଛି ଲୁକ୍‌କାୟିତ । ଲୁଚିଅଛି
୫୫ । ବୀରଚୂଡ଼ାମଣି—ବୀରଶ୍ରେଷ୍ଠ ।
୫୬ । ଅସି—ଖଣ୍ଡା ।

ଅଲେକ୍‌ଜାଣ୍ଡର—ଅନେକ ସମର ମୁହିଁ କରିଛି ଲୁଣ୍ଠନ
ସତ୍ୟ, ମୋ ବିଜୟୀ ଭବ ତେଜ ପୁଣ ଅସି
ଶତଶତ ଅତୀତରେ ଲୁଣ୍ଠିତ ସମ୍ପତ୍ତି
ଦରିଦ୍ର ଗୋଷ୍ଠୀରେ । ମୁହିଁ ଭାଙ୍ଗିଛି ଯେସନେ,
ଗଢ଼ିଛି ତେସନେ କେତେ ମାନବ ବସତି ।
ଯେତେ ରାଜ୍ୟ ହୋଇଅଛି ବିଜୟେ ମୋ ଲୁପ୍ତ,
ତେତେ ଅବା ତତୋଽଧିକ ସୃଜିଛି ମୁଁ ରାଜ୍ୟ ।
ମୋ ଉତ୍ସାହେ ମୋହର ଯତ୍ନେ ହୋଇଛି ଉନ୍ନତ
ମାନବ ଜାତିର ଶିଳ୍ପ ବାଣିଜ୍ୟ ଦର୍ଶନ । ୭୭

ଦସ୍ୟୁ— ମୁଁ ଯଦି ହରିଛି ଧନ ଧନୀଙ୍କ ଅଗାରୁଁ
ନିଃସ୍ୱ ଜନ ଗୋଷ୍ଠୀ ମଧ୍ୟେ ବାଣ୍ଟିଛି ତାହା ।
ଦହିଛି ଯେସନେ ଗୃହ ଧନୀଙ୍କ ଜନଙ୍କ
ତେସନେ ନିର୍ମାଣି ଅଛି ଭବ ଧନବ୍ୟୟ
ଅନେକ ଅନାଥ ଜନ ବସତି ମୋ ଦେଶେ ।୭୮
ଏକପକ୍ଷେ କରିଅଛି ଅତ୍ୟାଚାର ଯେତେ,
ଅନ୍ୟପକ୍ଷେ ଉଦ୍ଧାରିଛି ଦୁସ୍ତର ବିପଦୁଁ
ଅନେକ ବିପନ୍ନ ଜନେ । ଦର୍ଶନ ଶାସ୍ତ୍ରର
ନ ଜାଣେଁ ବିନ୍ଦୁ ବିସର୍ଗ; ମୁଁ ଅଜ୍ଞ ନିପଟ

୭୭ । ଅଗାରୁଁ—ଘରରୁ ।

୭୮ । ନିଃସ୍ୱ—ଦରିଦ୍ର; ବାଣ୍ଟିଛି—ବାଣ୍ଟି ଅଛି ।

୭୯ । ଦୁସ୍ତର—ଯହିଁରୁ ପାର ହେବା କଠିନ ।

କିନ୍ତୁ ଜାଣେଁ ଧ୍ରୁବ କର ତୁମ୍ଭେ ଅବା ମୁହୁଁ
ଜଗତର କର ଆଜି ଯେତେକ ଅନନ୍ତ
କୋଟି ଅଂଶେ ଉତ୍କଳର ଯନ୍ତ୍ରର ପୂରଣୀ
ଏ ଜନ୍ମେ ପାରିବା ନାହିଁ କରି ବାରମଣି ! ।୭୯।

ଅଲେକ୍‌ଜାଣ୍ଡର—( ଚିନ୍ତିତ ହୋଇ )
ରେ ପ୍ରହରି ! ଆସ ତ୍ୱରା ଫିଟାଅ ବନ୍ଧନ
ଶୃଙ୍ଖଳ ଏ ବନ୍ଦୀ ପଦୁଁ ।
[ ବନ୍ଦୀ ମୁକ୍ତ ହୋଇ ବିଦାୟ ନେଲା ପରେ । ]

( ସ୍ୱଗତ )

ଏତେବେ କି ଦେର୍ ବିଜୟୀ
ଅଲେକ୍‌ଜାଣ୍ଡର ଦସ୍ୟୁ ସମାନ ଭବଦ୍ୟୁ ? ।୮୨।

---

୮୦ । ତ୍ୱରା—ଶୀଘ୍ର ।

୮୧ । ଶୃଙ୍ଖଳ—ଶିକୁଳି ।

—୫୨—

# ଲକ୍ଷ୍ମଣ ଶକ୍ତି ଭେଦରେ ରାମ ବିଳାପ

( ରାଗ—କଳହଂସ କେଦାର )

ରାମ-ଦକ୍ଷିଣକର ବାହୁ ଲକ୍ଷ୍ମଣ !
ଲୁଟିଲେ ଶୋକ କିପାଁ ହୋଇ ମଉନ ?
ତେଜିଥାଉ ଶ୍ରବଣ ଡାକକୁ ମୋର
ଉଭା ପକାଇ କାନ୍ଦେ ନ କହୁ ଗିର ।

ଦେହ ସଙ୍ଗତେ ଯେସନେ ଥାଏ ରେ ଛାଇ
ସେସନେ ସହଗେ ମୋର ଥାଉ ତୁ ଭାଇ !
ଯାଇ ମୋ ସୁଖ ମୋତେର ଏକାକୀ କରି ।
କହ ତୁ କେଉଁ ଦେଶେ ଗଲୁ ବାହାରି ।

ସାକେତ-ରାଜପୁରୀ ସୁଖ ହେଳାରେ
ବରଜି ବସିଲୁ ତୁ ଦୁଃଖବେଳାରେ
ଦୁଃଖୀ ରାମ ପାଇଁ ତୁ ବରିଲୁ ଦୁଃଖ
ଲୋତକେ ଧୋଇ ବୋହୂ ଊର୍ମିଳା ମୁଖ

---

୧ । ଶ୍ରବଣ—କାନ ।

୩ । ସାକେତ—ଅଯୋଧ୍ୟା; ଊର୍ମିଳା—ଲକ୍ଷ୍ମଣଙ୍କ ଭାର୍ଯ୍ୟା ।

ବଇଦେହୀ ରେ ଅଉ କି ପ୍ରୟୋଜନ
କି ହେବ ଅଉ ଜିଣିଲେ ବା ସ୍ୱର୍ଣ୍ଣ ?
ଦୁଃଖ ତାପେ ତାପିତ ଯାହାର ଉର
କି ଶୋଭା ଲଭି ତହିଁ ସୁମଣିହାର ?

ମିଳନ୍ତି ପୁଂସେ ଦେଶେ ଦେଶେ ବନିତା
ମିଳନ୍ତି ବନ୍ଧୁ, ମିଳେ ନାହିଁ ତ ଭ୍ରାତା ।
ଭ୍ରାତା ପଦ ଦୁର୍ଲ୍ଲଭ ମର ସଂସାରେ
ତୋ ସମ ଭ୍ରାତା ପୁଣି ଶହ ଲକ୍ଷରେ ।

ଗଲେ ଅଯୋଧ୍ୟା ସଙ୍ଗେ ଘେନି ମୁଁ ସୀତା
କି ବୋଲି ବୋଧିବି ସୁମିତ୍ରା ମାତା ?
ସେ ପୁଣି କି ବୋଲିଣ ବୋଧିବେ ବୋହୂ
ଶୋକ ପାବକ ଯେବେ ଜଳିବ ହୃଦୁ ?

ମୁଁ ଗଲେ ଆଗେ, ପଛେ ଯିବା ତୋ ରୀତ
ଆଜ ସେ ରୀତ ଲଙ୍ଘି କିପାଁ ସୌମିତ୍ରି
ଗଲୁ ଶମନପୁରେ ନ ମଲି ମୁହିଁ
ଆଗେ ମୋ ଯିବା ରୀତ ରହିଲା କାହିଁ ?

ହଁଇତିଲୁ ନୟନୁଁ ମୋ ଲୋତକଧାର
ପୋଛିବ ଆହା ତାହା ଅଉ କା କର
ମରୁ ସମ ନୀରସ ଜୀବନ ଘେନି
ଭଦ୍ର କାଟିବି କେତେ ଦିନ ଯାମିନୀ ।

---

୪ । ପୁଂସ—ପୁରୁଷ ।

୬ । ବୋଧିବ—ସାନ୍ତ୍ୱନା ଦେବ; ପାବକ—ନିଆଁ ।

ଜାଳି ତୋ ଚିତା ହାଁସିବ ହେ ଅନନ୍ତେ
ଅଭିଳାଷରାଜି ମୋ ମିଶୁ ଭୂତଳେ,
ନରକ ସହନୀୟ ଥିଲେ ତୁ ପାଶେ
ନ ଲୁଡ଼ିବ ସରଗ ତୋ ବିନୁ ଲେଶେ ।

୧୯୩୯

## ମୋ ସୁଖ ବସନ୍ତ

ହେ ସୁନ୍ଦର ! ସେତେଦିନ ଅଧର ତୁମ୍ଭର
ଅଭାଜନ ପାଇଁ ଥିବ ସ୍ମିତ, ସୁଧା ଧର,
ପ୍ରଫୁଲ୍ଲ ଗୋଲାପ ସମ ଗଣ୍ଡ ଅନୁପମ
ହେଉଥିବ ପୁଲକିତ ଭାଷା ଶୁଣି ମମ,
ଅତଡ଼ା ଖସିଲା ସବ ଚିତ୍ତର ଭିତରୁ
ଶନ୍ତେନ ମୋ କରୁଥିବ ବୋଧ ଅସ୍ତି ଭୀରୁ ।

---

୨ । ଶମନ ପୁର—ଯମପୁର ।

ଅଭାଜନ—ଅଯୋଗ୍ୟ, ପ୍ରଫୁଲ୍ଲ—ଫୁଟନ୍ତା, ଗଣ୍ଡ—ଗାଲ, ପୁଲକିତ—ରୋମାଞ୍ଚିତ, ଶନ୍ତେନ ମୋ—ମୋ କଥା ଶୁଣି, ଲସନ ସୁନ୍ଦର-

ଲଗନ ମୁହୂର୍ତ୍ତରେ ବାସ୍ପି ଭାବ ନବ ନାନ
ଘଟାଇଣ ଥିବ ମୋର ଚେନ ମହୋତ୍ସବ,
ସଜଭାଗ୍ୟେ କର ମୋତେ ଅଧିକାରୀ ପୁଣି
ବଜାଇ ବାଜେଣୀ ବୀଣା ଲୁଷ୍ଟୁଥିବ ବାଣୀ,
ତେବେ ଦ୍ୱନ ଭାଙ୍ଗୁଥିବ ମୋ ସୁଖ ବସନ୍ତ
ହୋଇ ନାହିଁ ହୋଇ ନାହିଁ ହୋଇ ନାହିଁ ଅନ୍ତ !

୧୯୪୪

—୫୪—

## କବି କଳହଂସ ଗୋପାଳକୃଷ୍ଣ

( ତାଙ୍କର "ଶ୍ୟାମ ଅପବାଦ ମୋତେ ଲଗିଥାଉ"—ବୃତ୍ତରେ )

ବରକର ! ଅହେ ଭୃଙ୍ଗ ପଦାବଳି
ସୁକୁମାର ସଙ୍ଗ ଶେଫାଳୀକୁ ବଳି । ଘୋଷା ।
ଭାଗ୍ୟ ଆଜି ବଡ ଉତ୍କଳର ପୂଜିତ ଦେବତା ଅନ୍ତରର
ରାଜନ୍ତି ବାହାରେ ବଦ୍ଧଣ ସୁଦନ୍ତୀ ।
ପଦ୍ମରେ କରନ୍ତି ନଉଛାଳି । ୧ ।

ମୁହିଁ ରୂପ ଦର୍ପଣ, ବନ୍ଦି—ପ୍ରଭଞ୍ଜନ ଦର, ବଜାଇ ବାଜେଣୀ ବୀଣା—ବାଜୁଥିବା ବୀଣା ସମାନେ, ଅନ୍ତ—ଶେଷ ।

ଶ୍ରୀ ରାମଚନ୍ଦ୍ର ଭବନରେ ଗୋପାଳକୃଷ୍ଣଙ୍କ ମୂର୍ତ୍ତି ସଂସ୍ଥାପିତ ହେବା ଉପଲକ୍ଷେ ରଚିତ

୦ । ଶେଫାଳୀ—ଗଙ୍ଗ ଶିଉଳୀ ଫୁଲ ।
୧ । ନଉଛାଳି—ବନ୍ଦନା ।

'କି ନାମ ବୋଇଲୁ' ଅଦ ଭଣ    ପ୍ରଶ୍ନ ପୁଚ୍ଛୁବାରେ ଶ୍ରୀକଶୋରୀ
ଲଲିତା ଉତ୍ତର ଦେବାରେ ଫୁଟିଛୁ
ସେ ରସ କି ଅଛୁ ତାହା ଭଲ ? । ୨ ।

'ବାଠ ଛାଡ଼ ଦେ ରେ' କରି ଅଳି    ରାଧା ସମ୍ବୋଧିବା ବନମାଳୀ
ଗୀତେ ଫୁଟିଛୁ ସେ ରସ-ଅରବିନ୍ଦ
କା ମାନସ ତହିଁ ନୁହେଁ ଅଳି ? । ୩ ।

ଗୋଷ୍ଠଚନ୍ଦ୍ରମାଙ୍କୁ ଅନୁଧ୍ୟାୟି    ରାଧା ଭାବେ ଶତ୍ୟ ଅବଗାହି
"ଦୟା ନକରନ୍ତୁ ଦାସୀ ସିନା" ବୋଲି
ଛଣା ପୀୟୂଷ ତ ଅଛ ଢାଳି । ୪ ।

ଥିବେ ଯେତେ କାଳ ରବିଶଶୀ    ଛଡାଇବା ପାଇଁ ପାପମସୀ
ଗୀତାବଳି ତୁମ୍ଭ ଗୋପାଳ କୃଷ୍ଣ ହେ !
ଭରିବେ ଉତ୍କଳୀ ଗଳାମାଳ । ୫ ।

୧୯୪୨

---

୨ । "କି ନାମ ବୋଇଲୁ" ଗୋପାଳକୃଷ୍ଣଙ୍କ ବିଖ୍ୟାତ ଗୀତ ।

୩ । "ବାଠ ଛାଡ଼ ଦେ ମୁଁ ଯିବି ଫୁଲ ତୋଳି"—ଏହା ମଧ୍ୟ ତାଙ୍କର ଅନ୍ୟତମ ବିଖ୍ୟାତ ଗୀତ ।

୫ । ଗୋଷ୍ଠ ଚନ୍ଦ୍ରମା—ଶ୍ରୀକୃଷ୍ଣ; ଏ ପଦଟି ଗୋପାଳକୃଷ୍ଣଙ୍କର ଅତୀବପ୍ରିୟ; ଅନୁଧ୍ୟାୟି—ଚିନ୍ତା କରି ।

# ଦୃଗ୍‌ବନ୍ଧ

ଯୁବା ଯୁବତୀ ମତ ମିଶିବା ପାଇଁ
ଦୃଗ୍‌ବନ୍ଧ ମଦନ ଅଛି ଦିଅଇ ।

ଅତର୍କେ ଘଟୁଁ ନେତ୍ରେ ନେତ୍ର ମିଳନ
ଘଟଇ ଘ୍ରାଣେ ପ୍ରାଣ-ଅବଗାହନ ।

ତହୁଁ ହୁଏ ମାଦକ ସୁଖ ସଞ୍ଜାତ
ଲାଗି ଯହୁଁରେ ଭୋଗୀ ଯୁଗଳ ଚିତ୍ତ ।

ବିଚ୍ଛେଦ-ଦୁଃଖ-ଫଳ ସେ ସୁଖତରୁ
କରୁଣା କର ଧାତଃ ! କେବେଁ ନ ଧରୁ ।

୧୯୩୦

---

ଦୃଗ୍‌ବନ୍ଧ—ସ୍ତ୍ରୀ ଓ ପୁରୁଷଙ୍କ ଚକ୍ଷୁବନ୍ଧ ବା ନେତ୍ର ମିଳନ; ମଦନ—ପ୍ରୀତି ଦେବତା; ଅତର୍କେ—ଅତର୍କିତ ଭାବରେ; ଘଟଇ—ଅବଗାହନ—ଜଣକ ପ୍ରାଣ ଆଉ ଜଣକ ପ୍ରାଣରେ ଗାଧୁଏ; ମାଦକ—ଉନ୍ମାଦକ—ମନକୁ ମତୁଆଳ କରୁଥିବା; ଭୋଗୀ—ଅନୁଭବୀ ।

—୪୭—

# ଆଉ ବିମନା ନୁହ

ରାଗ—ଚନ୍ଦ୍ର କେଦାର; ତାଳ—ଝୁଲା ।

( ସଙ୍ଗିନୀରେ ! ମୋତେ ହେଲାଣି ଜଣା—ବୃନ୍ଦାବନେ )

ଭାରତ ଗୋ ! ଆଉ ବିମନା ନୁହ
ଛୁଟାଅ ଏ ମର୍ତ୍ତ୍ୟରେ ସଂଗୀତ ସୁଅ । ଘୋଷା ।
ଭାରତୀ-ଭୂଷା, ଶୋକେ ବିବଶା,
ଶୋକ କାଳିମା ତାର ଚିତ୍ତରୁ ଧୁଅ । ୧ ।
କରୁଣା ଉଣା, ଆଜ କରନା,
ଢାଳନ୍ତୁ ଅଭାଗିନୀ ଅମାପ ଲୁହ । ୨ ।
ହଂସ ବାହନା, ମା ବାଣୀ ରାଣୀ,
ନୁଆଣ ଜାଣିଥିଲା ଦେଶେ ସୁହାଅ । ୩ ।
ବୀଣ ବିପଞ୍ଚୀ, ମୂର୍ଚ୍ଛନା ରଚି,
ଖସିଥିବା ମୁକୁଟ ମୁଣ୍ଡେ ତା ଥୁଅ । ୪ ।
କୋଟି ମାନସ-ତୃଷା ମା ! ତୋଷ
ଫେରି ଦେଇ କରୁଣା ରସର କୁଅ । ୫ ।

୧୯୩୨

---

* । ବିମନା—ବିମୁଖ ।
୧ । ଭାରତୀ ଭୂଷା—ଭାରତୀ ଯାହାର ଭୂଷା ବା ଅଳଙ୍କାର; ବିବଶା—ଜଡ଼ୀଭୂତା ।
୨ । ଅମାପ—ଅକଳନ୍ତି ପରିମାଣର ।
୩ । ନୁଆଣ—ସ୍ତବ ।

—୫୬—

# ନେତ୍ର ସଙ୍ଗାଳି ! କରିଛୁରେ ଦାନ

( ଗୋପୀଭାଷା ବୃତ୍ତରେ )

ସଂ—ପୁଟକ ଉଜ୍ଜ୍ୱଳା ଶଶିହାସୀ !
ପା—ଦ୍ମ ଆନନା ଉତ୍ଫୁଲ୍ଲ ବୟସି ! । ୧ ।
ଦେ—ବତାର ବରେ ଅରେ ବାନ୍ଧବ !
ବି—ମ୍ବାଧରେ ତୋ ମୋ ପ୍ରଭୁ ପଦବୀ । ୨ ।
ପା—ଦେ ଅଳତା ନାକରେ ଶୋଭାଙ୍ଗି !
ଦେ—ଉ କଣ୍ଠେ ଦମ୍ଭ ତୁ ମୋ ଭାଗି । ୩ ।
ଅଁ—ଉ ମନୋଜ୍ଞ ତୋ ଘନ-କବରୀ ।
ବା—ନ୍ଧି ରଖୁ ତୁ ତହିଁ ଚିତ୍ତ ମୋର । ୪ ।
କ—ଷାଇଣି ତୁ ତେରଛ ଚାହାଣି
ଲେ—ଖୁ ଧରଣି ତହୁଁ ରମାମଣି ! । ୫ ।
ଦେ—ବ ଉପମା ତୋ ସାଥେ କାହାରେ
ମ—ତ ମୋହନା ! ନ ପଇଟେଁ ମୋଟେ । ୬ ।

---

୧ । ସମ୍ପୁଟକ—ଫରୁଆ; ଉତ୍ଫୁଲ୍ଲ ବୟସୀ—ନବ ଯଉବନା ।
୨ । ବିମ୍ବାଧର—ପାଚିଲା କଇଁଚି କାନ୍ଦୁଡି ପରି ଲାଲ ଓଠ; ପ୍ରଭୁ ପଦବୀ—ଅଧିକାର ।
୩ । ଶୋଭାଙ୍ଗୀ—ସୁନ୍ଦରୀ ।
୪ । ମନୋଜ୍ଞ—ସୁନ୍ଦର; ଘନ—ଗହଳିଆ; କବରୀ—ସଜ୍ଜିତ ମୁଣ୍ଡବାଳ ।
୫ । କଷାଇଣି—ବିଷରେ ବୋଳା; ତେରଛ—ବାଙ୍କ ।

ର—ସବନ୍ତ ରେ ! ଶୋଭି ଅଛୁ ବହି
ଛନ—ଦ ଝିଲ୍ଲ ସା ନ ପାଉଛ ସନ୍ଧି । ୭ ।
ତୁ—ସେ ଘନ ମୁଁ ବାନ୍ଧବ ! କୁଭଳ
ମୋ—ହ ସରଜିବାକୁ ତୁ ମାଦକ । ୮ ।
ହ—ସ-ଅମିୟ ଓଠକୁମ୍ଭେ ବହୁ !
ର—ସ ବରଷି ମନ ମୋର ମୋହୁ । ୯ ।
ମୁଁ—ହୋ ପୀରତ-ହିକକୁ ଭିକାସି
ଛୋ—ହ ଚିତ୍ତ-କୁରଙ୍ଗକୁ ଶିକାସି । ୧୦ ।
ହ—ସି ଦେଲେ ତୁ ଛଟେଛ ଅନାଇଁ
ର—ଖି ପାରଇ ନାହିଁ ଧୃତ, ମୁହିଁ । ୧୧ ।
ର—ସାଣରେ ତୁ ଅଳକା ସୁନ୍ଦର !
ଖି—ଣ ଉଦର ! ରେ ରମ୍ଭା-ଗଉର ! ୧୨ ।
ଥି—ର ବକୁଳ ସମାନ ହୋଇବୁ
କୁ—ଲକ୍ଷଣ ମୁଖ ମନ ମୋହୁବୁ । ୧୩ ।
ମୁ—ନବୋଧ କର ବାରେ ଜୈବନ
ନେ—ଦ ସଙ୍ଖାଳି ! ଭରକୁ ରେ ଦାନ । ୧୪ ।

୧୯୪୫

---

୭ । ଝିଲ—ଢେଉ ।
୮ । ମାଦକ—ନିଶା ଜନକ ।
୯ । ଅମିୟ—ଅମୃତ ।
୧୧ । ଧୃତ—ଧୈର୍ଯ୍ୟ ।
୧୨ । ରସା—ପୃଥିବୀ; ଅଳକା—ମୁଣ୍ଡ ଅଳଙ୍କାର ।
୧୪ । ଜୈବନ—ବୃଷ୍ଟି ।

—୪—

# ଭକ୍ତକବି ମଧୁସୂଦନ ରାଓ

( ରାଗ—ରସ କୁଲ୍ୟା )

ଉତ୍କଳ-ଭାରତୀ-ପୂଜା-ବିଳାସୀ
ଭକ୍ତ ବ୍ରହ୍ମଜ୍ଞାନସ୍ଥ ଗୃହସ୍ଥ ଋଷି
ଯାଇଅଛ ତେଜି ଉତ୍କଳ ଧରା
"କୋଟିଏ ସନ୍ତାନ" ଯେଣୁ ସେ ପରା
"ଗୋଟିଏ ମନୁଷ୍ୟ" ବିନା ସେ
ଅତିଶୟ ବିଭବେ ତାହାର ଗରବିଣୀ
ସତ୍ୟ ସତ୍ୟ ଅତି ଦୀନା ସେ । ୧ ।

ଜୀବନ ସ୍ରୋତରେ ସ୍ୱଚ୍ଛ ସଲିଳ
ନ ବହନ୍ତେ ତାହା କେତେ ପଂକିଳ !!
ଆଜ ଏ ଉତ୍କଳେ; ବିଦବେ ରନ୍ଧ୍ର
ଦେଖୁଥିବ କେବେଁ ଅଶ୍ରୁ ଗଡ଼ାଇ
ଆଉ କେ ତୁମ୍ଭ ସମାନ ହେ
କୁମ୍ଭ-ସୁତୋପମ ପଙ୍କିଳତା ହର
ହେବ କି ମଧୁସୂଦନ ଓହେ ? । ୨ ।

---

୧ । ଉତ୍କଳ ଭାରତୀ ପୂଜା ବିଳାସୀ—ଉତ୍କଳ ସାହିତ୍ୟର ପୂଜକ; "କୋଟିଏ ସନ୍ତାନ"—"କୋଟିଏ ସନ୍ତାନ ମା ଗୋ ! ଧରିଅଛୁ କୋଳେ ; ଗୋଟିଏ ମନୁଷ୍ୟ କିନ୍ତୁ ନ ଦେଖିଲି ତୋ କୋଳେ"—ମଧୁସୂଦନଙ୍କ ଏ ଉକ୍ତିର ଭାବ ଏଠାରେ ଗୃହୀତ ହୋଇଛି ଏବଂ ମଧୁସୂଦନଙ୍କୁହିଁ ସେହି "ଗୋଟିଏ ମନୁଷ୍ୟ" ରୂପେ ଗ୍ରହଣ କରାଯାଉଛି

୨ । କୁମ୍ଭସୁତ—ଅଗସ୍ତ୍ୟ; ଶରତ୍କାଳରେ ଅଗସ୍ତ୍ୟ ଉଇଁଲେ ନଦୀ ଜଳର ପଙ୍କିଳତା ଦୂର ହୁଏ ।

ପରଶ ସଙ୍ଗସ୍ତ ଆଜ କାଏ ସେ
ତୁମ୍ଭ ପଛ ଜନମିଣ ଏ ଦେଶେ
ଅବୀଭୂତ ନେବେ ଦେଇ ଅଞ୍ଜନ
"ମରଣକୁ ଅମୃତର ସୋପାନ"
ବୋଲି କରିବ ଘୋଷଣା ହେ ?
ତା ବ୍ରହ୍ମ ସଂଗୀତ ଓଁକାର ଝଙ୍କାର
ଅଣିଦେବ ଉନ୍ମାଦନା ହେ ? । ୩ ।

ଗତ ତୁମ୍ଭେ କିନ୍ତୁ ବାଣୀ ତୁମ୍ଭର
ଯିବାର ତ ନୁହେ ଅଟେ ଅମର !
ମଳୟ ସମାନ ଶାନ୍ତ ଦାୟିନୀ
ମନ୍ଦାକିନୀ ସମ ପାପହାରିଣୀ
ତୁମ୍ଭର ଭବାଭାବଲୀ ହେ
ସନ୍ତମ୍ବର ଅନ୍ତେ ଧ୍ୟାନ ଉଷାୟନ
ଅଶ୍ରୁ ଅର୍ଘ୍ୟ ଦେଉଁ ଢାଳ ହେ ! । ୪ ।

୧୯୩୭

୩ । ପରଶ—ପରଲୋକ ।

୪ । ଅମର—ଭଦ ।

ଉତ୍କଳ ସାହିତ୍ୟ ସମାଜ ତରଫରୁ ଅନୁଷ୍ଠିତ କବିଙ୍କ ବାର୍ଷିକ ଶ୍ରାଦ୍ଧ ଉତ୍ସବମାନଙ୍କରେ ବହୁବାର ଗାନ ହୋଇଛି ।

# ଭାରତୀ ବନ୍ଦନା

( ଚମ୍ପୂ ଫ ଗୀତ ବୃତ୍ତରେ )

ଆଜି ଅଭିନବ ମାଧବ ବିଭବ ତବ ଆଗମନ ପାଇଁ
ପୂଜା ରଚିଥାଇ ବରଣର ମାଳ ଧରି ଏ କଳିଙ୍ଗ ଭୁଇଁ
ମା ଭାରତି !
ଶୁଣୁଅଛୁ ଆବାହନ
ବୀଣାପାଣି ! ଧାବଣି-ଉଡ଼ନ୍ତାହଂସବାହିନି ଆସ ନିଜରୁଁ ବହନ ।
ଏତ କଞ୍ଜବନ ଭଞ୍ଜନିକେତନ ମଞ୍ଜୁଳା ଉତ୍କଳ ମଣ୍ଡି
ତୁମ୍ଭର କରୁଣା ହେବାରୁ ଗୋ ଉଣା ଗଲୁ ବ୍ୟଥା ହୃଦେ ବନ୍ଧି
ମା ଭାରତି !
ସ୍ମର ଅତୀତର ଆଣି
ବିଷାଦରେ ଦୁଃଖୀ ହୋଇ ନତମୁଖୀ ଗଡ଼ାଏ ନୟନୁଁ ପାଣି ।
ଦୀନା ଉତ୍କଳୀଣୀ ନୟନର ପାଣି ଶୁଖାଅ ବଲ୍ଲକୀ ତୋର
ସ୍ପନ୍ଦନ ନବୀନ ଲଭୁ ତା ଜୀବନ ଯାଉ ମନ୍ଦାକିନୀ ବହି
ମା ଭାରତି !
ହୃଦୟ ମନ୍ଦିରେ ତାର ।
ବିଶ୍ୱ-ସାରସ୍ୱତ-ସମାଜରେ ଧନ୍ୟ ପିନ୍ଧୁ ସମ୍ମାନର ହାର ।
ଯଶସ୍ୱୀ 'ନୂତନ' ମୁରଲୀ ମୋହନ ବାଜୁ କୁଞ୍ଜେ ଉତ୍କଳର
ମନ୍ତ୍ର 'ସ୍ୱାଗତ' ମନ୍ତ୍ରୁ ତା ବନ୍ଦନା ଦେଇ ତା ଋଦ୍ଧି ସମ୍ଭାର
ମା ଭାରତି !
ନବଯୁଗ ଶଙ୍ଖ ବାଜୁ
୧୯୩୮ ନବ ସାରସ୍ୱତ ଗୌରବ ଟୀକା କଳିଙ୍ଗ ଲଲାଟେ ସାଜୁ ।

---

୧ । ମାଧବ—[ ମଧୁ+ଅ ] ବସନ୍ତଋତୁ ସମ୍ବନ୍ଧୀୟ; ଆଣି—ଦେଇ ।
୩ । ବଲ୍ଲକୀ—ବୀଣା; ଋଦ୍ଧି—ସମ୍ପଦ ।

—୬୦—

# ପ୍ରିୟତମା କୋଇଲି

( କେଶବ କୋଇଲି ବୃତ୍ତ )

କୋଇଲି ! କହିବୁ ପ୍ରିୟତମାକୁ ମୋର ।
କେତକୀ-ଶୋଭି ତା ଗନ୍ଧ ମନ୍ଥର ମୋ ଉର ଲୋ କୋଇଲି ! ।୧।
କୋଇଲି ! ଶିଖୁ ଥାଇ ମଧୁ ତା ଅଧରୁ ।
ଶିଖି ସେ ପଳାଏ ମୁଁ ତା ହାତ ଧରୁ ଧରୁ ଲୋ କୋଇଲି ! । ୨ ।
କୋଇଲି ! ଗୁରୁ ନିତମ୍ବକୁ ସରୁ କଟୀ ।
ଗମନ ଅଳସ ଯେଣୁ ଯାଏ ସେତୁ ହଟି ଲୋ କୋଇଲି ! । ୩ ।
କୋଇଲି ! ଘନ କେଶେ ବଳେ ଶେଙ୍ଖେଁ ଫୁଲ ।
ଘଟଣ ଉପରେ ତା ଚିପି ଅଟକେଁ ମୁଁ ଅତୁଳ ଲୋ କୋଇଲି ! ।୪।
କୋଇଲି ! ଉର୍ବଶୀ ଲୁଚେ ତା ହାରକୁ ।
ଉପରେ ଅଳଙ୍କାର ତା ମୁଁ ଘାତ ନିରେଖଇ ଲୋ କୋଇଲି ! । ୫ ।
କୋଇଲି ! ଚନ୍ଦ୍ରରୁ ଚୁପୁଡ଼ି କାନ୍ତି ବଢ଼ ।
ରୁରୁ ଅଙ୍ଗୀ ଅଙ୍ଗେ ରଙ୍ଗେ ଅଚ୍ଛି ପରି ନାହୁ ଲୋ କୋଇଲି ! ।୬ ।

---

୧ । କେତକୀ ଶୋଭି—କେତକୀ ଫୁଲରେ ସୁନ୍ଦର ଦିଶୁଥିବା; ଉର—ସ୍ତନ ।

୩ । ଯେଣୁ—ଯୋଗୁଁ; ଯାଏ ସେତୁ ହଟି—ବସି ହାରିଯାଏ ।

୪ । ଘଟଣ—ସୁନ୍ଦର ।

୫ । ଉର୍ବଶୀ—ସ୍ୱର୍ଗ ଅପ୍ସରା ଉର୍ବଶୀ ।

୬ । ରୁରୁଅଙ୍ଗୀ—ସୁନ୍ଦରଦେହା; ଅଚ୍ଛି ନାହୁ—ଭଳ ଅଛ ।

କୋଇଲି ! ଛବିଳ ମୂରତି ତାର ଦେଖି ।
ଘୁଞ୍ଚିବାକୁ ମଙ୍ଗିବ ଟି କହ ଡାହା ଅଙ୍ଗ ଲୋ କୋଇଲି ! ।୭।

କୋଇଲି ! ଜଳୁଥିଲେ ବଉଳର ବତୀ ।
ଜବାଧର-କାନ୍ତି ଦେଖି ମଉଳେ ତା ଜ୍ୟୋତି ଲୋ କୋଇଲି ! ।୮।

କୋଇଲି ! ସ୍ୱଚ୍ଛ ମୁକ୍ତା ତା କାନେ ଦୋହଲଇ ।
ଝଟକ ଗାଲରେ ପଡ଼ି ଛବି ଉଲୁଟଇ ଲୋ କୋଇଲି ।୯।

କୋଇଲି ! ନତମୁଖୀ ଚିବୁକ-ମୁକୁରେ ।
ନୟନେ ଦଶଇ ମୁଖ ଚୁମ୍ବିଲା କାଳରେ ଲୋ କୋଇଲି ! ।୧୦।

କୋଇଲି ! ଝଣ୍ଟି ଫାଳ ସରୁ ଖୋସା ରଚି ।
ଝଲ ଝଲ ରଙ୍ଗାଧର ଖେଳଇ ମୋ ଫୁଲ ଲୋ କୋଇଲି ! ।୧୧।

କୋଇଲି ! ଠାଠିକ ସୁନ୍ଦର ମୁହଁ ତାର ।
ଠିକେ ଭବଜନ-ମନ-ଅତୁଳ-ଆହାର ଲୋ କୋଇଲି ! ।୧୨।

କୋଇଲି ! ତୋଳେ ତାର ମୂରତି ଦେଖିଲେ ।
ଉଙ୍କାଇତ ବନନ୍ତି ଇନ୍ଦ୍ରିୟେ ପଡ଼ି ହେଲେ ଲୋ କୋଇଲି ! ।୧୩।

---

୭ । ଛବିଳ—ସୁନ୍ଦର ।
୯ । ଝଟକ—ଉଜ୍ଜ୍ୱଳ; ଉଲୁଟଇ—ଫୁଟି ଉଠେ ।
୧୦ । ମୁକୁର—ଦର୍ପଣ ।
୧୧ । ଝଲଝଲ ରଙ୍ଗାଧର—ଯାହାର ଅଧର ଖୁବ୍ ଲାଲ ।
୧୨ । ଠାଠିକ—ନିଖୁଣ; ଭବଜନମନ ଅତୁଳ ଆହାର—ଲୋକ ତା ମୁହଁକୁ ଚାହିଁଲେ ଲୋକର ପେଟ ପୁରିଯାଏ ।
୧୩ । ଉଙ୍କାଇତ...ହେଲେ—ତା ରୂପ ଦେଖିଲେ ଆଖି ପ୍ରଭୃତି ଇନ୍ଦ୍ରିୟ ମାନେ ଉଙ୍କାଇତ ହୋଇ ତା ଭୁର କରିବାକୁ ଚେଷ୍ଟା ।

କୋଇଲି ! ଡାଳ ନେଇ ଗୁନ୍ଥିଲେ ସୁନ୍ଦରୀ ।
ତଳଯାଏ ଇଷିତରେ ପୈଁଣି ହଂସୀ ବାଡ଼ ଲୋ କୋଇଲି ! ।୧୪।

କୋଇଲି ! ନୂଆ ଶିଖା ତା ପୀରତି ପାଠ ।
ନୁହଇ ପ୍ରବୀଣା, ଗୁଳି ନ ଜାଣଇ ବାଟ ଲୋ କୋଇଲି ! ।୧୫।

କୋଇଲି ! ତରୁମୂଳେ ବନେ ଉପବନେ ।
ଡରକେ ଭୁଞ୍ଜିଲି ଅଖି ତାର ମୁଁ ଗୋପନେ ଲୋ କୋଇଲି ! ।୧୬।

କୋଇଲି ! ଥରିଲି କନକ-ଅଙ୍ଗ ଡାଳୀ ।
ଅଙ୍ଗାର ଭ୍ରମିଲି "ବେଣୁ ନୁହେ; ବନମାଳୀ" ଲୋ କୋଇଲି ! ।୧୭।

କୋଇଲି ! ଦଣ୍ଡ ଭଙ୍ଗ ସେ ଦନ୍ତୁ ତା ଭିଣ୍ଡ ।
ପୀନ ଉତାସ୍ତ ଲଭିଲ ସ୍ୱଜ୍ୟଟାର ଶଣ୍ଢ ଲୋ କୋଇଲି ! ।୧୮।

କୋଇଲି ! ଧୀରମଣି ସେ ଦନ୍ତୁଁ ସଂକେତେ ।
ଧୂଳିରେ ସଂଚାରି ପ୍ରାଣ ଅର୍ପିଣ ରୂପରେ ଲୋ କୋଇଲି ! ।୧୯।

କୋଇଲି ! ନତ କର ମୁଖ-ତାମରସ ।
ନୂତନା ହୁଅଇ ଲଜ୍ଜା ହୋଇ ହସ ହସ ଲୋ କୋଇଲି ! ।୨୦।

---

୧୪ । ଡାଳ—ବଙ୍କେଇ; ଇଷିତରେ—ଅଳକରେ; ହଂସୀ—ଗନ୍ଧ ।

୧୫ । ନୂଆ ଶିଖା ତା ପୀରତି ପାଠ—ସେ ନୂଆ କରି ପ୍ରୀତି ବାଟରେ ଗୋଡ଼ ଦେଇଅଛି; ପ୍ରବୀଣା—ଅଭିଜ୍ଞ ।

୧୭ । କନକ ଅଙ୍ଗ—ସୁନାବର୍ଣ୍ଣ ଦେହ ।

୧୯ । ଧୂଳିରେ ସଞ୍ଚାରି ପ୍ରାଣ—ସେ ଏଡ଼େ ସୁନ୍ଦର ଯେ ଧୂଳିରେ ତା ପାଦ ପଡ଼ିଲେ ଧୂଳି ଜୀବନ୍ୟାସ ପାଇଯାଏ ।

୨୦ । ତାମରସ—ପଦ୍ମ; ନୂତନା—ନୂଆ ବଧୂଟୀ ।

ଭୋଇଲ୍ ! ପଲକେ ମୁଁ ଜଗେ ଅଜଙ୍ଗାଇ ।
ପିପାସୀ ସମାନେ ଓଠୁଁ ହୁଏ ରସଗ୍ରାହୀ ଲୋ ଭୋଇଲ ! । ୨୧ ।
ଭୋଇଲ୍ ! ଫୁଲ୍ଲ ସମନ୍ୱିତ ତା ତବସ୍ତ ।
ଫଳାଏ ତପସ୍ୟା-ତନ୍ତୁ ନାସିକାର ମୋର ଲୋ ଭୋଇଲ ! । ୨୨ ।
ଭୋଇଲ୍ ! ସନୋଇ ହୁଅଇ ବାତ ତନ୍ତୁଁ ।
ବକୁଳ-ଗନ୍ଧ-ବିଭବେ ଭାଗୀ ହେବା ପାଇଁ ଲୋ ଭୋଇଲ ! । ୨୩ ।
ଭୋଇଲ୍ ! ଭରମାଙ୍ଗୀ ନତଦେହୀ ମୋର ।
ଶ୍ରିତ ବରଜ ମୋ କଣ୍ଠେ ଲତାଏ ତା ଭର ଲୋ ଭୋଇଲ ! । ୨୪ ।
ଭୋଇଲ୍ ! ମଧୁର ଏ ମହୋତ୍ସବ ଦୁହୁଁ ।
ମୁଗ୍ଧେ ଦେଖନ୍ତି ତାରକା ଫେଇ ନେତ୍ର ସ୍ବର୍ଗରୁ ଲୋ ଭୋଇଲ ! । ୨୫ ।
ଭୋଇଲ୍ ! ଯୂଥିକାର ଗନ୍ଧେ ଉପବନ ।
ଯୋଗାଉଣ ଥାଏ ମଧୁ ତା ଅଭିବାଦନ ଲୋ ଭୋଇଲ ! । ୨୬ ।

---

୨୧ । ପଲକେ—ସ୍ବର୍ଗୁଁ ଗୃହୁଁ; ପିପାସୀ—ଶୋଷୀ ଲୋକ; ଓଠୁଁ ହୁଏ ରସଗ୍ରାହୀ—ଚୁମ୍ବନ ଦେଇ ଅମୃତ ପିଏଁ ।

୨୨ । ତବସ୍ତ—ଗନ୍ଧ; ଫଳାଏ ତପସ୍ୟା ତନ୍ତୁ…ମୋର—ମୋ ନାକର ତପସ୍ୟାକୁ ସାର୍ଥ କରେ ଅର୍ଥାତ ସୁବାସ ଦ୍ୱାରା ମୋ ନାକକୁ ମୋହିତ କରେ ।

୨୩ । ସନୋଇ ହୁଅଇ—ନଇଁ କରି ଅନୁରୋଧ କରେ; ବକୁଳ ଗନ୍ଧ ବିଭବେ ଭାଗୀ ହେବା ପାଇଁ—ଅର୍ଥାତ ତା ଗନ୍ଧରୁ ବାହାରୁଥିବା ସୁଗନ୍ଧକୁ ଭାଗ ନେବାକୁ ।

୨୪ । ଭରମାଙ୍ଗୀ—ଭର୍ମ ଅର୍ଥାତ୍ ସୁନାପରି ଦେହ ଯାହାର; ଲତାଏ—ଲତାପରି ବେଢ଼ାଏ ।

୨୫ । ମୁଗ୍ଧ—ମୋହିତ ହୋଇ; ଫେଇ—ମେଲି କରି ।

୨୬ । ଯୂଥିକା—ଯୂଇ ଫୁଲ ।

ବୋଇଲି ! ରୁଚିରକୁ ବହୁରୁ ବୁଝାଇ ।
ରୁଚିର ତା ବଦନ ଚନ୍ଦ୍ର ନାହିଁ କିଛି ବଡ଼ ଲେ ବୋଇଲି ! । ୨୭ ।
ବୋଇଲି ! ଖେଳାରେ ତା ଗ୍ରୀବା ଡାକିବାର ।
ଲଳିତେ ଦେଖିବା ଓଠେ ମୋ ଚୁମ୍ବନବାର ଲେ ବୋଇଲି ! ।୨୮।
ବୋଇଲି ! ବକୁଳ ପାଦପତଳେ ବସି ।
ବନ୍ଧ ହୋଇଣ ଅନ୍ୟୋନ୍ୟରେ ଥିବା ରସି ଲେ ବୋଇଲି ! ।୨୯।
ବୋଇଲି ! ଶମ୍ପା ଅଙ୍ଗେ ତମ ହର ଦୂର ।
ଶିଥିଳତା-ହୀନ ବାହୁବନ୍ଧେ ରଞ୍ଜିବାର ଲେ ବୋଇଲି ! । ୩୦ ।
ବୋଇଲି ! ଫଣିଅଙ୍ଗୀ ଫିଟାଇଣ ଗର୍ଭ ।
ଷୋଡଶୀ ତାର ସୁଗନ୍ଧିତ ନବେ ପରଶିବା ଲେ ବୋଇଲି ! । ୩୧ ।
ବୋଇଲି ! ସଜଳ କଜ୍ଜଳ ଆଖି ଢୋଳା ।
ସରସିଜମୁଖୀ ଲୁଚେ ପଢ଼ିବାର ଭଲ ଲେ ଓବୋଇଲି ! । ୩୨ ।

---

୨୭ । ରୁଚିର — ସୁନ୍ଦର ।

୨୮ । ଖେଳାରେ — ଖେଳରେ; ଗ୍ରୀବା — ବେକ; ଡାକିବାର — ବଙ୍କେଇବା; ଲଳିତେ — ମଧୁର ଓ ଧୀର ଭାବରେ; ଚୁମ୍ବନବାର — ଚୁମ୍ବନ ସବୁ ।

୨୯ । ବକୁଳ ପାଦପ — ବଉଳ ଗଛ; ବନ୍ଧ ହୋଇ — ବାଧ୍ୟ ହୀନ ଭାବରେ ।

୩୦ । ଶମ୍ପା ଅଙ୍ଗେ — ବିଜୁଳି ପରି ଝଟକେ ବାରକ ଦେହରେ, ଶିଥିଳତା ହୀନ ବାହୁବନ୍ଧ — ଦୃଢ଼ ଆଲିଙ୍ଗନ ।

୩୧ । ଫଣି ଅଙ୍ଗୀ — ଫଣି ଫୁଲପରି ଗୋରା ଦେହ ଥିବା ସ୍ତ୍ରୀ; ତାର ସୁଗନ୍ଧିତ ନବେ ପରଶିବା — ତା ଗର୍ଭରେ ଫୁଲ ମଞ୍ଜରି ହୋଇଥାଏ । ସେ ତାହାଦ୍ୱାରା ତାର ମଞ୍ଜରି ହୋଇଥିବା ଆକାଶକୁ ପରଶିତ କରେ, ଅର୍ଥାତ ତାହାଙ୍କୁ ତା ଗର୍ଭ ଅଦ୍ଭୁତ ସୁନ୍ଦର ଲାଗେ ।

୩୨ । ସଜଳ — ଲୁହଭରା; ସରସିଜ ମୁଖୀ — ପଦ୍ମମୁଖୀ ।

କୋଇଲି ! ହୋଇଅଛୁ ଜପାମାଳି ମୋର ।
ହରପ୍ରିୟା ମନାଇଁ ମୁଁ ଲଭିବି ତା ବର ଲୋ କୋଇଲି ! ।୩୩।
କୋଇଲି ! ଛିତି-ଶିର-ଅଳକା ମୋ ବାଳା ।
ଖେଦ ନାଶେଁ ବନ୍ଧୁ ଭରେ ତା ଚୁମ୍ବନମାଳା ଲୋ କୋଇଲି ! ।୩୪।

୧୯୪୫

---

୩୩ । ଜପାମାଳି — ସବୁବେଳେ ସ୍ମରଣ କରିବାର ଜିନିଷ; ହରପ୍ରିୟା — ପାର୍ବତୀ; ମନାଇଁ — ତୋଷ କରି, ଲଭିବ ତା ବର — ତାକୁ ବରିବ ହେବି ।

୩୪ । ଛିତିଶିରେ — ପୃଥିବୀର ମୁଣ୍ଡରେ; ଅଳକା — ମୁଣ୍ଡର ଅଳଙ୍କାର ବିଶେଷ, ଖେଦ — ଦୁଃଖ; ଭରେ — ସ୍ରୋତରେ ( ଏଠାରେ ସ୍ରୋତରେ )

# ଦ୍ୱିତୀୟ ଭାଗ

# ସେ ତ ସ୍ୱଦେଶ ମୋହର

( ରାଗ ଶଙ୍କରାଭରଣ )

ପ୍ରକୃତିର ଶୋଭା ଯାର ଜଗତେ ଅତୁଳ
ସ୍ୱର୍ଗସୁଖୁଁ ବଳି ସୁଖ ଦିଏ ଯାହା କୋଳ
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର । ୧ ।

ରତ୍ନାକର ପଦ ଯାର ଧୁଏ ଅବିରତ
ହିମାଳୟ ମୁକୁଟେ ଯା ଶିର ସୁଶୋଭିତ
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର । ୨ ।

କ୍ଷୀର ସମ ନୀର ବହୁ ନଦୀରେ ଯେ ଭୁଇଁ
ଜନନୀ ସମାନ ସୁତ ସୁତାଙ୍କୁ ପାଳଇ
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର । ୩ ।

---

୧। ଅତୁଳ—ଉପମାହୀନ ।
୨। ରତ୍ନାକର—ସମୁଦ୍ର; ଅବିରତ—ନିରନ୍ତର; ସର୍ବଦା ।

ସୁମଧୁର ଫଳ ଧରି ଯାର ତରୁଗଣ
ପୋଷୁଛନ୍ତି ଚରାଚର ଜୀବ ଅଗଣନ
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର । ୪ ।

ସୁଗନ୍ଧି ସୁମନ ଯାର ଫୁଟି ନାନା ରଙ୍ଗ
ଭୂତଳରେ ତାରାମାଳ ପରାଏ ଶୋହନ୍ତି
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର । ୫ ।

ଜଳ, ବନ, ଗିରି ଯାର ଶ୍ୟାମଳ ସୁନ୍ଦର
ମଧୁ ପିଇ ଫୁଲେ ଯାର ଘୂମାଏ ଭ୍ରମର
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର । ୬ ।

ବସୁଧାର ଗନ୍ତାଘର ଯାହା ଥିଲେ ଧନୀ
ଧର୍ମର ଆଲୁଅ ଦେଲେ ଜଗତେ ଯା ଜ୍ଞାନୀ
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର । ୭ ।

---

୪ । ଅଗଣନ—ଅସୁମାର ।
୫ । ସୁମନ—ଫୁଲ ।
୬ । ଶ୍ୟାମଳ—ଶାଗୁଆ ।
୭ । ଗନ୍ତାଘର—ଭଣ୍ଡାର; ଜ୍ଞାନୀ—ବୌଦ୍ଧଧର୍ମପ୍ରଚାରକ ସନ୍ଥ ଭିକ୍ଷୁ ।

ଜନ୍ମଦେଇ ଧନ୍ୟ ଯାର ହେଲେ ପୁତ୍ରପୁତ୍ରୀ
ତନ୍ୟ ବଳକର କହୁଥିଲେ ସାକ୍ଷାତ ଦେବତା
ସେ ତ ସ୍ୱଦେଶ ମୋହର
ଧରଣୀର ମଥାମଣି ଗୌରବର ଘର ।୮।

ତହିଁରେ ଜନମ ଲଭି ଧନ୍ୟ ମୋ ଜୀବନ
ସ୍ୱଦେଶର ମାଟି ମୋତେ ପୂଜାର ଚନ୍ଦନ
ଶଙ୍ଖ ବିଭୂତି ତା ଧୂଳି
ମଣ୍ଡୁଆଇ ଚିରକାଳ ରାଜ୍ୟା ମୋ ମଉଳି ।୯।

୧୯୩୯

—୬୨—

## ବ୍ରଜକିଶୋର ପାଶକୁ ସ୍ନେହଲତା

(ରାଗ ଓ ଦୁଖି)

ଯେଉଁ ଆଶାରେ ଆଶାୟୀ            ହୋଇ ଦିନ ଯାପିବଇଁ
ତୁମ୍ଭେ ତ ଆସିଲ ନାହିଁ ବ୍ରଜକିଶୋର !
ନୀରସ, ସୁଷମାହୀନ            ହେଲା ମୋ ରଜନୀ ଦିନ
ଯୁଗ ସମ ହେଲା ଯେଣୁ କାଳ ଅସାର
କହ ସତେ ଆସିବ ନାହିଁ
ଅଭାଗିନୀ ସ୍ନେହଲତା-କୁଞ୍ଜ-ଭଳାଇଁ ? ।୧।

୯ । ମଉଳି—ମୁଣ୍ଡ ।

୧ । ସୁଷମାହୀନ—ଅସୁନ୍ଦର; କୁଞ୍ଜ-ଭଳାଇଁ—ଦେଖିବା ।

ଜନକ ବିଭବ ବିଷ ନ ଦିଏ ତା ମୋତେର ତୋଷ
ଟିକେହେଁ ଜଳେ ହାହୁତାଶ ପ୍ରାଣ-ଦୋସର !
ତୁଚ୍ଛ ଶୂନ୍ୟ ମହାଶୂନ୍ୟ ଦିଶନ୍ତି ଏ ଦକ୍ଷମାନ
ଅଖି ରଖିବାକୁ ଥାନ ନାହିଁ ସେ ମୋର !
ଅଖିର ଯା ସମ୍ପତ୍ତି ସାର
ଲଳିତ ମୂରତି ତୁମ୍ଭ ଭଦ୍ଧୁଁର ଘର । ୨ ।
ଜନକ କରନ୍ତି ଚିନ୍ତା ମୁଁ ହୋଇବି ପରଣୀତା
ତୁମ୍ଭେ ଜାଳି ଦେଲ ଚିତା ଅଙ୍ଗ ଅନ୍ତରେ,
ଏ ପୋଡ଼ା ହୃଦୟ ନେଇ କାହାକୁ ମୁଁ ସଁପିବଇଁ
ପାରିବି ବା ପଞ୍ଚିବାଇ କେଉଁ ମନ୍ତ୍ରରେ ?
ମନୁବଅ ! ହୋଇଲି ଦୂର
ଚିତ୍ତକୋଣୁଁ ମଧୁ ମୋର କରଣ ଜୁର । ୩ ।
ଗୋପାଳଙ୍କ ମନ୍ଦିରରେ ସନ୍ଧ୍ୟା ଅଳତି କାଳରେ
ମିଳାଇ ନେଣି ନେଣରେ ଜାଣିଲି ମନ,
ଯୁବା ଜନଙ୍କୁ ଗୋଚର ମହିମା ଚକ୍ଷୁରାଗର
ଅନ୍ତରେ ଯୋଡ଼େ ଅନ୍ତର ତା ତତକ୍ଷଣ
ପରିଚିତ ଅପରିଚିତେ
ପରେ ଆପଣାର କରନ୍ତି ତା ଲକ୍ଷିତେ । ୪ ।

---

୨ । ଜନକବିଭବର୍ତ୍ତୀ—ବାପଙ୍କ ସମ୍ପତ୍ତି; ହାହୁତାଶ-ହାହାକାରରୂପ ନିଆଁ; ପ୍ରାଣଦୋସର—ଜୀବନବନ୍ଧୁ; ଦକ୍ଷମାନ—ଦଗ୍ଧମାନ; ଲଳିତ—ସୁନ୍ଦର ।
୩ । ପରଣୀତା—ବିବାହିତା; ଜୁର—ଲୁଟି ।
୪ । ଚକ୍ଷୁରାଗ—ଚାରିଚକ୍ଷୁର ମିଳନ ।

ହୋଇ ତୁମ୍ଭେ ସାତ ପର ହେଲ୍ ଅନ୍ଧ ଅପଣାର
ହୋଇଲ ଦେବ ମନ୍ଦର ବେଙ୍କର ଭୁଇଁ,
ଅଭିଳିମ୍ନା ଭାବେ ମତ୍ତି ରୂପ ଗରବ ତରଙ୍ଗ
ମନେ ତା ଦମ୍ଭ ସରଙ୍ଗ ପଡ଼ିଲ ନାଇଁ
ନଇଁ ବାଟରେ କ୍ଷଣିଲ ଚିତ୍ତ
ଚେତା ହୋଇ କଲ ଜୁର ଚିତ୍ତର ବାଞ୍ଛ । ୫ ।

ଲୋଡ଼ବେ ସୁମନ ଖୋଇ ମାଳା ମୁଁ ଗାନ୍ଥି ରଖିଛି
ଏବେ ଦେବ ଅରଚନ ତୁମ୍ଭଙ୍କୁ ଅନେ
ତୁମ୍ଭର ଦତ୍ତ ସୁମନ କୁନ୍ତଳେ ଭରେଁ ମଣ୍ଡନ
ଯା ଦେଖି ହୁଅ ମଗନ ମୋର ଧିଆନେ
ଗରବେ ମୋ ଭର ଅନ୍ତର
କୋମଳେ ଶୁଣାଅ 'ତୁ ମୋହର ମୁଁ ତୋର' । ୬ ।

ଜନକଙ୍କ ପରିଚିତ ହୋଇଣ ହେଲ୍ ଅଜ୍ଞାତ
ଅହେ ମୋ ଚିତ୍ତ ବ୍ୟୋମ ସଂପୂର୍ଣ୍ଣ ଶଶୀ !
ଅପରିଚିତର ସର ପାଶେ ମୋ ଥାଅ ବିଚରି
ନ ପାରନ୍ତି କେହ୍ନ ଧରି ନେଇ ବଡ଼ଶୀ
ପକାଇ ଯା କ୍ଷଣକୁ କ୍ଷଣ
ବଢ଼ଶିଲେ ଧରୁ ଥାଅ ମୋ ଚିତ୍ତ ମୀନ । ୭ ।

---

୬ । କୁନ୍ତଳ—କେଶ ।
୭ । ବ୍ୟୋମ—ଆକାଶ; ସମ୍ପୂର୍ଣ୍ଣଶଶୀ—ପୂର୍ଣ୍ଣଚନ୍ଦ୍ରମା; ବଡ଼ଶୀ—ବନଶିକଣ୍ଟା;
ମୀନ—ମାଛ ।

ଛିନ୍ତନମାଳୁ ଯେଉଁ ଦିନ    କରଇ ମୁହିଁ ଗମନ
ଭାଙ୍ଗିଲାର ପ୍ରାଣ ମନ ହୁଅ ଅଥିର
ଲଭିଲେ ଆସନ ପାଶେ    ନାଚନ୍ତି ଯାଅ ଉଲ୍ଲାସେ
ଜଭଗତେ ତଥା ଭବେ ରହୁଁ ଭବର
ଭାଷାରେ ମୋ ଦିଅ ସୁମନ
କୁଟେଣ୍ଟ ପୋଷ ଦିଅ କର ମୋର ଏ ମନ । ୮ ।

ସଙ୍ଗେ ନେଇଣ ପରିବାର    ବାପା ଯାନ୍ତେ ବାଲେଶ୍ୱର
ତୁମ୍ଭେ ହେ ଈରଳବର ! ଖାଲି ଛଳରେ
ପ୍ରାଣର ତାହାଙ୍କୁ ବନ୍ଧୁ    ମୋ ନେଦେ ନେଦ ମିଳାଇ
ପ୍ରେମ ତନ୍ତୀ ରୂପ ବନ୍ଧୁ ବସି ରେଳରେ
କରିଥିଲ ସଙ୍ଗେ ଗମନ
ହୃଦ ହାଣି ହୁଏ କର ତା ସୁମରଣେ । ୯ ।

ପଥେ ମୋର ବସୁରିକା,    ଜନନୀ ପାରିଲେ ତଭା
ତୁମ୍ଭେ ସମ୍ଭାଳିଲ ଏକା ଏତେକ ବିପତ୍ତି
ମରଣ ସାଗରେ ବୁଡ଼ି    ଯାଇଥାନ୍ତି ତାହୁଁ ନାଭ
ଭଲାଇ ରଖିଲ ଭବ ଜୀବନ-ବତ
ଜନନୀଙ୍କ ସେନେହ ମୋର
ହୋଇ ଅସୁଥିଲା ଗାଢ଼ୁଁ ସେ ଗାଢ଼ତର ।୧୦।

---

୯ । ଛଳରେ—ବାହାନାରେ; ପ୍ରେମତନ୍ତ୍ରୀ—ସ୍ନେହଶୃଙ୍ଖଳ ।
୧୦ । ଭବ—ସଂସାରରେ ।

ବିଦାୟ ନେବାର ଦିନ ନାହିଁ କି ବନ୍ଧୁ ! ସ୍ମରଣ
ଗଲେ ଗଙ୍ଗା ସ୍ନାବେଣୀଣି ବହୁଲ ମୋତେ
"ସ୍ନେହ ରେ ! ତୋହର ମୁହିଁ ଅନାଇ କେବେଁ ନୁହଇ
ତୋ ଗୁଣ ମୁଁ ଥିବ ଧ୍ୟାଇ ଦୂରେ ଅଦୂରେ
ଅନ୍ତରେ ତୋ ଠାବ ମୋ ପାଇଁ
ରଖିଥିବୁ ମାଗୁଛି ରେ ଚନ୍ଦ୍ରମାମୁହିଁ !" ।୧୧।

ଭଣିଲି ମୁଁ "ସେବେ ଯାଅ ଶୁଣ ମୋ ଫେରିବ ଦିଅ
ନରୁବା କାହିଁ ନ ଯାଅ ଚିତ୍ତ ମୋ ନେଇ
ବନ୍ଧୁ ହେ ! ଯାଅ ଫେରିତେ ବିଚ୍ଛେଦ ଦାହ କରତେ
କରତ ହେବ ଜୀବନେ ଶ୍ରାବ ଚିତାଇ;
ଫୁଲ ହାର ଅନଳେ ଫିଙ୍ଗ
ପାଷାଣେ କର୍ଣ୍ଣିଭ କାଚ ପ୍ରତିମା ଭଙ୍ଗ "।୧୨।

ଭଣିଲି "ସୁମନାବର ! ନୋହିବ ବେଶୀ ଡେରିର
ଯିବଇଁ ଅଳପ ଦୂର ଅଥୟ ନୁହ,
ନ ପାରଇ କହି କଥା ଘୂରି ଯାଉଛି ମୋ ମଥା
ଅସହ ବିଦାୟ ବ୍ୟଥା, କଣ୍ଠରେ କୋହ
ଭଳି ଯାଉଅଛି ମୋ ଧନ !
ନେଉଛି ଦେହ ମାତର, ରଖି ତୁ ମନ"।୧୩।

---

୬୨। ଝଟୋଇ—ଖବ ଖବ।

ସୋଦରେ ବାସିଗ ବନ୍ଧୁ ସ୍ୱପନରେ ନାମ ଲେଖାଇ
ଅଛା ଭୁଲି ନ ପାରଇ ହେଲା ଟି ଜାସ ।।
ଜଗତେଣେ ହୋଇଲି ତାନ୍ତୁ କାହାକୁ ଦୋଷିବି ନାହିଁ
ଜରତେମ ଭଲ ମୋ କାହିଁ ଜୀବଜୀବେଣ !
ଭୁମାଷ୍ଟ ମୁଁ ବନ୍ଧୁବ ସାର !
ଫୋଟୁଲି ଯାଏଁ ଭୁମ୍ଭେ ମୋ ନୟନୁଁ ନୀର । ୧୪ ।

ହୁଅନ୍ତୁ ମୁଁ ଜଳଧର ଗଗନେ ଜବ ସଂଗ୍ଭର
ଯାଅନ୍ତ ସେ ଦେଶ ଦୁର, ରହୁଛ ଯହିଁ !
ବିହଙ୍ଗ ହେଲେ ହୁଅନ୍ତ ବିଯୁଭ ଲଙ୍ଘି ଗମନ୍ତ
ଅନ୍ତର ଦାହ ଶମନ୍ତ ମୁଁ ଦେଖି ଅନାଇଁ ।
ହୁଅନ୍ତ ମୁଁ ହେଲେ ଅନିଳ
ଆଲିଙ୍ଗି ଅସନ୍ତ ଚୁମ୍ବି ଅଙ୍ଗ ଅତୁଳ ।। । ୧୫ ।

ସ୍ୱପନଦେବୀ ସଦୟ ହେଲେ ହୋଇ ମୁଁ ଉଦୟ
ଗଦ ଗଦ ମାନମୟ ଭାଷା ବଖାଣି
ବଲ୍ଲଭା ଅମୂଲ୍ୟ ଧନ ବଞ୍ଚିତ ଶୁଣି ବଚନ
ହେସିଲ ଜବ ଅରଜନ ଧରନ୍ତ ପାଣି
ଏତେକ ଭାଗ୍ୟ ମୋର କି ଅଛି ?
ଭାଗ୍ୟାତୁଣୀ ଶ୍ରବଣୀ ଭୋଗ ବାଞ୍ଛିଲ । ୧୬ ।

---

୧୪ । ଡାହୁଡ଼େଇ—ସିଂହିବ ।
୧୫ । ଜଳଧର—ମେଘ; ଅନ୍ତରଦାହ—ମନକୋଭ; ଶମନ୍ତ—ଶୀତଳ କରନ୍ତ ।
୧୬ । ବଲ୍ଲଭ—ପ୍ରେମିକ; ବଲ୍ଲଭୀ—ପ୍ରେମିକା ।

ଢଳାଇ ପ୍ରେମ-ଝାଗର          ରନ୍ଧ୍ରବାଇଁ ଉଜାଗର
ଲଭିବ ଫଳ ଯାଗର ତୁମ୍ଭଙ୍କୁ ଦେଖି
ଆଶା ମୋ ଭବର ହୋଇ          ଭକ୍ତୁ ରାଖ ତୁମ୍ଭ ଦେହୁ
ଶାନ୍ତ ବେଶଗ ହେଉ ମଧ୍ୱା, ଯୁଙ୍କ ଜପେଷି
ଆସ ଓସଣ୍ଟ ବାନ୍ଧୁ ବନ୍ଧନେ
ନ ପୋଛୁଁ ସେନେହ-ଲତା ଶୋଭଗନ୍ଧନେ । ୧୭ ।

୧୯୪୫

# ନନ୍ଦକିଶୋର ବଳ

( ସ୍ୱଗ ରସକୁଲ୍ୟା )

ହେ ଦିବଗତ ନନ୍ଦକିଶୋର !
ନିପୁଣ ତୂଳିକା ଧରି କରର
ଉତ୍କଳର ଜନପଦ ଆଲେଖ୍ୟ
ଆଙ୍କି ଗଲ ଯାହା କ୍ୱାସ ତା ଲକ୍ଷ୍ୟ ହେ
ତୁମ୍ଭ ଲେଖନୀ ପ୍ରସାଦେ ହେ
ସାରସ୍ୱତ ଧାମେ          ଚିରାବହେଳିତା
ପଲ୍ଲୀ ଅଜ ରାଜେ ମୋଦେ ହେ । ୧ ।

---

୧୭ । ଯାଗର—ଯଜ୍ଞଗୋଷ୍ଠାକର; ଇନ୍ଧନ—ଜାଳେଣି କାଠ ।

୧ । ଦିବଗତ—ସ୍ୱର୍ଗତ; ଜନପଦ—ପଲ୍ଲୀ, ଆଲେଖ୍ୟ—ଚିତ୍ର; ପ୍ରସାଦେ—ଅନୁଗ୍ରହରୁ; ସାରସ୍ୱତଧାମେ—ସାହିତ୍ୟକ୍ଷେତ୍ରରେ ।

ନାଗର ସଭ୍ୟତା ଉପକରଣ
ଘେରିଅଛି ଅଜି ସଭ୍ୟଜୀବନ
ପଲ୍ଲୀ ପ୍ରକୃତିର ନିସର୍ଗ ଶୋଭା
ନୋହୁଛି ଶିକ୍ଷିତ ମାନସଲୋଭା
ତୁମ୍ଭେ କିନ୍ତୁ ବର କବି ହେ
ଶିକ୍ଷିତ ନୟନ          ବଜାଇ ବାଣିଙ୍କୁ
ଟାଣି ଅନବଦ୍ୟ ଛବି ହେ । ୨ ।
ଓଢ଼ଣା ଉଢ଼ାଇଲେ ଦିବ୍ୟ ମାଧୁରୀ
ଛନ୍ଦ ବହିଥିବା ଲଜ୍ଜାର କରି
ଚାଇଁପୋଇ ତାଙ୍କ କାନ୍ତିବାରତା
ପଲ୍ଲୀବାଟରେ ଯେ ପୀରତିକଥା
ତାହା ଆଜି ତୁମ୍ଭ ପର ହେ
ଲୋଏ ଦେଖି ପୁଣି          ଦେଖାଇ ଯାଇଛ
ଧନ୍ୟ ଦିବ୍ୟ ନେତ୍ରଧାରୀ ହେ ।। ୩ ।
ଶିଶୁ ଖେଳ ମେଳ, ଜନନୀ ପ୍ରାଣ,
ସଖଙ୍କ ଅବଳା-ବଧୂ ଜୀବନ
ବେପାରର ଗୋଳ ଶିଳ୍ପିଦରେଟି
ଲେଖନୀରେ ତୁମ୍ଭ କି ଯୋଗେ ଫୁଟି
ଥିଲା ଟି ନବକିଶୋର ହେ,
ପଢ଼ିଲେ କବିତା          ପଲ୍ଲୀ ମନୋରମା
ବାଜଇ ଅସିଁ ଆଗର ହେ । ୪ ।

---

୨ । ନାଗର—ସହରରେ ଗଠିତ; ଉପକରଣ—ସରଞ୍ଜାମ; ନିସର୍ଗ—ସ୍ୱାଭାବିକ; ଅନବଦ୍ୟ—ନିଖୁଣ ।
୪ । ସଖଙ୍କ—ସ୍ୱତ; ମନୋରମା—ଶୋଭାମୟୀ, ମନୋହାରିଣୀ ।

ଧନ୍ୟ ଯାଦୁକର ! ନିଦାଘେ ବସି
ଭବ୍ୟଭାବେ ତୁମ୍ଭମନ ନଚେଇଣି,
ଗାଇଲେ ଜଗତ ସତେ ବରଷା,
ଆସିଲଣି ମାଡ଼ି ବୁଡ଼ାଇ ବସା ହେ
ଧାଇଁଲଣି ପୁଣି ଜଳ ହେ
ଝାଙ୍କି ଆଉ ନାହିଁ ସ୍ତୁତିଲଣି ଏଠୁ
ମେଘ ଉପର ଉପର ହେ ।୫।

କି ଦେଇ ପୂଜିବୁଁ ତୁମ୍ଭ ପ୍ରତିଭା
କି ଟୀକା ଦେଇଣି ଲଗାଉ ଆଭା
ମନ୍ତ୍ରିବୁଁ ହେ କବି ! ଦଣ୍ଡ ବଢ଼ାଇ,
ପଲ୍ଲୀ ଉପବନେ ସୁମନ ପାଇଁ
ଯାଇ ନାହୁଁ ଅଭାଜନେ ହେ
ତେଣନ ଯାହା ଅଛୁ ଦାନ ଉପାୟନ
ଆଜି ସାରସ୍ୱତ ଧାମେ ହେ ।୬।

୧୯୩୬

---

୫। ଯାଦୁକର—ଐନ୍ଦ୍ରଜାଲିକ; ନିଦାଘେ—ଗ୍ରୀଷ୍ମକାଳରେ; ବସା—ପୃଥିବୀ।

୬। ଅଭାଜନେ—ଅଯୋଗ୍ୟ ବ୍ୟକ୍ତିମାନେ; ଉପାୟନ—ଭେଟି; ସାରସ୍ୱତଧାମେ—ଉତ୍କଳ ସାହିତ୍ୟ ସମାଜ ଘର ଶ୍ରୀରାମଚନ୍ଦ୍ର ଭବନରେ। କବ୍ଧ ଜନ ତଳେ କବିଙ୍କ ପ୍ରତିକୃତି ଉନ୍ମୋଚନ ଉପଲକ୍ଷେ ଏ ଗୀତ ରଚିତ ହୋଇଥିଲା।

—୬୪—

# ବାଣୀ ସ୍ତୁତି

[ ବନ୍ଦ ପୀୟୂଷ ବୋଲି ମୁଁ ଦେଲି ପୁଣି—ବୃତ୍ତରେ ]

ବାଜ ଉଠିବ କଚ୍ଛପୀ ସତେ ପୁଣି
ଅଙ୍କେ ! ବାଣୀଗୁଣି ! । ଘୋଷା ।

ଭଲା-ନୀଲା-ହେମଲା ଏବେ ମଣ୍ଡି
କାଳ-ଦାଉ-ଜାଳ ସହୁ ସହୁ
ପରାଣ ନୀରସ                 ଅନ୍ତର ଉଦାସ
ସଙ୍ଗୀତେ ମାନସ ଆଉ ନାହିଁ । ୧ ।

ଥିଲା ଯେବେ ପ୍ରାଣ-ପ୍ରବୃତ୍ତତା
କଣ୍ଠେ ନ ଫୁଟିଲା କି ଗୀତ ତା
ଜୀବନ-ସରସୀ                 ଅମ୍ବୁ-ରାଶି ନାଶି
ଦୁଃଖରବି କଲା କି ଅବସ୍ଥା । ୨ ।

---

୦ । କଚ୍ଛପୀ—ବୀଣା ।

୧ । ଜାଳ—ସମୂହ, ସରୁ; ମାନସ—ମନ ।

୨ । ପ୍ରାଣପ୍ରବୃତ୍ତତା—ଉତ୍ସାହ, ତେଜ ଓ ବାସ୍ପ ପ୍ରଭୃତି ପ୍ରାଣ ସମ୍ବନ୍ଧୀୟ ଗୁଣର ଆଧିକ୍ୟ; ସରସୀ—ପୋଖରୀ; ଅମ୍ବୁ—ପାଣି ରାଶି—ସମୂହ ।

ଭଞ୍ଜ-କବି ରବି-ବନମାଳୀ
ଗୋପାଳକୃଷ୍ଣ ସଂଗୀତାବଳୀ
ଯେ ଦେଶ ସଂପଦ          ଦେଶ ଖ୍ୟାତି ସମ୍ପଦ
ସେ ଭୂମି ବହାଇ ଭିକ୍ଷାଥାଳ । ୩ ।

ଛିଃ କି ଜାତିର ଏ ଅପମାନ
ବାହ୍ୟିକ ଝଲମଲୀ ଦରଶନ
ବିଶ୍ୱ ସାରସ୍ୱତ          ସଙ୍ଗୀତ ବିଭବୁ
କରବ ସେ ସାର ଅପହରଣ । ୪ ।

ଏହୁ ମାନସିକେ କରୁଁ ପୂଜା
ବନ୍ଦନା ଦେବେ ବଲ୍ଲକୀଭୁଜା ।
କଳାପୁଞ୍ଜ-ପୀଠ          ପୂଜକ ଓଡ଼ିଆ,
ସଙ୍ଗୀତେ ପ୍ରାଣ ତା ହେଉ ତାଜା । ୫ ।

୧-୯-୩୬

---

୩ । ଭଞ୍ଜ—ଉପେନ୍ଦ୍ର ଭଞ୍ଜ; କବିରବି—କବିସୂର୍ଯ୍ୟ ବଳଦେବ, ବନମାଳୀ—ସଙ୍ଗୀତକାର ବନମାଳୀ ପଟ୍ଟନାୟକ; ଗୋପାଳକୃଷ୍ଣ—କବିକଳହଂସ ଗୋପାଳକୃଷ୍ଣ ପଟ୍ଟନାୟକ ।

୫ । ମାନସିକେ—ଏହି କାମନା କରି; ବଲ୍ଲକୀଭୁଜା—ବୀଣାପାଣି; ତାଜା—ପ୍ରଫୁଲ୍ଲ ।

—❦—

# ହେମଲତାର ଚିଠି

( ରାଗ—ଶଙ୍କରାଭରଣ )

ବିନୋଦ ବାବୁ ହେ !
ତୁମ୍ଭ ପାଇଛୁ ପତ୍ର
ବିଳମ୍ବ ହୋଇଛି ଦେବା ପାଇଁକି ଉତ୍ତର
ବୋଲି ଅଛଇ ପୀଡ଼ିତ
ଫୁରୁସତ ନାହିଁ ଭଲେ କହୁଛି ମୁଁ ସତ । ୧ ।

ବଡ଼ଲୋକ ଝିଅ ଭଳି ଶିକ୍ଷିତା ଅବର'
ତମ କାମେ ହେବା ପାଇଁ ସହାୟ ତମର
ନୋହିବରିଁ ମୁଁ ଭାଜନ
ଭାବୁଛି ଏହାହିଁ ତୁମ୍ଭ ଚିଠିର ମରମ । ୨ ।

ଭୁଲଇ ଲେଖିଛ ତୁମ୍ଭେ ଗହବର ପୁଅ
ଭାସି ଯାଅ ଛାଣେ ଯେଣେ ଘଟକୀର ସୁଅ
ମୁହିଁ ଗଗନର ଶଶୀ
କରିବାକୁ ଆଶା ମୋରେ ନ ପାର ଭରସି । ୩ ।

ମାମୁଁ ଘରେ ଥିଲ ଆସି ପ୍ରଶ୍ନର-ଛାମରେ
ବଡ଼ କଷ୍ଟିନ୍ତରେ ଅଣ୍ଡୁଁ ଥିଲ ମୁହିଁ ଘରେ
ଲୁଚା ପାଇଁ ତୁମେ ଆସି
ବୋଲକୁ ମୋ ଭଲ ବନ୍ଧୁ ! ଲେଖାରେ ମାଉସୀ । ୪

---

୨ । ଭାଜନ—ଯୋଗ୍ୟ ।

୪ । ଲେଖାରେ—ଦୂରସମ୍ପର୍କୀୟା ଭାବରେ ।

ମୁଁ ଥିଲି ଅପରିଣତା; ବୋଉ କହିବାରେ
ଶତେହି ଟଙ୍କା ଗୁନ୍ଦା ଗଣିଦେଲି ତୁମ୍ଭ କରେ
ତୁମ୍ଭ ସେ ବେଳ ଗୁହାଣୀ
ଜଣାଇଲା ହେଲେ ତୁମ୍ଭ ଅନ୍ତର କାହାଣୀ । ୫ ।

ଅନେକ ଗୁଦୁରୁକୁଣୀ ଥିବ ତୁମ୍ଭ ମନେ
ମୁଁ ଥିଲି ନିରତ ନାନା କୁସୁମ ଚୟନେ
ନ ମିଳନ୍ତେ କଇଁ ଫୁଲ,
ବୋଉ ଆଗେ କରୁଥିଲି ଆଖି ଛଳ ଛଳ । ୬ ।

ଦ୍ୱେର ପର ( ସମ୍ଭବ ଏ ବିଶେଷଣ ) ସଖା !
ଲୁଚି ଦେଖୁଥିଲ ଦୃଶ୍ୟ; ଦେଲ ଆସି ଦେଖା
ଭଣି "କଇଁ ଫୁଲ ଗୁର
ମିଳିବ ନାହିଁ କି ଏତେ ଭାବନା ହେମର" ।୭।

ଭଣିଲା ବୋଉ "ବିନୋଦ ! ସେ ଦଳ-ପୋଖରୀ
ମଣିଷଖିଆ କୁମ୍ଭୀରେ ଅଛଇ ରେ ପୂରି
କେହି ନ ପଶନ୍ତି ତହିଁ
ନୋହିଲେ କି ପୂଜା ପାଇଁ ନ ମିଳନ୍ତା କଇଁ ?" ।୮।
କିନ୍ତୁ ନ ଭଣିଣ ତୁମ୍ଭେ ହୋଇଲ ବାହାର
ଆଣିଲ ଘଣ୍ଟାକ ପରେ କଇଁ ଫୁଲ ଭାର
ନିଜ କାନ୍ଧରେ ବୁହାଇ
ବିପଦ ଗଣିଲ ନାହିଁ କହ କାହା ପାଇଁ ? ।୯।

୫ । ଅନ୍ତର କାହାଣୀ—ହୃଦୟର କଥା ଅର୍ଥାତ୍ ପ୍ରେମ ଅଭିଳାଷ ।
୬ । ନିରତା—ନିଯୁକ୍ତା, ଚୟନେ—ତୋଳିବାରେ ।
୯ । ବିପଦ ଗଣିଲ ନାହିଁ—ପ୍ରାଣଭୟକୁ ଖାତିର କଲ ନାହିଁ ।

କୁମାର ପୂର୍ଣ୍ଣିମା ଦିନ ଗୁଡି ଖେଳ ସାରି
ଫେରୁଥିଲି ହେଲା ଭେଟ ସଙ୍ଗତେ ତୁମ୍ଭର
ମୋର ଝାଳ-ଭିଜା ଦେହ
ଦେଖି ଭାବିଅଛ ଯାହା ମନରେ ପକାଅ । ୧୦ ।

ପକେଟରେ ଚମ୍ପା ଫୁଲ ଥିଲି ଲୁଚାଇଣି
ଗଭାରେ ତା ଖୁଞ୍ଚି ଦେଇ କଲି ଯେଉଁ ଗୁଣି
ଆହେ "ଗସ୍ତାବର ପୁଅ" !
ସେ ବେଳ ସାହସ ଏବେ ଗଲା କାହିଁ କହ ।୧୧।

ମନେ ନାହିଁ ଧୋବା ଘରୁ ବ୍ଲାଉସ ମୋହର
ଚୋରାଇ ପିନ୍ଧିଲି ନିଜେ ଜାମିଙ୍କ ତଳର
ମୋତେ ଭାଷିଲି ଦେଖାଇ
ମଳୟେ, ଚନ୍ଦ୍ରେ, ଚନ୍ଦନେ ଏତେ ସୁଖ ନାହିଁ ।୧୨।

ହେଲା ମୋ ଠି ଅମରଣ ଲାଜେ ଗଲି ଜଳି
ନ କହନ୍ତେ ଭାଷା, ତେବେ ହେଲି ମୋତେ ଚଳି ।
ଆହେ "ଗସ୍ତାବର ପୁଅ" !
ଲେଖନ୍ତେ ଭଠୃଚି କୋହ ଝରୁଅଛି ଲୁହ ।୧୩।

ହୃଦ-ଧନ ହରେ ହେଲେ ପ୍ରେମ ତସ୍କର
ନୁହଇ ଅବସ୍ଥା ତାରେ ଅଲଙ୍ଘ୍ୟ ପ୍ରାଚୀର
ହୃଦ-ତସ୍କର ମୋର !
ଚନ୍ଦ୍ର ହୋଇ କୁମୁଦକୁ ମଣ କାହିଁ ଦୂର ? ।୧୪।

---

୧୨ । ବ୍ଲାଉସ—କାଞ୍ଚୁଲି ।

୪ । ଅଲଂଘ୍ୟପ୍ରାଚୀର—ଯେଉଁ ପାଚେରିକୁ ଡେଇଁବା ଅସମ୍ଭବ ।

ଦେଉଛନ୍ତି ଶୁଭ ସମ୍ବାଦ ତା ପାଇଁ ବଧେଇ
ଭେଟ ହେଲା ଦିନ ପୁଣ, ମାଗି ମୁଁ ନେବଇଁ
ବୋଉ ବାପାଙ୍କୁ କହଇ
"ହେମକୁ ବିନୋଦେ ଦେଲେ ଭଲ ହୁନ୍ତା ନାହିଁ ?"।
ବାପା କହୁଛନ୍ତି "ତମ ଦେହ ଭଲ ହେଉ
ହେଲେ ତା ହୋଇବ ଗୁହିଁଥିଲେ ମହାପ୍ରଭୁ
ବିନୋଦଟି ଅଛି ପିଲା
ସବୁମତେ ଯୋଗା, ହେଲେ ଗରିବ କି ହେଲା? "।୧୬
ଚିନ୍ତାକର ଯହିଁ ପାଇଁ ହେଉଛି ତା ଦୂର
ଲେଖିବ ଏଣିକି ଚିଠି ଆନ ପରକାର,
ଆଉ ଅବସ୍ଥାର କଥା
ପଢେ ଲଖୁ ମନେ ମୋର ଦେବ ନାହିଁ ବ୍ୟଥା ।୧୭।
ମଲ୍ଲୀ ଫୁଲ ଗୋଟିଏ ମୁଁ ଦେଲି ଏଥି ସହ
ନ କରିବ ସଂଶୟେ ମୋ ଅଛି ଦୁର୍ବିସହ
ହେମଲତାର ପ୍ରଣତି
ହେମଲତା-ବନ୍ଧୁ ! ଘେନା କରିବ ହୋଇ ତ ।୧୮

୧୪୪୫

---

୧୫ । ବଧେଇ—ଶୁଭ ଖବର ଦେଲେ ସମ୍ବାଦଦାତା ଯେଉଁ ପୁରସ୍କାର ପାଏ ।
୧୬ । ଯୋଗା—ଯୋଗ୍ୟ ।
୧୭ । ଲଖୁ—ଲେଖି ।
୧୮ । ମଲ୍ଲୀଫୁଲ......ଏଥି ସହ—ମଲ୍ଲୀଫୁଲ ଦେଇ "ମୁଁ ତୁମ୍ଭ କରୁଣା ବିନା ମଲି" ଏହା ପ୍ରେମ ସାହିତ୍ୟରେ ସୂଚନା ଦିଆଯାଏ ।
ଦୁର୍ବିସହ—ଅତି ଅସହ୍ୟ ।

—୨୨—

# ମା ! ତୁ କ୍ଷମାବାରିଧି

ରାଗ ମାଳବ ଗୌଡ଼ା—ଆଠତାଳି

( ଶ୍ୟାମ ଭମନାୟକୁ ମନ ନାହିଁ ଅଉ—ବୃତ୍ତରେ )

ହେ ଜନନି ! ଶୟନ ତ ଭାଙ୍ଗୁ ନାହିଁ
କାଳ-ସରିତ ପରି ଯାଉଛୁ ବହି । ଧୋଖା !
ଖାରବେଳ କୀରତି ଭୁଲିଲେଣି ସନ୍ତତି
ଅଧୋଗତି-ପାଦୁକା ଶିରେ ବହି । ୧ ।
କପିଳେନ୍ଦ୍ର ଅନଙ୍ଗ— ଭୀମ ଶ୍ରୀ ନରସିଂହ
ନାମ ହେଲଣି କାଳ ପାଶୋରି । ୨ ।
ସ୍ୱାଧୀନତା-ବିଭୂତି କେତେ ମା ଗୋ ! ସନ୍ତତି—
ସମ ଖେଳାଇଥିଲେ ଗଲା କାହିଁ କି ? । ୩ ।
ଅସିଲା କାହୁଁ ଦୁଃଖ ସୁଖ-ଶୀତମୟୂଖ
ଲୁଚିଲା ତମେ ଅପଘନ ଛାଡ଼ି । ୪ ।
ହେଲେ କାହୁଁ ଜନମ କୁଳ ପାଂଶୁଳାଧମ
ସୁତେ ପରପଦ-ଲେହନ-ସ୍ନେହୀ । ୫ ।

---

୦ । ସରିତ—ନଈ ।
୧ । ଅଧୋଗତି ପାଦୁକା—ଅବନତି ରୂପ ଜୋତା ।
୩ । ବିଭୂତି—ସମ୍ପଦ ।
୪ । ଶୀତମୟୂଖ—ଚନ୍ଦ୍ର ; ତମ—ଅନ୍ଧାର; ଅପଘନ—ଦେହ;
୫ । କୁଳପାଂଶୁଳା—କୁଳାଙ୍ଗାର; ଲେହନ ସ୍ନେହୀ—ଚାଟିବା ପାଇଁ ଲାଳସୀ ।

ସଞ୍ଚିତ ପୁଣ୍ୟ ସୁଧା— ପାବନାଙ୍ଗୀ ବସୁଧା
ଶସ୍ୟ-ଶ୍ୟାମଳା ଧନ୍ୟହିରଣ୍ମୟୀ ।୬।
ଅବଳେ ଦିଅ ବଳ ପ୍ରାଣ-ମନ୍ଦିର ଖୋଲ
ସନ୍ତାନର ଦେବତା-ବାସ ପାଇଁ । ୭ ।
ସନ୍ତାନ ଅପରାଧୀ ମା ! ତୁ କ୍ଷମା ବାରାଧି
ବିଚ୍ଛିନ୍ନ ମାଗେ ପଦେ ମଥା ନ୍ୟସ୍ତ । ୮ ।
୧୯୩୪

—୨୨—

# ତୁ ଏ ବେଶ ହୋଇବୁ ନାହିଁ

ରାଗ—ଲଳିତ ଭାଟିଆରୀ; ଆଠତାଳି
( ବନମାଳୀଙ୍କ "ଶ୍ୟାମନାଗର ହେ ଏ ବେଶ
ହୋଇବ ନାହିଁ"—ବୃତ୍ତରେ )

ପ୍ରାଣ-ବାନ୍ଧବ ରେ ! ତୁ ଏ ବେଶ ହୋଇବୁ ନାହିଁ
ଏ ବେଶ ଦେଖିଲେ ପାଷାଣ ତରଳେ
ମୋ ଧୃତ ରହିବ କାହିଁ ? । ଘୋଷା ।
ସୁଚୀନ ବସନ କର ପରିହରଣ
ଥିବୁ ଯେବେ ଉଭା ହୋଇ
ମୋ ରାଣ ସଙ୍ଗାତ ! ଅଳସ ଭଞ୍ଜନେ
ଭୁଜ ଟେକି ଦେବୁ ନାହିଁ । ୧ ।

---

୭ । ଅବଳ—ବଳହୀନ ।
୮ । ବାରିଧି—ସମୁଦ୍ର; ନ୍ୟସ୍ତ—ନ୍ୟସ୍ତ କର ।

---

୦ । ଧୃତ—ଧୈର୍ଯ୍ୟ ।

ତୋ ସ୍ମିତ-ମାଧୁରୀ  ମୋ ଦମ୍ଭ-କସ୍ତୁରୀ
ମନ୍ଦେ ହସି ଦେବୁ ନାହିଁ
ହସିବାର ହେଲେ  ଛଇଳାବର ରେ !
ତେରଛେ ନ ଦେବୁ ଚାହିଁ । ୨ ।
ଫୁଲମୃଦୁଳାରେ !  ଫୁଲ ତୁ ଗଭାରେ
ଯତନେ ମଣ୍ଡିବୁ ନାହିଁ
ମଣ୍ଡିଥିବୁ ଯେବେ  ଢାଙ୍କିଲା ବସନ
ମୁଣ୍ଡରୁଁ ନ ଦେବୁ ଖସାଇ । ୩ ।
ଅଳକ-ଅବଳି  ଖେଳାଇ କପାଳେ
ସିନ୍ଦୁର ଘେନାବୁ ନାହିଁ
ଝୁଲୁଥିବୁ ଯେବେ  ପୁରତେ ମୋ ବନ୍ଧୁ !
ଅଲକ୍ତ ନ ଥିବୁ ନାଇ । ୪ ।

ଯେତେ ବେଶ ତୋତେ  ମନା କଲି ବନ୍ଧୁ !
ତେତେ ବେଶ ହେଲୁ ତୁହି
ହସି ମନ୍ଦେ ମନ୍ଦେ  ହୁରୁଇ ବିଚ୍ଛନ୍ଦେ
ବେଶ ତୋ ସବୁ ତା ପାଇଁ । ୫ ।

୧୯୩୭

---

୧ । ପହ୍ନରଣ କରି—ପିନ୍ଧି ।
୨ । ସ୍ମିତ—ମୃଦୁକ ହସ; ଛଇଳାବର—ଚତୁରୀ ଶ୍ରେଷ୍ଠା; ତେରଛେ—ବଙ୍କେଇ କରି ।
୩ । ଫୁଲମୃଦୁଳା—ଫୁଲ ପରି କୋମଳ ଦେହା ।
୪ । ଅଳକ—ଚୂନ୍ଧୁଚୂନିଆ କେଶ; ପୁରତେ—ଆଗରେ; ଅଲକ୍ତ-ଅଲତା;
୫ । ହୁରୁଇ—ସଂକେତ କରି ।

# ଜଡ଼ତା ପାଶ ଗଲେ କାହିଁ କି ହେ ?

ରାଗ—ମାୟାମାଳବ ଗୌଡ଼ା—ତାଳ ଝୁଲ
( ଉଠିଲ୍ ଏତେ ବେଗେ କାହିଁକିରେ ଦୁଃଶୀଧନ—ବୃନ୍ଦରେ )

ଜଡ଼ତା-ପାଶ ଗଲେ କାହିଁକି ହେ ଦେଶବାସୀ !
ରକତେ ଉଷ୍ମ ଅଉ ନାହିଁ କି ହେ । ଘୋଷା ।

ଭୁଲିଗଲ ମାନସ ଅତୀତ ଇତିହାସ
ଦୂର ଉପନିବେଶ ଭୁଲିଁ କି ହେ । ୧ ।

ବଣିଜ ଲକ୍ଷ୍ମୀ ଯାଇଁ ପର ହାତେ ସମ୍ଭାର
ସେ ଭୂତି ବନା ଜାତ ଜୀବ କି ହେ । ୨ ।

ଉତ୍କଳ—ଉର୍ମିମାଳ— ଛଳିଲ ସିନ୍ଧୁ-ଜଳ
ହୃଦେ ପାତଳ ନାହିଁ ସ୍ମରି କି ହେ । ୩ ।

ସାଧବ-ଦେଶେ ଜାତ ହେବା ହୋଇ ବସ୍ତୁତ
ହୀନତା-ଶେଷେ ମାର ହୀଇ କି ହେ । ୪ ।

ବୀର-ଦେଶେ ଜନମ ଭୀରୁତା-ପଦେ ନମ
ଟମକ ଶୁଣି ନିଜ ସ୍ମରି କି ହେ । ୫ ।

ଅବଳାର ପଣତେ ଅଶ୍ରୁ ଲୋଡ଼ି ଉପତେ
କଳଙ୍କ-ପରିଲୁପ୍ତ ଏହୁ କି ହେ । ୬ ।

ବିଚ୍ଛିନ୍ନ କାନ୍ଦ କଟେହ ଶୋକ ଅନଳ-ଦାହେ
ବୁଲୁ ପୋଡ଼େ ଶୁଣି ଏ ମହାକି ହେ । ୭ ।

୧୯୩୪

---

୦ । ଉଷ୍ମ—ଉଷ୍ଣ ।
୧ । ଉପନିବେଶ—ଓଡ଼ିଶାର ଦକ୍ଷିଣାତ୍ୟ ସାମ୍ରାଜ୍ୟ ।
୨ । ସମ୍ଭାର—ବସ୍ତୁ; ଭୂତି—ସମ୍ପତ୍ତି,
୩ । ଛଳିଲ—ଧୋଇଲ ।

—୬୯—

# ସୈନିକର ଅନୁଚିନ୍ତା

( ରୁଷିଆ କବିତାର ଛାୟା )

ରାଗ—ଚୈଞ୍ଜି

ରେ କୋକିଳ ! ଯାଅ ଉଡ଼ି          ଯହିଁ ଚିନ୍ତା-ଛଳେ ବୁଡ଼ି
ମୁହିଁ ଉପାଧାନେ ମାଡ଼ି ତାଳି ଲୋଟଇ
ରୂପସୀ ପ୍ରେୟସୀ ମୋର          ହୃଦେ ଭରି ହାହାକାର
ବିରହେ ମୋ ଅନିବାର କରଇ ଶୋକ;
ପ୍ରବାସେ ମୋ ହୃଦେ ହୁତାଶ
ଜଳେ ସ୍ମରି ତା ଗୁଣ ନିଶି ଦିବସ । ୧ ।

କହିବୁ ତାକୁ କୋମଳେ          ପ୍ରାନ୍ତରେ ଘାସକୁ ଜାଳେ
ଖର ସୁରକରଜାଳେ ଯଥା ନିଦାଘ
ମୋତେ ଜାଳିବାକୁ ପାଇଁ          ପରୁଷ-କେଳିଭ ସାଇଁ
ମୋ ତନୁ ତା ଶିରେ ଖୁଇ କରେ ସେ ଦାଗ—
ମିଳନର ବରଷାଜଳ
ପାଇଁ ମୋ ପ୍ରାଣଚାତକ ସଦା ବିକଳ । ୨ ।

---

୧ । ଉପାଧାନେ—ତକିଆରେ; ଅନିବାର—ବନ୍ଦ ନ ହେଉଥିବା; ହୁତାଶ—ନିଆଁ ।

୨ । ଖର—ପ୍ରଚଣ୍ଡ; ସୁରକର—ସୂର୍ଯ୍ୟ କିରଣ; ଜାଳ—ସମୂହ; ପରୁଷ—ନିର୍ଦ୍ଦୟ, କେଳିଭସାଇଁ—ମଦନ; ଖୁଇ—(ଏଠାରେ) ବେଢ଼ିଯାଇ ଭିଡ଼ି ।

ନ ଥିବାରୁ ସେ ମୋ ପାଶ — ରଜନୀରେ ତାରା-ଈଶ
ସ୍ୱଚ୍ଛ କୌମୁଦୀ-ହାସ ନ ରୁଚେ ମୋରେ
ଦିବସରେ ଦିବାକର — କର ନ ଦିଶେ ସୁନ୍ଦର
ଶୋଭା ଅଧିଦେବୀ ମୋର ସେଣୁ ଟି ଦୂରେ
ତା ମଧୁର ସମ୍ଭାଷସୁଧା
ବିହୁନେ ନୀରସ ମୋରେ ସାରା ବସୁଧା । ୩ ।

ଯାହା ଉରେ ନମ୍ର ଶିର — ଶୋଭିଚି ଶ୍ୟାମ ମଧୁର
ଚରଣ ରେ ରସଭର ଏ ମୋର ଗୀତ
ଯାହା ବୀଣା-ଜିଣା ଭାଷା — କରିବ ସୁଧା ବରଷା
ତାହାକୁ କରି ଭରସା ସ୍ମିତର ସ୍ରୋତ
ଫୁଟିବ ଏ କଣ୍ଠ ମୋହର
ଭେଦି ତାଳିବ ଲୋଳ ସଙ୍ଗୀତର ଝଙ୍କାର । ୪ ।

ଆଉ ତୁ କୋକିଳ ଡାକ — ଯହିଁ ଶନ୍ତିଙ୍କଲେ ଭୁଇଁ
ଗବାକ୍ଷ କବାଟ ଫେଡ଼ି ଚାଲ ଲେଉଟକ
ରୂପସୀ ମୋ ହୃଦରାଣୀ — ମୋ ଚିତ୍ତ ମାନସେ ଆଣି
ଗନ୍ଧେ ତା ନିବେଶି ପାଣି କରଇ ଶୋକ
କୁହୁତାନ ମୋ କାନେ ଢାଳି
ହୃଦ ମୋ ଗାମ୍ଭୁକବର ! ନ ଦିଅ ଜାଳି । ୫ ।

୧୯୪୪

୩ । ତାରେଶ—ଚନ୍ଦ୍ର; ସ୍ୱଚ୍ଛ—ଧବଳ, କୌମୁଦୀ—ଚନ୍ଦ୍ରିକା, ଶୋଭା ଅଧିଦେବୀ—ସୌନ୍ଦର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ, ସମ୍ଭାଷସୁଧା—ଆଳାପ ରୂପ ଅମୃତ ।

୪ । ସ୍ମିତର ସ୍ରୋତ—ମୁରୁକି ହସ ରୂପ ଆଲୁଅ ।

୫ । ଗବାକ୍ଷ—ଝରକା ।

—୨୯—

# ବିଶ୍ୱନାଥ କର

( ରାଗ ରସକୁଲ୍ୟା )

ସାହିତ୍ୟପୁରୋଧା ହେ ବିଶ୍ୱନାଥ !
ଆଜ ଏ ଉତ୍କଳେ ପୁଣି କା ହାତ
ସାହିତ୍ୟଲତାକୁ ଭଙ୍ଗା ଯୋଗାଇ
ସମାଜରେ ଅହା ଦେବ ମଡାଇ ହେ
ଗଲ ତିନି ଦଶହରା ହେ
ମୁହିଁ ଲକ୍ଷ୍ୟ ଦେଇ ରହିଲ ସରଗେ
ଝରାଇ ଅଶ୍ରୁ ଅସରା ହେ । ୧ ।

ବିଶ୍ୱାସର ପୀଠେ ହେବାକୁ ବଳି
ଅଗ୍ରସାର ତୁମ୍ଭ ଭଳି କେ ବଳି
ଥିଲା କି ଉତ୍କଳେ ? ହେ କର୍ମିବର !
ଧନୁଁ ଧନ ଧ୍ୟାନୁଁ ସେ ଧ୍ୟାନତର
ବ୍ୟକ୍ତିତ୍ୱର ଖମ୍ଭମାନ ହେ
ତୁମ୍ଭ ତୁଲ୍ୟ ନରୋ- ତ୍ତମଙ୍କ ପ୍ରୟାଣେ
ଉଜଡ଼ି ଯେଣୁ ପତନ ହେ । ୨ ।

---

୧ । ସାହିତ୍ୟ ପୁରୋଧା—ସାହିତ୍ୟ କ୍ଷେତ୍ରର ପୁରୋହିତ ।

୨ । ନରୋତ୍ତମ—ଶ୍ରେଷ୍ଠ ମନୁଷ୍ୟ ।

ରସନାର ଭୂଷା, ଲେଖନୀ ବାଣୀ
ସଙ୍ଗତେ ସେ ଧାମୁଁ ଥିଲ କି ଆଣି
ବକ୍ତୃସାର ଯାହା ଧାରଣା ତାର
ଦେବାକୁ ଏ ଦେଶେ ହେ ସୁଧୀବର ?
ତୁମ୍ଭେ ଗଲ ଯେଉଁ ଦିନୁଁ ହେ
କେଶରି ଗର୍ଜନ କ୍ଷୁଦ୍ରାଚେଉ କେତେବା
ଶୁଭଇ ସାହିତ୍ୟ ବନୁଁ ହେ ।୩।

ଋଷିରୂପଧର ଋଷିଜୀବନ
ଯାପିବାକୁ ସ୍ପୃହେ ବ୍ରତୀସ୍ଥ ଜନ
ଆଉ କିଏ ଅଛୁ କହ ଏ ଦେଶେ
ନାହିଁ ଯଦି ଭଲ କହ କି ଦୋଷେ
ଛାଡ଼ିଗଲ ବିଶ୍ୱନାଥ ହେ ?
ତପୋଧାମେ ତୁମ୍ଭ କହୁଛି ମୁଁ ସତ
'ସାହିତ୍ୟ' ହେଲା ଅନାଥ ହେ ।୪।

୧୯୩୭



---

୩ । ରସନାର ଭୂଷା··· ···ବାଣୀ—ବିଶ୍ୱନାଥ ଶକ୍ତିଶାଳୀ ବକ୍ତା ଓ ଲେଖକ ଥିଲେ; ବକ୍ତୃସାର—ବକ୍ତୃତାର ଠାଣି; ସୁଧୀବର—ପଣ୍ଡିତ ଶ୍ରେଷ୍ଠ ।

—୨୦—

# ବିପିନବିହାରୀ ଚଉଧୁରୀ

( ଶ୍ରୀରାଧାବାତୁଲୀ ପ୍ରେମ ରତ୍ନ ତୁଲ—ବୃତ୍ତରେ )

ସର୍ଜନକୁଶଳା ପ୍ରକୃତି ହାରିଲା
　　ହେ ବନ୍ଧୁ ସାହାର କଳାପାଶେ
ମାହେନ୍ଦ୍ର ଯୋଗରେ ଭଲା ଜନମିଲ
　　କୋଣାରକ-ଧନ୍ୟ ସେହୁ ଦେଶେ
　　ଜନନୀର ପାଇଁ
　　ଦୁଃଖରେ ତା ସମ-ଦୁଃଖୀ ହୋଇ
ଲାଞ୍ଛନା-ତାମସ-ହରଣ-ମିହିର
　　କରି ଦେଲା ବିଧି ପଠିଆଇ । ୧ ।

---

୧ । ସର୍ଜନ କୁଶଳା—ସୃଷ୍ଟି କରିବାରେ ପାରଙ୍ଗମା; ସାହାର—ଅର୍ଥାତ ଉତ୍କଳର କଳାଶିଳ୍ପୀମାନେ ଏତେ ବିବିଧ ଓ ଏତେ କମନୀୟ ସୃଷ୍ଟି କରିଛନ୍ତି ଯେ ତାଙ୍କ ସୃଷ୍ଟି ତୁଳନାରେ ନିଜେ ପ୍ରକୃତି ସୁଦ୍ଧା ପଛରେ ପଡି ଯାଇଛି; ଲାଞ୍ଛନା—ଅପମାନ; ତାମସ—ଅନ୍ଧାର, ହରଣ—ଦୂର କରୁଥିବା, ମିହିର—ସୂର୍ଯ୍ୟ, ଅର୍ଥାତ ଜନନୀ ଉତ୍କଳର ଅଧୁନାତନ ଯୁଗର ଅପମାନ ଦୂର କରିବା ପାଇଁ ବିଧାତା ତୁମ୍ଭଙ୍କୁ ପଠାଇ ଦେଲା ।

ଦେଖନ୍ତି ଅଧୋଗତ ଦେବାଳୟର ପଙ୍କ୍ତି
ଉତ୍କଳର ଅସ୍ମା ନାହିଁ ମନ୍ଦ
ବିଶ୍ୱକଳାପୀଠେ ପ୍ରମାଣ ତା କଲ
ହେ ବରେଣ୍ୟ ସୁଧୀ ! ତୁଳୀଧାରି !
ତୁମ୍ଭ ଗଉରବେ
ତୁମ୍ଭର ବିଜୟ-ଶ୍ରୀବୈଭବେ
ଜନନୀ-କପାଳେ ଦୀପ୍ତି ଦୋଗ ହେଲା
ଦେଶସ୍ଥାନ ହେଲୁଁ ଅମ୍ଭେ ସବେ । ୨ ।

କୋଣାରକ-ମୂକ-ଅବଳା-ମୂରତି
ମୁଖଁ ଫୁଟାଇଲ ଫୁଲଫୁଲ
ପଥର ଅବଳା ପ୍ରାଣବନ୍ତ ହୋଇ
ଧରିଛନ୍ତି ବନ୍ଦାପନା ଥାଳି
ସାରସ୍ୱତଧାମେ
କଳା-କିରୀଟିନୀ ଧରା ନାମେ
ସାର୍ଦ୍ଧକୋଟି ଉତ୍କଳୀୟ ଶ୍ରଦ୍ଧାଞ୍ଜଳି
ଘେନ ଚେକି ଯାହା ଦେଉ ଅମ୍ଭେ । ୩ ।

୧୯୩୫

୨ । ଅସ୍ମା—ଅନ୍ତରସ୍ଥା, ଦୀପ୍ତି—ଆଭା,
୩ । ତୁମ୍ଭ ଗୌରବରେ ଉତ୍ଫୁଲ୍ଲ ହୋଇ କୋଣାର୍କର ପଥର ଅବଳା ମୂର୍ତ୍ତିମାନେ ତୁମ୍ଭଙ୍କୁ ଅଭ୍ୟର୍ଥନା କରିବା ପାଇଁ ବନ୍ଦାପନା ଥାଳି ଧରି ଫୁଲ ଫୁଲ ପକାଉ ଅଛନ୍ତି । କଳାକିରୀଟିନୀ ଧରା—ଉତ୍କଳ ।

—୨୧—

# ସଜଳ କରିବୁ ନାହିଁ କଜଳ ନୟନ

( ରାଗ—ଶଙ୍କରାଭରଣ )

ସଜଳ କରବୁ ନାହିଁ କଜଳ ନୟନ
ବୋଲି କେତେ ବାର ତୋତେ ଦେଇ ନାହିଁ ରାଣ !
ଥିଲେ ଆଶା ମୋହ ଠାଇଁ
ତୋ ଗଣ୍ଡ-ଗୋଲାପେ ଲୁହ ଧୂଅନ୍ତା କିପାଇଁ । ୧ ।
ଯୋଗୀ ମୁଁ ମୋ ଆଉ ବିନା ସ୍ମିତ ତୋର ସହୁ !
ଶୋକ-ମେଘ ସେ କୌମୁଦୀ ପକାଇଲେ ଘାଇ
ମୋତେ ଏ ସାରା ସଂସାର
ଅମା ରଜନୀର ସମ ଦିଶଇ ଅନ୍ଧାର । ୨ ।
ଯାବତ ଜଞ୍ଜାଳଭାର ଲାଗେ ମୋର ଦିଅ
ପର ବୋଲି ନୁହଁ ମନୁଁ ପୋଛି ତୋ ପକାଅ
ପର ହେଲି କେଉଁ ପରି
ଜୀବନ-ମୂଳରେ ଅଗୁଁ କଣା ହୋଇ ସାରି । ୩ ।
ସଂସାର ଉଦ୍ୟାନେ ଫୁଲ୍ଲ ଗୋଲାପ ସୁମନ
ଦେଖିବାରେ ଖାଲି ତୋତେ ଝୁରି ଉଠେ ମନ
ଉପଭୋଗୀ ଭାଗ୍ୟବାନ
ସମ୍ଭବ କେମନ୍ତେ ଚିନ୍ତା-କୀଟର ଦଂଶନ ? ।୪।

---

୧ । ସଜଳ—ଲୁହରେ ଛଳଛଳ; କଜଳ—କଳା; ଗଣ୍ଡଗୋଲାପ—ଗାଲ ରୂପ ଗୋଲାପ ଫୁଲ ।

୨ । ସ୍ମିତ—ମନ୍ଦହାସ, ମୃଦୁହାସ; ଅମା—ଅମାବାସ୍ୟା ।

୪ । ଫୁଲ୍ଲ—ପ୍ରସ୍ଫୁଟିତ ।

ମୋ ଉପରେ ବଜ୍ର ଝଞ୍ଜା, ଭୃଙ୍ଗ ତୁ ମଳୟ,
ମାନସହାରିଣୀ ମମ ଶୋଭାର ନିଳୟ,
ଶୋଭାବିଳାସୀ ମୁଁ କବି
ଫୁଲର ଭାର ଯା ତୋତେ ମୋତେ ସେହୁ ପବି । ୫ ।

୧୯୩୭

—୨୨—

# ନିତ୍ୟାନନ୍ଦ ପାଣଙ୍କୁ ନିରୁପମା

ରାଗ—ତୋଡ଼ି

( ଶିଂଶପା ବୃକ୍ଷର ଡାଳେ ହନୁ ମନେ ମନେ ଭାଳେ—ବୃତ୍ତରେ )

ଶୂନ୍ୟ ଦିଶଇ ସଂସାର
ନାହିଁ ଭରସା ଲେଖିବାର
ଦଇବ ଦଉଡ଼ି ନେବ କି ହେ ଭିଡ଼ି
ମୋତେ ଅତଳ ଗହ୍ୱର
ପ୍ରିୟ ମୋହର ହେ ! ।୧।

---

୫ । ଫୁଲର ଭାର—ଅର୍ଥାତ ତୋ ଉପରକୁ ଫୁଲ ସମାନ ଭାର ଆସିଲେ ମୋତେ ତାହା ପବି ଅର୍ଥାତ ବଜ୍ରମାନ ପରି ବୋଧହୁଏ ।

---

୧ । ଲେଖିବାର—ଲେଖିବା ନିମନ୍ତେ; ଦଇବଦଉଡ଼ି—ଭାଗ୍ୟ
( ଦଇବ ଦଉଡ଼ି ମଣିଷ ଯାଉ, ଯେଣିକି ଟାଣିଲେ ସେଣିକି ଯାଇ )

ବାପ ମୋର ନଦାବୁଣି
ଦେଖିଲେଣି ଏବେ ବତନ
ମୁଁ ହେବି କାଞ୍ଚନପୁର-ଜମିଦାର—
ତନୟୁ କୋଳ-ମଣ୍ଡନ ।
ନାହିଁ ମରଣ ହେ ! । ୨ ।

ବୋଲଉ ମୋ ସୁର ନାହିଁ ।
ବାନ୍ଧୁଛି ଲୁହ ଗଡ଼ାଇ
ଜମିଦାର ଘର ପେଷୁଛନ୍ତି ସୁଦ
ନାନା ଉପହାର ଦେଇ
ନୁହଇ କହି ହେ ! । ୩ ।

ଟଙ୍କା ପାଞ୍ଚଟି ହଜାର
ଅଣୁଛନ୍ତି ବାପ ମୋର
ଶାଗ ମାଛ ସବୁ ହେବଇଁ ବାହାର
ଲଙ୍ଗଟ ଘଟେ ମୋ ଗାର
ପ୍ରିୟୁ ମୋହର ହେ ! । ୪ ।

---

୨ । ନଦାବୁଣ—ନର୍ବ୍ୟୁ; କୋଳମଣ୍ଡନ—ଭାର୍ଯ୍ୟା ।
୪ । ଲଙ୍ଗଟ ଘଟେ ମୋ ଗାର—ମୋ ଜଙ୍ଘାରେ ଲେଖା !

ମଦ ମାଂସର ସଙ୍ଗିନୀ
ହେବ ନିରୁପମା ପୁଣି
ହେଉଛୁ ଅସହ୍ୟ ଶୁଣି ଅହରହ
ବନ୍ଧୁ ତୁମ୍ଭ ନିନ୍ଦାବାଣୀ
ପିତା କରଣୀ ହେ । ୫ ।

ହୋଇ ଲକ୍ଷଣୀ ପିତୁଳୀ
ବୋଲାଇ ପୁଣି ଅବଳା
ପାଟି ନ ଫିଟାଇ ସହିବୁଁ କେତେ ଏ
ଦୁରନ୍ତ ସମାଜ ଜ୍ୱାଳା
ନାରୀ ଅବଳା ହେ । ୬ ।

କନ୍ୟାକୁ ମଣି କନକ
ବିକନ୍ତି ଲୋଭୀ ଜନକ
ବଂଶେଇ ବେପାର ଠକା କାରବାର
ମଣେ ମୁଁ ଘୋର ନରକ
ନାହିଁ ମୋ ଦକ ହେ । ୭ ।

---

୫ । ମଦ ମାଂସର ସଙ୍ଗିନୀ—ଜମିଦାର ପୁଅ ମଦ; ମାଂସ ଖାଏ—ତା ସଙ୍ଗକୁ ମୋତେ ଭୋଗ ସାମଗ୍ରୀ କରାଇବ । ପିତା କରଣୀ—ବାପଙ୍କ କାର୍ଯ୍ୟ ।

୬ । ଦୁରନ୍ତ – ଅତ୍ୟାଗ୍ରହୀ; ନିଷ୍ଠୁର

୭ । କନକ – ସୁନା ।

ପଗ୍ରାଣ କରିଛୁ ପଣ
ଲଙ୍ଘିବ ପିତୃବଚନ
ଲୋକ ଅପବାଦ ରହିଲେ ରହିବ
ନୋହିବ ସତ୍ୟ ଭଗନ
ଜୀବଜୀବନ ହେ । ୮ ।
ମୋ ନାଇଁ କର ଲପିରେ
ଜଣାଇବ କନିଦାରେ
ତନ ମନ ମୋର ବକା ନିତ୍ୟାନନ୍ଦେ
ନ ଦେବ ଭେଟେଁ ଅନରେ
ରଖ ମନ ରେ । ୯ ।
ବାନ୍ଧିଛୁ ଏତେ ସାହସ
ଆସ ବନ୍ଧୁ ମୋର ଆସ
“ନାଥ” ଡାକ ମୋରେ ଭୋଳେ ଅଭିଳାଷ
ଛାଡ଼େ ମୋ କର ଅଶ୍ୱାସ
ଜୀବଜୀବେଶ ହେ । ୧୦ ।
ବଳଙ୍ଗୀ ମେଳଣ ଠାରେ
କିଣିଥିଲ ପରି ମୋରେ
ଭେଟେ ଭଣ ଅଣି ଦେବାକୁ କହିଲ
ଲଡାଇ ତୁମ୍ଭର ଉପରେ
ଅତି ନାଭିରେ ହେ ।୧୧।

---

୮ । ପଗ୍ରାଣ କରିଛୁ ପଣ—ମୁଣ୍ଡରେ ପାଣି ଛଡ଼ାଇ ଦେଇଛୁ ।
୯ । କରଲପି—ହାତର ପଠି; ତନ—ଦେହ ।
୧୦ । ଅଶ୍ୱାସ—ଦମ୍ଭ ।
୧୧ । ଲଡାଇ—ଲଡୁ ଭଳି ଆଉଟ ।

ଘରେ ଅମ୍ଭ ପରିଚିତ
ଥିଲେ ତୁମ୍ଭ ତାତମାତ
ଗୋକୁଳ ଜମା ଦେଣଙ୍କ ସୁତ ବୋଲି
ଆଦର ହେଲା ପ୍ରାପତ
ଲଭି ତ୍ୟକତ ହେ ।୧୨।

ମେଳନ୍ତୁ ବିଦାୟ ବେଳେ
ଲଙ୍ଘି ବନ୍ଧୁ ତୁମ୍ଭ କୋଳେ
ମୁଁ କହିଲି ମୁଁ ଏହାକୁ ନ ଛାଡ଼ିବି
ରହିବି ଏହାଙ୍କ ମେଳେ
ସେନେହ ଭୋଳେ ହେ ।୧୩।

ବରଷ ନଅ ମାତର
ନାହିଁ ଛଟକ ସ୍ମତର
ତଥାପି ବାଳକା ବୟସୁଁ ହୋଇଲି
ସାରଣୀ ପ୍ରୀତି ହାତର
ରହୁଁ ମାତର ହେ ।୧୪।

ନେବାକୁ ତୁମ୍ଭଙ୍କୁ ଘରେ
ଅଡ଼ି ବସିଲି ଯାତରେ
କାନ୍ଦ ଦେଖି ମୋର ହେଲା ଅସିବାର
ତୁମ୍ଭଙ୍କୁ ମୋ ସହିତରେ
ମୋର ହିତରେ ହେ ।୧୫।

---

୧୪। ସାରଣୀ—ଖେଳର ନଟୁ ।

୧୫। ଅଡ଼ି ବସିଲି—ଜିଦ୍ ଧରିଲି ।

ଥାଏ ବୋଲ୍ ଫରମାସ
ଛୁଟି ହେଲେ ତୁମ୍ଭେ ଆସ
କେତେ ନୂଆ କଥା ଅଣ ମୋହ ପାଇଁ
ମୋ ମନ କର ଉଲ୍ଲାସ
ଜୀବଜୀବେଶ ହେ ।୧୬।

ପୋଷାକସବୁ ସଙ୍ଗେ ନିଅ
ହାତରେ ଗାଧୋଇ ଦିଅ
ମୁଁ କେବଳ ମୁଖେ ଦେଖିଇ ଆନନ୍ଦ
କି ଆନନ୍ଦ ମୋଠୁଁ ପାଅ,
ହେ ପରପୁଅ ହେ ।୧୭।

ବହୁତ ବହି ଫିଟାଇ
କାହାଣୀ ଯାଅ ହେ କହି
ଶକୁନ୍ତଳା ଜୁଲିଏଟଙ୍କ ଚରିତ
କେବେଁ ମୋ ଭୁଲି ନ ଯାଇ
ନଟେଇ ଭାଇ ହେ ।୧୮।

ହେଲା ଚଉଦ ବରଷ
ଜୀବନେ ମୋ ମଧୁମାସ
ତୁମ୍ଭ ହାତେ ମୋତେ ଦେବା ପାଇଁ ବାପା
କଲେ ଧନେ ପରକାଶ
ବୋଲ୍ ହରଷ ଚଠ ।୧୯।

---

୧୬ । ଫରମାସ—ବରାଦ ।

୧୮ । ଶକୁନ୍ତଳା—କାଳିଦାସଙ୍କ ପ୍ରଣୟିନୀ ନାୟିକା; ଜୁଲିଏଟ—ସେକ୍ସପିଅରଙ୍କ ପ୍ରଣୟିନୀ ନାୟିକା ।

୧୯ । ମଧୁମାସ—ବସନ୍ତକାଳ ।

ତୁମ୍ଭେ ଇନ୍ଦୁ ସିନ୍ଧୁ ମୁହିଁ
ହରଷ ମୋ ନୁହେ କହୁ
କୁଟିରେ ନ ଅସି ପାର ସନ୍ଧ କେବେ
ବିରହେ ହୁଏ ଯା ତାହୁ
କୁହା ନ ଯାଇ ହେ ।୨୦।

ଚଇଟେ ମନ୍ତେ ହୃଦସ୍ଥ
ମନ ମୋ ହୁଏ ଅଥୟ
ବିହଙ୍ଗର ପକ୍ଷ ଦେବା ପାଇଁ ମୋତେ
ଧାତାରେ କରେଁ ବିନୟ
ମୁଁ ଅନୁନୟ ହେ ।୨୧।

ଆସ ନିକଟେ ଯେବେ ସଖା
ନ ଦିଏ ପୂରି ମୁଁ ଦେଖା
ମନ ଥାଏ ଅଙ୍ଗେ ଅଙ୍ଗ ଯୋଡ଼ିବାକୁ
ଆଚରଣି ଲୋକଦେଖା
ପରିଣି ସଖା ହେ ।୨୨।

---

୨୦ । ତାହୁ ହେବା—ନିଆଁ ଧାସରେ ସିଝିବା ।

୨୧ । ବିହଙ୍ଗ—ପକ୍ଷୀ; ଚଢ଼େଇ ।

୨୨ । ଲୋକ ଦେଖା—ଲୋକଙ୍କୁ ଦେଖାଇ ହେବାକୁ ଲଜ୍ଜା ।

ପାଣିଆଁ ଘଟରେ ମୁଁ ଘେନି
ସଜାଡୁଥିଲି ମୋ ବେଣୀ
ତୁମ୍ଭେ ପଛଥିଲ କେହୁ ଥିଲେ ନାହିଁ
ଦାଉବେ ମୁଁ ଏକାକିନୀ
ବେଶ ମୋହିନୀ ହେ ।୨୩।

ଅଜ୍ଞାଇ ମୋତେ ଉଟର
ପରଶି ଗଣ୍ଡ ଗଣ୍ଡରେ
ଖଞ୍ଜିଲ 'ଚୁମ୍ବ'ରେ ଅହା ମୋ ଓଷ୍ଠରେ
ଏବେ ଲଜ୍ଜା ପୁଣି ମୋତେ
ଦୁଃଖେ ମୁଁ ମରେ ହେ ।୨୪।

ଲଲାଟେ ଚନ୍ଦନ ବିନ୍ଦୁ
ଉରସେ ତୁ ମୋର ଇନ୍ଦୁ
ପ୍ରେମରଚନାକୁ ବାଣୀ ତୁ ରେ ମୋର
ରୂପରେ ଶଶୀକୁ ନିନ୍ଦୁ
ପରାଣ ବନ୍ଧୁ ହେ ! ।୨୫।

ତୁ ପରା ମୋରେ ଛଇଲା
ଛଳିଏଠ ଶଙ୍କୁଳା
ବର ଦିଅ ମୋତେ ହେବୁ ତୁ ମୋ ଉରେ
ପ୍ରେମ ବୈଜୟନ୍ତୀ ମାଳା
ପୀରତିଶୀଳା ହେ ।୨୬।

---

୨୫ । ଲଲାଟେ—କପାଳରେ; ଉରସେ—ଛାତିରେ; ଇନ୍ଦୁ—ଚନ୍ଦ୍ର; ପ୍ରେମରଚନାକୁ ବାଣୀ—ମୋତେ ପ୍ରୀତିବିଦ୍ୟା ଦେବାକୁ ସରସ୍ୱତୀ ।

୨୬ । ବୈଜୟନ୍ତୀ ମାଳା—ବିଜୟର ହାର ।

ତୁ ମୋର ମୁହଁ ତୋହର
କର ଅଜ ଅଙ୍ଗୀକାର
ରାଜହଂସ ଗତି ଲାଜ ତୁ ବରଜ
ମୁଁ ପଶୁ ତୋ ପରଶୁର
ସୁମନାବର ରେ ।୨୭।

ଉଚରେ ମୁଁ ତୁମ୍ଭ ଲତାନ୍ତ
ତେବେତ କସ ଗଲି କାନ୍ତ
ସବୁର ମରମ୍ୟ— ଚରଣ ତଳର
ଦାସୀ ପଟଣେ ମୁଁ ଯୋଗାଇ
ଶରଣ ଦେନ୍ତୁ ହେ ।୨୮।

ବାହୁ ବନ୍ଧନକୁ ଫେଇ
ଲପନେ ମୋର ଅନାଇ
ହସିଲ ନବ ଲୁଚର ତେବେତ ମାଭର
ଦେବତା ହୋଇବେ ବାଇ
ତୋରେ ଅନାଇଁ ରେ ।୨୯।

ଚନ୍ଦନପୋଖରୀ ଜଳେ
ପଡ଼ୁଁ କୁମ୍ଭୀର କବଳେ
ସନ୍ତରଣ ତୁମ୍ଭେ ବଞ୍ଚାଇଲ ମୋରେ
ଅଘାତ ସହୁ କପାଳେ
ମୋ ପାଇଁ ହେଲେ ହେ । ୩୦ ।

---

୨୭ । ପଦ୍ମସୁର—ସେବକ ।
୨୮ ତେଜ୍ଞ—(ସ୍ୱତ) ଏଥ ।

ଜୀବନ ଦେଇଛୁ ଭିକ
ରଖ ହେ ପରସ୍ତ୍ରୀକ
ହେ ଜୀବଜୀବନ  ରାଜସିଂହାସନ
ତୁମ୍ଭ ଜନ୍ ଧିକ ଧିକ
ମୁଁ ସେ ସେବକୀ ହେ । ୩୧ ।
ପିଅରଙ୍କୁ ପୁଣି  କହୁଛନ୍ତି ଜନନୀ
ତୁମେ ମୋ ହୃଦୟ ରାଣୀ
ସେ ସେ ପାଷାଣ ହେ । ୩୨ ।
ହେ ମୋ ଗର୍ଭ ମଣିଷ୍ଟେର ।
ଦ୍ୱିତୀୟ ଜୀବନ ମୋର
ଆସୁଛି ସଂକଟ  ଆସ ମୋ ନିକଟ
ବତାଇଣ ଦଅ ଭର
ପରମେଶ୍ୱର ହେ । ୩୩ ।
ହୋଇବ ଜନକଦ୍ରୋହୀ
ଦୋଷୀହୁଣୀ ହେବ ନାହିଁ
ଆସ ପ୍ରିୟତମ,  ହର ଶନ୍ତାମମ,
ଦୁଃଖିନୀ, ମୋ ସମ ନାହିଁ
କି କହିବଇଁ ହେ । ୩୪ ।
ଜମିଦାର ଘର ଦାସୀ
ତିଲେକ ମୋ ଶୋଭାରାଶି
ଜମିଦାର ସୁତ,  ଭାଗ୍ୟବନ୍ତ ଭାତି
ହରଷେ ଯାଆନ୍ତି ଭାସି
ନବବୟସୀ ହେ । ୩୫ ।

---

୩୨ । ହୃଦୟରଞ୍ଜ—ମନର ରାଜା ।

ହରଷେ ଯାଆନ୍ତ ଭାସି
ନବବଧୂସୀ ହେ ! । ୩୫ ।

ଜନ୍ମଦାରେ ଲେଖିବଇଁ
ପିଅରେ ଦେଲ ଜଣାଇଁ
ହୋମ ଘିଅ ନୁହେ        କୁକୁର ଅହାର
କୁକୁର ଖାହିଁକ ବାଇ ?
ହା ମୋ ଜଗତାଇ ହେ ! । ୩୬ ।

ଦୁଃଖବାଟେ ପଦ ସ୍ଖଳ
ସୁଖେ ଦେଲ ଜଳାଞ୍ଜଳି
ଜୀବନଡୋଙ୍ଗର        ନିତ୍ୟାନନ୍ଦ ମୋର !
ଅସ ମୋ ରଙ୍କ ସଙ୍ଗାଳି !
ମୁଁ ତୁମ୍ଭ ବାଳୀ ହେ ! । ୩୭ ।

ଭାଷିଥିଲ ଦିନେ ମୋରେ
ଜନମ ତୁମ୍ଭ ମହୀରେ
ମୋହର ଅଙ୍ଗର        କବଚ ହେବାକୁ,
ଥିବ ତା ତୁମ୍ଭ ମନରେ
ଝୁରି ତା ମରେଁ ହେ ! । ୩୮ ।

---

୩୮ । କବଚ—ସାଞ୍ଜୁ ।

ଦୂଷଣ ଘୋଷଣ ବାକ୍ୟ
ଲକ୍ଷ ବଜ୍ର ପଛେ ଭାଙ୍ଗୁ
ନିରୂପମା ନାରୀ          ନୋହିବ ବୋହୂସ୍ୱ
ପିତା ତା ପଛେ ଗରଜୁ
ବାଧା ସରଜୁ ହେ ! । ୩୯ ।

ତଟିନୀ ଭେଦିବ ଗିରି
ସିନ୍ଧୁକୁ ଯିବ ବାହାରି,
ଚିରି ତରଙ୍ଗନ          ସିନା ଅକାରଣି
ରୋଧୁ ହୁଏ କି ତା ବାରି ?
ନାରୀ ତା ସରି ହେ ! । ୪୦ ।

ପାଳିବି ପତିବ୍ରତ
ବୁଝିବେ ମୋ ଲୋଭୀ ତାତ,
ଏ ଦେହ ତାହାରି          ଯାହାକୁ ଅନ୍ତର
ହୋଇଛି ଇଚ୍ଛାରେ ଦାନ
ଜାଣି ନିଶ୍ଚିତ ହେ ! । ୪୧ ।

---

୩୯ । ଦୂଷଣ ଘୋଷଣ—ନିନ୍ଦା ।

୪୦ । ତଟିନୀ—ନଦୀ; ଗିରି—ପର୍ବତ; ସିନ୍ଧୁ—ସମୁଦ୍ର ।

ମୋ ଜୀବନର ଆନନ୍ଦ !
ଆସ ମୋର ଜୀବ୍ୟାନନ୍ଦ !
ମୋ ଯଶବରଣ                    ପୃଥ୍ୱୀରାଜବତ
ରଖ ଦେଖି ଜୟଚନ୍ଦ
ଦୁର୍ଜନ ମନ୍ଦ ହେ ! । ୪୨ ।

ହୋଇଛି ବନ୍ଧୁର ମୋର
ଆଉନକୁ ନାହିଁ ଡର
ପ୍ରେମ ଯୋଗୀ ପ୍ରେମ—          ଯୋଗୀଆଣୀ ସାଜି
ସମାଜେ ଦେବା ଉତ୍ତର
ସଂକଳ୍ପ ମୋର ହେ ! । ୪୩ ।

ମୁକୁଳା ଆକାଶ ତଳେ
ଅବା ମହୀରୁହ ମୂଳେ
ଭରେ ତୁମ୍ଭ ମୁଁ               ଅଭିଜ୍ଞ ଠିଆ ହେଲେ
ଶଚୀଭୃତ ପାଦତଳେ
ଜାଣେ ମୁଁ ଭଲେ ହେ ! । ୪୪ ।

---

୪୨। ପୃଥ୍ୱୀରାଜ—ଜୟଚନ୍ଦ୍ର—ଜୟଚନ୍ଦ୍ରଙ୍କ ଝିଅ ସଂଯୁକ୍ତା ମନେ ମନେ ପୃଥ୍ୱୀରାଜଙ୍କୁ ବରଣ କରିଥିଲେ କିନ୍ତୁ ଜୟଚନ୍ଦ୍ର ପୃଥ୍ୱୀରାଜଙ୍କୁ ସଂଯୁକ୍ତାଙ୍କ ସ୍ୱୟମ୍ବରକୁ ନିମନ୍ତ୍ରଣ ନ କରି ତାଙ୍କୁ ଅପମାନ ଦେବା-ପାଇଁ ତାଙ୍କ ମୂର୍ତ୍ତିକୁ ଦ୍ୱାରପାଳ ରୂପେ ଥାପି ଦେଇଥିଲେ । ପୃଥ୍ୱୀରାଜଙ୍କ ମୂର୍ତ୍ତି ବେକରେ ସଂଯୁକ୍ତା ମାଳ ଦେଲେ ଏବଂ ପୃଥ୍ୱୀରାଜ ଲୁଚିରହି-ଥିବା ସ୍ଥାନରୁ ଆସି ସଂଯୁକ୍ତାଙ୍କୁ ଘୋଡ଼ାରେ ବସାଇ ନେଇ ଯାଇ ଥିଲେ ।

୪୪ । ଶଚୀଭୃତ—ଇନ୍ଦ୍ରାଣୀଙ୍କ ସମ୍ପଦ ।

ଶଙ୍ଖ ଥରେ ନେଲେ ସ୍ୱେର
ସଂସାରେ ଥାଏ କି ଡର ?
ସଂସ୍ପୃକ୍ତା ସମାନ          ମୁହିଁ ସ୍ଥିତପ୍ରାଜ୍ଞ
ପୃଥ୍ୱୀରାଜ  ତୁଅ ମୋର
ହୃଦଭସ୍ମର ହେ ।। ୪୫ ।

ପଥ ଚାହିଁ ଅଛୁ ବସି
ଆସ ମୋ ମାନସ ଶଶୀ !
ଜାଅଣା ସବୁତେ          ତରଣୀ ବୁଡ଼ନ୍ତି
ନିରୁପମା ଯାଏ ଭାସି
ହୃଦର ଆସି ହେ !! ୪୬ ।

୧୯୪୫

—୨୩—

ସମର-ଶଙ୍ଖ

# ସଚ୍ଚିଦାନନ୍ଦ ଭୂୟାଁ

( ରାଗ—କାମୋଦୀ )

ଉଭିଲେ ନିରାନନ୍ଦ    କରି ସଚ୍ଚିଦାନନ୍ଦ !
ଚିଦବେ ଯାଇଛ ବାହାରି
ଦେଖି ବ୍ୟୋମବିହାରି    ମହାବ୍ୟୋମରେ ଧରି
କରି ରହିଛ ବ୍ୟୋମଗ୍ରହୀ
ହେ ଶୂରମଣି !
ହରାଇ ତୁମ୍ଭଙ୍କୁ ଉତ୍କଳ
ନୟନୁ ନିଗାଡ଼ଇ ଜଳ,
ସ୍ମୃତିମ୍ପୂକା ବାସରେ    ପ୍ରସନ୍ନ ମାନସରେ
କ୍ଷଣିକ ଲାଗି ଅବତର
ହେ ବ୍ୟୋମଗ୍ରହୀ !

---

ଦୁର୍ଘଟନାରେ ମୃତ ଉତ୍କଳର ପ୍ରଥମ ଉଡ଼ାଜାହାଜ ଚାଳକ କୁମାର ସଚ୍ଚିଦାନନ୍ଦ ଭୂୟାଁଙ୍କ ସତୀଚଉରା ଶ୍ମଶାନ ସମାଧି ସ୍ଥାପନ ଉପଲକ୍ଷେ ରଚିତ ।

୧ । ମହାବ୍ୟୋମ—ସ୍ୱର୍ଗ, ବ୍ୟୋମଗ୍ରହୀ—ଆକାଶ ବିହାରୀ; ଅବତର—ସ୍ୱର୍ଗରୁ ଓହ୍ଲାଇ ଆସ ।

ଏ ଜାତି ନାହିଁ ମରି ସୁପ୍ତ କେଶରୀ ସରି
ଅଛୁ ନିବେଦ ଭାବ ଭରି
କଲ ଏହା ପ୍ରମାଣ ଭରି ମହାପ୍ରାଣ
ଶୂରକାନ୍ତି ଭୂତ ଅର୍ଜ
ହେ ଧୀରମଣି !

ଶହୀଦ ମଧ୍ୟେ ଗଣ୍ୟ ହୋଇ
ଉତ୍କଳ ସମ୍ମାନ ବଢ଼ାଇ
ଅକାଳରେ ଶ୍ମଶାନ କଲ ଯାହା ବରଣ
ଦହେ କେବଳ ହୃଦ ତାହି
ହେ ଧୀରମଣି !

ଦରିଦ୍ର ଦୁଃଖ ଦେଖି ଆର୍ଦ୍ର କରିବା ଆଖି
ଅକୁଣ୍ଠ ଚିତ୍ତେ ଦେବା ଦାନ
ଦୁର୍ଲ୍ଲଭ ଗୁଣାବଳି ଥିଲା ତୁମ୍ଭର ବୋଲି
ଜୀବନ ତୁମ୍ଭର ମହାନ
ହେ ବୀରୋତ୍ତମ !

---

୨ । ନିବେଦ ଭାବ – ନିଶ୍ଚଳ ଭାବ, ଶହୀଦ – ( ଯାବନିକ ଶବ୍ଦ ) – ମହତ କାର୍ଯ୍ୟରେ ପ୍ରାଣ ଦେଇଥିବା ବ୍ୟକ୍ତି । ଅର୍ଘ୍ୟ – ଓଦା;

ତୁମ୍ଭ ସୁବର୍ଣ୍ଣ ମୂର୍ଦ୍ଧ ଦେଶ
ପ୍ରସ୍ଥାନେ ତୁମ୍ଭ ସ୍ୱ-ଦୁଭାଗ
ଢାଳି ବରଷସାରି ଜାଳଇ ଅଜ ପରି !
ଦେନ ଶରଧା ସୁମନସ
ହେ ବୀରୋତ୍ତମ !

ବଟେ ସବୁ ନଶ୍ୱର କୀରତ୍ତି ଅନଶ୍ୱର
କୀରତ୍ତି ଦେହେ ଅଭ୍ୟୁତ୍ଥାନ
ହୋଇ ରହିବ ସାର ଚନ୍ଦ୍ରମା ଦିବାକର
ମଣ୍ଡିବେ ଯାବତ ଗଗନ
ହେ ଶୂରବର !

ଶତାବ୍ଦୀ ବୀର୍ଯ୍ୟ ପରମ୍ପରା
ରଖି ଅକ୍ଷୁଣ୍ଣ ବୀରଧରା
ତୋଲିଛ ପୂର୍ବପର ଜନ୍ମ ଭୂମି ଅମ୍ଭର
ବରଷ ଏ ସଦିଚ୍ଛା ଧାରା
୧୯୪୩ ହେ ଦିବବାସୀ !

---

* । ସୁମନସ — ଫୁଲ, ନଶ୍ୱର — ଅସ୍ଥାୟୀ ।

—୨୪—

# ସେ କାଳ ବିପଞ୍ଚୀ ଏ କାଳ ତାନ

[ ରାଗ—ରସକୁଲ୍ୟା ]

ପ୍ରାଣ-ପ୍ରଚୁରତା ଏ ଦେଶେ ଆଜ
ନାହିଁଛି ନିସ୍ପୃହ ସାଧିଛି ଦାଉ,
ଜଡ଼ତା-ଅଜ୍ଞାନ-ଘନ-ଅନ୍ଧାର
ଘୋଟିଛି ଏ ଦେଶେ ଚଉଦିଗର ଯେ
ପ୍ରାଣେ କାହିଁ ପ୍ରଫୁଲ୍ଲତା ଯେ ?
କଣ୍ଠରୁ ଛୁଟିବ ସଙ୍ଗୀତର ଉତ୍ସ
ଦେଇ ଆନନ୍ଦର ବାର୍ତ୍ତା ଯେ । ୧ ।

ଗଡ଼ ବାରବାଟୀ ଉନ୍ନତ ଶିର
ଲୁଲ୍ଲଣ୍ଠନେ ଆଜ କି ନାରଖାର !!
କାପୁରୁଷ ପଦ ବୀର ମାଟିରେ
କର କଳୁଷିତ କାତୀ ଖ୍ୟାତରେ ଯେ
ମାରଦଏ ଦୁର୍ବଳୀର ଯେ
ଶୌର୍ଯ୍ୟ-ମୟୂଖ ଯାଇଛି ଉଭେଇ
ଥିଲା ଯା ଜଳସ୍ଥଳର ଯେ । ୨ ।

---

୧ । ପ୍ରାଣ ପ୍ରଚୁରତା — ଉତ୍ସାହ, ଉନ୍ମାଦନାଦ ଜୀବନ ପରିପୂର୍ଣ୍ଣ ଗୁଣର ଯଥେଷ୍ଟତା; ଦାଉ ସାଧିଛି — ଅବସ ସାଧିଛି ।

୨ । ଭୂଲୁଣ୍ଠନେ — ଭୂଇଁରେ ଲୋଟିବାରୁ, ଶୌର୍ଯ୍ୟମୟୂଖ — ବୀରତ୍ୱର ଆଖି ।

ଭଞ୍ଜ ଦୀନକୃଷ୍ଣ କର ପରଶେ
ବାଣୀବୀଣା ସର୍ଜିଥିଲା ଯେ ରସେ
କବିବର ଅନ୍ଧ ସେ ରସପୂରେ
ଭସାଇଲେ କୁଟୀ ସୌଧପୁରେ ଯେ
ତା ସମାନ ରସ କାହିଁ ହେ ?
ନବଯୁଗ କର୍ଣ୍ଣ— ରସାୟନ ହେବ
ଶୁଣିବେ ଭଜଣୀ ଭାଇ ଯେ ? । ୩ ।

ଗାଉଛନ୍ତି ଉତ୍କଳ ପରସଙ୍ଗୀତ
ନ ଜାଣୁଛନ୍ତି ନିଜେ ନିଜର ବାଣୀ,
ସେ କାଳ ବପଣୀ ଏ କାଳ ତାନ
ଯୋଗ ବିନା ଧନୀ ହାରୁଛନ୍ତି ମାନ
ଛନ୍ଦ କଳ୍ପତରୁ ତଳେ ଯେ
ରହୁ ରସସୁଧା ନ ମେଣ୍ଟୁଛନ୍ତି ତାର
ଭାଗ୍ୟେ ବଳବ କେ ବଳେ ଯେ ? ।୪।

---

୩ । ଭଞ୍ଜ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ — ଦୀନକୃଷ୍ଣ ଦାସ; ପୂର — ସ୍ରୋତ କୁଟୀ — କୁଟୀର; ସୌଧ — ପକ୍କା, କର୍ଣ୍ଣରସାୟନ — କାନର ପ୍ରିୟ ।

୪ । ସେ କାଳ ବପଣୀ ଏକାଳ ତାନ — ଏଠାରେ ଅର୍ଥ ପ୍ରାଚୀନ ସହିତ ନବୀନର ସମାବେଶ; ଛନ୍ଦକଳ୍ପତରୁ — ଉତ୍କଳର ପ୍ରାଚୀନ ସାହିତ୍ୟରେ ଅଗଣିତ ଛନ୍ଦ ରହିଛି; ତେଣୁ ତାର ଏ ନାମ ।

ଗାଅ ବାଣୀସୁତେ ! ବୀରସଙ୍ଗୀତ
ବୀର ମେଦନୀ ଏ ହେଉ ସ୍ପନ୍ଦିତ;
ପ୍ରାଚୀନ ଛନ୍ଦରେ ବିଶ୍ୱଭାବନା
ତାଳ ଗାଅ କଣ୍ଠ ଉତ୍ଫୁଲ୍ଲ ମନା ! ସେ
ମଧୁଧାରା ବର୍ଷେ ସିଞ୍ଚି ହେ
ଅନାଗତ ବଂଶଧରଙ୍କ ପାଇଁ କି
ଗୁରୁ ଗଉରବ ସଞ୍ଚି ହେ । ୫ ।

୧୯୩୫

୫ । ଅନାଗତ — ଜନ୍ମ ହୋଇ ନ ଥିବା ।

—୨୫—

## ନୃସିଂହ ଚରଣ ମହାନ୍ତି

( ରାଗ—ରସକୁଲ୍ୟା )

ଦୁଃଖିନୀ ଓଡ଼ିଶା ଦୁଃଖ ସଙ୍ଗାତ !
ସାହିତ୍ୟ ଆରାମ ନବୀନ ମାଳ !
ନବୋଦିତ ଯୁବକୁଳ ଚନ୍ଦ୍ରମା !
କାହିଁ ଗଲ ସର୍ଜି ଅକାଳେ ଅମା
ବନ୍ଧୁ ନୃସିଂହ ଚରଣ ହେ !
କେଉଁ ରାଇଜରେ ଛପାଇଲ ମୁହିଁ
ଦେଇ ଏ ସ୍ମୃତି କଷଣ ହେ ? ।୧।

ପାଷାଣେ ପିହିତ ଜନନୀ ହିଆ
ବୋଲି ସିନା ହାଦେ ସହିଲା ଏହା,
କେତେ ଆଶା କେନ୍ଦ୍ର କରି ତୁମ୍ଭଙ୍କୁ
ପୋଷିଥିଲା ଭାଙ୍ଗି ଦେଇ ତା ବୁକୁ
କଲ ଅକାଳ ପ୍ରୟାଣ ହେ
ଉତ୍କଳ ଗୌରବ— ମନ୍ଦିରରେ ତୁଚ୍ଛ
କରି ନିଜ ଉଚ୍ଚ ସ୍ଥାନ ହେ । ୨ ।

---

କବିଙ୍କର ସୁନାମଧନ୍ୟ ଯୁବକ ବନ୍ଧୁ, କବିଙ୍କ ସହିତ ମିଶି Greater Utkal League (ବୃହତ୍ତର ଉତ୍କଳ ସଂଘ) ଗଢ଼ି ତହିଁର ସମ୍ପାଦକ ହୋଇଥିଲେ । ୧ । ଆରାମ—ବଗିଚା ।
୨ । ତୁଚ୍ଛ—ଶୂନ୍ୟ ।

ବିଳାତରୁ ଫେରି ତ୍ୟାଗର ପଥ
ଗମିବାକୁ କରି ବସିଲ ବ୍ରତ
କରି ନିରନ୍ତର ଜନନୀ ସେବା
ଦେଖାଇଲ ଦେଶେ ଯା କରେ ଯୁବା
ଜାତିର ମୁକତି ପାଇଁ ହେ
ସୁଖେ ଜଳାଞ୍ଜଳି            ଭୋଗେ ଜଳାଞ୍ଜଳି
ଧନ-ଗୌରବ ହଜାଇ ହେ ।୩।

ଆଡମ୍ବର ଜାଣି ନ ଥିଲ କେବେ
ଗରବ ତ ରଖି ନ ଥିଲ ଯେବେ
କାନ୍ତ ସ୍ମିତରେ ସଦା ଆଲୋକ ମୁଖ
ଝାସି ଗିରି ଦେଇ ନାହୁଁ କି ସୁଖ !!
ଯେ ଜାଣିଥିଲା ତୁମ୍ଭଙ୍କୁ ହେ
ଅକାଳରେ ଚଳି            ଯାଇ ବନ୍ଧୁବର !
ଶେଳେ ବାନ୍ଧିଲ ତା ବୁକୁ ।୪।

ନବୀନା ଅବଳା ମୁଣ୍ଡୁଁ ସିନ୍ଦୁର
ଫିଟା-ଡାକ ରସନାରୁ ଶିକ୍ଷୁର
ଦେଲ ଯିବା ବନ୍ଧୁ ! କେଡ଼େ ପରୁଷ
ଶ୍ୱଶୁର-ଦମ୍ପତୀ କଲେ କି ଦୋଷ ହେ
କି ଦୋଷେ ଦୋଷୀ ଏ ଦେଶ ହେ ?
ସେ ଦେଶକୁ ଗଲ            ନ ଫେରୁଛ ଯହୁଁ
କାଳେ କାଳେ ତ ସନ୍ଦେଶ ହେ । ୫ ।

---

୪ । କାନ୍ତ—ମନୋହର ।

୫ । ନବୀନାଅବଳା—ଯୁବତୀ ଭାର୍ଯ୍ୟା; ରସନା—ଜିଭ; ଯାଚି, ପରୁଷ—କଠୋର-ନିର୍ଦ୍ଦୟ; ଶ୍ୱଶୁର—ଦେଓ୍ୱାନ ବାହାଦୁର ଲକ୍ଷ୍ମୀଧର ମହାନ୍ତି, ସନ୍ଦେଶ—ଖବର ।

ଯହିଁ ତହିଁ ଥାଅ ହେ ଗୁଣିବର !
ହିଁ ଭୁଥିବୁଁ ସିନା ଗୁଣ ତୁମ୍ଭର !!
ଦଇବେଁ ଜୀବନ ନୁହଇ ମଥା
ମାପକାଠି ସିନା ତା ଗମ୍ଭୀରତା
ତହିଁ ହୋଇ ପରମିତ ଯେ
ଯାହା ବୋଲି ତୁମ୍ଭ          ଜୀବନ ଆଭାସେ
ତାଟର ବଣ ଅମ୍ଭ ସ୍ମୀତ ଯେ । ୬ ।

ମରଣ ପରଦା ଏ ପଟେ ରହି
ଶରଧା ଅଞ୍ଜଳି ଟେକୁଛୁ ଭାଇ !
ଭକ୍ତଗଣ ପରି ଦକ୍ଷିଣା କର
ହୁଏ ପରଭୀଏ କାବ୍ୟୋଗେ ଡୋର ରେ
ଜୀବନ ସଭଦା ମୋର ରେ
ସବୁଗଣ ଯାଏଁ          ଭାଇ ନୃସିଂହ ରେ !
ସ୍ମୃତ ହୃଦେ ଭଣାଗାର ରେ । ୭ ।

୧୯୩୫

୭ । ସ୍ମୀତ — ଫୁଲଖିବା ।

—୨୨—

# ବାରବାଟୀ

ଢୁଲାଇଛୁ ଗାଢ଼ ନିଦେ ଏଥି ସ୍ୱାଧୀନତା
ମୂକ ଏଥି ଅହା କେତେ ଗଉରବ ଗାଥା !
ଏହୁ ପଥେ ହେ ଉତ୍କଳ ! ଯାଅ ସେହୁ ଚଳି
ଜାଣି ଦଳୁଅଛ ପଦତଳେ କେଉଁ ଧୂଳି ? । ୧ ।

ସ୍ୱାଧୀନ ଓଡ଼ିଆ ଜାତି ଧମନୀ ଶୋଣିତ—
ଆସାରେ ଏ ଧୂଳି ଭାଇ ! ହୋଇଛୁ ଧଉତ;
ଉତ୍କଳର ଗଉରବ ମଶାଲ୍ ଅଲିଅ
କଳାପାହାଡ଼ର ହାତେ ଭଜି ଅଛି ଲୟ । ୨ ।

ସ୍ୱାଧୀନତାଦେବୀଙ୍କର ରମ୍ୟ ନିକେତନ
ନବତଳ ଦୁର୍ଗ ଆଜ ନିଶାର ସପନ;
ଗତ ବିଭବର ମୂକ ସାକ୍ଷୀ ଅସହାୟ
ଠିଆ ଭଙ୍ଗା ଗଡ଼ଦ୍ୱାର ପ୍ରହରୀ ପରାୟ । ୩ ।

ଯେଉଁ ପରିଖାର ଜଳ ପ୍ରାଚୀର ଅବରୋଧି
ସୈନ୍ୟଙ୍କର ପ୍ରତିବିମ୍ବ ଥିଲା ହୃଦେ ବନ୍ଧି
କ୍ଷେତ ହୋଇ ସହେ ସେହୁ ଲଙ୍ଗଳର ଘାର
ବେଦନା ଦେଖାଏ ଅବା ଶରୀରଣ ଉର !! । ୪ ।

---

୨ । ଆସାର — ଅସତ୍ତ୍ୱ, କଳା ପାହାଡ଼ — ବଙ୍ଗଳା ନବାବଙ୍କ ଜ୍ୱାଇଁ ଓ ସେନାପତି — ଓଡ଼ିଶାର ସ୍ୱାଧୀନତା ତାହାରି ହାତ୍ ଲୁପ୍ତ ହୋଇଥିଲା ।

୩ । ନବତଳ ଦୁର୍ଗ — ବାରବାଟୀ ଦୁର୍ଗ ନଅ ମହଲା କୋଠା ଥିଲା ।

୪ । ପରିଖା — ଗଡଖାଇ; ପ୍ରତିବିମ୍ବ — ଛାଇ; କ୍ଷେତ ହୋଇ — ବାରବାଟୀର ଗଡଖାଇରେ ଏବେ ଧାନକ୍ଷେତ ହୋଇଅଛି ।

ଉତ୍କଳ ନରେଶଙ୍କର ଇଚ୍ଛି ପରସାଦ
ଆଣି ଉପଢୌକନ ମଣ୍ଡି ଏ ପ୍ରାସାଦ
କେତେ ଯେ ବିଦେଶୀ ରାଜଦୂତେ ସ୍ୱଦେଶର
ଧ୍ୱଜା କଟିଲ୍ ଅବନତ ତା ତ ଅସୁମାର । ୫ ।

ଦୁର୍ଗେଶ ବିଜୟବାଦ୍ୟ ଏ ଦୁର୍ଗ ପ୍ରାଚୀର
କେତେ କେତେ ବାର ଦେଇନାହିଁ ଘ୍ରତଗିର !!
ରାଜକୁଳଲକ୍ଷ୍ମୀଙ୍କର ହୁଳହୁଳି ନାଦ
ସୁଣୁର ନାହିଁ ବା କେତେ ବିଜୟର ମୋଦ !! । ୬ ।

ହୁତ ବହୁଦିନୁଁ ସବୁ କାଳର ପ୍ରଭାବେ,
ଅତୀତର ଗାଥା ଝିଲ୍ଲୀ ଭଣଇ ଅରାବେ,
ବାରବାଟୀ କେଉଁତଳରେ ଲୋତକ ମିଳାଇ
କାନ୍ଦନାହିଁ ଯଦ ବାରେ କାନ୍ଦ ଅଳି ଭାଇ ! । ୭ ।

୧୯୩୪

---

୫ । ପ୍ରସାଦ—ଅନୁଗ୍ରହ; ଉପଢୌକନ—ଭେଟି; ଅସୁମାର—ଅଗଣିତ ଯାହାର ସୁମାର ନାହିଁ ।

୬ । ଦୁର୍ଗେଶ—ବାରବାଟୀ ଦୁର୍ଗର ଅଧିପତି ଓଡ଼ିଆ ସମ୍ରାଟ; ଏ ଦୁର୍ଗ ପ୍ରାଚୀର············ସମ୍ରାଟ ବିଜୟ କରି ଫେରିଲା ବେଳକୁ ତାଙ୍କ ବିଜୟୀ ଆଟର ବାଦ୍ୟ ସଙ୍ଗକୁ ବାରବାଟୀ ଦୁର୍ଗର ପାଚିରି ଉପରୁ ନହବତ୍ ବାଜି ଉଠୁଥିଲା; ରାଜକୁଳ ଲକ୍ଷ୍ମୀ········ରାଣୀହଂସ-ମାନଙ୍କର ।

୭ । କାଳର ପ୍ରଭାବେ—ସମୟର ଗତିରୁ; ଝିଲ୍ଲୀ—ଝିଙ୍କାରି ପୋକ । ଭଣଇ—କହେ; ଅରାବ—ରବ, ଶବ୍ଦ ।

—୨୨—

# ବାଣୀ ଆବାହନ

( ରମ୍ଫ ଗୀତ ବୃତ୍ତରେ )

ବରଷକ ପରେ ଡାକୁଛୁଁ ସନ୍ତାନେ ଅସ ଅସ ଅବତର
ଅଶେଷ ବିଭବ ପୂଜା ପାଇଁ ତବ ସାଜିଅଛୁ ଧରି ନାସି
ମା ଭାରତି ! କରୁଣା ନ କର କ୍ଷଣା
ଭଞ୍ଜ-ରାଧାନାଥ-ଦେଶେ ଆଉ ବାଜେ ବାଅ ଉନ୍ମାଦନୀ ବୀଣା ।୧।

ବିଶ୍ୱ-ଭାବାଣିଳ-ତରଙ୍ଗ ଯେ ଆଜି ଖେଳି ବୁଲୁଛି ଅମ୍ବରେ
ସାରସ୍ୱତ ବନେ ଜାମ ପାଲଟୁଛି ଚନ୍ଦନ ସେ ମଳୟରେ
ମା ଭାରତି ! ତବ ଅନୁକମ୍ପା ବିନା
କବି-କଞ୍ଜବନ ଏ କଳିଙ୍ଗ ଧରି ହୋଇ ଋଦ୍ଧିମତୀ ଦୀନା । ୨ ।

ସ୍ୱାନାନୁକରଣ ଯାଉ ଅପସରି ପ୍ରାଚୀନୁଁ ଆହରି ସାର
ମିଶାଇ ନବୀନ ତୁମ୍ଭରି ପୂଜନ ପାଇଁ ସଜାଡ଼ି ସମ୍ଭାର
ମା ଭାରତି ! ଧନ୍ୟ ହେଉ ଏହୁ ଦେଶ
ଦୁର୍ତ୍ତ ଶିଶିର କାଳ ଅନ୍ତେ ଫେରୁ ଉଜ୍ଜ୍ୱଳ-ମାଧବ-ମାସ ।
କଳାର ବିପଣୀ ଧନ୍ୟ ହେଉ ତାର ସାହିତ୍ୟ ହେଉ ଅତୁଳ
ହେ ବାଣୀ ବରଦେ ! ହେ ମାତଃ ସାରଦେ ! ସବୁରି ତ ତୁମ୍ଭେ ମୂଳ
ମା ଭାରତି ! ହୋଇ କଳାକସ୍ୱିନୀ
ବିଶ୍ୱ ସମାଜରେ ନୁଆଇଁବ ମଥା କେବେତ କଳିଙ୍ଗ ଜନନୀ ?

୧୯୩୬

୨ । କଞ୍ଜବନ—ପଦ୍ମବନ; ଋଦ୍ଧିମତୀ—ବିଭବଶାଳିନୀ ।
୩ । ପ୍ରାଚୀନୁଁ—ପ୍ରାଚୀନ ସାହିତ୍ୟରୁ, ନବୀନ—ନୂଆ ଭାବଧାରା; ମାଧବ ( ମଧୁ+ଅ ) ବସନ୍ତ ।

—୭୮—

# କବିର ସଂଖାଳି

( ରାଗ—କାମୋଦୀ )

A cup of wine, a book of verse and tho
Singing beside me in the wilderness
And the wilderness is Paradise enou'
Omar Khyyam

( ୧ )

ସୁମନା ଶୋଭାଧାମ ସୁମନସ ଆରାମ
କବିର ସଂଖାଳି ଏ ଦୁଇ,
ଦିନ-ମଣି-ବିହୀନ ପକ୍ଷୀ ସମାନ ହୀନ
କବି-ଜୀବନ ଯା ନ ଥାଇ ସେ
ମନୋରମା—
କଣ୍ଠ ବାଜେଣୀ ବୀଣା ସହ
ଯେ ସୁରେ ନ ଡୋଳେ ଲହରୀ
ସେ ସୁରର ଆରାମ ନୋହେ ସୁମନ ଧାମ
ତା କବି-କବରର ସହ ସେ
ନୋହେ ମିଛ ।

---

୧। ସୁମନା—ରମଣୀ; ଶୋଭାଧାମ—ଶୋଭାମୟୀ; ସୁମନସ—ଫୁଲ; ଆରାମ—ବଗିଚା; ଦିନମଣି—ସୂର୍ଯ୍ୟ; ବାଜେଣୀ—ବାଜୁଥିବା, କବର—ସମାଧି ।

( ୨ )

କମଳା ନନ୍ଦନଙ୍କ ଭାଗ୍ୟର ନୋହେ ଲଙ୍ଘ
କବି; ତା କୁଟୀରେ ପ୍ରାପତ
ହୁଏ ସକଳ ଶିଳ୍ପ ଏ ଦୁଇ ଦେଖ କହ
ନ ଇଚ୍ଛେ ଧନପତି ବାଞ୍ଛ ସେ
ଶତେନ୍ଦୀବର,
ମାଟେଣ ବପୁ, ଅଳ୍ପବାସ,
ଅକ୍ଷୁଣ୍ଣ ମାତ୍ର ତା ପ୍ରୟାସ
କୃପା କଲେ ବିଧାତା କାହିଁ କବିର ଚିନ୍ତା ?
ନୃପେ ରଚଇ ଉପହାସ ସେ
ବାଣୀସୁତ ।

( ୩ )

ଦେଲେ ଆନ ଅଶ୍ମପ କବି ମଣଇ ବାଟ
ସେ ମାତ୍ର ଶୋଭାର ଉପାସ୍ତ
ସୁମନ, ସୁମନାରେ ଯେ ଶୋଭା ଅଛି ତାରେ
ଏ ମରଧାମେ କିସ ସର ସେ ?
ଅନୁଭୂତ
ବାଣ୍ଟିଲେ ହୋଇବ ଅନନ୍ଦ ?
ଭରେ ପାଇଛି ସେ ତା ଗନ୍ଧ

---

୨ । କମଳାନନ୍ଦନ—ଲକ୍ଷ୍ମୀଙ୍କ ବରପୁତ୍ର; ଧନପତି—କୁବେର; ଶତେନ୍ଦୀବର—ଶତୋତ୍ଫୁଲ୍ଲ; ବପୁ—ଦେହ; ପ୍ରୟାସ—ଅଭିଳାଷ ।

କାଣିଛ ସେ ଶୋଭାର ସରଣୀ ଗମିବାର
ଫଳ ପ୍ରାପତ ଭୂମାନନ୍ଦ ସେ
ଶୋଭାଜୀବୀ ।

୧୯୪୪

—୬୯—

## ଭାରତୀ ଆବାହନ ଗୀତ

ରାଗ—ଦକ୍ଷିଣ କାମୋଦୀ, ତାଳ ଆଠତାଳ
( ଶ୍ୟାମ ନାଗର ହେ ! ଏ ବେଶ ହୋଇବ ନାହିଁ—ବୃତ୍ତରେ )

ମାତଃ ! ଭାରତ ଗୋ ! ଏ ଦେଶେ କରୁଣା କର
କଳ୍ପକା ଜରେ ମା ! ଦିବ୍ୟ ଧାମରୁ ମଧୁମାସେ ଅବତର । ଘୋଷା
ତୁମ୍ଭର କରୁଣା ହେବାରୁ ମା ! ଶୁଣା
ଉନ୍ନତ ମଉଳ ତାର
ଅବନତ ଅଙ୍କ ଯାଉଛୁ ଟି ଭାଙ୍ଗ
ହେମ-କିରୀଟ ଶିରର । ୧ ।
ସ୍ଫୁରୁ କଣ୍ଠେ ତାର ଉପମା ଯାହାର
ନାହିଁ ସେ ଗୀତ ସମ୍ଭାର
ଜଗତେ ଅତୁଳା କୋଣାରକ-କଳା
ମନ୍ତ୍ର ଗୀତ କଲେବର । ୨ ।

---

୩ । ଭୂତ—ସଂପଦ; ସରଣୀ—ବାଟ; ଭୂମାନନ୍ଦ—ପ୍ରଚୁର ଶ୍ରେଷ୍ଠ ଆନନ୍ଦ ।

---

୧ । ହେମ—ସୁନା; ଉନ୍ନୋପଳା—ମହାନଦୀ (କଳୌ ଚିତ୍ରୋପଳା ଗଙ୍ଗା)

ମୃତକୁ ଜାଗ୍ରତ କରିବାର ବଳ
ରହେ ତପସ୍ୱୀର ଠାବ
ମୃତ ସଞ୍ଜୀବନୀ ଉତ୍କଳ ଅବନୀ
ଜାଗେ ଶୁଣାଅ ସତ୍ୱର । ୩ ।
ନବୀନ ଯୁଗରେ ବିଶ୍ୱ ଦରବାରେ
ଗର୍ଜୁବେ ଟେକୁ ସେ ଶିର
ନବୀନ ତରଙ୍ଗେ ଦୋଳ ନବରଙ୍ଗେ
ନାଚୁ ଚିତ୍ରୋତ୍ପଳା-ନୀର । ୪ ।

୧୯୩୭

# ବଳଭଦ୍ର ଦେବ

( ରାଗ ରସକୁଲ୍ୟା )

ବଳଭଦ୍ରଦେବ ବଡ଼ କୁମର !
ଶୋଭାଙ୍ଗୀ-ବଲ୍ଲଭ ହେ ହଳଧର !
ଅଲେଖ୍ୟ ଉତ୍କଳ-ବସୁଧାକାଶ
ହୋଇଥିଲ ବାମଣ୍ଡାରେ ପ୍ରକାଶ
କାନ୍ଦଇ ଉତ୍କଳ ଭୂଇଁ ହେ !
ଅଚିହ୍ନିତେ ଆହା ଗଲ ବାଣୀସୁତେ
ଯାଇଥିଲେ ଅଗୁଁ ସଙ୍ଗୁଁ ହେ । ୧ ।

---

୧ । ବଡ଼ କୁମାର—ବାମଣ୍ଡା ମଣ୍ଡନ ସାର୍ ସୁଢ଼ଳ ଦେବଙ୍କ ଦ୍ୱିତୀୟ ପୁତ୍ର ।

ଯାନା ମାତୃଭାଷା ମନକୁ ଜାଣି
ସାରଦା ଅସ୍ରମୁଁ ଅଙ୍କ ଦେ ପୁରି
ଦିବ୍ୟ ସୁମନସ ତୋଳି ସାଦର
ନିପୁଣ ମାଲୀର ସମାନ ହାର
ଗୁନ୍ଥିବ ସ୍ୱଜନନନ୍ଦନ ହେ !
ସ୍ୱଭାଷ ଭଳପ ତୁଳୁ ମଣି ଦେବନ୍ତୁ
ପୂଜିବ ବାଣୀ ଚରଣ ତହିଁ ? । ୨ ।

ତୁମ୍ଭ ସାରସ୍ୱତ କୁଞ୍ଜରେ ଲଗି
କାଳକାଠ ଦାନ୍ତ ଯିବଟି ଭାଗି
ତୁମ୍ଭ କୁଞ୍ଜ ଗଜମୁକୁଟ ମୂଲେ
କେଣି ଧନ୍ୟ ନୃପେ ହୁଅନ୍ତେ ହେଉଲ
ଯଶୋ ଦେହରେ ବାସ୍ତୁ ହେ
ଶରଧା ସୁମନ ଅଞ୍ଜଳି ଦେଉଣି
ପୂଜୁଁ ଉଦ୍ଧ୍ର ଅଙ୍କ ହେ । ୩ ।

---

୨। ସାରଦା—ସ୍ୱରସ୍ୱତୀ; ଆସ୍ରମ—ଭଗିରୀ; ସୁମନସ—ଫୁଲ; ଭଲ—ବାଳୁଣୀ ।

୩। ସାରସ୍ୱତକୁଞ୍ଜ—କାବ୍ୟ କବିତା; କୁଞ୍ଜ—ଗ୍ରନ୍ଥାବଳୀ, କବିଙ୍କ ଗ୍ରନ୍ଥାବଳୀ ଗୋଟିଏ ବଡ଼ାଳ ଗ୍ରନ୍ଥ (ନାମ—ବଳଭଦ୍ର ଗ୍ରନ୍ଥାବଳୀ) ।

—୮—

## ଅବନୀ ଶୋଭା

ରାଗ—କଳହଂସ କେଦାର

ଅଦ୍ଭୁତ ମଧୁଶିଳ୍ପୀ ତଳେ ଲୋଟାଇ
ଅବନୀ-ଶୋଭା ଧନୀ ମଣ୍ଡିଛି ମହୀ,
ଥିଲେ କମଳ ଦ୍ୱନ୍ଦ୍ୱ ରଙ୍ଗା ଚରଣ
ସୁକୃତୀ ଯୁବା ମୌଳି ଯୋଗ୍ୟ ମଣ୍ଡନ ।୧।
ଯୁବା ହୃଦୟ ବ୍ୟାଧି ଉପଶମନେ
ଅଭିଳାଷୀ ବିଧାତା ସଦୟ ମନେ
ମଞ୍ଜୁଳ କାରବାଣୀ ମଞ୍ଜୁଷା ସବୁ
ଗଢିଛି ଉର ତାର ଭେଷଜେ ଭବୁ ।୨।

---

ଅବନୀଶୋଭା—ଯେ ପୃଥିବୀର ସୌନ୍ଦର୍ଯ୍ୟ ସ୍ୱରୂପିଣୀ (ତୁଳନାକର— "କୁସୁମବତୀ ହୋଇ ଅବନୀ ଶୋଭା, ଜଳପ ଡେଇ ତଳେ ହୋଇଛି ଉଭା—ଭଞ୍ଜ")।

୧। ଅଦ୍ଭୁତ ମଧୁଶିଳ୍ପୀ—ଅହଖ୍ୟ ବସନ୍ତର ସଜ୍ଜିତ ଶୋଭା ସମ୍ଭାରକୁ ନିଜର ଗୋଡ଼ତଳେ ଗଡ଼ାଇ ଦେଇ ଅର୍ଥାତ ତାକୁ ପରାଜିତ କରି; କମଳଦ୍ୱନ୍ଦ୍ୱ—ପଦ୍ମଯୁଗଳ (ତା ପାଦ ଯୋଡ଼ିକ ଥଳ ଉପରେ ଦୁଇଟି ପଦ୍ମ ଉଠିଲା ପରି ଦିଶୁଛି) ରଙ୍ଗା ଚରଣ—ଲାଲ ପଦ୍ମ ସମାନ ପାଦ, ଏ ଦୁଇଟି ଚରଣ ସୁକୃତୀ ଅର୍ଥାତ୍ ପୁଣ୍ୟବନ୍ତ ଯୁବାର ମୌଳି ଅର୍ଥାତ ମୁଣ୍ଡରେ ଲଗା ହେବାର ଯୋଗ୍ୟ ମଣ୍ଡନ ବା ଅଳଙ୍କାର ଅଟେ ।

୨। ଯୁବା ହୃଦୟର କାମନା ଜନିତ ବ୍ୟାଧି ବା ରୋଗର ଉପଶମନ ଅର୍ଥାତ ଆରୋଗ୍ୟ କରାଇବାକୁ ଅଭିଳାଷୀ—ଇଚ୍ଛୁକ ବିଧାତା ଦୟା ପୂର୍ଣ୍ଣ ଚିତ୍ତରେ ତା ଉର ଅର୍ଥାତ୍ ସ୍ତନକୁ ଭେଷଜ—ଔଷଧରେ ଭବ—ପୃଥିବୀର ମଞ୍ଜୁଳ—ସୁନ୍ଦର କାରବାଣ—ସୁନା ମଞ୍ଜୁଷା—ପେଡ଼ି କରି ଗଢ଼ିଛି ।

ଲିଲଇ ଉଡ଼ୁଁ ହେମ-ବରନ-ହାର
ହେମ ଘନେ କି ଥିବ ଉଡ଼ୁଡ଼ ଭାରି
ସେ ମଧୁ ବଢ଼ଶୀରେ ଦେବକ ଜୀବନ
ମନାସି ହେଲେ ମୀନ ହୁଏ ନୟନ ।୩।

୧୯୩୦

—୯—

# ଅଳସର ଦୁର୍ଦ୍ଦଶା

ରାଗ—ଶଙ୍କରାଭରଣ

ଖୁନ୍ଦିଲା ପାଗଛା ଯାକ ଅଳସ ଝିଣ୍ଟିକା
ଗୀତ ଗାଇ ବୁଲିବାରୁ କଟିଲା ତା ଜୀବକା
ଏବେ ଆସିଲା ବରଷା
ସଞ୍ଚି ନାହିଁ ଆଗୁଁ କିଛି ତୁଟ୍ଟା ତାହା ବସା ।
କି କରି କି କରି ? ଆହା ବରଷା କାଳରେ
ନ ଖାଇ ମରିବା ଲେଖା ଥିଲା କପାଳରେ !
ଖୁଦ କଣିକାଏ ନାହିଁ
କ୍ଷୁଧଅଗ୍ନି କଳମଯ୍ନ ଛିବ ଅବା କାହିଁ ?
ବନ୍ଧୁ ପିମ୍ପୁଡ଼ିର କଥା ପଡ଼ିଲା ତା ମନେ
ଆଶା ବାନ୍ଧି ପାଶେ ତାର ଚଳିଲା ତକ୍ଷଣେ
ମୁଣ୍ଡ ନୂଆଇଁ ପ୍ରଣାମ
କରି କହେ "ବନ୍ଧୁବର ! ଅଣ୍ଟୁ ବଡ଼ କାମ ।"

---

୩। ଲିଲଇ—ଲମ୍ବ ରହୁଛି, ହେମବାନ—ସୁନା ମେଘ; ଉଡ଼ୁଡ଼—ଖତୁଲି; ମଧୁ—ମଧୁର, ବଢ଼ଶୀ—ବନଶି କଣ୍ଟା, ମନାସି—ଇଚ୍ଛାକରି ।

ଦେଖିଅଛ ହେଉଅଛି କି ଘୋର ବରଷା !
ତା ସଙ୍ଗକୁ ଏକାବେଳେ ତୁଚ୍ଛା ମୋର ବସା,
ତୁମ୍ଭେ ଝରିଛ ବହୁତ
ଖାଦ୍ୟ କିଛି ଦିଅ ଧାର; ସୁଧିବ ସତ୍ୱରି
ବରଷାକାଳର ଅନ୍ତେ ଶୁଝିଦେବି ମୁହିଁ,
ଦେଖୁଛ ଦୁର୍ଦ୍ଦଶା ଦୟା ବହ ମୋହଠାଇଁ
ନ ହୁଅ ତୁମ୍ଭେ ଧନୀ
ଚିରକାଳ ସୁମରିବି ତୁମ୍ଭ ବନ୍ଧୁପଣ ।
ମୁଣ୍ଡକୁ ହଲାଇ କହେ ପିମ୍ପୁଡ଼ି ହେ ଭାଇ !
'ଋଣୀ ଅବା ଋଣଦାତା କେବେଁ ହେବନାହିଁ'
ଏହା ମୋ ଗୁରୁବଚନ
ପ୍ରାଣ ଗଲେ କରି ନ ପାରଇଁ ମୁଁ ଲଂଘନ ।
ଖୁସିଲା ପାଗରେ ତୁମ୍ଭେ କରୁଥିଲ କିସ ?
ଖାଦ୍ୟ ବୋହି ବୋହି ହେଲା ମୋ ଦେହ ପସର;
କରେ ଝିଣ୍ଟିକା ଉତ୍ତର
"କି କହିବି ଭାଗ୍ୟଦୋଷ ବନ୍ଧୁ ! ସେ ମୋହର ।
ଫୁଲଣା ମନରେ ଖାଲି ଗାଇଲଇଁ ଗୀତ
ଭାଲି ମୁଁ ନ ଥିଲି ହେବି ବୋଲି ଶୂନ୍ୟହାତ,"
କହେ ପିମ୍ପୁଡ଼ି "ଗାୟକ !
ଦୁର୍ଦ୍ଦିନରେ ନାଚ ଏବେ ଥେଇ ଥେଇ ଥାଇ !"

୧୯୩୯

—॥—

# ଗୌରୀଶଙ୍କର ସ୍ମୃତି

 କୁଟିଳ ପଡ଼ୋଶି ଯେତେବେ କୂଟଜାଲ ପାତି
ଓଡ଼ିଶା ଭାଷା ବିଲୋପେ ବଳାଇଲେ ମତି
ଲେଖନୀ-ଅସିରେ ବୀର ! କାଟି ସେ ବାଗୁରି
ବଞ୍ଚାଇଲ ଓଡ଼ିଶାର ବିକାଶ ଦେଉଁରି ।୧।

ନୋହିଲା ରସନା ଛେଦ ଓଡ଼ିଆ କାତର,
ଦାୟାଦ ସକଳେ ଆମ୍ଭେ ତୁମ୍ଭ ସୁକୃତର !
ସେ ପୀଠେ ମୁଖର ଅଛି କାହାର ଜୀବନ
ଏ ଦେଶକୁ ମହାମନା ! ତାହା ତୁମ୍ଭ ଦାନ ।୨।

---

୧ । କୁଟିଳ ପଡ଼ୋଶି—କେତେକ ପଦସ୍ଥ ବଙ୍ଗୀୟ ଓଡ଼ିଆ ଭାଷା ସ୍ୱତନ୍ତ୍ର ଭାଷା ନୁହେଁ, ବଙ୍ଗ ଭାଷାର ଉପଭାଷା ବୋଲି ରାଜଦରବାରରେ ଦର୍ଶାଇ ଓଡ଼ିଆ ଭାଷାକୁ ଲୋପ କରିଦେବାକୁ ଚେଷ୍ଟା କରୁଥିଲେ; ବାଗୁରି—ଜାଲ ।

୨ । ନୋହିଲା ରସନା ଛେଦ—ଭାଷା ଲୋପ ହୋଇ ପାରିଲା ନାହିଁ; ଦାୟାଦ—ଉତ୍ତରାଧିକାରୀ, ସୁକୃତର—ତୁମ୍ଭର ଏ ମହାକୀର୍ତ୍ତିର; ସେ ପୀଠେ—କଟକର ଟାଉନ୍‌ହଲ୍—ଏହା ଓଡ଼ିଶାକୁ ମହାମନା ଗୌରୀଶଙ୍କରଙ୍କ ଦାନ, ନିଜ ହାତରୁ ଟଙ୍କା ଦେଇ ସେ ଏହା ଗଢ଼ିଥିଲେ ।

ଅସ୍ତ ଅଭିବାଟରେ "ଭଞ୍ଜ"-କବିତାବିଳାସି !
ନବଯୁଗ-ଉଷା-ପ୍ରଭ "ଦୀପିକା" ପ୍ରକାଶି ।
ଯାଉ ଅପସରି ଦେଇଁ ସ୍ଥାନାନୁକରଣ
ହେଉ ସମୁଦିତ ଅସ୍ତ-ସନ୍ତାନ-ତପନ ।୩।

୧୯୩୭



୩। ଭଞ୍ଜ କବିତା ବିଳାସୀ—"ଇନ୍ଦ୍ରଧନୁ" "ବିଜୁଳି" ଯୁଦ୍ଧରେ ସେ ଉପେନ୍ଦ୍ରଭଞ୍ଜଙ୍କ ପକ୍ଷ ସମର୍ଥନ କରିଥିଲେ; "ଦୀପିକା"—ବିଖ୍ୟାତ "ଉତ୍କଳ ଦୀପିକା" କାଗଜର ସେ ପ୍ରତିଷ୍ଠାତା ଓ ଆମରଣ ସମ୍ପାଦକ ଥିଲେ ।

—୮—

# ଜୀବନର ଗୌରବ

( ଇଂରାଜ କବି ଲର୍ଡ ବାଇରନ୍‌ଙ୍କ "ଅଲ୍ ଫର୍ ଲଭ୍"
କବିତାର ଛାୟା )

ଯଉବନ ଗଉରବ ସମବୃନ୍ତ
ସୁମନ ଅଟନ୍ତି ଦୁଇ
ଯଉବନ ଅନ୍ତେ ଟେକାଇଲେ ଛତି
ଗଉରବ ଉଠୁଁ କାହୁଁ ? ।

ପଳିତ କେଶର ଅଭିଷେକୁଁ ବଳି
ଦଳିତର ଯଉବନ,
କେ ନୁହେ ସଂସାରେ ନରପତି ? ଯେଣୁ
ଯଉବନ-ସିଂହାସନ ? ।

ଯେଉଁ ଲଲାଟରେ ଅଙ୍କି ସାରିଲଣି
ଜଇଦ ରେଖା ତା ଜବ
ଚୁମ୍ବନ-ମଣ୍ଡିତ ବି-ରସ ସୁମ ତା,
କଣ୍ଟେଟ ହେଲେହେଁ ତୋର ।

---

୧। ସମବୃନ୍ତ ସୁମନ—ଏକା ଡେମ୍ଫରେ ଫୁଟିଥିବା ଦୁଇଫୁଲ [ଅର୍ଥାତ୍ ଯୌବନ ନ ଥିଲେ ପ୍ରକୃତ ଗୌରବ ନ ଥାଏ ।]

୨। ପଳିତ କେଶ—ବାଳ ପାଚି ଯାଇଥିବା ବୁଢ଼ା; ବଳେ—ଯୋଗୁଁ ।

୩। ଜୈଦରେଖା—ଜନ୍ମ ସୂଚକ ରେଖା; ବିରସ—ଶୁଖିଲା, ସୁମ—ଫୁଲ ।

ଛତ୍ରାଟରେ ଢାଙ୍କି ସିତ-କେଶ-ରାଜି
ଫୁଲବାଲି ଗଉରଲିବା
ଲଲାଟ ପଟେ ମୋ ନ ଲେଖ ବିଧାତା !
ନ ଲୁହେଁ ତାହା ମୁଁ ଲଟେ ।

ଖ୍ୟାତି ଯୋଗ୍ୟ ଯେବେ ଅରଜି ପାରିଲି
ଶୋଭାଙ୍ଗୀ-କରୁଣା-ଦୃଷ୍ଟି
ସାର୍ଥ ହେଲା ମୋର ପୁରୁଷାର୍ଥ ପୁଣି
ସାର୍ଥ ମୋ ପ୍ରଖ୍ୟାତ ସୃଷ୍ଟି ।

କରୁଣା-ଦୀପିତ ଶୋଭାଙ୍ଗୀର ନେତ୍ର
ମୋ ଗଉରବର ବାସ,
ବିଜୟ-ଟୀକା ମୋ କରୁଣାରେ ଦତ୍ତ
ତା ମନ୍ଦ ମଧୁର ହାସ ।

ଯଉବନର ଏ ବିଜୟ ବିଭୂତି,
ଜୀବନର ଗଉରବ,
ସିତ-କେଶ ନୃପ ମହାର୍ଘ ମୁକୁଟ
ସମାନ ନୋହେ ଯା ଲବ !

୧୯୦୪

୪ । ସିତ—ଧଳା; ପାଚିଲା ।

୫ । ଶୋଭାଙ୍ଗୀ—ସୁନ୍ଦରୀ, ପ୍ରଖ୍ୟାତ ସୃଷ୍ଟି—ଯଶ ସମୂହ ;
ମହାର୍ଘ—ମୂଲ୍ୟବାନ ।

# ଗଲିକି ସ୍ଵହା କାହାକୁ କରି ଆଶାବାଡ଼ି ?

( ରାଗ—ଶଙ୍କରାଭରଣ )

ପରିଚିତ ସୁହାସିତ ଅନେକ ବଦନ
ମମ ଏ ନୟନ ଏବେ ନ କରେଁ ଲୋକନ,
ନଭସ୍ତଳର ଦୀପ ସବୁ
ଅପସାରିଲାଣି କାଳ ଗୋଟି ଗୋଟି କରି । ୧ ।

ହସରେ ଉଜଳ ପୁଣି କାନ୍ଦରେ ସଜଳ
ସରଳତା ଭାସୁଥିବା ନୟନ-ଯୁଗଳ
କେତେତ ହଜିଲଣି ଲୟ !
ସୁମରି ଯା ଅନ୍ତରାତ୍ମା ଖେଦେ ମୋ ଅଥୟ । ୨ ।

ଶରଧା ଦୀପିତ କେତେ ନୟନର ଭାତି
ଭ୍ରମ ନାଶି ହୃଦେ ଯା ମୋ ଜାଳୁଥିଲା ବତି
ଏବେ ହେଲାଣି ସପନ
ଆସାର ପତନ ଅନ୍ତେ ବୁଦ୍‌ବୁଦ ଯେସନ । ୩ ।

---

୧ । ନ କରେ ଲୋକନ — ଦେଖୁନାହିଁ ; ଅପସାରିଲାଣି — ଦୂର କଲାଣି ।

୨ । ଖେଦ — ଦୁଃଖ ।

୩ । ଦୀପିତ — ଆଲୋକିତ ; ଭାତି — ଆଲୋକ ; ଆସାର — ବର୍ଷା, ବୁଦ୍‌ବୁଦ — ପାଣିଫୋଟକା ।

ଶିଶିରେ ଝଡ଼ିଲା ସବୁ ତରୁର ପଲ୍ଲବ
ଅହ୍ମା ଭଳି ସାଙ୍ଗ ହେବା ବାନ୍ଧବ ସରଳ
ଛାଡ଼ିଁ ଗଲେଣି ବାହାର ।
କାଳର ଅଦେଶେ ସେହୁଁ ଲୁହା ଅନୁସର । ୪ ।

ମେଳଣର ଶେଷେ ଯଥା ମେଳଣି ପକ୍ଷୀ
ଜୀବନ ଲଗାଇ ଆଜି ତଥା ଲାଗୁଛିଅ
ସଞ୍ଜ ଅସୁଅଛି ମାଡ଼ି
ଟପିବ ସନ୍ଧା ତାହାକୁ ତବ ଆଶା ବାଡ଼ି ? । ୫ ।

ଅଛ ମୋର ନୟନମଣି ହେ ପୁରୁଷୋତ୍ତମ
ମାୟାଧର ହୃଦାନନ୍ଦ କି କରିବ ତମ ?
ମାୟା ପଟଳକୁ ଫେଇ
ଆଲୋକ ଧାମକୁ ବାଟ ନେବ ହେ କଢ଼ାଇ ।୬।

୧୯୪୪

---

୪ । ଶିଶିର — ଶୀତକାଳ; ସନ୍ଧା — ବାଟ ।

—୮୭—

# ବିଶ୍ୱବୈଜ୍ଞାନିକ ସି. ଭି. ରମଣ

( ଶ୍ୟାମ ନାଗର ହେ—ବୃନ୍ଦେ )

ବସ୍ତ୍ର ପୂଜକ ହେ　　　ଏ ପୂଜା ରହିବ ମନେ
ହଜି ନ ଯିବ ଯେସନେ ସ୍ମୃତି ସ୍ତୂପ (ତବ)
ପୂଜନ ସ୍ମୃତି ଗହନେ । ଘୋଷା ।
ଅଙ୍ଗରେ ପଥରେ　　　ବଖାଣୀ ଏ ଜାତି
ଲଳିତ-କଳା-ରସିକ
କୋଟି ବାପର୍ଜିତ୍ୟେ　　　ଭକ୍ତନାଙ୍କୁ ଲକ୍ଷ୍ୟ
ରହିଛି ମଙ୍ଗଳ ଟେକ । ୧ ।
ବୋଇତ ବଣିଜ　　　ସାମୁଦ୍ର ସାମ୍ରାଜ୍ୟ
କାହାଣୀରେ ଅଛି ଆଜ,
ମେଳୁ ହାଡ଼ କଳୁ　　　ଅଛି ଯଥାପୂର୍ବ
ଯାଇ ନାହିଁ ମାଡ଼େ ଲାଜ । ୨ ।
ହେ ବିଜ୍ଞାନ ! ଘେନ　　　ପ୍ରଣତ ଅମ୍ବର,
ଦାକ୍ଷିଣ୍ୟ ବଦାନ୍ୟ ବଥା;
ହୋଇବ ଝଂକୃତ　　　କାଳେ କାଳେ କାନେ
ସୁଧା ମଖା ତୁମ୍ଭ କଥା । ୩ ।
ବିଜ୍ଞାନ ଦର୍ଶନ　　　ସମନ୍ୱୟେ ଯେବେ
ଜଗତ ହୋଇବ ନୂଆ
ଅହେ ସୁରବର !　　　କର ଶୁଭାଶିଷ
ବଡ଼ ହୋଇବ ଓଡ଼ିଆ । ୪ ।

୧୯୪୩

୦ । ଘେନ—ଗ୍ରହଣ କର ।
୨ । ସାମୁଦ୍ର ସାମ୍ରାଜ୍ୟ—ଓଡ଼ିଶାର ଦରିଆପାରି ଔପନିବେଶିକ ବସତି ।

— ୨ —

# ପ୍ରିୟାବିଚ୍ଛେଦ

( ଇଂରାଜ କବି ଏଚ୍, ଏଫ୍, ଲାଇଲ୍‌ଙ୍କ ଏ ଲଷ୍ଟ୍ ଲଭ୍
କବିତାର ଅନୁବାଦ )

ଚନ୍ଦ୍ରାତପେ ମନୋରମ          କାନ୍ତ ଶଶି-କଳା ସମ
ନୟନ ସ୍ଫୁରତେ ମମ ମୁଗ୍ଧ ତୋ ଦଶେ,
ବେପଥୁ ଚଞ୍ଚଳେ ସରଜ          ବାଣୀ-ଜଣା ବାଣୀରାଜ
ହୃଦୟର ରାଣି ! ଆଜ କାନେ ମୋ ପଶେ
ତୋ ସଙ୍ଗୀତ-ଜାତ ସମ୍ପଦ
ଅତୀତ ଅଛଇ ଭରି          ଅବଶେଷ ତ ନ ରହିଁ
ସ୍ମରଣ ସଙ୍ଗତେ ସଖି ! ସାଧୁଛି ବାଦ ।
ନୟନୁଁ ଲୋତକ ଝରେ,          ନାସାରୁ ଶ୍ୱାସ ପ୍ରସରେ,
ନାହୁଁ ତୁ ଆଜ ପାଶରେ ମୋ ଦୁଃଖ ସାଥି !
ଦେଖିଣ ମୋର ବିକଳ          ହୋଇବ କେ ଶ୍ଳୋକାକୁଳ ?
ମୋ ଖେଦ ହିତୁ ଅଥଳ ଅସର ରାତି ?
ଭାବେ ତୋର ରହିଛି ମଜ୍ଜି
ତହୁଁ ବଡ଼ ସୁଖ ନାହିଁ          ପରମ ଆଶ୍ୱାସ ତହିଁ
ମୋ ଧ୍ରୁବତାରା ମଣଇଁ ତୋରେ ମୁଁ ଆଜ ।

---

୧ । ଚନ୍ଦ୍ରାତପେ ମନୋରମ—ମୁଖ ଉପରେ ଚନ୍ଦ୍ରାର ଛାୟା ପଡ଼ି ତାହା ସୁନ୍ଦର ଦିଶୁଥିଲା, କାନ୍ତ—ମନୋହର; ବେପଥୁ—କମ୍ପ, ସ୍ପନ୍ଦନ; ସଙ୍ଗୀତ—ସଙ୍ଗ, ଅବଶେଷ—ବାହୁକା, ସ୍ମରଣ—ସ୍ମୃତି ।

୨ । ପ୍ରସରେ—ବାହାରେ ।

ବାଜୁଣି ଶୋକ ଡମ୍ବୁର          ନୋହିବାର ତୁଳମାର
ହୃଦସ୍ଥ ଅଛୁ ସଂସାର ଭିତରେ ରହି,
ସେ କୁସମର ମୂଳର          ମଣଇଁ ମୁଁ ଝିଅ ମୋର
ବିପନ୍ନ ବିରହ ତୋର ସହଜ ସେହି,
ଜାଳୁଛି ମୋ ପରାଣଦୀପ
ଉଇଳ ସମ ତୁ ଯାଉ          ଥିଲୁ ଅରେ ଗ୍ରାମାବର !
ନ ଲଭି ବିନ୍ଦୁ ତୋହର ଅଶ୍ରୁ ନିର୍ବାପ ।

ଅଟିବ ଦନ ରମ୍ଭୋରୁ !          ସୁଖଦୁଃଖ ଅତୀତରୁ
ହୋଇବ ଅଛୁରି ଗନ୍ଧ ନ ଥିଲା ଜାଣି
ସାଥୀ ମୋର ଅହର୍ନିଶ          ତୁ ପୁଣି ନ ଥିବୁ ପାଶ
ଛିନ୍ନ ହେବ ଆଶା ପାଶ । ସେ କୁଶପାଣି
ବାହୁବ ବାଟିବ ଭିଆଣି
ମୁଁ ରହିବ ଭବପୁରେ,          ଭବ ଯବନିକା ପାରେ
ତୁ ରହିବୁ ଅହା ଅରେ ଜୀବ ଜୀବନ !

---

୩ । ଡମ୍ବୁର — ବାଦ୍ୟ, ଅଶ୍ରୁ—ତୁଷାର; ନିର୍ବାପ — ନିଭିଯିବା ।

୪ । ରମ୍ଭୋରୁ—କଦଳୀଗଛର ଗଡ଼ଣପରି ଜଙ୍ଘାର ଗଢ଼ଣ ଯାହାର; କୁଶପାଣି — ବିଧାତା ।

ଅମ୍ଭ ହୃଦୟର ମେଳ ଛେଦିବା ପାଇଁ କେବଳ
ମରଣର କରବାଳ ଜାଣ ମୋ ଧନ !
ଏକା ବସି ତୋତେ ଶୋଚି କାନ୍ଦିବା ଲେଖିଛ ମୁହିଁ
ନୁହଇ ତ ତେତେ ଶୁଚି, ଯେତେ ଶୟନ
ଭସ୍ମ ଆସ୍ତରଣେ ତୋ ପାଖେ;
ଯହିଁ ତୁ ଶୋଭାବଲ୍ଲରୀ ! ସକଳ ଶୋଭା ସଂହରି
ମଜ୍ଜନବ୍ରତ ଅଚିର ଅଛୁ ରଭସେ ।

ତୁ ମୋର ଯେତେ ଦୋସର ତାକୁ ଈର୍ଷା କରିବାର
ଶକତି ମରଣ ଛାର ନାହିଁରେ ବନ୍ଧୁ
ସ୍ୱରଣ ଥାଉଁ ସଜନ କିଏ ସେ ଏତେ ଭାଜନ
ତୋରେ ମୋରେ ଭିନ୍ନାଭିନ୍ନ କରିବ ସନ୍ଧୁ !
ଝାଉଁଳା ମୋ ହୃଦ ବଲ୍ଲରୀ
ତୋ ସ୍ମୃତିକି ରକ୍ଷା କରି ଅଛଇ ନିୟତ ଘେରି,
ଭେଟ ଯାଏଁ ସାଥେ ତୋର ଥିବ ସେପରି ।

୧୯୩୭

---

*। ଶୁଚି—ଲୁଚିକରି; ଭସ୍ମଆସ୍ତରଣ—ପାଉଁଶ ଶେଯ, ସଂହରି—ଅପସାରିତ କରି; ରଭସେ—କଉତୁକରେ ।

୨। ଦୋସର—ପ୍ରିୟ, ଆପଣାର; ସ୍ୱରଣ—ସ୍ମୃତି, ସଜନ—ଯୋଗ୍ୟ ।

## ଶଶିଭୂଷଣ ରାୟ

( ରାଗ କଳହଂସ କେଦାର )

ଦେଉନ୍ତ ଶ୍ରଦ୍ଧା ଭକତ କୁସୁମାଞ୍ଜଳି
ପୂଜ୍ୟ ପୂଜା ଉତ୍ସବେ ଆଜ ଉଚ୍ଛୁଳି !
ଶଶିଭୂଷଣ ରାଧାନାଥ-ତନୁଜ
ଜାତିର ପୂଜା ଅର୍ଘ୍ୟ ଦେଉନ୍ତେ ଆଜ ।୧।

ଏ ସମାଜ-ଭବନ-ଗଠନ ପାଇଁ
ଖଟିଲେ ଯେ ରକତ ପାଣି ଫଟାଇ
ରକ୍ତ ମାଂସେ ଯାହାଙ୍କ ସାହିତ୍ୟ ସେବା
ମିଶିଛି ପଟାନ୍ତର କେ ତାଙ୍କ ଅବା ? ।୨।

କମଳା-ଦଣ୍ଡ-ସୌଧୁଁ ଚିତ୍ତ ସଂହରି
ନିଭୃତ ନିଳୟେ ଯେ ସଦା ବିହାରୀ,
ଭବି ପାରିଲା ନାହିଁ କବି ଶିଥିଳ
ଲୋକେ କୀ ଯାହାଙ୍କର ସେ ତାଙ୍କ ତୁଲ ।୩।

---

ଶ୍ରୀରାମଚନ୍ଦ୍ର ଭବନରେ ଶ୍ରୀଶଶିଭୂଷଣ ରାୟଙ୍କ ପ୍ରତିକୃତି ଉନ୍ମୋଚନ ଉପଲକ୍ଷେ ରଚିତ ।

୧। ରାଧାନାଥ—କବିବର ରାଧାନାଥ; ତନୁଜ—ପୁତ୍ର; ଏ ସମାଜ—ଉତ୍କଳ ସାହିତ୍ୟ ସମାଜ ।

୩। କମଳା—ଦଣ୍ଡ—ସୌଧୁଁ—ମାଆ ଲକ୍ଷ୍ମୀଙ୍କ ପ୍ରସାଦକୁ ପାଇଥିବା ପୈତୃକ ପଦ୍‌କାଗର; ଚିତ୍ତସଂହରି—ମନ କାଢିନେଇ; ମୋହ ଛୁଟାଇ; ନିଭୃତ ନିଳୟ—ଅଠଗଡ଼ ଧବଳେଶ୍ୱରଙ୍କ ନିକଟରେ ସାଧକଙ୍କର ସାଧନା ମନ୍ଦିର ।

ସ୍ତୂପୀକୃତ ଯାହାଙ୍କ ସାହିତ୍ୟ ଶ୍ରମ
ଉଜ୍ଜ୍ୱଳ ତମସରୁ ଆଲୋକ ଧାମ,
ହୃଦୟବନ୍ଧୁ ତଥା ପିତୃଭକତ
ସୁନ୍ଦର ଏ ଦେଶର ଆଦର୍ଶ ଭୂତ । ୪ ।

ସାର୍ଦ୍ଧକୋଟି ଉତ୍କଳୀ ହୃଦ-ମନ୍ଦର
ଶଶିଭୂଷଣ ମୂର୍ତ୍ତି ବନ୍ଦେ ରୁଚିର
ସେ ଦୀପ୍ତ ମୂରତର ପ୍ରତୀକ ସର
ରଙ୍କୁ ଏଥି ଏ ପ୍ରତିକୃତି ତାଙ୍କର । ୫ ।

୧୯୩୯

---

୪ । ସ୍ତୂପୀକୃତ ତାହାଙ୍କ ସାହିତ୍ୟ ଶ୍ରମ—ଶଶିଭୂଷଣ ବହୁତ ଗଦ୍ୟଗ୍ରନ୍ଥ ଲେଖି ଅଛନ୍ତି; ଅଧିକାଂଶ ଅପ୍ରକାଶିତ, ସୁନ୍ଦର—ନିଷ୍ଟସ୍ୱ ଭୂତ-ସମ୍ପଦ, ରୁଚିର—ସୁନ୍ଦର; ପ୍ରତୀକ—ସନ୍ତକ, ପ୍ରତିକୃତି—ଫଟୋ ।

—୮୯—

# ତମା ଚରସମାଧ୍ୱୀ ହେଉ ଉରସ ତୋର

[ ଇଂରାଜ କବି ଶେଲିଙ୍କ "ଇଣ୍ଡିଅନ ସିରେନେଡ୍"
କବିତାର ଅନୁବାଦ ]

ସ୍ୱପ୍ନେ ତୋ ରୂପ ବଲ୍ଲରୀ— ଜମନ ନୟନେ ହେଲି
ଅସିନ୍ଧୁ ସୁସୁପ୍ତି ହାରି, ନିଶୀଥ ଘୋର;
ବହଇ ମନ୍ଦେ ମରୁତ ବିସ୍ତୃତେ ତାରକାବ୍ରାତ
ଜଳନ୍ତି ପ୍ରଦୀପବତ କାନ୍ତି-ଭାସ୍ୱର,
ତୋ କକ୍ଷର ଗବାକ୍ଷ ତଳେ
ଦେଖି ମୁଁ ସେ ରୂପଗଣ ଅନ୍ଧ ସ୍ଥଳତର ବତ
ସଖି ! ତୋ ଶୋଭା-ଜନ୍ମିତ ଭାବନା ବଳେ ।

ନଦେ ଭ୍ରମୁଁ ଗୀତତାନ ହୋଇଣି ହୃତ ଚେତନ
ତଟିନୀ-କ୍ଷୁତ୍ତ ବିଜନ ଉରସେ ଢ଼ଳେ
ସ୍ୱପନେ ଚିନ୍ତା ମଧୁର ମିଳାଇଲା ପରକାର
ସୁରଭି ହୁଏ ଚମ୍ପାର କ୍ଷୁଦ୍ର ଅନ୍ତରେ,
ବିରହିଣୀ ବିହଗୀ ଖେଦ
ହୃତ ଯେସନ୍ତେ ଚିତ୍ତେ ତାରି ଉରେ ତୋର ଯେସନ୍ତେ ଗୋରି !
ଲୀନ ହେବା ଇଚ୍ଛା ମୋର ନ ରଖି ଭେଦ ।

---

୧ । ବଲ୍ଲରୀ—ଲତା, ସୁସୁପ୍ତି—ନିଦ; ବିସ୍ତୃତ—ଆକାଶ; ବ୍ରାତ—ସମୂହ; ଭାସ୍ୱର—ଉଜ୍ଜ୍ୱଳ ।

୨ । ତଟିନୀ—ନଈ; ତମସାଚ୍ଛନ୍ନ—ଅନ୍ଧାର; ଉରସ—ଛାତି; ଚମ୍ପା—ଚମ୍ପାଫୁଲ, ହେମରଞ୍ଜିତ—ସୁନା ବରନା ।

ତୋ ଲକ୍ଷ କବାଟ ଫେଇ ଭୁଇଁରୁ ମୋରେ ଟୋଳାଅ
ଚେତନା ମୋର ଜଗାଅ, ହେଲି ଅବଶ;
ନୟନ ପତେ, ଅଧରେ, ବନ୍ଧୁ ରେ ! ପ୍ରୀତି ସୁଧାରେ
ଚୁମ୍ବନ-ଆସାର-ଧାରେ ବେଗେ ବରଷ,
ହୃଦେ ଧର ଅଭିନ୍ନ କର
ସ୍ଥଳରୁ ବେପଥୁ ଯାଉ ଗଣ୍ଡୁଁ କାଳିମା ଲିଭାଉ
ମୋ ଚିର ସମାଧି ହେଉ ଭରସ ତୋର !

୧୯୪୪

୩ । ଆସାର—ଅସରା; ବେପଥୁ—କମ୍ପ ।

—୯୦—

# ଭିକ ନ ମିଳିଲା ଆଜ

( ସ୍ୱର—ଶଙ୍କରାଭରଣ )

ବନାକୁ ଥାଆନ୍ତି ପୋଷି ଭିକ ମାଗି ମାଗି
ବୋଉ ତାଙ୍କୁ ଦେଲା ବଳି ଅଠଣୀଟା ଲାଗି,
କିଣିନେଲା ମାତୃଆଳି
କଙ୍କର୍ଥନୀ ହୋଇ ବୃଥା ପାରିଲା ବୋବାଳି ।୧।

ସରନ୍ତୁ ଅଠଣୀ, ବୋଉ ପଡଅଛୁ ଜରେ
ବାଲବାଲଭନ୍ତୁ "ବନା ! ଅ ଅ ବାପ ଥରେ"
ହାତ ଉପରକୁ ଟେକେ
କହେ "କରବଣି ଭୋକ ଖାଅ ଦୁଧ ତୋକେ" ।୨।

ଚଛମୂଲେ ଛନ୍ତି ଯେଉଁ ପଡ଼ୋଶି ଭଜାର
କହୁଛନ୍ତି "ବୋଉ ତୋର ଯିବ କେ ବାହାର ।"
କଣ୍ଠେ ନ ଗଲଇ ପାଣି
ଭଲପା ଶବାଭ ଥଣ୍ଡା ହୋଇ ଅସିଲଣି ।୩।

ଲଟେଢ଼ଇରେ ମଲା ବାପ ରେଙ୍ଗୀମ ସହରେ
ଟଙ୍କି କଣ୍ଠ ଦାଦ୍ ଖୁଡ଼ୀ ଦନ ଦ୍ୱ ପହରେ
ଗାଆଁ ଲୋକଙ୍କୁ ମିଳାଇ
ଅମ୍ଭ ତନାଙ୍କଣେ ଦେଲେ ଘରୁ ଘଉଡାଇ ।୪।

ଚଲିଗଲି ଯେତେ ଦନ ମିଳୁଥିଲା ଭିକ
ବୋଉ ଥନ ଖାଏ ବନା ନ ଜାଣଇ ଭୋକ
ଭିକ ନ ମିଳିଲା ଆଜ
ଶୁଖିଲା ବୋଉର ଥନ, ବନା କାନ୍ଦେ ଲାଜ ।୫।

ଅଠଦିନ ବୋଉ ଦେଖି ନ ଥିଲା ସେ ଦାନା
ଗୁରୁଦିନ ଉପାସରେ ଯାଉଁ ଲାଗି ବନା
ମୁହିଁ ତୁଚ୍ଛା ପାଣି ପିଇ
ଫେରୁଥିଲି ଖାଲି ହାତେ ଭିକ ମାଗି ଯାଇ ।୬।

ବନା ଗଲା, ବୋଉ ଯିବ, ଯାଇଥିଲା ବାପ
ମୁଁ ଅଭାଗୀ ଥିବି ଜୀଇ ପାଇଛି କା ଶାପ
ଯାଚୁଅଛି ପେଟେ ଭାତ
ଟେକିବାକୁ ଗୁଣ୍ଡା କାହୁଁ ଚଳିବ ମୋ ହାତ ? ।୭।

ସଞ୍ଜି ପାତେ ବୋଉ ଦେହୁଁ ବହୁଅଛି ପାଣି
ସେଙ୍କିବାକୁ ନାହିଁ କାଳ; ଶୁଣିଲି କାହାଣୀ
କାଠ ବିଡ଼ାଟିଏ ଦିଅ
ନଈବାଲି ସେତେ ତେତେ ଦିନ ଜୀଇଥାଅ ।୮।

ଏହି ଚୂନପିଣ୍ଡା ଯାଙ୍କ, ଗୁଡ଼ିକର ଲଗାଇ
ଦୁଆର ମୁହଁରୁ ମୋତେ ଦେଲେ ଘଉଡ଼ାଇ
କହୁ ନାନା କଟୁବାଣୀ
ଖାଇଯିବ ପିଲା, ମୁହିଁ କୁଆଡ଼େ ଡାହାଣୀ ! ।୯।

ଚୂନ ପିଣ୍ଡା ଥିଲା ଅମ, ଥିଲି ଅଲିଅଳ
ଅପବାଦ ଶୁଣାଉଛି ମୋ ପୋଡ଼ା କପାଳ,
ଦେଲି କାଠ । ଯାଏଁ ମୁହିଁ
ପହଞ୍ଚିଲା ବେଳକୁ ମୋ ବୋଉ ଥାଉ ଜୀଇ ।୧୦।

୧୯୪୩

—୯୧—

# ଚନ୍ଦ୍ରାମଣି ମହାନ୍ତି

( ଧୀରେ ରାଧା କର ଧର ବୃନ୍ଦରେ )

ଚନ୍ଦ୍ରାମଣି ! ସାଧନାର ପିରାମିଡ଼ ରଚିଛ
ଅପଘନେ ଭାରତୀଙ୍କ ରତ୍ନରାଜି ଖଚିଛ
ସୁଧୀ ହେ !
ଅମର-ଭୂଇଁ ଅନ୍ନପାଇଁ ସଂଚିଛ
ମରନାହିଁ ମରନାହିଁ ହୃଦେ ଅମ୍ଭ ବଂଚିଛ ।୧।
ବ୍ୟାଧି ତୁଷାନଳେ ଜଳି ସୁବାସ ବିତରିଛ
ତପସ୍ୟାର ଧନ ଦେଇ ମାଆ ଦୈନ୍ୟ ହରିଛ
ସୁଧୀ ହେ !
ଭାସ୍ୱର ଅଭ୍ର ମାଆ ଭାଲେ ଭରିଛ
ବାଣୀ-ଅରଚନେ ପଲ ପଲ ହୋଇ ସରିଛ । ୨ ।

୧୯୮୩

---

୧। ପିରାମିଡ଼—ମିଶର ଦେଶର ରାଜାମାନଙ୍କର ସମାଧି ଉପରେ ଗଠିତ ବିରାଟ ସ୍ତୂପ—ବିରାଟତା ଜଗତେ ଏ ସବୁ ପ୍ରସିଦ୍ଧ; ଅପଘନ—ଶରୀର ରାଜି—ସମ୍ପଦ ।

୨। ଭାସ୍ୱର—ସମୁଜ୍ଜ୍ୱଳ; ଭାଲ—କପାଳ; ପଲ ପଲ ହୋଇ—ଟିକି ଟିକି ହୋଇ । ସରିଛ—ନିଜକୁ ଧ୍ୱଂସ କରିଛ ।

—୧୨—

# କଳାକମ୍ର ଉତ୍କଳ

ରାଗ—କାମୋଦୀ

( ଭଞ୍ଜବୀରଙ୍କ "ଦେଖି ନବ ବାଳିକା" ବୃତ୍ତରେ )

କଳା-କମ୍ର ଉତ୍କଳ ମାନସ-ଶତଦଳ-
ଆସନ ପାତ୍ ମା ଭାରତି !
କରି ଆବାହନ ଅବତରି ବହନ
ବିରଚ ତହିଁ ମା ବସତି ହେ
ବୀଣାପାଣି !
ମୂର୍ଚ୍ଛନା ତୋଳି ଅଜି ବୀଣେ
ବାଅ ବିପଞ୍ଚୀ ଧାତକୀରେ
ମଞ୍ଜୁଳ ବିମୋହନ କବିତା କଞ୍ଜବନ
ଫୁଲ୍ଲ ଭ୍ରସଳ-ମାଳକାରେ ହେ
ବୀଣାପାଣି !
ବଟାଳୀରେ ପଥରେ ଲେଖନୀରେ ଅକ୍ଷରେ
ବିଶିଷ୍ଟ କଳାର ମନ୍ଦର
ଗଢ଼ିଲୁ ଏତୁ ଖ୍ୟାତ ତେଣୁ ଅଜ୍ଞ ଅଖ୍ୟାତ
ହୋଇଛି ଶେଳ ହୃଦେ ତାର ହେ
ବାଗୀଶ୍ୱରି !

---

୧ । କଳାକମ୍ର—କଳାଦ୍ୱାରା କମ୍ର ବା କମନୀୟ, ଧାତକୀରେ—ବୀଣା
ମଞ୍ଜୁଳ—ମନୋହର କଞ୍ଜବନ—ପଦ୍ମବନ, ଭସଳ—ଭ୍ରମର ।
୨ । ଶେଳ—ତୀକ୍ଷ୍ଣ ଅସ୍ତ୍ର ବିଶେଷ; ବାଗୀଶ୍ୱରୀ—ସରସ୍ୱତୀ ।

ସମ୍ମୁଖ ତା କଳା ଛପଣୀ
ହୋଇ ପ୍ରସନ୍ନା ତବ ପୁଣି
ବୀଣା, ତୂଳୀ, ବଟାଳୀ, ଲେଖନୀ ଶକ୍ତିଶାଳୀ
କରେ ମୋଦରେ ଧରୁ ଧନୀ ହେ।
ବାଗୀଶ୍ୱରୀ !

କୀର୍ତ୍ତି-ମୟୂଖ ସ୍ପର୍ଶି ଦଶଦିଗ ଉଦ୍‌ଭାସି
ଉତ୍କଳ ନାମ କରୁ ସାର୍ଥ
ସତ୍ୟ, ଶିବ, ସୁନ୍ଦର କଳାଶିଳ୍ପି ବୃନ୍ଦର
ହେଉ ଏକୈକ ପରମାର୍ଥ ହେ
ମା ଭାରତି !
ଶୋଭନ-ଜୀବନ-ସହିତ
ହେଉ ଏ ଦେଶେ ପ୍ରବାହିତ
ରଙ୍ଗ ରାଜୀବ ସବୁ କରୁଣା ମା ! ତୁମ୍ଭର
ଫୁଟୁ ତହୁଁରେ ଅବିରତ ହେ
ମା ଭାରତି !

୧୯୪୩

୩ । ମୟୂଖ—କିରଣ; ଉଦ୍‌ଭାସ—ଆଲୋକିତ କରି; ଶୋଭନ—ମନୋଜ୍ଞ ।

—୯୩—

# ରାଜକିଶୋର ପ୍ରାଣରୁ ମାଧୁରୀ

( କୃଷ୍ଣ ନାମ ଅଜଠାରୁ ମୋ ଶ୍ରବଣେ
ନ ଶୁଣାଇବଟି କେହୁ—ବୃତ୍ତରେ )

ଲବଣୀ ପ୍ରତିମା    ଅଟେ ଶୋଭାସୀମା
ବୋଲି ଥାଅ ବନ୍ଧୁ ! ଡାକି ହେ
ଅନଳ ଜଳାଇ    ଫିଙ୍ଗ ମୋତେ ତହିଁ
କି ଅପରାଧ ପାଇଁ କି ହେ
ଆହେ 'ମାଧୁରୀ'—ଜୀବନ
ପିଣ୍ଡ ରହେ କି ଗଲେ ପରାଣି ହେ ? । ୧ ।

ପ୍ରେମ ବଇରାଗୀ    ହେବ ଯାହା ଲାଗି
ଦେବ ତାହାକୁ କାହାକୁ
ସେ ପରା ତୁମ୍ଭର    ଦାସୀ ଚରଣର
ଆଶା ତା ତୁମ୍ଭ ବାହାକୁ ହେ
ବେଢ ତା ପରାଣ ବଲ୍ଲରୀ
ସମ୍ଭାଳିବ ମହୀରୁହ ସରି ହେ ? । ୨ ।

---

୧ । ଲବଣୀ ପ୍ରତିମା—ଲବଣୀ ପରି କୋମଳା; ଶୋଭାସୀମା—ସୌନ୍ଦର୍ଯ୍ୟର ଶେଷସୀମା ।

୨ । ବଲ୍ଲରୀ—ଲତା, ମହୀରୁହ—ବୃକ୍ଷ ।

ବିବାହରେ ଯୋଗ     ନୋହିଲେ କି ହେବ ?
ମାଧୁରୀ ହୋଇବ ସୁଖୀ ହେ
ଧନେକ ଭିତର     ଅନେକ ମାତର
ବଦନ ଚୁମ୍ବ କରେଣି ହେ
ଅଞ୍ଜନମ ସେ ଦୁଃଖିନୀ
ତୁମ୍ଭେ ତାର କୋହିନୂର ମଣି ହେ । ୩ ।

ଜନନୀ ଚୁମ୍ବର     ହେଲେ ଦେହାନ୍ତର
ସେହି ଦିନୁଁ ମିଳନର ହେ
ଅଶାକୁ ବରଜି     ନିରାଶାକୁ ଭଜି
ଉଶ୍ୱାସ ଭର ଭରି ଅନ୍ତର ହେ
ଦାସୀ ପଦ ଅଛି ବରି
କାହିଁ ହେବ ତେ ଉଛାହଁ ଭଗାର ହେ ? ।୪।

ରସଲେଖା ଦେଖି     ସୁହାଅ ରଜନୀ
ବେଦୀର ସେ ହେଉ ସଖୀ ହେ
ଜନକବଚନ     କର ନାହିଁ ଆନ
ହେଲେ ମୁଁ ହୁଏ ନିର୍ମାଖୀ ହେ
ଶିବଲ୍ଲୁତାର ହାର
ବନ୍ଧୁ ! ହେଉ କନ୍ୟାସଜ ମୋର ହେ ।୫।

---

୩ । କୋହିନୂର ମଣି—ପୃଥିବୀର ସବୁଠୁ ବଡ଼ ଓ ମୂଲ୍ୟବାନ୍ ହୀରାର ନାମ କୋହିନୂର ।

୪ । ଦେହାନ୍ତର—ମୃତ୍ୟୁ; ଉଶ୍ୱାସ—ହାଲିକା; ଅନ୍ତର—ହୃଦୟ; ସ୍ୱର—ଗୀତ; କନ୍ୟାସଜ—ବିଭା ହେବାକୁ ଯାଉଥିବା କନ୍ୟାର ଅଳଙ୍କାର ଆଦି ଭୂଷଣ ।

ସାପ କାମୁଡ଼ିଲା ପରାଣ ନ ଗଲା
ଗାରଡ଼ିଆ ତୁମ୍ଭେ ହୋଇ ହେ
କାନ ମୋ ଫୁଙ୍କିଲ ପ୍ରାଣ ବଞ୍ଚାଇଲ
ପରଶ ଭୁଲା ନ ଯାଇ ହେ
ବୋଉ ଭାଷିଲା ମୋହର
ମାଧୁରୀକି ମୁଁ ଦେବ ସାକର ହେ ।୬।

ଗଣ୍ଡ ମୋ ସୁରଙ୍ଗ ପଡ଼ୁଥିଲା ରଙ୍ଗ
ଆଜନମୁଁ ମୁଁ ଅନ୍ତରେ
ଫୁଲ ଚନ୍ଦନରେ ପୂଜିଲି ଆଦରେ
ଯାହାଙ୍କୁ ସେ ମୋ ଭାବରେ ହେ
ମୋତେ ଦେଲେ ଆସି ବର
କିଣି ନେଇ ଜନମ ଅନ୍ତର ହେ ।୭।

ସେ ଧନ୍ ଗଲେ ମୁଁ ସେରସୀ କୂଳକୁ
ଅଗୁଁ ଯାଇଥାଏ ତହୁଁ
ଗଗର୍ ହାତେକ ତୁଠରେ ପକାଇ
ବସ ବୁଟେ ପଥ ଚାହିଁ ହେ
ମୁହଁ ଫେରେଁ ପାଣି ନେଇ
ଫୁଲ ହାରକୁ ଚାହିଁ ନ ଚାହିଁ ହେ ।୮।

---

୬ । ଗାରଡ଼ିଆ—ସାପମନ୍ତ୍ର ଜାଣିଥିବା ଲୋକ; ପରଶ ଭୁଲା ନ ଯାଇ—ଡେଡେବେଳେ ତୁମ୍ଭ ମୁହଁ ମୋ ମୁହଁକୁ ଛୁଆଁଇବା କଥା ।

୭ । ଗଣ୍ଡ—ଗାଲ; ସୁରଙ୍ଗ—ଉତ୍କୃଷ୍ଟ ବର୍ଣ୍ଣ ବିଶିଷ୍ଟ; ରଙ୍ଗ—ଲାଲ ।

କୁଟେ ଯେ ଯାଅନ୍ତି          କେହି ନ ଜାଣନ୍ତି
ବାଗୁରି ପାତ ଭା ପାଇଁ ହେ
ମାଧୁରୀ ଭୁଲଇ          ହୋଇ ଅନ୍ଧ ବାଇ
ଧରା କି ସେ ଦେଇ ନାହିଁ ହେ
ମନ ଉତ୍ଫଳ ତାହାର
କହୁଁ ପିଞ୍ଜିବାକୁ ପଶ ହାର ହେ ॥୯॥

ଏକୋଇଶ ହାର          ହେଲା ନାବଖାର
ଦିନ ଏକୋଇଶ ଗତ ହେ
ଖିନ୍ନ ବଜା କୁଣ୍ଡେ          କନ୍ତ ଦେଲ ଗୁଣ୍ଡେ
ପୂରିଲ ସତ୍ଯ! ବରତରେ
ରହୁ ଲବଣୀ ପିତୁଳା!
ଅଙ୍ଗ ହାତେ ମନ୍ତ୍ରି ଦିଏଁ ଗଲା ହେ ॥୧୦॥

ଲାଜ ମୋ ହୁଡ଼ିଲ          "ତୁମ ହିତେ ତୁ ପଳା"
ପୀରତି ଛନ୍ଦର ପଦ
ଲାଜ ଭଙ୍ଗ ମନା          "ପାଟି ତୁ ପିଠାନା"
ପୀରତି ଭଙ୍ଗ ଗଦ୍‌ଗଦ ହେ
"ପ୍ରାଣ ନୁହଁ" ଭଣୁଁ ଲାଜ
ପ୍ରୀତି ଉପେ "ସେ ପର ତୋ ହିଜ ହେ" ॥୧୧॥

---

୯। ବାଗୁରି—ଜାଲ; ଉତ୍ଫଳ—ଉତ୍ସୁକ; ଅସ୍ଥିର।

୧୦। ଲାଜ ମୋ ହୁଡ଼ିଲ—ଏ ପଦରେ ମନରେ ଲାଜ ଓ ପ୍ରୀତିର ଝଗଡ଼ା ବର୍ଣ୍ଣନା କରାଯାଇଛି। ବରଜ—ତୋଟେ ଲୁଚ ଲଡ଼ିବା ପାଇଁ ଦିଆ ଯାଇଥିବା ବ୍ରତ।

ପିନ୍ଧାଇଣ ମାଳ ଅଖି ଛଳ ଛଳ
ଭର କହିଲ "ସୁନ୍ଦର ରେ !
ଏଡ଼ୋଇଣ ମାଳ ଭଲ ତୁ ଚପଳ
କେଉଁ ଅପରାଧୁଁ ମୋର ! ରେ"
ମୁଁ ଭାଷିଲି "ବରତର
ଟାଣ ପରଖୁ ଥିଲି ମାଧର ହେ" ।୧୨।

କହିଲ "ଅଜଠୁଁ ଭିନାଭିନ ନାହିଁ
ତୁ ମୋହର ମୁଁ ତୋହର ରେ
ଏ କୁସୁମ ଯାଙ୍କ ଅଟଇ ଶାୟକ
ମନାସି ତାଙ୍କୁ ମନର ରେ
ତୋତେ କହିଲି ରୂପସି !
ତୁ ମୋ ମାନସ ଆକାଶ ଶଶୀ ରେ ।୧୩।

ହେଲା ଘରପୋଡ଼ି ନଅଁ ଗଲ ବେଢ଼ି
ପାରିଲି ନାହିଁ ବାହାର ହେ
ଘାର ମୋ ଶଙ୍କିଲେ ଟିକେ ନ ଚଙ୍କିଲେ
ଅନଳ-ପରଦା ଛାର ହେ
ମୋର ବଞ୍ଚାଇ ପରାଣ
କଲ ନିବିଡ଼ ପରଶ ଦାନ ହେ ।୧୪।

---

୧୩ । ଭିନାଭିନ-ଛଡ଼ା ଛଡ଼ି; ଏ କୁସୁମ ଯାଙ୍କ……ଅର୍ଥାତ ଫୁଲ ଯାହାଙ୍କର ଶାୟକ ବା ଧନୁ ଅଟେ ପ୍ରୀତ ଦେବତା ସେହି ମଦନ ।
୧୪ । ନିବିଡ଼—ଘନିଷ୍ଠ ।

ଭବର ଅଙ୍ଗୁରୀ ହୋଇଲା ଖଣ୍ଡ
ଘର ଅମ ହେଲା ଢୋଲା ହେ
ମୁଁ ସ୍ଥିର ଅଭାଗୀ ମୋହ ସୁଖ ଲାଗି
ଅଙ୍ଗୁଳି ହେଲା ମୁକୁଳା ହେ
ଅହେ ଦୟାର ବାରିଧି !
ତୁମ୍ଭେ ମାଧୁରୀ ବାଳାର ନିଧି ହେ ।୧୫।

ସବୁ କଥା ଏଥି ଲେଖିଗଲେ ଥୋଇ
ହୋଇବୁଁ ଏଥୁ ଫେଡର ହେ
ଧନ ଧନଙ୍କର ଭାବ ବଖାଣିଲେ
ସମାନ ହେବ ବେଦର ହେ
ସେହି ଭାବ ମୋ ଭୂଷଣ
ହେଉଁ ଓହରିଅସିଛୁ ମନ ହେ ।୧୬।

ନର କଳପନା ନୋହୁ ଥିଲେ ଚୂନା
ଏ ଧରା ଅମରାବତୀ ହେ
ନିମିଷେ ହୁଅନ୍ତା କେ କାମୀ ସହନ୍ତା
କଷଣ-ଜର-ଜବତ ହେ ?
ବାସ୍ତବକୁ ଅସ ଫେର
ଋଣ ଦେଉଛୁ ତୁମ୍ଭ ମାଧୁରୀ ହେ ।୧୭।

---

୧୫ । ମୁକୁଳା—ଖୋଲି; ବାରିଧି—ସମୁଦ୍ର; ନିଧି—ମୂଲ୍ୟବାନ୍ ଜିନିଷ ।

୧୬ । ଭାବ—ମନର ପ୍ରୀତି ଯହିଁରେ ଦେହର ସମ୍ପର୍କ ନାହିଁ, ଓହରି ଅସିଛୁ—ଖସି ଆସିଛୁ ।

୧୭ । କଲ୍ପନା—ପାଇଁ, ଅମରାବତୀ—ସ୍ୱର୍ଗ; ଜବତ—ଜରଥିଲା ବେଳେ ଦେହରେ ଥିବା ତାପ; ବାସ୍ତବକୁ—ସଂସାରର ପ୍ରକୃତ ସ୍ଥିତିକୁ ।

ତୁଷି ତୁମ୍ଭ ତୁଣ୍ଡ   ମାଧୁରୀ ଜୀବନ
ଦୁଃଖେ ସୁଖେ ସାର କରି ହେ
ନେଇ ରସଲେଖା   ତୁମ୍ଭଙ୍କୁ ମୋ ରକ୍ଷା !
ମୋରେ ଦିଅ ଛବିପଟି ହେ
ପୂଜାରେ ତା ରଖି ଲକ୍ଷ୍ୟ
ଜୀବନ କରିବି ମଧୁମୟ ହେ ।୧୮।

ଗଗନେ ଭାସ୍କର   ପୁଣି ନିଶାକର
ପଙ୍କଜନୀ; କୁମୁଦିନୀ ହେ
କୋଟିଏ ଯୋଜନ   ଦୂରେ ରହୁ ଯେହ୍ନେ
ବିକଶି ତାଙ୍କୁ ସୁଖିନୀ ହେ
ତେହ୍ନେ ହେ ରାଜକିଶୋର !
ସୁଖିନୀ ହେବ "ମାଧୁରୀ" ତୁମ୍ଭର ହେ ।୧୯।

ତୁମ୍ଭ ମୁଖ ଦେଖି   ମୁଦିବ ତା ଆଖି
ଦେଖୁ ସେ ଦୋଳମୁକୁଟ ହେ
ଦେଖିବାର ପାଇଁ   ନ ଥିବ ସେ ଆଉ
ମୁଣ୍ଡେ ତୁମ୍ଭ ଜଟାଜୁଟ ହେ
ତୁମ୍ଭ ଛବିକୁ ନିରେଖି
ଇଚ୍ଛେ ଜୀଇବ ତୁମ୍ଭ ସେବକୀ ହେ ।୨୦।

---

୧୮ । ଛବିପଟ୍ଟ—ତୁମ୍ଭର ଅଙ୍କା ହୋଇଥିବା ମୂର୍ତ୍ତି ବା ଫଟୋ; ଲକ୍ଷ୍ୟ—ମନୋଯୋଗ ।

୧୯ । ଭାସ୍କର—ସୂର୍ଯ୍ୟ; ନିଶାକର—ଚନ୍ଦ୍ର; ପଙ୍କଜନୀ—ପଦ୍ମ; କୁମୁଦିନୀ—କଇଁ; ମାଧୁ—ମାଧୁରୀର ଅପର ନାମ ।

୨୦ । ଦୋଳ ମୁକୁଟ—ଭଗବାନ ।

ଯାଅ ନାହିଁ ସଖା ! ବାରେ ମାତ୍ର ଦେଖା
ଦାନବରେ ଦଅ ମୋତେ ହେ
କଥା ଭାଷା ପାଇଁ ନୁହଇ ଅଶାୟୀ
ଦେଖିଲେ ଥରେ ପଥରେ ହେ
ଲଭିବଇଁ କୋଟିନିଧି
କେଉଣେ ଯାଅ ନା କରି ଅନାଥ ହେ ।୨୧।

ତୁମ୍ଭ ଗଳ ବାନ୍ଧି ଧୂଳି ମୁଁ ଗୋଟାଇ
ଖିସାଟିରେ ରଖିବା ନେଇ ହେ
ଏ ପୋଡ଼ା ପରାଣ ହୋଇବ କାରଣ
ନିର୍ମାଲ୍ୟ କରି ତା ପାଇ ହେ ;
ମଲେ ଅବ ଜନମରେ
କଲାଗାଇ ହେବ ଶ୍ରୀଅଙ୍ଗରେ ହେ ।୨୨।

ମାଅ ମଙ୍ଗଳାଙ୍କୁ ମାଗଣା କରାଇ
ମାଗିଛୁ ମୁଁ ଅଳ୍ପ ବର ହେ
ଭସଲେଖା ଘେନି ମୋ ଜୀବନମଣି
ସୁଖେ କରନ୍ତୁ ସଂସାର ହେ
ଦୂରେ—ଅତିଦୂରର ବନ୍ଧୁ
ସୁଖୀ ହୁଏଁ ଥାଇ ତାଙ୍କୁ ଚାହିଁ ହେ ।୨୩।

୧୯୪୫

---

୨୧ । ଅନାଥ—ଅନାଶ୍ରୟ ।

୨୨ । ଖିସା—ପ୍ଲେଟ ମୁଣା ସହିତରେ କି ନିର୍ମାଲ୍ୟ ଓ ପାଦୁକ ପ୍ରଭୃତି ରଖାଯାଏ ।

—୯୪—

# କେହି ତ ଦରଦୀଜନ ଏକାକୀ ନାହିଁ

"ଲଭ୍‌ସ୍ ଫିଲସଫି"

( ଇଂରାଜ କବି ଶେଲିଙ୍କ କବିତାର ଛାୟାରେ )

ରାଗ ଶ୍ରେଣୀ

ଝରଣା ସରିତ ଭୋଳେ ତଟିନୀ ପୀରତ ଭୋଳେ
ସରିତ ସାଗରେ ମିଳେ ଶାନ୍ତରେ ଯାଇଁ,
ପବନେ ଖୋଜି ପବନ ପ୍ରେମେ ଦିଏ ଆଲିଙ୍ଗନ
କେହୁ ତ ଦରଦୀ ଜନ ଏକାକୀ ନାହିଁ;
ଏକ ସାଥେ ମିଳେ ଅପର
ତୋହ ମୋହ ମେଳ ନୁହେଁ କି ଦୋଷ ମୋର ?

ପ୍ରେମମଦେ ହୋଇ ଘାରି ଅମ୍ବର ଚୁମ୍ବଇ ଗିରି
ଢେଉ ଉପରେ ଦେଖ ଗୋରି ! ଢଳଇ ଢେଉ
ଶୋଭାବତୀ ଫୁଲବାଲୀ ଲେଉଟାଇ ଦେଲେ ଅଳି
ତା ଉପରେ ନୋହେ ଚଳ ଭଉଣୀ କେହୁ ?
ଧରଣୀକଣ୍ଠେ ଦେଖ ତପନ
ବେଢ଼ାଇ କେସନ କର, ଚୁମ୍ବେ ଲପନ ।

---

୧ । ଦରଦୀ—ପ୍ରେମୀ ।

୨ । ଅମ୍ବର—ଆକାଶ; ଅଳି—ଭ୍ରମର; ଚଳ ହେବା—ଚଞ୍ଚଳ ହେବା; ବଶ ହେବା; ଲପନ—ମୁଖ ।

ସାଗର ଉପରେ ଶଶୀ ଚୁମ୍ବଇ ଦେଖ ସୁହାସି !
ହେବ ଏ ଚୁମ୍ବନ ସଖି କି ସ୍ୱପ୍ନ ତୁମାର ?
ତୋ ଚୁମ୍ବନ-ସୁଧା ପାଇ ହୋଇଛି ନିରନ୍ତର ବାଉଳ
ରହିଛି ଉପବାସୀ ହୋଇ ଏ ମୋ ଅଧର;
ଦଣଦଶ ପୀରଭମସ୍ତୁ
ହେବ ନ ଟଳଇ ଜଳେ ତୋହ ହୃଦୟ !

୧୯୪୫



୩ । ଉରଜ — ସ୍ତନ ।

—୧୫—

# ଜଗଜ୍ଜନ ଈର୍ଷଣୀୟା ମମ ଗଳାମାଳା

( ଇଂରାଜ କବି ଏର, ଏଫ, ଲିଟଲଙ୍କ ଏକ କବିତାର ଅନୁବାଦ )

( ରାଗ ଶଙ୍କରାଭରଣ )

( ଶୈଶବେ )

ଶଇଶବେ ଅଭ୍ରମୟୀ କାନ୍ତିଲତା ରମା
ବାସନ୍ତୀ-ଉଷା-ନୀହାର-ଶୁଭ୍ର, ଅନୁପମା
ଉଷା-କାନ୍ତି-ରସାଣିତା
ସୁମ-ସୁକୁମାରୀ ସୁମ-ଲାବଣ୍ୟ-ମଣ୍ଡିତା ।

( ଯୌବନେ )

ଯଉବନେ ସ୍ୱର୍ଣ୍ଣାଭାସୀ ରୂପସୀ ଷୋଡ଼ଶୀ
କାନ୍ତି-ଅଧିଦେବୀ ଶୋଭା-ପ୍ରପୂର୍ଣ୍ଣ ସରସୀ
ସୁଧା-ମୟୂଖ-ମଞ୍ଜୁଳା
ଜଗଜ୍ଜନ-ଈର୍ଷଣୀୟା ମମ ଗଳାମାଳା ।

---

୧ । ଅଭ୍ରମୟୀ—ଉଜ୍ଜ୍ୱଳତାମୟୀ; ରମା—ସୁନ୍ଦରୀ; ବାସନ୍ତ—ବସନ୍ତ କାଳର; ନୀହାର—ଶୁଭ୍ର—କାକର ବିନ୍ଦୁପରି ଧବଳା; କାନ୍ତି—ଝଳ; ରସାଣିତା—ମଣ୍ଡିତା; ସୁମ—ଫୁଲ; ସୁମସୁକୁମାରୀ—ଫୁଲପରି ମୃଦୁଳା ।

୨ । କାନ୍ତି-ଅଧି ଦେବୀ—କାନ୍ତିର ଅଧିଷ୍ଠାତ୍ରୀ ଦେବୀ; ସରସୀ—ସୁସ୍ୱରଣୀ; ସୁଧା ମୟୂଖ ମଞ୍ଜୁଳା—ଚନ୍ଦ୍ର ତୁଲ୍ୟ ଶୋଭାବତୀ; ଜଗଜ୍ଜନ ଈର୍ଷଣୀୟା—ଯାହାର ରୂପ ଦେଖି ଜଗତ ଯାକର ଲୋକ ହିଂସାରେ ଜଳି ଯାନ୍ତି ।

( ବିବାହେ )

ବୟୋଧର୍ମେ ପକ୍ୱକାନ୍ତି ସୁତବତୀ ମାତା
ଫଳଭରେ ଅବା ହେମ-ବଲ୍ଲରୀ ନମିତା
ପ୍ରିୟେ ! ଜନନୀ-ରୂପିଣୀ
କୁଟୀର-କମଳାଳୟା ! ବିଶ୍ୱ-ବିମୋହିନୀ !

( ମରଣେ )

ଅନ୍ତିମ ଶୟନେ ଯେବେ ମୁଦ୍ରିତଲୋଚନା
ପରମେଷ୍ଠି-ପରିପାଟୀ-ପରମ-ରଚନା
ଭବ ଭାର ଖଣ୍ଡିତା
ଦେବ ଲୋକ ଭୂତି ଲୋଭ ଆଶା ବିମଣ୍ଡିତା !

୧୯୪୦

---

୧ । ବୟୋଧର୍ମେ — ବୟସର ପ୍ରଭାବରୁ; ହେମ ବଲ୍ଲରୀ — ସୁନାର ଲତା; କମଳାଳୟା — ଲକ୍ଷ୍ମୀ ।

୪ । ପରମେଷ୍ଠି — ବିଧାତା, ପରିପାଟୀ — ନିର୍ମାଣ କୌଶଳ, ଭବଭାର ଖଣ୍ଡିତା — ସଂସାରର ପାପ ତାପରୁ ଅନାକ୍ରାନ୍ତା; ଦେବଲୋକ — ସ୍ୱର୍ଗ ଭୂତି — ସଂପଦ ।

—୧୭—

# ଯେନ୍ତ ଶୋଭାବନ୍ତ ଅବା ତୋ ଶୋଭାକୁ ଦେଖି

( ଯୁଗ ଶବ୍ଦସ୍ୱରଣ )

ବି—ମ୍ବାଧରା ଶଶିକଳହାସୀ ଗଳାମାଳ
ଛଂ—ଦନନ୍ଦନା ରଙ୍ଗପସରା ସର୍ଜାଳ ।
ଦ—ର୍ପଣ ମୂର୍ତ୍ତି । ମନେ
ତ—ବଣ ପେଁବଳ ସେ ଦେଶେ କି ପଡ଼େ ଧନେ ?
ର—ସାଭୂଷା ଅଣାପାଦେ ଛନ୍ଦଣ ଦୋସ୍ତୁରେ
ନ—ଇଙ୍କା ତ୍ରୁଟୀରଗଲ ମର୍ତ୍ତ୍ୟ-ଦରଅରେ
ପ—ଙ୍କେରୁହନେତ୍ରୀ ଧନ !
ଉ—ତ୍ପଳ ଶୋଭାର ତୋ ମୁଁ ଲସି-ସ୍ୱପନ ।୨।
ନା—ଟୁଅ-ଖଞ୍ଜନ-ଜଣା ମଞ୍ଜୁ ଦୋଳାୟିତା
ଏ—କଲବ୍ୟେ ଜାରେଖିବା ଯେତ୍ତୁ ଦେଖିଗଲ
କ—ମ୍ବୁକଣ୍ଠି । ସେ ବଉଥି
ବ—ହ୍ନ-ଦହନ ଥିଲା ଅମ୍ବୁ ପାଇଁ ସଖି । ୩ ।

---

୧ । ବିମ୍ବାଧରୀ—ପାଚିଲ ଜଳୀ କାକୁଡ଼ି ପରି ଯାହାର ଅଧର ଲାଲ; ଶଶିକଳ ହାସୀ—ଯାହା ହସର ସ୍ୱଚ୍ଛତା ଚନ୍ଦ୍ରକୁ ପଛରେ ପକାଇ-ଦେଉଛି; ଛନ୍ଦ ନନ୍ଦନା—କୌତୁକ ପ୍ରିୟା; ଦର୍ପଣ ମୂର୍ତ୍ତି—ଯାହା ମୂର୍ତ୍ତି ଦର୍ପଣ ପରି ସମୁଜ୍ଜ୍ୱଳ; ସେ ଦେଶେ—ସ୍ୱର୍ଗ ପୁରରେ ।

୨ । ରସାଭୂଷା—ରସା ଅର୍ଥାତ୍ ପୃଥିବୀର ଅଳଙ୍କାର, ଦୋସ୍ତୁର—ସୁନ୍ଦର; ପଙ୍କେରୁହ—ପଦ୍ମ; ଉତ୍ପଳ ଶୋଭା—(ତୁଳନା କର) ଉତ୍ପଳ ପରି ଶୋଭା । ଶୋଭିଛି ଶୋଭା—ଉପେନ୍ଦ୍ର ଭଞ୍ଜ; ଲସି—ଲସା ହୋଇ ଥିବା ।

୩ । ଖଞ୍ଜନ—ଖଞ୍ଜନପକ୍ଷୀ ଚଢ଼େଇ, ମଞ୍ଜୁ—ସୁନ୍ଦର ଦୋଳାୟିତା—ଥରିଲା ଭଙ୍ଗୀ; କମ୍ବୁ—ଶଙ୍ଖ; ବାଉଣ—ବାଧାକା; ବହ୍ନ—ଅଗ୍ନି ।

ଏ—ବେ ବୋହି ପାରାବାର ହୃଦେ ବ୍ୟବଧାନ
ଯୋ—ହଲା-ଅଧର ତୋର ସପନେ ସପନ
  ଅ—ସ୍ପୃଶ୍ୟ ତ୍ରିଦିବବାସିନୀ !
ସ୍ତୁଂ—ଦ ଶୋଭାବନ୍ତ ଅବା ତୋ ଦଶାଭାଲୁ ଦେଖନା ।୪।

ଦା—ରଦ କରନ୍ତୁ ବନ୍ଧୁ ! ବୁକୁର ସମ୍ବଳ
ନୀ—ରଧାର ପାଇଁ ପଥ ନସ୍ତୁନ ଖୁଣ୍ଟଳ
  ଚ—ତୋରର ଅଶା ବନ୍ଧୁ
ହୃ—ଦତ-ସୁଧାଂଶୁ-ସୁଧା ନ ପାରନ୍ତି ପିଇ । ୫ ।

କ—ହ କଳକଣ୍ଠି ! ଭଲ୍ଲ ମରଣ ସେ ପାରେ
କ—ମ୍ବୁ-କଣ୍ଠେ କଣ୍ଠୀ ଦାସେ ଲଡ଼ାଇଣ ଥରେ
  ଝୁ—ହୁଝୁହୁ ରଙ୍ଗାଧରୁ
କ—ଷଣି-ପାସୋଗ୍ର ତୋର ଦେବୁଟି କି ଭୀରୁ ! ।୬।

୧୯୩୪

---

୪ । ପାରାବାର—ସମୁଦ୍ର ; ତ୍ରିଦିବ—ସ୍ୱର୍ଗ ।

୫ । ଦରଦ—ଦରଜ ( ତୋ ବିଚ୍ଛେଦ ଜନିତ ) ; ବୁକୁ—ହୃଦୟ ; ସମ୍ବଳ—ସମ୍ପଦ ; ନୀରଧାର ପାଇଁ—ଲଙ୍ଘ ଗଡିବା ପାଇଁ ; ସୁଧାଂଶୁ—ଚନ୍ଦ୍ର ( ତୁଳନା କର—ତୁ ତ ହେଲୁ ପରହାତ, କମ୍ପ କରେ ମୋ ପାଇଁ କେ ପିନ୍ଧିବ ବରତ ) ।

୬ । କଳକଣ୍ଠୀ—ମଧୁର ଭାଷିଣୀ ; ମରଣ ସେ ପାରେ—ମୁଁ ସଂସାରରୁ ବିଦାୟ ନେବା ପରେ, କମ୍ବୁକଣ୍ଠ—ଶଙ୍ଖ ତୁଲ୍ୟ ତୋ ମନୋହର କଣ୍ଠରେ ; ଝୁହୁ ଝୁହୁ—ଲାଲ ରଙ୍ଗ ଥୋପିପଡୁଥିବା ; ରଙ୍ଗାଧର—ଲାଲ ଓଠ ; କଷଣ ପାସୋଗ—ଯାହା ବିଚ୍ଛେଦଜନିତ ସବୁ ଦୁଃଖ ମୋତେ ଭୁଲେଇ ଦେବ ।

—୧୨—

# ମୋହନ ପାଖକୁ ଖାସ୍‌ମଣି

ରାଗ—ଧନାଶ୍ରୀ

( ଭଣ ଚକ୍ଷେ ବାଣୀ )

ପରାଣ-ଦୋସର ! ଭାଷା କାହିଁ ମୋର ଯଦକାଣ୍ଡିବାକୁ ସ୍ୱବ
ବନ୍ଧୁକୁ ତୁମ୍ଭେ ଯେ ସିନ୍ଧୁ ବନାଇଛ ମେରୁ ବନାଇଛ ଯବ
ହେ ସଖା ! ଭଲ ତୁମ୍ଭ ମୋହ ଅଦର୍ଶ-ଦେଖା । ହେ ସଖା !
ଚକ୍ଷୁରାଘରେ ଅନ୍ତର ରଖା । ହେ ସଖା !
ପ୍ରୀତି-ଭଇଲେ ପରାଣ ସଖା । ହେ ସଖା ! । ୧ ।

ନ ଥିଲା ଗୋଟିଏ ଅନ୍ତରେ ମୋହର ବିନ୍ଦୁଏ ଥିଲା ଗୋପନ
ଯାହା ଥିଲା ତାହା ବିନ୍ଦୁଏ ମାତର ବୋଲି ଭାବୁଥିଲା ମନ
ହେ ଧନ ! ଭଲ ହୋଇଲା ପୁନଅଁ କନ୍ଧ । ହେ ଧନ !
ଏବେ ଯୁଆର ନୁହେ କଳନ । ହେ ଧନ !
ବେଳା ଲଙ୍ଘିବାକୁ ଲଗେଁ ମନ । ହେ ଧନ ! । ୨ ।

---

୧ । ପରାଣ ଦୋସର—ପ୍ରାଣ ସଖା; ଯବ—ଶ୍ରେଷ୍ଠ ଶସ୍ୟ ବିଶେଷ; ମେରୁ—ମେରୁ ପର୍ବତ ( ଅର୍ଥାତ୍ ମୋ ହୃଦୟର ପ୍ରୀତିକୁ ଅଗାଧ କରିଅଛ ); ଚକ୍ଷୁରାଘ—ଦୃଷ୍ଟିବନ୍ଧ ହେବା, ଅନ୍ତର—ଡାଳ; ହୃଦୟ; ସଖା—ସାକ୍ଷୀ ହେବା ।

୨ । ନ ଥିଲା ... ... ମନ—ମୁଁ ଭାବୁଥିଲି ମୋ ହୃଦୟରେ ଶୁଦ୍ର କଣ ପ୍ରେମ ଥିଲା କିନ୍ତୁ ବର୍ତ୍ତମାନ ବୁଝିଲି ତାହା ସମୁଦ୍ର ପରି ଅପାର; ନୁହେ କଳନ—ଗଣି ହୁଏ ନାହିଁ; ବେଳା—କୂଳ ।

୩ । ପରଶୀତା—ବିବାହିତା; ମଞ୍ଜୁଳା—ଲୌକା; ଖଟି ନ ଦେଲ ତୁମ୍ଭ ।

ମାଳୁଳି-କୁହୁଡ଼ା ହେଲା ପରଶୀତା ମୁହିଁ ହସିବଲି ରଙ୍ଗ
ମୋହନ ଶମ୍ବର ! ଜୁର କର ତୁର ହେଲା ମୋର ଏଡ଼େ ବଙ୍ଗ
ହେ ତୂଣି ! ଗଲା ପାସୋର କି ହାରମଣି ? ହେ ତୂଣି !
କପାଁ ବନ୍ଧୁଛ ହୋଇ ମଜନା । ହେ ସ୍ତୁଣି !
"ହାସ୍ୟ" ପ୍ରେମ-ବଲଭବ୍ର-ଶଣି ! ହେ ସ୍ତୁଣି ! । ୩ ।

ଏକାନ୍ତ ବେଲରେ ବଉଳମାଳରେ ମୁଣ୍ଡି ଦେଇ ମୋର ଗଣ୍ଡ
ଗଣ୍ଡେ ଗଣ୍ଡ ଦେଇ ଭାଷିଲ 'ସୁମୁଖୀ !' ହେଲ ଅକଠୁଁ ମଣ୍ଡବା
ରେ ଧନ ! ତୋହ ଲପକୁଁ ଶଶୀ କାଉନ । ରେ ଧନ !
କୋଟି-ବସନ୍ତ ସୁଷମାମାନ । ରେ ଧନ !
ପଦ୍ମ-ନଖେ ତୋ ନୁହେଁ ସମାନ । ରେ ଧନ ! । ୪ ।

ଭରେ କର ଧର ଭାଷିଲ "ସୁନ୍ଦରୀ ! କହ ଭଲ ରାଙ୍ଗ ଦଣ୍ଡ"
ତୋଳା ମୁଁ ଟେକିଲ ନାରବେ ଭାଷିଲ ଦେବାକୁ ବାକ ନାହିଁ ଭ
ହେ ମାଳି ! ନେଇ ସାରିଲିଣି ଫୁଲ ତୋଲ । ଓହେ ମାଳି !
ଛଳେ ଲତାରେ କରୁଛ ଅଳ । ହେ ମାଳି !
ହଠ କାହିଁକି ଏହାଠୁଁ ବଳ ? ହେ ମାଳି !" । ୫ ।

ଭାଷିଲ ମୁଁ ଫେନେ "ତପାଇଁ ଅଶନେ ନାହିଁ ଭଲ ଅଜ ମନ?"
"ପେଟପୂରି କର ଦେଖିଛୁ ସୁନ୍ଦରୀ ! ତୋ ସୁଧାମୟ ଲପନ
ତା ଲାଗି । ଖୋଜ ସାରିଛୁ ବାଦାମ୍ ମାଗି ।" ତା ଲାଗି ।
ଶୁଣି ଲାଜେ ମୁଁ ପଳାଇଲି ଭାଗି ।" ତା ଲାଗି ।
ଭାଲିଁ କେତେ ତୁମ୍ଭେ ଅନୁରାଗୀ । ତା ଲାଗି । ୬ ।

---

୪ । ମଣ୍ଡବା—ଚନ୍ଦ୍ର; କାଉନ—ଭଙ୍ଗା; ସୁଷମା—ଶୋଭା ।

୫ । ଛଳେ—ନକଲ କରି; ହଠ—ହରଣ ।

୬ । ଅଶନେ—ଭୋଜନରେ; ଲପନ-ମୁଖ; ଅନୁରାଗୀ-ଦରଷୀ; ଶ୍ରେମିକ ।

ମାଇଁଙ୍କ ପାଖରେ ବସି ମୁଁ କେଶରେ ଯେବେ ଖଞ୍ଜୁଥିଲି ଫୁଲ
ସାକ୍ଷୀଗୋପାଳଙ୍କ ଅଙ୍ଗ-ଲଗି ଧଣ୍ଡା ଶୋଭାରେ ଯାହା ଅତୁଳ
ତା ଅଣି । ଥୋଇ ଦେଲି ମନ ମୋର ଜାଣି । ତା ଅଣି ।
ମାଇଁ ଲଭିଲେ ମୋ ଚିତ୍ତ-ମଣ୍ଡଣି । ତା ଅଣି ।
ଫିଟିଗଲା ତୁମ୍ଭ ମୋଦ-ଖଣି । ତା ଅଣି । ୭ ।

ବାହୁଡ଼ରେ ମୁହିଁ ଏକାକୀ ଥିଲଇଁ ତହିଁ ହେଲି ପରବେଶ
ଛପିଲି ଭଇଲେ ସାମଲ ମୋ ମାତେ ସାଜିଲୁ ଯେଣୁ ତୁ ବେଶ
ରେ ସଖି ! ବରଣମାଳା ଅଛୁ ମୋ ରଖି । ରେ ସଖି !
ସାକ୍ଷୀଗୋପାଳ ଏଥିକୁ ସାକ୍ଷୀ । ରେ ସଖି !
ଲାଜେ ନ କର ନତ ତୁ ଆଖି । ରେ ସଖି ! । ୮ ।

ତୋହଠାରୁ ଦୂରେ ରହି ଦେଉଁ ପୁରେ ଦେବନେ କାଟିବି ଦିନ
ତୋ ଶୋଭା କରେଣି ନ ପାଇ ମୋ ଆଖି ହେବ ଉପବାସେ ଦୀନ
ରେ "ହାରି" ! ବାହୁରେ ତୁ ସାଜିବଅ କାରି । ରେ ହାରି !
ତହିଁ ସାନନ୍ଦେ ଦେବଇଁ ଧରି । ରେ ହାରି !
ତହୁଁ ନାହୁଁ ମୋହନ ବାଗୁରି । ରେ ହାରି ! । ୯ ।

---

୭ । ଅଙ୍ଗ-ଲଗି—ପିନ୍ଧି ଥିବା, ଧଣ୍ଡା—ମାଳ; ମୋଦ—ଆନନ୍ଦ ।
୮ । ସାମଲ—ସାଉଁଳ; ନକର ନତ—ନୁଆଁ ଅନାହିଁ—ତଳକୁ କୁଞ୍ଚି କର ନାହିଁ ।
୯ । ଦୀନ—କ୍ଷୁବ୍ଧ, ଦରିଦ୍ର; କାରି—ହଏଦଖାନା; ମୋହନ—ସୁନ୍ଦର; ବାଗୁରି—ଜାଲ ।
୧୦ । ଶୀତ ପ୍ରଭାତର—ଶୀତ ଦିନ ସକାଳର; ଶଦାଗ—ଖସ୍‌ଦନ; ମନ୍ଦ—ଝୁଲ୍‌ଝୁଲିଆ, ଧୀର; ବାତ—ପବନ; ତରୁ—ଗଛ; ସୁଶୋଭନ—ଅତିସୁନ୍ଦର; ଭୁରି ଭୋଜନ—ପୂର୍ଣ୍ଣଗ୍ରାସ ।

ଶୀତ-ସକାଳର କଅଁଳ ଖରା ତୁ ନିଦାଘ ଶୀତଳ ବାତ
ଜୀବନ ପିଠାକୁ ମିଠା ତୁ ଗୋଳୁଣି ! ବରଷାପାଚାଳକୁ ଘୃତ
ରେ ଧନ ! ତୁ ମୋ ନାସା-ଶ୍ୱାସ-ପବନ । ରେ ଧନ !
ଅଶାତରୁ ଫଳ ସୁଶୋଭନ । ରେ ଧନ !
ପ୍ରାଣକ୍ଷୁଧାକୁ ଭୁରି ଭୋଜନ । ରେ ଧନ ! । ୧୦ ।

ତୁମ୍ଭ ନୟନର ଜାଗରେଣି ମୁଁ ମାର ପୁଚ୍ଛୁଲି ଖଞ୍ଜ ବରଞ୍ଜ
"ନୟନ କମଳ କାହିଁକି ସଜଳ ଅପୂରୁବ ଏ ତ ଅଙ୍କ
ହେ ବନ୍ଧୁ ! କମ୍ପା ଉଚ୍ଛୁଳାଅ ଶୋଭସିନ୍ଧୁ । ହେ ବନ୍ଧୁ !
ଢ଼ାଙ୍କ ବଞ୍ଚତେ ମୋ ମୁଦ-ଇନ୍ଦୁ । ହେ ବନ୍ଧୁ !
ମୁକୁଳାଅ ସଂଶୟର ଛନ୍ଦୁ ।" ହେ ବନ୍ଧୁ ! । ୧୧ ।

"ଆସିଅଛି ତାର ଯିବା ପାଇଁ ଘର, ରହିଲିଣି ବହୁଦିନ
ଏମ, ଏ, ପରୀକ୍ଷା ମୋ ନିକଟ ବୋଲିଣ କନକ ତେଜେଣେ ଉଚ୍ଛଳ
ରେ ଧନ ! ଅଙ୍କୁରାଏ ଗୁଣ୍ଡ଼ ମୋ ଜୀବନ ।" ରେ ଧନ !
ସ୍ୱପ୍ନ-ଲୋଭକ ଜଳ ମୋଚନ ! ହେ ଧନ !
ଅବଳାର ମୋ କାନେ ଲପନ ! ହେ ଧନ ! । ୧୨ ।

---

୧୧ । ମୁଦ—ଆନନ୍ଦ; ମୁକୁଳାଅ—ଖୋଲସ କରିଦିଅ, ସଂଶୟର ଛନ୍ଦୁ—ସନ୍ଦେହରୁ ।

୧୨ । ତାର—ଟେଲିଗ୍ରାମ, ଉଚ୍ଛଳ—ପଥସ୍ଥ ।

ଗରବେ ମୋ ଚିତ୍ତ ହୋଇଣ ଉନ୍ନତ ଭବେ ପାଇଲି ମୁଁ ସୁଖ
ବଢ଼ି ପାଣି ସଙ୍ଗ ମେଳିତ ତୁମ୍ଭର ଭାଙ୍ଗିଲି ଅର୍ଗଳି-ବନ୍ଧ
ମୁଁ ପରା । ସ୍ୱଇଁ ବାହୁବନ୍ଧେ ଦେଲ ଧରା । ମୁଁ ପରା ।
ଅବିରାମ ମେଳକ-ଅସରା । ମୁଁ ପରା !
ଭଙ୍ଗି ନ ଦେଲ ତଳେ ମୋ ସ୍ୱୈରା । ମୁଁ ପରା । ୧୩ ।

ନୀରସ ବସୁଧା ସରସ ହୋଇଲା ଓଡ଼୍ରାର ଅମରାବତୀ
ତୁମ୍ଭଙ୍କୁ ମୋହକୁ ଦେଖି ପ୍ରାଣବନ୍ଧୁ ମର୍ତ୍ତ୍ୟପୁରେ କଲ ସ୍ଥିତି ।
ମୁଁ ଭାସେ । ବେଳା ଅରେକ ମାତର ଅସେ । ମୁଁ ଭାସେ ।
ଉର ଯୁଗଳକୁ ଯା ରହିଛସେ । ମୁଁ ଭାସେ ।
ଝାଳି ଏକ କରେ ପ୍ରୀତି-ରହସେ । ମୁଁ ଭାସେ । ୧୪ ।

ସଂସାର ଭବିଲ ତାମସରେ ମୋର ନୟନ କଲ ମୋ ଅନ୍ଧ
ଏ ବିରାଟ ରସା ମୋତେ ଅମାନିଶା ତୁମ୍ଭେ ମୋ ଗଗନ ଚନ୍ଦ୍ର
ମୁଁ ବସି ! ଶୋଭ ମାଳା ରଚେଁ ଦିବାନିଶି । ମୁଁ ବସି ।
ରାକା ସରଳ ସମ୍ପୂର୍ଣ୍ଣ ଶଶୀ । ମୁଁ ବସି ।
ଦୁଃଖଗିରି ଯାଉ ତଳେ ଲସି । ମୁଁ ବସି । ୧୫ ।

---

୧୩ । ସ୍ୱଇଁ—ନିଜ ଇଚ୍ଛାରୁ, ଅବିରାମ—ବନ୍ଦ ନ ହେଉଥିବା, ସ୍ୱୈର—ଦଣ୍ଡିବା

୧୪ । ବସୁଧା—ପୃଥିବୀ; ଅମରାବତୀ—ସ୍ୱର୍ଗପୁର; ମର୍ତ୍ତ୍ୟପୁରେ କଲ ସ୍ଥିତି—ପୃଥିବୀରେ ରହିଗଲ; ଉର ଯୁଗଳକୁ—ଦୁଇଟି ଛାତିକୁ [ ପ୍ରେମିକ ଓ ପ୍ରେମିକା ଏ ଦୁହିଁଙ୍କ ଛାତି ବା ହୃଦୟକୁ ]; ରହସେ—ଏକାନ୍ତରେ, ଝାଳି ଏକ କରଇ—ଖଣ୍ଡ ଖଣ୍ଡ ସୁନା ରୁପା ଝାଳା ହୋଇ ଏକ ହେଲା ପରି ମିଶାଇ ଦିଏ ।

୧୫ । ତାମସ—ଅନ୍ଧାର; ରସା—ପୃଥିବୀ; ଅମାନିଶା—ଅମାବାସ୍ୟା ରାତି; ରାକା—ପୂର୍ଣ୍ଣିମା; ସମ୍ପୂର୍ଣ୍ଣ ଶଶୀ—ପୂର୍ଣ୍ଣଚନ୍ଦ୍ର; ତଳେ ଯାଉ ଲସି—ତଳକୁ ଦବିଯାଉ ।

ଫୁଲ୍ ମୋତେ ଆଉଁ ଝୁଲ୍ ହୋଇଛନ୍ତି ଅଙ୍ଗସ୍ପର୍ଶ ଭୁଜଙ୍ଗମ
ତୁଳୀତଳପ ସେ କଣ୍ଟକ କାନନ ଯୁଗ ହୋଇଛନ୍ତି ଯାମ
ମୋ ବାପ ! ଅଙ୍ଗ-ବିହଙ୍ଗ ପାଦଙ୍କୁ ଯାଣ । ମୋ ବାପ !
ଓଠ ସୁରଙ୍ଗ ମୋର ପାଉଁଶ । ମୋ ବାପ !
ଶଙ୍ଖଗୋଟା ଚନ୍ଦ୍ରା ହୁତାଶ । ମୋ ବାପ । ୧୬ ।

ବିରହ ସହିଲ ଜୀବ ମୁଁ ରହିଲି ବହୁ ବେଳୁଁ ଅଧିକାରେ
ଛତ ଚୈତାଇଣି ଛଇରେ ଅସନି ଲଭି ପ୍ରୀତି ଦରବାରେ
ହେ ସଖୀ । ଚଲ୍ଲଭୀ ପଦଟିର ହେଲା ଲେଖା । ହେ ସଖୀ ।
ତହୁଁ ମରଣ ମାତର ଏକା । ହେ ସଖୀ ।
ଦରଦୀ ନାଟେମ ଚୈତେ ପଢାଛା । ହେ ସଖୀ । ୧୭ ।

ତୁମ୍ଭ ଲେଉଡର ଭାଜନ ନୂଉର ହେବାକୁ ଅଶାସ୍ତ୍ରୀ ଦାସୀ
ଲେଉଡ ଅସାରେ ଉଛୁଳାଇ ଦେଲ ବନ୍ଧୁ ! ତା ପ୍ରାଣସରସୀ
ତା ପାଇଁ । ସାରା ବସୁଧାରେ ଠାବ ନାହିଁ । ତା ପାଇଁ ।
ସେ ସେ ତୁମ୍ଭର ଶ୍ରୀଅଙ୍ଗ-ଗ୍ଲାନି । ତା ପାଇଁ ।
ଦାସୀ ପଣକୁ ଏକା ଯୋଗାଇ । ତା ପାଇଁ ।୧୮।

---

୧୬। ଅଙ୍ଗସ୍ପର୍ଶ—ସ୍ପର୍ଶ ପାଉଡ଼ର ଇତ୍ୟାଦି, ଭୁଜଙ୍ଗମ—ସାପ; ତୁଳୀତଳପ—ତଉଁଳ ଶେଯ; କାନନ—ବନ; ଯାମ—ଯଣ; ହୁତାଶ—ଜାଁ ।

୧୭। ଚଲ୍ଲଭୀ—ପ୍ରେମିକା; ଦରଦୀ—ପ୍ରେମିକ ବା ପ୍ରେମିକା ।

୧୮। ଭାଜନ—ଯୋଗ୍ୟ; ନୂଉର—ଲିହ୍ୟ; ଅସାର—ଅସଫ; ସରସୀ—ପୋଖରୀ, ଯୋଗାଇ—ଯୋଗ୍ୟ ଅଟେ ।

ଅସ୍ତୁଅନ୍ତୁ ମେଘ ଅସନ୍ତ୍ର ବିହଙ୍ଗ କହବ ତାହାଙ୍କୁ ଦୂର
ସପନରେ ସଖୀ ! ଦେବ ଅସି ଦେଖା ହାସ୍ୟମଣି-ହୃଦ-ହାର !
ସେ ପୁଣି ! ତୁମ୍ଭ ଅଙ୍ଗ ଛୁଇଁଥିବ ଜାଣି । ସେ ପୁଣି !
ଅତି ଅଧୀରେ ତା ଭୁଜ ବେଣ୍ଟ । ସେ ପୁଣି !
ଚୈକ୍କି ହୁଏ ବାତେ ଚୁମ୍ବଦାଣ୍ଡ । ସେ ପୁଣି ।୧୯।

ତୁମ୍ଭ ନାମାଙ୍କିତ ରୁମାଲକୁ ସେ ତ ଜରେ ତା ଜରେ ଚନ୍ଦନ
ତୁମ୍ଭ ବଉଳର ମାଳ କରି ହାର ରଚେ ତା ନନ୍ଦନବନ
ହେ ଧନ ! ପାଠୁଁ ଧାରି ଭଉପସ୍ତୁ କ୍ଷଣ । ହେ ଧନ !
କଟେଷ୍ଟେଁ ଭବବ ଲିପି-ରଚନା । ହେ ଧନ !
ଅଲଂଘ୍ୟ ସେ "ହାସ୍ୟମଣି" ଋଣ । ହେ ଧନ !।୨୦।

୧୯୪୨

---

୧୯ । ବିହଙ୍ଗ—ପକ୍ଷୀ, ଦୂର—ଦୂତ; ହୁଏ କାତେ ଚୁମ୍ବଦାଣ୍ଡ—ବାସ୍ତୁକୁ ଚୁମ୍ବେ ।

୨୦ । ନାମାଙ୍କିତ—ନାଅଁ ଲେଖାଥିବା, ଧାରି—ଧାରକରି; ଭଉପସ୍ତୁ କେତେକ, ଲିପି—ଚିଠି, ଅଲଙ୍ଘ୍ୟ—ଲଙ୍ଘି ହେଉ ନ ଥିବା ।

—୯୮—

# ହୀରାମଣି ପାଶକୁ ମୋହନ

ରାଗ ଭାଟିଆରି—ତାଳ ଏକତାଳି

[ ଗୋପାଳ କୃଷ୍ଣଙ୍କ "ପଥ ଛାଡ଼ ହେ ମୁଁ ଯିବି ଫୁଲ
ତୋଳି, ଅରେ ବନମାଳି !" ବୃତ୍ତେ ]

ଯେନା ହେଉ ମୋ ଲିପି-ଲିଖିତ ବାଣୀ
ଅରେ ଶୋଭାରାଣି !
ପ୍ରୀତିରଚନାକୁ ପଢ଼ି ତୁ ମୋ ବାଣୀ । ଘୋଷା ।

ତୁମ ମୂଳ ଯାକ ସତ୍ୟ ! ମୋର ନୟନ ନ କଲା ବେଦବର
ପଲକ ବରଜି ବର ଶୋଭା ସଜି
ବିଲୋକୁଥାନ୍ତି ମୁଁ ନିରନ୍ତର । ୧ ।

ଓଠରେ ଓଠ ମିଳାଇ ଧନ ! ଜଳାଇଲୁ ତହୁଁ ହୁତାଶନ
ଅଳପ ବୟସୁଁ ଏ କେତେ ମଦିର
ଭଲା କେତେକେ ତଥି ଅଧିଷ୍ଠାନ ? । ୨ ।

ଭୁଜ ବେଳା ମୋର ଅକୁଳାନ କୋଟି ଭୁଜେ ବଳାଏ ମୁଁ ମନ
ମନବୋଧ କରି ରେ ଶୋଭା ବଲ୍ଲଭ !
ନ ପାରଇଁ କରି ଆଲିଙ୍ଗନ । ୩ ।

---

୦ । ଲିପି—ଚିଠି; ବାଣୀ—କଥା; ବାଣୀ—ସରସ୍ୱତୀ ।

୧ । ବେଦବର—ସୃଷ୍ଟିକର୍ତ୍ତା, ବ୍ରହ୍ମା; ପଲକ ବରଜି—ଆଖି ପିଛୁଳା ନ ପକାଇ; ବର—ଶ୍ରେଷ୍ଠ; ବିଲୋକୁ ଥାନ୍ତି—ଦେଖୁ ଥାନ୍ତି ।

୨ । ହୁତାଶନ—ନିଆଁ; ମଦିର—ମାଦକତା; ଅଧିଷ୍ଠାନ କଲା—ରହିଲା ।

ଅଳପ ଧନର ପରିଚୟ ଲାଜ ଛାଡ଼ିଲେ ଲଜ ନାହିଁ ଭୟ
ଭବ-ଅଙ୍ଗଣାରୁ ଠକସାଏଁ ଭୀରୁ !
ପ୍ରଣୟ ତୋ ଲୋଡ଼େ ସୁରାମୟ । ୪ ।

ଜାଣେଇଁ ନାହିଁ ମୁଁ ଗୁରୁଜନ କି ବାଧା କରିବେ ପରଜନ
ବାଧା ସବୁ ସିଧା ଠିଆ ହେବା ବିନା
ପୀରତି-ପରମ-ଅରଜନ । ୫ ।

ଦେନା କର ମୋର ନିମନ୍ତ୍ରଣ ମୋ କୁମାର ଛାଡ଼ି ସିଂହାସନ
ମଣ୍ଡିରୁ କୁମାର ! ମାଧବ-ମାଧୁରୀ
ପୂରିତ କର ମୋ ପ୍ରାଣବନ । ୬ ।

ଚୁମ୍ବନେ ଶିଥିଳ କବରୀର କେଶ ଚୁମ୍ବିବାର ଭର ଡୋର
ହିମ ଅଚଳକୁ ତମ ଘୋଟିବାର
ସୁଷମା ତା ଆଗେ କିବା ଛାର ? । ୭।

କେତକୀ-କଳି ଯା ଥାଉ ଖୋସି ଅସମ୍ଭାଳେ ତାହା ପଡ଼ୁ ଖସି
ମଦିର କରଇ ରଜନୀ-ତମକୁ
ସରସ ପୁଲକ ଦଶଦିଶି । ୮ ।

---

୪ । ସୁରାମୟ—ମାଦକତାରେ ଭରା ।
୫ । ପରମ—ଶ୍ରେଷ୍ଠ ।
୬ । ମାଧବ—ବସନ୍ତ କାଳୀନ ।
୭ । ଶିଥିଳ—ଢ଼ିଲା ହୋଇ ଯିବା, ଫିଟିଯିବା; କବରୀ—ଖୋସା; ଭର—ଗୁଚ୍ଛ; ହିମ ଅଚଳ—ହିମାଳୟ ବା ବରଫରେ ଢାଙ୍କି ହୋଇଥିବା ପର୍ବତ; ତମ—ଅନ୍ଧାର; ସୁଷମା—ସୌନ୍ଦର୍ଯ୍ୟ ।
୮ । ମଦିର କରଇ—ମାଦକତାରେ ଭରିଦିଏ; ଦଶଦିଶି—ଚାରିଆଡ଼େ ।

ଅଳତା ରଞ୍ଜିତ ପୟରରେ ପଗ୍ରୁଣ ସଂସ୍ପୃଷ୍ଟ ଧୂଳି-ଭରେ
ତୋ ପୟର ତଳେ ଘାସ ହେବା ବାଞ୍ଛା
ବଧୂପିତ କରେ ମୋ ଅନ୍ତରେ । ୯ ।

ଅଳକା ନାଇବା ପାଇଁ ମୁହିଁ ଭରଇଁ ବାରଣ ସୁନ୍ଦମୁହିଁ !
ଚୁଟେଣିକ ତ ଶୋହା ନ ହୁଅଇ ସୁହା
କୋଟି ଗୁଣିତ କି ସୁହା ଯାଇ ? । ୧୦ ।

ପଦ୍ମନାଭ ହେମ ସରସୀର୍ ସଂମାନ ସଖି ! ରେ କର ତୋର
କଣ୍ଠେ ହେଲେ ହାର ଭାଗ୍ୟକି ଅମର
ନର ହୋଇବେ ଟି ସୁନାଶୀର । ୧୧ ।

ରାଜରାଜେଶ୍ୱର ପଣ ମୁହିଁ ତୋହ ଦେଜ ବଡ଼ ନ ମଣଇଁ
ଠହ ଠହ ରଙ୍ଗ ଅଧରୁ ତୋ ତୋକେ
ମଧୁ, ଅମିୟକୁ କରେ ଠାହ । ୧୨ ।

---

୯ । ପଗ୍ରୁଣ ସଂସ୍ପୃଷ୍ଟ ଧୂଳି ଉଭରେ—ତୋ ଅଳତା ଲଗା ପଦର ପରଶ ପାଇ ନର୍କ'ର ଧୂଳି ଜୀବନ ପାଏ, ବାଞ୍ଛା—କାମନା; ବଧୂପିତ କରେ ମୋ ଅନ୍ତରେ—ମୋ ହୃଦୟକୁ ସୁଗନ୍ଧରେ ଭର୍ତ୍ତିଏ ।

୧୦ । ଅଳକା—ମୁଣ୍ଡର ମନୋହର ଅଳଙ୍କାର ବିଶେଷ; ଶୋହା—ଶୋଭା; ନ ହୁଅଇ ସୁହା—ସହ୍ୟ ହୁଏ ନାହିଁ ।

୧୧ । ପଦ୍ମନାଭ ହେମ ସରସୀର—ତୋ ଦେହ ସୁନାର ଗୋଟିଏ ପୁଷ୍କରିଣୀ ଓ ତୋ ହାତ ତହିଁର ପଦ୍ମନାଭ ପଦ୍ମ; ଅମର—ଦେବତା; ସୁନାଶୀର—ଇନ୍ଦ୍ର ।

୧୨ । ସୋନ—ଯୋଗୁଁ; ଅମିୟକୁ କରେ ଠାହ—ଅମୃତକୁ ତୁଚ୍ଛ କରେ ।

ବଧୂ ହୋଇ ମଧୁ ଦେବୁ ମୋତେ   ବିଧୁ ହେବୁ ଶରତ-ବିୟୁତରେ
ସୀଧୁରେ ଉଚ୍ଛଳ ହେବ ଉରସ୍ଥଳ
ସପନ ଦେଖେଁ ମୁଁ ନିରନ୍ତରେ । ୧୩ ।

ବନସ୍ଥଳୀ କରି ସୁରଭିତ   ଫୁଟିଲ କେତକୀ ଅଗଣିତ
ଦରଦୀ ସାଜନ୍ତି ପ୍ରେୟସୀ—କୁନ୍ତଳ
ସେ ଦିନ କି ମନେ ଅଛି ମିତ ? । ୧୪ ।

ବଳେ ଧରି ତୋତେ ଶୁଚିସ୍ମିତା ! ଗଣ୍ଡେ ତୋ କୁଙ୍କୁମେ ରଚି ଗାଥା
ଉରେ ଆଙ୍କିବାକୁ ହୁଅନ୍ତେ ଲାଳସୀ
ବ୍ୟାଜରେ ହେଲୁ ତୁ କି କୁପିତା ! । ୧୫

ଲଭିଲୁ ତହୁଁକି ବେଳ ଅଛି   ବାହୁ ଶିଥିଳାଅ ଛି ଛି ଛି ଛି
କେଜାଣେ ମୋ କେତକୀ ଦିଅ ହେ ଏତିକି
ପାଇଁ ବନ୍ଧୁ ! ଅନୁମତି ଅଛି । ୧୬ ।

ସବନ୍ଧ ବାସନା ପ୍ରାଣ ସହୁ !   ବିବନ୍ଧ ହେବାକୁ ମନାସଇ
ଚୁମ୍ବନ ସହିତେ ଶୋଭି—ଅଙ୍ଗ ଯେତେ
ଡୁବାଇବି କେବେ ଦିଅ କହ । ୧୭ ।

---

୧୩ । ବଧୂ—କାନ୍ତା; ବିୟୁତ—ଆକାଶ; ସୀଧୁ—ମଦ୍ୟ ( ଏଠାରେ ମାଦକତା )ହେବ; ଉଚ୍ଛଳ—ଉଚ୍ଛୁଳିବ ।

୧୪ । ସୁରଭିତ—ସୁବାସିତ; ଅଗଣିତ—ବହୁ ସଂଖ୍ୟକ; ଦରଦୀ—ପ୍ରେମିକ; କୁନ୍ତଳ—କେଶ ।

୧୫ । ଶୁଚି ସ୍ମିତା—ମଧୁର ହାସୀ; ବ୍ୟାଜରେ—ମିଛ ମିଛକା ।

୧୬ । ବାହୁ ଶିଥିଳାଅ—ଆଲିଙ୍ଗନରୁ କୋହଳ କରିଦିଅ ।

୧୭ । ସବନ୍ଧ—କଟକଣା ଥିବା; ବିବନ୍ଧ ହେବାକୁ ମନାସଇ—କଟକଣାକୁ ଫୋପାଡ଼ି ଦେବାକୁ ଚାହୁଁଛି; ଶୋଭି-ଅଙ୍ଗ—ତୋର ସୁନ୍ଦର ଦେହାଂଶମାନଙ୍କୁ ।

ପ୍ରୀତ ତୁମ ମୂଳେ ସଖି ! ମୋର    ଉନ୍ମାଦ-ବାତୁଳ ଭରେ ଘର
ତହିଁକି ତୋ ଚିନ୍ତା ହେଉଛି ଅନଳ
ଅଧର-ଅମୃତରେ ଶାନ୍ତ କର । ୧୮ ।

ଚିତ୍ତ ଦମକାଇ ଦରଦୀର    ଫୁଟିଲଣି ସଖି ! କରବୀର
ଗଣ୍ଡ-ଶୋଭା ତୋର ପଡୁଛି ରେ ମନେ !
ଉଛୁଳାଇ ମୋର ଦମ୍ଭ-କ୍ଷୀର ! ୧୯ ।

କଳା-କେଶେ ହୀରା-ଚୂନା ସର    ଫୁଲ ମଣ୍ଡିଥାଉ ଶମ୍ପା-ଗୋର !
ରଜନୀ-ତାମସ ମୁହାଁସ ଭଳି
ଢାଙ୍କି ନ ପାରୁ ତୋ କାନ୍ତି-ଶିଖା ।୨୦।

ସେବାରେ ମନାଇଁ ଉମା-ଈଶ    ସଖି ରେ ! କରନ୍ତି ଜଳ-ବାସ
ଶୀତରେ ତୋ ଲୀଳା-କମଳ ହୁଅନ୍ତି
ଜନମେ ଜନମେ ତା ମୋ ଆଶ । ୨୧ ।

ଖଣିରେ ଅପାର କାଳ ରହି    କନକ ହୋଇ ମୁଁ ବୁଦ-ମୁହିଁ !
ସୀମନ୍ତେ ତୋହର ଅଳକା ହେବାକୁ
ଅନଳରେ ହେଲେ ହୁଅନ୍ତି ଦାହି । ୨୨ ।

---

୧୮ । ଉନ୍ମାଦ—ତୋ ପାଇଁ ପାଗଳ ହେବା ପ୍ରବୃତ୍ତି ।

୧୯ । ଦମକାଇ—କମ୍ପାଇ; ଦରଦୀ—ପ୍ରେମିକ; କରବୀର—ଲାଲ କନିଅର ଫୁଲ; ଦମ୍ଭକ୍ଷୀର—ଧୈର୍ଯ୍ୟ ରୂପ ଦୁଗ୍ଧ ।

୨୦ । ରଜନୀ ତାମସ ମୁହାଁସ······କାନ୍ତିଶିଖା—ସ୍ୱତର ଅନ୍ଧାର ତୋ ଦେହର କାନ୍ତିକୁ ଘୋଡ଼ାଇ ନ ପାରିବାରୁ ତା ବଢ଼େଇ ଭାଙ୍ଗିଯାଏ ।

୨୧ । ଉମା-ଈଶ—ମହାଦେବ; କରନ୍ତି ଜଳବାସ—ପାଣିରେ ବାସ କରି ରହନ୍ତି ।

୨୨ । କନକ—ସୁନା; ସୀମନ୍ତ—ସୁନ୍ଥା; ହୁଅନ୍ତିଦାହି—ପୋଡ଼ି ହୁଅନ୍ତି ।

ଗୋଷ୍ଠି ପୋଷ ଭୂପେ ଅବତର  ସ୍ତୁତା ବୃନ୍ଦାବନ୍ତ ରେ ଶମା-ଗୋପ !
ତୋ ଅଙ୍ଗରେ ପୀତାମ୍ବର ଶୋଭା ଅତେ
ଖୋସା ଭିତରେ ମୁଁ ଯାନ୍ତି ମର । ୨୩ ।

ଚମ୍ପାଫୁଲ ଅବା ହୋଇ ଯାନ୍ତି      ପିଞ୍ଜା, ଭଣା, ଚୁଣା ମୁଁ ସହନ୍ତି
ହୋଇ ହୀନ ବାସ କରନ୍ତି ପରଶ
ସାର ଧାର ତୋର ଅଙ୍ଗପନ୍ତି । ୨୪ ।

ବାଳାରୁଣ ଅଧ ବିଧୁ କୋଳେ    ସିନ୍ଦୂର ବିନ୍ଦୁ ତୋ ହେବ ଭାଲେ
ବର ଆନନରେ ! ବର ଅଙ୍ଗରେ ମୁଁ
ତମ୍ବୁ ହୋଇବଇଁ ଶମ୍ଭୁ ଅଳେ । ୨୫ ।

ଅନଳ ଗରଭେ ରହି ଜର         ଅଞ୍ଜନ ହୋଇ ମୁଁ ସୁକୁମାର !
ଖଞ୍ଜନ-ଗଞ୍ଜନ ମାନସ-ରଞ୍ଜନ
ଶଫରୀ-ନେତ୍ର ରଞ୍ଜିବି ତୋର ।୨୬।

---

୨୩ । ଶମାଗୋପୀ—ବଜ୍ରକରଣା ।

୨୪ । ସାର ଧାର—କଷ୍ଟ କଷ୍ଟ ।

୨୫ । ବାଳାରୁଣ—ଉଇଁ ଆସୁଥିବା ସୂର୍ଯ୍ୟ, ଅଧବିଧୁ—ଅର୍ଦ୍ଧଚନ୍ଦ୍ର (ଅର୍ଥାତ ତୋ କପାଳ ଅର୍ଦ୍ଧଚନ୍ଦ୍ର ପରି, ସିନ୍ଦୂର ବିନ୍ଦୁ ତା ଉପରେ ଉଇଁ ଆସୁଥିବା ସୂର୍ଯ୍ୟପରି ଲାଲ ଓ ସୁନ୍ଦର ) ବର-ଆନନ—ସୁନ୍ଦର ମୁଖ; ବର ଅଙ୍ଗରେ···ଶମ୍ଭୁ ଅଳେ—ଏ ସୌଭାଗ୍ୟ ଅର୍ଜିବାକୁ ମୁଁ ଶମ୍ଭୁ ଅର୍ଥାତ ମହା ଦେବଙ୍କ ଅଳ ବା ମନ୍ଦିରରେ ତମ୍ବୁ ବା ଶଙ୍ଖ ହୋଇ ତପସ୍ୟା କରିବି; ଅଞ୍ଜନ—କଜ୍ଜ୍ୱଳ ।

ନେତ୍ର-ବାଣ-ଘାତ ସୁବା-ଶ୍ରେଣୀ— ଯଉତ ପାଟଳ ସେ ରକତ
ତହୁଁରେ ତୋ ପଦେ ଟୀକା ଅଙ୍କିବାକୁ
ଅଳତା ହୋଇବ ମୋ ବାଞ୍ଛିତ । ୨୭ ।

ଅଳତା ରଞ୍ଜିତ ପଦୁଁ ତୋର ସୁଧା ଶୋଷିବାକୁ ଲାଳସର
ସ୍ୱର୍ଣ୍ଣକାର କରୁଁ ପାହାର ସହିବ
ପାଉଞ୍ଜି ହେବାକୁ ପଯ୍ୟୁରବଁ । ୨୮ ।

ପରାଣ ବାନ୍ଧିବ କାଚ ହେବ ମୁକୁର-ଭୂତ ମୁଁ ଅବଲମ୍ବ
ଦୁର୍ଲ୍ଲଭ ଦର୍ଶନ ତୋ ସ୍ନିଗ୍ଧ ଲପନ
ପେଟ ପୂରାଇ ମୁଁ ନିରେଖିବ । ୨୯ ।

ତୋ ମୁଖେ ନ ପାରେଁ ସ୍ୱେଦ ସହି ବ୍ୟଜନ ସଜଣି । ହୋଇବଇଁ
ମୁଖେ ଲାଦ ଗଲେ ଭରେ ଠାବ ପାଇ
ଅମର ଭୂତରେ ହେବି ମୋହ । ୩୦ ।

---

୨୭ । ଯଉତ—ହେଉଥିବା; ପାଟଳ—ଲାଲ୍; ଟୀକା—ତିଳକ; ବାଞ୍ଛିତ-ବାଞ୍ଛା—କାମନା ।

୨୮ । ସ୍ୱର୍ଣ୍ଣକାର—ବଣିଆ, ପାଉଞ୍ଜି—ପାଦର ମନୋହର ଅଲଙ୍କାର ବିଶେଷ ।

୨୯ । ମୁକୁର-ଭୂତ—ଦର୍ପଣର ଭାଗ୍ୟ, ଦୁର୍ଲ୍ଲଭ ଦର୍ଶନ—ଦେଖିବାକୁ ମିଳୁ ନ ଥିବା ।

୩୦ । ସ୍ୱେଦ—ଝାଳ, ବ୍ୟଜନ—ବିଞ୍ଚଣା; ଠାବ—ସ୍ଥାନ; ଭୂତି—ସମ୍ପଦ ।

ସୁମନେ ମନାଇଁ ଗିରିସୁତା      ବନ୍ଧୁଅ ! ହେବ ତୋ ଅଣ୍ଟାସୂତା
ଦେବତା ହିଂସିବେ ସଉଭାଗ୍ୟ ମୋର
କେ ପଟ୍ଟରେ ଛାର ନର କଥା ! । ୩୧ ।

କୁଙ୍କୁମରେ ହେବ ଜର ଜର    ଲକୁଚ-କୁଚେ ତୋ ହୋଇ ହାର
ଗଉର ଅଚଳେ ଗଙ୍ଗା ଧାର ହେବା
ବର ସଙ୍ଗେ ଦେବେ ଗଙ୍ଗା-ଧର !! । ୩୨ ।

ତପସ୍ୟାର ଲଭିବଇଁ ସିଦ୍ଧି       ଚମ୍ପା ଅଙ୍ଗୁଳେ ହେବ ମୁଦି
ହେଲେ ସବୁ ଅଙ୍ଗ ପରଶ ଲଭିବ
ବିଶେଷେ ଯାହା ଅମୂଲ୍ୟ ନିଧି । ୩୩ ।

ଶଙ୍କର ଶଙ୍କା ମନାଇବ       ଗାଧୁଅ କୂଠେ ତୋ ଶିଳା ହେବ
ଅଳତା-ରଞ୍ଜିତ ପଦଘଷା ଲଭି
ହେଲେ ଜୀବନ୍ୟାସ ଅରଜିବ । ୩୪ ।

ଚମ୍ପାଙ୍ଗି ରେ ! ତୋର ଅଙ୍ଗ ଧୋଇ  ଚିତ୍ରୋତ୍ପଳାନୀର ଅଟେସ ବନ୍ଧୁ
ଅତି ନିବିଡ଼େ ମୁଁ ଆଲିଙ୍ଗଇ ତାରେ
ଅର୍ଦ୍ଧୀରେ ସହସ୍ରାର୍ଜୁନ ହୋଇ । ୩୫ ।

---

୩୧ । ଗିରିସୁତା — ପାର୍ବତୀ; ହିଂସିବେ — ଈର୍ଷା କରିବେ ।

୩୨ । ଲକୁଚ — ଜେଉଟ ଫଳ ଏହା ସହିତ କୁଚର ତୁଳନା ହୁଏ; ଗଉର-ଅଚଳ — ଧବଳ ପର୍ବତ; ଗଙ୍ଗାଧର — ମହାଦେବ ।

୩୩ । ଅମୂଲ୍ୟନିଧି — ଅତି ଅମୂଲ୍ୟ ସମ୍ପଦ ।

୩୪ । ଜୀବନ୍ୟାସ ଅରଜିବ — ମୁଁ ପଥର ହୋଇ ସୁଦ୍ଧା ପ୍ରାଣ ପାଇଯିବ ।

୩୫ । ଚମ୍ପାଙ୍ଗୀ — ସୁନାବରନା; ଚିତ୍ରୋତ୍ପଳା — ମହାନଦୀ; ସହସ୍ରାର୍ଜୁନ ହୋଇ — ସୁବର୍ଣ୍ଣ କଳ୍ପିତ ସହସ୍ରାର୍ଜୁନ ପରି ହଜାରେ ବାହୁରେ ।

ନିସର୍ଗ ଲାବଣ୍ୟମୟି ! ଘନେ ଘନେ ଦୟା ବହି
ଦକ୍ଷିଣୀ ବେଶରେ ହୋଇ ସଜ,
କାଳା-କେଶେ ଖୋସା ପାରି କଟୀରେ ମେଖଳା ଭରି
ଗଳାରେ ଥାଇ ତୁ ମଣ୍ଡି ସ୍ରକ ରେ
ନିତମ୍ବିନି !
ଧରାପଣ୍ଡ ଲଟଙ୍କ ସହି ଯାଇ
ମୋ ପୁରତୁଁ ଯାଉ ରେ ପଳାଇ । ୭ ।

ଅନ୍ତରେ ହୋଇ ଅଥୟ ଶାଣି ଦୃଷ୍ଟି-କୁବଳୟ
ବାତାୟନେ ଥାଇ ପଥ ଚାହିଁ
ଅଶାୟୀ ଲୁଭକ ସବ ମଣି ମୋରେ ଘନ ବାନ୍ଧ
ଯେଉଁ ଧନ ନ ପାରଇ ଯାଇ ରେ
ପ୍ରାଣବନ୍ଧୁ !
ମୋ ଦଶାକୁ ଦଶା ତୋର ବଳେ
ଯେବେଁ ତୁହେଁ ଲୋତକ ସଲିଳେ ରେ । ୮ ।

ହେଲେ ପରେ ଦରଶନ ମାନେ ତୁ ବଳାଉ ମନ
ନାସିକା ଫୁଲାଇ କଥା କହୁ;
ଭଇତବ ଅନାଦରେ କଣି ତୁ ନେଉ ମନରେ
ମାନିନୀ ରୂପରେ ମୋରେ ମୋହୁ ରେ
ପ୍ରାଣମଣି !
କାୟା ତୁହି ଛାୟା ମୁଁ ମାତର
ଭଉମୂଦୀ ମୁଁ, ତୁ ନିଶାକର ରେ । ୯ ।

---

୭ । ନିସର୍ଗ-ଲାବଣ୍ୟମୟୀ—ସ୍ୱାଭାବିକ ସୌନ୍ଦର୍ଯ୍ୟମୟୀ; ସ୍ରକ—ମାଳ ।
୮ । କୁବଳୟ—ପଦ୍ମ ।
୯ । ଭଇତବ—ମିଛିମିଛିକା ।

କରି ବିଶ୍ୱ ଶୂନ୍ୟମୟ ଗଲୁ ତୁ ମାତୁଳାଳୟ,
କଷ୍ଟରେ ମୁଁ ରହିଲି ଏକାକୀ,
ସେ ବେଳର ଚିଠି ମୋର ପଢ଼ିଛୁ; ଥିଲା ଅବଶ
ବୁଝିବାକୁ କେଉଁ କଥା ବାକୀ ? ରେ
ପ୍ରିୟତମା !
ଲେଖିଲି ମୁଁ ତୋତେ ଚିଙ୍କି ଦେଇ
ଯିବ ପୁଣି ଦୂର ପଥେ ବାହି !! । ୧୦ ।

ମୋ ସେବା କଥା କିପାଁଇ ଲେଖିଛୁ ରେ ଶୋଭାମୟି !
ଖେଳରେ ଯାଆନ୍ତେ ଫାନ୍ଦି ଛିର
ବାପା ତୁମ୍ଭ ନେଇ ମୋତେ ରଖାଇ ଥିଲେ ଟି ଘରେ
କିଏ ଧାଈ ହେଲା ଟି ମୋହର ? ରେ
ପ୍ରିୟତମା !
କାହା ଆଖି ହେଲା ନାହିଁ ଓଦା
କିଏ ଶୋକେ ହୋଇଲା ବିବଶା ? ୧୧ ।

କେ କହିଲା ଦେହ ଚିହ୍ନି ରକତ ନେଇ ମୋହର
ଦେହରେ ତାଙ୍କର ବେଗେ ଭର;
କେ ଭୁଷିଲା ଦାସୀ ଆଗେ ତେବା ସେ ନୋହିଲେ ବେଗେ
ନାଯୁତ ମୁଁ ଭକ୍ଷିବ ଜହର ରେ
ପ୍ରିୟତମା !
ଶୋଭାରେ ଏକା ମୁଁ ନୁହେ ବଶ
ଗୁଣେ କିଣି ବନାଇଛୁ ଦାସ ରେ । ୧୨ ।

କୁଟିଳ ଅଳ୍ପ ବୋଲି ମୁହିଁ ମନ ମାଝ ଦେଖୁ ନାହିଁ
ପୀରତିରେ ତାହିଁ କୁଚାକୁଚ
ହୃଦୟର ମେଳ ସହୁଁ ଗଉଣ ଶରୀର ତହୁଁ
ମୁହିଁ କେକୀ ତୁହି ଜଳଧରରେ
ପ୍ରାଣମଣି ।
ନିଦାଘ ତୁ ଉଲ୍ଲାସର ମୋର
କୁମୁଦ ମୁଁ ତୁ ତ ଶଶଧର । ୯୩ ।

ଏତିକି ତୋତେ ମାଗଇଁ ଥାଉଁ ମୁଁ ଜୀବନେ ରହିଁ
ଚିନ୍ତା-ପୋକ ନ କାଟୁ ତୋ ଉର
କୁଶପାଣି-ଆଶ୍ରମର ତୁହି ରେ ସୁମନା ବର
ଅଛୁ ସାରି ସୁଷମାର ପୁର ରେ
ଶୋଭାରାଣି !
'ଗୋପ'ର ତୁ ଜୀବନ ଦ୍ୱିତୀୟ
ତୋ ଦେହ ତା କଣ୍ଠ ଶୋଭାମୟ । ୯୪ ।

କଳ୍ପନାରେ ଧରି ପାଣି କହୁଛୁ ସୁନ୍ଦରୀରାଣି !
ଏ ବିଚ୍ଛେଦ ନିଶା ଯିବ ପାହି
କୋହିବ ମୁହିଁ ତୋହର ଏ ଚିନ୍ତା ପୂରାଇ ଉର
ବାଇଆଣୀ ସବୁ ଦେଖୁ ନାହିଁ ରେ
ପ୍ରିୟତମା !
ଗୋପ ତା ପରାଣେ କରି ଫୁଲ
ପୂଜଇ ତୋ ଚରଣ ଅତୁଳ । ୯୫ ।

---

୯୩ । ଗଉଣ—ଅପ୍ରଧାନ; କେକୀ—ମୟୂର; ଜଳଧର—ମେଘ ।
୯୪ । କୁଶପାଣି-ବିଧାତା; ଆଶ୍ରମ-ବଗିଚା; ସୁମନାବର-ଶ୍ରେଷ୍ଠ କୁସୁମ, ଫୁଲ ।

ଅପିଛୁ ଘରୁ ପଭର      ସେ ଦିନ କଭଟ୍ଟଲର
ସେବେ 'ଭଦ୍ରା ଅରଜୁନ' ସବ
ଢଳ ସକଳ ସଂଭଟ      ହୋଇବା ଅଭ ଲକ୍ଷଟ
ବେଦୀରେ ବେକାଏଁ ବେଣୀକଭି ବେ
ପ୍ରିୟତମା !
ତେଣିକି ହୋଇଲେ ଅନୁମନ୍ତ
ଦାସ ପିନା ଭବବ ରେ ଗଡ଼ । ୧୬ ।

ଦାମିନୀ ହନୁଁ ନୀରଦ      ଶୋଣ ହନୁଁ ଭୋଜନଦ
ନ ରଞ୍ଜନ୍ତ ନୟନ ତାହାର
ମିନତ ହନୁଁ ଗୋପାଳ      ଜୀବନ ପିନା ନିଷ୍ଫଳ
ଏକ ଶ୍ୱାସ ନାସାଛି ଅପର ରେ
ପ୍ରିୟତମା !
ଗୋପ ଏବେ ହେବ ମାଳାକର
ଅରାମୁଁ କରିବ ଫୁଲ ଭୁର ରେ । ୧୭ ।

ଆହା ରେ ବର ସୁମନା !      ବରଷି ଭରୁଣୀ ଅନା
ମାଜି ରଖ ମାନସ ମୁକୁର
ସଂଶୟ ସେଦ ଶୀକର      କରନ୍ତୁ ତା ଜର ଜର
ନ ବହଇ ବନ୍ଧ ତା ଗୋଚର ରେ
ପ୍ରିୟତମା !
ଗୋପ ପ୍ରେମ ହେମ ସିଂହାସନ
ମାଏ ଜଣେ ଭରଇ ମଣ୍ଡନ ରେ ।୧୮

---

୧୭ । ଦାମିଷ—ବିଜୁଳି; ଶୋଣ—ଲାଲବର୍ଣ୍ଣ; ଭୋଜନଦ—ଲାଲବର୍ଣ୍ଣ;
ମାଳାକର—ମାଳୀ ।

ନୟନ କମଳୁଁ ନୀର          ମାଜିଲି ବମା ଜଳ ଦୂର
ଭଟ୍ଟକରେ ଉଇଁବ ଲାଜଟେ
ଲେଖିଛନ୍ତି ପିତା ତୋର          ହେବ ଶୀଘ୍ର ବାହାଘର
ସେ ଦୋଠାରେ ମହାନଦୀ ତଟେ ରେ,
ପ୍ରିୟତମା !
ପ୍ରଭାତର ଝରହର ଲଗା
ଉଜ୍ଜ୍ୱଳ ହସିବ ମେଲ-ବଷା । ୧୯ ।

ସାଜ ବନ୍ଦ୍ରା, ଅରକ୍ତନ          ମିଳାବ ତୋର ବାହୁନ
ଉଲ୍ଲାସେ ହସିବେ ଧଗବାଳୀ
ଉଇଁବ ତୋଷ ତପନ          ବରଷା ହେବ ସୁମନ
ଶୁଣିବ ସାନନ୍ଦ ହୁଲହୁଲରେ
ପ୍ରିୟତମା !
ତୁଟିବ ତୋ ଅଶୁଭ-ସପନ
ଅମୋଦର ଶୁଭ ଶଙ୍ଖସ୍ୱନ । ୨୦ ।

୧୯୪୮



୧୯ । ମେଳ—ମିଳନ ।

—୪୯—

# ଖଣ୍ଡାୟତ

( ରାଗ—ଶଙ୍କରାଭରଣ )

ଅୟି ଅୟି ଉତ୍କଳର ଅସିଜୀବୀକୁଳ !
ମାତୃ ପୂଜା ପୀଠେ ଅଜ୍ଞ ହୋଇ ସବେ ଠୁଳ
ଭେଦାଭେଦ କର ଦୂର
ପୂଜିବା ଜନନୀ-ରଙ୍ଗ-ରାଜୀବ-ପୟର । ୧ ।

ବକ୍ଷରୁ ଶୋଣିତ ଢାଳି ତୋଷି ରଣଚଣ୍ଡୀ
ଜନନୀ-ମଙ୍ଗଳ ଆହା ଥିଲେ ଯେହୁ ମଣ୍ଡି
ସ୍ୱାଧୀନତା କଣ୍ଠରେ
ତାଙ୍କର ଦାୟାଦ ତୁମ୍ଭେ ହେଜୁନାହଁ ଥରେ ।୨।

ଶିଖ, ଗୁର୍ଖା, ରାଜପୁତ ମାନେଗଲେ ହାର
ସ୍ୱାଧୀନତା-ଦୀପ ନିଭିଗଲା ଭାରତର
ଉତ୍କଳର ଖଣ୍ଡାୟତ !
ତଥାପି ତ ଶିର କଲ ନାହିଁ ଅବନତ । ୩ ।

ସେ ଓଜ ଥାଆନ୍ତା ଯେବେ ହୋଇ କରେ ଭୁଲି
ବିଦେଶେ ସାଆନ୍ତ ଗାନ୍ଧୁ ଜାଳ ଯାଉ ଭୁଲି ?
ଦେଖିଣ ବସନ୍ତ ଆଳସେ
ପିତୃ-ପିତାମହ ଗାଥା ଯଶ ଇତିହାସେ ? ।୪।

ଇଂରାଜ ରାଜତ୍ୱେ ବୀର ପଡ଼ୋଶି ଜାତିଏ
ଶୁଣିବାର ଗଦିତଯୁ କ ଦେଖିଛ କିଏ ?
ହୋଇ ତାହାର ସନ୍ତାନ
ଅବନତ-ଶିରା କଲ କଳଙ୍କ-ଭୂଷଣ !! । ୫ ।

ସେ ଟୀକା ପଢାଅ ପୋଛି ଜଠ ଶଣ୍ଡାସୁର !
ଭାଗ୍ୟଲକ୍ଷ୍ମୀ କାଣ ସଦା ଦ୍ୱାରର ଅଯୁକ୍ତ
ଦେଶ ମେରୁଦଣ୍ଡ ହୋଇ
ଶୁଅ କେବେ ଉଠିବ କି ଏ ଉତ୍କଳ-ମସ୍ତି ? ।

୧୯୩୭

—°—

# ଆଚାର୍ଯ୍ୟ ହରିହର

ଏ ଉତ୍କଳ ଧାମେ ତୁମ୍ଭ ଚରିତ ପାବନ
ହେ ଆଚାର୍ଯ୍ୟ ! ତୁମ୍ଭେ ସେବାଧର୍ମ ମୂର୍ତ୍ତିମାନ ।
ଚରଣ ପ୍ରଭାବେ ତୁମ୍ଭ ଉଜ୍ଜ୍ୱଳ ଏ ଦେଶ
ଚନ୍ଦ୍ରେ ଅଛି ମସୀ ନାହିଁ ତୁମ୍ଭଠାରେ ଲେଶ । ୪ ।

ତୁମ୍ଭ ବୋଲି ଡାକିବାକୁ ପୁଣ୍ୟ ଅଧିକାର
ଥିବାରୁ ଗରବରେ ଅଛି ଭରେ ମୋ ଅନ୍ତର ।
ଗୁରୁଦେବ 'ସତ୍ୟବାଦୀ' ଶିକ୍ଷା-ଅମୃତରେ
ଆଚାର୍ଯ୍ୟ ବିଗ୍ରହ ତୁମ୍ଭ ସେ ଦିନ ନୟନେ । ୮ ।

---

ଆଚାର୍ଯ୍ୟ ହରିହର—ସତ୍ୟବାଦୀ ସ୍କୁଲର ଜନକଙ୍କର ଗୁରୁଦେବଙ୍କ, ବର୍ତ୍ତମାନ ଉତ୍କଳର ସୁନାମ ଧନ୍ୟ ସେବକ ।

୭ । ଶିକ୍ଷାୟତନ—ସ୍କୁଲ ।

ସାଧନ-କୁଟୀର ମଧ୍ୟେ ଦେଖିଲି ପ୍ରଥମେ
ଭାଳିଲି ଆଣିଲା ଭାଗ୍ୟ ସତେ ସେ ଆଶ୍ରମେ ।।
ଯହିଁ ଉଠି ବେଦଧ୍ୱନି, ଜଳି ହୋମାନଳ
ଦହୁଥିଲା ଭୂଭାରତ କଳୁଷ ପଟଳ । ୧୨ ।

କ୍ଷୀଣ ଦେହ ତୁମ୍ଭ ପୂଣ୍ୟ ପୁଞ୍ଜର ନିଳୟ
ଦେବାୟତନ ସମାନ ସିନା ବନ୍ଦନୀୟ ।
ଚର୍ମସାର ସ୍ୱର୍ଗରାଜ୍ୟ ହେଲେ ପଦେ ଦଳି
ସାଧକ ! ସାଧନ ମାର୍ଗେ ଯାଅ ତୁମ୍ଭେ ଚଳି । ୧୬ ।

ଅଭାଜନ ଗୋଷ୍ଠୀ ମଧ୍ୟେ ପଥ ପାର୍ଶ୍ୱେ ରହି
ମାଗୁଛି ଚରଣରଜ ଯାଅ ଗୁରେ ! ଦେଇ । ୧୮ ।

୧୯୩୯

---

୧୦ । ସେ ଆଶ୍ରମେ—ଅତୀତ ଯୁଗର ଋଷି ଆଶ୍ରମକୁ ।

୧୨ । କଳୁଷ ପଟଳ—ପାପ ସମୂହ ।

୧୫ । ଚର୍ମସାର—ଯାହା ଚମର ଅପେକ୍ଷା ଉଣେ ଅର୍ଥାତ ଇନ୍ଦ୍ରିୟ ଭୋଗ ।

୧୭ । ଅଭାଜନ—ଅଯୋଗ୍ୟ, ଅନୁପଯୁକ୍ତ ।

୧୮ । ରଜ—ଧୂଳି ।

—୫୧—

# ଆଲେକ୍‌ଜାଣ୍ଡର ଦସ୍ୟୁ ସମାନ ଉଭୟେ !!

( ମୂଳ ଇଂରାଜୀରୁ ଅନୁଦିତ )

[ ଏକଦା ଦିଗ୍‌ବିଜୟୀ ମାସିଡୋନିଆ ଅଧୀଶ୍ବର ମହାବୀର ଆଲେକ୍‌ଜାଣ୍ଡରଙ୍କ ନିକଟକୁ ଥ୍ରେସ୍‌ରାଜ୍ୟବାସୀ ଜଣେ ଦସ୍ୟୁ ଧରା ହୋଇ ଆସିଲା । ଏ ଦସ୍ୟୁର ଅତ୍ୟାଚାରରେ ଥ୍ରେସ୍ ଓ ଥ୍ରେସ୍ ନିକଟବର୍ତ୍ତୀ ଅନ୍ୟାନ୍ୟ ରାଜ୍ୟ ସର୍ବଦା ଭୟରେ କମ୍ପୁଥିଲା । ଅଥଚ ବହୁ ଚେଷ୍ଟା କରି ସୁଦ୍ଧା ଆଲେକ୍‌ଜାଣ୍ଡର ଏ ଦସ୍ୟୁକୁ ଦମନ କରି ପାରୁ ନ ଥିଲେ । ଦସ୍ୟୁକୁ ଶୃଙ୍ଖଳାବଦ୍ଧ ଦେଖି ଆଲେକଜାଣ୍ଡର ଅବଜ୍ଞା ତଚ୍ଛ ହୋଇ ପ୍ରଶ୍ନ କଲେ । ].

ଆଲେକ୍‌ଜାଣ୍ଡର— ତୁହି କି ରେ ଥ୍ରେସ୍‌ବାସୀ ଦସ୍ୟୁ ଦୁରାଚାର
ଅତ୍ୟାଚାର ଗାଥା ଯାର ଶୁଣି ମୁଁ ନିରତେ
ବଧିର ହେଲଣି ମୋର ଶ୍ରବଣ ଯୁଗଳ ? । ୩ ।

ଦସ୍ୟୁ— ବନ୍ଦୀ ତୁମ୍ଭ ଦସ୍ୟୁ ନୁହେଁ, ଥ୍ରେସ୍ ରାଜ୍ୟବାସୀ
ଯୋଦ୍ଧା ସେହୁ, ସସମ୍ମାନ କରେ ସମ୍ବୋଧନ ।୪।

ଆଲେକ୍‌ଜାଣ୍ଡର— ପ୍ରଜା-ପ୍ରାଣ-ବଧକାରୀ ଅରେ ନରାଧମ !
ରାଜଶକତିର ମୋର କରି ଅପମାନ
କି ସାହସେ ଯୋଦ୍ଧା ବୋଲି ଦେଉ ପରିଚୟ ?
ଦସ୍ୟୁ, ଆତତାୟୀ ତୁହି ଦେଶର କଣ୍ଟକ । ୯ ।

---

୧ । ଦୁରାଚାର—ଦୁର୍ବୃତ୍ତ; ନିରତେ—ସର୍ବଦା; ଶ୍ରବଣ—କାନ; ଯୁଗଳ—ଦ୍ୱୟ ।

ଦସ୍ୟୁ— ଆଜ ମୁଁ ଅସୁରେ ତୁମ୍ଭ, ଦରବାରେ ବାଣୀ
ଭାଷି ଯାଉ, ଭାବୁ ପାଉ ଶାସ୍ତି ମନୋମତ,
ଶଙ୍କିତ ବ୍ୟଥିତ ହେଲେ ନୁହେଁ ମୁଁ ତା ପାଇଁ ।
କିନ୍ତୁ ହେ ନରେଶ ! ଯଦି ଦିଅ ଅନୁମତି
ତୁମ୍ଭ ଦରବାରର ମୁଁ କରେ ପ୍ରତିବାଦ
କରିବି ପ୍ରମାଣ ମୁହିଁ ଯୋଦ୍ଧା, ନୁହେଁ ଦସ୍ୟୁ ।୧୬

ଅଲେକ୍‌ଜାଣ୍ଡର—ସ୍ୱଚ୍ଛନ୍ଦରେ ଭାଷ ଯାହା ଅଛୁ ଭାଷିବାର
ଅଭିଯୁକ୍ତ ବ୍ୟକ୍ତି କେବେଁ ନୁହଇ ଦଣ୍ଡିତ
କରିବା ଆଗରୁ ଆତ୍ମପକ୍ଷ ସମର୍ଥନ । ୧୮ ।

ଦସ୍ୟୁ— ପ୍ରଶ୍ନେକ ପଚାରେଁ ତେବେ ତୁମ୍ଭେ ହେ ନରେଶ !
କି କାର୍ଯ୍ୟେ ବ୍ୟାପୃତ ରହି ଯାପୁଛ ଜୀବନ ? ।୨୦।

ଅଲେକ୍‌ଜାଣ୍ଡାର—ଜୀବନ ଯାପଇଁ ମୁହିଁ ବୀରର ସମାନ
ଦଶଦିଶ ଘୋଷେ ମୋର କୀରତି ଅମଳ
ମୋହ ତୁଲ୍ୟ ଦିଗ୍‌ବିଜୟୀ ବିକ୍ରମୀ ସମ୍ରାଟ
ଧରାପୃଷ୍ଠେ କହ କାହିଁ ଅଛି କି ଦ୍ୱିତୀୟ ? ।୨୧।

---

୭ । ବିତ୍ତ—ସମ୍ପଦ ।

୧୭ । ସ୍ୱଚ୍ଛନ୍ଦରେ—ବିନା ଭୟରେ

୨୦ । ବ୍ୟାପୃତ—ନିଯୁକ୍ତ ।

ଦସ୍ୟୁ— ଆପଣା ପ୍ରଶଂସା ଅପେ କରିବା ବାସନା
ନାହିଁ ମୋର, ହେ ନରେଶ ! ନୁହେଁ, ତା ଉଚିତ !
କିନ୍ତୁ ତାହା ଆବଶ୍ୟକ ଆଜ, ସ୍ୱତେ ଶୁଣ ।
ମୋ ଯଶ, କୀରତି ମଧ୍ୟ ମୋ ଦେଶ ବାହାରେ
ପରିବ୍ୟାପ୍ତ ! ସେନାପତି ଦ୍ୱିତୀୟ ମୋ ତୁଲ୍
ନ ବହେ ଗ୍ରୀସ୍ ଅବନୀ; ଜାଣିଛ ଆପଣେ
କି ଅୟାସ ହେଲା ଲୋଡ଼ା, କେତେ ପ୍ରାଣପାତ
କରିବା ପାଇଁକି ତମ୍ଭାରେ ଧୃତ, ବଶୀଭୂତ !! ।୩୨।

ଅଲେକ୍‌ଜାଣ୍ଡର—ଯେତେ ଯାହା କହ ପଛେ ନିଜକୁ ପ୍ରଶଂସି
ଆତତାୟୀ ଛଡ଼ା ଆନ କିସ ତୁ ପାମର ? ।୩୩।

ଦସ୍ୟୁ— କରିବାକୁ ପ୍ରଶ୍ନ ଅଛି ହେଉ ହେ ନରେଶ !
ଦିଗ୍‌ବିଜୟୀ ତେବେ କିସ ? ଦିଗ୍‌ବିଜୟ ଆଶେ
ଜାଣି କି ନାହିଁ ହେ ତୁମ୍ଭେ ତୁଚ୍ଛ ଆଧିପତ୍ୟ
ଉତ୍କଟ ଅଣସ୍ତାଗ୍ନିରେ ବଧି ଲକ୍ଷ ଲକ୍ଷ
ମହାପ୍ରାଣୀ ? ନିର୍ବିଘ୍ନରେ ଲୁଣ୍ଠି କେତେ ରାଜ୍ୟ !!
ଶତ ଅନୁଚର ଘେନି ଏକଇ ପ୍ରଦେଶେ
କରିଅଛୁ ମୁହିଁ ଯାହା, ଲକ୍ଷ ସୈନ୍ୟ ଘେନି
ଶତ ଶତ ପ୍ରଦେଶେ ତା କରିଅଛ ସ୍ୱୟଂ ।
ସର୍ବନାଶ ସାଧିଛୁ ମୁଁ ସାମାନ୍ୟ ପ୍ରଜାଙ୍କ;

---

୨୫ । ବାସନା—ଇଚ୍ଛା ।
୨୯ । ପରିବ୍ୟାପ୍ତ—ବ୍ୟାପିଥିବା; ତୁଲ୍ୟ—ସମାନ ।
୩୧ । ଅୟାସ—ପରିଶ୍ରମ; ପ୍ରାଣପାତ—ଜୀବନ ନାଶ ।

ଅତ୍ୟାସ୍ତ୍ରରେ ତୁମ୍ଭ କତୁ ସହସ୍ର ଭୂପତି
ମୁକୁଟ ହରାଇ ଅଛି ପଥର ଭିକାରୀ ।
କତିପୟ ଗୃହର ମୁଁ ସାଧିଛନ୍ତି ଉଚ୍ଛେଦ,
କତିପୟ ଗ୍ରାମମାନ କରିଛନ୍ତି ଲୁଣ୍ଠନ ।୪୬।
କିନ୍ତୁ ହେ ନରେଶ ! ତୁମ୍ଭେ ରାଜ୍ୟ ଅଗଣନ
କରିଅଛ ସ୍ମରଣୀର ଭୂଲୁଣ୍ଠିତ କରି
ଶତ ଲକ୍ଷ ନଗରୀର ସୌଧ ଚୂଡ଼ାବଳି ।
ତୁମ୍ଭ ମୋହ ମଧ୍ୟେ ତେବେ କାହିଁବା
ପ୍ରଭେଦ ?
ବୀର ତୁଲେ ଜନ୍ମ ମୋରଃ ପରନ୍ତୁ ପୁଣି
"ଥ୍ରେସବାସୀ ଦସ୍ୟୁ" । ତୁମ୍ଭେ ଜାତ ରାଜକୁଳେ
ଦିଗ୍ବିଜୟୀ ସମ୍ରାଟ ବୋଲି ବ୍ୟାପେ ତୁମ୍ଭ ଖ୍ୟାତି ।
କିନ୍ତୁ କହ, ଭେଦ କାହିଁ ଅଛି ଲମ୍ବାୟିତ
ତୁମ୍ଭ ମୋହ ବୃତ୍ତି ମଧ୍ୟେ ବୀର ଚୂଡ଼ାମଣି ! ।୫୫।

---

୪୫ । କତିପୟ—କେତେକ; ଉଚ୍ଛେଦ—ବିନାଶ ।
୪୬ । ଲୁଣ୍ଠନ—ଲୁଟ ।
୪୭ । ନରେଶ—ସମ୍ରାଟ ।
୪୮ । ଭୂଲୁଣ୍ଠିତ—ଭୂଇଁରେ ମିଶାଇ ଦେଇ ।
୪୯ । ସୌଧ ଚୂଡ଼ାବଳି—ଉଆସର ଶିଖର ।
୫୪ । ଅଛି ଲମ୍ବାୟିତ । ଲମ୍ବିଅଛି
୫୫ । ବୀରଚୂଡ଼ାମଣି—ବୀରଶ୍ରେଷ୍ଠ ।
୫୬ । ଅସି—ଖଣ୍ଡା ।

ଆଲେକ୍‌ଜାଣ୍ଡର—ଅନେକ ନଗର ମୁହିଁ କରିଛି ଲୁଣ୍ଠନ
ସତ୍ୟ, ମୋ ବିଜୟୀ ଖର ତେଜ ପୁଣି ଏହି
ଶତଶତ ଅକାତରେ ଲୁଣ୍ଠିଛି ପ୍ରମତ୍ତ
ପର୍ବତ୍ର ଗୋଷ୍ଠୀରେ । ମୁହିଁ ଭାଙ୍ଗିଛି ଯେସନେ,
ଗଢ଼ିଛି ତେସନେ କେତେ ମାନବ ବସତି ।
ଯେତେ ରାଜ୍ୟ ହୋଇଅଛି ବିଜୟେ ମୋ ଲୁପ୍ତ,
ତେତେ ଅବା ତତୋଽଧିକ ସୃଜିଛି ମୁଁ ରାଜ୍ୟ ।
ମୋ ଇଚ୍ଛାହେ ମୋହ ଯତ୍ନେ ଉଦ୍ଧାରିଛି ଜଗତ
ମାନବ ଜାତିର ଶିଳ୍ପ ବାଣିଜ୍ୟ ଦର୍ଶନ । ୬୬

ଦସ୍ୟୁ— ମୁଁ ସଦା ହରିଛି ଧନ ଧନୀଙ୍କ ଅଗାରୁଁ
ନିଃସ୍ୱ ଜନ ଗୋଷ୍ଠୀ ମଧ୍ୟେ ବାଣ୍ଟିଅଛି ତାହା ।
ଦହିଛି ଯେସନେ ଗୃହ ଧନୀଙ୍କ ଜନଙ୍କ
ତେସନେ ନିର୍ମାଣି ଅଛି ଦରିଦ୍ର ଧନବ୍ୟୟେ
ଅନେକ ଅନାଥ ଜନ ବସତି ଗ୍ରାମ ଦେଶେ ।୬୭
ଏତଦ୍‌ଭିନ୍ନ ଜଗତର ଅତ୍ୟାଚାର ଯେତେକ,
ଅନ୍ୟାୟତଃ ରକ୍ଷିଛି ଦୁସ୍ତର ବିପଦୁଁ
ଅନେକ ଦୁର୍ବଳ ଜନେ । ଦର୍ଶନ ଶାସ୍ତ୍ରର
ନ ଜାଣେଁ ବିନ୍ଦୁ ବିସର୍ଗ; ମୁଁ ଅଜ୍ଞ ନିପଟ

୬୭ । ଅଗାରୁଁ—ଘରରୁ ।

୬୮ । ନିଃସ୍ୱ—ଦରିଦ୍ର; ଉଡିଅଛି—ବାଣ୍ଟିଅଛି ।

୭୩ । ଦୁସ୍ତର—ଯାହାଁରୁ ପାର ହେବା କଠିନ ।

କିନ୍ତୁ ଜାଣେଁ ଧ୍ରୁବ ଜଗ ତୁମ୍ଭେ ଅବା ମୁହିଁ
ଜଗତର ଜୟ ଆଶେଁ ଯେତେକ ଅଜସ୍ର
କୋଟି ଅଂଶେ ଉତ୍କଳର ଯଶର ପୂରଣେ
ଏ ଜନ୍ମେ ପାରିବା ନାହିଁ କରି ସାରଣି ! ।୮୨।

ଅଲେକ୍ଜାଣ୍ଡର—( କୃତ୍ରିମ କ୍ରୋଧ )
ରେ ପ୍ରହରି ! ଆସ ତୁରି ଫିଟାଅ ବନ୍ଧନ
ଶୃଙ୍ଖଳ ଏ ବନ୍ଦୀ ପଦୁଁ ।
[ ବନ୍ଦୀ ମୁକ୍ତ ହୋଇ ବିଦାୟ ନେଲା ପରେ । ]

( ସ୍ୱଗତ )

ତେବେ କି ଦସ୍ୟୁ ଯଶସ୍ୱୀ
ଅଲେକ୍ଜାଣ୍ଡର ଦସ୍ୟୁ ସମାନ ଭବନ୍ତେ ? ।୮୩।

୮୦ । ତୁରି—ଶୀଘ୍ର ।

୮୧ । ଶୃଙ୍ଖଳ—ଶିକୁଳି ।

—୫୭—

# ଲକ୍ଷ୍ମଣ ଶକ୍ତିଭେଦରେ ରାମ ବିଳାପ

( ରାଗ—କଳହଂସ କେଦାର )

ରାମ-ଦକ୍ଷିଣକର ବାହୁ ଲକ୍ଷ୍ମଣ !
ଲୁଣ୍ଠିଲେ କୋଉ କର୍ପା ତୁହାଇ ମରଣ ?
ଜେଇଥାନ୍ତି ସ୍ତବଣ ଭ୍ରାତାଙ୍କୁ ତମାର
ଲଙ୍କା ପଶାଇ ଛାଡନ୍ତେ ନ ଜନ୍ମ ଗିରି ।

ଦେହ ସଙ୍ଗତେ ଯେସନେ ଥାଏ ଯେ ଛାଇ
ତେସନେ ଗହଣେ ମୋର ଥାଉ ତୁ ଭାଇ !
ଛାଡି ଏମା ସ୍ଵର୍ଗେ ମୋତେ ଏକାକୀ କରି ।
କହ ତୁ କେଉଁ ଦେଶେ ଗଲୁ ବାହାରି ।

ସାକେତ-ରାଜସୁଖ ସୁଖ ବେଳାରେ
ବରଜ ନସିଲୁ ତୁ ଦୁଃଖବେଳାରେ,
ଦୁଃଖୀ ରାମ ପାଇଁ ତୁ ବରିଲୁ ଦୁଃଖ
ତେଜିଦେଲୁ ଧୋଇ ଓବାହୁ ଉର୍ମିଳା ସୁଖ

---

୧ । ସ୍ତବଣ—ଜାନ ।

୩ । ସାକେତ—ଅଯୋଧ୍ୟା; ଊର୍ମିଳା—ଲକ୍ଷ୍ମଣଙ୍କ ସ୍ତ୍ରୀ ।

ରଘୁଦେଶି ରେ ଆଜ କି ପ୍ରୟୋଜନ
କି ହେବ ଆଉ ଜିଣିଲେ ବା ରାବଣ ?
ଦୁଃଖ ତାପେ ତାପିତ ଯାହାର ଜୀବ
କି ଶୋଭା ଲମ୍ଭି ତହିଁ ସୁମନହାର ?

ମିଳନ୍ତି ପୁଂସେ ଦେଶେ ଦେଶେ ବନିତା
ମିଳନ୍ତି ବନ୍ଧୁ, ମିଳଇ ନାହିଁ ତ ଭ୍ରାତା ।
ଭ୍ରାତା ପଦ ଦୁର୍ଲ୍ଲଭ ମର୍ତ୍ତ୍ୟ ସଂସାରେ
ତୋ ସମ ଭ୍ରାତା ପୁଣି ଶହ ଲକ୍ଷରେ ।

ଗଲେ ଅଯୋଧ୍ୟା ସଙ୍ଗେ ଘେନି ମୁଁ ସୀତା
କି ବୋଲି ବୋଧିବି ଟି ସୁମିତ୍ରା ମାତା ?
କିସ ପୁଣି କି ବୋଲିଣ ବୋଧିବେ ତୋହ୍ନୁ
ଶୋକ ପାବକ ସେତେବେ ଜଳିବ ହୃଦୁ ?

ମୁଁ ଗଲେ ଆଗେ, ପଛେ ଯିବା ତୋ ସ୍ଥିତ
ଆଜ ଏସ ସ୍ଥିତ ଲଙ୍ଘି କିପାଁ ସୌମିତ୍ରି
ଗଲୁ ଶମନପୁରେ ନ ମଣି ମୁହିଁ
ଆଗେ ମୋ ଯିବା ସ୍ଥିତ ରହିଲା କାହିଁ ?

ହରିଲେ ନନ୍ଦନୁଁ ଉମା ଶଙ୍କରଧାର
ପୋଛିବ ଆହା ତାହା ଆଉ କା କର
ମରୁ ସମ ନୀରସ ଜୀବନ ଘେନି
କହ କାଟିବି କେମନ୍ତେ ଦିନ ଯାମିନୀ ।

---

୪ । ପୁଂସ—ପୁରୁଷ ।

୬ । ବୋଧିବ—ସାନ୍ତ୍ୱନା ଦେବ, ପାରିବ—କାହିଁ ।

ଭାଲ ତଳା ଛଡା ଝାଁସିବ ସେ ଅନଳ
ଅଭିଳାଷଶିଖା ମୋ ମିଶ୍ରି ଭୂତଳେ,
ନବୀନ ସହଯାତ୍ରୀ ଥିଲେ ତୁ ପାଶେ
ନ ଲୁଚିବ ସରଗ ତୋ ବନ୍ଧୁଁ ଲେଶେ ।

୧୯୩୯

—୪୩—

## ମୋ ସୁଖ ବସନ୍ତ

ହେ ସୁନ୍ଦର ! ସେତେଦିନ ଅଧର ଚୁମ୍ବିବ
ଅଭାଜନ ପାଇଁ ଥିବ ସ୍ମିତ, ସୁଧା ଧରି,
ପ୍ରଫୁଲ୍ଲ ଗୋଲାପ ସମ ଗଣ୍ଡ ଅନୁପମ
ହେଉଥିବ ପୁଲକିତ ସ୍ପର୍ଶ ଲଭି ମମ,
ଅଡ଼ୁଆ ଖସିବ ସବୁ ଚିକୁର ଭିତରୁ
ଶମନେ ମୋ କରୁଥିବ ବୋଧ ଅଶ୍ରୁ ଝରୁ ।

---

୨ । ଶମନ ପୁର—ଯମପୁର ।

ଅଭାଜନ—ଅଯୋଗ୍ୟ,     ପ୍ରଫୁଲ୍ଲ—ଫୁଟି
ପୁଲକିତ—ରୋମାଞ୍ଚିତ, ଶମନେ ମୋ—ମୋ କଥା ଭାବି, ଲଗନ ମୁହୂର୍ତ୍ତ—

ଲପନ ମୁକୁରେ ବସି ଭାବ ନବ ନବ
ଘଣ୍ଟାକଣ ଥିବ ମୋର ନେଶ ମହୋତ୍ସବ,
ସଉଭାଗ୍ୟେ ଭର ମୋତେ ଅର୍ଦ୍ଧଭାଗୀ ପୁଣି
ବଜାଇ ବୀଜେଣୀ ବୀଣା ଶୁଣୁଥିବ ବାଣୀ,
ତେବେ ଦିନ କାଟୁଥିବ ମୋ ସୁଖ ବସନ୍ତ
ହୋଇ ନାହିଁ ହୋଉ ନାହିଁ ହୋଇ ନାହିଁ ଅନ୍ତ !!

୧୯୪୪

—୫୪—

## କବି କଳହଂସ ଗୋପାଳକୃଷ୍ଣ

( ତାଙ୍କର "ଶ୍ୟାମ ଅପବାଦ ମୋତେ ଲଗିଥାଉ"—ବୃତ୍ତରେ )

ବରବର ! ଅହେ ତୁମ୍ଭ ପଦାବଳି
ସୁକୁମାର ସଜ ଶେଫାଳୀରୁ ବଳି । ଘୋଷା ।
ଭାଗ୍ୟ ଅଛି ବଡ ଉତ୍କଳର        ପୂଜିତ ଦେବତା ଅନ୍ତରର
ରାଜିଛ ବାହାରେ ବହୁଣି ସୁଦଶା ।
ପଯୁରେ ଝରୁଛି ନିରଞ୍ଜଳ । ୧ ।

---

ମୁହଁ ରୂପ ଦର୍ପଣ, ବସି—ସ୍ତମ୍ଭନତ ହୋଇ, ବଜାଇ ବୀଜେଣୀ ବୀଣା—ବାଜୁଥିବା ବୀଣା ସମାନେ, ଅନ୍ତ—ଶେଷ ।

ଶ୍ରୀ ରାମଚନ୍ଦ୍ର ଭବନରେ ଗୋପାଳକୃଷ୍ଣଙ୍କ ମୂର୍ତ୍ତି ସ୍ଥାପିତ ହେବା ଉପଲକ୍ଷେ ରଚିତ

୦ । ଶେଫାଳୀ—ଗଙ୍ଗ ଶିଉଳୀ ଫୁଲ ।
୧ । ନିରଞ୍ଜଳ—ଜଳନା ।

'ଏ ନାମ ବୋଇଲ' ଅଧ ଭଙ୍ଗ     ପ୍ରଶ୍ନ ପୁଚ୍ଛୁବାରେ ଶ୍ରୀତଗୋସ୍ୱା
ଲଳିତା ଉତ୍ତର ଦେବାରେ ଛୁଟିଛୁ
ସେ ରସ କି ଅଛୁ ତାହା ଭଲ ? । ୨ ।

'ବାଟ ଛାଡ଼ି ଦେ ରେ' କହି ଶୁଣି     ରାଧା ସମ୍ବୋଧିବା ବନମାଳୀ
ଗୀତେ ଫୁଟିଛୁ ସେ ରସ-ଅରବିନ୍ଦ
ତା ମାନସ ଭଙ୍ଗି ନୁହେଁ ଅଳ ? । ୩ ।

ଗୋଷ୍ଠଚନ୍ଦ୍ରମାଙ୍କୁ ଅନୁଧ୍ୟାୟୀ     ରାଧା ଭାବେ ଜାତ୍ୟ ଅବଗାହି
"ଦୟା ନକରନ୍ତୁ ଦାସୀ ଚିନା" ବୋଲି
କଣ୍ଠା ପୀୟୂଷ ତ ଅଳ ତାଳି । ୪ ।

ଥିବେ ଯେତେ ତାଳ ରବିଣୀ     ଲଢ଼ାଇବା ପାଇଁ ପାପମସୀ
ଶୀତାବଳି ଚୁମ୍ବି ଗୋପାଳ ବନ୍ଧୁ ହେ !
କଣ୍ଠବେ ଭକ୍ତିଳୀ ଗଳାମାଳି । ୫ ।

୧୯୪୨

---

୨ । "ଏ ନାମ ବୋଇଲ" ଗୋପାଳକୃଷ୍ଣଙ୍କ ପ୍ରଖ୍ୟାତ ଗୀତ ।

୩ । "ବାଟ ଛାଡ଼ ଦେ ମୁଁ ଯିବି ଗୋକୁଳ ଗୋରି"—ଏହା ମଧ୍ୟ ତାଙ୍କର ଅନ୍ୟତମ ବିଖ୍ୟାତ ଗୀତ ।

୪ । ଗୋଷ୍ଠ ଚନ୍ଦ୍ରମା—ଶ୍ରୀକୃଷ୍ଣ; ଏ ଶବ୍ଦଟି ଗୋପାଳକୃଷ୍ଣଙ୍କର ଅତି ପ୍ରିୟ; ଅନୁଧ୍ୟାୟୀ—ଚିନ୍ତା କରି ।

# ପରିଚୟ

ଯୁବା ଯୁବତୀ ମନ ମିଶିବା ପାଇଁ
ପରିଚୟେ ମଦନ ଅସ୍ତ୍ର ଦିଅଇ ।

ଅତର୍କେ ଘଟଇଁ ନେତ୍ରେ ନେତ୍ର ମିଳନ
ଘଟଇ ପ୍ରାଣେ ପ୍ରାଣ-ଅବଗାହନ ।

ତହୁଁ ହୁଏ ମାଦକ ସୁଖ ସଞ୍ଜାତ
ଭାଗୀ ଯହିଁରେ ଭୋଗୀ ଯୁଗଳ ଚିତ୍ତ ।

ବିଚ୍ଛେଦ-ଦୁଃଖ-ଫଳ ସେ ସୁଖତରୁ
ଭକ୍ଷଣୀ ଭବ ଧାତଃ! ତେବେଁ ନ ଧରୁ ।

୧୯୩୦

---

ପରିଚୟ—ସ୍ତ୍ରୀ ଓ ପୁରୁଷଙ୍କ ଚକ୍ଷୁରାଗ ବା ନେତ୍ର ମିଳନ; ମଦନ—ପ୍ରୀତି ଦେବତା; ଅତର୍କେ—ଅତର୍କିତ ଭାବରେ; ଘଟଇ— ଅବଗାହନ—ଜଣକ ପ୍ରାଣ ଆଉ ଜଣକ ପ୍ରାଣରେ ଗାଧୁଏ; ମାଦକ— ଉନ୍ମାଦକ—ମନକୁ ମତୁଆଲ କରୁଥିବା; ଭୋଗୀ—ଅନୁଭବୀ ।

—୫୭—

# ଆଉ ବିମନା ନୁହ

ରାଗ—ରଙ୍ଗ କେଦାର; ତାଳ—ଝୁଲ ।

( ସଙ୍ଗିନରେ ! ମୋତେ ହେଲାଣି ଜଣା—ବୃତ୍ତରେ )

ଭାରତ ଗୋ ! ଅଉ ବିମନା ନୁହ
ଭୁଞ୍ଜାଅ ଏ ମର୍ତ୍ତ୍ୟରେ ସଂଗୀତ ସୁଧା । ଘୋଷା ।
ଭାରତୀ-ଭୂଷା, ଶୋଭେ ବୀଣା,
ଶୋକ କାଳିମା ତାର ଦିଅନ୍ତୁ ଧୂଅ ।୧।
କରୁଣା ଉଣା, ଅଜି କରନା,
ଢାଳନ୍ତୁ ଅଭାଗିନୀ ଅମାପ ଲୁହ ।୨।
ହଂସ ବାହନା, ମା ବାଣୀ ରାଣୀ,
ନାଆଣ ଜାଣିଥିଲା ଦେବେ ସ୍ପୃହାଅ ।୩।
ବାଜ ବିପଞ୍ଚୀ, ମୂର୍ଚ୍ଛନା ରଚି,
ଖସିଥିବା ମୁକୁଟ ମୁଣ୍ଡେ ଦିଅ ଥୁଅ ।୪।
ଫୋଟି ମାନସ-ଭୂଷା ମା ! ଛୋଟ
ଘେନ ଦେଉ କରୁଣା ରସର କୂଅ ।୫।

୧୯୩୭

---

୦ । ବିମନା—ବିମୁଖ ।

୧ । ଭାରତୀ ଭୂଷା—ଯାହାର ଭୂଷା ବା ଅଳଙ୍କାର; ବୀଣା—ଜଡ଼ୀଭୂତା ।

୨ । ଅମାପ—ଅକଳନ୍ତ ପରିମାଣର ।

୩ । ଜାଣିଥିଲା—ଯାହା ।

—୬୭—

# ନେତ୍ର ସଙ୍ଗୀନି ! କରିଛୁବେର ବାକ

( ଗୋପୀଭାଷା ବୃତ୍ତରେ )

ସଂ—ପୃକ୍ତ ଉଭଳା ଶଙ୍ଖାପୀ ।
ପ—ଦୃଅନନ୍ତ ଲକ୍ଷ୍ମୀ ବସୁଷି ! । ୧ ।
ଦେ—ବତାର ବରେ ଅଛେ ବାନ୍ଧବ !
ବି—ମ୍ବାଧରେ ତୋ ମୋ ଶ୍ରଦ୍ଧା ପଦ୍ମାସ୍ତ । ୨ ।
ପ—ଦେ ଅଳତା ନାଲିରେ ଶୋଭିଛି !
ଦେ—ଭ କଣ୍ଠରେ ଦମ୍ଭ ତୁ ମୋ ସ୍ତୁତି । ୩ ।
ଅ—ତ ମନୋଜ୍ଞ ତୋ ଘନ-କବରୀ ।
ବା—ନ୍ଧ ଲଘୁ ତୁ ଉହୁଁ ତିଳ ମୋର । ୪ ।
ବି—ଶାଭଣ ତୁ ଡେଉଁଲ ସୁହାଣି
ନେ—ହୁ ଧଇର୍ଯ ତହୁଁ ରମାମଣି ! । ୫ ।
ଦେ—ବ ଉପମା ତୋ ସାଥେ କାହାରେ
ମ—ତ ମୋହନା ! ନ ଚଇତେ ଚିମାରେ । ୬ ।

---

୧ । ସଂପୃକ୍ତ—ସଂଯୁକ୍ତ; ଲକ୍ଷ୍ମୀ ବସୁଧୀ—ନବ ଯୌବନ ।
୨ । ବିମ୍ବାଧର—ପାଚିଲା କାଉଁରୀ ଫଳ ପରି ଲାଲ ଓଠ; ଶ୍ରଦ୍ଧା-ପଦାର୍ଥ—ଅଧିକାର ।
୩ । ଶୋଭଗୀ—ସୁନ୍ଦର ।
୪ । ମନୋଜ୍ଞ—ସୁନ୍ଦର; ଘନ—ଗହଳିଆ; କବରୀ—ଗନ୍ଥିତ ମୁଣ୍ଡବାଳ ।
୫ । ବିଶାଳଣ—ରୂପରେ ଶୋଭା; ଡେଉଁଲ—କାଳ ।

ର—ସବନ୍ତ ତର ! ଓଗୋ ଶ୍ରୀ ଅଛୁ ରହୁ
ନେ—ଏ ଝିଙ୍କ ସା ଭ୍ରୁ ଘରେସ ଖାଡ଼ୁ ।୭।
ଭୁ—ସେ ଘନ ମୁଁ ବାନର ! ସ୍ମୃତଇ
ମୋ—ହ ସରଜିବାକୁ ତୁ ମାଦକ ।୮।
ହ—ୱ-ଅମିୟ ଓଠକୁ ଟେକ୍ଇ ବନ୍ଧୁ
ର—ସ ବରଷି ମନ ମୋର ଯୋଡ଼ୁ ।୯।
ମୁଁ—ତୋ ପୀରତ-ବ୍ରିଜକୁ ଭିଜାଇ
ଭ୍ରିଜା—ହ ଚିଣ୍ଡ-ଙ୍କୁରଙ୍ଗକୁ ଶିବାଇ ।୧୦।
ହ—ସି ଦେଲେ ତୁ ଲୁଟନ୍ତେ ଅନାଇଁ
ର—ହି ଯାଜୁଲ ନାହିଁ ଧୃତ, ମୁହିଁ ।୧୧।
ର—ସାଶିରେ ତୁ ଅଳକା ସୁନ୍ଦର !
ଭି—ଣ ଭୁଦର ! ରେ ରମ୍ଭା-ଗଞ୍ଜର ।୧୨।
ଥି—ର ଝଲ୍ଲକ ସମ୍ମାନ ତେହାରକୁ
ରୁ—ଷଇଣି ମୁଖ ମନ ମୋହୁରୁ ।୧୩।
ମ—ନବୋଧ ଭଙ୍ଗ ବାରେ ଲୋଚନ
ବନ—ଏ ସଙ୍ଗାଲ ! ଭବରୁ ରେ ଦାନ ।୧୪।

୧୯୪୫

---

୭ । ଝିଙ୍କ—ଢେଙ୍କ ।
୮ । ମାଦକ—ନିଶା ଜିନିଷ ।
୯ । ଅମିୟ—ଅମୃତ ।
୧୧ । ଧୃତ—ଧୈର୍ଯ୍ୟ ।
୧୨ । ରସା—ପୃଥିବୀ; ଅଳକା—ସ୍ୱର୍ଣ୍ଣ ଅଳଙ୍କାର ।
୧୪ । ଲୋଚନ—ଚକ୍ଷୁ ।

—୪—

# ଭକ୍ତକବି ମଧୁସୂଦନ ରାଓ

(ରାଗ—ରସ କୁଲ୍ୟା)

ଉତ୍କଳ-ଭାରତୀ-ପୂଜା-ବିଳାସୀ
ଭକ୍ତ ବ୍ରହ୍ମଜ୍ଞ ସୁହାସ୍ୟ ହସି
ଯାଇଅଛ ତ୍ୟଜି ଉତ୍କଳ ଧରା
"କୋଟିଏ ସନ୍ତାନ" ଘେନି ସେ ପରା
"ଗୋଟିଏ ମନୁଷ୍ୟ" ବିନା ଯେ
ଅଶେଷ ବିଭବର    ହୋଇ ଗରବିଣୀ
ସତ୍ୟ ସତ୍ୟ ଆଜ ଦୀନା ସେ ।୧।
ଜୀବନ ସ୍ରୋତରେ ସ୍ୱଚ୍ଛ ସଲିଳ
ନ ବହନ୍ତେ ତାହା ବିକଟ ପଙ୍କିଳ ।।
ଆଜ ଏ ଉତ୍କଳେ; କିଏବେ ରହୁ
ଦେଖୁଥିବ ନେଇଁ ଅଶ୍ରୁ ଗଡ଼ାଇ
ଆଉ କେ ତୁମ୍ଭ ସମାନ ହେ
କୁମ୍ଭ-ସୁତୋପମ    ପଙ୍କିଳତା ହର
ହେବ କି ମଧୁସୂଦନ-ହେ ? ।୨।

---

୧ । ଉତ୍କଳ ଭାରତୀ ପୂଜା ବିଳାସୀ—ଉତ୍କଳ ସାହିତ୍ୟର ପୂଜକ; "କୋଟିଏ ସନ୍ତାନ"—"କୋଟିଏ ସନ୍ତାନ ମା ଗୋ ! ଧରିଅଛୁ ବୋଲେ । ଗୋଟିଏ ମନୁଷ୍ୟ କିନ୍ତୁ ନ ଦେଖିଲି ତୋଳେ"— ମଧୁସୂଦନଙ୍କ ଏ ଉକ୍ତିର ଭାବ ଏଠାରେ ଗୃହୀତ ହୋଇଛି ଏବଂ ମଧୁସୂଦନଙ୍କୁହିଁ ସେହି "ଗୋଟିଏ ମନୁଷ୍ୟ" ରୂପେ ଜ୍ଞାନ କରାଯାଉଛି

୨ । କୁମ୍ଭସୁତ—ଅଗସ୍ତ୍ୟ; ଶରତ୍କାଳରେ ଅଗସ୍ତ୍ୟ ଉଇଁଲେ ନଦୀ ଜଳର ପଙ୍କିଳତା ଦୂର ହୁଏ ।

ଶବେ ତୋ ଅନାଇଁ ଗ୍ରୀମାବର !   ମୁଖ ଚୁମ୍ବିବାକୁ ଆଶଭର
ହେଉଁ ନୟନ ଲେଖଟେ ହୁଏ ଅନ୍ଧ
ଓଠ ପରଶଇ ଭିତ୍ତିର । ୩୬ ।

ସପନେ ଶମ୍ପାଙ୍ଗି ! ଜନ୍ମ ହଟ   ପଳାଇ ଗଲେ ମୁଁ ତୋ ନିକଟ
ଶମ୍ପା ଧରିବାର ବାତୁଳ ପ୍ରକାର
ହୁଏଁ ସ୍ତଡସାଣ୍ଟ ହୁଟପଟ । ୩୭ ।

ଦନେ ଦନେ ସତ୍ତ୍ୱ ! ନିଶୀଥରେ   ହିଁଙ୍କାରିଙ୍କାର ଶୁଣି ଥରେଁ
ମଞ୍ଜିର-ନିକ୍ୱଣ ଅନୁକର ତୋର
ଛନକା ଭରେ ଛା ମୋ ଛାତିରେ । ୩୮ ।

ତୋ ଗଭ୍ର ସେବତୀ ପାଖୁଡ଼ାର   ଗନ୍ଧ ଦନେ ଦନେ ଗ୍ରୀମାବର !
ନାସାକୁ ଆସଇ ତାହୁଁ ନ ଜାଣଇଁ
କ୍ଷୁଧିତ ପବନ ତାର ଚୋର । ୩୯ ।

ଏକ ହୋଇ ବହୁ ଅଛୁସୁହୁ   ଯେତେଣେ ଗୁହେଁ ତେତଣେ ତୁ ଦଶୁହୁ
ମଥିବା ପାଇଁକି ପରଶେ ମୋହର
ପ୍ରତି ରୁମ ମୂଳେ ପ୍ରବେଶୁହୁ । ୪୦ ।

---

୩୬ । ଭଙ୍ଗି – ଢାଞ୍ଚ ।
୩୭ । ଶମ୍ପାଙ୍ଗୀ – ବିଜୁଳି କରନା ।
୩୮ । ନିଶୀଥ – ରାତ୍ରଅର୍ଧ; ଥରେ – କମ୍ପେ; ମଞ୍ଜୀର ନିକ୍ୱଣ – ତୋ ଗୋଡ଼ ଅଳଙ୍କାରର ଝୁମ ଝୁମ ଶବ୍ଦ; ଅନୁକର – ଅନୁକରଣ କରି ।
୩୯ । କ୍ଷୁଧିତ – ଭୋକିଲା ।
୪୦ । ବହୁ ଅଛୁସୁହୁ – ବହୁତ ପରି ଜଣା ପଡୁଛୁ ।

ତୁର ସଙ୍ଗୁ ! ଅଭୁଲାଇ ତୁରେ    ପ୍ରାଣ ଡୁବାଇ ତୁ ପ୍ରାଣ ପୂରେ
ସ୍ମିତେ ବଣ୍ଟଦେଲେ ସ୍ୱଚ୍ଛ ଚନ୍ଦ୍ରାତପ
ତାପ ପଳାଇବ ହେଲେ ଦୂରେ । ୪୧ ।

ମଞ୍ଜୀର କଙ୍କଣ ନାଦ ରତ    ତୁଷ୍ଟ ହେବୁ ସେତେବେ ମଞ୍ଚଶଚୀ
ଧୂପିତ ଗନ୍ଧାର ସ୍ୱଚ୍ଛ ସ୍ୱଚ୍ଛ ଗନ୍ଧ—
ଭୂରେ ବାନ୍ତ ନ ପାରିବ ବର୍ଣ୍ଣି । ୪୨ ।

ବନଜ-ବଦନ-ମଧୁକର    ତୁଙ୍ଗ-କୋଷର ତୋ ଧନତ୍ତେର
ସଙ୍ଗତ-ଲୋଲୁପ ମୋହନ-ନୟନ
ଉଲ୍ଲାସେ ହୋଇବ ଲୁହ-ଭର । ୪୩ ।

ସେ ଶୀରେ କଜଳ ନୟନର    ଧୋଇ ହେବ ତୋର ନାରଣୀର
ନିବଡ଼ ବାହୁଭଡ଼ାରେ ଜୀବଧନ !
ବିରହ କରିବ ହାହାକାର । ୪୪ ।

୧୯୪୫

---

୪୧ । ସ୍ମିତ—ମୁରୁକ ହସ; ଚନ୍ଦ୍ରାତପ—ଜହ୍ନୁଆ ।
୪୨ । ନାଦ—ଶବ୍ଦ; ମଞ୍ଚଶଚୀ—ମର୍ତ୍ତ୍ୟରେ ସ୍ୱର୍ଗରାଜ ଇନ୍ଦ୍ରଙ୍କ ସ୍ତ୍ରୀ ଶଚୀ ପରି ସୁନ୍ଦରୀ; ଧୂପିତ ଗନ୍ଧ—ଧୂପଦିଆହୋଇ ସୁବାସିତ ହୋଇଥିବା; ବାନ୍ତ ନ ପାରିବ ବର୍ଣ୍ଣି—ସୁଗନ୍ଧର ଭାର କହି ନ ପାରି ଅଣନିଶ୍ୱାସୀ ହୋଇଯିବ ।
୪୩ । ବନଜ—ପଦ୍ମ; କୋଷ—ଭଣ୍ଡାର; ସଙ୍ଗତ ଲୋଲୁପ—ସଙ୍ଗଲାଭ ଲାଳସୀ ।
୪୪ । ନିବଡ଼—ଗାଢ଼; ବାହୁଭଡ଼ା—ଆଲିଙ୍ଗନ; ବିରହ କରିବ ହାହା-କାର—ବିରହ ମଲି ମଲି ବୋଲି ଡାକ ଛାଡ଼ିବ ।

—୧୯—

# ପ୍ରିୟତମ କୋଇଲି

[ ଭାନ୍ତ କୋଇଲି—ବୃତ୍ତ ]

କୋଇଲି ! କହ ଯାଇଁ ପ୍ରିୟତମେ ମୋର ।
କମଳେ ମଣ୍ଡିବା ଗନ୍ଧ ଲେଖା ଯା ପାଶୋର ଲେ କୋଇଲି । ୧ ।
କୋଇଲି ! ଖଣ୍ଡିତ କୋଇଲା ସୁଖ ମୋର ।
ଖାଲ ବାହୁ ଭଅଇଲ ଏ ତାରକ ଘୋର ଲେ କୋଇଲି । ୨ ।
କୋଇଲି ! ଗଗନରେ ଦେଖି ସେ ମୁଦ୍ଗର ।
ଟେଲିଲ କହନ୍ତି ଏଥି କଳା ତୋ ତକ୍ଷର ଲେ କୋଇଲି । ୩ ।
କୋଇଲି ! ଘଟିଥିଲା ଯେତେକେ ପରିଚୟ ।
ଘଡ଼ିକ ବନ୍ଧୁ ସ୍ମରଣ ମନ୍ତ୍ରେ ତା ହୃଦୟ ଲେ କୋଇଲି । ୪ ।
କୋଇଲି ! ଅଳତାରେ ରଞ୍ଜି ମୁଁ ପୟର ।
ଓଦାବାସେ ନଣ ତୁହିଁ ଫେରୁଥିଲି ଘର ଲେ କୋଇଲି । ୫ ।
କୋଇଲି ! ଚଞ୍ଚଳ ନୟନ ମୋ ଅକାତ ।
ସ୍ମୃତି ଉଦ୍ଭାନରେ ତାଙ୍କ ହେଉଁ ନିପତିତ ଲେ କୋଇଲି । ୬ ।
କୋଇଲି ! ଛଳ କରି ଭାଷିଲେ "କଲେକ !
ଲୁଚି କନ୍ଦଫାର ଅଛବ କି ନାହିଁ ଅଙ୍କ ?" ଓଲେ କୋଇଲି । ୭ ।

---

୧ । କମଳେ—ପଦ୍ମଫୁଲରେ ।
୨ । ଖଣ୍ଡିତ କୋଇଲା—ଭାଙ୍ଗିଗଲା ।
୩ । ମୁଦ୍ଗର—ମେଘ; ଟେଲେ—ସ୍ନେହରେ; ତକ୍ଷର—ଚୋର ।
୬ । ଚଞ୍ଚଳ—ଚଅଁଳ; ହେଉଁ ନିପତିତ—ପଡ଼ୁଁ ପଡ଼ୁଁ ।
୭ । ଛଳ କରି—ବାହାନା କରି ହୋଇ ।

କୋଇଲି ! ଜୟ ହେଲା ଜାଣିଲି ଦୃଷ୍ଟିର ।
ଜଣାଇଲି "ଅସ୍ତୁ" "ଘେନନ୍ତୁ ମୋ ନମସ୍କାର" ଲୋ କୋଇଲି ।୮।
କୋଇଲି ! ହଁସାଇଣି ବଚନ ଅମୃତ ।
ହଁସିତ ଭାଷିଲେ "ଧନ୍ୟବାଦ ମୋ ବହୁତ" ଲୋ କୋଇଲି ।୯।
କୋଇଲି ! ନୂଆ ଏତୁ ବାକ୍ୟ ବନ୍ଧମୟ ।
ନିବାଡ଼ ଯୋଡ଼ିଲା ଆମ୍ଭ ଯୁଗଳ ହୃଦୟ ଲୋ କୋଇଲି ।୧୦।
କୋଇଲି ! ଟିକାଏଭ ଅଡ଼ ଚାହାଁ ପୁଣି ।
ଟାଳି ଦିଅଇ ଏସନ ଯୁବା ନୂଆ ମନ ଲୋ କୋଇଲି ।୧୧।
କୋଇଲି ! ଠିକେ ମୁଁ ଭାବୁଛି ଶୋଭା ମୂଳେ ।
ଠଣି-ମଧ୍ୟା ନୂଆ-ଭର ଜାଣି ଥାନ୍ତି ହେଲେ ଲୋ କୋଇଲି ।୧୨।
କୋଇଲି ! ଡର ତାଙ୍କୁ ନ ରହିଲା ଆଉ ।
ଡକାଇବ ହେଜିଁ ଶଙ୍କେ ହେଲେ ସେହୁ ପ୍ରହୁ ଲୋ କୋଇଲି ।।
କୋଇଲି ! ତକ୍‌କା-ବଜା ହୋଇଲା ପୀରତି ।
ଭମ କନ୍ଦୁନାହିଁ ତକ୍କା ଠାଣି କଲା ଘାତ ଲୋ କୋଇଲି । ୧୪ ।

---

୧୦ । ବାକ୍ୟ ବନ୍ଧମୟ—କଥାବାର୍ତ୍ତା; ନିବାଡ଼—ଠାଣ କରି ।

୧୧ । ଅଡ଼ଗୃହଁ ।—ବାଙ୍କ ଚାହାଣି; ଟାଳି ଦିଅଇ—ଅଥୟ କରିଦିଏ; ଯୁବାନୂଆମନ—ନୂଆ ପ୍ରେମରେ ଭର୍ତ୍ତି ହୋଇ ଆସୁଥିବା ଯୁବକ ମାନଙ୍କର ମନ ।

୧୨ । ଠିକେ—ଠିକ କରି; ଶୋଭାମୂଳେ—ଜଳର ସୌନ୍ଦର୍ଯ୍ୟ ବଳରେ; ଠଣିମଧ୍ୟା—ସୁନ୍ଦର କଟିଥିବା ଯୁବତୀ; ନୂଆ-ଭର—ନୂଆ ପ୍ରେମରେ ଭର୍ତ୍ତି ହୋଇ ଆସୁଥିବା ଯୁବକଙ୍କ ଚିତ୍ତ ।

୧୩ । ଡର—ସଂକୋଚ; ପ୍ରହୁ—ପ୍ରଭୁ; ମାଲିକ ।

୧୪ । ତକ୍‌କା ବଜା—ଗୁରୁଆଡ଼େ ପ୍ରକଟିତ, ଭମ କନ୍ଦୁନାହିଁ—ଗଡ଼େଇ କରି କନ୍ଦୁ ନାହିଁ; ତକ୍‌କା—ଢେଙ୍ଗୁରା ( ଏଠାରେ ଅମ୍ଭ ଦୁହିଁଙ୍କ ପ୍ରୀତିର ଜନ ମୁଖରେ ପ୍ରଚାର ) ।

କୋଇଲି ! ଜାଗ୍ରତ ମୁଁ କଲି ତୋ ସୁରତେ ।
ନାହିଁ ତାଙ୍କ ଭ୍ରମ କେତେ ମୋର ଏ ମରତେ ଲୋ କୋଇଲି ।୧୫।
କୋଇଲି ! ତପସ୍ୟାର ଫଳ ସେ ମୋହର ।
ତପତ କନକ ଅଙ୍ଗ ମୁଲତ ତାଙ୍କର ଲୋ କୋଇଲି ।୧୬।
କୋଇଲି ! ଥିର ଶମ୍ପା ଧରି ବାହୁବନ୍ଧେ ।
ଥାଇ ମୁଖେ ମୁହିଁ ହସିବାର ବେଳେ ମନ୍ଦେ ଲୋ କୋଇଲି ।୧୭।
କୋଇଲି ! ଦରସୀ ହିର ତସ ତାଙ୍କ ଫେର ।
ଦାସ ସେ ମୋ ବୋଲି କେତେ କରନ୍ତି ବଢ଼ାଇ ଲୋ କୋଇଲି ।୧୮।
କୋଇଲି ! ଧୀରେ ସୁଣି ଧରି ମୋ ଚିବୁକ ।
ଧୃଷ୍ଟହର ତହିଁ ତାଙ୍କ ଦେଖନ୍ତି ଶ୍ରୀମୁଖ ଲୋ କୋଇଲି ।୧୯।
କୋଇଲି ! ନିବିଡ଼ରେ କରି ଆଲିଙ୍ଗନ ।
ନିମିଷେ ଅମରାବତୀ କରି ସରଜନ ଲୋ କୋଇଲି ।୨୦।
କୋଇଲି ! ପାନ ସେ କରନ୍ତି ଅଧର ।
ଓଷ୍ଠ ଚୁମ୍ବନରେ ହେଲେ ଦୁଏ ଭର ଭର ଲୋ କୋଇଲି ।୨୧।

---

୧୫ । ସୁରତେ—ଆଗରେ; ମରତେ—ପୃଥିବୀରେ ।
୧୬ । ତପତ-କନକ-ଅଙ୍ଗ—ନିଆଁରେ ତାଉ ହୋଇଥିବା ସୁନା ପରି ରଙ୍ଗ ବିଶିଷ୍ଟ ମୋ ଦେହ ।
୧୭ । ଥିରଶମ୍ପା—ମଞ୍ଜୁସୁରବେ ସ୍ଥିର ହୋଇ ରହିଯାଇଥିବା ବିଜୁଳି; ବାହୁବନ୍ଧେ—ଆଲିଙ୍ଗନରେ, ମନ୍ଦେ—ଅଳପ କରି ।
୧୯ । ଦରସୀ—ପ୍ରେମମଗ୍ନ; ହିର—ତାଙ୍କ; ଫେର—ଫିଟାଇ; କରନ୍ତି ବଢ଼ାଇ—ଗର୍ବ କରନ୍ତି ।
୨୦ । ଧୃଷ୍ଟହର—ମୋ ଧୈର୍ଯ୍ୟକୁ ଯେ ନାଶ କରନ୍ତି ।
୨୧ । ନିବିଡ଼ରେ—ଗାଢ଼ଭାବରେ; ଅମରାବତୀ—ସ୍ୱର୍ଗ ।

କୋଇଲି ! ପାଶେ ଧଇ ଭ୍ରମରୀ ସମାନ ।
ପାଦେ ପଡ଼ି ବାହୁ ବନ୍ଧେ ହସଏଁ ମୁଁ ଖନ ଲୋ କୋଇଲି ।୨୨।

କୋଇଲି ! ବନ୍ଧୁ ଗଲାଣି ଛ ମାସ ପୂରି ।
ବନ୍ଧୁ ଭରଗଲେ କଣ୍ଠ ହସ୍ତା ବୁଇ ପାବଁ ଲୋ କୋଇଲି ।୨୩।

କୋଇଲି ! ଭାବର ଭଡ଼ ମୋ ଉଦରେ ଥୋଇ ।
ଭାସିଯାଏ ଧୈର୍ଯ୍ୟ-ବନ୍ଧ ତାକୁ ବନ୍ଧିବଇଁ ଲୋ କୋଇଲି ।୨୪।

କୋଇଲି ! ମହୀ ଅଳଙ୍କାର ତାଙ୍କ ରୂପ ।
ମନ ସିରିଭବର ସେ ମୋ ଏକଛତ୍ର ଭୂପ ଲୋ କୋଇଲି ।୨୫।

କୋଇଲି ! ଯତନ ସେ କବିଙ୍କ ସୁନ୍ଦର ।
ଯୁବା ଦେଖି ଅଛନ୍ତି ନ ଜାଣେଁ ମୁଁ ତାଙ୍କ ସମ ଲୋ କୋଇଲି ।୨୬।

କୋଇଲି ! ରୁଚିର ସେ ରୁଚିରତମରୁ ।
ରୂପେ ମନୋହର ସୃଷ୍ଟି ରୂପ-ଦେବତାରୁ ଲୋ କୋଇଲି ।୨୭।

କୋଇଲି ! ଲାବଣ୍ୟର ସେ ଅଧିଦେବତା ।
ଲକ୍ଷ୍ମୀବପୁସୀ ନେଇ ପଙ୍କଜେ ସମ୍ଭବା ଲୋ କୋଇଲି ।୨୮।

---

୨୨ । ପକ୍ଷ—ଅଗ୍ନିପତା ।
୨୪ । ଭାବର ଭଡ଼—ପ୍ରେମଭାବନାର ବାହୁଲ୍ୟ ।
୨୫ । ମହୀ ଅଳଙ୍କାର—ପୃଥିବୀର ଭୂଷଣ; ଏକଛତ୍ର ଭୂପ—ସର୍ବୋପରି; ଏକାଙ୍ଗ ଚକ୍ରବର୍ତ୍ତୀ ।
୨୬ । ଯତନ—ସୁନ୍ଦର; ଯାହା ଦେଖି ଛନ୍ତି…ତାଙ୍କଠାରୁ ସୁନ୍ଦର ବର ମାନେ ସୁଦ୍ଧା କଳନା କରି ନାହାନ୍ତି ।
୨୭ । ରୁଚିର- ସୁନ୍ଦର; ରୁଚିରତମରୁ—ସବୁଠାରୁ ସୁନ୍ଦର ।
୨୮ । ରୂପଦେବ—ମଦନ ବା କାର୍ତ୍ତିକେଶ୍ୱର ।

କୋଇଲି ! ବସନ୍ତ ସେ ବାମା-ହୃଦ-ବନେ ।
ଗ୍ରନ୍ଥ ଅଛୁ ଶୋଭାଙ୍ଗୀଙ୍କ ଦମ୍ଭ ବିନାଶନେ ଲୋ କୋଇଲି । ୨୯।
କୋଇଲି ! ଶୀତାଂଶୁ ସୁନ୍ଦର ସୂର୍ଯ୍ୟମଣି ।
ଶୋଭାଦେବୀ ମଣିମୟ ହାର ମଧ୍ୟମଣି ଲୋ କୋଇଲି । ୩୦ ।
କୋଇଲି ! ଷଟ୍‌ପଦ ବଦନ-ପଙ୍କଜର ।
ଷୋଡ଼ଶୀ ମାରଣ ଅସ୍ତ୍ର ବାହୁ ହିଁ ଅଣର ଲୋ କୋଇଲି । ୩୧ ।
କୋଇଲି ! ସରସିଜ-ବଦନ ଭାଙ୍କର ।
ସୁମନା-କୁମାରୀ-ବ୍ରତ ଭଞ୍ଜନ ଭିଦୁର ଲୋ କୋଇଲି । ୩୨ ।
କୋଇଲି ! ହେମ-ଲତା ଉର ମଣ୍ଡଳରେ ।
ହଂସୀ ହେବ ତାଙ୍କ ଶୋଭା ସରିତ ପ୍ରବାହେ ଲୋ କୋଇଲି ।୩୩।
କୋଇଲି ! କ୍ଷୀଣାଙ୍ଗ ମୋ ଅଙ୍ଗେ ତାଙ୍କ ତାଳ ।
ଷଷ୍ଠ ସ୍ଥାନ ମିଳନରେ ଯିବଇଁ ମୁଁ ମିଳି ଲୋ କୋଇଲି । ୩୪ ।

୧୯୪୫

---

୨୯ । ଅଧିଦେବତା — ଅଧିଷ୍ଠାତ୍ରୀ ଦେବତା; ନବ୍ୟକଳସୀ — ନୂଆ ବୟସୀ ଅଳ୍ପବୟସୀ; ପଙ୍କଜ — ପଦ୍ମ; ସବିତା — ସୂର୍ଯ୍ୟ ।

୩୦ । ଶୀତାଂଶୁ ସୁନ୍ଦର — ଚନ୍ଦ୍ର ପରି କମନୀୟ, ମଧ୍ୟମଣି — ପଦକ ।

୩୧ । ଷଟ୍‌ପଦ — ଭ୍ରମର; ବଦନପଙ୍କଜ — ମୁଖପଦ୍ମ; ବାହୁରଅଣର — ଶ୍ରଧାତା ସୃଷ୍ଟିରେ ।

୩୨ । ସୁମନା — ରମଣୀ; କୁମାରୀ ବ୍ରତ — ଅବିବାହିତା ରହିବା ରୂପ ସଂକଳ୍ପ; ଭଞ୍ଜନ — ଭାଙ୍ଗିବାକୁ, ଭିଦୁର — ବଜ୍ର ।

୩୩ । ଉର ମଣ୍ଡଳରେ — ସ୍ତନରୂପ ପର୍ବତରେ; ସରିତ — ନଦୀ ।

୩୪ । ଅଙ୍ଗେ ତାଙ୍କ ତାଳ — ତାଙ୍କ ଉପରକୁ ଅଢ଼େଇ ।

—୧୦୦—

# ମହାତ୍ମାଜୀ

( ରାଗ—ଭାମୋଦୀ )

( ୧ )

ଅଧୋଗତ ଏ ଦେଶ ତବ ପଦ-ପରଶ
ଲଭି ହୋଇଲା ସଞ୍ଜୀବିତ

ମାନସ-ପକ୍ଷାଘାତ ହେଲେ ତା ହେଲା ହତ
ନିଗଡ଼ ପଦୁଁରୁ ସ୍ଖଳିତ

ହେ ମହାତ୍ମାଜୀ !
ଭଗ୍ନ ହୋଇଲା ଯାଦୁକର
ଜଡ଼ତାର ଅହିଂସା ମନ୍ତ୍ରର,

ବଶ କଲ କେଶରୀ; ହେବାକୁ ତୁମ୍ଭ ସରି
ନ ବହେ ମେଦିନୀ ଅପର ।
ହେ ମହାତ୍ମାଜୀ !

୧ । ଅଧୋଗତ—ଅବନତ; ହୋଇଲା ସଞ୍ଜୀବିତ—ନବଜୀବନ ଲାଭ କଲା; ମାନସ ପକ୍ଷାଘାତ—ମନର ନିର୍ଜୀବତା ( mental paralysis ); ନିଗଡ—ବେଡ଼ି; ସ୍ଖଳିତ—ଖସିଗଲା; ଯାଦୁକର—ମନ୍ତ୍ରଜ୍ଞ; କେଶରୀ—ବ୍ରିଟିଶ ସିଂହ; ଅପର—ଅନ୍ୟ ଜଣେ ।

( ୨ )

କଠିଣ କଣ୍ଟକର ମୁକୁଟ ବହୁ ଶିର
ତଅଗ-ଛଦ ପରିଧାନ
କୁଳଣ-ଡୋଟି ଜନ— ଅନ୍ତର ସିଂହାସନ
ଈଶ୍ୱର ହୋଇଲ ବଞ୍ଜନ !
ହେ ମହାତ୍ମା !
ପ୍ରଜ୍ଞାର ଆଲୋକେ ତୁମ୍ଭର
ଧରା ଏ ହୋଇଲା ଭାସ୍ୱର,
ଗୀତା, ବେଦ, ବେଦାନ୍ତ ହେଲେ ବିଗ୍ରହବନ୍ତ
ଅଣସ୍ତି ଜୀବନେ ତୁମ୍ଭର
ହେ ମହାତ୍ମା !

( ୩ )

ଦଳିତର ମୁକତ— ତ୍ରୁଟେ ନାହିଲ ମତ
ଭରିଲ ମୂକ-ମୁଖେ ଭାଷା।

---

୨। କଣ୍ଟକ କଣ୍ଟକର ମୁକୁଟ……ଭାରତର ମୁକ୍ତି ପାଇଁ ବହୁ କଷ୍ଟ ଓ ବହୁ ନିର୍ଯାତନା ତୁମ୍ଭେ ବରି ନେଇଛ, ତଅଗ—ତ୍ୟାଗ; ଛଦ—ପୋଷାକ; ଈଶ୍ୱର—ଅଧିପତି; ଭାସ୍ୱର—ଉଜ୍ଜ୍ୱଳ; ଗୀତା, ବେଦ… —ଏ ସବୁର ନୀତିକୁ ତୁମ୍ଭେ ଜୀବନରେ ସଫଳ କଲ।

୩। ଦଳିତ—ଅତ୍ୟାଚାରିତ;

ଅଗଣିତ ଶତାବ୍ଦୀ ପାଇଁ କି ଅହେ ସୁଧୀ !
ଗଲ ସବୁଜ ଭେଟେ ଅଣା
ହେ ମହାତ୍ମାଜୀ !
ଦଳିତ-ଗଉରବ-ଦାତା
ମୁକତ-ଭାରତ-ବିଧାତା,
ଅସହାୟ ଅବଳ ଜାତି ଅଣା କମଳ
ସ୍ୱର୍ଣ୍ଣ କିରଣ ସବିତା
ହେ ମହାତ୍ମାଜୀ !

୨୭-୬-୧୯୪୬

---

ତୁମ୍ଭେ ସମ୍ମାନ ଦେଉ ଅଛ; ମୁକତ ଭାରତ ବିଧାତା—ସ୍ୱାଧୀନ ଭାରତର ଜନକ; ସବିତା—ସୂର୍ଯ୍ୟ । ଦଳିତ-ଗଉରବ-ଦାତା—ଦଳିତମାନଙ୍କୁ ।

—୧୦୧—

# ମିନତି

( ସ୍ୱର—ଢେଙ୍କି )

ପାଠକ-ପାଠିକା ମୋର ! ମୁଁ ଅପଟୁ ମାଳାକର !
ଏ ସଂସାର ଆରାମର; ଦୋଷ ମୋ କ୍ଷମ;
ଅତୁଳ ମାଧୁରୀମୟ ମନୋଜ୍ଞ ସୁମନଚୟ
ତୋଳିବା ପାଇଁ କି ଶକ୍ତି ! ନୁହେଁ ମୁଁ କ୍ଷମ;
ତୁଚ୍ଛି ଅଳ୍ପ ସୁମ ଅଧମ
ଯେନା ହେବା ପାଇଁ ତୁମ୍ଭ ରଚିଛି ଦାମ । ୧ ।

ମନୋଜ୍ଞ ଦିବ୍ୟ ସୁମନ ନ ଭର ଯାହା ଚୟନ
ଭାଳଇଁ ଭଣ୍ଡ ଜୀବନ ମୋ ଅକାରଣ
ଭବିଷ୍ୟତ ସୁଖ ପାଇଁ ନ ପାରେଁ ମୁଁ ପଠିଆଇ
ଗୁମ୍ଫିଛି ମୋର ପୁରର ବର ସୁମନ
ଏ-ମନୋଜ୍ଞ-ସୁଖ-ମୁକୁର
କାହିଁ ଭାଗ୍ୟ ? ହେବ କଣ୍ଠ କବିତା ମୋର ? ୨ ।

ହେ ଭବିଷ୍ୟ ନାଗରକ ! ଯଦେବକ ସୁଷମା ସାର
ନ ପାରେଁ ଦେଖି ରସାର, ଲେଖନୀ ପୋତେ

---

୧ । ଅପଟୁ—ଅପାରଗ; ମାଳାକର—ମାଳୀ; ଆରାମ—ବଗିଚା;
ମନୋଜ୍ଞ—ସୁନ୍ଦର; ସୁମ—ଫୁଲ; ଅଧମ—ନିକୃଷ୍ଟ; ଦାମ—ହାର

୨ । ବର—ଶ୍ରେଷ୍ଠ ।

୩ । ଯଦେବକ—ଟିକିଏ ହେଲେ, ସୁଷମାସାର—ଶ୍ରେଷ୍ଠ ଶୋଭା; ରସା—
ପୃଥିବୀ; ଲେଖନୀ ପୋତ—ମୋ କଲମ ରୂପ ଜାହାଜରେ;

ଲଭିଣ ଭାଗ୍ୟ-ପାହାର ଭଗ୍ନପୋତ ବଣିକାର
ବାଲପଲିଁ ଅନିବାର ବେଳା ସୈକତେ
ଯେପରି ଯା ଭେଳାରେ ଥୋଇ
ପହଞ୍ଚିବ ପାଶେ ତୁମ୍ଭ ଆଶା ମୋ ନାହିଁ । ୩ ।

ଭାଇ ଦକ୍ଷ ମାଳାକର ! ରଚିଛ ଯେ ଅବା ହାର
ଜାଅ ରେ ଚଳାଇ ମୋର ରଚନା ଗାନ
ମାଡ଼ି ନାହିଁ ପାଦ ମୋର ଯଶୋମନ୍ଦିର-ଦୁଆର
ନୁହଇ ମୋରେ ଗୋଚର ସେ ସିଂହାସନ
ବସି ଯହିଁ ଜନନୀ ବାଣୀ
ଦିଅନ୍ତି ଭକତଜନେ କଣ୍ଠେ-ମଣି । ୪ ।

୧୯୪୫

---

ଭାଗ୍ୟ ପାହାର—ଗୁର୍ଜ୍ଜରର ବଣ୍ଡ; ଭଗ୍ନ ପୋତ—ଯାହା ଜାହାଜ ଭାଙ୍ଗି ଯାଇଛି; ବଣିକାର—ବଣିକ; ଅନିବାର—ଅନବରତ; ବେଳା-ସୈକତେ—ଉପକୂଳ ବାଲିରେ ।

୪ । ଦକ୍ଷମାଳାକର-ଯଶସ୍ୱୀ କବିମାନେ; କଣ୍ଠେମଣି-କଣ୍ଠ ଦାୟୁକ ମଣି ।

## ସ ମା ପ୍ତ

ନବଯୁଗ ପ୍ରେସରେ ଶ୍ରୀ ଅନନ୍ତ ପଟ୍ଟନାୟକଙ୍କ ଦ୍ୱାରା ମୁଦ୍ରିତ ।

# ଆଶୀର୍ବାଦ

ନବଭାରତର ସମ୍ପାଦକ

## ପଣ୍ଡିତ ଶ୍ରୀଯୁକ୍ତ ନୀଳକଣ୍ଠ ଦାଶ, ଏମ୍. ଏ

"ଶ୍ରୀମାନ୍ କାହ୍ନୁଚରଣ ପଟ୍ଟନାୟକଙ୍କ 'ଦବଡ଼ା କୁମୁଦ' ପୁସ୍ତକଟିରେ ଏତେ ସେଠୁ ଆଖି ପକାଇଗଲି । ଦବଡ଼ା [illegible] ଉତ୍କଳରେ ସୁପରିଚିତ । ଇଂରେଜ ପୂର୍ବଯୁଗରେ ଭାରତରେ ଯୋଦ୍ଧାମାନଙ୍କ ମଧ୍ୟରେ ଓଡ଼ିଆ ଜାତି ଗୋଟିଏ [illegible] । [illegible] ଏକା ଏଠାରେ ସେହି [illegible] ଓ ସେଥିର [illegible] ସାଧନ । ସେହି ପ୍ରାଚୀନ ସ୍ମୃତିରେ ନବୀନ ଜାତୀୟ ପ୍ରାଣ ସ୍ପନ୍ଦନ ଫୁଟାଇବାକୁ ସେ [illegible] । ତାଙ୍କର ଏହି ପ୍ରାଚୀନ [illegible] ଅଦ୍ଭୁତ ଓ [illegible] ସମୁଜ୍ଜ୍ୱଳ ସାହିତ୍ୟକୁ ଏକ ସ୍ୱତନ୍ତ୍ର ଦାନ । ଏ ସଂସ୍କୃତିର [illegible] ପ୍ରକଟ ସେହି ଦାନର ଗୌରବ ଓ ନିଦର୍ଶନ । ଓଡ଼ିଆର ସାହିତ୍ୟାନୁରାଗୀମାନେ ଏହାର ଯଥା [illegible] ଆଦର କରନ୍ତୁ ।"

ପୂର୍ବତନ ଶିକ୍ଷାମନ୍ତ୍ରୀ

## ପଣ୍ଡିତ ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର

ଏମ୍. ଏ. ବି. ଟି

"ଶ୍ରୀଯୁକ୍ତ କାହ୍ନୁଚରଣ ପଟ୍ଟନାୟକଙ୍କର 'ଦବାଡ଼ା କୁମୁଦ' ଗୀତ ପୁସ୍ତକ ମୁଁ ମୂଳରୁ ଶେଷ ପର୍ଯ୍ୟନ୍ତ ବିଶେଷ ଆଗ୍ରହରେ ପଢ଼ି ବହୁତ ଆନନ୍ଦ ଲାଭ କରିଅଛି ।

* * *

କବି କାହ୍ନୁଚରଣ ଦବାଡ଼ା କୁମୁଦରେ ନିଜର ପ୍ରତିଭା [illegible] ଦେଖାଇ ଅଛନ୍ତି । ମୁଁ ତାଙ୍କର ଅନେକ ଗୁଡ଼ିଏ କବିତା ପଢ଼ି ମୁଗ୍ଧ ହୋଇଛି । [illegible] । [illegible] ବ୍ୟବହାର କରନ୍ତୁ, ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସେ [illegible] ଗୁଡ଼ିଏ [illegible] । ତାଙ୍କର ସେ ଶକ୍ତି ଅଛି । ସମୟ ଓ ଅନୁକୂଳ ପରିସ୍ଥିତି ପାଇଲେ ସେ ଓଡ଼ିଆ ସାହିତ୍ୟର [illegible] ଦେଇ ପାରିବେ ।"

# କଳିଙ୍ଗ ଭାରତୀ

ପ୍ରତିଷ୍ଠାତା:—

## ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ

ପ୍ରାଚୀନ ପରମ୍ପରା ରକ୍ଷା କରି କଳିଙ୍ଗର ସାହିତ୍ୟ, ସଂଗୀତ ଓ ଅନ୍ୟାନ୍ୟ ଲଳିତ କଳାକୁ ନବଯୁଗୋପଯୋଗୀ ଭିତ୍ତିରେ ଗଢ଼ିବା ନିମନ୍ତେ କଳିଙ୍ଗ ଭାରତୀ ପ୍ରତିଷ୍ଠାନର ଜନ୍ମ ।

ଉକ୍ତ ଲକ୍ଷ୍ୟରେ ପ୍ରାଚୀନର ସଂରକ୍ଷଣ ଓ ପ୍ରାଚୀନକୁ ମୂଳକରି ନବ ନବୀନର ସୃଷ୍ଟି କଳିଙ୍ଗ ଭାରତୀର ଆଦର୍ଶ ।

ନବୀନ କଳିଙ୍ଗ ସାହିତ୍ୟର ସୃଷ୍ଟି ଓ ପ୍ରାଚୀନ କଳିଙ୍ଗ ସାହିତ୍ୟର ପୁଷ୍ଟି ର ସର୍ବ ଶ୍ରେଷ୍ଠ କରି ଏବଂ ଲଳିତ ଆସରର ତତ୍ତ୍ୱର ଉପସ୍ଥାପନ ନିମନ୍ତେ 'କଳିଙ୍ଗ ଭାରତୀ ମନ୍ଦିର'ର ନିର୍ମାଣ, ପ୍ରାଚୀନ କଳିଙ୍ଗ (ଓଡ଼ିଆ) ସଂଗୀତକୁ ପଦ୍ଧତି ରୀତି ତତ୍ତ୍ୱର ପୁନରୁଦ୍ଧାର ସାଧନ ନିମନ୍ତେ 'କଳିଙ୍ଗ ଭାରତୀ ସଂଗୀତ କଳାମନ୍ଦିର'ର ପ୍ରତିଷ୍ଠା ଏବଂ ଅନ୍ୟାନ୍ୟ ପ୍ରାଚୀନ କଳିଙ୍ଗ ଲଳିତ କଳାର ଉଦ୍ଧାର ଓ ପୁନଃପ୍ରଚଳନ କରି ସର୍ବ ସାଧାରଣରେ ତତ୍ତ୍ୱର ପ୍ରଚାର ଓ ପ୍ରସାର ନିମନ୍ତେ 'କଳିଙ୍ଗ ଭାରତୀ କଳା ମନ୍ଦିର'ର ସଂସ୍ଥାପନ କଳିଙ୍ଗ ଭାରତୀ ପ୍ରତିଷ୍ଠାନର ଅନ୍ୟ ଲକ୍ଷ୍ୟ ।

**ଜୟ ମା କଳିଙ୍ଗ ଭାରତୀ**